# ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର କେତେକ ପ୍ରସଙ୍ଗ

ଡକ୍ଟର କୈଳାସ ଚନ୍ଦ୍ର ଦାଶ

Source: Author, Digitized by PPRACHIN, SOA

# ଓଡିଶାରେ ସ୍ୱାଧୀନତା ସଂଗ୍ରାମର
# କେତେକ ପ୍ରସଙ୍ଗ

କୈଳାସ ଚନ୍ଦ୍ର ଦାଶ

କାନ୍‌ଭାସ୍

Source: Author, Digitized by PPRACHIN, SOA

# ଓଡିଶାରେ ସ୍ୱାଧୀନତା ସଂଗ୍ରାମର କେତେକ ପ୍ରସଙ୍ଗ

କୈଳାସ ଚନ୍ଦ୍ର ଦାଶ
ମାର୍ଫତ୍-ଶ୍ୟାମ ସୁନ୍ଦର ପ୍ରହରାଜ,
ବିଜେବି ନଗର, ସି-୩/୨, ଭୁବନେଶ୍ୱର-୧୪
ମୋ-୯୪୩୭୬୨୧୫୧୬

ପ୍ରକାଶକ: କାନ୍‌ଭାସ୍
ବିଶଲ୍ୟକରଣୀ ଲେନ୍, କଟକ-୧୦
ମୋ: ୯୪୩୭୦୯୧୬୩୭
ସ୍ୱତ୍ତ୍ୱାଧିକାରୀ: ଲେଖକ

ପ୍ରଥମ ପ୍ରକାଶ: ୦୧ ଡିସେମ୍ବର ୨୦୨୩

**Odishare Swadhinata Sangramara Keteka Prasanga**

Kailash Chandra Dash
C/o-S.S.Praharaj, BJB Nagar, C-3/2,
Bhubaneswar-14, Tel-9437621516

Copyright: Author

Publisher : **Canvas**
Bisalyakarani Lane, Near Samrat Cinema,
Madhupatna Cuttack -753010
Mob: 9437091637

First Edition :December 01, 2023

Cover Art: Sashikanta Rout

Printed at: Swabalambana Process Pvt Ltd

**Price: ₹ 350/**

ISBN : 978-81-959659-9-1

Source: Author, Digitized by PPRACHIN, SOA

# ଉତ୍ସର୍ଗ ପତ୍ର

ଭାରତୀୟ ସ୍ୱାଧୀନତା ସଂଗ୍ରାମ କାଳରେ ବଂଗ ବିହାର ଓଡିଶାରେ ବହୁବାର କାରାବରଣ କରିଥିବା ଜଗତସିଂହପୁର ଜିଲ୍ଲାର ପୂର୍ବତନ କଂଗ୍ରେସ କର୍ମୀ ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ଦାଶଶର୍ମ୍ମା ଏବଂ ତାଙ୍କ ପତ୍ନୀ ଅପର୍ଣ୍ଣା ଦାଶ (ମୋର ପିତା ଓ ମାତା)ଙ୍କ ପବିତ୍ର ସ୍ମୃତିରେ ଏହି ପୁସ୍ତକଟି ନିବେଦିତ ।

–ଲେଖକ

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA

# ସୂଚୀପତ୍ର


| | | |
|---|---|---|
| ମୁଖଶାଳା | ।। | ୭ |
| ଓଡିଶାରେ ଅସହଯୋଗ ଚହଲ | ।। | ୯ |
| ଅଲକାଶ୍ରମ : ଏକ ସଦ୍ୟ ପରିକ୍ରମା | ।। | ୬୧ |
| ଗାନ୍ଧୀ ସେବାଶ୍ରମ | ।। | ୭୨ |
| ଓଡିଶାର କେତେକ ରଚନାତ୍ମକ ଅନୁଷ୍ଠାନ | ।। | ୯୩ |
| ସତ୍ୟବାଦୀ ବନ ବିଦ୍ୟାଳୟ | ।। | ୯୮ |
| ଓଡିଶାରେ ଜାତୀୟ ଜାଗୃତିର ଅନନ୍ୟ ବାର୍ତ୍ତାବହ : ଗୋପବନ୍ଧୁ ଦାସ | ।। | ୧୧୬ |
| ଓଡିଶାରେ ଗାନ୍ଧୀବାଦର ମହାପ୍ରବକ୍ତା - ଗୋପବନ୍ଧୁ ଚୌଧୁରୀ | ।। | ୧୩୦ |
| ଓଡିଶାରେ ସ୍ୱାଧୀନତା ଆନ୍ଦୋଳନ ଓ ଡକ୍ଟର ହରେକୃଷ୍ଣ ମହତାବ | ।। | ୧୩୬ |
| ଭାରତୀୟ ମୁକ୍ତି ସଂଗ୍ରାମ କାଳୀନ ଅବିସ୍ମରଣୀୟ ଓଡିଆ ଲେଖା | ।। | ୧୪୪ |
| ଓଡିଶାରେ ମହାତ୍ମାଗାନ୍ଧିଙ୍କର ଅବିସ୍ମରଣୀୟ ଗସ୍ତ (୧୯୨୫, ୧୯୨୭-୨୮, ୧୯୩୪ ଏବଂ ୧୯୩୮) | ।। | ୧୭୯ |
| ଗଡଜାତର ଅବିସ୍ମରଣୀୟ ଗାନ୍ଧୀବାଦୀ ସଂଗଠକ - ସାରଙ୍ଗଧର ଦାସ | ।। | ୨୦୫ |
| ସୁନ୍ଦରଗଡରେ ପ୍ରଜା ଆନ୍ଦୋଳନ | ।। | ୨୧୬ |




Source: Author, Digitized by PPRACHIN, SOA

## ପରିଶିଷ୍ଟ


| | | |
|---|---|---|
| ୧-ଭାରତର ନବ ଜାଗରଣ | ॥ | ୨୪୩ |
| ୨-ନାରୀ ଜାଗୃତିର ଅନନ୍ୟା ନେତ୍ରୀ ସରଳା ଦେବୀ | ॥ | ୨୪୭ |
| ୩-ସୁରେନ୍ଦ୍ର ନାଥ ଦ୍ୱିବେଦୀ ଓ ଭାରତଛାଡ ଆନ୍ଦୋଳନ ସମ୍ପର୍କିତ ତଥ୍ୟ | ॥ | ୨୫୮ |
| ୪-ସାପ୍ତାହିକ ରଚନା | ॥ | ୨୬୬ |
| ୫-ସାମ୍ୟବାଦର ସାରଥି ନବକୃଷ୍ଣ ଚୌଧୁରୀ | ॥ | ୨୭୧ |
| ୬-ଅବିସ୍ମରଣୀୟ ଗାନ୍ଧିବାଦୀ ନେତ୍ରୀ ସୁଭଦ୍ରା ମହତାବ | ॥ | ୨୭୭ |


❖❖❖



Source: Author, Digitized by PPRACHIN, SOA

# ମୁଖଶାଳା

ଭାରତୀୟ ମୁକ୍ତି ସଂଗ୍ରାମରେ ଓଡ଼ିଶାର ଅବିସ୍ମରଣୀୟ ଅବଦାନ କଥା ଐତିହାସିକମନରେ ନବ ଉନ୍ମାଦନା ଜାଗ୍ରତ କରେ। ଭାରତୀୟ ମୁକ୍ତି ସଂଗ୍ରାମର ନାନା ପର୍ଯ୍ୟାୟ ଅସହଯୋଗ, ଆଇନଅମାନ୍ୟ ତଥା ଭାରତଛାଡ ଆନ୍ଦୋଳନ ମଧ୍ୟଦେଇ ଗତି କରିଛି। ଜାତୀୟତାବାଦର ଭାରତୀୟ ଉଚ୍ଚାରଣ ନରମପନ୍ଥୀ ତଥା ସଶସ୍ତ୍ର ବିପ୍ଳବ ମଧ୍ୟରେ ସରବ ହୋଇଉଠିଛି। ମହାତ୍ମାଗାନ୍ଧୀଙ୍କ ଅହିଂସ ସତ୍ୟାଗ୍ରହ ଭାରତୀୟ ଜାତୀୟତାବାଦ ବିକାଶର ମୁଖ୍ୟ ଆୟୁଧ ହୋଇ ଭାରତରେ ଉପନିବେଶବାଦର ଅବସାନ ଘଟାଇ ପାରିଛି। ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହ ସମରରେ ଓଡ଼ିଶାର ଭୂମିକା ଅବିସ୍ମରଣୀୟ। ଓଡ଼ିଆ ଅସ୍ମିତାର ନବରୂପ ପ୍ରକାଶ ପାଇଥିଲା ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହ ଅଭିଯାନରେ। ଅର୍ଦ୍ଧ ଶତାବ୍ଦୀରୁ ଅଧିକ କାଳ ଓଡ଼ିଆମାନେ ଓଡ଼ିଆ ଭାଷାର ସୁରକ୍ଷା ସହିତ ଓଡ଼ିଆ ଭାଷୀମାନଙ୍କରଏକତ୍ରୀକରଣ ପାଇଁ ପ୍ରବଳ ଆନ୍ଦୋଳନ ଚଳାଇଥିଲେ। କିନ୍ତୁ ମହାତ୍ମା ଗାନ୍ଧୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ବହୁ ଓଡ଼ିଆ ଶେଷରେ ଭାରତୀୟ ଜାତୀୟ ଆଲୋଡନରେ ଯୋଗଦାନ କରିଥିଲେ। ମହାତ୍ମାଙ୍କର ପ୍ରଥମ ଓଡ଼ିଶା ଆଗମନ ସହିତ ଜଡିତ ଥିଲା ଓଡ଼ିଆମାନଙ୍କର ନବଜାତୀୟତାବାଦର ପ୍ରୋତ୍ସାହନ। ଏହି ଆଗମନରେ ଭାରତୀୟ ସମସ୍ୟା ମଧ୍ୟରେ ଓଡ଼ିଶା ଓ ଓଡ଼ିଆ ସ୍ପଷ୍ଟ ହୋଇଗଲା। ଓଡ଼ିଶାରେ ଅସହଯୋଗର ବାର୍ତ୍ତା ପ୍ରସାରିତ ହୋଇ ମହାତ୍ମାଙ୍କର ସତ୍ୟାଗ୍ରହ ସ୍ରୋତ ବ୍ୟାପିଗଲା। ଅସହଯୋଗ ଆନ୍ଦୋଳନ ବ୍ୟାପକ ହେବାପରେ ଓଡ଼ିଆ ଜାତୀୟତା ଏକ ନୂଆ ପଥରେ ପରିଚାଳିତ ହେଲା। ଅସହଯୋଗ ଆନ୍ଦୋଳନଠାରୁ ଆରମ୍ଭ କରି ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଭାରତୀୟ ମୁକ୍ତିସଂଗ୍ରାମର ଏକ ପ୍ରମୁଖ କେନ୍ଦ୍ରସ୍ଥାନ ଥିଲା ଓଡ଼ିଶା। ଓଡ଼ିଶାରେ ମୁକ୍ତିସଂଗ୍ରାମ ଗଣାଭିମୁଖୀ ହୋଇଥିଲା-କାରଣ ଏଥିରେ ସମାଜର ବିଭିନ୍ନ ଶାଖା ଯଥା ଛାତ୍ର, ନାରୀ, କୃଷକ,ଶ୍ରମିକ ତଥା ଆଦିବାସୀ ଯୋଗଦାନ କରିଥିଲେ। ସେହି ସଂଗ୍ରାମର ଏକ ତଥ୍ୟଭିତ୍ତିକ ଆଲୋଚନା ଏହି ପୁସ୍ତକରେ ସ୍ଥାନିତ। ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ହରେକୃଷ୍ଣ ମହତାବଙ୍କ



Source: Author, Digitized by PPRACHIN, SOA

ସମ୍ପାଦିତ History of the Freedom Movement, ଜଗନ୍ନାଥ ପଟ୍ଟନାୟକଙ୍କର 'ଓଡିଶାରେ ସ୍ୱାଧୀନତା ସଂଗ୍ରାମ', ଚଣ୍ଡୀପ୍ରସାଦ ନନ୍ଦଙ୍କର Vocalizing Silence, Political Protests in Orissa, 1930-42,ପ୍ରୀତିଶ ଆଚାର୍ଯ୍ୟଙ୍କର National Movement and Politics in Orissa, 1920-29 ପରି ବିବରଣୀମୂଳକ ତଥା ବିଶ୍ଲେଷଣାତ୍ମକ ଅନେକ ପୁସ୍ତକ ରହିଛି। ତେବେ ମଧ୍ୟ ଏହି ସମ୍ପର୍କିତ ଆଲୋଚନାରେ ସାମାଜିକ ଦିଗ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ବିଭିନ୍ନ ସମୟରେ ପତ୍ରିକା ଓ ଖବରକାଗଜରେ ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ ପ୍ରକାଶିତ ପ୍ରବନ୍ଧମାନ ଏକତ୍ର କରି ଏହି ସଂକଳନ ରୂପପାଇଛି। ଏହିସବୁ ପ୍ରବନ୍ଧମାନ ମଧ୍ୟ ମାର୍ଜିତ କରାଯାଇ ସଂକଳନରେ ସ୍ଥାନ ଦିଆଯାଇଛି। ପ୍ରବନ୍ଧମାନ ସମଦୃଷ୍ଟି, ସଂଚାର, ଝଂକାର, ନବପତ୍ର, ସାହିତ୍ୟ ପତ୍ର(ରାଉରକେଲା), ନାଗରା, ସମ୍ବାଦ, ପ୍ରଜାତନ୍ତ୍ର ପରି ପତ୍ରିକା ଓ ସମ୍ବାଦପତ୍ରରେ ପ୍ରଥମେ ସଂକ୍ଷିପ୍ତ ଆକାରରେ ପ୍ରକାଶ ପାଇଥିବାରୁ ସମ୍ପୃକ୍ତ ସମ୍ପାଦକମାନଙ୍କୁ ଅଶେଷ ଧନ୍ୟବାଦ। ବିଶେଷ କରି ସମଦୃଷ୍ଟିର ସମ୍ପାଦକ ତଥା ସହଯୋଗୀ ସଂପାଦକ ସୁଧୀର ପଟ୍ଟନାୟକ ଏବଂ ବିଘ୍ନେଶ୍ୱର ସାହୁ, ସଂଚାରର ରବିବାର ସମ୍ପାଦକ କବି କେଦାର ମିଶ୍ର, ପ୍ରଜାତନ୍ତ୍ର ଓ ଝଂକାରର ମୁଖ୍ୟ ସଂପାଦକ ଭର୍ତ୍ତୃହରି ମହତାବ ଏବଂ ନାଗରା ପତ୍ରିକାର ସମ୍ପାଦକ ଭୁପେନ୍ ମହାପାତ୍ରଙ୍କ ନିକଟରେ ଲେଖକ ଚିର କୃତଜ୍ଞ। ଏହି ପ୍ରକାର ପ୍ରବନ୍ଧ ପ୍ରକାଶ ପାଇଁ ନାନାଦିଗରୁ ଉତ୍ସାହିତ କରିଥିଲେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟର ପ୍ରଫେସର୍ ସ୍ୱର୍ଗତ ଗଗନେନ୍ଦ୍ରନାଥ ଦାଶ ଏବଂ ସେ ମଧ୍ୟ ୧୯୯୩ ମସିହାରେ ମୋତେ ଦଶପଲ୍ଲା ସଂଗ୍ରାମୀ ଗୋବିନ୍ଦ ମିଶ୍ର ସମ୍ପର୍କରେ ନୂତନ ତଥ୍ୟ ତଥା ଦୃଷ୍ଟିକୋଣ ଯୋଗାଇଦେଇଥିଲେ। ସେଥିପାଇଁ ଲେଖକ ତାଙ୍କ ନିକଟରେ ଚିର କୃତଜ୍ଞ।ପୁସ୍ତକରେ ବ୍ୟବହୃତ ନାନା ପ୍ରସଂଗ ନିମନ୍ତେ ଓଡିଶା ରାଜ୍ୟ ଅଭିଲେଖାଗାର (ଭୁବନେଶ୍ୱର)ର ନଥିପତ୍ର ତଥା ପୁସ୍ତକମାନଙ୍କର ସାହାଯ୍ୟ ନିଆଯାଇଥିବାରୁ ଏହି ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଅଧୀକ୍ଷକମାନଙ୍କ ନିକଟରେ ଲେଖକ କୃତଜ୍ଞ। ଏହି ପୁସ୍ତକ ପ୍ରକାଶ ନିମନ୍ତେ ପ୍ରମେୟର ସହକାରୀ ମହାପ୍ରବନ୍ଧକ (ବାର୍ତ୍ତା) ଶ୍ରୀଯୁକ୍ତ ରବିନାରାୟଣ ଦାଶ ଏବଂ କାନଭାସ୍ (ପ୍ରକାଶନ, କଟକ) ଅକୁଣ୍ଠିତ ସହଯୋଗ କରିଥିବାରୁ ଲେଖକଙ୍କର ସେମାନଙ୍କୁ ଅଶେଷ ଧନ୍ୟବାଦ।

କୈଳାସ ଚନ୍ଦ୍ର ଦାଶ



Source: Author, Digitized by PPRACHIN, SOA

# ଓଡ଼ିଶାରେ ଅସହଯୋଗ ଚହଳ

॥ ୧ ॥

୧୯୨୧ ମାର୍ଚ୍ଚ ୨୩ ରୁ ୨୯ ମଧ୍ୟରେ ମହାତ୍ମାଗାନ୍ଧିଙ୍କ ଓଡ଼ିଶା ଗସ୍ତ ଓଡ଼ିଆ ଜାତୀୟ ଜୀବନର ବୈପ୍ଳବିକ ପରିବର୍ତ୍ତନର ଏକ ତୁଙ୍ଗ ମାଇଲ୍ ଖୁଣ୍ଟ । ମହାତ୍ମାଙ୍କ ଓଡ଼ିଶା ଆଗମନର ବହୁବର୍ଷ ପୂର୍ବେ ସଂସ୍କାରକ ବାଗ୍ମୀ ବିଶ୍ୱନାଥ କର ତାଙ୍କ ସଂପାଦିତ ଉତ୍କଳ ସାହିତ୍ୟରେ ତାଙ୍କୁ ନରଦେବତା ବୋଲି ଚିତ୍ରଣ କରିଥିଲେ।୧୯୧୮ ମସିହାରେ ଭାରତ ସେବକ ସମିତିର ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ "ମୋହନଦାସ କରମଚାନ୍ଦ ଗାନ୍ଧୀ" ନାମକ କ୍ଷୁଦ୍ର ପୁସ୍ତିକାରେ ମହାତ୍ମାଗାନ୍ଧିଙ୍କର କର୍ମମୟ ଜୀବନର ଆଭାସ ଦେଇଥିଲେ ବୋଲି ସମ୍ବଲପୁର ହିତୈଷିଣୀ ସମ୍ବାଦପତ୍ରର ୧୯୧୮ର ଏକ ସମ୍ବାଦରେ ପ୍ରକାଶ ପାଇଥିଲା । ପରେ ୧୯୧୮ ନଭେମ୍ବରରେ ଦଶପଲ୍ଲା ମେଳିର ଅନ୍ୟତମ ସୂତ୍ରଧାର ଗୋବିନ୍ଦ ମିଶ୍ର ଦଶପଲ୍ଲା ତ୍ୟାଗ କରି କଲିକତା ବୈପ୍ଳବିକ ଗୋଷ୍ଠିର ସହାୟତାରେ ମହାତ୍ମାଗାନ୍ଧିଙ୍କ ସାବରମତୀ ଆଶ୍ରମରେ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସେ ମହାତ୍ମାଙ୍କୁ ଓଡ଼ିଶା ସମ୍ପର୍କରେ ନାନା କଥା କହି ଓଡ଼ିଶା ସମସ୍ୟା ପ୍ରତି ତାଙ୍କର ଦୃଷ୍ଟି ଆକର୍ଷଣ କରାଇଥିଲେ । ତାଙ୍କର ପ୍ରଥମ ଲେଖା "ଭାରତର ନବ ଜାଗରଣ" ସମ୍ବଲପୁର ହିତୈଷିଣୀ ଫେବ୍ରୁଆରୀ ୨୨, ୧୯୧୯ରେ ପ୍ରକାଶ ପାଇଥିଲା । ଏଥିରେ ସେ ଭାରତୀୟ ଜାତୀୟ ଜୀବନର ବିସ୍ତାରିତ ଚର୍ଚ୍ଚା କଲାବେଳେ ମହାତ୍ମାଗାନ୍ଧିଙ୍କର ବୈଶିଷ୍ଟ୍ୟର ଆଲୋଚନା କରି ଓଡ଼ିଆମାନଙ୍କୁ ଏହି ନବଜାତୀୟତାବାଦର ପଥପୁରୋଧା ଋଷିପ୍ରାଣ ମହାତ୍ମାଗାନ୍ଧିଙ୍କୁ ପରିଚିତ କରାଇଥିଲେ । ମହାତ୍ମା ଓ ଗୋପବନ୍ଧୁ ଦାସଙ୍କ ଯୋଗସୂତ୍ର ପୁରୀ ଦୁର୍ଭିକ୍ଷ ସହିତ ଥିଲେ ସାବରମତୀ ସତ୍ୟାଗ୍ରହ ଆଶ୍ରମର ଶିଷ୍ୟ ଗୋବିନ୍ଦ ମିଶ୍ର । ୧୯୨୦ ସୁଦ୍ଧା ଅର୍ଥାତ୍ ମହାତ୍ମାଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ପୂର୍ବରୁ ଓଡ଼ିଆମାନଙ୍କର ମୁଖ୍ୟ ପ୍ରସଂଗ ଥିଲା ସମଗ୍ର ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ । ସେ ନିମନ୍ତେ ଓଡ଼ିଆ ଜାତୀୟ ମଂଚ ଉତ୍କଳ ସମ୍ମିଳନୀ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଥିଲା । ୧୯୧୯ ସୁଦ୍ଧା ଉତ୍କଳ ସମ୍ମିଳନୀକୁ ଦେଶ ମିଶ୍ରଣ ସହିତ ଭାରତୀୟ ନବଜାତୀୟତାବାଦକୁ ଗ୍ରହଣ କରିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା । ୧୯୧୯ରେ



Source: Author, Digitized by PPRACHIN, SOA

ଗୋପବନ୍ଧୁ ଦାସଙ୍କ ଉତ୍କଳ ସମ୍ମିଳନୀର ସଭାପତି ଅଭିଭାଷଣରେ ଏହି ପ୍ରସଂଗ ସ୍ପଷ୍ଟ। ୧୯୨୦ରେ ଏହି ନବଜାତୀୟତାବାଦ ସ୍ପଷ୍ଟରୂପେ ଦେଖାଯାଇଥିଲା। ଆଲୋଚ୍ୟ ପ୍ରବନ୍ଧରେ ଓଡିଶାରେ ଭାରତୀୟ ଜାତୀୟତାବାଦର ପ୍ରଥମ ସୋପାନ ମହାତ୍ମାଗାନ୍ଧିଙ୍କ ଅସହଯୋଗ କିପରି ପ୍ରତିଷ୍ଠା ଲାଭ କଲା ତାହାର ଏକ ତଥ୍ୟଭିତ୍ତିକ ଚିତ୍ର ପ୍ରକାଶିତ।

॥ ୨ ॥

ଆଶା ସାପ୍ତାହିକ ସମ୍ବାଦପତ୍ରର ୧୯୨୦ ଅଗଷ୍ଟ ୧୬ ତାରିଖ ସଂଖ୍ୟାର ସମ୍ପାଦକୀୟରେ ମତ ଦିଆଯାଇଥିଲା-"ଦେଶ ମିଶ୍ରଣ ସମ୍ମିଳନୀର ପ୍ରଧାନ ଉଦ୍ଦେଶ୍ୟ ଓ ଉପଲକ୍ଷ୍ୟ ହେଲେ ସୁଦ୍ଧା ଓଡିଆ ଜାତୀୟ ଜୀବନ ଗଠନ ଓ ଓଡିଆ ସାଧାରଣ ଜୀବନର ବିକାଶ ସମ୍ମିଳନୀର କର୍ତ୍ତବ୍ୟ ମଧ୍ୟରେ ଗଣ୍ୟ। ଓଡିଆଙ୍କ ଜାତୀୟ ଜୀବନ ସଂଗେ ଭାରତର ଜାତୀୟ ଜୀବନର ଅଚ୍ଛେଦ୍ୟ ସମ୍ପର୍କ ଅଛି, କାରଣ ଓଡିଆ ଦେଶ ଦ୍ୱୀପବିଶେଷ ନୁହେଁ। ଓଡିଆମାନେ ଅଭାରତୀୟ ନୁହଁନ୍ତି। ଭାରତର ସୁଖଦୁଃଖରେ ସମ୍ମିଳନୀର ସୁଖଦୁଃଖ ଅନୁଭବ କରିବାକୁ ହେବ। ବିଶାଳ ଭାରତ ଅବୟବର ଓଡିଆ ଦେଶ ଏକ ଅଂଗବିଶେଷ ବୋଲି ଉପଲବ୍ଧି କରିବାକୁ ହେବ। ଉତ୍କଳ ସମ୍ମିଳନୀର ଆଗାମୀ ଅଧିବେଶନରେ ଉତ୍କଳ ଜୀବନର ଉଚ୍ଚତର, ମହତ୍ତର ବିକାଶ ଉଦ୍ଦେଶ୍ୟରେ ଭାରତ ଓ କଂଗ୍ରେସ ସଂଗେ ସମ୍ମିଳନୀ ସମ୍ପର୍କ ବିଷୟ ଗୃହୀତ ହେବା ଆବଶ୍ୟକ।" ଏପରି ସମ୍ପାଦକୀୟ ମତ ଆଶା ପାଇଁ ଗୋପବନ୍ଧୁ ଲେଖିଥିବାର ମନେହୁଏ। କଂଗ୍ରେସର ବିଶେଷ ଅଧିବେଶନ ସେପ୍ଟେମ୍ବର ୪ ,୧୯୨୦ରେ କଲିକତାରେ ଆରମ୍ଭ ହୋଇଥିଲା। ଏଠାରେ ମହାତ୍ମାଗାନ୍ଧିଙ୍କ ଅସହଯୋଗ କାର୍ଯ୍ୟକ୍ରମ ଗୃହୀତ ହୋଇଥିଲା। ଏଥିରେ ଗୋପବନ୍ଧୁଙ୍କ ସମେତ ଅନେକ ଓଡିଆ ଯୋଗ ଦେଇଥିଲେ।(ମହତାବ, ଦଶବର୍ଷର ଓଡିଶା, ୧୯୯୫, ପୃ-୧୭-୧୮) କିନ୍ତୁ ଆଶା ସମ୍ବାଦପତ୍ରରେ ଏହି ବିଶେଷ ଅଧିବେଶନରେ ଗୃହୀତ ମହାତ୍ମାଙ୍କ ଅସହଯୋଗ ନୀତିର ଜଟିଳ ବିଶ୍ଳେଷଣ କରାଯାଇଥିଲା। ଏହି ମତାନୁସାରେ ଅସହଯୋଗ ନୀତି ଗୃହୀତ ହେବାଦ୍ୱାରା କ୍ଷତି ନାହିଁ, ମାତ୍ର ଯେଉଁ ରୀତିରେ ଗାନ୍ଧି ତାହାର ପ୍ରବର୍ତ୍ତନ ଓ ପ୍ରସାର କରିବାକୁ ଯାଉଛନ୍ତି ତାହା ଦେଶର କେତେ ଲୋକଙ୍କ ମନକୁ ପାଇବ ?(ଆଶା, ସେପ୍ଟେମ୍ବର ୬, ୧୯୨୦) ଏପରି ମତ ଆଶା ସମ୍ପାଦକ ନରମପନ୍ଥୀ ଶଶିଭୂଷଣ ରଥଙ୍କର ବୋଲି ମନେହୁଏ।

୧୯୨୦ ସେପ୍ଟେମ୍ବର ୧୧ ତାରିଖ ସୁଦ୍ଧା ଉତ୍କଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନର ସଭାପତିରୂପେ ମଧୁସୂଦନ ଦାସଙ୍କୁ ଗ୍ରହଣ କରାଯାଇଥିଲା। ଆଶାର



Source: Author, Digitized by PPRACHIN, SOA

ସମ୍ପାଦକୀୟରେ ଏ ସମ୍ପର୍କରେ ସୂଚନା ଦିଆଯାଇ ପ୍ରକାଶ କରାଯାଇଥିଲା-"କି କି ବିଷୟମାନ ଏ ଅଧିବେଶନରେ ଆଲୋଚିତ ହେବ ସେ ସମ୍ବନ୍ଧେ କୌଣସି ଆଉ ଅଦ୍ୟାପି କୌଣସି ସୂଚନା ମିଳିନାହିଁ। ଭାରତର ଚତୁର୍ଦ୍ଦିଗରେ ଏକ ମହାଆନ୍ଦୋଳନର ସ୍ରୋତ ପ୍ରବାହିତ ହେଉଅଛି। ରାଜନୀତି ଜଗତରେ ନୂତନ ନୂତନ ନୀତି ଓ ସତ୍ୟ ବିଘୋଷିତ ହେଉଅଛି। ସରକାରଙ୍କ ସଂଗେ ଯଥାସାଧ ସମ୍ବନ୍ଧ ବର୍ଜ୍ଜନ କରି ଦେଶର ଆତ୍ମ ସମ୍ମାନ ରକ୍ଷା କରିବା ପାଇଁ ବିପୁଳ ଆୟୋଜନ ହେଉଅଛି। ଏପରି ସମୟରେ ଓଡିଶା ବାହାରର ପ୍ରସଂଗ ମାନଙ୍କରେ ଭାରତୀୟ ଜାତୀୟ ସମସ୍ୟାମାନଙ୍କରେ ଓଡିଆମାନେ ଯୋଗଦେବେ କି ନାହିଁ ତାହା ଏକ ପ୍ରକାର ବିଚାରର କଥା। ଯେତେ କ୍ଷୀଣ ହେଉ ପଛକେ ସମ୍ମିଳନୀ ଦୁଇ ତିନି ବର୍ଷ ହେଲା ଭାରତୀୟ ସମସ୍ୟାମାନଙ୍କରେ ସମ୍ପର୍କ ରଖିଆସୁଅଛି। ଓଡିଶା ବୃହତ୍ତର ଜାତୀୟ ସମସ୍ୟାମାନଙ୍କରେ ଯୋଗ ନଦେଲେ ତାହାର ପ୍ରାଧାନ୍ୟ ବଢିବନାହିଁ କିମ୍ୱା ତାହାର କର୍ତ୍ତବ୍ୟ ସାଧିତ ହେଲା ବୋଲି ବିବେଚିତ ହେବନାହିଁ। ମାତ୍ର ସେତେବେଳକୁ ମଧ୍ୟ ଅସହଯୋଗ ନୀତି କଂଗ୍ରେସ ପରି ସମ୍ମିଳନୀରେ ଆଲୋଚିତ ହେବ କି ନାହିଁ, ତାହା ମଧ୍ୟ ବିବେଚ୍ୟ। ଓଡିଶାର ବର୍ତ୍ତମାନ ଅବସ୍ଥା ଓ ଜଳବାୟୁରେ ମଧ୍ୟ ସରକାରଙ୍କ ସଂଗେ ସଂଶ୍ରବ(ସମ୍ପର୍କ) ବର୍ଜ୍ଜନ ନୀତି ଅବଲମ୍ବନ କରିବାପାଇଁ କିଏ କିଏ ଅଳି କରିବେ। ଯେଉଁମାନେ କଂଗ୍ରେସ ଭକ୍ତ ଏବଂ ଯେଉଁମାନେ ଗାନ୍ଧିଙ୍କ ଆଦର୍ଶ ଅନୁସରଣ କରନ୍ତି ସେମାନେ ସମ୍ମିଳନୀରେ ଅସହଯୋଗ ପ୍ରସ୍ତାବ ବାଢିବେ। ମାତ୍ର ସମ୍ମିଳନୀ ତାହା ଗ୍ରହଣ କରିବା ବିଧେୟ କି ନା ସେ ବିଷୟରେ ଆଲୋଚନା ହେବା ଦରକାର। ସମ୍ମିଳନୀ କଂଗ୍ରେସ ଅନ୍ତର୍ଭୁକ୍ତ ଅନୁଷ୍ଠାନ ନୁହେଁ, ତଥାପି ତାହାକୁ ଏଣିକି କଂଗ୍ରେସର ଅନ୍ତର୍ଭୁକ୍ତ କରିବା ପାଇଁ କାହା କାହାରି ମନ। ଦେଶ ମିଶ୍ରଣକୁ ସମ୍ମିଳନୀରେ ଅଧିକ ଗୁରୁତ୍ୱ ଦେବାପାଇଁ ଅନେକ ଓଡିଆ ସେଦିନ ମନେ କରିଥିଲେ।" (ଆଶା, ଅକ୍ଟୋବର ୧୧, ୧୯୨୦)

୧୯୨୦ ଅକ୍ଟୋବର ୧୧ ସୁଦ୍ଧା କଟକ ଟାଉନହଲରେ ପ୍ଲିଡର୍ ଉମେଶ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଗୋଟିଏ ସାଧାରଣ ସଭାରେ ଗାନ୍ଧିଙ୍କୁ କଟକ ଆଗମନ ପାଇଁ ଆମନ୍ତ୍ରଣ କରାଯାଇଥିଲା। ଏହି ନିମନ୍ତ୍ରଣ ପତ୍ର ଗୋପାଳଚନ୍ଦ୍ର ପ୍ରହରାଜ, ଚିନ୍ତାମଣୀ ଆଚାର୍ଯ୍ୟ, ଅଗଣୀ ଦାସ, କୃଷ୍ଣଚନ୍ଦ୍ର ମିଶ୍ର,ବିଚିତ୍ରାନନ୍ଦ ଦାସ ଏବଂ ବିଶ୍ୱନାଥ କରଙ୍କ ଦ୍ୱାରା ସାକ୍ଷରିତ ହୋଇଥିଲା। ଅବଶ୍ୟ ଗାନ୍ଧି ଦିନେଦୁଇଦିନ ପାଇଁ କଟକ ଆସିବା ମାତ୍ରେ ଓଡିଶାର ସମସ୍ତେ ଅସହଯୋଗ ନୀତି ଅବଲମ୍ବନ କରିଯିବେ ବୋଲି ଧାରଣା କରିବା ବୃଥା ଆଶା ବୋଲି କେହି କେହି ମନେ କରିଥିଲେ।(ଆଶା, ଅକ୍ଟୋବର ୧୧, ୧୯୨୦) ୧୯୨୦



Source: Author, Digitized by PPRACHIN, SOA

ଅକ୍ଟୋବର ୧୮ ବେଳକୁ ଅସହଯୋଗ ନୀତି ପ୍ରବର୍ତ୍ତନ ଉଦ୍ୟମ ପ୍ରବଳ ହୋଇଥିଲା। ପ୍ରଥମେ ଗୋପବନ୍ଧୁ ଦାସ ସରକାରଙ୍କ ସଂଗେ ସମ୍ବନ୍ଧ ବର୍ଜ୍ଜନ କରିଥିଲେ। ଓଡିଶାରେ ଏ ସମ୍ପର୍କରେ ଦୁଇ ମତ ପ୍ରକାଶ ପାଇଥିଲା। ଅନେକ ଅସହଯୋଗକୁ ସମର୍ଥନ କରିଥିଲେ, କେତେକ ଏହାର ପ୍ରୟୋଗ କ୍ଷତିକାରକ ବୋଲି ମତ ଦେଇଥିଲେ।(ଆଶା, ନଭେମ୍ବର ୮, ୧୯୨୦)ଗୋପବନ୍ଧୁ ସମ୍ବନ୍ଧ ବର୍ଜ୍ଜନ ପାଇଁ ବିଭିନ୍ନ ସଭାରେ ଲୋକଙ୍କୁ ବୁଝାଇଥିଲେ। ବାଣପୁରଠାରେ ବିରୁପାକ୍ଷ ପ୍ରହରାଜଙ୍କ ସଭାପତିତ୍ୱରେ ମଧ୍ୟ ଏହି ନୀତିର ସମର୍ଥନ କରାଯାଇଥିଲା। ଡିସେମ୍ବର ୨୪ ୧୯୨୦ରେ ନାଗପୁରଠାରେ କଂଗ୍ରେସ ଅଧିବେଶନ ହେବାବେଳେ ଓଡିଆମାନେ ସେଥିରେ ଯୋଗଦାନ କରିବାର ବ୍ୟବସ୍ଥା ହେବାରୁ ଚକ୍ରଧରପୁର ସମ୍ମିଳନୀକୁ ଡିସେମ୍ବର ୩୦/୩୧କୁ ନିଆଯାଇଥିଲା। ୧୯୨୦ ଡିସେମ୍ବର ୨୦ରେ ମଧୁସୂଦନ ଦାସ ଚକ୍ରଧରପୁର ଉକ୍ରଳ ସମ୍ମିଳନୀର ସଭାପତି ହେବାକୁ ମନା କରିଦେଇଥିଲେ। ସେଥିପାଇଁ ବାଙ୍କୀପୁରର ସଚ୍ଚିଦାନନ୍ଦ ସିଂହ, କଟକର ବ୍ରଜସୁନ୍ଦର ଦାସ ପୁରୀର ଜଗବନ୍ଧୁ ସିଂହଙ୍କ ନାମ ପ୍ରସ୍ତାବ କରାଯାଇଥିଲା। ମାତ୍ର ଶେଷରେ ଜଗବନ୍ଧୁ ସିଂହ ସଭାପତି ହେବାକୁ ରାଜି ହେଲେ। ମଧୁସୂଦନ ଦାସଙ୍କ ଆକସ୍ମିକ ମନା କରିବା ତାଙ୍କର ସମ୍ବନ୍ଧ ବର୍ଜ୍ଜନ ନୀତି ନାପସନ୍ଦ କରିବାର ମୂଳ କାରଣ ଥିଲା। ସମ୍ମିଳନୀ ତାରିଖ ଘୁଞ୍ଚିଯିବା ମୂଳରେ କଂଗ୍ରେସର ଏକ ଅଂଶ ସମ୍ମିଳନୀ ହେବାକୁ ସେ ମଧ୍ୟ ଗ୍ରହଣ କରିପାରିନଥିଲେ। ସହସା ଏହି ନବଜାତୀୟତା ସ୍ରୋତରେ ମଧୁବାବୁ ଭାସିଯିବାକୁ ଇଚ୍ଛା କରିନଥିଲେ। ୧୯୨୦ ଡିସେମ୍ବର ୨୭ ବେଳକୁ ଉକ୍ରଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ ଅସହଯୋଗ ନୀତି ଘୋଷିତ ଏବଂ ଗୃହୀତ ହେବାକୁ ଥିବାରୁ ଅନେକ ସମ୍ମିଳନୀକୁ ଯିବାକୁ ଇଚ୍ଛା କରିନଥିଲେ। ଓଡିଶାରେ ଅସହଯୋଗ ନୀତି ଏକ ନୂତନ ପନ୍ଥା। ରକ୍ଷଣଶୀଳ ଓଡିଆମାନେ ହଠାତ୍ ରାଜନୈତିକ ଚରମପନ୍ଥୀ ଦଳର ଲୋକମାନଙ୍କ ସଂଗେ କାନ୍ଧରେ କାନ୍ଧ ପକାଇ ସରକାରଙ୍କଠାରୁ ସମ୍ବନ୍ଧ ବର୍ଜ୍ଜନ କରିବାକୁ ଆଗ୍ରହୀ ନଥିଲେ।(ଆଶା, ଡିସେମ୍ବର, ୨୭, ୧୯୨୦)

୧୯୨୦ ଅକ୍ଟୋବର ବେଳକୁ ଅସହଯୋଗର ଅଂଶ ଜାତୀୟ ଶିକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଅକ୍ଟୋବର ୧୮, ୧୯୨୦ର ଆଶାରେ ପ୍ରସିଦ୍ଧ ସଂସ୍କାରକ ଶ୍ରୀବତ୍ସ ପଣ୍ଡା ଜାତୀୟ ଶିକ୍ଷା ସମ୍ପର୍କରେ ମତ ଦେଇ ଲେଖିଥିଲେ-"ଜାତୀୟ ଶିକ୍ଷା କେବଳ ସ୍ୱରାଜ୍ୟ ସ୍ଥାପନର ମୂଳଭିତ୍ତି। ବିନା ଜାତୀୟ ଶିକ୍ଷାରେ ସ୍ୱରାଜ୍ୟ ପାଇବା ଅସମ୍ଭବ। ଅସହଯୋଗ ବିଧି ପାଳନ କରି ଯଦି ଅଭିଷ୍ଟ ସିଦ୍ଧି ଚାହଁ, ତେବେ ବିଜାତୀୟ ଶିକ୍ଷା



Source: Author, Digitized by PPRACHIN, SOA

ପ୍ରଣାଳୀ ବର୍ଜନ ଏବଂ ଜାତୀୟ ଶିକ୍ଷାବିଧାନ ସର୍ବାପେକ୍ଷା ଅଧିକ ସହଜସାଧ୍ୟ।" ଏହି କାଳରେ ମଧ୍ୟ ଓଡିଶାରେ ଅଧିକାଂଶ ଦେଶମିଶ୍ରଣ ସମର୍ଥକମାନେ ଅସହଯୋଗ ନୀତିକୁ ଗ୍ରହଣ କରିନଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବାରିଷ୍ଟର ବିଶ୍ୱନାଥ ମିଶ୍ର ଅକ୍ଟୋବର ୧୮, ୧୯୨୦ର ଆଶାରେ ଏକ ପତ୍ରରେ ଲେଖିଥିଲେ-I have decided to stand for the Bihar Orissa Council from the urban constituency of Orissa. I donot have any faith in Non-cooperation , the new political shibboleth, that is being practised by a certain section of the people. ସେହିପରି ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ ଅସହଯୋଗ ପନ୍ଥା ଗ୍ରହଣକୁ ସମାଲୋଚନା କରି ଅନେକ ଓଡିଆ ଦେଶ ମିଶ୍ରଣବାଦୀ ମତ ଦେଇଥିଲେ- 'ସମ୍ମିଳନୀର ଲୋକପ୍ରିୟତା ଏବଂ ଆଦର ଯେଉଁ କାରଣରୁ ସେ କାରଣ ଯଦି ନରହେ ତାହେଲେ ସମ୍ମିଳନୀ ଉତ୍କଳ ଜାତିର ସର୍ବୋଚ୍ଚ ଅନୁଷ୍ଠାନ ହୋଇ ବହୁଦିନ ରହିବା ଅସମ୍ଭବ ହେବ। ଏ ବର୍ଷ ସମ୍ମିଳନୀର ଶେଷ। ତାହାର ଶେଷ ଦେଖିବାକୁ ଯିବାନାହିଁ, ତାହାର ମୃତ୍ୟୁଶଯ୍ୟାପାଖରେ ବସି ରହିପାରିବାନାହିଁ।'

॥ ୩ ॥

୧୯୨୦ ମସିହା ଡିସେମ୍ବର ୩୦, ୩୧ ଏବଂ ୧୯୨୧ ମସିହା ଜାନୁଆରୀ ୧ ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀର ଷୋଡଶ ଅଧିବେଶନ ଚକ୍ରଧରପୁରଠାରେ ସମ୍ପନ୍ନ ହୋଇଥିଲା। ପ୍ରଥମ ଦିନ ରାତ୍ର ୯ ଘଣ୍ଟାଠାରୁ ପ୍ରାୟ ୧୧ଟା ପର୍ଯ୍ୟନ୍ତ ବିଷୟ ନିର୍ବାଚନ ସଭାର ବୈଠକ ହୋଇଥିଲା। ସମ୍ମିଳନୀକୁ ଭାରତ ଜାତୀୟ ସଭାର ଅଙ୍ଗୀଭୂତ କରିବା ପ୍ରସଂଗରେ ଘୋର ବାଦବିବାଦ ଚାଲିଥିଲା ଏବଂ ଏକାଧିକ ସଂଶୋଧନ ପ୍ରସ୍ତାବ ଆଗତ ହୋଇଥିଲା। ପ୍ରସ୍ତାବର ବିରୁଦ୍ଧରେ ବ୍ରଜସୁନ୍ଦର ଦାସ, ବାରିଷ୍ଟର ବିଶ୍ୱନାଥ ମିଶ୍ର, ବିଚିତ୍ରାନନ୍ଦ ଦାସଏବଂ ବିଶ୍ୱନାଥ କର ବିଶେଷରେ ଚିହ୍ଲାପଡିଥିଲେ। ପ୍ରସ୍ତାବଟି ଆଗତ ଏବଂ ଅନୁମୋଦିତ ହେବାପରେ ବ୍ରଜସୁନ୍ଦର ଦାସ ତାହାର ପ୍ରତିବାଦ କରିବା ଉଦ୍ଦେଶ୍ୟରେ ସଭାପତିଙ୍କ ଅନୁମତି ନେଇ ଆପତ୍ତି ଉଠାଇଲେ। ବିଶ୍ୱନାଥ କର, ବିଚିତ୍ରାନନ୍ଦ ଦାସ ଓ ଚିନ୍ତାମଣୀ ଆଚାର୍ଯ୍ୟ ଆପତ୍ତି ପ୍ରସ୍ତାବ ଅନୁମୋଦନ କଲାପରେ ଆପତ୍ତି ଉଠାଇ ନେବାପାଇଁ ଗୋପବନ୍ଧୁ ଦାସ ପ୍ରସ୍ତାବକଙ୍କୁ ଅନୁରୋଧ କଲେ ଏବଂ ଲୋକଙ୍କୁ କଥାର ମର୍ମ ବୁଝାଇବାକୁ ଯାଇ ମୂଳ ପ୍ରସ୍ତାବର ସପକ୍ଷରେ ଏକ ମର୍ମସ୍ପର୍ଶୀ ବକ୍ତୃତା ଦେଲେ। ବ୍ରଜସୁନ୍ଦର ଦାସ ଏବଂ ବିଶ୍ୱନାଥ କର ଗୋପବନ୍ଧୁ ଦାସଙ୍କୁ ଉତ୍ତର ଦେବା ବେଳେ ଶ୍ରୋତାବର୍ଗ ସେମାନଙ୍କୁ



Source: Author, Digitized by PPRACHIN, SOA

ସହଜରେ କୁହାଇଦେଲେନାହିଁ ଏବଂ କିଏ କିଏ ମଝିରୁ ବାହାରି ଘୃଣାସୂଚକ ଶବ୍ଦମାନ ବାରଂବାର ବ୍ୟକ୍ତ କରୁଥିଲେ। କୌଣସି ସିଦ୍ଧାନ୍ତରେ ଉପନୀତି ହୋଇନପାରି ସଭାରେ ଭୋଟନିଆଯିବାର ସ୍ଥିର ହେଲା। ଫଳରେ ଦେଖାଗଲା ୧୪୭ ମୂଳ ପ୍ରସ୍ତାବ ସପକ୍ଷରେ ଏବଂ ୧୬ ଜଣ ବିପକ୍ଷରେ ଅବଶିଷ୍ଟ ୧୦ ଜଣ ନୀରବ ହୋଇରହିଲେ। ଚକ୍ରଧରପୁର ଅଧିବେଶନରେ ସମ୍ମିଳନୀ କଂଗ୍ରେସ କାର୍ଯ୍ୟପନ୍ଥା ସମର୍ଥନକୁ ଓଡିଶାର କେତେକ ମହଲ ସହଜରେ ଗ୍ରହଣ କରିପାରିନଥିଲେ। ସେମାନଙ୍କର ମତ ଥିଲା-"ଭାରତର ସ୍ୱରାଜ୍ୟ ପ୍ରାପ୍ତି ଉଦ୍ୟମରେ ଓଡିଶାର ଜାତୀୟ ବ୍ୟକ୍ତିତ୍ୱ ଲୋପ ପାଇଲେ ଯେଉଁମାନଙ୍କର ଗର୍ବ ଅହଂକାର ବଢିବ ସେମାନେ ନିଶ୍ଚୟ ଏହି ଓଡିଆ ଜାତୀୟ ଆତ୍ମହତ୍ୟା ସ୍ୱରୂପ ଅସହଯୋଗ ନୀତିକୁ ସମର୍ଥନ କରିବେ। ମାତ୍ର ଯେଉଁମାନେ ଓଡିଆର ବ୍ୟକ୍ତିତ୍ୱ ରକ୍ଷା କରି ଭାରତ ଜାତୀୟତାକୁ ପୁଷ୍ଟ କରିବାକୁ ଉଦ୍ୟତ ସେମାନେ ଏପରି ପ୍ରସ୍ତାବରେ ସମ୍ମତ ହେବେ ବୋଲି ବିଶ୍ୱାସ ହେଉନାହିଁ। ଚକ୍ରଧରପୁର ଅଧିବେଶନର ବିଚାରଶୂନ୍ୟ ଓ ଅଦୂରଦର୍ଶୀ ସିଦ୍ଧାନ୍ତ ଫଳରେ ଦେଶରେ ଦଳଭେଦ ସାର ହେବ। ଯେପରି ଶୁଣାଯାଉଅଛି ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ଅକ୍ଷୁର୍ଣ୍ଣ ରଖିବା ପାଇଁ ଅନ୍ୟ ଗୋଟିଏ ଶକ୍ତିଶାଳୀ ଅନୁଷ୍ଠାନ ଗଠିତ ହେବ। ଦେଶ ମିଶ୍ରଣ ସମସ୍ୟାର ସମାଧାନ ନିମନ୍ତେ ସେପରି ଗୋଟିଏ ଅନୁଷ୍ଠାନର ଆବଶ୍ୟକତା ସମ୍ପୂର୍ଣ୍ଣ ରୂପେ ଅଛି।"(ଆଶା, ଜାନୁଆରୀ ୧୭, ୧୯୨୧) ଅସହଯୋଗ ପ୍ରତି ଏପରି ବିରୋଧ ମନଭାବ ସତ୍ତ୍ୱେ ଅସହଯୋଗ ନୀତିର ପ୍ରସାରଣ ଘଟିଲା। ସତ୍ୟବାଦୀ ସ୍କୁଲ୍ ଜାତୀୟ ବିଦ୍ୟାଳୟରେ ପରିଣତ କରିବା ପାଇଁ ଉଦ୍ୟମ କରାଗଲା।(ଆଶା, ଜାନୁଆରୀ ୧୭, ୧୯୨୧) ସତ୍ୟବାଦୀ(ଗୋପବନ୍ଧୁ)ଙ୍କ ଲେଖାରେ ଉତ୍କଳରେ ଭାରତୀୟ ଜାତୀୟତାବୋଧ କିପରି ପ୍ରସାରିତ ହେବ ତାହାର ଚର୍ଚ୍ଚା ପ୍ରକାଶିତ। ସେ ଲେଖିଥିଲେ-"ଜାତୀୟ ଶକ୍ତି ଗୋଟିଏ ପ୍ରେରଣା। ଏହା ଗୋଟିଏ ଈଶ୍ୱର ଦତ୍ତ ଭାବ। ଏଥିରେ ହିସାବକିତାବ ନାହିଁ। ପ୍ରାଣରେ ଭାବ ଆସିଲେ ଆତ୍ମଶାସନ ବଳରେ ସମସ୍ତ ବନ୍ଧନ ଛିଣ୍ଡାଇଦେବାକୁ ହେବ। ଜୀବନ ସ୍ରୋତରେ ପଡିଯିବାକୁ ହେବ। ପରାଧୀନ ଭାବ ଦାସତ୍ୱ। ସ୍ୱାଧୀନଭାବ ବିଭୁତ୍ୱ। ସ୍ୱାଧୀନ ଭାବରେ ସାକ୍ଷାତ୍ ଭଗବାନଙ୍କୁ ଆଗରେ ଦେଖି ତାଙ୍କର ସତ୍ତା ଅନୁଭବ କରିବାକୁ ହେବ। ତାଙ୍କର ଆହ୍ୱାନ ଶୁଣିବାକୁ ହେବ। ସ୍ୱାଧୀନତା ବାହାରେ ନାହିଁ। ଏହା ଆତ୍ମାରେ ପ୍ରତିଷ୍ଠିତ। ଆତ୍ମଶାସନହିଁ ଏହାର ସାଧନା। ତିତିକ୍ଷାହିଁ ଏହାର ମନ୍ତ୍ର। ଏ ଭାବ ବିଭୁକୃପାରେ ଥରେ ଜାଣିଲେ ଆଉ ଯନ୍ତଣାର ଭୟ ରହେନାହିଁ। ଦୁର୍ବଳର ବଳ ଆସେ। ନିରକ୍ଷର ବାବଦୂକ ହୁଏ। ଦାସ ମୁକ୍ତ ହୁଏ।



Source: Author, Digitized by PPRACHIN, SOA

ହୃଦୟର ଗ୍ରନ୍ଥି ଛିନ୍ନହୁଏ। ସଂଶୟ ଛିନ୍ନ ହୁଏ। ସମୟ ଅପେକ୍ଷାରେ ଆଉ କାଳାତିପାତ କରିବା ଉଚିତ ନୁହେଁ। ଶୀଘ୍ର ସଂକଳ୍ପପର ହୋଇ ଜାତୀୟ ସ୍ରୋତରେ ପୂର୍ଣ୍ଣପ୍ରାଣ ଢାଳିଦେବାକୁ ହେବ। (ଉତ୍କଳ ସମ୍ମିଳନୀ ଓ ଭାରତ ଜାତୀୟତା, ସହଯୋଗୀ ମତାମତ, ସତ୍ୟବାଦୀ, ୧୯୨୧/ଜାନୁଆରୀ ୧୭, ୧୯୨୧ ଆଶାରେ ଉଦ୍ଧୃତ) କଟକରେ ଏହି ସମୟରେ କଂଗ୍ରେସର ଏକ ଶାଖା କମିଟି ପ୍ରତିଷ୍ଠିତ ହୋଇଥିଲା। ୧୯୨୧ରେ କଲିକତା ବିଶ୍ୱବିଦ୍ୟାଳୟର ଓଡିଆ ଅଧ୍ୟାପକ ପଣ୍ଡିତ ନୀଳକଣ୍ଠ ଦାସ ଅସହଯୋଗ ଚହଳରେ ନିଜ କାର୍ଯ୍ୟ ଛାଡିଦେଇଥିଲେ। ସେ ସମ୍ବଲପୁର ଜାତୀୟ ବିଦ୍ୟାଳୟର ଅଧ୍ୟକ୍ଷ ହେବାକୁ ସ୍ଥିର ହୋଇଥିଲା।(ଆଶା, ଜାନୁଆରୀ ୨୪, ୧୯୨୧)

ଉତ୍କଳ ସାହିତ୍ୟରେ ବର୍ଜ୍ଜନବାଦର ଲକ୍ଷ୍ୟ ଉପରେ ଆଲୋଚନା ହୋଇଥିଲା। (ଆଶା, ଜାନୁଆରୀ ୨୪, ୧୯୨୧) ସେଥିରେ ମତ ଦିଆଯାଇଥିଲା-"ଦେଶର ସ୍କୁଲ କଲେଜ ବନ୍ଦ ହୋଇଗଲେ ବ୍ରିଟିଶ୍ ଶାସନ ଅଚଳ ହୋଇପଡିବ କିପରି କେହି କହିପାରିବେ କି ? ତାଳପତ୍ର ନିଆଁ ସହଜରେ ଲାଗିଯାଏ, ଆଖିକୁ ଝଲସାଇଦିଏ। ଲିଭିଗଲେ ନିଆଁଧୂଆଁ ଚିହ୍ନ ରହେନାହିଁ। ତରୁଣମାନଙ୍କ ଅବସ୍ଥା ସେହିପରି। ସେମାନଙ୍କୁ ମତାଇବାରେ କିଛି ବାହାଦୂରୀ ନାହିଁ। ସେଥିରେ ଲକ୍ଷ୍ୟସାଧନର ପଥ କିଛି ମାତ୍ର ପରିଷ୍କାର ହେବନାହିଁ। ତୁମି ଯେ ତିମିରେ ତୁମି ସେ ତିମିରେ।" ୧୯୨୧ରେ ଗଂଜାମର ନିରଞ୍ଜନ ପଟ୍ଟନାୟକ ବିଏ ପାସ୍ କରି କଲିକତାରେ ଆଇନ ଓ ଏମ୍ଏ ପଢୁଥିଲେ। ଦେଶର ଅବସ୍ଥା ଓ ନିଜ ଆତ୍ମାର ଦାବୀ ପ୍ରତି ଦୃଷ୍ଟିଦେଇ ସେ ପାଠତ୍ୟାଗ କଲେ।

କଲିକତାରୁ ଓଡିଶାକୁ ଫେରିଆସିଲେ। ପାରଳା କଲେଜର ଆଇଏ ଛାତ୍ର ସୋରଡା ନିବାସୀ ଶରତଚନ୍ଦ୍ର ମହାପାତ୍ର ପାଠଛାଡି ଦେଶସେବାରେ ଲାଗିଲେ। ପାରଳାର ଟାଙ୍ଗୁଡି ଶାସନର ଗଙ୍ଗାଧର ଖାଡଙ୍ଗାଙ୍କ ପୁତ୍ର ନନ୍ଦକିଶୋର ମିଶ୍ର ଆଇଏ ପାଠଛାଡି ସତ୍ୟବାଦୀ ଜାତୀୟ ବିଦ୍ୟାଳୟରେ ପାଠପଢାଇବେବୋଲି ସ୍ଥିର କଲେ। ସମ୍ବଲପୁରରେ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଭଗିରଥି ମିଶ୍ର ପ୍ରଭୃତି ଉଦ୍ୟମ କଲେ। ଏହି ଜାତୀୟ ବିଦ୍ୟାଳୟରେ ୮୦ ଜଣ ଛାତ୍ର ଅଧ୍ୟୟନ କଲେ। ଗଂଜାମର ସୁଦର୍ଶନ ପାଣିଗ୍ରାହୀ କଟକରେ ଆଇଏ ଶ୍ରେଣୀ ବର୍ଜ୍ଜନ କଲେ। କଟକ ରେଭେନ୍ସା କଲେଜର ତିନି ଜଣ ତୃତୀୟ ବର୍ଷ ଛାତ୍ର ପାଠ ବର୍ଜ୍ଜନ କଲେ। ଡିସେମ୍ବର ୩୧ ୧୯୨୦ରେ ଚକ୍ରଧରପୁରଠାରେ ନିଖିଳ ଓଡିଶା ଛାତ୍ର ସମ୍ମିଳନୀ ହୋଇଥିଲା। ସେଠାରେ ଅସହଯୋଗ



Source: Author, Digitized by PPRACHIN, SOA

ନୀତି ଧାର୍ଯ୍ୟହେଲା । ସଭାର ସଭାପତି ବିଶ୍ୱନାଥ କର ଏବଂ ସମ୍ପାଦକ ବିଚିତ୍ରାନନ୍ଦ ଦାସ ଏହି ନୀତିର ସମର୍ଥକ ନହେବାରୁ ସେମାନେ ସଭା ତ୍ୟାଗ କଲେ ।(ଆଶା, ଜାନୁଆରୀ ୨୪, ୧୯୨୧) କଟକ ରେଭେନ୍‌ସା କଲେଜର ଛାତ୍ରମାନେ ଜାନୁଆରୀ ୨୪, ୧୯୨୧ରେ ମେଳିବାନ୍ଧି କଲେଜ ଛାଡିଥିଲେ । (ଆଶା, ୩୧, ଜାନୁଆର, ୧୯୨୧) ଯଦୁମଣୀ ମଙ୍ଗରାଜ ଏହି ମେଳିର ପ୍ରଧାନ ନେତା । ଅବଶ୍ୟ ଅଧ୍ୟକ୍ଷଙ୍କର କଡା ନିର୍ଦ୍ଦେଶ ଯୋଗୁଁ କେତେକ ପୁଣି କଲେଜରେ ଯୋଗଦେଲେ ।(ଆଶା, ଜାନୁଆରୀ, ୩୧, ୧୯୨୧)

ଅସହଯୋଗର ପ୍ରସାର ପାଇଁ ପୁରୀର ଜଗବନ୍ଧୁ ସିଂହ ଅରଟ ଓ କପାଖାଇ ତିଆରୀ କରାଇଥିଲେ । ସତ୍ୟବାଦୀ ସ୍କୁଲ ଶିକ୍ଷକ ରାମଚନ୍ଦ୍ର ରଥ କପାମଂଜି ବିକ୍ରି କରୁଥିଲେ । (ଆଶା, ୭ ଫେବୃଆରୀ, ୧୯୨୧) ଅସହଯୋଗ କାର୍ଯ୍ୟକ୍ରମ ପାଇଁ ସମୁଦାୟ ଜାତୀୟ ଶିକ୍ଷା ଅନୁଷ୍ଠାନ(ସମ୍ବଲପୁର, ସତ୍ୟବାଦୀ ଓ ଚକ୍ରଧରପୁରର ଜାତୀୟ ବିଦ୍ୟାଳୟକୁ ନେଇ) ପରିଚାଳନା ପାଇଁ ଉତ୍କଳ ସ୍ୱରାଜ୍ୟ ଶିକ୍ଷା ପରିଷଦ ନାମରେ ଏକ ସମିତି ଗଠିତ ହୋଇଥିଲା । ପରିଷଦର ସମ୍ପାଦକ ଥିଲେ ନନ୍ଦକିଶୋର ଦାସ । ଉତ୍କଳ ସ୍ୱରାଜ୍ୟ ଶିକ୍ଷା ପରିଷଦ କାର୍ଯ୍ୟାଳୟ ଥିଲା ନର୍ମାଲ ସ୍କୁଲ ଗଳି, ଚାନ୍ଦିନୀଚୌକ, କଟକ । ସେତେବେଳେ କଟକ ଜାତୀୟ ସ୍କୁଲ କଲେଜରେ ମୋଟ ୭୧ ଜଣ  ନାମ ଲେଖାଇଥିଲେ ଏବଂ ୧୬ ବୟସରୁ ଊର୍ଦ୍ଧ୍ୱ ଛାତ୍ରମାନଙ୍କ ମଧ୍ୟରୁ ସମସ୍ତେ ପ୍ରଚାର କାର୍ଯ୍ୟରେ ଯିବାକୁ ପ୍ରସ୍ତୁତ ଥିଲେ ।

ସମାଜ ବିଶ୍ୱାସ କରିଥିଲେ-ଓଡିଶାରେ ଯେକେତୋଟି ଜାତୀୟ ବିଦ୍ୟାଳୟ ହୋଇଥିଲା ସେସବୁକୁ ନେଇ କଟକରେ ଜାତୀୟ କଲେଜ ସହିତ ଉତ୍କଳ ଜାତୀୟ ବିଶ୍ୱବିଦ୍ୟାଳୟର ମୂଳ ଭିତ୍ତି ଶୀଘ୍ର ସ୍ଥାପିତ ହେବ ।(ଆଶା, ଫେବୃଆରୀ, ୭, ୧୯୨୧) ଅସହଯୋଗର ପ୍ରଚାର ପାଇଁ ଗୋପବନ୍ଧୁ ଓଡିଶାର ବିଭିନ୍ନ ଅଞ୍ଚଳକୁ ଯାଇଥିଲେ । ବ୍ରହ୍ମପୁରରେ ଜାତୀୟ ବିଦ୍ୟାଳୟ ୧୯୨୧ ଫେବୃଆରୀ ମାସ ସୁଦ୍ଧା ପ୍ରତିଷ୍ଠା ହୋଇଥିଲା । ଜଗନ୍ନାଥ ରାଓ ଓକିଲାତି ତ୍ୟାଗ କରି ଏଠାରେ ଶିକ୍ଷକତା କରିବାକୁ ବାହାରିଆସିଲେ । ଏହି ଜାତୀୟ ବିଦ୍ୟାଳୟରେ ୨୦ ଜଣ ଛାତ୍ର ଅଧ୍ୟୟନ କଲେ । ୧୯୨୧ ମାର୍ଚ୍ଚ ୨୧ ଆଶାରେ ଗୋପବନ୍ଧୁ ଚୌଧୁରୀ ଡେପୁଟି କଲେକ୍ଟର କାର୍ଯ୍ୟ ତ୍ୟାଗ କରିଥିଲେ ବୋଲି ସୂଚିତ । କିନ୍ତୁ ସେ ଅନ୍ୟ ବ୍ୟବସାୟ କରିବା ଉଦ୍ଦେଶ୍ୟରେ କାର୍ଯ୍ୟତ୍ୟାଗ କରିଥିବାର କଥା ପ୍ରକାଶ ପାଇଥିଲା । ପରେପରେ ସେ ମଧ୍ୟ ଅସହଯୋଗୀ ହୋଇଗଲେ ।



Source: Author, Digitized by PPRACHIN, SOA

॥ ୪ ॥

ଏହିପରି ଅସହଯୋଗ ଚହଲ ଓଡିଶାରେ ପ୍ରସାରିତ ହେବାବେଳକୁ ୧୯୨୧ ମାର୍ଚ୍ଚ ୨୩ରୁ ୨୯ ମଧ୍ୟରେ ମହାତ୍ମାଗାନ୍ଧିଙ୍କର ପ୍ରଥମ ଓଡିଶା ଗସ୍ତ ଏହାର ଭିତ୍ତିକୁ ସୁଦୃଢ କଲା ।(ଦାଶ କୈଳାସ ଚନ୍ଦ୍ର, ୨୦୨୧,ଝଙ୍କାର,୭୨/୧୨, ପୃ-୯୪୨-୯୪୩) ମହାତ୍ମା ଗାନ୍ଧିଙ୍କ ପ୍ରଥମ ଓଡିଶା ଗସ୍ତ ଓଡିଶାର ସାମାଜିକ-ରାଜନୀତିକ ଇତିହାସର ଏକ ଅବିସ୍ମରଣୀୟ ଘଟଣା । ସାପ୍ତାହିକ ଆଶାର ୧୯୨୧ ଏପ୍ରିଲ ୪ ସଂଖ୍ୟାରେ ସମ୍ପାଦକୀୟ ମତରେ ତାଙ୍କର ଓଡିଶା ଆଗମନ ଓଡିଶା ଓ ଓଡିଆଙ୍କ ପକ୍ଷେ ଏକ ପ୍ରଧାନ ସୌଭାଗ୍ୟର ବିଷୟ ବୋଲି ସୂଚିତ । "ଅସହଯୋଗ ଉଦ୍ୟମର ପ୍ରସାର ହେଉ ବା ନହେଉ ଓଡିଶା ଓ ଓଡିଆଙ୍କ ପ୍ରତି ମହାତ୍ମାଙ୍କ ପରି ଜଣେ ପ୍ରତିଭାସମ୍ପନ୍ନ ଓ ପ୍ରଭାବଶାଳୀ ରାଜନୈତକ ନେତାଙ୍କ ଦୃଷ୍ଟି ପଡିବା ଏକ ବିଶେଷ ଲାଭର କଥା । ଓଡିଶା ଚତୁର୍ଦ୍ଦିଗରେ ଜଳବେଷ୍ଟିତ ଦ୍ୱୀପପରି ଭାରତରୁ ଏକ ପ୍ରକାର ବିଛିନ୍ନ ହୋଇରହିଥିଲା । ଓଡିଆ ନେତାମାନେ ଭାରତୀୟ ଆନ୍ଦୋଳନମାନଙ୍କରେ ଯୋଗ ଦେଉନଥିଲେ । ଓଡିଆ ସମସ୍ୟାମାନ ମହାଭାରତୀୟ ସମସ୍ୟା ମଧ୍ୟରେ ପରିଗଣିତ ହେଉନଥିଲା । ବୃହତ୍ତର ଓ ଉଚ୍ଚତର ଜାତୀୟତାର ସ୍ପନ୍ଦନ ଓଡିଶାରେ ଦେଖାନଯିବାରୁ ଭାରତୀୟ ନେତାମାନେ ଓଡିଶା ଓ ଓଡିଆ ଲୋକଙ୍କୁ ଅଜ୍ଞାତ ଭାବରେ ଉପେକ୍ଷା କରୁଥିଲେ । ଏପରି ଅବସ୍ଥାରେ ମହାତ୍ମା ଗାନ୍ଧିଙ୍କ ଓଡିଶା ଆଗମନ ଓଡିଆ ଜାତୀୟତାର ବିକାଶ ପାଇଁ ଉଦ୍ଦିଷ୍ଟ ଥିଲା । ଏ ପର୍ଯ୍ୟନ୍ତ ଓଡିଶା ଏକ ଭୌଗୋଳିକ ଆୟତନ ହୋଇରହିଥିଲା । ମହାତ୍ମା ଗାନ୍ଧିଙ୍କ ଆଗମନ ଓଡିଶାକୁ ଏକ ରାଜନୈତିକ ସତ୍ତା ଦେଇପାରିଥିଲା ।"

୧୯୨୧ ମାର୍ଚ୍ଚ ମାସ ୨୩ ତାରିଖ ସକାଳରେ କଟକ ଷ୍ଟେସନ୍‌ଠାରେ ସସ୍ତ୍ରୀକ ମହାତ୍ମା ପଦାର୍ପଣ କଲେ । ତାଙ୍କ ଆଗମନ ସମ୍ବାଦ ପାଇ ତାଙ୍କର ଅଭ୍ୟର୍ଥନା ନିମନ୍ତେ ଦଶ ହଜାର ଲୋକ ସମବେତ ହୋଇଥିଲେ । ସସ୍ତ୍ରୀକ ଗାନ୍ଧିଙ୍କୁ ମଟରରେ ବସାଇ ଶୋଭାଯାତ୍ରା କରାଯାଇଥିଲା । ସଂକୀର୍ତ୍ତନ ଦଳ ଶୋଭାଯାତ୍ରାରେ ମହାତ୍ମାଙ୍କୁ ନେଇ ଉତ୍କଳ ସ୍ୱରାଜ୍ୟାଶ୍ରମରେ ରହିବା ପାଇଁ ପହଞ୍ଚାଇଦେଇଥିଲେ । ସେଦିନ ସନ୍ଧ୍ୟା ପାଞ୍ଚ ଘଣ୍ଟା ସମୟରେ କାଠଯୋଡି ନଦୀବାଲିରେ ୧୦ ହଜାର ଲୋକଙ୍କ ସମାଗମରେ ଏକ ବିରାଟ ସଭାରେ ମହାତ୍ମା ଅସହଯୋଗ ନୀତି, ଲୋକମାନଙ୍କର ଦୂରବସ୍ଥା ଓ କର୍ତ୍ତବ୍ୟ ସମ୍ପର୍କରେ ଦୀର୍ଘ ବକ୍ତୃତା ଦେଇଥିଲେ । ତାପରେ ରାତ୍ର ଆଠ ଘଣ୍ଟା ସମୟରେ ସ୍ୱରାଜ୍ୟାଶ୍ରମରେ ମାରବାଡି,



Source: Author, Digitized by PPRACHIN, SOA

ଗୁଜରାଟି ଏବଂ ଅନ୍ୟାନ୍ୟ କେତେକ ବ୍ୟବସାୟୀ ଦଳବଦ୍ଧ ହୋଇ ମହାତ୍ମାଙ୍କ ସହିତ ସାକ୍ଷାତ ଓ କଥୋପକଥନ କରି ଉପଦେଶ ପାଇଥିଲେ। ମାର୍ଚ୍ଚ ୨୪ ତାରିଖ ସକାଳେ ମହାତ୍ମା କଟକରେ କଦମରସୁଲ୍ ମସଜିଦ୍‌ଠାରେ ଖିଲାଫତ୍ ପ୍ରସଂଗରେ ବକ୍ତୃତା ଦେଇ ଉତ୍ସାହିତ କରିଥିଲେ। ଦିନ ଦୁଇ ଘଣ୍ଟା ସମୟରେ ମହାତ୍ମା ବିନୋଦବିହାରୀ ମନ୍ଦିରଠାରେ ମହିଳାମାନଙ୍କ ସଭାରେ ସସ୍ତ୍ରୀକ ଯୋଗଦାନ କରି ଭାରତୀୟ ନାରୀ ଜାତିର କର୍ତ୍ତବ୍ୟ ସମ୍ପର୍କରେ ଭାଷଣ ଦେଇଥିଲେ। ସେଦିନ ସନ୍ଧ୍ୟା ୬ ଘଣ୍ଟା ବେଳେ କାଠଯୋଡ଼ି ନଦୀବାଲିରେ ପୁନଶ୍ଚ ଏକ ସଭାରେ ଛାତ୍ରମାନଙ୍କୁ ବିଶେଷ ଉପଦେଶ ଦେଇଥିଲେ। ୨୪ ରାତ୍ର ପାସେଞ୍ଜର ଗାଡ଼ିରେ ମହାତ୍ମା ଭଦ୍ରଖ ଯାତ୍ରା କରିଥିଲେ। ଭଦ୍ରଖରେ ପ୍ରାୟ ସାତ ହଜାର ଲୋକଙ୍କ ସମାଗମରେ ସଭାରେ ମୁସଲମାନମାନଙ୍କୁ ଖିଲାଫତ୍ କମିଟି ସ୍ଥାପନ କରିବାକୁ ଉପଦେଶ ଦେଇଥିଲେ। ସେଦିନ ରାତ୍ରରେ ପୁରୀ ଏକସ୍‌ପ୍ରେସ୍ ଗାଡ଼ିରେ ସତ୍ୟବାଦୀ ସାକ୍ଷୀଗୋପାଳ ଯାତ୍ରା କରିଥିଲେ। ମହାତ୍ମା ୨୬ ତାରିଖ ସକାଳେ ୬ ଘଣ୍ଟା ୩୦ ମିନିଟ୍ ସମୟରେ ସତ୍ୟବାଦୀ ଷ୍ଟେସନରେ ଉପସ୍ଥିତ ହେଲେ। ସେଠାରେ ସତ୍ୟବାଦୀ ସ୍କୁଲ୍‌ର ଛାତ୍ର ତଥା ଶିକ୍ଷକମାନେ ଏବଂ ୩/୪ ହଜାର ଲୋକ ମହାତ୍ମାଙ୍କ ଅଭ୍ୟର୍ଥନା ନିମନ୍ତେ ଯୋଗଦେଇଥିଲେ। ମହାତ୍ମା ସତ୍ୟବାଦୀ ସ୍କୁଲ ଗୃହରେ ରହିଥିଲେ। ସକାଳ ଦଶଘଣ୍ଟା ସମୟରେ ଛାତ୍ର ଏବଂ ଶିକ୍ଷକମାନଙ୍କୁ ଉପଦେଶ ଦେଇଥିଲେ। ଅପରାହ୍ନ ୨ ଘଣ୍ଟା ବେଳେ ୮/୯ ହଜାର ଲୋକଙ୍କ ଉପସ୍ଥିତିରେ ସେଠାରେ ଏକ ସଭା ହୋଇଥିଲା। ମହାତ୍ମା ଅସହଯୋଗ ନୀତି ସମ୍ପର୍କରେ ସେଠାରେ ଭାଷଣ ଦେଇଥିଲେ। ଦିନ ୩ ଘଣ୍ଟା ୩୦ ମିନିଟ୍ ସମୟରେ ସାକ୍ଷୀଗୋପାଳଙ୍କୁ ଦର୍ଶନ କରି ରେଳରେ ପୁରୀ ଯାତ୍ରା କରିଥିଲେ। ପୁରୀ ଷ୍ଟେସନଠାରେ ୪ ଘଣ୍ଟା ୩୦ ମିନିଟ୍ ବେଳେ ଉପସ୍ଥିତ ହେଲେ। ତାଙ୍କର ଅଭ୍ୟର୍ଥନା ନିମନ୍ତେ ୬୦/୭୦ ହଜାର ଲୋକ ଜମା ହୋଇଥିଲେ। ସମସ୍ତେ ଶୋଭାଯାତ୍ରା କରି ଜଗନ୍ନାଥ ମନ୍ଦିର ଆଡ଼କୁ ତାଙ୍କୁ ନେଇଗଲେ। ସେତିକିବେଳେ ବଡ଼ଦେଉଳରୁ ପୁରୁଣା ଧ୍ୱଜ ଖସି ପଡ଼ିବାରୁ ନୂତନ ଧ୍ୱଜା ସ୍ଥାପନ କରାଯାଇଥିଲା। ମହାତ୍ମା ୬ ଘଣ୍ଟା ୩୦ ମିନିଟ୍ ସମୟରେ ସାଗର ତଟବର୍ତ୍ତୀ ତାଙ୍କ ନିମିତ୍ତ ନିର୍ଦ୍ଦିଷ୍ଟ ବସାଗୃହରେ ଉପସ୍ଥିତ ହେଲେ। ୨୭ ତାରିଖ ସକାଳେ ଜଗନ୍ନାଥ ଦର୍ଶନ କରି ଉପରବେଳା ୪ ଘଣ୍ଟାବେଳେ ମହିଳା ସଭାରେ ଯୋଗ ଦେଇଥିଲେ। ପୁରୀ ଦୁର୍ଭିକ୍ଷ ପ୍ରପୀଡ଼ିତ ପ୍ରାୟ ଆଠ ଶତ ଲୋକ ତାଙ୍କୁ ଦର୍ଶନ କରିବାକୁ ଆସିଥିଲେ। ସେମାନଙ୍କର ହାଡ଼ମାଳ ଦେଖି ଗଭୀର ଦୁଃଖ ପ୍ରକାଶ କରି ସେମାନଙ୍କର ଖାଇବା ନିମନ୍ତେ ନଗଦ ଏକ ଶତ ଟଙ୍କା ପ୍ରଦାନ କରିଥିଲେ। ସେଦିନ



Source: Author, Digitized by PPRACHIN, SOA

ସନ୍ଧ୍ୟା ଛଘଣ୍ଟାବେଳେ ଗୁଣ୍ଡିଚାଘର ନିକଟ ସରଧାବାଲିରେ ଏକ ସାଧାରଣ ସଭାରେ ମହାତ୍ମା ପ୍ରାୟ ଦେଢଘଣ୍ଟାକାଳ ସ୍ୱଧର୍ମରକ୍ଷା ଓ ଅସହଯୋଗ ନୀତି ସମ୍ବନ୍ଧରେ ବକ୍ତୃତା ଦେଇଥିଲେ। ଏହା ଭିନ୍ନ ଜଗନ୍ନାଥ ଦେବଙ୍କ ବ୍ୟବହାର ନିମନ୍ତେ ଦେଶୀ ବଦଳରେ ହାତକଟା ସୂତାରେ ପ୍ରସ୍ତୁତ ଦେଶୀ ଖଦି ଲୁଗା ଚଳାଇବାକୁ ଅନୁରୋଧ କରିଥିଲେ। ବର୍ତ୍ତମାନ ବ୍ୟବହାର ନିମନ୍ତେ ସେ ନୂଆ ଖଦୀ ଦେବାକୁ ଅଙ୍ଗୀକାର କରିଥିଲେ। ସଭା ଭଙ୍ଗପରେ ସେ ପୁରୀ ମହାରାଜାଙ୍କ ସହିତ ଏକାନ୍ତରେ ସାକ୍ଷାତ କରି ଜଗନ୍ନାଥ ଦେବଙ୍କୁ ଦେଶୀ ଖଦି ବ୍ୟବହାର କରାଇବା ନିମନ୍ତେ କହିଥିଲେ। ସେ ମଧ୍ୟ ପୁରୀରେ ସଖିଚାନ୍ଦଙ୍କ ଅନାଥାଶ୍ରମ ଏବଂ ଆଶ୍ରମପାଳିତ ବ୍ୟକ୍ତିମାନଙ୍କ ହସ୍ତପ୍ରସ୍ତୁତ ଶିଳ୍ପକାର୍ଯ୍ୟମାନ ଦେଖି ଆନନ୍ଦିତ ହୋଇଥିଲେ। ସେ ୨୭ ତାରିଖ ରାତ୍ରରେ ପୁରୀ ମହାରାଜାଙ୍କ ସାକ୍ଷାତପରେ ମୌନବ୍ରତ ଆରମ୍ଭ କଲେ। ସନ୍ଧ୍ୟା ଏକସ୍‌ପ୍ରେସ୍ ଗାଡିରେ ଖୋରଧା ଷ୍ଟେସନରେ ପହଞ୍ଚିଲେ। ଖୋରଧାଠାରୁ ଡାକଗାଡିରେ ବାହାରି ଚିଲିକାର ଶୋଭା ଦର୍ଶନ କଲେ। ସକାଳ ଆଠଘଣ୍ଟାବେଳେ ବ୍ରହ୍ମପୁର ଷ୍ଟେସନରେ ମହାତ୍ମା ପହଞ୍ଚିଲେ।

ସେତେବେଳେ କେବଳ ବ୍ରହ୍ମପୁର ନୁହେଁ ଗଂଜାମ ଜିଲାର ନାନା ସ୍ଥାନର ଓଡିଆ ତେଲଙ୍ଗା ଓ ମୁସଲମାନ ଜାତିର ପ୍ରାୟ ୩୦ ହଜାର ଲୋକ ଷ୍ଟେସନଠାରେ ସମବେତ ହୋଇଥିଲେ। ମହାତ୍ମାଙ୍କୁ ମଟରରେ ବସାଇ ଶୋଭାଯାତ୍ରା କରି ଆଣି ଓକୀଲ ମଧୁସୂଦନ ପାଣିଗ୍ରାହୀଙ୍କ କୋଠିରେ ବିଶ୍ରାମ କରାଇଥିଲେ। ତାଙ୍କୁ ଦେଖିବାକୁ ଲୋକମାନେ ବିଶେଷ ବ୍ୟାକୂଳତା ପ୍ରକାଶ କରିବାରୁ ମହାତ୍ମା କୋଠାଛାତରେ ଛିଡାହୋଇ ସମସ୍ତଙ୍କ ଆକାଂକ୍ଷା ପୂରଣ କରିଥିଲେ। ତାପରେ ସେ ମୋଟରରେ ବସି ସହର ପରିଦର୍ଶନ କରିଥିଲେ। ଦଶଘଣ୍ଟାବେଳେ ସେ ଖଲିକୋଟ ଡାଏମଣ୍ଡ୍ ଜୁବିଲୀ ଟାଉନ୍‌ହଲରେ ଉପସ୍ଥିତ ହୋଇ ସ୍ଥାନୀୟ ମୁନିସ୍‌ପାଲ୍‌ଟି ପ୍ରଦତ୍ତ ଅଭିନନ୍ଦନ ପତ୍ର ଗ୍ରହଣ କରିଥିଲେ। ଉକ୍ତ ଅଭିନନ୍ଦନ ପତ୍ର ଇଂରାଜୀ ବଦଳରେ ଓଡିଆ ବା ତେଲେଙ୍ଗାରେ ଲିଖିତ ହେବା ଉଚିତ ବୋଲି କହିଥିଲେ। ମହାତ୍ମା ଗାନ୍ଧି ଅଭିନନ୍ଦନ ପତ୍ର ଗ୍ରହଣ ପରେ ବସାକୁ ଆସି ଅପରାହ୍ନ ଏକ ଘଣ୍ଟା ପର୍ଯ୍ୟନ୍ତ ବିଶ୍ରାମ କରିଥିଲେ। ଏକ ଘଣ୍ଟାଠାରୁ ଦୁଇ ଘଣ୍ଟା ତିରିସ୍ ମିନିଟ୍ ପର୍ଯ୍ୟନ୍ତ ଭଦ୍ରବ୍ୟକ୍ତିମାନଙ୍କୁ ସାକ୍ଷାତପ୍ରଦାନ ଏବଂ ଦେଶମିଶ୍ରଣ ପ୍ରସଂଗରେ କଥୋପକଥନ, ଦୁଇଘଣ୍ଟା ତିରିସ୍ ମିନିଟଠାରୁ ତିନି ଘଣ୍ଟା ତିରିସ୍ ମିନିଟ୍ ପର୍ଯ୍ୟନ୍ତ ଖିଲାଫତ୍ ପ୍ରସଂଗର ଆଲୋଚନା କରିଥିଲେ। ତାପରେ ଟାଉନ୍‌ହଲ୍‌ରେ ମହିଳାମାନଙ୍କ ସଭାରେ ଯୋଗଦାନ କରିଥିଲେ। ସନ୍ଧ୍ୟାବେଳେ ସହରର ସୁପ୍ରଶସ୍ତ ବାରାକସ୍ ପଡିଆରେ ଏକ ବିରାଟ ସଭା ହୋଇଥିଲା। ସଭାରେ ପ୍ରାୟ ୪୦



Source: Author, Digitized by PPRACHIN, SOA

ହଜାର ଲୋକ ଯୋଗଦାନ କରିଥିଲେ। ଏହି ସଭାରେ ବିଭିନ୍ନ ଚାଷୀଲୋକ ଥିବା ହେତୁ ମହାତ୍ମା ପ୍ରଥମେ ଇଂରାଜୀରେ ଏବଂ ପରେ ହିନ୍ଦିରେ ଦେଶବାସୀମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ସୁଦୀର୍ଘ ବକ୍ତୃତା ପ୍ରଦାନ କରିଥିଲେ। ଏହି ସଭାରେ ବ୍ରହ୍ମପୁର ଟ୍ରେନିଂ ସ୍କୁଲର ଶିକ୍ଷକ ଦୟାନିଧି ମିଶ୍ର ମାସିକ ଏକଶତ ପଚିଶ ଟଙ୍କା ବେତନର ମମତା ତ୍ୟାଗ କରି ଅସହଯୋଗ ନୀତି ଅବଲମ୍ବନ କରିବା ସମ୍ବାଦ ବିଘୋଷିତ ହୋଇଥିଲା। ଏହା ଭିନ୍ନ ଏକ ତେଲେଙ୍ଗା ଯୁବକ ଦଶ ହଜାର ଟଙ୍କାର ସମ୍ପତ୍ତି ଏବଂ ଆଉ ଜଣେ ଦୁଇ ହଜାର ଟଙ୍କାର ସମ୍ପତ୍ତି ତିଳକ ସ୍ୱରାଜ ଫଣ୍ଡକୁ ଦାନ କରିବାକୁ ସଭାରେ ସ୍ୱୀକାର କରିଥିଲେ। ସଭା ଶେଷପରେ ମହାତ୍ମା ରାତ୍ର ଆଠଘଣ୍ଟା ବେଳେ ରେଳରେ ବସି ବିଶାଖାପାଟଣା ଅଭିମୁଖେ ଯାତ୍ରାକଲେ।

୧୯୨୧ ଏପ୍ରିଲ ମାସରେ ଅସହଯୋଗର ଗତି ପ୍ରଖର ହେଲା। ଦଳକୁ ଦଳ ଅସହଯୋଗୀ କଟକ, ସମ୍ବଲପୁର ଏବଂ ବ୍ରହ୍ମପୁରଠାରେ ପ୍ରଚାର କରିବାକୁ ଲାଗିଲେ। ଗୋପବନ୍ଧୁ ଦାସଙ୍କର ବ୍ୟାପକ ଅସହଯୋଗ ପ୍ରଚାର ଯୋଗୁଁ ତାଙ୍କୁ ଉତ୍କଳର ଗାନ୍ଧି ବୋଲି ଗ୍ରହଣ କରାଯାଇଥିଲା।(ଆଶା, ଏପ୍ରିଲ ୧୮, ୧୯୨୧) ସେସମୟରେ ହିତବାର୍ତ୍ତା ଖବରକାଗଜ ମହାତ୍ମାଗାନ୍ଧି ଦେବାବତାର ବୋଲି ପ୍ରକାଶ କରିଥିଲା। ଏହି ପତ୍ରିକାରେ ମଧ୍ୟ ଗାନ୍ଧିଙ୍କ ସଂଗେ ଜଗନ୍ନାଥ ଅସହଯୋଗ ପ୍ରଚାର ପାଇଁ ଯାଇଥିବାର ପ୍ରକାଶ କରାଯାଇଥିଲା। ୧୯୨୧ ମେ ମାସରେ ସମ୍ବଲପୁର ମିଶ୍ର ପ୍ରେସରୁ ସେବା ନାମକ ଗୋଟିଏ ସମ୍ବାଦପତ୍ର ପ୍ରକାଶ ପାଇଥିଲା। ପଣ୍ଡିତ ଧରଣୀଧର ମିଶ୍ର ଏହାର ପ୍ରକାଶକ, ନୀଳକଣ୍ଠ ସମ୍ପାଦକ ଥିଲେ। ସେବା ବର୍ଜ୍ଜନବାଦ ପ୍ରଚାର ସହିତ ସ୍ୱରାଜ୍ୟପାଇଁ ପ୍ରୟାସ କରିଥିଲା। (ଆଶା,ମେ ୨୩, ୧୯୨୧) ଉତ୍କଳ ସେବକ ପତ୍ରିକା ଗାନ୍ଧିଦଳ ଅସହଯୋଗର ଅନ୍ୟାନ୍ୟ ବିଷୟମାନଙ୍କ ମଧ୍ୟରେ ପଞ୍ଚାୟତ ସ୍ଥାପନକୁ ବିଶେଷ ଗୁରୁତ୍ୱ ଦେଇଥିବାର କଥା ପ୍ରକାଶ କରିଥିଲେ। ଗୋପବନ୍ଧୁ ଦାସ ଉତ୍କଳରେ ଅସହଯୋଗ ନୀତି ପ୍ରଚାର କରୁଥିବାରୁ ତାଙ୍କ ସମ୍ପାଦିତ ସମାଜ ବର୍ଜ୍ଜନବାଦୀଙ୍କର ମୁଖପତ୍ର ସ୍ୱରୂପ କାର୍ଯ୍ୟ କରୁଥିଲା। ଅସହଯୋଗର ପ୍ରସାର ସହିତ ଏହାର ସମାଲୋଚନା ମଧ୍ୟ ବଢିଯାଇଥିଲା। ମେ ୩୦, ୧୯୨୧ ଆଶାରେ କୁହାଯାଇଥିଲା-"ଅସହଯୋଗ ମୂଳରେ ଏକଆଡେ ବୈରାଗ୍ୟର ଜୀବନକ୍ଷୟକାରୀ ଅବସାଦ, ଅନ୍ୟଆଡେ ନିରର୍ଥକର ଧ୍ୱଂସପାଇଁ ବିକଟ ଉଲ୍ଲାସ। ଦେଶ ଉନ୍ନତି, ରାଷ୍ଟ୍ର ଉନ୍ନତି ପାଇଁ ଏହି ଆଦର୍ଶ ପ୍ରକୃଷ୍ଟ ନୁହେଁ।"



Source: Author, Digitized by PPRACHIN, SOA

ମହାତ୍ମାଗାନ୍ଧିଙ୍କ ଅସହଯୋଗ ପ୍ରଚାର ପାଇଁ ୧୯୨୧ ମଧ୍ୟଭାଗରୁ ଶେଷ ମଧ୍ୟରେ ଅନେକ ପ୍ରଚାରପତ୍ର/ପୁସ୍ତିକା ଓଡିଆରେ ପ୍ରକାଶ କରାଯାଇଥିଲା। ୧୯୨୧ ଅକ୍ଟୋବର ସୁଦ୍ଧା ଅସହଯୋଗୀ ଗୋବିନ୍ଦ ମିଶ୍ର "ସ୍ୱରାଜ୍ୟ ମିଳିବ କିପରି ?"ଏକ ପ୍ରଚାରପତ୍ର ବଣ୍ଟନ କରାଇଥିଲେ। (ଏହାର ଗୋଟିଏ କପି ପ୍ରଫେସର ଗଗନେନ୍ଦ୍ରନାଥ ଦାଶ ଯୋଗାଇଦେଇଥିବାରୁ ତାଙ୍କ ନିକଟରେ ଲେଖକ କୃତଜ୍ଞ।) ସେଥିରେ ସେ ସ୍ୱରାଜ୍ୟ ଲାଭର ନାନା ପନ୍ଥା ଉପରେ ଚର୍ଚ୍ଚା କରିଥିଲେ। ଆତ୍ମଶକ୍ତି ବଳରେ ସ୍ୱରାଜ୍ୟ ଲାଭ ହେବ ବୋଲି ସେ ସୂଚାଇଦେଇଥିଲେ। ଅସହଯୋଗ ଆନ୍ଦୋଳନ ପର୍ଯ୍ୟାୟରେ ହରେକୃଷ୍ଣ ମହତାବ ପ୍ରତିବାଦୀ ନେତା ହିସାବରେ ମୁଣ୍ଡ ଟେକିଥିଲେ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ହିସାବରେ ବିପ୍ଳବାତ୍ମକ ଅସହଯୋଗ ଚିନ୍ତାଧାରାର ପ୍ରସାର କରାଇ ମହତାବ୍ ବ୍ରିଟିଶ୍ ସରକାରଙ୍କ ବିରୋଧି ଥିଲେ। ୧୯୨୨ରେ ବିପ୍ଳବାତ୍ମକ ପୁସ୍ତିକା ଲୋକମାନଙ୍କ ମଧ୍ୟରେ ପ୍ରସାର କରାଇ ଜନତାଙ୍କୁ ବିଦ୍ରୋହର ଅନଳ ମନ୍ତ୍ରରେ ମନ୍ତ୍ରିତ କରିଥିଲେ। ସାତ ଆଠ ମାସ ମଧ୍ୟରେ(ମାର୍ଚ୍ଚ ୧୯୨୨ ସୁଦ୍ଧା) ବାଲେଶ୍ୱର ସ୍ୱରାଜ ଆଶ୍ରମରୁ ହାତଲେଖା ପ୍ରଚାର ପତ୍ର ସ୍ୱରାଜ ସମ୍ପର୍କରେ ପ୍ରସାରିତ କରାଇ ଉପନିବେଶୀ ଶକ୍ତି ଉପରେ କୁଠାରଘାତ କରିଥିଲେ। ୧୯୨୧ ନଭେମ୍ବର ୮ରେ ସ୍ୱରାଜ ସମାଚାର ନାମକ ପ୍ରଚାର ପତ୍ର ପ୍ରଥମେ ବାଣ୍ଟି ବ୍ରିଟିଶ୍ ସରକାରଙ୍କ ଦୃଷ୍ଟିକୁ ଆସିଲେ। ସେହିପରି ନଭେମ୍ବର ୯ରେ ସ୍ୱରାଜ ସମାଚାର ମଧ୍ୟ ଜନତାଙ୍କୁ ଉପନିବେଶ ବିରୋଧୀ ଚିନ୍ତାରେ ଦୀକ୍ଷିତ କରିଥଲେ। ସେ ସମସ୍ତ ପ୍ରଚାର ପତ୍ରକୁ ସରକାର ବାଜ୍ୟାପ୍ତ କରିବା ସଂଗେ ସଂଗେ ମହତାବଙ୍କୁ ଦଣ୍ଡ ଦେବାକୁ ବ୍ୟବସ୍ଥା କରିଥିଲେ। ସେପରି ପ୍ରତିକୂଳ ପରିସ୍ଥିତିରେ ସେ ବେଶ୍ ସାହାସର ସହିତ ଗାନ୍ଧୀଙ୍କ ଅସହଯୋଗ ପନ୍ଥାର ପ୍ରଚାର କରିଥିଲେ। ସେହିପରି ଯଦୁମଣୀ ମଙ୍ଗରାଜ ମଧ୍ୟ ଅସହଯୋଗ ପ୍ରଚାରରେ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଥିଲେ। ଏହି କାଳରେ ଅସହଯୋଗ ଆଦର୍ଶରେ ଅନୁପ୍ରାଣିତ ହୋଇ ଚୌଦ୍ୱାରର ସାଧୁଚରଣ ନାଏକ ଅହମ୍ମଦାବାଦ ସତ୍ୟାଗ୍ରହ ଆଶ୍ରମରେ ଖଦୀ କାର୍ଯ୍ୟ ଶିକ୍ଷା କରିବାକୁ ଯାଇ ଖଦଡ ଶିକ୍ଷାକୁ ଶ୍ରେଷ୍ଠ କର୍ତ୍ତବ୍ୟ ମନେକରିଥିଲେ।

୧୯୨୨ ମସିହା ଫେବୃଆରୀ ସୁଦ୍ଧା ଅସହଯୋଗ ଆନ୍ଦୋଳନ ଓଡିଶାରେ ପ୍ରସାରିତ ହୋଇଥିଲା। ଏହି କାଳରେ ଜଗତ୍‌ସିଂହପୁର ଠାରେ ଗୋଟିଏ ଜାତୀୟ ସ୍କୁଲ ପ୍ରତିଷ୍ଠା ହୋଇଥିଲା।(ଆଶା, ଫେବୃଆରୀ ୨୦, ୧୯୨୨) ଅଳକା ନଦୀ ତଟରେ ସ୍କୁଲଟି ସ୍ଥାପିତ ହୋଇଥିବାରୁ ତାହାର ନାମ ଅଳକାଶ୍ରମ ଥିଲା। ଖୋଲା ଜାଗାରେ



Source: Author, Digitized by PPRACHIN, SOA

ସତ୍ୟବାଦୀ ବନବିଦ୍ୟାଳୟ ଆଦର୍ଶରେ ଏହା ପରିଚାଳିତ ହୋଇଥିଲା । ସୂତାକଟା ଲୁଗାବୁଣା ଶିକ୍ଷା ଦିଆଯାଇଥିଲା । ଏହି ସ୍କୁଲ ପ୍ରତିଷ୍ଠା ଦିଗରେ ଅସହଯୋଗୀ ଗୋପବନ୍ଧୁ ଚୌଧୁରୀ, ଭାଗିରଥୀ ମହାପାତ୍ର ଏବଂ ପ୍ରାଣକୃଷ୍ଣ ପଢ଼ିଆରୀଙ୍କ ଭୂମିକା ଅବିସ୍ମରଣୀୟ । ମହାତ୍ମାଗାନ୍ଧିଙ୍କ ୧୯୨୧ ମାର୍ଚ୍ଚମାସରେ ଓଡ଼ିଶା ଆଗମନକୁ ସ୍ମରଣ କରିବାପାଇଁ ଗୋପବନ୍ଧୁ ଦାସ ଏବଂ ତାଙ୍କର ଅସହଯୋଗୀ ବନ୍ଧୁମାନଙ୍କର ଉଦ୍ୟମରେ ମାର୍ଚ୍ଚ ୨୩, ୧୯୨୨କୁ ଗାନ୍ଧି ଦିବସରୂପେ ପାଳନ କରିବାକୁ ଉଦ୍ୟମ ହୋଇଥିଲା । ଏହି ଦିନ ଆପଣା ଆପଣା ଇଷ୍ଟଦେବତାଙ୍କ ନିକଟରେ ସ୍ୱରାଜ ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କରିବାକୁ ଅନୁରୋଧ କରାଯାଇଥିଲା । (ଆଶା, ଫେବୃଆରୀ ୨୦, ୧୯୨୨) ଏହି ସ୍ୱରାଜ ବ୍ରତ ପାଳନ ନିମନ୍ତେ ଅନ୍ତତଃ ତମ୍ବା ପଇସାଟିଏ ଲେଖାଁଏ କଂଗ୍ରେସ କମିଟିକୁ ଦେବା ପାଇଁ ଗୋପବନ୍ଧୁ ନିବେଦନ କରିଥିଲେ । ୧୯୨୨ ମାର୍ଚ୍ଚ ସୁଦ୍ଧା କଲିକତାର ହିତବାଦୀ ଅନୁସାରେ ଓଡ଼ିଶାରେ ୧୦୦ ଜଣ କଲେଜ ଛାତ୍ର ଏବଂ ୧୦୦ ଜଣ ବିଦ୍ୟାଳୟ ଛାତ୍ର ସରକାରୀ ଅନୁଷ୍ଠାନ ପରିତ୍ୟାଗ କରିଥିଲେ । (ଆଶା, ମାର୍ଚ୍ଚ ୨୭, ୧୯୨୨) ପୁରୀର ସତ୍ୟବାଦୀ ବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟରେ ପରିଣତ କରାଯାଇଥିଲା । ଜଗତ୍‌ସିଂହପୁର, ସମ୍ବଲପୁର ଏବଂ କଟକରେ ଗୋଟିଏ ଲେଖାଁଏ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା । ଭଦ୍ରଖ, ସୋରୋ, କେନ୍ଦ୍ରାପଡ଼ାଠାରେ ଜାତୀୟ ମଧ୍ୟ ଇଂରାଜୀ ବିଦ୍ୟାଳୟ ଏବଂ ସ୍ଥାନେସ୍ଥାନେ ଶ୍ରମଜୀବୀମାନଙ୍କ ସକାଶେ ନୈଶବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟ ସଂସ୍ଥାପିତ ହୋଇଥିଲା । ପ୍ରାୟ ଦୁଇ ସହସ୍ର ପଞ୍ଚାୟତ ଅଦାଲତ ସଂସ୍ଥାପିତ ହୋଇଥିଲା । ପ୍ରାୟ ପାଞ୍ଚ ଶତ ଯୁବକ ସ୍ୱେଚ୍ଛାସେବକ ଦଳରେ ଭର୍ତ୍ତି ହୋଇଥିଲେ ଏବଂ ଭାରତୀୟ ଜାତୀୟ ସେବାରେ ପନ୍ଦର ଜଣ ଯୁବକ ନାମ ଲେଖାଇଥିଲେ । କଂଗ୍ରେସରେ ମେମ୍ବର ହୋଇଥିଲେ ୫୪୦୮୫; ପଚାଶ ହଜାର ଚରଖା ଏବଂ ୧୫୦୦ ତନ୍ତ ଚଳୁଥିଲା ।

॥ ୫ ॥

ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ୧୯୨୨ ଏପ୍ରିଲ ବେଳକୁ ଏକ ଜଟିଳ ସମୟ ଦେଇ ଗତିକରିଥିଲା । ଏହାର ପ୍ରଥମ ସୂଚନା ଆଶା ସମ୍ବାଦପତ୍ରରେ ଏପ୍ରିଲ ୩, ୧୯୨୨ରେ ଦୟାନିଧି ମିଶ୍ରଙ୍କ କ୍ଷମାପ୍ରାର୍ଥନାରେ ପ୍ରକାଶିତ । ଦୟାନିଧି ମିଶ୍ର (ଅବିଭକ୍ତ ସମ୍ବଲପୁର ନିବାସୀ), ବ୍ରହ୍ମପୁର ଗୁରୁ ଟ୍ରେନିଂ ସ୍କୁଲ ଶିକ୍ଷକ ସରକାରୀ କାର୍ଯ୍ୟ ତ୍ୟାଗ କରି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । କିନ୍ତୁ ଫେବୃଆରୀ ୧୯୨୨ରେ



Source: Author, Digitized by PPRACHIN, SOA

୧୪୪ ଦଫା ଅମାନ୍ୟ କରିଥିବାରୁ ତାଙ୍କ ନାମରେ ଓ୍ୱାରେଣ୍ଟ ଜାରି ହୋଇଥିଲା । ଏହି ଅବସରରେ ତାଙ୍କ ପିତାଙ୍କ ମୃତ୍ୟୁହେବାରୁ ସେ ସ୍ୱଗ୍ରାମକୁ ଚାଲିଯାଇଥିଲେ । କିନ୍ତୁ ଗଂଜାମକୁ ଫେରି ଗିରଫଦାର ହେବାବେଳେ ଯାମିନ ଦେଇ ଖଲାସ ହୋଇଥିଲେ । ଅସହଯୋଗ ସମ୍ବନ୍ଧରେ ତାଙ୍କର ମତ ମଧ୍ୟ ପରିବର୍ତ୍ତନ ହୋଇଥିଲା । ବିଶେଷତଃ ଭିନ୍ନ କାର୍ଯ୍ୟକ୍ଷେତ୍ରରେ ପ୍ରବେଶ କରିବା ତାଙ୍କ ସରକାରୀ କାର୍ଯ୍ୟତ୍ୟାଗ କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସ୍ୱରାଜ ଲାଭ ନିମନ୍ତେ ଅସହଯୋଗ ଏକମାତ୍ର ପନ୍ଥା ନୁହେଁ ବୋଲି ସେ ମନେକରିଥିଲେ । କ୍ଷମା ପ୍ରାର୍ଥନା କରି ଅସହଯୋଗ ସମ୍ପର୍କ ତୁଟାଇଥିବାର ପ୍ରକାଶ କରିବାରୁ ତାଙ୍କ ପ୍ରତି ହୋଇଥିବା ୧୪୪ ଦଫା ଉଠାଇ ନିଆଯାଇଥିଲା । ଆଶା ସମ୍ବାଦପତ୍ରର ଏପ୍ରିଲ ୨୪, ୧୯୨୨ ସଂଖ୍ୟାର ସମ୍ପାଦକୀୟରେ ଅସହଯୋଗ ବ୍ୟର୍ଥ ଓ ବିଫଳ ହୋଇଥିବାର ମତର ଆଲୋଚନା ଦେଖିବାକୁ ମିଳେ । ସେଥିରେ କୁହାଯାଇଥିଲା-"ଯେଉଁ ଉଦ୍ଦେଶ୍ୟରେ ଅସହଯୋଗ ସୃଷ୍ଟି ହୋଇଅଛି ସେ ଉଦ୍ଦେଶ୍ୟ ଅଦ୍ୟାପି ସିଦ୍ଧ ହୋଇନାହିଁ । ଦେଶ ସ୍ୱରାଜ ଲାଭଆଡକୁ ବେଶି ଅଗ୍ରସର ହୋଇଥିବାର ପ୍ରମାଣ ମିଳିନାହିଁ । ଲୋକେ ଏହି ଆନ୍ଦୋଳନ ଫଳରେ ସ୍ୱରାଜ୍ୟ ଲାଭର ଅଧିକ ଯୋଗ୍ୟ ଓ ଉପଯୁକ୍ତ ହୋଇଥିବାର ଜଣାଯାଇନାହିଁ । ଦେଶରେ ଜାତିଭେଦ ଯେପରି ଥିଲା ସେପରି ଅଛି । ହିନ୍ଦୁ-ମୁସଲମାନ ଏକତା କେବଳ ସଭାସମିତିରେ ବକ୍ତୃତାର ବିଷୟ ହୋଇରହିଅଛି । ହିନ୍ଦୁମାନେ ଯେଉଁ ସ୍ୱରାଜର ସ୍ୱପ୍ନ ଦେଖୁଛନ୍ତି ମୁସଲମାନ କଳ୍ପନାରେ ତାହାନାହିଁ । ସ୍ୱରାଜ ଅର୍ଥରେ ତୁରସ୍କର ସ୍ୱାଧୀନତା ଲାଭ ଏବଂ ଆଧିପତ୍ୟ ବିସ୍ତାର ବୋଲି ମୁସଲମାନ ବୁଝୁଅଛନ୍ତି । ଅସ୍ପୃଶ୍ୟତା ଦୋଷ କେଉଁଠାରୁ ଘୁଞ୍ଚିନାହିଁ । ନିଜେ ଅସହଯୋଗୀ କର୍ମୀମାନେ ଅସ୍ପୃଶ୍ୟତା ପରିହାର କରିନାହାନ୍ତି । ହାତକଟା ସୂତାରେ ହାତତନ୍ତରେ ବୁଣା ଖଦୀ ବ୍ୟବହାର କରିବା ପାଇଁ ଯେଉଁ ପ୍ରୟାସ ହେଉଅଛି ତାହା ଅଦ୍ୟାପି ଯଶସ୍ୱୀ ହୋଇନାହିଁ । ଏହି ଖଦଡ ପ୍ରଚାରରେ ଅସହଯୋଗ ଆନ୍ଦୋଳନ ଯେତେଦୂର କାର୍ଯ୍ୟକାରୀ ହୋଇଅଛି ଅନ୍ୟ ଗଠନଶୀଳ କାର୍ଯ୍ୟକ୍ରମରେ ସେତେଦୂର ଯଶସ୍ୱୀ ହୋଇନାହିଁ ଏହା ସ୍ୱୀକାର କରିବାକୁ ହେବ । ଏହି ଗୋଟିଏ କାର୍ଯ୍ୟରେ ସମସ୍ତ ଚେଷ୍ଟା କେନ୍ଦ୍ରୀଭୂତ କଲେ ଦେଶରେ ଯେ ବହୁତ ମଙ୍ଗଳ ହେବ ଏହା କହିବା ବାହୁଲ୍ୟ ମାତ୍ର ।" ଅସହଯୋଗୀମାନଙ୍କ ମଧ୍ୟରୁ କେହିକେହି ଅସହଯୋଗ ବିସର୍ଜନ କରିଥିଲେ । (ଆଶା, ଜୁନ୍ ୨୬, ୧୯୨୨) ସୋରଡାର ପଞ୍ଚାନନ ମହାପାତ୍ର ଅସହଯୋଗ ଛାଡିଥିବା କଥା ରସଲକୋଣ୍ଡା ସବ୍-ମାଜିଷ୍ଟ୍ରେଟ୍ କୋର୍ଟରେ ଦାଖଲ କରିଥିଲେ । ଏଥିରେ ସୂଚିତ ହୋଇଥିଲା-I joined the non-cooperation movement in an impulse. Now and for



Source: Author, Digitized by PPRACHIN, SOA

sometime since have I changed my views. I have come to realise that non-cooperation is neither the remedy for all my ills nor the way to attain political freedom. This I say out of my firm conviction and experience of the movement.I am sorry, I was misled into it. Anyway I have made up my mind not to have anything with non-cooperation, aggressive or otherwise and I propose not to dabble myself in politics. ସେହିପରି ସମ୍ବଲପୁରର ଭାଗିରଥି ମିଶ୍ର ଓ ଗଣେଷ ପ୍ରସାଦ ପାଢୀ ଅସହଯୋଗ ଛାଡିଲାବେଳେ କହିଥିଲେ-"It is arrogance to think of launching out to serve the whole of India when I am hardly able to serve even my own family. It were better to concentrate my effort upon the family and consider that through them I was serving the whole nation and if you will, the whole of humanity." .(ଆଶା, ଜୁଲାଇ ୩୧, ୧୯୨୨)

ତଥାପି ମଧ୍ୟ ଅସହଯୋଗର ସ୍ରୋତ ଓଡିଶାରେ ପ୍ରବାହିତ ଥିଲା। ଏପ୍ରିଲ ୭ରୁ ୧୩ ପର୍ଯ୍ୟନ୍ତ ଓଡିଶାରେ ଜାତୀୟ ସପ୍ତାହ ପାଳିତ ହୋଇଥିବାର ସମ୍ବାଦ ଆଶା ସମ୍ବାଦପତ୍ରର ଏପ୍ରିଲ ୨୪ ୧୯୨୨ ସଂଖ୍ୟାରେ ପ୍ରକାଶିତ। ଏହି ସପ୍ତାହ ପାଳନ ଗଂଜାମରେ ଚହଳ ପକାଇଦେଇଥିଲା। ସଭା, ଶୋଭାଯାତ୍ରା, ବିଦେଶୀ ଲୁଗାପୋଡି ଓ ହରତାଳ ନିଷିଦ୍ଧ ଥିବା ସତ୍ତ୍ୱେ ଆଦେଶ ଲଂଘନ ହୋଇଥିଲା। ଗଂଜାମର କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ପ୍ରରୋଚନା ଓ ନେତୃତ୍ୱରେ ଆସି ଏହି ଜାତୀୟ ସପ୍ତାହରେ କେତେକ ସ୍ୱେଚ୍ଛାସେବକ ସକ୍ରିୟ ହୋଇଯାଇଥିଲେ। ଗଂଜାମର ସ୍ୱେଚ୍ଛାସେବକ ମଦନମୋହନ ମହାପାତ୍ର, ଶ୍ୟାମସୁନ୍ଦର ସାହୁ , ଭିଖାରୀଚରଣ ଓଡା, ଗଦାଧର ଦାସ, ରଘୁନାଥ ମିଶ୍ର, ସତ୍ୟନାରାୟଣ ପଟ୍ଟନାୟକ, ବାଂଛାନିଧି ପଟ୍ଟନାୟକ ଏବଂ ଅବଦୁର ରହମାନ୍ ଏହି କାଳରେ କଠିନ କାରାବାସ ଦଣ୍ଡ ପାଇଥିଲେ। ପୁରୀରେ ଜଗନ୍ନାଥଙ୍କ ପଣ୍ଡାମାନେ ମହାତ୍ମାଙ୍କର ଅସହଯୋଗ ଉପରେ ଗୁରୁତ୍ୱ ଦେଇଥିବାର କଥା ଆଶା ସମ୍ବାଦପତ୍ରର ଜୁନ୍ ୨୬, ୧୯୨୨ରେ ପୁରୀ ପଣ୍ଡାଙ୍କ ନିବେଦନ ଶୀର୍ଷକ ପତ୍ରରେ ପ୍ରକାଶିତ। କେତେ ଜଣ ପୁରୀ ପଣ୍ଡା ସେଥିରେ ଲେଖିଥିଲେ-"ଭାରତର ନାନାଆଡୁ ଜଗନ୍ନାଥ ଦେବଙ୍କର ଭକ୍ତମାନେ ଅନେକ ଟଙ୍କା ପଇସା ଖର୍ଚ୍ଚ କରି ଏ ତୀର୍ଥସ୍ଥାନକୁ ଆସନ୍ତି। ଜଗନ୍ନାଥ ମହାପ୍ରଭୁଙ୍କଠାରେ ପ୍ରାୟ ପ୍ରତ୍ୟେକ ଯାତ୍ରୀ ନିଜନିଜ ଶକ୍ତି ଅନୁସାରେ ଲୁଗାପଟା, ଟଙ୍କାସୁନା ଆଦି ଦାନ କରିଥାନ୍ତି। ଏସବୁ ଦାନସାମଗ୍ରୀ ପବିତ୍ର ଓ ଶ୍ରୀଜିଉଙ୍କ ଅଙ୍ଗଲାଗି ପାଇଁ ଉପଯୁକ୍ତ ହେବା



Source: Author, Digitized by PPRACHIN, SOA

ଦରକାର । ସେବକ ଓ ପୂଜକଭାବରେ ଆମ୍ଭେମାନେ ନିଜ ଅଭିଜ୍ଞତାରୁ ବୁଝିଲୁ ଯେ ଅଧିକାଂଶ ଯାତ୍ରୀ ଟଙ୍କାପଇସା ଛଡା କେବଳ ଲୁଗାପଟାହିଁ ବିଶେଷଭାବରେ ଦେଇଥାନ୍ତି । ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦେବଙ୍କ ମନ୍ଦିର ପ୍ରତିଷ୍ଠା ସମୟରୁ ଜଗନ୍ନାଥ ମହାପ୍ରଭୁଙ୍କ କୌଣସି ବିଦେଶୀ ଜିନିଷ ବ୍ୟବହାର ହୋଇନାହିଁ । ଦେଶୀୟ ଚିନି, କିରୋସିନ ତେଲ ପ୍ରଭୃତି ଏପର୍ଯ୍ୟନ୍ତି ମନ୍ଦିର ହତା ଭିତରେ ପଶିନାହିଁ । ଏପରିକି ବିଲାତି ଆଳୁ ଗୋଟିଏ ଉତ୍କୃଷ୍ଟ ପରିବା, ଆମ ଦେଶରେ ଯଥେଷ୍ଟ ପରିମାଣରେ ଉତ୍ପନ୍ନ ହେଲାଣି, ତଥାପି କେବଳ ବିଲାତି ଗନ୍ଧ ଦେହରେ ବାଜିଥିବାରୁ ତାହା ଆଜି ପର୍ଯ୍ୟନ୍ତ ଶ୍ରୀଜିଉଙ୍କ ଭୋଗରେ ଲାଗିପାରିନାହିଁ । ମାତ୍ର ବିଶୁଦ୍ଧ ସ୍ୱଦେଶୀ ବସ୍ତ୍ରର ଅଭାବରୁ ଓ ଆମ୍ଭମାନଙ୍କର ହେଳାରୁ ଗଲା ୨୦/୨୫ ବର୍ଷ ହେଲା କ୍ରମେକ୍ରମେ ବିଦେଶୀ ଲୁଗାର ବ୍ୟବହାର ମନ୍ଦିରରେ ଚଳିଆସିଲାଣି । ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସକାଶେ ଖଣ୍ଡପଡା ପ୍ରଭୃତି ଓଡିଶା ଗଡଜାତ ମୁଲକରୁ ଶୁଦ୍ଧ ହାତକଟା ସୂତାରେ ଲୁଗା ତିଆରି ହୋଇ ଆସିବାର ମହାପ୍ରଭୁଙ୍କ ଖଞ୍ଜା ଅଛି । ତାହା ଏ ପର୍ଯ୍ୟନ୍ତ ମଧ ଆସୁଛି । କେବଳ ଯାତ୍ରୀ ଓ ଭକ୍ତମାନେ ଏ ନୀତିର ବ୍ୟତିକ୍ରମ ଘଟାଇଛନ୍ତି । ଅବଶ୍ୟ ଯଥେଷ୍ଟ ପରିମାଣରେ ସ୍ୱଦେଶୀ ଲୁଗା ନମିଳିବାରୁ ଏପରି ଘଟିଛି ଏବଂ ସେବକପୂଜକମାନେ ବାଧହୋଇ ତାହା ଗ୍ରହଣ କରନ୍ତି । କିନ୍ତୁ ଦେଶରେ ବର୍ତ୍ତମାନ ଅବସ୍ଥାର ପରିବର୍ତ୍ତନ ହେଲାଣି । ଚାରିଆଡେ ସ୍ୱଦେଶୀର ପ୍ରଚାର ଓ ବ୍ୟବହାର ପାଇଁ ବଡବଡ ପଣ୍ଡିତ, ଧର୍ମନେତା ଓ ଜନନେତାମାନେ ବ୍ୟବସ୍ଥା ଦେଉଛନ୍ତି । ସାରଦା ପୀଠର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସେଦିନ ଶ୍ରୀଜିଉଙ୍କ ମନ୍ଦିର ବେଢାରେ ହିନ୍ଦୁଶାସ୍ତ୍ରର ବ୍ୟବସ୍ଥା ଅନୁଯାୟୀ ଶୁଦ୍ଧ ସ୍ୱଦେଶୀ ବସ୍ତ୍ର ବ୍ୟବହାର କରି ଧର୍ମରକ୍ଷା ସକାଶେ ଉପଦେଶ ଦେଇଯାଇଛନ୍ତି । ଦେଶରେ ମଧ ଯଥେଷ୍ଟ ପରିମାଣରେ ସ୍ୱଦେଶୀ ହାତକଟା ସୂତାର ଲୁଗା ମିଳିଲାଣି । ଆମ୍ଭେମାନେ ମନ୍ଦିର ସେବକପୂଜକମାନେ ବର୍ତ୍ତମାନ ବିଦେଶୀ ଲୁଗା ଏକାବେଳକେ ଛାଡି ସ୍ୱଦେଶୀର ପୂର୍ଣ୍ଣ ବ୍ୟବହାର ସକାଶେ ସଂକଳ୍ପ କରିଛୁଁ । ତେଣୁ ଆମ୍ଭମାନଙ୍କର ଯଜମାନମାନଙ୍କଠାରେ ବିନୀତ ଅନୁରୋଧ ଯେ ଏଣିକି ସେମାନେ ଆଉ ବିଦେଶୀ ଲୁଗା ଶ୍ରୀଜିଉଙ୍କଠାରେ ଭେଟି ନଦେଇ ଶୁଦ୍ଧ ଦେଶୀ ଲୁଗା ଦାନକରି ଆମ୍ଭମାନଙ୍କୁ ଏ ସଂକଳ୍ପ ସାଧନରେ ସାହାଯ୍ୟ କରନ୍ତୁ । ଏଥିରେହିଁ ସେମାନଙ୍କର ଦାନପଦାର୍ଥର ସଦ୍‌ବ୍ୟବହାର ହେବ, ଦେଶର ମଙ୍ଗଳ ହେବ ଏବଂ ପ୍ରଭୁଙ୍କ କୃପାରୁ ଦାତାମାନଙ୍କ ମନୋବାଂଛା ପୂର୍ଣ୍ଣହେବ ।" ଏହି ବକ୍ତବ୍ୟରେ ଓଡିଶାରେ ପ୍ରତିକୂଳ ପରିସ୍ଥିତି ତଥା ଓଡିଆ ଅସ୍ମିତାର ପ୍ରସାର ସତ୍ତ୍ୱେ ଅସହଯୋଗ ଚହଳ କିପରି ବ୍ୟାପକ ହୋଇଥିଲା ତାହାର ସୂଚନା ମିଳେ । କନିକାର ମେଳି ଓଡିଶାରେ ଅସହଯୋଗର ସଦ୍ୟ



Source: Author, Digitized by PPRACHIN, SOA

ଏବଂ ପ୍ରତ୍ୟେକ୍ଷ ଫଳ ଏହା ଅସ୍ୱୀକାର କରାଯାଇନପାରେ। (ଆଶା, ସେପ୍ଟେମ୍ବର ୧୮, ୧୯୨୨) ଅସହଯୋଗୀମାନେ ସେମାନଙ୍କର ଆନ୍ଦୋଳନ ପାଇଁ କନିକାକୁ ଉର୍ବର କ୍ଷେତ୍ରରୂପେ ପାଇଥିଲେ। ଅସହଯୋଗୀମାନଙ୍କର ଉତ୍ତେଜନାରେ କନିକାର ପ୍ରଜାମାନେ ସେମାନଙ୍କର ଦୁଃଖମୋଚନ ପାଇଁ ସେମାନଙ୍କର ମେଳିଗଠନ କରିଥିଲେ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ହରେକୃଷ୍ଣ ମହତାବ ଫେବୃଆରୀ ୫, ୧୯୨୨ରେ କନିକା ସମ୍ପର୍କରେ ଗୋଟିଏ ପୁସ୍ତିକା ପ୍ରକାଶ ଓ ପ୍ରଚାର କରିଥିଲେ। ସେଥିରେ କନିକାର ରାଜା ଅସହଯୋଗ ଦମନ କରିବାକୁ ପ୍ରବଳ ଉଦ୍ୟମ କରିଥିଲେ ବୋଲି ମଧ୍ୟ ସୂଚିତ। କନିକା ପ୍ରଜାମାନଙ୍କର ଦୁର୍ବହ କରପୀଡା ଅସହଯୋଗୀମାନଙ୍କୁ ମେଳି ସୃଷ୍ଟି କରିବାର ଅବକାଶ ଦେଇଥିଲା। କନିକା ପ୍ରଜା ଆନ୍ଦୋଳନ ଓଡିଶାରେ ଅସହଯୋଗ ଚହଳର ଏକ ଅଂଶବିଶେଷ ବୋଲି ଗ୍ରହଣ କରାଯାଇପାରେ।

ଅସହଯୋଗ ଆନ୍ଦୋଳନ ସଂଗେସଂଗେ ସ୍ୱଦେଶୀ ଆନ୍ଦୋଳନ ବ୍ୟାପକ ହୋଇଥିଲା। ଅସହଯୋଗ ଚହଳ ଶେଷ ହେଲାବେଳକୁ ସ୍ୱଦେଶୀ ଖଦଡ ପ୍ରଚାର ଓ ପ୍ରସାର ବଢିବାକୁ ଲାଗିଲା। ଅନେକ ଲୋକ ହାତକଟା ଓ ହାତବୁଣା ସୂତାର ବିଶୁଦ୍ଧ ଖଦଡ ପିନ୍ଧିବାକୁ ବଦ୍ଧପରିକର ହୋଇଥିଲେ।(ଆଶା, ସେପ୍ଟେମ୍ବର ୨୫, ୧୯୨୨) ତେଣୁ ଅସହଯୋଗ ଆନ୍ଦୋଳନର ଗଠନାତ୍ମକ ଦିଗ ୧୯୨୨ ପରେ ମଧ୍ୟ ପ୍ରସାରିତ ଥିଲା। ମହାତ୍ମାଗାନ୍ଧି ଖଦଡକୁ ଆଧ୍ୟାତ୍ମିକତା ବେଷ୍ଟନ ମଧ୍ୟରେ ବେଷ୍ଟିତ କରି ସ୍ୱଦେଶୀ ଆନ୍ଦୋଳନକୁ ନୂତନ ପ୍ରବୃତ୍ତି ପ୍ରଦାନ କରିଥିଲେ। ମହାତ୍ମାଗାନ୍ଧି ସ୍ପଷ୍ଟରୂପେ କହିଥିଲେ- ପ୍ରତ୍ୟେକ ବ୍ୟକ୍ତି ନିଜେ କାଟି ଓ ବୁଣି ଲୁଗା ପିନ୍ଧିବା ଉଚିତ। ଯେପରି ଲୋକେ ସାଧାରଣତଃ ହୋଟେଲରେ ନଖାଇ ନିଜ ଘରେ ଭାତରାନ୍ଧି ଖାଆନ୍ତି ସେହିପରି ଖଦଡ ମଧ୍ୟ ନିଜ ଘରେ ପ୍ରସ୍ତୁତ କରି ପିନ୍ଧିବାକୁ ହେବ। ସେ ଦୋକାନକୁ ଯାଇ ଲୁଗା କିଣିବାର ସମ୍ପୂର୍ଣ୍ଣ ବିରୋଧୀ। କିନ୍ତୁ ତାଙ୍କ ଉକ୍ତିର ସାରମର୍ମ ଅସହଯୋଗୀମାନେ ମଧ୍ୟ ସମ୍ପୂର୍ଣ୍ଣ ହୃଦୟଙ୍ଗମ କରିପାରିନଥିଲେ। ବଜାରରେ ବିକ୍ରି ଖଦଡ କୃତ୍ରିମ ହେବା ଅସମ୍ଭବ ନୁହେଁ। କୃତ୍ରିମ ଖଦଡ ପ୍ରସାରକୁ ବନ୍ଦ କରିବାକୁ ହେଲେ ଲୋକସାଧାରଣଙ୍କର ପ୍ରଧାନ କର୍ତ୍ତବ୍ୟ ନିଜ ଘରେ ସୂତାକାଟି ଖଦଡ ବ୍ୟବହାର କରିବା ଆବଶ୍ୟକ। ଅସହଯୋଗ ଆନ୍ଦୋଳନରେ ପ୍ରତ୍ୟେକ୍ଷ ଯୋଗଦାନ କରି କାରାବରଣ କରିଥିଲେ ଗୋପବନ୍ଧୁ ଦାସଙ୍କ ସମେତ ଗୋବିନ୍ଦ ମିଶ୍ର, ହରେକୃଷ୍ଣ ମହତାବ, ଯଦୁମଣୀ ମଙ୍ଗରାଜ, ଭାଗିରଥି ମହାପାତ୍ର, ସୟଦ୍ ଏକରାମ୍ ରସୁଲ୍, ଡାକ୍ତର ଅଟଳବିହାରୀ



Source: Author, Digitized by PPRACHIN, SOA

ଆଚାର୍ଯ୍ୟ ଏବଂ ଆହୁରି ଅନେକ। ଜେଲରୁ ମୁକ୍ତିଲାଭ ପରେ ହରେକୃଷ୍ଣ ମହତାବ ବାଲେଶ୍ୱରରେ ଗାନ୍ଧିଙ୍କ ଗଠନାତ୍ମକ କାର୍ଯ୍ୟକ୍ରମ ପ୍ରସାର କରାଇଥିଲେ। ୧୯୨୩ ଅକ୍ଟୋବର ମାସ ପ୍ରଥମ ସପ୍ତାହରେ ପ୍ରାଦେଶିକ କଂଗ୍ରେସ କମିଟିର ସମ୍ପାଦକ ମହତାବଙ୍କ ସଂପାଦକତ୍ୱରେ କଟକର ମୁକୁର ପ୍ରେସରୁ ମୁଦ୍ରିତ ପ୍ରଜାତନ୍ତ୍ର ନାମରେ ଫୁଲ୍ ସ୍କେପ୍ ଚାରି ପୃଷ୍ଠାର ସାପ୍ତାହିକ ଖବରକାଗଜ ସ୍ୱଦେଶୀ ଓ ମହାତ୍ମାଙ୍କ ଗଠନାତ୍ମକ କାର୍ଯ୍ୟକ୍ରମର ପ୍ରସାର ପାଇଁ ବାହାରିଥିଲା। (ଆଶା, ଅକ୍ଟୋବର ୮, ୧୯୨୩)। ନଭେମ୍ବର ୧୯୨୩ ବେଳକୁ ପ୍ରଜାତନ୍ତ୍ରର ପ୍ରକାଶନ ଓ କାର୍ଯ୍ୟସ୍ଥଳ ମହତାବ ବାଲେଶ୍ୱରକୁ ନେଇଯାଇଥିଲେ। ୧୯୨୩ ଜାନୁଆରୀ ମାସରୁ ଜେଲରୁ ମୁକ୍ତ ହୋଇ ଗୋବିନ୍ଦ ମିଶ୍ର ନିଜର ବିପ୍ଳବାତ୍ମକ କାର୍ଯ୍ୟକ୍ରମର ପ୍ରସାର କରାଇଥିଲେ। କଟକର ପଲଟନ୍ ମସଜିଦରେ ୧୯୨୩ ଜାନୁଆରୀ ୧୦ରେ ହୋଇଥିବା ସଭାରେ ଗୋବିନ୍ଦ ମିଶ୍ର ଦୀର୍ଘ ଭାଷଣରେ ଉପନିବେଶ ବିରୋଧୀ ଅସହଯୋଗ ଆନ୍ଦୋଳନର ମୂଲ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। (Board Of Revenue Confidential File, No-24, Odisha State Archives, Bhubaneswar) ୧୪ ଜାନୁଆରୀ ୧୯୨୩ରେ ପୁରୀରେ ମଧ୍ୟ ଗୋବିନ୍ଦ ମିଶ୍ର ଉପନିବେଶ ବିରୋଧୀ ଭାଷଣ ଦେଇଥିଲେ ଯାହା ସରକାରଙ୍କ ଶକ୍ତ ନଜରକୁ ଆସିଥିଲା। ଅସହଯୋଗ ଆନ୍ଦୋଳନ ପର୍ଯ୍ୟାୟରେ ଏବଂ ପରେ ଓଡିଶାରେ ଗାନ୍ଧି କାର୍ଯ୍ୟକ୍ରମର ବାସ୍ତବ ରୂପ ପାଇଁ ଗୋଟିଏ କର୍ମଶାଳା ଅତ୍ୟାବଶ୍ୟକ ବୋଲି ଗୋବିନ୍ଦ ମିଶ୍ର ଅନୁଭବ କରିଥିଲେ ଏବଂ ସାଲେପୁର ଅନ୍ତର୍ଗତ ଚମ୍ପାପୁର ଅଞ୍ଚଳକୁ ଆପଣାର କର୍ମକ୍ଷେତ୍ର ବୋଲି ବାଛିନେଇଥିଲେ। ୧୯୨୧-୨୨ ମସିହାରେ ସେହି କାର୍ଯ୍ୟରେ ଜୀବନ ଉତ୍ସର୍ଗ କରିବେ ବୋଲି ସେ ସଂକଳ୍ପ କରିଥିଲେ। ସେହି କର୍ମକେନ୍ଦ୍ରର ନାମହେଲା ଗାନ୍ଧି ସେବାଶ୍ରମ। ୧୯୨୫ ଶେଷ ବେଳକୁ ଚମ୍ପାପୁର ହାଟ ନିକଟସ୍ଥ କୈଥା ମୌଜାରେ ଗାନ୍ଧି ସେବାଶ୍ରମ ସ୍ଥାପିତ ହୋଇଥିଲା। ଗ୍ରାମ୍ୟଜୀବନର ପୁନର୍ଗଠନ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।(ମିଶ୍ର ଗୋବିନ୍ଦ ଚନ୍ଦ୍ର, ଜାତୀୟ ଜୀବନର ଆତ୍ମବିକାଶ, ପ୍ରଥମ ଓ ଦ୍ୱିତୀୟ ଖଣ୍ଡ, ୧୯୪୨, କଟକ) ଅସହଯୋଗୀ ଶରତଚନ୍ଦ୍ର ମହାପାତ୍ର ୧୯୨୩ ମସିହା ଆଶାରେ କେତୋଟି କିସ୍ତିରେ "କଂଗ୍ରେସ କର୍ମୀର ଅନୁଭୂତି" ଶୀର୍ଷକ ଆଲୋଚନାରେ ଓଡିଶାରେ ଅସହଯୋଗ ଆନ୍ଦୋଳନର ଉତ୍ଥାନ ଓ ପତନର ଚିତ୍ର ଉପସ୍ଥାପନ କରିଥିଲେ। ତାଙ୍କ ମତରେ ଅସହଯୋଗ ଆନ୍ଦୋଳନ ଓଡିଶାରେ ପ୍ରବେଶ କଲାବେଳେ ଅତିକମ୍ ଲୋକ ସେଥିପାଇଁ ଭାବୁଥିଲେ। ସେତେବେଳେ ପଣ୍ଡିତ ଗୋପବନ୍ଧୁ ଦାସ କାଉନ୍ସିଲ୍‌କୁ ଯିବାପାଇଁ ବାହାରିଲେନାହିଁ ଓ ତାହାର ବିରୁଦ୍ଧରେ ପ୍ରଚାର କରି



Source: Author, Digitized by PPRACHIN, SOA

ଗାଁଗାଁ ବୁଲିଲେ । ସେ ମୁହୂର୍ତ୍ତରୁ ଅସହଯୋଗ ବୀଜ ଏକପ୍ରକାର ଓଡ଼ିଶାର ଟାଙ୍ଗରା ଜମିରେ ରୋପଣ କରାଗଲା ।

॥ ୬ ॥

ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଇତିହାସର ଏକ ବିଶିଷ୍ଟ ଘଟଣା ଥିଲା ଅସହଯୋଗୀ ଦୟାନିଧି ମିଶ୍ରଙ୍କ ଅସହଯୋଗ ତ୍ୟାଗ । ଏସମ୍ପର୍କରେ ବହୁ ତଥ୍ୟ ଏବଂ ବିତର୍କ ଖବରକାଗଜମାନଙ୍କରେ ସ୍ଥାନ ପାଇଥିଲା । ଏଠାରେ ଆଶା ୧୯୨୨ ମସିହାର ବିବରଣୀମାନଙ୍କ ମାଧ୍ୟମରେ ବିତର୍କଟି ଉପସ୍ଥାପିତ । ୧୯୨୧ ଡିସେମ୍ବର ୧୯, ଆଶାରେ ପ୍ରକାଶ କରାଯାଇଥିଲା-"ଦୟାନିଧି ମିଶ୍ର ବିଏ, ଏଲ୍.ଟି ବ୍ରହ୍ମପୁର ଗୁରୁ ଟ୍ରେନିଂ ସ୍କୁଲର ଶିକ୍ଷକ ମହାତ୍ମା ଗାନ୍ଧି ମାର୍ଚ୍ଚ ଶେଷରେ ବ୍ରହ୍ମପୁରକୁ ବିଜେ କରିଥିବା ବେଳେ ସରକାରୀ ସମ୍ପର୍କ ଓ ଚାକିରୀ ଛାଡ଼ିଦେବେ ବୋଲି ପ୍ରତିଜ୍ଞା କରି ତାହା ସଭାରେ ପ୍ରକାଶ କରିଥିଲେ । ଅନିବାର୍ଯ୍ୟ କାରଣରୁ ଏବଂ ପାରିବାରିକ ନିବନ୍ଧନ ଯୋଗୁଁ ସେ ତାଙ୍କ ପ୍ରତିଜ୍ଞା ପାଳନ କରିନଥିଲେ । ଏବେ ସେ କାର୍ଯ୍ୟ ତ୍ୟାଗ ନୋଟିସ୍ ଦେଇଛନ୍ତି । ଦୁଇ ଚାରି ଦିନ ମଧ୍ୟରେ ଗୋଲାମିଖାନା ଛାଡ଼ି ସ୍ୱରାଜ୍ୟ ସ୍ୱେଚ୍ଛାସେବକ ହେବେ । ଯାହାର ବିଶ୍ୱାସ ଯେପରି । ବିବେକ ଓ ବିଶ୍ୱାସ ଉପରେ କାର୍ଯ୍ୟ କରିବାହିଁ ଶ୍ରେଷ୍ଠ ପନ୍ଥା ।"ପରେ ଏପ୍ରିଲ ୩, ୧୯୨୨ ଆଶାରେ "ଅସହଯୋଗୀଙ୍କ କ୍ଷମାପ୍ରାର୍ଥନା" ସମ୍ବାଦଟି ପ୍ରକାଶ ପାଇଥିଲା । ସେଥିରେ ଉଲ୍ଲେଖ କରାଯାଇଥିଲା-"ଦୟାନିଧି ମିଶ୍ର ବିଏ.ଏଲ୍.ଟି ସରକାରୀ କାର୍ଯ୍ୟ ତ୍ୟାଗକରି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ଫେବୃଆରୀ(୧୯୨୨) ମାସରେ ୧୪୪ ଦଫା ଅମାନ୍ୟ କରିଥିବାରୁ ତାଙ୍କ ନାମରେ ଓ୍ୱାରେଣ୍ଟ୍ ଜାରିହୋଇଥିଲା । ଇତି ଅବସରରେ ତାଙ୍କ ପିତୃବିୟୋଗ ପ୍ରଭୃତି ପାରିବାରିକ ଦୁର୍ଘଟଣା ଘଟିବାରୁ ସେ ସ୍ୱଗ୍ରାମକୁ ଚାଲିଯାଇଥିଲେ । ବର୍ତ୍ତମାନ ଗଂଜାମକୁ ଫେରିଆସି ଗିରଫଦାର ହୁଅନ୍ତେ ଯାମିନ୍ ଦେଇ ଖଲାସ ହୋଇଛନ୍ତି । ଅସହଯୋଗ ସମ୍ବନ୍ଧରେ ତାଙ୍କ ମତର ମଧ୍ୟ ପରିବର୍ତ୍ତନ ଘଟିଛି । ବିଶେଷତଃ ଭିନ୍ନ କାର୍ଯ୍ୟକ୍ଷେତ୍ରରେ ପ୍ରବେଶ କରିବା ତାଙ୍କ ସରକାରୀ କାର୍ଯ୍ୟ ତ୍ୟାଗର ମୂଳ ଉଦ୍ଦେଶ୍ୟ ଥିଲା । ତାଙ୍କ କାର୍ଯ୍ୟତ୍ୟାଗ ପତ୍ରରେ ମଧ୍ୟ ସେ ଅସହଯୋଗର ନାମୋଲ୍ଲେଖ ପର୍ଯ୍ୟନ୍ତ କରିନାହାନ୍ତି । ତାଙ୍କ ପରିବାରର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ତାଙ୍କ କାର୍ଯ୍ୟ ସମୀଚୀନ ହୋଇଛି । ସ୍ୱରାଜ୍ୟ ଲାଭ ନିମନ୍ତେ ଯେ ଅସହଯୋଗ ଏକମାତ୍ର ପନ୍ଥାନୁହେଁ ତାହା ସେ ଉତ୍ତମରୂପେ ବୁଝିପାରିଛନ୍ତି । କ୍ଷମାପ୍ରାର୍ଥନା କରି ଅସହଯୋଗ ସଂପର୍କ ତୁଟାଇଥିବାର ପ୍ରକାଶ କଲାରୁ



Source: Author, Digitized by PPRACHIN, SOA

ତାଙ୍କ ପ୍ରତି ହୋଇଥିବା ଅଭିଯୋଗ ମଧ୍ୟ ଉଠାଇନିଆଯାଇଛି।"

ଦୟାନିଧି ମିଶ୍ରଙ୍କ ଅସହଯୋଗ ତ୍ୟାଗ ସଂପର୍କରେ ନିଜେ ଦୟାନିଧି ମିଶ୍ର "ମୁଁ ଅସହଯୋଗ ଛାଡିଲି କାହିଁକି?" ଶୀର୍ଷକ ଲେଖା ଆଶା ସମ୍ବାଦପତ୍ରର ଜୁଲାଇ ୧୭ ଏବଂ ଜୁଲାଇ ୨୪, ୧୯୨୨ ସଂଖ୍ୟାରେ ପ୍ରକାଶ କରାଇଥିଲେ। ସେଥିରେ ସେ ଲେଖିଥିଲେ-"ମୋର ଅସହଯୋଗୀ ହେବା କଥା ନେଇ ଏଥି ମଧ୍ୟରେ ପତ୍ରିକା ମହଲରେ ଟିକିଏ ଚହଳ ପଡିଯାଇଛି। ଏପରି ହେବାର କଥା। ମୁଁ ମଧ୍ୟ ଅସହଯୋଗ ଛାଡିବା ପୂର୍ବରୁ ଏହା ଆଶା କରିଥିଲି ଏବଂ ସେଥିପାଇଁ ଆଜି ପର୍ଯ୍ୟନ୍ତ ନୀରବ ଥିଲି। କିନ୍ତୁ କେତେକ ଅସହଯୋଗୀ ବନ୍ଧୁ ଅନୁରୋଧ କରୁଛନ୍ତି ଯେ ଦେଶବାସୀଙ୍କୁ ଏଥିର କୈଫତ୍ ଦେବାକୁ ହେବ। ଏଣୁକରି ଅନିଚ୍ଛା ସତ୍ତ୍ୱେ ମୁଁ ଉକ୍ତ କାର୍ଯ୍ୟରେ ହସ୍ତକ୍ଷେପ କରୁଅଛି। ଯେତେବେଳେ ମହାତ୍ମା ଗାନ୍ଧି ୧୯୨୧ ମାର୍ଚ୍ଚ ମାସରେ ବ୍ରହ୍ମପୁରକୁ ଆସନ୍ତି , ସେତେବେଳେ ମୁଁ ତାଙ୍କ ସମକ୍ଷରେ ଘୋଷଣା କରିଥିଲି ଯେ ସରକାରୀ ସମ୍ପର୍କ ଛାଡି ଅସହଯୋଗ ଦୀକ୍ଷା ଗ୍ରହଣ କରିବି। ତଦନୁଯାୟୀ ମୁଁ ଇସ୍ତଫାପତ୍ର ଲେଖି ଯଥାସ୍ଥାନକୁ ପଠାଇଲି। କିନ୍ତୁ କେତେକ ବିଶିଷ୍ଟ ବନ୍ଧୁଙ୍କ ଅନୁରୋଧ କ୍ରମେ ଦୁଇତିନି ମାସ କାଳ ଉକ୍ତ କାର୍ଯ୍ୟରୁ କ୍ଷାନ୍ତ ହେବାକୁ ବାଧ୍ୟ ହୋଇଥିଲି। ମୋର ଇସ୍ତଫା ପତ୍ର ଛିଣ୍ଡା ହେଲା ଏବଂ ମୁଁ ଗୋଟିଏ ପ୍ରେସ୍‌ର ଯୋଗାଡରେ ଲାଗିଲି। ଉପରୋକ୍ତ ବନ୍ଧୁମାନେ ମଧ୍ୟ ମତେ ଏହି କାର୍ଯ୍ୟରେ ଯଥେଷ୍ଟ ସାହାଯ୍ୟ କଲେ। ସେହି ସମୟରେ ଶ୍ରୀମାନ୍ ନିରଞ୍ଜନ ପଟ୍ଟନାୟକ ଗୋପବନ୍ଧୁବାବୁଙ୍କ ସହିତ ରହି କାର୍ଯ୍ୟ କରିଥିଲେ। ଦିନେ ହଠାତ୍ ତାଙ୍କଠାରୁ ପତ୍ରପାଇଲି ସେ ଦେଶର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ଗୋଟିଏ ପତ୍ରିକା ବାହାର କରିବା ବିଶେଷତଃ ସମାଜର ପ୍ରତିଦ୍ୱନ୍ଦ୍ୱୀ ହୋଇ-ଭୁଲ୍ ନୁହେଁ। ପତ୍ରପଢି ମୁଁ ଅବାକ୍ ହୋଇଗଲି। ସମାଜର ସମ୍ପାଦକଙ୍କ ପରି ମୁଁ ଅସହଯୋଗୀ ହେଲେ ସୁଦ୍ଧା ସମାଜର ସହଯୋଗୀ ନହୋଇ ପ୍ରତିଦ୍ୱନ୍ଦ୍ୱୀ ହେଲି କିପରି? ପଟ୍ଟନାୟକ ମହାଶୟ କଣ ଇଚ୍ଛାକରନ୍ତି ଯେ ଉତ୍କଳରେ ଏକମାତ୍ର ସମାଜ ଅସହଯୋଗୀ ପତ୍ରିକା ରହିବ ଆଉ ଅନ୍ୟ ପତ୍ରିକା ବାହାର କରିବାକୁ ଯିବା ସମାଜର ପ୍ରତିଦ୍ୱନ୍ଦ୍ୱିତା ଆଚରଣ ହେବ? ଉତ୍କଳର କଂଗ୍ରେସ କମିଟିଗୁଡିକ ସମାଜର ଏଜେଣ୍ଟ ରୂପେ କାର୍ଯ୍ୟ କରୁଛନ୍ତି। ସ୍ୱେଚ୍ଛାସେବକମାନେ ଗ୍ରାମେଗ୍ରାମେ କଂଗ୍ରେସ କାର୍ଯ୍ୟ କରିବା ସଂଗେସଂଗେ ସମାଜ ସମ୍ବାଦପତ୍ର ମଧ୍ୟ ପ୍ରଚାର କରୁଛନ୍ତି। ପଟ୍ଟନାୟକ ମହାଶୟଙ୍କ ଉଦ୍ଦେଶ୍ୟ ବୁଝିବାକୁ ଆଉ ବିଳମ୍ବ ଲାଗିଲାନାହିଁ। ଏ ବିଷୟ ନେଇ ମୋର କେତେକ ବନ୍ଧୁଙ୍କ ସହିତ କଥାବାର୍ତ୍ତା କରିବାପରେ ମନକଥା ମନରେ ମାରି ରହିଲି। ପରେ ଗ୍ରୀଷ୍ମାବକାଶ ହେବାରୁ



Source: Author, Digitized by PPRACHIN, SOA

ଗାଁକୁ ଚାଲିଗଲି । ଇତି ମଧ୍ୟରେ ଅଲ୍ଲୀ ଭ୍ରାତା ପ୍ରଭୃତିଙ୍କ ବକ୍ତୃତାରୁ ଜାଣିଲି ଯେ ଆଫଗାନିସ୍ଥାନ ନିକଟ ଭବିଷ୍ୟତରେ ଭାରତବର୍ଷ ଆକ୍ରମଣ କରିବ ଏବଂ ଏଥି ନିମନ୍ତେ ପୂର୍ବରୁ ଯୋଗାଡ ହୋଇଥିବାର ଅନୁମାନ କରି ମୁଁ ବଜ୍ରାହତ ପରି ହେଲି । ସ୍ୱରାଜ୍ୟର ପ୍ରତିଷ୍ଠା ନିମନ୍ତେ ଅସହଯୋଗର ଆରମ୍ଭ । ଆଫଗାନିସ୍ଥାନ ଆମ୍ଭମାନଙ୍କୁ ସାହାଯ୍ୟ କରିବାକୁ ଯାଇ ପ୍ରଭୁତ୍ୱ ବିସ୍ତାର ନକରିବ ବୋଲି କିଏ କହିପାରେ । ବାଧ୍ୟ ହୋଇ ମୋର ମତ ପରିବର୍ତ୍ତନ କରି ତୁନି ହୋଇ ରହିଲି । ପରେ ଅଲ୍ଲୀ ଭ୍ରାତାଦ୍ୱୟ କ୍ଷମାପ୍ରାର୍ଥନା କଲେ । ଆଉ ସେ ପ୍ରସଂଗ ପୁନରୁଥାପିତ ହେଲାନାହିଁ । ମୁଁ କାର୍ଯ୍ୟକ୍ଷେତ୍ରରେ ଆସି ପ୍ରବେଶ କଲି ଏବଂ ଅସହଯୋଗକୁ ସନ୍ଦେହଚକ୍ଷୁରେ ଦେଖିବାକୁ ଲାଗିଲି ।

ଏହି ଘଟଣାର କିଛିଦିନ ପରେ ଖଦଡ ପ୍ରଚାର ନିମନ୍ତେ ତୀବ୍ର ଆନ୍ଦୋଳନ ଆରମ୍ଭ ହେଲା । ଆଲ୍ଲୀ ଭ୍ରାତାଦ୍ୱୟ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧଘୋଷଣା କରିବା ଅପରାଧରେ ଦଣ୍ଡିତ ହେଲେ । ପରେ ଇଂଲଣ୍ଡର ଯୁବରାଜ ନଭେମ୍ବର ୧୭ ତାରିଖ ଦିନ ଭାରତବର୍ଷରେ ପଦାର୍ପଣ କଲେ ଏବଂ ସରକାରଙ୍କ ଦମନ ନୀତିର ସୂତ୍ରପାତ ହେଲା । ଦେଶର ବଡବଡ ନେତାମାନେ ଅକାତରେ ଜେଲକୁ ଯିବାକୁ ଲାଗିଲେ । ସରକାର ଶ୍ରୀମତୀ ବାସନ୍ତୀ ଦେବୀ ପ୍ରଭୃତି ମହିଳାମାନଙ୍କୁ ମଧ୍ୟ ଗିରଫଦାର କରିବାକୁ ଛାଡିଲେନାହିଁ । ଏଥିରେ ମୁଁ ଆଉ ସ୍ଥିର ହୋଇରହିପାରିଲିନାହିଁ । ସରକାରୀ କାର୍ଯ୍ୟରୁ ବିଦାୟ ନେଇ ଅସହଯୋଗରେ ପ୍ରବେଶ କଲି । ମୁଁ କଂଗ୍ରେସରେ ଯୋଗଦାନ କରିବା ପୂର୍ବରୁ ଶୁଣିଥିଲି ଯେ ଗଂଜାମ ଜିଲ୍ଲା କଂଗ୍ରେସ କମିଟିର ଆୟବ୍ୟୟ ହିସାବ ଠିକ୍ ରୂପେ ରଖାଯାଉନାହିଁ । କଂଗ୍ରେସର କାର୍ଯ୍ୟରେ ହାତଦେବା ସଂଗେସଂଗେ ମୁଁ ସମ୍ପାଦକ ନିରଞ୍ଜନ ପଟ୍ଟନାୟକଙ୍କୁ ଏହା କହିଲି । ସେ ମୋ କଥାରେ କର୍ଣ୍ଣପାତ ସୁଦ୍ଧା କଲେନାହିଁ । ମୁଁ କହିଲି କଂଗ୍ରେସ କର୍ମୀମାନେ ସାଧୁ ହୋଇପାରନ୍ତି । କିନ୍ତୁ ସର୍ବସାଧାରଣଙ୍କ ବିଶ୍ୱାସ ନିମନ୍ତେ ସାବଧାନତା ଆବଶ୍ୟକ । ସେ ଜନମତକୁ ସୁଦ୍ଧା ଉପେକ୍ଷା କଲେ । ସେ ସମୟରେ ଭାରତରେ ଆଇନଭଂଗ ଆନ୍ଦୋଳନ ତୀବ୍ରଗତିରେ ଚାଲିଥାଏ । ଏଣୁକରି ସେ ପ୍ରସଂଗ ଉପରେ ଆଉ ବେଶି ଠେସ୍ ଦେବାକୁ ଇଚ୍ଛାହେଲାନାହିଁ । ଯେ ଯାହାର କର୍ମର ଫଳ ଭୋଗିବେ, ମୁଁ କାହିଁକି ଘାଣ୍ଟି ଚକଟି ହେବି ? ପରେ ଯେତେବେଳେ କାର୍ଯ୍ୟବିଭାଗର ପ୍ରସଂଗ ପଡେ, ମୁଁ କହିଲି, "ମୁଁ ମୋର ନିଜର ହିସାବପତ୍ର ରଖିଜାଣେନାହିଁ । ଏଣୁକରି କଂଗ୍ରେସର ହିସାବ ବିଭାଗରୁ ଦୂରରେ ରହିବାକୁ ଇଚ୍ଛାକରେ ।" ମୋର କଥାଶୁଣି ଶ୍ରୀମାନ୍ ନିରଞ୍ଜନ ପଟ୍ଟନାୟକ ଓ ଶ୍ରୀମାନ୍ ପ୍ରବୋଧ ଚନ୍ଦ୍ର ଚାଟାର୍ଜୀ କିଛିକ୍ଷଣ ଗୁପ୍ତ ପରାର୍ମଶ କରି ମତେ କହିଲେ ଯେ ମୁଁ କେବଳ ଶାନ୍ତିସେନାର ଭାର ନେବି । ମୁଁ ଉକ୍ତ ଭାର ନେଲି ।



Source: Author, Digitized by PPRACHIN, SOA

କିନ୍ତୁ ମୋ ମନରେ ସନ୍ଦେହ ରହିଗଲା । ସ୍ୱେଚ୍ଛାସେବକ ଗ୍ରହଣ କରିବା ସମୟରେ ମୁଁ ଦେଖିଲି ଯେ କଂଗ୍ରେସର କମିଟିର ଦୁଇଜଣ ବିଶିଷ୍ଟ ସଭ୍ୟ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର କରିବାକୁ ଅନିଚ୍ଛୁକ । ସେମାନଙ୍କୁ ପଚାରି ଜାଣିଲି ଯେ ସେମାନେ ଜେଲକୁ ଯିବାକୁ ନାରାଜ । ଏ କିପରି ଅସହଯୋଗ ? ମୁଁ ଏହା ନିରଞ୍ଜନ ବାବୁ ଏବଂ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ଜଣେ ବିଶିଷ୍ଟ ସଭ୍ୟଙ୍କୁ କହିଲେ ସୁଦ୍ଧା ତହିଁର ପ୍ରତିବିଧାନ ହେଲାନାହିଁ । ପୁରୀରୁ ଚାଉଳ ରପ୍ତାନୀ ବନ୍ଦ କରିବା ନିମନ୍ତେ ସ୍ୱେଚ୍ଛାସେବକମାନେ ଯଥେଷ୍ଟ ପରିଶ୍ରମ କରିଥିବା ସମସ୍ତେ ଜାଣନ୍ତି । ବହୁ ବାଦବିବାଦ ପରେ ଠିକ୍ ହୋଇଥିଲା ଯେ କଂଗ୍ରେସର ବିନା ଅନୁମତିରେ କେହି ଚାଉଳ ରପ୍ତାନୀ କରିପାରିବେ ନାହିଁ । ପରେ କାହିଁକି କେଜାଣି ଯେଉଁମାନେ ସମସ୍ତଙ୍କ ଅପେକ୍ଷା ବେଶୀ ଟଙ୍କାର ଚାଉଳ କିଣିଥିଲେ , ସେମାନଙ୍କୁ ଚାଉଳ ରପ୍ତାନୀ କରିବାର ଆଦେଶ ଦିଆଗଲା । ଏଥିରେ ବିଚଳିତ ହୋଇ ପୁରୀର ସ୍ୱେଚ୍ଛାସେବକମାନେ କାର୍ଯ୍ୟରୁ ବିଦାୟ ଗ୍ରହଣ କଲେ । ଏହି ଘଟଣା ଏବଂ ଆଉ କେତେକ ଘଟଣା ନେଇ ଉତ୍କଳରେ ଅନୁସୃତ ଅସହଯୋଗ ପ୍ରତି ମୋର ଘୋର ସନ୍ଦେହ ହେଲା । କଟକରେ ମୋର ଭାଇଥିବାରୁ ପ୍ରତି ମାସ ଦୁଇତିନି ଥର ମୋତେ ଯିବାକୁ ପଡୁଥାଏ । କଟକ ଏବଂ ପୁରୀରେ ଅସହଯୋଗର ଯେପରି ଅବସ୍ଥା ଦେଖିଲି ସେଥିରେ ନିରାଶ ନହୋଇ ରହିପାରିଲିନାହିଁ । ଉକ୍ତ ଜିଲ୍ଲାଦ୍ୱୟରେ ଖଦଡର ପ୍ରକୃତ ପ୍ରଚାର ହୋଇଛି ବୋଲି ମୋର ବିଶ୍ୱାସ ହେଲାନାହିଁ । ତେବେ ଏତେ ଟଙ୍କା ଗଲାକୁଆଡେ ଆଉ ଉତ୍କଳର ଅସହଯୋଗୀମାନେ କଣ କରୁଛନ୍ତି ? ଆନ୍ଦୋଳନଟି ଗୋଟିଏ ପ୍ରହସନ ପରି ମୋତେ ପ୍ରତୀତ ହେଲା । ତଥାପି ମୁଁ ଅସହଯୋଗର ସଂପର୍କ ଛାଡିଲିନାହିଁ । ଯେହେତୁ ମହାତ୍ମାଗାନ୍ଧିଙ୍କଠାରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା ଓ ଅଛି ମଧ୍ୟ ।

୧୯୨୨ ଫେବୃଆରୀ ମାସରେ ଗଂଜାମ ଜିଲ୍ଲାରେ ମଦଖାଟି ନିଲାମ ହେବାର କଥା ଥିବାରୁ କେତେକ ଅସହଯୋଗୀଙ୍କ ଉପରେ ଦଣ୍ଡବିଧି ଆଇନର ୧୪୪ ଦଫା ଜାରିହେଲା । ମୋ ଉପରେ ମଧ୍ୟ ଜାରି ହୋଇଥିଲା । ନିଶା ନିବାରଣ ମୋର କର୍ତ୍ତବ୍ୟ ଭାବି ମୁଁ ଉକ୍ତ ଆଦେଶ ଲଂଘନ କଲି । କିନ୍ତୁ ଜେଲକୁ ଯିବା ପୂର୍ବରୁ ମୋର ଭାଇ ପ୍ରଭୃତିଙ୍କ ସହିତ ଦେଖା କରିବାକୁ କଟକକୁ ଗଲି । ତହିଁର ଦିନକପରେ ସମ୍ବାଦ ପାଇଲି ମୋ ନାମରେ ଓ୍ୟାରେଣ୍ଟ୍ ଜାରିହୋଇଅଛି । ସମ୍ବାଦ ପାଇବା ସଂଗେସଂଗେ ବ୍ରହ୍ମପୁର ଚାଲିଆସି ଗିରଫଦାର ହେବା ନିମନ୍ତେ ପୋଲିସଙ୍କ ନିକଟରେ ଆତ୍ମସମର୍ପଣ କଲି । କିନ୍ତୁ ଶୁଣିଲି ଯେ ଓ୍ୟାରେଣ୍ଟ୍ ବାହୁଡି ଯାଇଥିବାରୁ ପୋଲିସ୍ ମୋତେ ଗିରଫ୍ କରିପାରୁନାହାନ୍ତି । ଯେଉଁ ଦୁଇଜଣ



Source: Author, Digitized by PPRACHIN, SOA

ସ୍ୱେଚ୍ଛାସେବକ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର କରିନଥିଲେ ସେମାନଙ୍କ ମଧ୍ୟରୁ ଜଣକ ଉପରେ ୧୪୪ ଦଫା ଜାରି ହୋଇଥିଲା। ସେ ଜିଲ୍ଲା କଲେକ୍ଟରଙ୍କ ପାଖକୁ ଲେଖିଲେ ଯେ କଂଗ୍ରେସରେ ଖଦଡ ପ୍ରଚାର ଛଡା ସେ ଆଉ ଅନ୍ୟ କାର୍ଯ୍ୟ କରୁନାହାନ୍ତି। ମୁଁ ଏହା ନିରଞ୍ଜନ ବାବୁଙ୍କୁ କହନ୍ତେ ସେ ନୀରବ ରହିଲେ। କଂଗ୍ରେସର ଏପରି ବେନିୟମ ଆଚରଣ ମୋ ପକ୍ଷରେ ଅସହ୍ୟ ହେଲା। ମୁଁ ପିକେଟିଂ କରିବା ସମୟରେ ଜାଣିଲି ଯେ ଲୋକେ କେବଳ ସରକାରଙ୍କ ଖଜଣାରେ ବ୍ୟାଘାତ ଘଟାଇବାକୁ ନିଲାମ ଡାକୁନାହାନ୍ତି। କିନ୍ତୁ ଗୋପନରେ ମଦ ପ୍ରସ୍ତୁତ କରି ବିକିବାକୁ ସେମାନେ ବଦ୍ଧପରିକର। ନିଶାନିବାରଣ ଆନ୍ଦୋଳନର ତ ଏହା ଉଦ୍ଦେଶ୍ୟ ନୁହେଁ। ମୁଁ ଆଇନ୍ ଅମାନ୍ୟ କରି କଣ ଭଲ କରିଛି ? ପୁଣି ମୁଁ ପ୍ରତ୍ୟେକ୍ଷ ଅନୁଭବ କରିଅଛି ଯେ ଆଇନ ଭଂଗ ସମୟରେ ଗଂଜାମର ଜନସାଧାରଣ ଶାନ୍ତିଭାବ ଧାରଣ କରିପାରିନଥିଲେ। ତେବେ ଶାନ୍ତିପୂର୍ଣ୍ଣ ଆଇନଭଂଗ ଆକାଶକୁସୁମ ଛଡା କିଛି ନୁହେଁ। ମୋର ମନର ଏପରି ଅବସ୍ଥା ଥିବା ସମୟରେ ମୋର ପିତୃବିୟୋଗ ସମ୍ବାଦ ପାଇ ଗାଁକୁ ଚାଲିଗଲି। ମୋର ସମସ୍ତ ଆଶା ଭରସା ବିଲୁପ୍ତ ହେଲା। ମୁଁ କିଂକର୍ତ୍ତବ୍ୟବିମୂଢ଼ ହୋଇ ରହିଲି। ସମ୍ବଲପୁରର କେତେକ ଅସହଯୋଗୀଙ୍କ ସହିତ ଦେଖାକରି ବୁଝିଲି ଯେ ଧନ ଅଭାବରୁ ସେଠାରେ କଂଗ୍ରେସ କାର୍ଯ୍ୟ ଠିକ୍ ରୂପେ ଚଳିପାରୁନାହିଁ। ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି କେଉଁ ଜିଲ୍ଲାକୁ ୨୨୫୦୦, କେଉଁ ଜିଲ୍ଲାକୁ ୧୫୦୦୦ କରି ଟଙ୍କା ଦେଇଛନ୍ତି। ସମ୍ବଲପୁରକୁ ଦେଲାବେଳକୁ ଟଙ୍କା ନିଅଣ୍ଟ ହେଲା। ମୋର ନିଜ ଜିଲ୍ଲା ପ୍ରତି ଏପରି ଅବିଚାର ଓ ଅତ୍ୟାଚାର ହୋଇଥିବା ସ୍ଥଳେ ଉତ୍କଳୀୟ ଅସହଯୋଗ ପ୍ରତି ମୋର ସମ୍ପୂର୍ଣ୍ଣ ଅନାସ୍ଥା ଜାତ ହେଲା। ବ୍ରହ୍ମପୁରକୁ ଆସି ଗିରଫ୍ ହୁଅନ୍ତେ ମୋର ଗତ କାର୍ଯ୍ୟ ନିମନ୍ତେ ଦୁଃଖ ପ୍ରକାଶ କରି ଖଲାସ ହେଲି। ଲୋକେ ଯାହା ବିଚାରନ୍ତୁ ପଛକେ ମୁଁ ଉତ୍କଳୀୟ ଅସହଯୋଗ ସହିତ ଆଉ ସମ୍ପର୍କ ରଖିବି ନାହିଁ। ପରେ ଆହୁରି ଶୁଣିଲି ଯେ ଏ ବର୍ଷ ନୂତନ ସାହାଯ୍ୟ ନିମନ୍ତେ ନିଖିଳ ଭାରତ କଂଗ୍ରେସ କମିଟିକୁ ପ୍ରାର୍ଥନା କରିବା ସମୟରେ ଉତ୍କଳର ଅନ୍ୟାନ୍ୟ ଜିଲ୍ଲା ପ୍ରତ୍ୟେକ ୩୦୦୦୦ କିମ୍ବା ତଦୁର୍ଦ୍ଧ୍ୱଟଙ୍କା ଲୋଡିଥିବା ସ୍ଥଳେ ସମ୍ବଲପୁର ଏଷ୍ଟିମେଟ୍ ତୟାରୀ କରିବା ସମୟରେ ଅନେକ କଟାଛଟା ହୋଇଥିଲା। ଅବଶ୍ୟ ସମ୍ବଲପୁର କମିଟି ଏଥିର ପ୍ରତିବିଧାନ କରିଛନ୍ତି। କିନ୍ତୁ ଅଦ୍ୟାପି ଉତ୍କଳୀୟ ଅସହଯୋଗ ପ୍ରତି ମୋର ସମ୍ପୂର୍ଣ୍ଣ ଅନାସ୍ଥା ଅଛି ଏବଂ ମୁଁ ଅସହଯୋଗ ସହିତ ଅସହଯୋଗ କରିଛି ବୋଲି ମୁଁ ଆଦୌ ଦୁଃଖିତ ନୁହେଁ।"

ଦୟାନିଧି ମିଶ୍ରଙ୍କର ଏପରି ପତ୍ର ପଢି ବ୍ରହ୍ମପୁର ସ୍ବରାଜାଶ୍ରମର ବୈଦ୍ୟନାଥ ମିଶ୍ର



Source: Author, Digitized by PPRACHIN, SOA

ଆଶା ସମ୍ବାଦପତ୍ରର ଅଗଷ୍ଟ ୨୧ ଏବଂ ୨୮, ୧୯୨୨ ସଂଖ୍ୟାରେ ଏକ ଉତ୍ତର ଲେଖିଥିଲେ । ତାଙ୍କ ବକ୍ତବ୍ୟକୁ ଏଠାରେ ଉଦ୍ଧାର କରାଯାଇଛି-"ଶ୍ରୀଯୁକ୍ତ ଦୟାନିଧି ମିଶ୍ର ଗଂଜାମ ଜିଲ୍ଲା କଂଗ୍ରେସ କମିଟିର ଜଣେ ନିର୍ବାଚିତ କର୍ମୀ ଥିଲେ। ଆଶାରେ ତାଙ୍କ ସହଯୋଗୀତାର ଯେଉଁ ସୁଦୀର୍ଘ କୈଫୟତ୍ ବାହାରିଛି ତାହା ବର୍ତ୍ତମାନ ପଢ଼ି ଟିକିଏ ବିସ୍ମିତ ହେଲି। ଯେତେବେଳେ ସେ ଖବରକାଗଜ ପର୍ଯ୍ୟନ୍ତ ଗଲେଣି ମୋର ଜ୍ଞାତବ୍ୟ କେତେକ ବିଷୟ ସାଧାରଣରେ ପ୍ରକାଶିତ ହେବା ଉଚିତ।

୧) ସେ କହନ୍ତି ଯେ ଜିଲ୍ଲା କମିଟିରେ ତାହାଙ୍କୁ ଚିଠିପତ୍ର ବିଭାଗ ନଦେଇ ଶାନ୍ତିସେନା ବିଭାଗ ଦିଆଗଲା। ଦୟାନିଧି ବାବୁ ସ୍ୱୀକାର କରିବେ ଚିଠିପତ୍ର ଲେଖା ଅପେକ୍ଷାକୃତ ଅଳ୍ପ ବୟସ୍କ କର୍ମୀଙ୍କ ଦ୍ୱାରା ହୋଇପାରେ। ବ୍ରହ୍ମପୁରରେ ତାହାଙ୍କୁ ଶାନ୍ତିସେନା ବିଭାଗ ଛଡା ଭିନ୍ନଭିନ୍ନ ସାହିମାନଙ୍କରେ ଅରଟ ପ୍ରଚାର ଅସ୍ପୃଶ୍ୟ ଜାତିମାନଙ୍କ ମଧ୍ୟରେ ପ୍ରଚାର ଓ ସଂଗଠନ କାର୍ଯ୍ୟ ମଧ୍ୟ ଦିଆଯାଇଥିଲା। ପରେ ଏସବୁ ଛାଡି ଘୁମୁସର ଅଞ୍ଚଳରେ ପ୍ରଚାର କରିବା ନିମିତ୍ତ ଇଚ୍ଛା ପ୍ରକାଶ କରିବାରୁ ତାହାର ବ୍ୟବସ୍ଥା ମଧ୍ୟ କରାଗଲା। କିନ୍ତୁ ସେ କଂଗ୍ରେସ କାର୍ଯ୍ୟ କରିଥିବା କେବଳ ୩୬ ଦିନ ମଧ୍ୟରେ ଦକ୍ଷତା ଦେଖାଇଅଛନ୍ତି କି ନାହିଁ ବିଚାର କରିବା ଉଚିତ ଥିଲା। ତାଙ୍କ କାର୍ଯ୍ୟ ପରିମାଣ ଦେଖି ଦୁଃଖିତ ହେବା କଥା ନୁହେଁ। ଆମ୍ଭେମାନେ ପ୍ରାୟ ସମସ୍ତେ କାର୍ଯ୍ୟ କରିବା ଶିଖିଅଛୁ ମାତ୍ର।

୨) ମୁଁ ନିରଞ୍ଜନ ବାବୁଙ୍କଠାରୁ ଶୁଣିଅଛି ଯେ ତାହାଙ୍କୁ କେଉଁ କାର୍ଯ୍ୟ ଦିଆଯିବ-ଏ ବିଷୟରେ ପ୍ରଥମେ ଅବଶ୍ୟ ପ୍ରବୋଧ ବାବୁ ଓ ନିରଞ୍ଜନ ବାବୁଙ୍କ ମଧ୍ୟରେ ଘରୋଇ ଭାବରେ ପରେ ଜିଲ୍ଲା କାଉନ୍‌ସିଲ୍‌ରେ ମଧ୍ୟ ପଡିଥିଲା। ସେ ସରକାର କାର୍ଯ୍ୟଛାଡି ଗୋଟିଏ ଖବରକାଗଜ ଚଳାଇବାର ଉଦ୍ୟମ କରୁଥିଲେ। କଂଗ୍ରସ ପ୍ରଚାରକ ମଣ୍ଡଳର ଅନ୍ତର୍ଭୁକ୍ତ କର୍ମୀ ହୋଇ ଏପରି ଦୁଇଟା କାର୍ଯ୍ୟ କରିବା ନିଖିଳ ଭାରତ କାର୍ଯ୍ୟକାରୀ କମିଟିର ନିୟମବିରୁଦ୍ଧ କି ନାହିଁ ତାହା ବିଚାରର ଉଦ୍ଦେଶ୍ୟ କୌଣସି ଗୁପ୍ତ ମନ୍ତ୍ରଣା ନଥିଲା। ଅସହଯୋଗୀ ହୋଇ ଏପରି ଅସାର ସନ୍ଦେହ ତାହାଙ୍କୁ ସେସମୟରେ ନକହିବା ବଡ ଅନ୍ୟାୟ ହୋଇଅଛି।

୩) ଦୟାନିଧି ବାବୁ ଗତବର୍ଷ(୧୯୨୧) ପତ୍ରିକା କରିବାକୁ ଗଲାବେଳେ ନିରଞ୍ଜନ ବାବୁ ତାହାଙ୍କୁ ମନା କରିଥିବା ବିଷୟ ମୁଁ ଶେଷୋକ୍ତ ବ୍ୟକ୍ତିଙ୍କୁ ପଚାରିବାରୁ ସେ କହିଲେ ଯେ ୧୯୨୧ ମଇ ମାସରେ ସେ ଗଂଜାମକୁ କଂଗ୍ରେସ କାର୍ଯ୍ୟ କରିବାକୁ



Source: Author, Digitized by PPRACHIN, SOA

ଆସିବା ପୂର୍ବରୁ ଦୟାନିଧି ବାବୁ ତାଙ୍କଠାକୁ ଅବଶ୍ୟ ଖଣ୍ଡେ ପତ୍ର ଦେଇଥିଲେ। ସେସମୟରେ ଦୟାନିଧି ବାବୁଙ୍କ ଉପରେ ଗଂଜାମରେ କାର୍ଯ୍ୟଚଳାଇବା ନିମିତ୍ତ ସମସ୍ତେ ନିର୍ଭର କରୁଥିଲେ। ଆଉ କେହି ବାହାରିବା ଜଣାଯାଇନଥିଲା। ସେସମୟରେ ପୁଣି ଦୟାନିଧି ବାବୁ ସରକାରୀ କାର୍ଯ୍ୟଛାଡି ଖବରକାଗଜଟାଏ ବାହାରକରିବା ଆଶା ପୋଷଣ କରିଥିଲେ। ଏଥିଯୋଗୁଁ ନିରଞ୍ଜନ ବାବୁ ଲେଖିଥିଲେ ଯେ ଉପଯୁକ୍ତ ସହଯୋଗୀତା ଅଭାବରେ ଓଡିଶାରେ ଖବରକାଗଜଟାଏ ବାହାରିନାହିଁ। ଚଳୁଥିବା ଖବରକାଗଜର ଶକ୍ତି ନବଢାଇ ସହଯୋଗୀତା ବିନା ବର୍ଷେ ଦୁଇବର୍ଷ ମଧ୍ୟରେ ଶ୍ରୀହୀନ ହୋଇଯିବା ଗୋଟିଏ ସ୍ୱାଭାବିକ ଘଟଣା। ଏପରି ଅବସ୍ଥାରେ ବିଶେଷତଃ ଓଡିଶାରେ ପ୍ରଧାନ ପ୍ରଧାନ କର୍ମୀମାନେ ଅନ୍ୟ କାର୍ଯ୍ୟରେ ବ୍ୟାପୃତ ଥିବାବେଳେ ନୂତନ କର୍ମୀମାନେ ନିଜର ଶକ୍ତି ବିକ୍ଷିପ୍ତ କରିବା ଫଳରେ ସମାଜ ପରି ଅପେକ୍ଷାକୃତ ସୁପରିଚାଳିତ ପତ୍ରିକାମାନଙ୍କର ଗ୍ରାହକ ସଂଖ୍ୟାରେ ବ୍ୟାଘାତ କରାଇବା ଉଚିତ ନୁହେଁ। ମୁଁ ଜାଣେ ଉକ୍ତ ପତ୍ରିକାରେ ଯାହା ଲାଭ ହୁଏ ତାହା ପ୍ରାଦେଶିକ କଂଗ୍ରେସ କମିଟିର। ଏପରି ଅବସ୍ଥାରେ ବିନା କମିଶନ୍‌ରେ କଂଗ୍ରେସର ସ୍ୱେଚ୍ଛାସେବକମାନେ ତାହା ବିକ୍ରିକରିବାରେ କି ଉଦ୍ଦେଶ୍ୟ ଥାଇପାରେ ଦୟାନିଧିବାବୁ ତାହା ବୁଝିପାରିବେ। ତାପରେ ପତ୍ର ଲେଖିବାର ଅନ୍ତତଃ ୪ ମାସପରେ କେବଳ ଏହି ଜିଲ୍ଲାରେ ତାହା ବିକ୍ରିହେଲା। ଯେଉଁ ରୀତିରେ ଦୟାନିଧିବାବୁ ସନ୍ଦେହ ଉଦ୍ୟାପନ କରିଅଛନ୍ତି ତାହା ତାଙ୍କ ପକ୍ଷରେ ଉପଯୁକ୍ତ ହୋଇନାହିଁ। ଅଧିକନ୍ତୁ ଜେଲବାସୀ ଗୋପବନ୍ଧୁ ବାବୁଙ୍କ ନାମ ଏ ସମ୍ପର୍କରେ ଜଡିବାକୁ ଚେଷ୍ଟାକରି ତାହାଙ୍କୁ ଏକପ୍ରକାର ଅପମାନ କରିଅଛନ୍ତି। ସବୁଠାରୁ ବିଚିତ୍ର କଥା ଏସବୁବିଷୟ ୧୬ ମାସପରେ ତାଙ୍କ ମନରୁ ପ୍ରକାଶ ପାଇଅଛି। ଜଣେ ଭୂତପୂର୍ବ କଂଗ୍ରେସ କର୍ମୀଙ୍କ ପ୍ରତି ନିଷ୍ଠୁର ହେବା ସହଜ ନୁହେଁ। ତେବେ ଆମ୍ଭମାନଙ୍କ ସହିତ ସେ ଏକ ସମୟରେ ସହଯୋଗ କରି ବର୍ତ୍ତମାନ ଏପରି କୂଟ ବ୍ୟବହାର କରିବା ଟିକିଏ କଷ୍ଟକର ବୋଧହୁଏ। ସେ ଯାହା ହେଉ ଥରେ ଏପ୍ରିଲରେ ଏବଂ ପରେ ଜାନୁଆରୀରେ ପତ୍ରିକା କରିବାପାଇଁ ଉଦ୍ୟମ କରିଥିଲେ ତାହା ଏ ପର୍ଯ୍ୟନ୍ତ କେଁଉ କାରଣରୁ ବନ୍ଦ ହେଲା ? ଯେଉଁମାନେ ଏ ଉଦ୍ଦେଶ୍ୟରେ ସାହଚର୍ଯ୍ୟ ପ୍ରକାଶ କରିଥାଆନ୍ତେ ସେମାନଙ୍କ ପକ୍ଷରୁ କି ଅନ୍ତରାୟ ହେଲା ?

୪) ଜିଲ୍ଲା କଂଗ୍ରେସ କମିଟିର ହିସାବ ଠିକ୍ କରାଯାଉନାହିଁ ବୋଲି ଦୟାନିଧିବାବୁଙ୍କଠାରୁ ଶୁଣିବା ଏହା ପ୍ରଥମ। କେହିକେହି ଅସହଯୋଗୀ ବିରୋଧୀ ଏହା କହୁଥିବା କଥା ସେ ଆସି ଏଠାରେ କହିବାରୁ ସେଥିରେ ଭ୍ରୂକ୍ଷେପ ନକରିବା ପାଇଁ ତାହାଙ୍କୁ



Source: Author, Digitized by PPRACHIN, SOA

କୁହାଯାଇଥିଲା । ଜିଲ୍ଲା କମିଟିର ହିସାବ ସର୍ବସାଧାରଣଙ୍କ ନିମନ୍ତେ ଉନ୍ମୁକ୍ତ । ଜିଲ୍ଲା ମଧ୍ୟରେ ୧୩ଗୋଟି ଖଦୀ ମନ୍ଦିର ଅଛି । ଏଥିରେ ଅରଟ ତୟାରୀ ସୂତାକଟା ଲୁଗାବୁଣା, ବିକ୍ରି ଓ ତତ୍‌ସଂକ୍ରାନ୍ତ ସମୁଦାୟ ବିଷୟ ଚାଲିଥାଏ । ଏହା କଡାକ୍ରାନ୍ତି ପର୍ଯ୍ୟନ୍ତ ହିସାବ ଅଛି । ନହେଲେ ଏତେବଡ ଗୁରୁତର କାର୍ଯ୍ୟଚାଲି ମେ ମାସ ଶେଷବେଳକୁ ପ୍ରାୟ ୧୨୦୦ଟଙ୍କା ଲାଭ ହୁଅନ୍ତା କିପରି ? ଓଡିଶାର କର୍ମୀମାନେ ସମସ୍ତେ ଅନୁଭବୀ ନୁହନ୍ତି । ହିସାବ ରଖିବା ସାପ୍ତାହିକ ରିଟର୍ଣ୍ଣ ଇତ୍ୟାଦି ବିଷୟ ପଠାଇବା ଅଧିକନ୍ତୁ ଗୋଟିଏ ଅଫିସ୍ ଚଳାଇବା କିମ୍ବା ଗୋଟିଏ ଦୋକାନ ପକାଇବା ଅପେକ୍ଷା ଅରଟ ତୟାରୀ ଓ କପାକିଣାଠାରୁ ଖଦଡ ବୁଣା ଓ ବିକ୍ରି ଓ ରଙ୍ଗଦିଆ ପ୍ରଭୃତି କାର୍ଯ୍ୟକରି ଏହାର ହିସାବ ରଖିବା ଏଡେ ସହଜ କାର୍ଯ୍ୟ ନୁହେଁ । ଅନ୍ତତଃ ଏ ସମ୍ବନ୍ଧରେ ଶିକ୍ଷିତ ସମ୍ପ୍ରଦାୟର ଯେପରି ଅନୁଭବ ସେଥିରେ ଏ କାର୍ଯ୍ୟର ଗତିରେ ଦୁଃଖିତ ହେବାର ନୁହେଁ । ଏହି ଅଳ୍ପ ସମୟ ମଧ୍ୟରେ ଯେ ଫଳ ଦେଖାଯାଇଅଛି ତାହା ଭବିଷ୍ୟତ ସକାଶେ ଆଶାପ୍ରଦ । ବର୍ତ୍ତମାନ ଦୟାନିଧିବାବୁ ଏ ଅବିଶ୍ୱାସର ଢେଉଉଠାଇ କେତେ ଲୋକଙ୍କର ଆଖି ସଂପୂର୍ଣ୍ଣ ଫିଟାଇଦେଇପାରିବେ । କାଗଜପତ୍ର ହିସାବ ପ୍ରଭୃତି ଯେଉଁ ରୀତିରେ ରଖାଯାଏ ଯେ କେହି ଦେଖିବା ମନା ନୁହେଁ । ଏହା ଦମ୍ଭସହକାରେ କୁହାଯାଇପାରେ ଯେ ଓଡିଶାର କୌଣସି ଲୋକ ସାଧାରଣଙ୍କ ଅନୁଷ୍ଠାନ ଏହି ନିୟମରେ ଚଳିନାହିଁ ।

୫) ଦୟାନିଧିବାବୁଙ୍କ ସରକାରୀ କଚେରୀରେ କ୍ଷମା ପ୍ରାର୍ଥନା କରିବା ପରେ ନିରଞ୍ଜନବାବୁଙ୍କ ସହ ତାଙ୍କର ଦେଖାହୋଇଥିଲା । ପାରିବାରିକ ଦୁରାବସ୍ଥା ଓ ପିତାଙ୍କ ବିୟୋଗ ଲାଗି କଂଗ୍ରେସ କାର୍ଯ୍ୟ ଛାଡିଥିବା ଓ ସେ କାରଣରୁ ବଡ ଲଜ୍ଜିତ ବୋଧ କରୁଥିବା ଏବଂ କଳାହାଣ୍ଡି, ପାଟଣା ପ୍ରଭୃତି ଅଞ୍ଚଳରେ କାର୍ଯ୍ୟ ଅନ୍ୱେଷଣ କରୁଥିବା କଥା ସେ ସମୟରେ ସ୍ପଷ୍ଟ ଭାବରେ କହି ଉତ୍କଳୀୟ ଅସହଯୋଗରେ ବିମୁଖତା ପ୍ରଦର୍ଶନ କରିବାକୁ ଚେଷ୍ଟା କରିଅଛନ୍ତି । ସେ ଅଲ୍ଲୀ ଭାଇଙ୍କ ଘଟଣା ନେଇ ଭାରତୀୟ ଅସହଯୋଗରେ ବିମୁଖ ହୋଇଥିବା କଥା ପ୍ରକାଶ କରିନାହାନ୍ତି । କିମ୍ବା ସମାଜର ପ୍ରତିଦ୍ୱନ୍ଦିତା କରିଥିବା କଥା ଶୁଣି ୧୯୨୧ ଏପ୍ରିଲ ମାସପରେ ଉତ୍କଳୀୟ ଅସହଯୋଗ କଥା ଆବିଷ୍କାର କରିନାହାନ୍ତି । ଉତ୍କଳର କର୍ମୀମାନଙ୍କର ଯଥେଷ୍ଟ ଦୋଷ ଓ ତ୍ରୁଟି ଅଛି ତାହା କେହି ଅସ୍ୱୀକାର କରିବେ ନାହିଁ । ତାହା ସମାଜ ଓ ବେଷ୍ଟନୀ ଫଳରୁ । କିନ୍ତୁ ଦୟାନିଧି ବାବୁଙ୍କ ଦୋଷ ଲାଗି ସହନଶୀଳ ହେବା ତାଙ୍କ କ୍ଷମା ପ୍ରାର୍ଥନାରେ ନିଷ୍ଠୁର ଭାବ ଅବଲମ୍ବନ କଲାପରି ହେବ । ମନୁଷ୍ୟ ମାତ୍ରେ ଯେପରି ଦୁର୍ବଳ ଅନ୍ୟର ଦୋଷ ସହାନୁଭୂତି ଚକ୍ଷୁରେ ଦେଖିବା ପରିବର୍ତ୍ତେ ବିଦ୍ରୂପ



Source: Author, Digitized by PPRACHIN, SOA

କରିବା ଉଚିତ ନୁହେଁ। ତାହାବୋଲି ଅସହଯୋଗୀମାନଙ୍କର ଦୋଷ ସେହି ବଡଲୋକିଆ ଧରଣରେ ମାର୍ଜନା କରିବା ଆବଶ୍ୟକ ନୁହେଁ।

୬) ପିକେଟିଂର ଫଳ ଆଶାପ୍ରଦ ନଥିବାରୁ ପିକେଟିଂରେ ବିଶ୍ୱାସ ହରାଇବା ଦୟାନିଧି ବାବୁଙ୍କ ପକ୍ଷରେ ସ୍ୱାଭାବିକ ହୋଇପାରେ। କିନ୍ତୁ ଜେଲକୁ ଟାଣିବା ବେଳେ କ୍ଷମା ପ୍ରାର୍ଥନା କରିବା ଏଥି ସହିତ ଖାପ୍ ଖାଉନାହିଁ। ଦୟାନିଧିବାବୁ ବୁଝିବା ଉଚିତ ଯେ ପିକେଟିଂ ଲାଗି ଯେଉଁମାନେ ଜେଲ୍ ଯାଇଛନ୍ତି ସେମାନଙ୍କୁ କେହି ଗ୍ୟାରେଣ୍ଟି ଲେଖିଦେଇନାହାନ୍ତି ଯେ ଜେଲ୍ ଯିବା ଫଳରେ ନିଶାସେବନ ଉଠିଯିବ।

୭) କଟକ ଓ ପୁରୀ ଜିଲ୍ଲା କଥା ଦୟାନିଧି ବାବୁ ଲେଖିଅଛନ୍ତି। କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ଅସହଯୋଗ କରିପାରିନାହାନ୍ତି। ସମ୍ବଲପୁର କଥା ବଡ ଖେଦରେ ଲେଖିଛନ୍ତି। ଏହି ସମ୍ପର୍କରେ ପ୍ରାଦେଶିକ କମିଟିକୁ ଯଥେଷ୍ଟ ଆକ୍ଷେପ କରିଅଛନ୍ତି। ପ୍ରକୃତ କଥା ଏହି ଯେ ଗତ ବର୍ଷ(୧୯୨୧) ଯେଉଁ ୫୦୦୦୦ ଟଙ୍କା ଖଦୀ କାର୍ଯ୍ୟ ପାଇଁ ନିଖିଳ ଭାରତ କମିଟିରୁ ଗ୍ରାଣ୍ଟ୍ ଆସିଥିଲା ତାହା ଜିଲ୍ଲାଓ୍ୱାରୀ ଉକ୍ତ କମିଟି ନିର୍ଦ୍ଦେଶ କରିଦେଇଥିଲେ। ସମ୍ବଲପୁର ଜିଲ୍ଲା କୌଣସି ସ୍କିମ୍ ପଠାଇନଥିଲେ ଏବଂ ନିଖିଳ ଭାରତ କଂଗ୍ରେସ କମିଟି କୌଣସି ଗ୍ରାଣ୍ଟ୍ କରିନାହାନ୍ତି। ଅବଶ୍ୟ ଉକ୍ତ ଜିଲ୍ଲାରେ ଅନେକ ସୁବିଧା ଅଛି। କିନ୍ତୁ ପ୍ରାଦେଶିକ କମିଟିଙ୍କ ହାତରେ ଆଉ ଟଙ୍କା କେଉଁଠି ଥିଲା ଯେ ସମ୍ବଲପୁର ଯାଇଥାନ୍ତା ? ସେ ଜିଲ୍ଲା ପକ୍ଷରୁ ନିର୍ବାଚିତ ପ୍ରତିନିଧିମାନେ କେହି ଧାରାବାହିକ ରୂପେ ପ୍ରାଦେଶିକ କମିଟିର କାର୍ଯ୍ୟାବଳୀରେ ଯୋଗ ନଦେଇ ଅନ୍ୟମାନଙ୍କ ଉପରେ ନିର୍ଭର କରିବା ମଧ୍ୟ ଏକ କାରଣ ହୋଇପାରେ। ଏ ବର୍ଷର ଖଦଡ ଋଣପାଇଁ ପ୍ରଥମେ ସମ୍ବଲପୁର ଜିଲ୍ଲା ସଂପାଦକ ୧୨୦୦୦ ଟଙ୍କା ପାଇଁ ଗୋଟିଏ ସ୍କିମ୍ ଦେଇଥିଲେ। ପରେ ତାହା ୩୦୦୦୦ ଟଙ୍କା କରିବା ପାଇଁ ଜଣେ ସଭ୍ୟ ଅନୁରୋଧ କଲେ। ଏଥିରେ ଲଢିଭିଡି ପ୍ରତିବିଧାନଟା କେଉଁଠି ହେଲା ? କେଉଁ ଜିଲ୍ଲା କେତେ ପାଇବେ ତାହା ଉପଯୁକ୍ତ ତତ୍ତ୍ୱାବଧାନରେ ନିଖିଳ ଭାରତ କମିଟିଙ୍କ ପ୍ରଯତ୍ନରେ ଠିକ୍ କରିବା ପାଇଁ ପ୍ରାଦେଶିକ କମିଟିଙ୍କ ଉପରେ ନ୍ୟସ୍ତ ଅଛି। ଏ କ୍ଷଣି କିଛି ଠିକ୍ ହୋଇନାହିଁ।

ପରିଶେଷରେ ଦୟାନିଧି ବାବୁଙ୍କଠାରେ ମନ୍ତବ୍ୟ ଏହି ଯେ ଅନ୍ୟର ଦୋଷ ଦେଖାଇବା ଦ୍ୱାରା ନିଜର ତ୍ରୁଟି କମିଯାଏନାହିଁ। ସମାଲୋଚନା କରିବାର ସମସ୍ତଙ୍କର ଅଧିକାର ଅଛି। କିନ୍ତୁ ଅଯଥା ଦୋଷାରୋପଣ କରିବା ଦ୍ୱାରା ଅନ୍ୟର କ୍ଷତି କୌଣସି



Source: Author, Digitized by PPRACHIN, SOA

କାଳେ ହୋଇନପାରେ। କଂଗ୍ରେସ କର୍ମୀ ଥିବାବେଳେ ଦୟାନିଧି ବାବୁଙ୍କର ସମସ୍ତ କାର୍ଯ୍ୟକଳାପ ପ୍ରକାଶ କଲେ ବର୍ତ୍ତମାନ୍ ତାଙ୍କର କୈଫୟତ୍ ମୂଲ୍ୟ ଠିକ୍ ରୂପେ ଜଣାପଡନ୍ତା। କିନ୍ତୁ ସେଥିରେ କିଛି ଫଳନାହିଁ। ଉତ୍କଳୀୟ ଅସହଯୋଗରେ ଯେଉଁମାନେ ବିମୁଖ ଅନ୍ୟ ପ୍ରଦେଶରେ ଅନ୍ୟ ପ୍ରକାର ଅସହଯୋଗ ଦେଖାଇବା ପାଇଁ କେହି ବାରଣ କରୁନାହିଁ। ତାପରେ ମଧ୍ୟ ଅନୁଷ୍ଠାନ ପ୍ରତି ବିରକ୍ତ ହୋଇ ଅସହଯୋଗ ଛାଡିବା ବିଦେଶୀ ପିନ୍ଧିବା ବା ସରକାରୀ ଚାକିରୀ ଖୋଜିବା ଯୁକ୍ତିଯୁକ୍ତ ନୁହେଁ।"

ବୈଦ୍ୟନାଥ ମିଶ୍ରଙ୍କର ପତ୍ରର ପ୍ରତ୍ୟୁତ୍ତର ଦୟାନିଧି ମିଶ୍ର ଅଗଷ୍ଟ ୨୮, ୧୯୨୨ର ଆଶାରେ ଉପସ୍ଥାପନ କରିଥିଲେ। ସେହି ଦୀର୍ଘ ପ୍ରତ୍ୟୁତ୍ତରରେ ଦୟାନିଧି ମିଶ୍ର ଲେଖିଥିଲେ- "ଶ୍ରୀମାନ୍ ବୈଦ୍ୟନାଥ ମିଶ୍ରଙ୍କ ପତ୍ରପ୍ରାପ୍ତ ହୋଇ ଆପଣଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛି। ମୁଁ କୈଫୟତ୍ ଲେଖିବା ସମୟରେ ଏପରି ପ୍ରତିବାଦ ବାହାରିବାର ଆଶା କରିଥିଲି। ନ ବାହାରନ୍ତା ବା କାହିଁକି ? ନିଜ ସ୍ୱାଧୀନ ମତ ବ୍ୟକ୍ତ କରିବାକୁ ପ୍ରତ୍ୟେକ ଲୋକର ଅଧିକାର ଅଛି। କିନ୍ତୁ ଦୁଃଖର ବିଷୟ ଏହି ଯେ ସମାଲୋଚିତ ପତ୍ରର ବିଷୟ ଶ୍ରୀମାନ୍ ବୈଦ୍ୟନାଥଙ୍କର ନିଜସ୍ୱ ପରି ଜଣାପଡୁନାହିଁ। ରଂଗମଞ୍ଚ ଅନ୍ତରାଳରୁ ନେପଥ୍ୟବାଣୀ ତୁଲ୍ୟ ଏହା ପ୍ରତିୟମାନ ହେଉଛି। ସମାଲୋଚନା କ୍ଷେତ୍ରରେ ଏପରି ନେପଥ୍ୟବାଣୀ କେତେଦୂର ସମୀଚୀନ ତାହା ସମସ୍ତେ ଜାଣନ୍ତି। ତେବେ ଯଦି ଏଠାରେ ରୂପକ ଅଳଂକାରର ଆଶ୍ରା ନିଆଯାଏ ତାହା ହେଲେ ଆଉ କଥା ନାହିଁ।

ମୁଁ ଚିଠିପତ୍ର ଲେଖାବିଭାଗକୁ ଗୌରବାବହ କାର୍ଯ୍ୟବୋଲି ଇଚ୍ଛାକରୁନଥଲି। ସ୍ୱଦେଶର କାର୍ଯ୍ୟରେ ମୁଁ ଏପରି ଉଚ୍ଚନିଚ୍ଚ ଭେଦଭାବ ଦେଖିନାହିଁ। କିମ୍ବା ସେପରି କଥା କାହାରି ଆଗରେ ପ୍ରକାଶ କରିନାହିଁ। ତେବେ ଲେଖକ କିମ୍ବା ତାଙ୍କ ସୂତ୍ରଧାରଙ୍କର ଯଦି ସେପରି କୌଣସି ମତ ଥାଏ , ତାହେଲେ ମୌନହିଁ ଶୋଭନ। ମୁଁ କଂଗ୍ରେସରେ କାର୍ଯ୍ୟ କରିବା ସମୟରେ ଶାନ୍ତିସେନାର ଅଧିନାୟକଏବଂ ବ୍ରହ୍ମପୁର ସ୍ୱରାଜାଶ୍ରମର ପରିଚାଳକ ଥିଲି। ଅରଟ ପ୍ରଚାରର ଭାର ମୋ ଉପରେ ନ୍ୟସ୍ତ ହୋଇଥିଲା। କିନ୍ତୁ ମୁଁ ସେ କାର୍ଯ୍ୟର ଭାର ନେବାକୁ ଅସମ୍ମତ ହୋଇଥିଲି। ମୁଁ ନିଜେ ସ୍ୱତଃପ୍ରବୃତ୍ତ ହୋଇ ଅସ୍ପୃଶ୍ୟ ଜାତିମାନଙ୍କ ମଧ୍ୟରେ ଅଳ୍ପ ପରିମାଣରେ କଂଗ୍ରେସରେ କାର୍ଯ୍ୟପ୍ରଚାର କରିଥିଲି। ସେ ଭାର ଓ ସଭାସମିତି ଗଠନ କରିବା ଭାର ମତେ କେହି ଦେଇନଥିଲେ। ମୋର କାର୍ଯ୍ୟର ପରିମାଣ ଓ କାର୍ଯ୍ୟ ସମ୍ବନ୍ଧରେ ଲେଖକ ମହାଶୟ ଆକ୍ଷେପ କରିଛନ୍ତି। ମୁଁ ସ୍ୱୀକାର କରୁଅଛି ଯେ ମୁଁ ହୃଦୟ ସହିତ କଂଗ୍ରେସ କାର୍ଯ୍ୟ କରିପାରିନାହିଁ। ମନରେ ସନ୍ଦେହ ଥିଲେ ଆନ୍ତରିକତା ଆସିବ



Source: Author, Digitized by PPRACHIN, SOA

କୁଆଡୁ ? ମୁଁ କଂଗ୍ରେସର କେତେ ଧନ ଆତ୍ମସାତ କରିଅଛି କଂଗ୍ରେସର କାର୍ଯ୍ୟରେ କେଉଁ ପରିମାଣରେ ଅବୈଧତାକୁ ପ୍ରଶ୍ରୟ ଦେଇଅଛି, ତାହା ପ୍ରକାଶିତ ହେବା ଦେଶ ତଥା ମୋ ପକ୍ଷରେ ଶୁଭକର । ଆଶାକରେ, ଲେଖକ ମହାଶୟଙ୍କ ଇଚ୍ଛା ଅଚିରେ କାର୍ଯ୍ୟରେ ପରିଣତ ହେବ । ମୁଁ କଂଗ୍ରେସ କର୍ମୀ ହୋଇ ପତ୍ରିକା ବାହାର କରିବାକୁ ଯିବା କଂଗ୍ରସର ନିୟମବିରୁଦ୍ଧ ବୋଲି କେହି କେବେ କହିଥିଲେ କି ? ନିଜେ ନିରଞ୍ଜନ ବାବୁ ଏବଂ ଚାଟାର୍ଜୀ ବାବୁ ପତ୍ରିକାର ପ୍ରଚାର ନିମନ୍ତେ ମତେ କଂଗ୍ରେସ ପକ୍ଷରୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତ ହୋଇନଥିଲେ କି ? ଏହି ବିଷୟ ମୋର ଶ୍ରଦ୍ଧେୟ ବନ୍ଧୁ ବିଶ୍ୱନାଥ ଦାସ ଓ ଲାଲମୋହନ ପଟ୍ଟନାୟକଙ୍କ ସମକ୍ଷରେ ଆଲୋଚିତ ହୋଇଥିଲା । ଲେଖକ ମହାଶୟ ସେମାନଙ୍କୁ ପଚାରିଲେ ସାର କଥା ବୁଝିପାରିବେ । ମୁଁ ପତ୍ରିକା ବାହାର କରିବା ଉଦ୍ୟମରେ କାହାରିଠାରୁ ବାଧା ପାଇନାହିଁ । କେବଳ ନିରଞ୍ଜନ ବାବୁ ପ୍ରଥମେ ହତୋତ୍ସାହ କରିଥିଲେ । ମୋର ପ୍ରଥମ ଉଦ୍ୟମ ମୁଁ ସରକାରୀ କାର୍ଯ୍ୟ ନଛାଡିବାରୁ ବନ୍ଦ ରହିଥିଲା । ଦ୍ୱିତୀୟ ଉଦ୍ୟମରେ ମୁଁ ଅନେକ ଦୂର କୃତକାର୍ଯ୍ୟ ହୋଇଥିଲି । ଦୁର୍ଭାଗ୍ୟବଶତଃ ମୋର ପିତୃବିୟୋଗ ଘଟିବାରୁ ଗାଁକୁ ଚାଲିଗଲି ଓ କେତେଦିନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ପ୍ରତି ଆଉ ଜମା ଇଚ୍ଛାହେଲାନାହିଁ । ମୁଁ ଗାଁରେ ଥିବା ସମୟରେ ଶ୍ରୀବସ୍ତ ପଣ୍ଡା ମହାଶୟଙ୍କଠାରୁ ଖଣ୍ଡିଏ ପତ୍ର ପାଇଥିଲି । ଅଦ୍ୟାବଧି ତାଙ୍କର ମୋପ୍ରତି ସଂପୂର୍ଣ୍ଣ ସହାନୁଭୂତି ଅଛି । ଅନ୍ୟାନ୍ୟ ବନ୍ଧୁମାନେ ମଧ୍ୟ ତଦ୍ରୂପ । ମୁଁ ଗାଁରୁ ଫେରିଲା ଉତ୍ତାରୁ ଉଦ୍ୟୋକ୍ତାମାନଙ୍କ ମଧ୍ୟରୁ ଅନେକ ଏ ବିଷୟରେ ସହାନୁଭୂତିମୂଳକ ମନ୍ତବ୍ୟ ପ୍ରକାଶ କରିଅଛନ୍ତି । ମୁଁ ଜାଣେନାହିଁ ସେମାନଙ୍କ ପକ୍ଷରୁ କି ଅନ୍ତରାୟ ଅଛି ଲେଖକ ମହାଶୟ କହିଦେବେ କି ?

ସମାଜ ସମ୍ବନ୍ଧରେ ନିରଞ୍ଜନ ବାବୁ ମୋଠାକୁ ଯାହା ଲେଖିଥିଲେ ତହିଁର ମର୍ମକୁ ପରିବର୍ତ୍ତିତ ଆକାରରେ ଲେଖକ ମହାଶୟ ପ୍ରକାଶ କରି ନିଜପକ୍ଷକୁ କେତେଦୂର ସମର୍ଥନ କରିବାକୁ ସମର୍ଥ ହୋଇଛନ୍ତି, ତାହା ସହଜରେ ଅନୁମେୟ । ପରମାରାଧ୍ୟ ଗୋପବନ୍ଧୁ ବାବୁଙ୍କ ପ୍ରତି ମୁଁ କୌଣସି ଆକ୍ଷେପ କରିନାହିଁ । ତାଙ୍କଠାରେ ମୋର ଅଚଳାଭକ୍ତି ଓ ବିଶ୍ୱାସ ଅଛି । ତାଙ୍କ ପାରିପାର୍ଶ୍ୱିକମାନଙ୍କ ଯୋଗେ ତାଙ୍କ ପବିତ୍ର ନାମରେ କଳଂକ ନଲାଗିଲେ ରକ୍ଷା । ଆଉ ଗୋଟିଏ କଥା ଆଜି ପର୍ଯ୍ୟନ୍ତ ଯାହା ସମାଜରେ ଲାଭ ହୋଇଅଛି ସେଥିରୁ କିଛି ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ହସ୍ତଗତ ହୋଇଅଛି କି ? ଲାଭ ହୋଇନାହିଁ ବୋଇଲେ କେହି ଶୁଣିବେ ନାହିଁ । ଯେହେତୁ ସମାଜର ଆୟ ବିଷୟ ସମସ୍ତଙ୍କୁ ଜଣା । ଗଂଜାମ ଜିଲ୍ଲା କଂଗ୍ରେସ କମିଟିର ଆୟ ବ୍ୟୟ ସମ୍ବନ୍ଧରେ ମୋର ଯେଉଁ ସନ୍ଦେହ ଜାତ



Source: Author, Digitized by PPRACHIN, SOA

ହୋଇଥିଲା ତାହା ଆଶାର ମନ୍ତବ୍ୟ ଦ୍ୱାରା ଆହୁରି ବଦ୍ଧମୂଳ ହୋଇଅଛି । ଆଜି ପର୍ଯ୍ୟନ୍ତ ହିସାବ ପରୀକ୍ଷା ନହେଉଣୁ ମୋଟାମୋଟି ହିସାବ ପ୍ରକାଶ କରିବାକୁ ଏତେ ବ୍ୟାକୁଳତା କାହିଁକି ? ବାର ଶହ ଟଙ୍କା ଲାଭ ହୋଇଛି ବୋଲି ଖାଲି ତୁଣ୍ଡରେ କହିଲେ କେହି ଶୁଣିବେ ନାହିଁ । ସୁଖର କଥା ଯେ ଓଡିଶାର ସାଧାରଣ ଅନୁଷ୍ଠାନମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲା କଂଗ୍ରେସ କମିଟି ଅଫିସ୍‌ର ଅବସ୍ଥା ସର୍ବୋତ୍କୃଷ୍ଟ ବୋଲି ଲେଖକ କହିଛନ୍ତି । ସେ ବିଷୟରେ ବେଶିକିଛି କହିବା ଅନାବଶ୍ୟକ । ହିସାବ ପରୀକ୍ଷାପରେ ସବୁ ଜଣା ପଡିବ । ମୁଁ ଅସହଯୋଗ ଛାଡିବାପରେ ଶ୍ରୀମାନ୍ ପ୍ରବୋଧ ଚନ୍ଦ୍ର ଚାଟାର୍ଜୀ ଏବଂ ଶ୍ରୀମାନ୍ ନିରଞ୍ଜନ ପଟ୍ଟନାୟକଙ୍କ ସହିତ ମୋର ଦେଖାହୋଇଥିଲା । ଚତୁର ଚାଟାର୍ଜୀ ବାବୁ ଅସହଯୋଗ ତ୍ୟାଗର ଅନ୍ୟ କୌଣସି କାରଣ ନାହିଁକି ବୋଲି ପଚାରିଥିଲେ । ମୁଁ ଆଗହୁଁ ସ୍ଥିରସଂକଳ୍ପ ଥିଲି ଯେ ଅସହଯୋଗୀମାନଙ୍କ ବିରୁଦ୍ଧରେ କିଛି କହିବି ନାହିଁ । ମୋର ପୂର୍ବ ପତ୍ରରେ ମଧ୍ୟ ମୁଁ ଉଲ୍ଲେଖ କରିଅଛି ଯେ କେତେକ ଅସହଯୋଗୀ ବନ୍ଧୁଙ୍କ ଅନୁରୋଧ କ୍ରମେ ଅନିଚ୍ଛା ସତ୍ତ୍ୱେ ମୁଁ ଏହି କାର୍ଯ୍ୟରେ ହସ୍ତକ୍ଷେପ କରିଅଛି । ଏଣୁକରି ମୋର ପାରିବାରିକ ଦୁରବସ୍ଥାକୁ ମୋର ଅସହଯୋଗ ତ୍ୟାଗର କାରଣୀଭୂତ କରି ଚାଟର୍ଜୀ ବାବୁଙ୍କ ପ୍ରଶ୍ନର ଉତ୍ତର ଦେଇଥିଲି । ଅନ୍ୟାନ୍ୟ ଜିଜ୍ଞାସୁମାନେ ମଧ୍ୟ ମୋଠାରୁ ଏହି ଉତ୍ତର ପାଇଥିଲେ । ପରେ ଯେତେବେଳେ ମୋର ଅସହଯୋଗ ତ୍ୟାଗ ବିଷୟ ଚାରିଆଡେ ଆଲୋଚିତ ହେଲା, ମୁଁ ଆଉ ତୁନି ହୋଇ ରହିପାରିଲିନାହିଁ । କେତେକ ଅସହଯୋଗୀ ବନ୍ଧୁଙ୍କୁ ସବୁକଥା ଫିଟାଇ କହନ୍ତେ ସେମାନେ ମୋର କାର୍ଯ୍ୟରେ ସନ୍ତୋଷ ପ୍ରକାଶ କଲେ ।

ଗୋପବନ୍ଧୁ ଚୌଧୁରୀ କହିଲେ ଯେ ସମ୍ବଲପୁରରେ ଅନେକ ଧନୀ ଗୌନ୍ତିଆ ଓ ଜମିଦାର ଅଛନ୍ତି । କଂଗ୍ରେସ କାର୍ଯ୍ୟ ନିମନ୍ତେ ସେ ଜିଲ୍ଲାରେ ଟଙ୍କାର ଅଭାବ ହେବନାହିଁ । ପୁରୀ ଓ କଟକ ପ୍ରଭୃତି ଜିଲ୍ଲାରେ ଧନୀ ଜମିଦାର ନାହାନ୍ତି ପରା । ଆଉ ଜମିଦାର ଶ୍ରେଣୀର ଲୋକେ ଅସହଯୋଗ ପ୍ରତି କିପରି ସହାନୁଭୂତିଶୀଳ ତାହା ଯେ ଅଙ୍ଗେ ନିଭାଇଛି,ସେ ଜାଣେ । ବେଶି କଥା କାହିଁକି ? ଯଦି ଧନୀମାନଙ୍କ ସାହାଯ୍ୟ ଉପରେ ନିର୍ଭର କରାଯାଏ, ତାହାହେଲେ ବହୁରାଜା ଜମିଦାରପୂର୍ଣ୍ଣ ଉତ୍କଳ ପ୍ରଦେଶ ଟଙ୍କା ନିମନ୍ତେ ଅନ୍ୟର ଦ୍ୱାରସ୍ଥ ହେବା ଶୋଭନୀୟ କି ? ସମାଲୋଚକ ମହାଶୟ ପୁର୍ନବାର କହିଛନ୍ତି, ପ୍ରାଦେଶିକ କମିଟି ହାତରେ ଆଉ ଟଙ୍କା କେଉଁଠି ଥିଲା ଯେ ସମ୍ବଲପୁର ପାଇଥାନ୍ତା ? କି ସୁନ୍ଦର ଯୁକ୍ତି ! କଟକ, ପୁରୀ, ବାଲେଶ୍ୱର ଓ ଗଂଜାମ ନେଲାବେଳକୁ ଟଙ୍କା ଥିଲା; କିନ୍ତୁ ସମ୍ବଲପୁର ବେଳକୁ ଶୂନ୍ୟ ? ଧନ୍ୟ ପ୍ରାଦେଶିକ କମିଟିର ନ୍ୟାୟବିଚାର ! ନିରଞ୍ଜନ ବାବୁଙ୍କ ଚଉକି



Source: Author, Digitized by PPRACHIN, SOA

ଉପରେ ଚଉକି ବସାଇ ହାତ ହଲାଇବା କଥା ମନେ ନାହିଁ ପରା । ଏପରି ଅସାର ଯୁକ୍ତି ଦ୍ୱାରା ସତ୍ୟକୁ ଘୋଡାଇବାକୁ ଯିବା ପଂଜାବ ଅତ୍ୟାଚାରର ପ୍ରତିକାରାଭିଳାଷୀ ଅସହଯୋଗୀ ପକ୍ଷରେ କଦାପି ଶୋଭନୀୟ ନୁହେଁ । ସମ୍ବଲପୁରରେ ଅସହଯୋଗର ଅକାଳ ମୃତ୍ୟୁ ନିମନ୍ତେ କେବଳ ଉତ୍କଳ ପ୍ରାଦେଶିକ କମିଟି ଦାୟୀ । ମୋର ଶ୍ରଦ୍ଧେୟ ଭାଇ ଭଗୀରଥ(ଭଗୀରଥି ମିଶ୍ର) ଓ ଗଣେଷ ପ୍ରସାଦ ପାଢୀଙ୍କ ପତ୍ରରୁ ଏହା ସ୍ପଷ୍ଟରୂପେ ଜଣାଯିବ । ସମାଲୋଚିତ ପ୍ରବନ୍ଧରେ ଲେଖାଅଛି ଯେ "ଏ ବର୍ଷର ଖଦଡ ଋଣ ପାଇଁ ପ୍ରଥମେ ସମ୍ବଲପୁର ଜିଲ୍ଲା ସମ୍ପାଦକ ୧୨୦୦୦ ଟଙ୍କା ପାଇଁ ଗୋଟିଏ ସ୍କିମ୍ ଦେଇଥିଲେ । ଉତ୍କଳୀୟ ଅସହଯୋଗରେ ଏପରି ବିରାଟ ମିଥ୍ୟାର ସ୍ଥାନ ଅଛି  ବୋଲି ମୁଁ ଜାଣିନଥିଲି । ମୁଁ ଭଲକରି ଜାଣେ ଯେ ସମ୍ବଲପୁର ସମ୍ପାଦକ ବେଶି ଟଙ୍କା ନିମନ୍ତେ ସ୍କିମ୍ ଦେଇଥିଲେ । ଶ୍ରୀମାନ୍ ନିରଞ୍ଜନ ପଟ୍ଟନାୟକ ଯେକି ନିଜ ଜିଲ୍ଲା ନିମନ୍ତେ ୩୦୦୦୦( ?) ଟଙ୍କାରୁ ଅନୁର୍ଦ୍ଧ ଧନ ସକାଶେ ସ୍କିମ୍ ପଠାଇଥିଲେ ସମ୍ବଲପୁରର ସ୍କିମ୍ ପରୀକ୍ଷା  କରି କଟାଛଟା କରି ୧୨୦୦୦ ଟଙ୍କାକୁ ଖସାଇଆଣିଲେ । ପରେ ଶ୍ରୀମାନ୍ ଗଣେଷ ପ୍ରସାଦ ପାଢୀ ପ୍ରାଦେଶିକ କଂଗ୍ରେସ କମିଟିକୁ ଆସି ଏଥିର ପ୍ରତିବିଧାନ କଲେ । ବିରାଡି ଆଖିବୁଜି ଦୁଧ ପିଇବା ସମୟରେ ଭାବେ ଯେ ଜଗତଯାକ ଅନ୍ଧାର । କିନ୍ତୁ ପ୍ରକୃତ କଥା ତାହାକି ?

ମୁଁ ବିଦେଶୀ ପିନ୍ଧିବା କଥା ହାଟରେ ପଡି ବାଟରେ ଗଡୁଛି । ଚାକିରୀ ଖୋଜିବା ନିମନ୍ତେ ମୋର କିପରି ଆଗ୍ରହ ଅଛି ତାହା ଅନ୍ୟ କେହି ନଜାଣନ୍ତୁ ପଛକେ ଆଶାର ସମ୍ପାଦକ ମହାଶୟ ଭଲରୂପେ ଜାଣିଛନ୍ତି । ଆଇନ୍ ପଢିବାକୁ ଯିବା ନିମନ୍ତେ ସେ ମତେ ଅନେକ ଥର ବାଧ କରିଛନ୍ତି । ଏପରିକି ନିଜେ ଆର୍ଥିକ ସାହାଯ୍ୟ ଦେବାକୁ ମଧ୍ୟ ପ୍ରତିଶ୍ରୁତ ହୋଇଛନ୍ତି । କିନ୍ତୁ ମୁଁ ଯାଇନାହିଁ । ମୁଁ ଆଜି ସୁଦ୍ଧା ସ୍ୱାଧୀନ ବ୍ୟବସାୟ ନିମନ୍ତେ ଚେଷ୍ଟା କରୁଛି । ମୁଁ ଯଦି ଜାଣିଥାନ୍ତି ଯେ ସମାଲୋଚିତ ପ୍ରବନ୍ଧର ବିଷୟ ଶ୍ରୀମାନ୍ ବୈଦ୍ୟନାଥଙ୍କ ଅଭିମତ, ତାହାହେଲେ ନୀରବ ରହିଥାନ୍ତି ।  ମୁଁ ଭଲରୂପେ ଜାଣେ ଯେ ସତ୍ୟପ୍ରିୟ ବୈଦ୍ୟନାଥ ଏପରି ଅଳୀକ ଲେଖାର ଉପଯୁକ୍ତ ନୁହନ୍ତି । ପ୍ରବନ୍ଧର ଅନ୍ତରାଳବର୍ତ୍ତୀ ଭଦ୍ରବ୍ୟକ୍ତିଙ୍କ ପଠନ ନିମନ୍ତେ ଯେତେବେଳେ ଜଣେ ଭଦ୍ରଲୋକ ମୋହରି ବସାକୁ ଆଶା(ସମ୍ବାଦପତ୍ର)ର ଅନ୍ୱେଷଣରେ ଆସିଥିଲେ ସେତେବେଳେ ମୁଁ ଭାବିଥିଲି ଯେ ମୋର ଲେଖାର ପ୍ରତିବାଦ ବାହାରିବ । ପୁଣି ମୋଠାକୁ ନିରଞ୍ଜନ ବାବୁଙ୍କ ପତ୍ର ବିଷୟ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ଆଭ୍ୟନ୍ତରିଣ ବିଷୟ ଶ୍ରୀମାନ୍ ବୈଦ୍ୟନାଥ ଜାଣିନାହାନ୍ତି ।"



Source: Author, Digitized by PPRACHIN, SOA

ଅସହଯୋଗୀ ଦୟାନିଧି ମିଶ୍ରଙ୍କ ପତ୍ରାବଳୀରେ ତାଙ୍କ ସ୍ୱାଧୀନ ମନଭାବ ତଥା ନିଷ୍ଠାର ପରିଚୟ ମିଳିପାରେ। ଅସହଯୋଗକୁ ତ୍ୟାଗ କରି ଦୟାନିଧି ସାହିତ୍ୟ ଜଗତରେ ପ୍ରବେଶ କରିଥିଲେ। ସେ ମୁକୁର ପ୍ରେସର ମ୍ୟାନେଜର ରୂପେ ସେତେବେଳେ କାର୍ଯ୍ୟ କରିଥିଲେ।

॥ ୭ ॥

ଚଉରିଚଉରା ନୃଶଂସ ହତ୍ୟାକାଣ୍ଡ ଭାରତର ରାଜନୈତିକ ଇତିହାସର ଏକ ପ୍ରଧାନ ଘଟଣା। ଏହି ଘଟଣା ପରେ ଓଡ଼ିଶାରେ ଗାନ୍ଧିଚର୍ଚ୍ଚା ବିସ୍ତାରିତ ମୋଡ଼ ନେଇଥିଲା। ଆଶା ସମ୍ବାଦପତ୍ରରେ ଫେବୃଆରୀ ୨୦, ୧୯୨୨ ସଂଖ୍ୟାରେ ମହାତ୍ମା କାର୍ଯ୍ୟପନ୍ଥାର (ଏହି କାଳର) ବିସ୍ତାରିତ ଆଲୋଚନା ହୋଇଥିଲା। ସେଥିରେ ସୂଚିତ ହୋଇଥିଲା- "ଅହିଂସା ଅସହଯୋଗ ଆନ୍ଦୋଳନର ପରାଜୟ ଏହି ଘଟଣାରେ ସ୍ପଷ୍ଟ ହୋଇଅଛି। ମହାତ୍ମା ଗାନ୍ଧି ଏହି ଘଟଣାକୁ ଦୈବ ନିର୍ଦ୍ଦେଶ ସାବଧାନ ବାଣୀ ବୋଲି ଗ୍ରହଣ କରିଛନ୍ତି। ସେ ବମ୍ବାଇ ଓ ମାନ୍ଦ୍ରାଜ ଦୁର୍ଘଟଣାମାନ ନମାନି ସମୂହ ଭାବରେ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ବାହାରିଥିଲେ। ମାତ୍ର ଚଉରିଚଉରାରେ ଅସହଯୋଗ ନାମରେ ଓ ଅସହଯୋଗୀ ସ୍ୱେଚ୍ଛାସେବକଙ୍କ ନେତୃତ୍ୱରେ ଜୀବନ୍ତ ମନୁଷ୍ୟମାନଙ୍କୁ ଯେପରି ଭାବରେ ଦହନ କରାଯାଇଥିଲା, ସେଥିରେ ମହାତ୍ମାଗାନ୍ଧି ଆଉ ସମ୍ଭାଳି ପାରିଲେ ନାହିଁ। ମହାତ୍ମା ପରି ସେ ଦୋଷ ସ୍ୱୀକାର କଲେ। ନିଜର ଭୁଲ୍ ମାନିଲେ ଏବଂ ଦାୟିତ୍ୱ ନିଜ ମୁଣ୍ଡରେ ଦେଇ ସମୂହ ଭାବରେ ଆଇନ ଭଙ୍ଗ ପ୍ରସ୍ତାବ ଏକାବେଳକେ ବନ୍ଦ କରିଦେଲେ। ଏତିକି ନୁହେଁ। କଂଗ୍ରେସର କାର୍ଯ୍ୟକ୍ରମରେ ଏପରି ପରିବର୍ତ୍ତନ ସଂଗଠନ କଲେ ଯେ ଏଣିକି ସମ୍ଭବତଃ କଂଗ୍ରେସ କାର୍ଯ୍ୟ ଦ୍ୱାରା ଅହିଂସ ଧର୍ମ ପ୍ରତିପାଳିତ ହେବ। ନିଜେ ଏସବୁ ଘଟଣା ପାଇଁ ଦାୟୀ ବୋଲି ଜାଣି ସେ ପାଞ୍ଚଦିନ ଉପବାସ କରିଛନ୍ତି। ଦେହକୁ ଦୁଃଖ ଦେଇ ଅନୁତାପାନଳରେ ଦଗ୍ଧ ହୋଇଛନ୍ତି। ତାଙ୍କ ଅନୁତାପ ଫଳରେ ବରଦୋଳି ଠାରେ କଂଗ୍ରେସ କାର୍ଯ୍ୟକାରୀ କମିଟି କାର୍ଯ୍ୟକ୍ରମରେ ବିସ୍ତାର ପରିବର୍ତ୍ତନ ପ୍ରସ୍ତାବ କରିଅଛନ୍ତି। ଏ ମାସ ୨୪ ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟିର ଅଧିବେଶନ ହେବ। କାର୍ଯ୍ୟକାରୀ କମିଟି ଯେଉଁ ନିର୍ଦ୍ଧାରଣ ସବୁ ଧାର୍ଯ୍ୟ କରିଛନ୍ତି, ସେ ସମସ୍ତକୁ କଂଗ୍ରେସ କମିଟି ସମର୍ଥନ କରିବେ ବୋଲି ଆଶା ଅଛି। ଗାନ୍ଧି କେତେକାଳ ବା ଅଳ୍ପକାଳ ସକାଶେ ମାତ୍ର ଆଇନଭଙ୍ଗ ପ୍ରସ୍ତାବ ବନ୍ଦ ରଖିବେ ବୋଲି ଅନେକ କହନ୍ତି। ଗାନ୍ଧିଙ୍କ ଅନୁତାପରେ ଅର୍ଥ ନାହିଁ ବୋଲି



Source: Author, Digitized by PPRACHIN, SOA

ଅବିଶ୍ୱାସୀମାନେ ଘୋଷଣା କରୁଛନ୍ତି। ମାତ୍ର ଆମ୍ଭେମାନେ ମହାତ୍ମା ଗାନ୍ଧିଙ୍କର ଏହି ପଛଘଞ୍ଚାରେ ତାଙ୍କ ମହାତ୍ମ୍ୟର ଗୁଣ ଦେଖିପାରିଅଛୁ। ଗାନ୍ଧିଙ୍କର ଏହା ପରାଜୟ ନୁହେଁ, ନୈତିକ ଜୟ। ଆଜିଯାଏ ଭାରତ ଅହିଂସ ଅସହଯୋଗ ପାଇଁ ଉପଯୁକ୍ତ ହୋଇଅଛି ବୋଲି ତାଙ୍କର ଧାରଣା ଥିଲା। ନାନା ଉତ୍ପାତ, ଉତ୍ପୀଡ଼ନ ସତ୍ତ୍ୱେ ସମାଜ ଅହିଂସା ମନ୍ତ୍ରରେ ଦୀକ୍ଷିତ ହେଲାଣି ବୋଲି ସେ ମନେ କରିଥିଲେ। ତାଙ୍କର ଅସଂଖ୍ୟ ଶିଷ୍ୟବର୍ଗ ଦେଶର ନାନା ସ୍ଥାନ ଓ ପ୍ରାନ୍ତରୁ ଏହି ଧାରଣା ଦୃଢ଼ କରୁଥାନ୍ତି। ଅନେକ ସମୟରେ ମିଥ୍ୟା ସମ୍ବାଦ ଦେଇ ଅହିଂସା ବିଭାବ ଦେଖାଉଥାନ୍ତି। ଏଣେ ଘରପୋଡ଼ି, ବଳାତ୍କାରରେ ଚାନ୍ଦା ଆଦାୟ, ଡରାଇବା, ଲୁଟି, ଚୋରି ସବୁ ସେହି ଅହିଂସା ନାମରେ ଚଳୁଥାଏ। ଏପରି ସ୍ଥିତିରେ ମହାତ୍ମା କ'ଣ କରିବେ ? ଦେଶ ଅହିଂସା ଧର୍ମରେ ଦୀକ୍ଷିତ ହେଲାଣି ବୋଲି ମନେକରି ଯାହା କରିବାର କରୁଥିଲେ। ସେ ଧାରଣାର ବଶବର୍ତ୍ତୀ ହେବାରୁ ବର୍ଷକରେ ସ୍ୱରାଜ ହସ୍ତଗତ ହେବ ବୋଲି ସେ ବିଶ୍ୱାସ କରୁଥିଲେ। ବିଶ୍ୱାସୀ ହୃଦୟ ସାମାନ୍ୟ କଥାରେ ପରିତୃପ୍ତ ହୁଏ, ମାତ୍ର ଚଉରିଚଉରା ତାଙ୍କର ସୁଖନିଦ୍ରା ଭାଙ୍ଗିଦେଲା। ତାଙ୍କର ନାନା ପ୍ରକାର କଳ୍ପନା ଏହି ଗୋଟିଏ ଘଟଣାରେ ତିରୋହିତ ହୋଇଗଲା। ସମ୍ବାଦପତ୍ର ମୁହଁରେ ସେ ଚଉରିଚଉରାର ଘଟଣା ଶୁଣି ଆଉ ତୃପ୍ତ ହେଲେ ନାହିଁ। ନିଜର ପ୍ରିୟପୁତ୍ର ଦେବଦାସଙ୍କୁ ଘଟଣାସ୍ଥଳକୁ ପଠାଇ ଠିକ୍ ସମ୍ବାଦ ବୁଝିନେଲେ। ପରେ ଯେପରି ଅନୁତାପ କରିବାର ତାହା କଲେ। ତାଙ୍କ ମନର ସ୍ଥିତି ଏକାବେଳକେ ବଦଳିଗଲା। ମହାତ୍ମା ଗାନ୍ଧିଙ୍କ ନିକଟରେ ଆମ୍ଭେମାନେ କୃତଜ୍ଞତା ଜ୍ଞାପନ କରୁଅଛୁଁ। ଚଉରିଚଉରାର ଘଟଣାକୁ ଉପେକ୍ଷା କରି ଦେଶର ପ୍ରକୃତ ଅବସ୍ଥା ଲୋକଙ୍କର ପ୍ରକୃତ ମାନସିକତା ଗ୍ରହଣ ନକରି ବରଦୋଲି ଠାରେ କିମ୍ବା ଦେଶର ଯେକୌଣସି ଠାରେ ସମୂହ ଭାବରେ ଆଇନ ଅମାନ୍ୟ ଉଦ୍ୟମ କରିଥିଲେ କି ବିଷମୟ ଫଳ ହୋଇଥାନ୍ତା ତାହା ଚଉରିଚଉରା ଘଟଣା ହିଁ ସ୍ପଷ୍ଟ କରିଅଛି। ଗାନ୍ଧି ଦେଶର ପ୍ରକୃତ ନେତା ସ୍ୱରୂପ କାର୍ଯ୍ୟ କରୁଛନ୍ତି। ଦୋଷ ସ୍ୱୀକାର କରିବା ସାମାନ୍ୟ କଥା ନୁହେଁ। ତାଙ୍କର ଉଚ୍ଚ ଆଦର୍ଶରୁ ପ୍ରକୃତ ଦେଶ ହିତୈଷିଣୀ କ'ଣ ଶିଖିବାକୁ ଯାଉଅଛି ? ନିଜର ଗୌରବ, ନିଜ କଥାର ଟେକ ରଖିବା ପାଇଁ ଗାନ୍ଧିଙ୍କର ଇଚ୍ଛା ନାହିଁ। ଆତ୍ମ ସମ୍ମାନ ସଙ୍ଗେ ସତ୍ୟର ସଂଘର୍ଷଣ ହେଲେ ଆତ୍ମସମ୍ମାନକୁ ବଳି ଦେବାକୁ ହେବ ବୋଲି ଗାନ୍ଧିଙ୍କ ବ୍ୟତୀତ ଆଉ କିଏ ଏତେ ସ୍ପଷ୍ଟରେ ଶିଖାଇବ ? ବ୍ୟକ୍ତି ପକ୍ଷରେ ଯେପରି ଦେଶ ପକ୍ଷରେ ସେପରି ସତ୍ୟ ହିଁ ସର୍ବାପେକ୍ଷା ଉତ୍କୃଷ୍ଟ ଏବଂ ସତ୍ୟପନ୍ଥା ସକଳ ପନ୍ଥା ଠାରୁ ଶ୍ରେଷ୍ଠ ବୋଲି ସେ ଏହି ଗୋଟିଏ ଘଟଣାରେ ପ୍ରତିପାଦନ କରିନାହାନ୍ତି କି ? ଅତଏବ ଆମ୍ଭେମାନେ କହୁଅଛୁ



Source: Author, Digitized by PPRACHIN, SOA

ସାଂସାରିକ ଦୃଷ୍ଟିରେ ବରଦୋଳିରେ ତାଙ୍କର ପରାଜୟ ହୋଇଥିବାର ଦେଖାଗଲେ ସୁଦ୍ଧା ନୈତିକ ଦୃଷ୍ଟିରେ ସେଠାରେ ତାଙ୍କର ଜୟ ହୋଇଅଛି। ସେ ନୈତିକ ଜୟ, ସେହି ଐଶ୍ୱରିକ ନମ୍ରଭାବ, ସେହି ଦୋଷ ସ୍ୱୀକାର, ଅନୁତାପ ଓ ଉପବାସ ଦେଖି କାହାର ହୃଦୟ ନତରଳି ରହିବ ? ଗାନ୍ଧି ବାସ୍ତବରେ ମହାତ୍ମା ବ୍ୟକ୍ତିଗତ ଓ ଜାତିଗତ ଆତ୍ମମର୍ଯାଦା ଅକ୍ଷୁଣ୍ଣ ରଖି ସେ ଏହି ପୁତ ପୁରାତନ ଜାତିକୁ ସ୍ୱରାଜ ଆଡ଼େ ଟାଣି ନେବେ ବୋଲି ଏବେ ବିଶ୍ୱାସ ହେଉଅଛି। ତାଙ୍କର ଉଚ୍ଚ ଆଦର୍ଶ, ତାଙ୍କର ମହାବ୍ରତ ପାଳନରେ ଆମ୍ଭେମାନେ ଯତ୍‌କିଞ୍ଚିତ୍ ସହାୟ ହୋଇପାରିଲେ କୃତାର୍ଥ ହେବୁ। ବରଦୋଳି ଠାରେ କଂଗ୍ରେସ କାର୍ଯ୍ୟକ୍ରମରେ ଭେଦାଭେଦ ଅଂଶ ଅନେକ କମିଯାଇଛି। ନିଖିଳ ଭାରତ କଂଗ୍ରେସ କମିଟି ହୁଏତ ଆହୁରି ପରିବର୍ତ୍ତନ କରାଇବେ। କଂଗ୍ରେସ ସଙ୍ଗେ କାହାରି ମତଭେଦ ରହିବ ନାହିଁ। ସ୍ୱରାଜ ପ୍ରାପ୍ତି ବିଳମ୍ବ ହେଲେ ହେଉ ମାତ୍ର ଦେଶରେ ରକ୍ତପାତ ହେବ ନାହିଁ। ଅହିଂସାମୂଳକ କାର୍ଯ୍ୟକ୍ରମ ଦ୍ୱାରା ସ୍ୱରାଜ ଆଣିବା ହିଁ ସାରକଥା। ମୁହଁରେ କଥାଏ କହି କାର୍ଯ୍ୟରେ ଭିନ୍ନ ଆଚରଣ ଦେଖାଇବାରୁ ଚଉରିଚଉରା ବିପତ୍ତି ସମ୍ଭବିଲା। ଏବେ ସତ୍ୟପନ୍ଥା ଅନୁସରଣ କରିବା ପାଇଁ, ଚିତ୍ତଶୁଦ୍ଧି ଓ ହୃଦୟ ନିଷ୍କଳଙ୍କ କରିବା ପାଇଁ ଗାନ୍ଧି ତାଙ୍କ ଉପବାସ ପ୍ରଣାଳୀରେ ଯେଉଁ ଆହ୍ୱାନ କରିଛନ୍ତି ବିନମ୍ର ହୃଦୟରେ ଓ ନତ ମସ୍ତକରେ ଦେଶବାସୀ ସେ ମହା ଆହ୍ୱାନ ଶୁଣିବେ।"

ମହାତ୍ମା ଗାନ୍ଧି ଜେଲ୍‌ଦଣ୍ଡ ବରଣ କରିବା ପରେ ଆଶା ସମ୍ବାଦପତ୍ରରେ ମାର୍ଚ୍ଚ ୨୦, ୧୯୨୨ ସଂଖ୍ୟାରେ ତାଙ୍କ ସମ୍ପର୍କରେ ଏକ ଚମତ୍କାର ବିବରଣୀ ପ୍ରକାଶ ପାଇଥିଲା। ସେଥିରେ କୁହାଯାଇଥିଲା- "ତାଙ୍କ ପକ୍ଷେ ଜେଲ୍‌ଦଣ୍ଡ ଦଣ୍ଡ ନୁହେଁ, ତାହା ଦେଶ ପ୍ରେମିକର ପୁରସ୍କାର ସ୍ୱରୂପ। ଜେଲ୍ ତାଙ୍କ ପକ୍ଷେ ଭୀଷଣ ନରକ ନୁହେଁ, ହୋଇ ନପାରେ। ଜେଲ୍ ତାଙ୍କର ତୀର୍ଥବାସ, ଶ୍ରମାସକ୍ତ, ଯୁଦ୍ଧକ୍ଳାନ୍ତ ବୀରର ତାହା ବିଶ୍ରାମାଗାର। ସେଥିରେ ଜେଲ୍ ତାଙ୍କ ପକ୍ଷରେ ନୂତନ ନୁହେଁ। କେତେଥର ସ୍ୱାଧୀନତା ପାଇଁ ହୃଦୟର ବିଶ୍ୱାସ ସକାଶେ, ମାନବିକତାର ଆଦର୍ଶ ନିମନ୍ତେ ସେ ଜେଲ୍ ଖଟିଛନ୍ତି। ଏବେ ମଧ୍ୟ ଗୋଟିଏ ଆଦର୍ଶ ପାଇଁ ଭାରତର ସ୍ୱାଧୀନତା ପ୍ରାପ୍ତି ସକାଶେ ଲଢୁ ଲଢୁ ଓ ଶାନ୍ତି ଯୁଦ୍ଧ କରୁ କରୁ ସେ ଜେଲ୍ ଯାଇଛନ୍ତି। ତାଙ୍କ ଆଦର୍ଶ ଅନୁସରଣ କରି ସହସ୍ର ସହସ୍ର ଅନୁଗାମୀ ଜେଲ୍ ଖଟିଛନ୍ତି। ଗାନ୍ଧି ଜେଲ୍‌କୁ ଯିବା ଦ୍ୱାରା ସ୍ୱରାଜ ଆସୁ ବା ନଆସୁ ଗାନ୍ଧି ଯେ ଅସହଯୋଗ ଆନ୍ଦୋଳନ ସୃଷ୍ଟି କରିଥିଲେ ତାହାର ଗତି ଏବେ କ'ଣ ହେବ କିଏ ଅନୁମାନ କରିପାରୁ ନାହାନ୍ତି। ଗାନ୍ଧି ଅସହଯୋଗର ମୂଳକର୍ତ୍ତା। ଆନ୍ଦୋଳନ କେଉଁ ଦିଗରେ କିପରି ଭାବରେ ଚଳାଇବାକୁ



Source: Author, Digitized by PPRACHIN, SOA

ହେବ ସେ ତାହା ବେଶ୍ ବୁଝିଥିଲେ। ଲକ୍ଷ ଲକ୍ଷ ଅନୁଗାମୀଙ୍କ ଉପରେ ତାଙ୍କର ପ୍ରଭାବ ଓ ପ୍ରଭୁତ୍ୱ ଥିଲା।

ଗାନ୍ଧିଙ୍କ କଥା ସେମାନେ ମାନୁଥିଲେ। ଏବେ କିଏ ତାଙ୍କ କଳର ଚାଳକ ଓ ପଥ ପ୍ରଦର୍ଶକ ହେବ? ତାଙ୍କ ଅଭାବରେ ଓ ଅନୁପସ୍ଥିତିରେ ଅହିଂସା ଧର୍ମ ସମ୍ୟକ୍ ରୂପେ ପାଳିତ ହେବା କଷ୍ଟସାଧ ବୋଲି ଆମ୍ଭମାନଙ୍କର ଅଭିମତ। ସେ ଅହରହ ମନା କରୁଥିଲେ ମଧ କେତେ ପ୍ରକାର ଜୋରଜୁଲମ୍ ତାଙ୍କ ଆନ୍ଦୋଳନ ନାମରେ ଚଳିଯାଇଅଛି। କେତେ ପ୍ରକାର ଅନାଚାର ହୋଇଥିବାର ପ୍ରକାଶ ପାଇଛି। ଗଭର୍ଣ୍ଣମେଣ୍ଟଙ୍କ ସଙ୍ଗେ କେବଳ ନୁହେଁ ନିଜ ଦେଶବାସୀ ମଧ ଭିନ୍ନ ମତର ହେଲେ ଅସହଯୋଗୀମାନେ ବଡ଼ ଅସହିଷ୍ଣୁ ହେଉଥିଲେ। ଏ କଥା ସେ ଏବେ ଜେଲ୍‌ରେ ଥାଇ ମଧ ସ୍ୱୀକାର କରିଛନ୍ତି। ଭିନ୍ନ ମତର ଦେଶବାସୀଙ୍କ ପ୍ରତି ସମ୍ମାନ କରିବାକୁ ଶିଖ ବୋଲି ସେ ଜେଲ୍ ଭିତରୁ ଡାକ ପକାଇଛନ୍ତି। ମାତ୍ର ସେ ଡାକ ଲୋକେ ଶୁଣିବେ କି? ଏବେ ସେ ଦୂର ହେଲେଣି, ଜେଲ୍ ଭିତରର ଡାକ ଅସହଯୋଗୀମାନଙ୍କ କାନରେ ପଶିବ କି? ନୋହିଲେ ଦେଶର ଯେ ଭୟଙ୍କର କ୍ଷତି ହେବ, ତାହା ଅନୁମାନ କରିବା ସମ୍ଭବ ନୁହେଁ। ଜେଲ୍ ବାହାରେ ଥିଲେ ଲଗାମ ଭିଡ଼ି ରଖିଥାନ୍ତେ। ଏବେ ଉପଦ୍ରବ ହେବା ଭାରି ସମ୍ଭବ। ଯେହେତୁ ଗାନ୍ଧିଙ୍କ ପ୍ରଭାବ କ୍ରମେ ପାଶୋରା ଯାଇପାରେ। ଆଉ ଗୋଟିଏ କଥା ମନେ ରଖିବା ଆବଶ୍ୟକ। ଯେଉଁମାନେ ଅସହଯୋଗ ସକାଶେ ଜେଲ୍ ଖଟିଛନ୍ତି, ସେମାନେ ତୁନିରହ ବୋଲି କହିଲେ ମଧ ତୁନି ରହିବେ ନାହିଁ। ବରଦୋଳି କାର୍ଯ୍ୟକ୍ରମରେ ଉତ୍ସାହରେ ଆତ୍ମବିସ୍ମରଣ ହେବା ଭଳି ଜିନିଷ ନାହିଁ। ମଦଖଟି ଛାଡ଼ି ମଦୁଆ ଘରକୁ ଯାଇ ପ୍ରଚାର କରିବା ଆଦେଶରେ ଯେ ମାତୁଛି, ମଦଖଟି ସାମ୍ନାରେ ପିକେଟିଂ କରି ତକ୍ଷଣେ କର୍ତ୍ତୃପକ୍ଷ ବା ପୁଲିସ୍‌ଙ୍କ ସଂଘର୍ଷଣରେ ଆସି ଗ୍ରେପ୍ତାର ହେବାରେ ଯେଉଁ ସହଜ କ୍ଷତିର ମାର୍ଗ ଥିଲା ତାହା ବରଦୋଳିର ସମାଜସେବା କାର୍ଯ୍ୟକ୍ରମରେ କଂଗ୍ରେସର ଗଠନଶୀଳ ପ୍ରୋଗ୍ରାମରେ ନାହିଁ। ଅତଏବ ଯେଉଁମାନେ ମାର୍କାମରା ଅସହଯୋଗୀ, ଯେଉଁମାନେ ଜେଲ୍ ଖଟିସାରିଛନ୍ତି ଏବଂ ସହଯୋଗର ସକଳପନ୍ଥା ଯାହାଙ୍କ ପକ୍ଷରେ ବନ୍ଦ ହୋଇଛି, ସେମାନେ ଏତିକିରେ ତୃପ୍ତ ନହୋଇ ହୁଏତ ହାଜରତ୍ ମୋହାନିଙ୍କ ଶକ୍ତି ପ୍ରୟୋଗ ପ୍ରକ୍ରିୟା ସମର୍ଥନ କରିବେ। ନୋହିଲେ ଭିତରେ ଭିତରେ ଷଡ଼ଯନ୍ତ୍ର କରି ବ୍ରିଟିଶ୍ ଶାସନ ଯନ୍ତ୍ରକୁ ଅଚଳ କରିଦେବାକୁ ମଧ ଯୋଗାଡ଼ କରିବେ। ଉଭୟତ୍ର ଦେଶର ଅମଙ୍ଗଳ ଥୁଆ। ଗାନ୍ଧିଥିଲେ ସେ ଅମଙ୍ଗଳର ଆଶଙ୍କା ଊଣା ହୋଇଥାନ୍ତା। ଗାନ୍ଧିଙ୍କର ଆଦର୍ଶ ଓ ଆନ୍ଦୋଳନରୁ ଆମ୍ଭେମାନେ ବହୁ



Source: Author, Digitized by PPRACHIN, SOA

ଦୂରରେ ଅଛୁ। ମାତ୍ର ସେଥିପାଇଁ ଆମ୍ଭେମାନେ ମହାତ୍ମାଙ୍କର ଉଜ୍ଜ୍ୱଳ ଦେଶପ୍ରୀତି ନିଜ ଆଦର୍ଶରେ ଅଟଳ ବିଶ୍ୱାସ, ତାଙ୍କର ଆଶାପୂର୍ଣ୍ଣ ହୃଦୟର ମୂଲ୍ୟ ଚିହ୍ନି ନାହୁଁ। ଏହି ସକଳ ସଦ୍‌ଗୁଣ ଦ୍ୱାରା ସେ କୋଟି କୋଟି ପ୍ରଜାଙ୍କର ହୃଦୟ ପ୍ରତିମା ହୋଇପାରିଛନ୍ତି। ବର୍ତ୍ତମାନ ତାଙ୍କ କାରାବାସ ଦ୍ୱାରା ଭାରତର ରାଜନୈତିକ ଅବସ୍ଥା ଅଧିକ ସଂକଟାପନ୍ନ ନହେଲେ ରକ୍ଷା। ସେଦିନ ପାର୍ଲିଆମେଣ୍ଟରେ ସାର୍ କେ.ଡି. ରୀସ୍ ପରା କହିଥିଲେ- "Gandhi arrested may be more dangerous than Gandhi free." ହରତାଳ ନ କରିବା ପାଇଁ ଯାତ୍ରା ଉତ୍ସବରେ ନମାତିବା ସକାଶେ ଗାନ୍ଧି ଯେଉଁ ଆଦେଶ ଦେଇଥିଲେ, ତାହା ଲୋକେ ଅଦ୍ୟାପି ମାନି ଅଛନ୍ତି। ତାଙ୍କ ଗ୍ରେପ୍ତାର ଦ୍ୱାରା କେଉଁଠାରେ ଭୟାବହ କାଣ୍ଡ ଘଟିନାହିଁ। ଆଶାକରୁ ତାଙ୍କର ଅହିଂସା ଧର୍ମର ଆଦର୍ଶରେ ତାଙ୍କ ଆଦେଶ ଅନୁଗାମୀମାନେ ପାଳନ କରିବାକୁ ଭୁଲିବେ ନାହିଁ। ଅସହଯୋଗ ଏହି ନିରସ୍ତ୍ର ଭାରତର ଏକମାତ୍ର ଅସ୍ତ୍ର। ତାହାକୁ ଅକାଳରେ ଏବଂ ଅତର୍କିତ ଭାବରେ ପ୍ରୟୋଗ କରି ଧାରଶୂନ୍ୟ କରିଦେବା ଦେଶପକ୍ଷେ ମଙ୍ଗଳକାରକ ନୁହେଁ। ବରଂ ତଦ୍ୱାରା ଦେଶର ଦୁର୍ବଳତା ଚିହ୍ନା ପଡ଼ିବ। ଲୋକେ କଷ୍ଟ ପାଇବେ। ଦେଶକୁ ଗଢ଼ିବା ପାଇଁ ଯାହା ଯାହା ଦରକାର ସେଥିପାଇଁ ଏବେ ଯୋଗାଡ଼ିବା ଆବଶ୍ୟକ। କେବଳ ପ୍ରଳୟରେ ମନଦେଲେ ହେବ ନାହିଁ। ସୃଷ୍ଟି ଆଡ଼କୁ ଏଣିକି ଦୃଷ୍ଟି ଦେବା ବଡ଼ ଆବଶ୍ୟକ।"

୧୯୨୨ ମସିହା ବେଳକୁ ଓଡ଼ିଶାରେ ଗାନ୍ଧି ଅବତାର ରୂପରେ ପୂଜିତ ହେଲେ। ୧୯୨୨ ମସିହାରେ ବ୍ରହ୍ମପୁର ଜଗନ୍ନାଥ ରଥଟଣା ହେବା ବେଳେ ଅସହଯୋଗୀମାନେ ଗାନ୍ଧିଙ୍କ ଫଟୋ ରଥରେ ଝୁଲାଇ ଦେଇଥିଲେ। ଏପରି କାର୍ଯ୍ୟକୁ ଓଡ଼ିଶାରେ ପ୍ରଶଂସା କରାଯାଇ ନଥିଲା। ବରଂ ଆଶା ଖବରକାଗଜରେ ଜୁନ୍ ୩, ୧୯୨୨ ସଂଖ୍ୟାରେ ଏପରି କାର୍ଯ୍ୟକୁ ନିନ୍ଦା କରାଯାଇଥିଲା। ତେବେ ଗାନ୍ଧି ଦେବତା ଓଡ଼ିଶାରେ ସେତେବେଳେ ବହୁ ପ୍ରସିଦ୍ଧ ଥିଲେ। ସେତେବେଳେ ପ୍ରଚାରିତ ଏକ କବିତାରେ ଥିଲା:

ଆସିଛିରେ ଗାନ୍ଧି ଅବତାର
ପତିତ ତାରଣ ଜଗତ କାରଣ
ଅରଟ ଧାରଣ, ଦାରିଦ୍ର୍ୟ ବାରଣ
ଦୟାର ଆଧାର।

ଚାରିଆଡ଼େ ଗାନ୍ଧି ଠାକୁର, ଗାନ୍ଧି ଠାକୁରାଣୀ, ଗାନ୍ଧିସିଦ୍ଧ, ଗାନ୍ଧି ହୁକୁମ ଓ ଗାନ୍ଧିମେଳା ପ୍ରଭୃତି କେତେ କ'ଣ ସୃଷ୍ଟି ହୋଇଗଲା। ଆସିକାରେ "ସ୍ୱରାଜ ଗୀତ" ପ୍ରକାଶ ପାଇଲା।



Source: Author, Digitized by PPRACHIN, SOA

୧୯୨୩ ମସିହା ଏପ୍ରିଲ୍ ୧୬ର 'ଆଶା'ରେ ଏହି କବିତା ପ୍ରକାଶ ପାଇଥିଲା;

ହାଡ଼ିକେ ହେ ?
ଗାନ୍ଧି ମହାତ୍ମାଙ୍କ ଆଦେଶ ନଶୁଣି
"ହାଡ଼ିଛୁନା" ବଲୁଛ-ହାଡ଼ି କେହେ ?
ସ୍ୱରାଜ୍ୟ ଲଢୁଛ- ସ୍ୱଜନଙ୍କୁ ତଡୁଛ
ହିନ୍ଦୁ ମହାଜନ- ହାଡ଼ିକେହେ ? ହାଡ଼ିକେହେ ?
ଗାନ୍ଧିପୁତ୍ର ଆମ୍ଭେ ସ୍ୱରାଜ୍ୟ ସାଧିବୁଁ
କୃଷ୍ଣ ଦାସ ଆମ୍ଭେ ଧର୍ମ ସଂସ୍ଥାପିବୁଁ
ଆମ୍ଭ ନୀତିରେ ଜୟହିନ୍ଦୁ ମତକୁ ଦେବୁଁ
ମାତୃଦେଶର ସେବା ଆମ୍ଭେ ତୁଲାଇବୁଁ
ହିନ୍ଦୁଧର୍ମର ମର୍ମ ତେବେ ବୁଝାଇବୁ ।

ଏହି ସମୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗାନ୍ଧି ଦେବତା ହିସାବରେ ପୂଜା ପାଇଲେ । "ଉତ୍କଳ ସାହିତ୍ୟ"ରେ ପ୍ରକାଶିତ "ଅସହଯୋଗୀର ଆତ୍ମକଥା"ରେ ଲେଖକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଏ ପ୍ରସଙ୍ଗର ଏକ ଚମତ୍କାର ବିବରଣୀ ଉପସ୍ଥାପନ କରି ଲେଖିଥିଲେ-" ଗାନ୍ଧିଙ୍କ ନାଁ'ଟା ଏକା ଏପରି ମନ୍ତ୍ରଶକ୍ତିବତ୍ କାର୍ଯ୍ୟ କରୁଥିଲା ଯେ ଗାନ୍ଧିଲୋକ ଆସିଛନ୍ତି ବୋଇଲେ ଅଦିଆ ବ୍ୟକ୍ତି ସୁଦ୍ଧା ପକେଟ୍ ଅଣ୍ଡାଳି ପକାଉଥିଲା । ଏହାଛଡ଼ା ଉର୍ବର ମସ୍ତିଷ୍କ ନେତାମାନେ ସାଧାରଣ ଲୋକଙ୍କ ମନରେ ଏହି ଗାନ୍ଧି ଭକ୍ତିଟା ଉଦ୍ରିକ୍ତ ଓ ପୁଷ୍ଟ କରିବା ପାଇଁ କେତେଗୁଡ଼ିଏ ଅଜଗୁବି ଗଳ୍ପ ଉଦ୍ଭାବନ କରିଥିଲେ । ସେଗୁଡ଼ିକ ନୂଆ ନୂଆ ରଙ୍ଗଦେଇ ତିଆରି କରିବା ଓ ପ୍ରଚାରର ସୁବିଧା କରିବା ଥିଲା କେତେକ ଅସହଯୋଗୀ ମାନଙ୍କର କାର୍ଯ୍ୟ । ଜଣେ କିଏ ଗାନ୍ଧିଙ୍କୁ ଟାପରା କରିଥିଲା ଯେ ତା' ପୁଅକୁ ସାପ କାମୁଡ଼ିଲା । ଯେତେ ଝଡ଼ାଫୁଙ୍କାରେ ଗଲା ନାହିଁ; ମାତ୍ର ଗାନ୍ଧି, ଗାନ୍ଧି ବୋଲି ତିନିଥର ଫୁଙ୍କି ଦେଲାରୁ ପିଲାଟି ଉଠି ବସିଲା । ଆଉ ଜଣେ କେଉଁଠି ହରତାଳ ଦିନରେ ହଳ କରୁଥିଲା ବୋଲି ତା'ର ବଳଦ କଚାଡ଼ିପଡ଼ି ଅଚେତ ହୋଇଗଲା । ସେ ଗାନ୍ଧିଙ୍କୁ ମୁଣ୍ଡିଆ ମାରି ପାଣ୍ଠି ସକାଶେ କିଛି ଜରିମାନା ମନାସିବାରୁ ବଳଦଟା ପୁଣି ଛିଡ଼ାହେଲା । କିଏ ମହାଦେବଙ୍କ ଠାରେ ଗୁହାରି ପଡ଼ିଥିଲା ଯେ ତାକୁ ହୁକୁମ୍‌ହେଲା କି "ତୁ ଗାନ୍ଧିଙ୍କ ଠେଇଁ ଅମୁକେଇ ଅପରାଧ କରିଛୁ । ଆଶ୍ରମରେ କିଛି ଦେଲେ ବେମାରି ମୁକ୍ତ ହେବ ।" ଚାହୁଁ ଚାହୁଁ ଚାରିଆଡ଼େ ଗାନ୍ଧି ଠାକୁର, ଗାନ୍ଧି ଠାକୁରାଣୀ, ଗାନ୍ଧିସିଦ୍ଧ, ଗାନ୍ଧି ହୁକୁମ ଓ ଗାନ୍ଧିମେଳା



Source: Author, Digitized by PPRACHIN, SOA

ପ୍ରଭୃତି କେତେ କ'ଣ ସୃଷ୍ଟି ହୋଇଗଲା"।

ଗଞ୍ଜାମର ପଲ୍ଲୀମାନଙ୍କରେ ସେତେବେଳେ ଗାନ୍ଧି ଉତ୍ସବ ପାଳିତ ହେଉଥିଲା। ୧୯୨୩ ଜୁଲାଇ ୧୬ର "ଆଶା"ରେ ଏ ସମ୍ପର୍କରେ କୁହାଯାଇଛି :

"ସ୍ୱରାଜ୍ୟ ପତାକାଟିଏ ପୋତି ତାହାର ପୂଜା କରାଯାଉଥିବା ବିଷୟଟି ବର୍ତ୍ତମାନ ଅବସ୍ଥାରେ ଉତ୍ସାହ ଦେବ। କିନ୍ତୁ ଏହା ଭିତରେ ଯେଉଁ ଅନ୍ଧବିଶ୍ୱାସ ଓ ଜାତୀୟ କ୍ଷୁଦ୍ରତା ରହିଛି; ସେଥିପ୍ରତି ଦୃଷ୍ଟି ନଦେଲେ ଲୋକେ କେବଳ ଉପରେ ଭାସୁଛନ୍ତି ବୋଲି କୁହାଯିବ। କାହାର କୌଣସି ଭୟଭ୍ରାନ୍ତି ରୋଗଶୋକ ହେଲେ ଗାନ୍ଧି ଉତ୍ସବ କରିବାକୁ ମାନସିକ କରାଯାଏ। ମୁଆଁପଣା, ଖଜାପିଠା, ଧୂପଦୀପ ଘେନି ଗାନ୍ଧି ଦେବତାଙ୍କୁ ପୂଜା କରାଯାଏ। ଏହା ପୁଣି କାହାର ସ୍ୱପ୍ନର ଫଳ ? ଭାରତବାସୀ ଏହିପରି ସ୍ୱପ୍ନ ଦେଖି ଅନେକ ମହନୀୟ ଜୀବନ୍ତ ଶକ୍ତିକୁ କାଠ ପଥରରେ ପରିଣତ କରି ପୂଜା କରୁ କରୁ ନିଜେ କାଠ ପଥର ପାଲଟିଗଲେଣି। ସେଥିପାଇଁ କେତେ ପଞ୍ଜାବ ଅତ୍ୟାଚାରରେ ଓ କେତେ ଜାତୀୟ ଅବମାନନାରେ ସୁଦ୍ଧା ହୃଦୟ ଟଳୁନାହିଁ। ନିଜର ବଳଶକ୍ତି ମନୁଷ୍ୟତା ସବୁ ମାରି ପକାଇ ସବୁବେଳେ କେବଳ ବାହାରର ଶକ୍ତି ଓ ବାହାରର ମନୁଷ୍ୟତା ଉପରେ ନିର୍ଭର କରୁଅଛି। ଏତେ ପରନିର୍ଭରଶୀଳତା ଦେଖୁ ଦେଖୁ କିଏ କହିବ ଯେ ଦିନେ ଏ ଭାରତଭୂମିରେ "ସୋହଂ" ସାଧନା ଚାଲିଗଲା ? କିଏ କହିବ, "ଏ କମେ ବା ଦ୍ୱିତୀୟଂ" ମନ୍ତ୍ର ପ୍ରାଣେ ପ୍ରାଣେ ବାଜୁଥିଲା ? କେତେ ଦେବଦେବୀ ତ ଏ ଭାରତରେ ହେଲେଣି। ଆହୁରି ଗାନ୍ଧିଙ୍କୁ ନେଇ ସେଥିରେ ଯୋଗ କରାଯାଉଛି କାହିଁକି ? ଯେତେଦିନ ପର୍ଯ୍ୟନ୍ତ ପ୍ରତିଭା ପୂଜା କରି ଉଚ୍ଚ ଆଦର୍ଶରେ ଅନୁପ୍ରାଣୀତ ହେବା ଶକ୍ତି ନଆସିଛି, ସେତେଦିନ ପର୍ଯ୍ୟନ୍ତ ଏହିପରି ପ୍ରତିମା ପୂଜାରେ ଭାରତବାସୀ କ୍ଷୁଦ୍ରରୁ କ୍ଷୁଦ୍ରତର ହୋଇ ହୀନବଳ ଓ ଶକ୍ତିଶୂନ୍ୟ ହୋଇ ରହିବ, ସନ୍ଦେହ ନାହିଁ। ଗାନ୍ଧି ଉତ୍ସବ ଶୀଘ୍ର ଦମନ କରିବା ଚେଷ୍ଟା ନହେଲେ ଗାନ୍ଧି ପ୍ରତିମା ଆଗରେ ମଦ, ଗଞ୍ଜାଇ ପୂଜା ହେବା ପାଇଁ ଆଉ ବେଶୀ ସମୟ ଲାଗିବ ନାହିଁ।"

ଗଞ୍ଜାମର ଦକ୍ଷିଣାଞ୍ଚଳରେ "ଗାନ୍ଧି ଠାକୁରାଣୀ" ଉତ୍ସବ ବୋଲି ଏକ ନୂତନ ଅନୁଷ୍ଠାନ ଏହି କାଳରେ ମୁଣ୍ଡ ଟେକି ଉଠିଲା। ଏ ସମ୍ପର୍କରେ ଦୈନିକ ଆଶା (୧୯୨୩ ସେପ୍ଟେମ୍ବର ୩)ରେ ନିମ୍ନ ପ୍ରକାରର ବର୍ଣ୍ଣନା ରହିଛି :

"ଗ୍ରାମର ଲୋକେ କୌଣସି କୌଣସି ବୁଧବାର ଦିନ ଏକତ୍ର ହୋଇ ପିଠାପଣା ଧରି ଗାନ୍ଧିଙ୍କ ଜୟଗାନ ପୂର୍ବକ ଗ୍ରାମମୁଣ୍ଡରେ ଉପସ୍ଥିତ ହୁଅନ୍ତି। ଗ୍ରାମରେ ଶୋଭାଯାତ୍ରା



Source: Author, Digitized by PPRACHIN, SOA

କରି ବାହାରିବା ବେଳେ ଜନତାରୁ ଜଣେ ତ୍ରିବର୍ଣ୍ଣ ସ୍ୱରାଜ ପତାକା ଧରିଥାଏ। ସ୍ଥାନେ ସ୍ଥାନେ ଗାନ୍ଧିଙ୍କର ଫଟୋ ମଧ୍ୟ ପତାକାରେ ଝୁଲୁଥାଏ। ଗ୍ରାମ ମୁଣ୍ଡରେ ଗୋଟିଏ ଗୁଆଗଛ ପୋତାହୁଏ। ଖଦଡ଼ କନା ଖଣ୍ଡେ ଗୁଆଗଛ ଉପରେ ଗୁଡ଼ାଇ ଦିଆଯାଏ। ସମସ୍ତେ ପଣାପାଣି ଉତ୍ସର୍ଗ କରି ଫେରନ୍ତି। ଏହି ଉତ୍ସବ କଲେ କଲେରା, ବିସୂଚି ଓ ପଶୁରୋଗାଦି ନିବାରିତ ହୁଏ ବୋଲି ଲୋକଙ୍କର ବିଶ୍ୱାସ। ପ୍ରତି ଗ୍ରାମରେ ଏହାର ପ୍ରସାର ଦେଖାଗଲାଣି। ଗାନ୍ଧି ଠାକୁରଙ୍କୁ ଠାକୁରାଣୀ କରି କାହିଁକି ଲୋକେ ପୂଜା କରୁଛନ୍ତି ବୁଝିବା ସହଜ ନୁହେଁ। ଗାନ୍ଧି ଠାକୁରାଣୀ ନାମରେ ପୂଜିତ ହେଲେ ମଧ୍ୟ ସେ "ଦେଶମାତା"ର ଉପଲକ୍ଷ ବୋଲି କିଏ କିଏ କହନ୍ତି। ଖଦଡ଼ବେଷ୍ଟିତ ଗୁବାକରେ ଦେଶମାତୃକାର ବ୍ୟକ୍ତକରଣ ହେବାର ଦେଖି ହାସ୍ୟ ସମ୍ବରଣ କରି ହେଉନାହିଁ।"

ଗଞ୍ଜାମର ସୋରଳରେ କେଉଟମାନେ "ଗାନ୍ଧିମାସ" ଉପଲକ୍ଷେ ମହାତ୍ମାଙ୍କର ପୂଜା କରୁଥିଲେ। ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ଉଗ୍ର ସମାଜ ସଂସ୍କାରକ ଜୟମଙ୍ଗଳ ରଥ ୧୯୨୮ ଫେବୃଆରୀ ୨୮ରେ ସୋରଳରେ ଏକ ସଭା କରି ଲୋକମାନଙ୍କୁ କହିଥିଲେ- "ତୁମ୍ଭେମାନେ ଯେଉଁ ପୂଜା କରୁଛ, ସେଥିରେ ଗାନ୍ଧି ସନ୍ତୁଷ୍ଟ ନୁହନ୍ତି। ତାଙ୍କର ପ୍ରକୃତ ପୂଜା ଅରଟ ଧରି ସୂତା କାଟିବା। ଏହା କଲେ ଲୋକଙ୍କର ଗରିବ ଅବସ୍ଥା ଆପେ ଆପେ ଘୁଞ୍ଚିଯିବ। ଗାନ୍ଧି ନାମରେ ହାତ ଯୋଡ଼ି ବସିଲେ କିଛି ଫଳ ନାହିଁ କି ତାଙ୍କ ପାଇଁ ଉତ୍ସବ ଭୋଜିଭାତରେ ଧନ ବ୍ୟୟ କଲେ କିଛି ଲାଭ ନାହିଁ। ସେ ଯେଉଁ ବୁଦ୍ଧି ଦେଇଛନ୍ତି, ତା' ଅନୁସାରେ କେବଳ କାମ କରିବାକୁ ହେବ। ସେ ମନୁଷ୍ୟ, ସୁତରାଂ ଉଚିତ କାମ ଲୋଡୁଛନ୍ତି।"

ସଂସ୍କାରକ ଜୟମଙ୍ଗଳ ରଥ ଏପରି ପୂଜାକୁ ବିଶେଷ ସମାଲୋଚନା କରିବା ସହିତ ଲୋକମାନଙ୍କୁ ଏପରି ଅନ୍ଧବିଶ୍ୱାସ ଠାରୁ ଦୂରରେ ରହି ଗାନ୍ଧି ଆଦର୍ଶ ନୀତିର ପ୍ରୟୋଗ କରିବାକୁ ଉଦ୍ୟମ କରିବାକୁ ଉଦ୍‌ବୋଧନ ଦେଇଥିଲେ। ଏ ପ୍ରକାର ପୂଜାକୁ ସେ କଂଗ୍ରେସ ଗଠନାତ୍ମକ କାର୍ଯ୍ୟର ବିରାଟ ବାଧା ରୂପେ ଧରି ନେଇଥିଲେ। ଏ ପୂଜା ବିରୁଦ୍ଧରେ ସେ ପ୍ରଚାର କରିଥିଲେ। (ଆଶା, ମାର୍ଚ୍ଚ ୨୧, ୧୯୨୪)

ଗାନ୍ଧି ପୂଜାର ଅନ୍ୟ ଏକ ଦିଗକୁ ନିର୍ଦ୍ଦେଶ କରି ୧୯୨୪ ଅକ୍ଟୋବର ୨୦ର ଆଶାରେ ଆଲୋଚନା କରାଯାଇଥିଲା। ଏଥିର ଏକ ଅଂଶରେ କୁହାଯାଇଥିଲା- "ନୀଚ ଅଶିକ୍ଷିତ ଲୋକଙ୍କ ହୃଦୟରେ ମଧ୍ୟ ମହାତ୍ମାଜୀଙ୍କର ସର୍ବଜନୀନ ଅପ୍ରତିହତ ଶକ୍ତି ଖେଳା



Source: Author, Digitized by PPRACHIN, SOA

କଲାଣି । ଐଶ୍ୱରିକ ପ୍ରତିଭା ଅତି ଅଳ୍ପକାଳ ମଧ୍ୟରେ ସର୍ବତ୍ର ପରିବ୍ୟାପ୍ତ ହୋଇଯାଏ । ଏହା ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଆଜି ଭାରତ କାହିଁକି ପୃଥିବୀର ପ୍ରାୟ ସର୍ବତ୍ର, ସବୁ ସମ୍ପ୍ରଦାୟ ଓ ସମସ୍ତ ଜାତି ମଧ୍ୟରେ ମହାତ୍ମାଜୀଙ୍କର ଐଶ୍ୱରୀକତା ପୂର୍ଣ୍ଣ ଭାବେ ପ୍ରଚାରିତ ହେଲାଣି । କି ରାଜା, କି ପ୍ରଜା, କି ଧନୀ, କି ଦରିଦ୍ର, କି ଶିକ୍ଷିତ କି ଅଶିକ୍ଷିତ ସମସ୍ତେ ଆଜି ମୌଖିକରେ ନହେଲେ ସୁଦ୍ଧା ଅନ୍ତରର ସହ ମହାତ୍ମାଜୀଙ୍କୁ ପୂଜା କରିବାରେ ପରାଙ୍ମୁଖ ନୁହନ୍ତି ।”

ଅସହଯୋଗୀ ଶରତ ଚନ୍ଦ୍ର ମହାପାତ୍ର “କଂଗ୍ରେସ କର୍ମୀର ଅନୁଭୂତି” ଏକ ଦୀର୍ଘ ଆଲୋଚନାରେ ଆଶା ସମ୍ବାଦପତ୍ରର ୧୯୨୩ ଜୁଲାଇ ୯, ୧୬ ,୨୩, ୩୦- ଏହିପରି, ଚାରୋଟି ସଂଖ୍ୟାରେ ଓଡ଼ିଶାରେ ଗାନ୍ଧିଙ୍କ ଅସହଯୋଗକାଳୀନ ପ୍ରଭାବର ବିସ୍ତାରିତ ଆଲୋଚନା କରିଥିଲେ । ସେହି ଦୀର୍ଘ ଆଲୋଚନାର କେତେକ ପ୍ରାସଙ୍ଗିକ ତଥ୍ୟ ଏଠାରେ ଉପସ୍ଥାପିତ ।

୧) ମହାତ୍ମା ଗାନ୍ଧିଙ୍କ ନାମରେ ଖୁବ୍ ଏକ ବୈଦ୍ୟୁତିକ ଶକ୍ତି ଅଛି ଓ ସେତେବେଳେ ବିଶେଷ ପରିମାଣରେ ଥିଲା । ତାଙ୍କ ନାମରେ ଅଳସୁଆ କପାଳକୁ ମହାଦେବ ଚିହ୍ନେଇଲା ପରି ଅନେକ ନିସ୍ତାର ପାଇଗଲେ । ମହାତ୍ମାଙ୍କ ନାମର ଏ ସମୟରେ ଅପବ୍ୟବହାର ହୋଇଥିଲା । ସୁଦୂର ସମ୍ବଲପୁରରୁ ଜଣେ ବାବୁ ଆସି ସେ ଜଣେ ଗ୍ରାଜୁଏଟ୍ ବୋଲି ପରିଚୟ ଦେଇ କୌଣସି ସମୟରେ କିନ୍ତୁ ଇଂରେଜୀ କହୁ ନଥିଲେ । ପରେ ଜଣାଗଲା ସେ ପ୍ରାଇମେରି ପାସ୍ ଛଡ଼ା ଆଉ ବେଶୀ କିଛି ପଢ଼ି ନଥିଲେ । କବିତା ରାଜ୍ୟରେ କେତେଦୂର ମଧ୍ୟ ବିଚରଣ କରୁଥିଲେ । ସେଥିପାଇଁ ସମୟେ ସମୟେ କିଏ ଅଛରେ ମୋର “ହିନ୍ଦୁ ମୁସଲମାନ୍ ଭାଇ” କହି ଆଖିରେ ଟୋପେ ଲୁହ ନଥିଲେ ମଧ୍ୟ ଖୁବ୍ ପାଟିକରି କାନ୍ଦୁଥିଲେ । ଯେତେବେଳେ ମହାତ୍ମା ଗାନ୍ଧି ବ୍ରହ୍ମପୁର ଆସିଥିଲେ ସେତେବେଳେ ସମସ୍ତେ ମନା କରୁଥିବା ବେଳେ ମଧ୍ୟ ଗାନ୍ଧିଙ୍କ ପାଇଁ ତୟାର ହୋଇଥିବା ମଞ୍ଚ ଉପରେ ଠିଆହୋଇ ମହା ଗର୍ଜନ ତର୍ଜନ କରି ମହାତ୍ମା ଗାନ୍ଧିଙ୍କୁ “କେଉଟ କେଉଟ” ବୋଲି କହି ଲୋକପ୍ରିୟ ହେବା ପାଇଁ ଖୁବ୍ ଚେଷ୍ଟା କରିଥିଲେ । ଲୋକଙ୍କୁ ବକ୍ତୃତାରେ ଖୁସି କରାଇବା ପାଇଁ ଦରକାର ପଡ଼ିଲେ ସମୟେ ସମୟେ ନାଚ ଆରମ୍ଭ କରନ୍ତି ।

ଏ ପ୍ରହସନ ବକ୍ତୃତା ଛଳରେ ସେ ଗଞ୍ଜାମରେ ଜଣେ ସୁବକ୍ତା ଓ ନେତା ହୋଇ ବାହାରିଲେ । ଏ ଲୋକପ୍ରିୟତା ପ୍ରଭାବରେ ସେ ଅନେକ ଟଙ୍କା ବ୍ରହ୍ମପୁର ପାଟଶାଢ଼ୀ ଇତ୍ୟାଦି କିଣିବାରେ ଉଦରସାତ କରିଥିଲେ ।

୨) ସେତେବେଳେ ଗାନ୍ଧିଙ୍କ ନାମଟା ବାଟରେ ପଡ଼ି ହାଟରେ ଗଡୁଥିଲା । ଅସହଯୋଗ ଆନ୍ଦୋଳନ ସମ୍ବନ୍ଧେ ଅଧିକାଂଶ କିଛି ବୁଝି ନଥିଲେ । କୌଣସି ଠାରେ



Source: Author, Digitized by PPRACHIN, SOA

ସଭା ହେଲେ ଗାନ୍ଧିସଭା ହେଉଛି ବୋଲି ଲୋକଙ୍କ ଆଗରେ ଘୋଷଣା ନକଲେ କେହି ଗୁଣ୍ଡ ହେଉ ନଥିଲେ। ଅସହଯୋଗୀଙ୍କୁ ଗାନ୍ଧିଲୋକ ବୋଲି କହିଲେ କେବଳ ବୁଝନ୍ତି। ସେହିପରି ଗାନ୍ଧିଶିଷ୍ୟ, ଗାନ୍ଧିବାବୁ, ଗାନ୍ଧିରାଜା, ଗାନ୍ଧିକଥା, ଗାନ୍ଧିଗୀତ, ଗାନ୍ଧିଟୋପି, ଗାନ୍ଧି ଉପବାସ, ଗାନ୍ଧି ଖଦୀ, ଗାନ୍ଧି ପତାକା, ଗାନ୍ଧିଘାଟ, ଗାନ୍ଧି ପୋଥି ଇତ୍ୟାଦି କେତେ ଯେ ହୋଇଯାଇଅଛି ତା'ର କଳନା ନାହିଁ। ତା'ପରେ ସିଗାରେଟ୍ ଖାଇବା ଲୋକେ ଗାନ୍ଧି ସିଗାରେଟ୍ ବ୍ୟବହାର କରନ୍ତି। ଗାନ୍ଧି ଦିଆସିଲି ହେଲା ଏବଂ ଗାନ୍ଧି ଚା' ମଧ୍ୟ ହେଲା। ଜାପାନ ଏ ସମୟରେ ବହୁତ ଲାଭ ମାରି ନେଇଅଛି। ଖଦଡ଼ ନାମରେ କେତେ ଯେ ଜାପାନ ଲୁଗା ପଠାଇ ଦେଇଅଛି ତା'ର ହିସାବ ନାହିଁ। ଗାନ୍ଧିଙ୍କ ଫଟୋ ତିଆରି କରିବାରେ ଲାଭର ଏକ ପନ୍ଥା ହୋଇଅଛି। ଅବଶ୍ୟ ପ୍ରତିଭା ପୂଜା ଦେଶବାସୀ ସମସ୍ତେ କରିବା ଉଚିତ। ମହାତ୍ମା ଗାନ୍ଧିଙ୍କ ପରି ପ୍ରତିଭାଶାଳୀ ବ୍ୟକ୍ତି ଭାରତରେ ଅନେକ ଦିନ ହେଲା ଯେ ଅବତୀର୍ଣ୍ଣ ହୋଇ ନଥିଲେ ଏଥିରେ କାହାର ସନ୍ଦେହ ନାହିଁ। କିନ୍ତୁ ଆମ୍ଭମାନଙ୍କ ହିନ୍ଦୁ ସମାଜରେ ଯେପରି ପ୍ରତିମା ପୂଜାର ଘୋର କଳଙ୍କ ଜଡ଼ି ରହିଛି ସେଥିପାଇଁ ପ୍ରତିଭା କୌଣସି ଠାରେ ଦେଖିଲା ମାତ୍ରେ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ପ୍ରତିମା କରି ପୂଜା ନକରି ରହିପାରୁ ନାହାନ୍ତି। ସେତେବେଳେ ଗାନ୍ଧିଙ୍କ ଫଟୋରେ ଫୁଲଚନ୍ଦନ ଦିଆଯାଉଥିଲା। ସ୍ଥାନେ ସ୍ଥାନେ ନୈବେଦ୍ୟ, ପୂଜା, ହୋମ ଇତ୍ୟାଦି ଉତ୍ସର୍ଗ କରାଯାଉଥିଲା। ବିଶାଖାପାଟଣାର ଜଣେ ନେତା ପ୍ରତିଦିନ ଦୁଇବେଳା ଗାନ୍ଧିଙ୍କ ଫଟୋକୁ ଅନ୍ନ ବ୍ୟଞ୍ଜନାଦି ପୂଜା ନକରାଇ ନିଜେ ଖାଦ୍ୟ ଗ୍ରହଣ କରୁ ନଥିଲେ। ଗୋଟିଏ ଯାତରେ ଗାନ୍ଧିଙ୍କ ଫଟୋକୁ ରଥ ଉପରେ ଟାଣିବା ପାଇଁ ଅସହଯୋଗୀମାନେ ଯେ ବାତୁଳ ଜିଦ୍ ଧରି ବସିଥିଲେ ଏଣେ ପୋଲିସ୍ ପକ୍ଷରୁ ଯେ ଆପତ୍ତି ଉଠିଥିଲା ଏସବୁ ନେଇ ଯେ ଗଣ୍ଡଗୋଳ ସେଠାରେ ହୋଇଗଲା ଏବଂ ଜନସାଧାରଣଙ୍କ ମନରେ ଯେ ପ୍ରତିମା ପୂଜାର ଭାବ ସ୍ପଷ୍ଟ ଭାବରେ ଅଙ୍କୁରିତ କରିଥିଲା, ସେଥିଯୋଗୁଁ ମହାତ୍ମା ଗାନ୍ଧିଙ୍କ ଜେଲ୍ ପରେ ଲୋକେ ସେ ଦେବତ୍ୱର ଐନ୍ଦ୍ରିଜାଲିକ ପ୍ରଭାବ ନପାଇ ସ୍ୱାଭାବିକ ଭାବରେ ଆନ୍ଦୋଳନରୁ ବିଶ୍ୱାସ ହରାଇ ନିରୁତ୍ସାହିତ ଓ ମ୍ରିୟମାଣ ହୋଇଥିଲେ।

॥ ୮ ॥

୧୯୨୪ ମସିହା ଜୁନ୍ ୨୮, ୨୯ରେ କଟକରେ ଅନୁଷ୍ଠିତ ଉତ୍କଳ ପ୍ରାଦେଶିକ ସମ୍ମିଳନୀ ଅଧିବେଶନ ଓଡିଶାରେ ଅସହଯୋଗ ଚହଳର ଉତ୍କୃଷ୍ଟ ପର୍ଯ୍ୟାୟ। ଏହି ଅଧିବେଶନ



Source: Author, Digitized by PPRACHIN, SOA

ଜୁନ୍ ୨୮ ତାରିଖ ଅପରାହ୍ଣ ୪ଟା ବେଳେ ଆରମ୍ଭ ହେଲା। ପ୍ରକାଣ୍ଡ ସମ୍ମିଳନୀ ମଣ୍ଡପ ଖଦଡ ଓ ଜାତୀୟ ପତାକା ପ୍ରଭୃତି ଦ୍ୱାରା ସୁଶୋଭିତ ହୋଇଥିଲା ଏବଂ ସଭାପତି ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ପ୍ରତି ଭକ୍ତିର ନିଦର୍ଶନ ସ୍ୱରୂପ ପ୍ରତିନିଧି ଓ ଦର୍ଶକମାନଙ୍କ ମଧ୍ୟରୁ ଅଧିକାଂଶ ଖଦଡ ପିନ୍ଧି ସମ୍ମିଳନୀରେ ଯୋଗ ଦେଇଥିଲେ। ସଭାମଂଚ ଆଗରେ ମହାତ୍ମାଗାନ୍ଧିଙ୍କ ଫଟୋ ସୁସଜ୍ଜିତ ହୋଇ ରଖାଯାଇଥିଲା। ଓଡିଶା(ପ୍ରାକୃତିକ ଉତ୍କଳ)ର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଦେଢ ହଜାର କଂଗ୍ରେସ ପ୍ରତିନିଧି ତିନି ସହସ୍ରାଧିକ ଦର୍ଶକ ଏବଂ ପ୍ରାୟ ଶତାଧିକ ମହିଳା ଏଥିରେ ଯୋଗ ଦେଇଥିଲେ। ସଭାମଞ୍ଚ ଉପରେ ରାୟବାହାଦୂର ଜାନକୀନାଥ ବୋଷ, ଜମିଦାର ଜେ.ଏନ୍. ବୋଷ, ବାରିଷ୍ଟର ବିଶ୍ୱନାଥ ମିଶ୍ର, ପଣ୍ଡିତ ଗୋପବନ୍ଧୁ ଦାସ, ଭାଗିରଥି ମହାପାତ୍ର, ପଣ୍ଡିତ ନୀଳକଣ୍ଠ ଦାସ, ସୁଦାମଚରଣ ନାୟକ, ଗୋପାଳ ଚନ୍ଦ୍ର ପ୍ରହରାଜ, ସତ୍ୟନାରାୟଣ ସେନଗୁପ୍ତ, ଲକ୍ଷ୍ମୀଧର ମହାନ୍ତି, ଚୌଧୁରୀ ନରହରୀ ଦାସ, ବିଶ୍ୱନାଥ କର, ଗୋଦାବରୀଶ ମିଶ୍ର, ନିମାଇଁ ଚରଣ ମିତ୍ର, ରେଭରେଣ୍ଡ୍ ଉଇଲ୍‌କିନ୍, ସୟଦ୍ ମୋକରମ୍ ଅଲ୍ଲୀ, ଗଣେଷଲାଲ ପଣ୍ଡିତ, ଯାମିନୀକାନ୍ତ ବିଶ୍ୱାସ, ଗଂଜାମର ବିଶ୍ୱନାଥ ଦାସ, ଲିଙ୍ଗରାଜ ପାଣିଗ୍ରାହୀ ଓ ଶଶୀଭୂଷଣ ରଥ ପ୍ରଭୃତି ଭଦ୍ରବ୍ୟକ୍ତିଗଣ ବସିଥିଲେ। ସଭାପତିଙ୍କ ଆସିବା ପୂର୍ବରୁ କୂଳବୃଦ୍ଧ ମଧୁସୂଦନ ଦାସ କଂଗ୍ରେସର ଆବେଦନ ପତ୍ରରେ ସ୍ୱାକ୍ଷର କରି ପ୍ରତିନିଧି ଭାବରେ ସଭାରେ ଯୋଗ ଦେଇଥିଲେ। ମଧୁବାବୁ ବିଶୁଦ୍ଧ ଖଦଡ ପିନ୍ଧି ଆସିଥିବାର ଦେଖି ଦର୍ଶକମାନଙ୍କ ମନରେ ନୂତନ ଆଶା ଓ ଉତ୍ସାହ ସଂଚରିତ ହୋଇଥିଲା। ସଭାପତି ମହୋଦୟ ସଭାମଣ୍ଡପରେ ପହଁଞ୍ଚିବା ମାତ୍ରେ "ବନ୍ଦେ ମାତରମ୍" ଓ "ମହାତ୍ମାଗାନ୍ଧିଙ୍କ ଜୟ"ରବରେ ସମ୍ମିଳନୀ ମଣ୍ଡପ ଉଚ୍ଛୁଳି ପଡିଥିଲା। ପ୍ରଥମେ ଓଡିଆ ଓ ବଂଗଳା ଚାରୋଟି ଜାତୀୟ ସଂଗୀତ ଗାନ ହେବାପରେ ଅଭ୍ୟର୍ଥନା ସମତିର ସଭାପତି ଗୋପବନ୍ଧୁ ଚୌଧୁରୀ ତାଙ୍କ ଅଭିଭାଷଣ ପାଠ କରିଥିଲେ। ସେଥିରେ ସେ କହିଥିଲେ- "ଆଜି ଉତ୍କଳର ରାଜନୈତିକ ଜୀବନରେ ଗୋଟିଏ ବିଶେଷ ଦିନ। ତିନି ବର୍ଷ କାଳ ଯେ ସ୍ୱରାଜ୍ୟ ସୁଦ୍ଧ ଭାରତରେ ଚାଲିଛି ଉତ୍କଳ ସେଥିରେ ଅଳ୍ପବହୁତ ଯୋଗ ଦେଇଆସିଛି। ଉତ୍କଳର ଯେଉଁମାନେ ଏ ସ୍ୱରାଜ୍ୟ ଯଜ୍ଞରେ ଆହୁତି ଦେଇଛନ୍ତି ବା ଦେବାକୁ ପ୍ରସ୍ତୁତ ଅଛନ୍ତି, ଆଜି ସେମାନେ ପ୍ରଥମ ଥର ପାଇଁ ଏକତ୍ର ମିଳିତ। ପ୍ରତ୍ୟେକ ପ୍ରଦେଶରେ ଏହିପରି ସମ୍ମିଳନୀ ଅନେକ ଆଗରୁ ବର୍ଷକୁବର୍ଷ ହୋଇଆସୁଅଛି। କିନ୍ତୁ ଏ ପର୍ଯ୍ୟନ୍ତ ଉତ୍କଳରେ ହୋଇନଥିଲା। ଏ ରାଷ୍ଟ୍ରୀୟ ମହାଯୁଦ୍ଧରେ ନିଜର କର୍ତ୍ତବ୍ୟ ସ୍ଥିର କରିବାପାଇଁ ଉତ୍କଳବାସୀ ସମବେତ। ଏ ପ୍ରଥମ ସମ୍ମିଳନୀ ଆଜି କଟକରେ ବସୁଥିବାରୁ କଟକ ଜିଲ୍ଲାବାସୀ ନିଜକୁ



Source: Author, Digitized by PPRACHIN, SOA

ବିଶେଷ ଗୌରବାନ୍ୱିତ ମନେକରୁଛନ୍ତି। କଟକ ଜିଲ୍ଲା ତରଫରୁ ଆପଣମାନଙ୍କୁ ଅଭ୍ୟର୍ଥନା କରିବା ଭାର ମୋ ଉପରେ ନ୍ୟସ୍ତ। ସେଥିପାଇଁ ମୁଁ ବିଶେଷ ଭାବରେ ସୁଖୀ ଓ ମୋର ଅନ୍ତରର ସହିତ ସେ କାର୍ଯ୍ୟଟି କରିବାକୁ ମୁଁ ଛିଡାହେଲି।

ଆଜି ଏ ଶୁଭଦିନରେ ଆମର ଆନନ୍ଦିତ ହେବାର ଗୋଟିଏ ବିଶେଷ କାରଣ ଅଛି। ଆଜି ଏ ମହୋତ୍ସବରେ ଆମର ଅତିଥି ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଦରିଦ୍ରର ବନ୍ଧୁ ପ୍ରଫୁଲ୍ଲ ଚନ୍ଦ୍ର, ଆଜି ଦରିଦ୍ର ଉତ୍କଳର ମଙ୍ଗଳୋତ୍ସବରେ ଆଚାର୍ଯ୍ୟ। କିଏ ନଜାଣେ, ବଂଗ କାହିଁକି ସମଗ୍ର ଭାରତର ଉନ୍ନତି ପାଇଁ ସେ ନିଜର ରକ୍ତ ବିନ୍ଦୁବିନ୍ଦୁ କରି ସମସ୍ତ ଜୀବନ ଦେଇଆସିଅଛନ୍ତି। କିଏ ନଶୁଣିଥିବ ଯେ ବଂଗର ଦୁର୍ଭିକ୍ଷ, ବନ୍ୟା ସମୟରେ ନିରାଶ୍ରୟର ପ୍ରାଣ ରକ୍ଷା ପାଇଁ ନିଜର ପ୍ରାଣକୁ ତୁଚ୍ଛକରି ସମସ୍ତ ଶକ୍ତି ସେଥିରେ ଲଗାଇଛନ୍ତି। କିଏବା ନଜାଣିଥିବ, ଏବେ ମହାତ୍ମାଙ୍କ ଡାକରେ ତାଙ୍କର ପ୍ରାଣର ଆବେଗ ବଢିଯାଇ ଆଜି ସେହି ଅରଟର ମହିମା ଦେଶରେ ପ୍ରଚାର କରିବା ପାଇଁ ସେ ତାଙ୍କର ସର୍ବସ୍ୱ ଦାନ କରିଛନ୍ତି। ଉତ୍କଳର ଦାରିଦ୍ର୍ୟ କ୍ରମେ ମଜ୍ଜାଗତ ହେବାକୁ ବସିଛି। ବଢି, ଦୁର୍ଭିକ୍ଷ, ମେଲେରିଆ ଏସବୁ ତାର ସମସ୍ତ ସାର ଶୋଷଣ କରିନେଉଛି। ଆଜି ଏପରି ଅବସ୍ଥାରେ ଭିଷକ୍ ରୂପେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ରଙ୍କୁ ପାଇ ଉତ୍କଳ ନିଜକୁ ଧନ୍ୟ ମନେକରୁଛି। ତିନି ବର୍ଷ ତଳେ ଦିନେ ମହାତ୍ମା ଗାନ୍ଧି ଉତ୍କଳକୁ ସନ୍ଦେଶ ପଠାଇଥିଲେ। ଖଦଡ ଉତ୍କଳର ଦୁଃଖ ଘୁଞ୍ଚାଇବ। ଆଉ କିଛି ନକରି ଯେବେ ଉତ୍କଳ ଘରେ ଘରେ ଅରଟ ଚଳାଏ, ନିଜର ଦାରିଦ୍ର୍ୟ ମୋଚନ ତ କରିବ, ସମଗ୍ର ଭାରତର ଖଦୀର ଭଣ୍ଡାର ହୋଇପାରିବ। ଏତକ କଲେ ସ୍ୱରାଜ୍ୟ ଯୁଦ୍ଧରେ ସେ ବହୁତ କରିଛି ବୋଲି କହିହେବ। ଆଜି ସେହି କାର୍ଯ୍ୟରେ ପରିଚାଳକ ପ୍ରଫୁଲ୍ଲ ଚନ୍ଦ୍ରଙ୍କ ବ୍ୟତୀତ ଆଉ କିଏ ହୋଇପାରେ ? ଆଜି ଏ ଆନନ୍ଦର ମାତ୍ରା ପୂର୍ଣ୍ଣ କରିବାପାଇଁ ଦୁଇବର୍ଷପରେ ବନ୍ଦିଶାଳାରୁ ସେନାପତି ପଣ୍ଡିତ ଗୋପବନ୍ଧୁ ଦାସ ଓ ତାଙ୍କର ସହକାରୀ ଶ୍ରୀଯୁକ୍ତ ଭାଗିରଥି ମହାପାତ୍ର ଫେରିଆସି ଆମ ସହିତ ମିଳିତ। ତାଙ୍କୁ ବିଶେଷଭାବରେ କଣବା ଅଭ୍ୟର୍ଥନା କରିବା ? କେବଳ ଅଭ୍ୟର୍ଥନାରେ ସେ କଣ ସନ୍ତୁଷ୍ଟ ହେବେ ? ସେ କାର୍ଯ୍ୟପାଇଁ ଦୁଇଟି ବର୍ଷ ଏ କଷ୍ଟ ଭୋଗିଛନ୍ତି। ଆଜି ସେହି କାର୍ଯ୍ୟ ସଫଳ କରିବା ପାଇଁ ଉତ୍କଳବାସୀଙ୍କୁ ଦୃଢପରିକର ଦେଖିଲେ ସେ ସନ୍ତୁଷ୍ଟ ହେବେ ପରା ?

ମହାତ୍ମାଙ୍କଦ୍ୱାରା ଆଦିଷ୍ଟ ହୋଇ କଂଗ୍ରେସ ଯେତେବେଳେ ଅସହଯୋଗ ମହାମନ୍ତ୍ର ଗ୍ରହଣ କଲେ କେବଳ ସେହିଦିନ ଉତ୍କଳ କଂଗ୍ରେସରେ ପ୍ରଥମେ ଯୋଗଦିଏ କହିଲେ ଅତ୍ୟୁକ୍ତି ହେବନାହିଁ। ଅବଶ୍ୟ ଓଡିଆ ଗୋଟିଏ ଜାତି। ଏ ଜାତୀୟ ଭାବ ଉତ୍କଳର ପ୍ରାଣରେ



Source: Author, Digitized by PPRACHIN, SOA

ମଧୁବାବୁ ପୂର୍ଣ୍ଣମାତ୍ରାରେ ଜାଗରିତ କରାଇଥିଲେ। କିନ୍ତୁ ଉତ୍କଳ ଭାରତର ଗୋଟିଏ ଅଂଶ। ଭାରତର ଦୁଃଖ ସୁଖରେ ସେ ଭାଗୀ। ଭାରତର ସ୍ୱରାଜ୍ୟ ଯୁଦ୍ଧରେ ତାର କର୍ତ୍ତବ୍ୟ ଅଛି। ଏ କଥା କେବଳ ମହାତ୍ମାଙ୍କ ବାଣୀ ଓଡିଆଙ୍କ ପ୍ରାଣରେ ଆଣିଦେଇଛି। ସେହି ସ୍ରୋତରେ ଉତ୍କଳ ଅଳ୍ପ ବହୁତ ନିଜକୁ ଭସାଇଦେଇଛି। କଂଗ୍ରେସ କାର୍ଯ୍ୟକ୍ରମକୁ କାର୍ଯ୍ୟରେ ପରିଣତ କରିବାର ବିଶେଷ ଚେଷ୍ଟା କରିଅଛି। ସରକାରୀ ଶିକ୍ଷାବର୍ଜ୍ଜନ, ସରକାରୀ କଚେରୀ ପରିତ୍ୟାଗ, ବିଦେଶୀ ବସ୍ତ୍ରବର୍ଜ୍ଜନ ଇତ୍ୟାଦି କାର୍ଯ୍ୟରେ ଉତ୍କଳ ବେଶ୍ ସଫଳ ହୋଇଅଛି। ଅନେକ ଛାତ୍ର ସରକାରୀ ଶିକ୍ଷା ଛାଡିଛନ୍ତି। ଓକିଲମାନେ ବ୍ୟବସାୟ ଛାଡିଦେଇଛନ୍ତି। ଗ୍ରାମେଗ୍ରାମେ ଘରେଘରେ ବହୁତ ଅରଟ ଚଳିବାକୁ ଆରମ୍ଭ କରିଅଛି ଓ ପଞ୍ଚାୟତ କରି ମାଲିମୋକଦ୍ଦମା ଭାଙ୍ଗିଦେବା ମଧ୍ୟ ଅନେକ ପରିମାଣରେ ବଢିଅଛି। ଏଥିରେ କେହି ଦ୍ୱିରୁକ୍ତି କହିବେନାହିଁ ଯେ ଅସହଯୋଗ ପ୍ରଭାବରେ ଆଜି ଉତ୍କଳ ପ୍ରାଣରେ ନୂତନ ଶକ୍ତି ସଂଚାର ହୋଇଅଛି ଓ ଉତ୍କଳ ଆଜି ସ୍ୱରାଜ୍ୟ ଯୁଦ୍ଧରେ ଯୋଗଦେବାକୁ ପ୍ରସ୍ତୁତ। ଏହାର ଚାକ୍ଷୁଷ ପ୍ରମାଣ ଆଜି ଆପଣମାନଙ୍କ ସମ୍ମିଳନୀ। ଉତ୍କଳରେ ଦମନ ନୀତିର ଯେ ସ୍ରୋତ ବହିଚାଲିଛି, ତା ଭାରତର ଅନ୍ୟାନ୍ୟ ଅନେକ ପ୍ରଦେଶରେ ଯାହା ହୋଇଛି, ତାଠାରୁ କମ୍ ନୁହେଁ ଓ ଉତ୍କଳବାସୀ ଓ ଉତ୍କଳ କର୍ମୀକୂଳ ତାହା ସାଦରେ ବରଣ କରିଛନ୍ତି। କନିକାରେ ଅତ୍ୟାଚାର ସମୟରେ ଓ କଟକ, ପୁରୀ, ବାଲେଶ୍ୱରରେ ଘରପୋଡି ସମୟରେ ଅନେକ ଲୋକ ଅସହଯୋଗୀଙ୍କୁ ନାନାପ୍ରକାରରେ ଦୋଷୀସାବ୍ୟସ୍ତ କରିବାକୁ ଚେଷ୍ଟା କରିଥିଲେ ସତ୍ୟ, କିନ୍ତୁ ସତ କଥା ଛପେନାହିଁ। ଦେଶବାସୀ ସେ କୁତ୍ସାରେ ବିଶ୍ୱାସ କରିନାହାନ୍ତି।

ସ୍ୱରାଜ୍ୟ ଆନ୍ଦୋଳନକୁ ସଫଳ କରିବାରେ ପ୍ରତ୍ୟେକ ପ୍ରଦେଶରେ କେତେକ ବିଶେଷ ପ୍ରାଦେଶିକ ପ୍ରତିବନ୍ଧକ ଅଳ୍ପବହୁତ ଥାଏ। ଉତ୍କଳରେ ସେପରି କେତୋଟି ସମସ୍ୟା ଅଛି। ଏକେତ ଉତ୍କଳବାସୀ ଦରିଦ୍ର। ବର୍ଷକୁ ବର୍ଷ ବଢି, ମରୁଡି,ଦୁର୍ଭିକ୍ଷ ଲାଗିରହିଛି। ତାଉପରେ ମେଲେରିଆ ଆସି କ୍ରମେକ୍ରମେ ଗ୍ରାମଗୁଡିକୁ ଛାରଖାର କରିବାକୁ ଆରମ୍ଭ କଲାଣି। କିନ୍ତୁ ଏ ସମସ୍ୟାରେ କାତର ହେବାର କୌଣସି କାରଣ ନାହିଁ। ଆଜି କଂଗ୍ରେସର ଯେ ଗଠନମୂଳକ କାର୍ଯ୍ୟକ୍ରମ ଦେଶ ଆଗରେ ଅଛି, ତାହାଯଦି ଉତ୍କଳ କାର୍ଯ୍ୟରେ ପରିଣତ କରିବାକୁ ଅଣ୍ଟାଭିଡି ବାହାରିପଡେ, ତେବେ ଏ ସମସ୍ୟାର ଶୀଘ୍ର ସମାଧାନ ହେବ। ସମସ୍ତେ ଶୁଣିଥିବେ ଆଜି ବଂଗଳାର ନାନା ଅଞ୍ଚଳରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ସୂତାକଟାଦ୍ୱାରା କିପରି ବନ୍ୟା ଓ ଦୁର୍ଭିକ୍ଷର କରାଳ କବଳରୁ ଲୋକଙ୍କୁ ରକ୍ଷା କରୁଛନ୍ତି। ଯାହାର ବିଶ୍ୱାସ ହେଉନାହିଁ ଯେ ସାମାନ୍ୟ ସୂତାକଟାଦ୍ୱାରା କିପରି ଦୁର୍ଭିକ୍ଷରୁ ରକ୍ଷାପାଇବେ



Source: Author, Digitized by PPRACHIN, SOA

ସେମାନେ ବର୍ତ୍ତମାନ ନୂଆଖାଲି ପ୍ରଭୃତି ସ୍ଥାନରେ ବଂଗୀୟ ରିଲିଫ୍ କମିଟିର କାର୍ଯ୍ୟକଳାପ ଦେଖନ୍ତୁ । ଆଜି ଉତ୍କଳ ସେହି କଥା ଦେଖି ଯଦି ଅରଟ ପ୍ରଚାରରେ ଭଲକରି ଲାଗିପଡ଼େ, ତେବେ ମହାତ୍ମାଙ୍କ କଥା ସଫଳ ହେବ । ଅବଶ୍ୟ ଉତ୍କଳରେ ଖଦୀ ପ୍ରଚାରର ଯେତିକି ସୁବିଧା ଅଛି, ସେତିକି ଅସୁବିଧା ଅଛି । ଅରଟରେ ସୂତାକାଟିବା ଓଡ଼ିଆ ଭୁଲିନାହିଁ । ଏ ପର୍ଯ୍ୟନ୍ତ ପୁରୁଣା କାଳର ଅରଟ ଓଡ଼ିଆର ଘରେଘରେ ଅଛି ସତ, କିନ୍ତୁ ଓଡ଼ିଆ କପାଚାଷ କରିବାକୁ ଭୁଲିଯାଇଛି । କପାକିଣି ସୂତାକାଟିବା ସହଜନୁହେଁ । ସେଥିପାଇଁ ପ୍ରତ୍ୟେକ ଉତ୍କଳବାସୀ ନିଜ ପରିବାରର ଆବଶ୍ୟକ କପା ନିଜ ଜମିରେ କରିବା ଉଚିତ । କପାଚାଷ ମଧ୍ୟ ସବୁଆଡ଼େ ବଢ଼ିବାକୁ ଆରମ୍ଭ କଲାଣି ଏବଂ ଯଦି ସମସ୍ତେ ଏହିପରି ଉତ୍ସାହରେ ସେଥିରେ ଲାଗିପଡ଼ନ୍ତି ତେବେ ଖୁବ୍ ଅଳ୍ପ ସମୟ ମଧ୍ୟରେ ଉତ୍କଳର ଘରେଘରେ ଲୋକେ ନିଜର ଲୁଗା ନିଜେ ତିଆରିକରି ଭାରତର ଅନ୍ୟାନ୍ୟ ଅଞ୍ଚଳକୁ ଯଥେଷ୍ଟ ଯୋଗାଇପାରିବେ ।

ପରମୁହଁକୁ ଅନାଇ ବସିଲେ ମେଲେରିଆ ଜ୍ୱରକୁ ଦେଶରୁ ତଡ଼ିବା ବିଡମ୍ବନା ମାତ୍ର । ଏ ସରକାରଠାରୁ ଏ ବିଷୟରେ ପ୍ରତିକାର ଲୋଡ଼ିବା ବୃଥା । ଯେ ସରକାର ରାଜକୋଷର ଅଧିକ ଉପରେ ଟଙ୍କା ସୈନ୍ୟ ବିଭାଗରେ ଉଡାଇଦେଇପାରେ, ଯେ ସରକାର ସବୁବେଳେ ଡରୁଛି ଯେ କାଳେ ସୈନ୍ୟବିଭାଗ ଉଠାଇ ଦେଲେ ରାଜସ୍ୱ ଚାଲିଯିବ, ସେଥିପାଇଁ ସୈନ୍ୟବିଭାଗ ଖର୍ଚ୍ଚରୁ ତିଳେମାତ୍ର କମାଇବାପାଇଁ ରାଜିନୁହେଁ, ବରଂ ବିଲାତି ଚାକରମାନଙ୍କର ଦରମା ବଢାଇବା ପାଇଁ ସରକାରଙ୍କ ଲି କମିସନ୍ ବୋଝ ଉପରେ ନଳିତାବିଡା ଲଦୁଛନ୍ତି, ସେ ସରକାର ଯେ ଲୋକମଲେ ତାର ପ୍ରତିକାର କରିବ ଏହା ଅସମ୍ଭବ । ଆଜି ବଂଗଦେଶରେ ସେତକ ବୁଝି ତାଙ୍କର ବହୁକାଳର ଶତ୍ରୁ ମେଲେରିଆକୁ ତଡ଼ିବା ପାଇଁ ଗ୍ରାମ୍ୟ ସଂଗଠନ ଆରମ୍ଭ କରିଛନ୍ତି । ଗ୍ରାମେଗ୍ରାମେ ସମବାୟ ସମିତିମାନ ଗଢୁଛନ୍ତି । ଏଥିରେ ସେମାନେ ବିଶେଷ ସଫଳ ହେଲେଣି । ଆଜି କଂଗ୍ରେସ କାର୍ଯ୍ୟକ୍ରମର ଗ୍ରାମ୍ୟ ସଂଗଠନ କାର୍ଯ୍ୟଟି ଯଦି ମନଦେଇ ଉତ୍କଳବାସୀ କରନ୍ତି, ଯଦି ଗ୍ରାମେଗ୍ରାମେ କଂଗ୍ରେସ ସମିତିମାନ ଗଢି ଗ୍ରାମର ସ୍ୱାସ୍ଥ୍ୟଉନ୍ନତି କରିବାରେ, ଗ୍ରାମର ଆର୍ଥିକ ଓ ସାମାଜିକ ଉନ୍ନତି କରିବାରେ ଲାଗିପଡ଼ନ୍ତି, ତେବେ ଅଚିରେ ମେଲେରିଆ ଶତ୍ରୁ ଉତ୍କଳ ଛାଡ଼ି ପଳାଇବ ।

ବର୍ତ୍ତମାନ କଂଗ୍ରେସରେ ଦୁଇଫାଙ୍କ ହୋଇଗଲା ବୋଲି ଚହଳ ପଡ଼ିଯାଇଛି । କେହି କହୁଛନ୍ତି କଂଗ୍ରେସ ଭାଙ୍ଗିଯିବ, କଣନା ଏ କାଉନ୍‌ସିଲ୍‌ର ବର୍ଜ୍ଜନ ନେଇ ଯେ



Source: Author, Digitized by PPRACHIN, SOA

ମତଭେଦ ହୋଇଛି ସେଥିଯୋଗୁଁ। କିନ୍ତୁ ଏଥିରେ କଂଗ୍ରେସ ଭାଙ୍ଗିବାର କୌଣସି ଆଶଙ୍କା ନାହିଁ ବା ଆତଙ୍କ ପଡିବାର କୌଣସି କାରଣ ନାହିଁ। ରାଜନୈତିକ ଆନ୍ଦୋଳନରେ ଏ ସ୍ୱାଭାବିକ ନିୟମ। ଯେମିତି ନଈଟି ପହିଲି ବଢି ସମୟରେ ଗୋଟିଏ ଧାରରେ ବଢିଚାଲିଯାଉଥାଏ। କ୍ରମେ ପାଣି ବେଶି ହେଲେ ଘାଇବନ୍ଧ ଭାଙ୍ଗି ନୂଆନୂଆ ଧାର କରି ବହିଯାଏ। ପୁଣି ବେଶି ବଢିହେଲେ ସବୁ ନଈ ପାଟ ଏକ ହୋଇ ଗୋଟିଏ ସ୍ରୋତରେ ନିଜର ଗନ୍ତବ୍ୟ ପଥରେ ମାଡିଯାଆନ୍ତି ସେହିପରି। ଯେତେବେଳେ ସ୍ୱରାଜ୍ୟ ଆନ୍ଦୋଳନ ଦେଶବାସୀଙ୍କ ମଧ୍ୟରେ ବଢିବାକୁ ଆରମ୍ଭ କଲା ଅସହଯୋଗ ନୀତିର କାର୍ଯ୍ୟକ୍ରମରେ ସନ୍ତୁଷ୍ଟ ନହୋଇ ଘାଇବନ୍ଧ ଭାଙ୍ଗିଲାପରି ଆନ୍ଦୋଳନ ନାନା ଶାଖା ପ୍ରଶାଖା ବିସ୍ତାରିଛି। ପୁଣି ପୂର୍ଣ୍ଣମାତ୍ରାରେ ଆନ୍ଦୋଳନର ବେଗ ବଢିଲେ , ଶୀଘ୍ର ଗୋଟିଏ ସ୍ରୋତରେ ପରିଣତ ହେବ ଏବଂ ଭାରତର ମୁକ୍ତିର ପଥ ପରିଷ୍କାର ହେବ। ଏ ମତଭେଦ ଉତ୍କଳକୁ ବାଧିନାହିଁ ସତ, କିନ୍ତୁ ଗୋଟିଏ କଥା ମନେରଖିଲେ ଏ ମତଭେଦ ଦେଶର କାର୍ଯ୍ୟରେ କୌଣସି ବାଧା ହେବନାହିଁ। ପ୍ରତ୍ୟେକ ଦଳ ଦେଶର ମଙ୍ଗଳ ପାଇଁ ଗୋଟିଏ ବାଟକୁ ଭଲମଣୁଛନ୍ତି। କିନ୍ତୁ ପ୍ରତ୍ୟେକ ଦଳ ଦେଶପାଇଁ ମରିବାକୁ ପ୍ରସ୍ତୁତ ଏବଂ ଗୋଟିଏ ଯେପରି ନିଜର ମତଟି ଠିକ୍ ବୋଲି ଭାବୁଛି, ଅନ୍ୟ ଦଳ ତାର ମତଟି ସେହିପରି ଠିକ୍ ବୋଲି ଭାବୁଛି, ଏଥିରେ କଳହର କିଛି କାରଣ ନାହିଁ। ଯେଉଁଟି ସତ୍ୟ ଓ ଠିକ୍ ଶୀଘ୍ର ତା ଜଣାପଡିଯିବ। ତାର ସଫଳତା ପ୍ରମାଣିତ ହୋଇଯିବ ଏବଂ ସେହି ସତ୍ୟକୁ ଆଶ୍ରା କରି ପୁଣି ସମସ୍ତେ ଗୋଟିଏ ସ୍ରୋତରେ ଚାଲିବେ।

ଉତ୍କଳରେ ଆଉ ଗୋଟିଏ ସମସ୍ୟା ଅଛି। ସେହିଟି ତାର ବିଛିନ୍ନ ଅବସ୍ଥା ଯୋଗୁଁ ତାର ଜାତୀୟ ଜୀବନର ଉନ୍ନତିରେ ବାଧା। ଅନେକଗୁଡିଏ ସରକାରୀ ପ୍ରଦେଶରେ ଖଣ୍ଡଖଣ୍ଡ ହୋଇ ଉତ୍କଳ ପ୍ରଦେଶଟି ଅଛି। ସେଥିପାଇଁ ଅନେକ ଅସୁବିଧା। ଅବଶ୍ୟ କଂଗ୍ରେସ ଭାଷାସୂତ୍ରରେ ପ୍ରଦେଶମାନ ଗଠନ କରିଛି। କିନ୍ତୁ ଏ ପର୍ଯ୍ୟନ୍ତ ନିଖିଳ ଭାରତ କଂଗ୍ରେସ କମିଟି ତରଫରୁ ଆନ୍ଧ୍ରୋତ୍କଳ ସୀମାନିର୍ଦ୍ଦେଶ ଇତ୍ୟାଦି ସମ୍ପୂର୍ଣ୍ଣ ହୋଇନଥିବାରୁ କଂଗ୍ରେସ କାର୍ଯ୍ୟରେ ନାନା ବାଧା ଘଟୁଅଛି। କିନ୍ତୁ ସ୍ୱରାଜ୍ୟ ହେବା ପୂର୍ବରୁ ଗୋଟିଏ ଶାସନାଧୀନରେ ସମସ୍ତ ଉତ୍କଳଭାଷୀ ଏକତ୍ର ହେବା ସମ୍ଭବ ନୁହେଁ। ଏ ସରକାରଙ୍କ ନିଦ ପାଟିରେ ଭାଙ୍ଗେନାହିଁ। ଚେଇଁ ଶୋଇଲେ ଉଠାଇବ କିଏ। ଜାତିଟାକୁ ଏକାଠି କରିଦେଲେ କାଳେ ଜାତିଟା ଉଠିପଡିବ। ସେହି ଭୟରେ ଏତକ ସରକାର କରିବ ନାହିଁ। ତେବେ କୌଣସି ବିଶେଷ ଅନ୍ୟାୟ ପ୍ରତିକାର ପାଇଁ ଯେପରି ବଂଗବିଚ୍ଛେଦ



Source: Author, Digitized by PPRACHIN, SOA

ସମୟରେ ତୁମୂଳ ଆନ୍ଦୋଳନ, ବୋରସାଦରେ ଟିକସବନ୍ଦ, ନାଗପୁର ବା ଅକାଳୀ ସତ୍ୟାଗ୍ରହ ବା ତାଞ୍ଜୋରରେ ମିରଶାଦାରମାନଙ୍କ ଟିକସ ବନ୍ଦ ହୋଇଥିଲା, ସେହିପରି କିଛି ନକରିବା ପର୍ଯ୍ୟନ୍ତ ଏ ସରକାରଙ୍କ ଜ୍ଞାନୋଦୟ ହେବନାହିଁ। ସେ ଯାହାହେଉ ବର୍ତ୍ତମାନ ଏପରି ଭାବରେ ଲୋକମତ ଗଢିବାକୁ ହେବ ଯେପରି ସ୍ୱରାଜ୍ୟ ସଂଗ୍ରାମ ଖୁବ୍ ଦ୍ରୁତଗତିରେ ଚାଲେ। କିମ୍ବା ଏ ବିଶିଷ୍ଟ ଅନ୍ୟାୟର ପ୍ରତିକାର କରିବାପାଇଁ ଉତ୍କଳ ସତ୍ୟାଗ୍ରହ କରିବାକୁ ପ୍ରସ୍ତୁତ ହୁଏ। ଆଉ ଗୋଟିଏ ଦୁଃଖର କଥା କହି ମୋର ବକ୍ତବ୍ୟ ଶେଷ କରିବି। ଜଗନ୍ନାଥଙ୍କ ଦେଉଳ ତଳେ ଘରକରି ଉତ୍କଳବାସୀ ତାଙ୍କ ସମାଜରୁ ଯେ ଏ ପର୍ଯ୍ୟନ୍ତ ଅସ୍ପୃଶ୍ୟତା ଦୂରକରିନାହାନ୍ତି ଏହାଠାରୁ ବଳି ଲଜ୍ଜାର ବିଷୟ କିଛି ନାହିଁ। ଯେଉଁ ଶ୍ରୀକ୍ଷେତ୍ରରେ ବ୍ରାହ୍ମଣ ଚଣ୍ଡାଳ ଏକ ପାତ୍ରରେ ବସି ଭୋଜନ କରନ୍ତି, ଯେଉଁ କ୍ଷେତ୍ରରେ ଚୈତନ୍ୟ ଦେବ ଦିନେ ପ୍ରେମଧର୍ମ ପ୍ରଚାର କରି ଏହି ଅସ୍ପୃଶ୍ୟତା ଉଠାଇ ଦେଇଥିଲେ , ଆଜି ସେହି କ୍ଷେତ୍ରରେ ଉତ୍କଳବାସୀ ଯେ ଅସ୍ପୃଶ୍ୟତା ରଖିଛନ୍ତି, ଏହା ବଡ କିଛି କଳଙ୍କର ବିଷୟ। ଆଜି ପୁଣି ସେ ମହାତ୍ମାଙ୍କ ଗଂଭୀର ନିର୍ଘୋଷରେ ହିନ୍ଦୁ ଜାତିର ପ୍ରାଣରେ ଚହଳ ପଡିଛି। ଏତେବେଳେ ଉତ୍କଳ ଏ ବିଷୟରେ ନିଶ୍ଚେଷ୍ଟ ରହିଲେ ଚଳିବ କି ? ଏ ପାପର ପ୍ରାୟଶ୍ଚିତ ଭାରତର ଅନ୍ୟାନ୍ୟ ପ୍ରଦେଶ ଅଳ୍ପବହୁତ କରିବାକୁ ଆରମ୍ଭ କଲେଣି। କିନ୍ତୁ ଉତ୍କଳ ଯଦି ଏ ଘୋର ଅନ୍ୟାୟ ଦୂର କରିବାରେ ସନ୍ତୁଷ୍ଟ ନହୁଏ ତାର ପ୍ରତିଫଳ ଶୀଘ୍ର ପାଇବ ନାହିଁ କି ? ଏହି ପାପ ଫଳରେ ଏ ଚିର ଦାରିଦ୍ର୍ୟ ଉତ୍କଳକୁ ଘୋଟିନାହିଁ କି ? କ୍ରମେ କ୍ଷୀଣ ବଳ ହୋଇ ଶେଷରେ ଏ ଜାତି ଲୋପ ପାଇବ କି ? ସମୟ ଥାଉଁ ଥାଉଁ ସାବଧାନ।"

ଏହି ଦୀର୍ଘ ଭାଷଣରେ ଗୋପବନ୍ଧୁ ଚୌଧୁରୀ ଅସହଯୋଗ ଏବଂ ମହାତ୍ମାଗାନ୍ଧିଙ୍କ ସ୍ୱରାଜ ତତ୍ତ୍ୱ ଓଡିଆମାନଙ୍କୁ ସରଳଭାବରେ ବୁଝାଇ ଦେଇଥିଲେ। ତାପରେ ତାଙ୍କ ପ୍ରସ୍ତାବ ଅନୁସାରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ସଭାପତି ଆସନ ଗ୍ରହଣ କରି ତାଙ୍କ ଅଭିଭାଷଣ ପାଠ କଲେ। ସମ୍ମିଳନୀର ଦ୍ୱିତୀୟ ଦିନ ୨୯ ଜୁନ୍ ୧୯୨୪ରେ ୧୧ଟା ବେଳେ ସମ୍ମିଳନୀ ବସିଲା। ସଭାପତି ମହୋଦୟଙ୍କର ଆସିବାର ବିଳମ୍ବ ହେବାରୁ ତାଙ୍କ ଅନୁପସ୍ଥିତିରେ ପଣ୍ଡିତ ଗୋପବନ୍ଧୁ ଦାସ କିଛି କାଳ ସଭାପତିର କାର୍ଯ୍ୟ କରିଥିଲେ। ସଭାରେ ଗୃହୀତ ପ୍ରସ୍ତାବମାନଙ୍କ ମଧ୍ୟରୁ କଂଗ୍ରେସର କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପଞ୍ଚମ ପ୍ରସ୍ତାବ ନେଇ ସମ୍ମିଳନୀରେ ବହୁତ ଯୁକ୍ତିତର୍କ ଓ ବାଦପ୍ରତିବାଦ ହୋଇଥିଲା। ସେତେବଳେ ଭାରତର ଚାରିଆଡେ ଏହି କାର୍ଯ୍ୟକ୍ରମ ଘେନି ନାନାବିବାଦ ଓ ଦଳମତସବୁ ବାହାରୁଥିଲା।



Source: Author, Digitized by PPRACHIN, SOA

ତେଣୁ ଉତ୍କଳ ପ୍ରାଦେଶିକ ସମ୍ମିଳନୀରେ ଏହି ପ୍ରସ୍ତାବରେ ମତାମତ ବାହାରିବା ସ୍ୱାଭାବିକ। ୨୮ ତାରିଖ ଦିନ ବିଷୟ ନିର୍ବାଚନ ସଭାରେ ନିରଞ୍ଜନ ପଟ୍ଟନାୟକ ପ୍ରସ୍ତାବ କରିଥିଲେ- "ଏହି ସମ୍ମିଳନୀ ମହାତ୍ମାଗାନ୍ଧିଙ୍କ ଦ୍ୱାରା ପ୍ରବର୍ତ୍ତିତ ଅସହଯୋଗ ନୀତି, କାର୍ଯ୍ୟକ୍ରମ ଓ କଂଗ୍ରେସର ଗଠନମୂଳକ କାର୍ଯ୍ୟରେ ବିଶ୍ୱାସ ଥିବାର ଘୋଷଣା କରୁଅଛି ଏବଂ ଅସହଯୋଗ ନୀତି ଉପରେ ପ୍ରତିଷ୍ଠିତ କଂଗ୍ରେସ କାର୍ଯ୍ୟକ୍ରମକୁ ନିଜେନିଜେ କାର୍ଯ୍ୟରେ ପରିଣତି କରିବା ପାଇଁ ଏହି କଂଗ୍ରେସ ଅନୁଷ୍ଠାନର ପ୍ରତ୍ୟେକ ସଭ୍ୟଙ୍କୁ ପରାମର୍ଶ ଦେଉଛନ୍ତି।"ଏହି ପ୍ରସ୍ତାବରେ କେତେକ ସଂଶୋଧନ ପ୍ରସ୍ତାବ ଆସିଥିଲା। ତାହା ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଂଶୋଧନ ପ୍ରସ୍ତାବ ବିଶେଷ ଉଲ୍ଲେଖଯୋଗ୍ୟ। ସେ କହିଥିଲେ-"ଅସହଯୋଗ ନୀତି ଉପରେ ପ୍ରତିଷ୍ଠିତ" ଏହି କଥାଟକ ପ୍ରସ୍ତାବରୁ ଉଠାଇ ଦିଆଯାଉ। କେତେକ ଯୁକ୍ତିତର୍କ ପରେ କୌଣସି ସଂଶୋଧନ ପ୍ରସ୍ତାବ ଗୃହୀତ ନହେବାପୂର୍ବରୁ ମୂଳ ପ୍ରସ୍ତାବ ରହିଲା। କିନ୍ତୁ ପଣ୍ଡିତ ନୀଳକଣ୍ଠ ଦାସ ପରଦିନ କଂଗ୍ରେସରେ ନିଜର ସଂଶୋଧନ ପ୍ରସ୍ତାବ ଆଗତ କରିବେ ବୋଲି ନୋଟିସ୍ ଦେଲେ। ପରଦିନ ସମ୍ମିଳନୀ ମୂଳ ପ୍ରସ୍ତାବ ଆଗତ ହେବା ପୂର୍ବରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସହିତ ଗୋଟିଏ ମିଳାମିଶା କରିବାପାଇଁ ବିଚାର ହେଲା। ନୀଳକଣ୍ଠ କହିଲେ ଯଦି ମିଳାମିଶା କରିବାକୁ ଇଚ୍ଛା ତେବେ ପ୍ରସ୍ତାବଟି ସଭ୍ୟମାନଙ୍କୁ ଗୋଟିଏ ପରାମର୍ଶ ମାତ୍ର ଦେଉଥିବା ସ୍ଥଳେ ମିଳାମିଶାରେ ଆପତ୍ତି ହୋଇନପାରେ। ମାତ୍ର ସେ ନିଜେ ପ୍ରସ୍ତାବ ଅନୁମୋଦନ କରି ନିଜେ କେଉଁଭାବରେ ପ୍ରସ୍ତାବ ଗ୍ରହଣ କରୁଛନ୍ତି ତାହା ବୁଝାଇ କହିଲେ। ସେତେବେଳେ ଏ ସଂଶୋଧନ ପ୍ରସ୍ତାବ ଆଉ ଯେ କେହି ଆଗତ କରିବେ ଏହା କାହାରିକୁ ଜଣାନଥିଲା।

ନୀଳକଣ୍ଠ ପ୍ରସ୍ତାବ ଅନୁମୋଦନ କଲାବେଳେ ବୁଝାଇ ଦେଇଥିଲେ। ସେ କହିଥିଲେ-ମହାତ୍ମାଗାନ୍ଧିଙ୍କ ଦ୍ୱାରା ପ୍ରବର୍ତ୍ତିତ ଅସହଯୋଗ ସାଧନା କାର୍ଯ୍ୟକ୍ରମ ତଥା କଂଗ୍ରେସର ଗଠନମୂଳକ କାର୍ଯ୍ୟରେ ବିଶ୍ୱାସ-ଘୋଷଣା କରିବାରେ କାହାରି କିଛି ଆପତ୍ତି ଥାଇନପାରେ। ଦେଶର ଆଦର୍ଶ ଓ ଅବସ୍ଥା ଦୃଷ୍ଟିରେ ପ୍ରବଳ ପ୍ରତାପୀ ରାଜସରକାରଙ୍କଠାରୁ ସ୍ୱରାଜ ପାଇବାକୁ ହେଲେ ଅସହଯୋଗହିଁ ଏକମାତ୍ର ପନ୍ଥା। ଭାରତବାସୀ ସରକାରଙ୍କ ସଂଗେ ଅସହଯୋଗ କଲେ ଏକଦିନ ଏପରିକି ଏକଘଣ୍ଟା ଭିତରେ ବିଦେଶୀ ସରକାର ନଇଁପଡିବ। ଯୁଦ୍ଧକରି ସରକାରଠାରୁ ସ୍ୱରାଜନେବା କେହି କଳ୍ପନା ପର୍ଯ୍ୟନ୍ତ କରୁନାହାନ୍ତି। ଆମ୍ଭମାନଙ୍କର ବିଶ୍ୱାସ ଯେତେବେଳେ ହେଲେ ଏହି ଅସହଯୋଗରେ ସ୍ୱରାଜ୍ୟ ସିଦ୍ଧ ହେବ। କିନ୍ତୁ ସେଥିପାଇଁ ଲୋକେ ପ୍ରସ୍ତୁତ ହେବା ଦରକାର। ତିନି ବର୍ଷ ତଳେ



Source: Author, Digitized by PPRACHIN, SOA

ଯେତେବେଳେ ମହାତ୍ମାଗାନ୍ଧି ଏହି ଅସହଯୋଗର ବାଣୀ ଭାରତରେ ପ୍ରଚାର କଲେ ସେତେବେଳେ ଦେଶ ଉପଯୁକ୍ତ ହୋଇଅଛି, ସିଦ୍ଧିର ସମୟ ଆସିଅଛି, ବିଚାରି ମହାତ୍ମା ଯେ ଦେଶର ଅବସ୍ଥା ଜାଣି ଅସହଯୋଗ ଯୁଦ୍ଧକୁ ଯେ ଦେଶବାସୀଙ୍କୁ ଡାକୁଥିଲେ ଏହା ମନେକରି ସହସ୍ର ସହସ୍ର ଲୋକ ଏଥିରେ ନିଜନିଜର ତ୍ୟାଗପୂତ ଜୀବନ ଢାଳିଦେଲେ । କିନ୍ତୁ ଶେଷରେ ଲୋକେ ବାସ୍ତବିକ ପ୍ରସ୍ତୁତ ହୋଇନଥିବାର ଦେଖାଗଲା । ଅସହଯୋଗ ସିଦ୍ଧ ହେଲାନାହିଁ । ସ୍କୁଲକଲେଜ ସଂଗେ ଅସହଯୋଗ କରି ଜାତୀୟ ଶିକ୍ଷା ସଂଗେସଂଗେ ଉଠିଲାନାହିଁ । କଚେରୀ ସଂଗେ ଅସହଯୋଗ କରି ପଞ୍ଚାୟତ ଦୃଢଭାବରେ ପ୍ରତିଷ୍ଠିତ ହେଲାନାହିଁ । କାଉନ୍‌ସିଲ୍ ସଂଗେ ଅସହଯୋଗ କରି ଜାତୀୟ ମହାସମିତି ଓ କଂଗ୍ରେସ ଅନୁଷ୍ଠାନମାନ ସେ ସ୍ଥାନ ମାଡିବସିଲାନାହିଁ । ଏପରି ଅବସ୍ଥାରେ ସରକାର ତଳେ ଘର କରି ସେହି ସରକାର ସଂଗେ ଦେଶବାସୀଙ୍କର ପୂର୍ଣ୍ଣ ଅସହଯୋଗ କିପରି ଚିରକାଳ ପାଇଁ ଚଳିପାରିବ ? ଏ ଅସହଯୋଗ ଗୋଟିଏ ସମ୍ମୁଖ ଯୁଦ୍ଧର ସମୟ ବୋଲି ବୁଝିବାକୁ ହେବ, କିନ୍ତୁ ସେ ଯୁଦ୍ଧରେ ଦେଶବାସୀ ଥରେ ହଟିଗଲେ, ପୁଣି ପ୍ରସ୍ତୁତ ହେବାପାଇଁ ଆତ୍ମ ସଂଗଠନ ଦରକାର । ଅସହଯୋଗର ସମ୍ମୁଖ ଯୁଦ୍ଧରେ ଠିଆହେବାକୁ ହେଲେ ଦେଶବାସୀଙ୍କୁ ପୁଣି ଆହୁରି ଭଲକରି ନିଜକୁ ତିଆରି କରିବା ଦରକାର । ସେଥିପାଇଁ ନୀଳକଣ୍ଠବାବୁଙ୍କ ମତରେ "ବର୍ଦ୍ଦୋଲିର ଗଠନମୂଳକ କାର୍ଯ୍ୟ" ପ୍ରଚାର ହେଲା । ଲୋକେ ତିଆରି ହୋଇନାହାନ୍ତି ବୋଲି ଜାଣି ଅସହଯୋଗରେ ହଠାତ୍ ସରକାରଙ୍କୁ ଭାଙ୍ଗିଦେଇହେବନାହିଁ ବୋଲି ସ୍ଥିର କରି ଯେପରି କି ମହାତ୍ମାଗାନ୍ଧି ବର୍ଦ୍ଦୋଲିଠାରେ ଗଠନମୂଳକ କାର୍ଯ୍ୟକ୍ରମ ପ୍ରସାର କଲେ । ଏହି ଗଠନମୂଳକ କାର୍ଯ୍ୟ କଂଗ୍ରେସର ଏକମାତ୍ର କାର୍ଯ୍ୟକ୍ରମ କହିଲେ ଚଳେ ଏବଂ ଏହି କାର୍ଯ୍ୟ ଅସହଯୋଗ ନୀତି ଉପରେ ପ୍ରତିଷ୍ଠିତ ଅର୍ଥାତ୍ ଅସହଯୋଗରେ ସ୍ୱରାଜସିଦ୍ଧି ଆଦର୍ଶକୁ କାର୍ଯ୍ୟରେ ପରିଣତ କରିବା ଉଦ୍ଦେଶ୍ୟରେ ପ୍ରଚାରିତ । ଅସହଯୋଗ ନୀତି ଉପରେ ପ୍ରତିଷ୍ଠିତ କଂଗ୍ରେସ କାର୍ଯ୍ୟକ୍ରମ କହିଲେ କେହି କେହି ବୁଝନ୍ତି ଯେ କଂଗ୍ରେସର ଗଠନମୂଳକ କାର୍ଯ୍ୟ କରିବା ସଂଗେସଂଗେ ବରାବର ସର୍ବତୋଭାବରେ ସ୍କୁଲ୍ କଚେରୀ କାଉନ୍‌ସିଲ୍ ସଂଗରେ ଅସହଯୋଗ କରିବାକୁ ହେବ । ତାହାହେଲେ ବୋଧହୁଏ ଦେଶବାସୀଙ୍କ ମଧ୍ୟରୁ ପ୍ରାୟ କେହି ଏ ପ୍ରସ୍ତାବ ସମର୍ଥନ କରିପାରିବେନାହିଁ ।

ଏହିଠାରେ ନୀଳକଣ୍ଠ ଦେଶବାସୀଙ୍କୁ ବୁଝାଇଥିଲେ-ସେମାନେ କୌଣସି ପ୍ରକାରେ ସ୍କୁଲ୍, କଚେରୀ, କାଉନ୍‌ସିଲ୍ ପ୍ରଭୃତି ସର୍ବତୋଭାବରେ ଛାଡ଼ି ଖଦଡ, ପଞ୍ଚାୟତ



Source: Author, Digitized by PPRACHIN, SOA

ପ୍ରଭୃତି କାର୍ଯ୍ୟ କରିବାକୁ ପ୍ରସ୍ତୁତ ହେଉନାହାନ୍ତି। ପ୍ରସ୍ତାବ ଅନୁମୋଦନ କରିବା ବଡ ସହଜ ହୋଇପାରେ, କିନ୍ତୁ ହୃଦୟ ପରୀକ୍ଷା କରି ସମସ୍ତେ ଦେଖନ୍ତୁ ସମ୍ପୂର୍ଣ୍ଣ ଅସହଯୋଗ କରି ଗଠନକାର୍ଯ୍ୟ ଚଳାଇବାକୁ ସେମାନେ ପ୍ରସ୍ତୁତ ଅଛନ୍ତି କି ନା ? ଯଦି ସେମାନେ ସେପରି ପ୍ରସ୍ତୁତ ଥାଆନ୍ତି , ତେବେ ସ୍ୱରାଜସିଦ୍ଧି ଆଉ ଦୂରରେ ନାହିଁ। କିନ୍ତୁ ନୀଳକଣ୍ଠ କହିଲେ ଲୋକେ ସମ୍ପୂର୍ଣ୍ଣ ଅସହଯୋଗ କରି ଗଠନମୂଳକ କାର୍ଯ୍ୟ ଚଳାଇବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ନୁହନ୍ତି, ନିଜକୁ ନିଜେ ଠିକ୍ ନବୁଝି ସେହିଭାବରେ ଏଠାରେ ଖାଲି ହାତ ଉଠାଇ ଦେଇ ପ୍ରସ୍ତାବ ଅନୁମୋଦନ କରିଦେଇଗଲେ ଲୋକଙ୍କର ନୈତିକ ଅଧୋଗତି ହେବ ଏବଂ ସେ ଅଧୋଗତିରେ କୌଣସି ଜାତୀୟ କାର୍ଯ୍ୟ ଅଗ୍ରସର ହେବା ସମ୍ଭବ ନୁହେଁ। ସେଥିରେ ଜାତିର ସର୍ବନାଶ ହେବ। ଯାହା କରିବ ତାହାହିଁ କରୁଛ ବୋଲି କହ, ତାହାହିଁ କରିବାକୁ ପ୍ରସ୍ତାବ କର ଓ ସେହି ପ୍ରସ୍ତାବ ଅନୁମୋଦନରେ ହାତ ଉଠାଅ। ସେଥିପାଇଁ ନୀଳକଣ୍ଠ କହିଲେ "ଅସହଯୋଗ ନୀତି ଉପରେ ପ୍ରତିଷ୍ଠିତ କଂଗ୍ରେସ କାର୍ଯ୍ୟକ୍ରମ"ଅର୍ଥରେ ସମସ୍ତେ ବୁଝନ୍ତୁ। ସେ ଅସହଯୋଗ ନୀତି କାର୍ଯ୍ୟରେ ପରିଣତ କରିବା ଉଦ୍ଦେଶ୍ୟରେ ଲୋକଙ୍କୁ ସବଳ ଓ ସମର୍ଥ କରାଇବା ପାଇଁ ଯେଉଁ ଗଠନମୂଳକ କାର୍ଯ୍ୟ କଂଗ୍ରେସରେ ପ୍ରବର୍ତ୍ତିତ ହେଉଅଛି, ତାହାହିଁ କାର୍ଯ୍ୟରେ ପରିଣତ କରିବା ଏ ପ୍ରସ୍ତାବର ଉଦ୍ଦେଶ୍ୟ। କାର୍ଯ୍ୟ ସଂଗେସଂଗେ ପୂର୍ଣ୍ଣ ଅସହଯୋଗ ସର୍ବଦା ପାଳନ କରିବାକୁ ସମସ୍ତେ ବାଧ୍ୟ ଏହା ଭାବି କେହି କରିଯାଆନ୍ତୁ ନାହିଁ। କିମ୍ବା ଭାରି ତ୍ୟାଗୀ ବୋଲି ବାହାଦୂରୀ କରିବା ପାଇଁ ଅନୁମୋଦନ କରି କେହି ହାତ ଉଠାନ୍ତୁ ନାହିଁ। ଯେଉଁମାନଙ୍କର ଶକ୍ତି, ସାମର୍ଥ୍ୟ ଅଛି, ସେମାନେ ସମ୍ପୂର୍ଣ୍ଣ ଅସହଯୋଗ ସଂଗେସଂଗେ ଗଠନକାର୍ଯ୍ୟ ଚଳାଇବାରେ କୌଣସି ଆପତ୍ତି ନାହିଁ। ଏ ପ୍ରସ୍ତାବ ସେମାନଙ୍କୁ ସେ ସୁବିଧା ସମ୍ପୂର୍ଣ୍ଣ ଦେଉଅଛି। ଏପରି ସମର୍ଥ ନହେବା ଲୋକଙ୍କ ସଂଖ୍ୟାହିଁ ସବୁଠାରୁ ବେଶୀ। ସେମାନେ ଅସହଯୋଗ ନୀତିକୁ କାର୍ଯ୍ୟରେ ପରିଣତ କରିବାକୁ ସମର୍ଥ ହେବା ନିମନ୍ତେ କିପରି ଯଥାଶୀଘ୍ର ନିଜ ଗୋଡରେ ଠିଆ ହୋଇପାରିବେ ସେଥିପାଇଁ ଗଠନମୂଳକ କାର୍ଯ୍ୟରେ ମନଃପ୍ରାଣ ଢାଳିଦେଇ ଶୀଘ୍ର ଆତ୍ମସଂଗଠନରେ ଲାଗିପଡନ୍ତୁ ।

ପଣ୍ଡିତ ନୀଳକଣ୍ଠ ଦାସ ଏହି ଭାବେ ବୁଝାଇ ଅନୁମୋଦନ କରି ଆସିବା ମାତ୍ରେ ଜଣାଗଲା ବିଶ୍ୱନାଥ ଦାସ, ଏମ୍.ଏଲ୍.ସି ଠିକ୍ ସେହି ସଂଶୋଧନ ପ୍ରସ୍ତାବ ଆଗତ କରିବାପାଇଁ ସଭାପତିଙ୍କୁ ନୋଟିସ୍ ଦେଇଥିଲେ। ପରେ ବିଶ୍ୱନାଥ ଦାସ ତାଙ୍କର ସଂଶୋଧନ ପ୍ରସ୍ତାବ ଆଗତ କଲେ। ଏହି ପ୍ରସ୍ତାବର ସପକ୍ଷରେ ଗୋଦାବରୀଶ ମିଶ୍ର,



Source: Author, Digitized by PPRACHIN, SOA

ମଧୁସୂଦନ ଦାସ, ଅଟଳବିହାରୀ ଆଚାର୍ଯ୍ୟ, ଲିଙ୍ଗରାଜ ପାଣିଗ୍ରାହୀ, ଶଶିଭୂଷଣ ରଥ ଓ ମୂଳ ପ୍ରସ୍ତାବ ସପକ୍ଷରେ ଭାଗୀରଥି ମହାପାତ୍ର, ନିରଞ୍ଜନ ପଟ୍ଟନାୟକ, ଗୋପବନ୍ଧୁ ଚୌଧୁରୀ ଓ ଯଦୁମଣୀ ମଙ୍ଗରାଜ କହିଥିଲେ । ପରେ ଭୋଟ ନିଆଯିବାରେ ଦେଖାଗଲା ଯେ ସଂଶୋଧନ ପ୍ରସ୍ତାବ ସପକ୍ଷରେ ବେଶି ହାତ ଉଠିନାହିଁ । ସୁତରାଂ ଅଧିକାଂଶଙ୍କ ମତାନୁଯାୟୀ ମୂଳ ପ୍ରସ୍ତାବ ଗୃହୀତ ହେଲା ।

❖❖❖



Source: Author, Digitized by PPRACHIN, SOA

# ଅଳକାଶ୍ରମ : ଏକ ସଦ୍ୟ ପରିକ୍ରମା

॥ ୧ ॥

ମହାତ୍ମାଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ କାଳରେ ତତ୍‌କାଳୀନ ଓଡ଼ିଶାର ଏକମାତ୍ର ରାଜନୈତିକ ଅନୁଷ୍ଠାନ ଉତ୍କଳ ସମ୍ମିଳନୀ ଚକ୍ରଧରପୁର ବୈଠକରେ କଂଗ୍ରେସର ଆଦର୍ଶ ଗ୍ରହଣ କରିଥିଲା। ନାଗପୁର କଂଗ୍ରେସରୁ ଫେରି ଚକ୍ରଧରପୁର ଠାରେ ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଶା ଓ ଓଡ଼ିଆ ଜାତିକୁ ଅସହଯୋଗ ଦୀକ୍ଷାରେ ଦୀକ୍ଷିତ କରାଇଥିଲେ। କିନ୍ତୁ କିପରି କାର୍ଯ୍ୟ କରାଯିବ ତାହା ଥିଲା ଚିନ୍ତାର ବିଷୟ। ସେତେବେଳେ କଟକରେ ଗୋଟିଏ ଛାତ୍ରାବାସ ଥିଲା। ତାହାର ନାମ ସତ୍ୟବାଦୀ ମେସ୍। ଗୋପବନ୍ଧୁ ଦାସଙ୍କ ସତ୍ୟବାଦୀ ସ୍କୁଲରୁ ପାସ୍ କରି ଯେଉଁ ଛାତ୍ରମାନେ କଲେଜରେ ଅଧ୍ୟୟନ କରୁଥାନ୍ତି, ସେମାନଙ୍କ ମଧ୍ୟରୁ କେତେକ ବଛାବଛା ଛାତ୍ର ଏହି ଛାତ୍ରାବାସ ସ୍ଥାପନ କରିଥିଲେ। ସତ୍ୟବାଦୀ ଶିକ୍ଷାକେନ୍ଦ୍ରର ମୌଳିକ ଜୀବନ ଧାରା ସହିତ ନିଜ ଜୀବନକୁ ସଂଯୋଗ କରି ଦେଶ ସେବା ପାଇଁ ସ୍ୱାଧୀନ ଭାବରେ ଚିନ୍ତା କରିବାର ଅନୁକୂଳ ପରିସ୍ଥିତି ଲାଭ କରିବା ଇଚ୍ଛାରେ ଏହି ଛାତ୍ରାବାସଟି ସଂଗଠିତ ହୋଇଥିଲା।ଏହି ମେସ୍‌ରେ ଥିବା ଛାତ୍ରମାନଙ୍କ ମଧ୍ୟରୁ ଅଧିକାଂଶ ଅସହଯୋଗ ଆନ୍ଦୋଳନରେ ଯୋଗ ଦେବା ପାଇଁ ସଂକଳ୍ପ କରି କଲେଜ ପରିତ୍ୟାଗ କଲେ। ଗୋପବନ୍ଧୁ ଏହି ଛାତ୍ରାବାସଟିକୁ ସ୍ୱରାଜ ଆଶ୍ରମରେ ପରିଣତ କଲେ। ସ୍ୱରାଜ ଆଶ୍ରମ ହେଲା ଅସହଯୋଗୀ ଆନ୍ଦୋଳନର ପ୍ରଥମ ତୀର୍ଥଭୂମି। ଯେଉଁ ସମୟରେ ଏହି ସ୍ୱରାଜ ଆଶ୍ରମ ଅସହଯୋଗ ଆନ୍ଦୋଳନର ପୁଣ୍ୟପୀଠ ଥିଲା,ସେହି ସମୟରେ ଜଗତ୍‌ସିଂହପୁର ଠାରେ ଅଳକାଶ୍ରମ ଏହିପରି ଉଦ୍ଦେଶ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମୁଣ୍ଡ ଟେକି ଉଠିଲା। ମହାତ୍ମାଗାନ୍ଧୀଙ୍କର ସାବରବତୀ ସତ୍ୟାଗ୍ରହ ଆଶ୍ରମ ପରି ଏହା ଅଳକାନଦୀ ତଟରେ ଅବସ୍ଥିତ ଥାଇ ସତ୍ୟାଗ୍ରହ ଆନ୍ଦୋଳନର ଏକ ଅବିସ୍ମରଣୀୟ ପୀଠ ହିସାବରେ ପରିଚିତ ଥିଲା।



Source: Author, Digitized by PPRACHIN, SOA

ଆଶ୍ରମଟି କଟକ ଷ୍ଟେସନଠାରୁ ୨୫ ମାଇଲ ଦୂରରେ ଜଗତସିଂହପୁରରେ ଅବସ୍ଥିତ ଥିଲା। ସୁପ୍ରସିଦ୍ଧ ଲେଖକ ଗୋପୀନାଥ ମହାନ୍ତି ଗୋପବନ୍ଧୁ ଚୌଧୁରୀଙ୍କ ଜୀବନଚରିତରେ ଅଳକାଶ୍ରମର ଏକ ବିବରଣୀ ଉପସ୍ଥାପନ କରିଛନ୍ତି। (ମହାନ୍ତି ଗୋପୀନାଥ, ଧୂଳିମାଟିର ସନ୍ଥ, ୧୯୮୫, ବିଦ୍ୟାପୁରୀ, କଟକ, ପୃ-୫୬-୫୮) ଜଗତ୍‌ସିଂହପୁରର ମାଛଗାଁ କେନାଲର ଦକ୍ଷିଣ ପଟେ ଗୋଟିଏ ଖୁବ୍ ବଡ ଆମ୍ବତୋଟା ଥିଲା ଓ ତାକୁଲାଗି କିଛି ଜମି ଥିଲା। ତୋଟାଟି ପୋତା ଅଳକାନଦୀର ବାମପଟେ। ତାର ପଶ୍ଚିମକୁ ସୋମନାଥ ମନ୍ଦିର ଓ ଜଗତସିଂହପୁରର ପ୍ରସିଦ୍ଧ ସୋମନାଥ ହାଟ। ହାଟ ଓ ତୋଟା ମଝିରେ ଉତ୍ତରକୁ ଆଳିପିଂଗଳ ଯିବାକୁ ରାସ୍ତା ରହିଛି। ସୋମନାଥ ହାଟ ପାଖ ବଡ ଆମ୍ବତୋଟା ଓ ତାକୁ ଲାଗିଥିବା କିଛି ଜମି ଜଗତ୍‌ସିଂହପୁରର ବିଖ୍ୟାତ ଜମିଦାର(ଚାଟ୍ରାର ମହାପାତ୍ର ପରିବାର, ଦେବାନ୍ ବାହାଦୂର ଶ୍ରୀକୃଷ୍ଣ ମହାପାତ୍ର ଏବଂ ଦୁର୍ଗାଚରଣ ମହାପାତ୍ର)ଙ୍କ ଅଧୀନସ୍ଥ ଥିଲା। ଏହି ସ୍ଥାନରେ ଅଳକାଶ୍ରମ ପ୍ରତିଷ୍ଠିତ ହୋଇଥିଲା। ଅସହଯୋଗ ଆନ୍ଦୋଳନର ପ୍ରାରମ୍ଭରୁ ଏହି ଅଞ୍ଚଳର କେତେ ଜଣ ସ୍ୱଦେଶହିତୈଷୀ ଯୁବକ(ବିଶେଷତଃ ଗୋପବନ୍ଧୁ ଚୌଧୁରୀ ଏବଂ ଭାଗୀରଥି ମହାପାତ୍ର)ଙ୍କ ଅଦମ୍ୟ ଚେଷ୍ଟାରେ ଏକ ସତ୍ୟାଗ୍ରହ ଆଶ୍ରମ ଓ ତତ୍‌ସଂଲଗ୍ନ ସ୍ଥାନରେ ଜାତୀୟ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ପ୍ରଥମେ ୧୯୨୧ ମଧ୍ୟଭାଗରେ ଜଗତ୍‌ସିଂହପୁରର ହରିସିଂହ ଓ ପଞ୍ଚୁସିଂହଙ୍କ ଗୋଟିଏ ଘରେ ଜାତୀୟ ବିଦ୍ୟାଳୟ ଆରମ୍ଭ ହୋଇଥିଲା। କିନ୍ତୁ ଜଗତସିଂହପୁର ଅନ୍ତର୍ଗତ ଫିରିଙ୍ଗୀକୁଦ ପାଖରେ ଥିବା ଏମ୍‌ଇ ସ୍କୁଲକୁ ଜାତୀୟ ବିଦ୍ୟାଳୟରେ ପରିଣତ କରିବାକୁ ଉଦ୍ୟମ ହୋଇଥଲା, କାରଣ ୧୯୨୭ ମସିହା ବୋର୍ଡ ଅଫ୍ ରେଭେନ୍ୟୁର ଗୋପନ ବିବରଣୀରେ ଦେବାନ୍ ବାହାଦୂର ଶ୍ରୀକୃଷ୍ଣ ମହାପାତ୍ରଙ୍କର ପତ୍ରରେ ଜଗତସିଂହପୁରର ଏହି ଜାତୀୟ ସ୍କୁଲ ସମ୍ପର୍କରେ ସୂଚନା ରହିଛି। ଉଦ୍ୟମ ସଫଳ ନହେବାରୁ ପରେ ଜଗତସିଂହପୁର ଚାଟରାର ଜମିଦାର ପଦ୍ମଚରଣ ମହାପାତ୍ରଙ୍କ ପ୍ରଦତ୍ତ ଜମିରେ ୧୯୨୨ରେ ଜାତୀୟ ବିଦ୍ୟାଳୟ(ଅଳକାଶ୍ରମ) ତଥା ଜଗତସିଂହପୁର ସ୍ୱରାଜ ଆଶ୍ରମ ସ୍ଥାପିତ ହୋଇଥିଲା। (Board of Revenue Confidential Files, Acc No.367, File No-20 of 1927, p.1-17, Odisha State Archives, Bhubaneswar) ବାର ଏକର ଜମି ଉପରେ ବିସ୍ତୃତ ଆମ୍ବ ତୋଟା, ତାହାର ଏକ ପାର୍ଶ୍ୱରେ ଅଳକାନଦୀ କୁଳୁକୁଳୁ ଶବ୍ଦରେ ବହି ଯାଉଥିଲା। ଅପର ପାଖରେ ମାଛଗାଁ କେନାଲ, କେନାଲର ପୋଲ ଆମ୍ବ ତୋଟାର ଅତି ନିକଟରେ। ପୋଲର ପାଣି ରାତି ଦିନ ଗର୍ଜନ କରି ଆମ୍ରକାନନକୁ ଝଙ୍କାରିତ



Source: Author, Digitized by PPRACHIN, SOA

କରୁଥିଲା । ଆଶ୍ରମ ଗୃହ ସେହି ତୋଟା ମଧ୍ୟରେ ଥିଲା । ତତ୍‌ସଂଲଗ୍ନ ଏକ ଏକର ଜମି ସ୍ଥାନୀୟ ଜମିଦାରମାନେ ଅଳ୍ପ କରରେ ଆଶ୍ରମକୁ ଦେଇଥିଲେ । ୧୯୨୨ ମସିହା ଫେବୃଆରୀ ୧ ତାରିଖ ଶ୍ରୀପଞ୍ଚମୀ ଦିନ ଅଳକାଶ୍ରମ ସ୍ଥାପିତ ହୋଇଥିଲା ବୋଲି ସେତେବେଳର ସମ୍ବାଦପତ୍ରମାନଙ୍କରେ ସୂଚିତ ହୋଇଥିଲା । ଓଡିଶାର ବିଖ୍ୟାତ ଅସହଯୋଗୀ ତଥା ସତ୍ୟବାଦୀ ବନବିଦ୍ୟାଳୟର ପ୍ରତିଷ୍ଠାତା ପଣ୍ଡିତ ଗୋପବନ୍ଧୁ ଦାସ ଏହାର ଉଦ୍‌ଘାଟନ କରିଥିଲେ ।

ଆଶ୍ରମ ସମ୍ପୂର୍ଣ୍ଣ ଜାତୀୟ ଧାରାରେ ଛାତ୍ରମାନଙ୍କୁ ଶିକ୍ଷା ଦେଉଥିଲା । ଆଶ୍ରମର ବିଦ୍ୟାଳୟରେ ସାଧାରଣ ବିଷୟମାନଙ୍କ ଛଡା ହିନ୍ଦି, ସଂସ୍କୃତ, ସୂତାକଟା, ଲୁଗାବୁଣା ଓ କୃଷିକାର୍ଯ୍ୟ ପ୍ରଭୃତି ଶିକ୍ଷା ଦିଆ ଯାଉଥିଲା । ଉପରୋକ୍ତ ଶିକ୍ଷା ସଙ୍ଗେ ସଙ୍ଗେ ରାଜନୈତିକ ଓ ଧର୍ମଶିକ୍ଷା ମଧ୍ୟ ନିୟମିତ ରୂପେ ଦିଆଯାଉଥିଲା । ପିଲାମାନେ ନିୟମିତ ରୂପେ ଖବରକାଗଜ ପଢୁଥିଲେ । ଆଶ୍ରମର କାର୍ଯ୍ୟମାନ ପ୍ରାଚୀନ ଆଶ୍ରମର ନିୟମାନୁଯାୟୀ ଯଥାସମ୍ଭବ ଚାଲୁଥିଲା । ଆଶ୍ରମର ଛାତ୍ରମାନେ ନିଜର ଶାରୀରିକ ପରିଶ୍ରମ ଦ୍ୱାରା ଉକ୍ତ ବୃତ୍ତିରେ କପା, କନ୍ଦମୂଳ, କଦଳୀ ପ୍ରଭୃତି ନାନା ପ୍ରକାର ଫସଲ ଚାଷ କରୁଥିଲେ । ଶିକ୍ଷକ ଓ ଛାତ୍ରମାନେ ଅଧ୍ୟୟନ ଓ ଅଧ୍ୟାପନା କାର୍ଯ୍ୟ କରିବା ଛଡା ନିକଟବର୍ତ୍ତୀ ଗ୍ରାମମାନଙ୍କରେ ମେଲେରିଆ ଓ ହଇଜା ସମୟରେ ଔଷଧ ବାଣ୍ଟୁଥିଲେ ଓ ସେବାକାର୍ଯ୍ୟ ମଧ୍ୟ କରୁଥିଲେ । ଆଶ୍ରମର ଶିକ୍ଷକ ଓ କର୍ମୀମାନେ ସମସ୍ତେ ସରକାରୀ ସ୍କୁଲର ଶିକ୍ଷକତା ଓ ସରକାରୀ କଲେଜର ପଢାଛାଡି ଗ୍ରାସାଚ୍ଛାଦନ ନିମିତ୍ତ ସାମାନ୍ୟ ମାତ୍ର ପାରିଶ୍ରମିକ ନେଇ କାର୍ଯ୍ୟ କରୁଥିଲେ ।

ଅଳକାଶ୍ରମରେ ସ୍ଥାପିତ ହୋଇଥିବା ଜାତୀୟ ସ୍କୁଲର ଦ୍ୱିତୀୟ ବାର୍ଷିକ ବିବରଣୀ ଅନୁସାରେ ଏଠାରେ ୫୦ ଜଣ ଛାତ୍ର ଓ ୭ ଜଣ ଆଗ୍ରହଶୀଳ ଶିକ୍ଷକ ଥିଲେ । ବିଦ୍ୟାଳୟ ସକାଶେ ୧୯୨୩ ମାର୍ଚ୍ଚରେ ଶେଷ ହେବା ବର୍ଷରେ ୧୬୬୩ ଟଙ୍କା ଖର୍ଚ୍ଚ ହୋଇଥିଲା ।ଏଥି ମଧ୍ୟରୁ ଛାତ୍ର ଓ ଶିକ୍ଷକମାନଙ୍କ ନିମନ୍ତେ ୧୩୨ ଟଙ୍କା ଖର୍ଚ୍ଚ ହୋଇଥିଲା ।ଏହି ବର୍ଷ ଆଶ୍ରମର ବିଦ୍ୟାଳୟ ଖର୍ଚ୍ଚ ନିମନ୍ତେ ତିଳକ ସ୍ୱରାଜ ପାଣ୍ଠି ୧୨୨୪ ଟଙ୍କା ଦାନ କରିଥିଲେ ।ଏହି ବିଦ୍ୟାଳୟରେ ବାଳକ ବାଳିକା ଉଭୟଙ୍କୁ ଶିକ୍ଷା ଦେବା ପାଇଁ ଉଦ୍‌ଯୋଗୀମାନଙ୍କର ଇଚ୍ଛା ଥିଲା । ହାତରୁ ଖାଇ ବୋର୍ଡିଂରେ ରହି ଗୋଟିଏ ଅସ୍ପୃଶ୍ୟ(ଦଳିତ) ବାଳକ ମଧ୍ୟ ଅଧ୍ୟୟନ କରୁଥିଲା । ଅନ୍ୟାନ୍ୟ ଛାତ୍ରମାନେ ଅନାବିଳ ଚିତ୍ତରେ ତାହା ସହିତ ମିଳାମିଶା କରୁଥିଲେ । ସେତେବେଳେ ବିଦ୍ୟାଳୟର ମାସିକ ବ୍ୟୟଥିଲା ୩୦୦ ଟଙ୍କା । ଏହି କାଳରେ ଅର୍ଥାତ୍ ୧୯୨୩ ମାର୍ଚ୍ଚ ସୁଦ୍ଧା ବାବାଜୀ ରାମଦାସ



Source: Author, Digitized by PPRACHIN, SOA

କଟକରେ ଆଶ୍ରମ ପାଇଁ ଧାନ ଟଙ୍କା ସଂଗ୍ରହ କରିଥିଲେ। ସେପରି ନକରିବା ପାଇଁ କଟକର ସବ୍-ଡିଭିଜନାଲ୍ ଅଫିସର୍ ତାଙ୍କ ନାମରେ ୧୪୪ ଧାରା ନୋଟିସ୍ ଜାରି କରିଥିଲେ ବୋଲି ଉତ୍କଳ ଦୀପିକା ୧୯୨୩ ମାର୍ଚ୍ଚ ୩୧ ସଂଖ୍ୟାରେ ସୂଚିତ। ୧୯୨୩ ଜୁଲାଇ ୨୬ ତୁର୍କି ବିଜୟ ଦିବସ ଉତ୍ସବରେ ରାମଦାସ ବାବାଜୀଙ୍କ ନେତୃତ୍ୱରେ ୧୬୩୩ର ଇଂରାଜୀ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ପ୍ରଥମ ବାଣିଜ୍ୟ ପୀଠ ହରିହରପୁର(ଜଗତସିଂହପୁର) ଅନ୍ତର୍ଗତ ଫିରିଙ୍ଗୀ କୁଦରେ ଆଶ୍ରମବାସୀମାନେ ସଭା କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ ବୋଲି ଦେବାନ୍ ବାହାଦୂର ଶ୍ରୀକୃଷ୍ଣ ମହାପାତ୍ରଙ୍କର ୧୯୨୩ ମସିହା ୩୧ ଜୁଲାଇ ମାସର ସରକାରୀ ଗୋପନ ଡାଇରୀରେ ସୂଚିତ।

|| ୨ ||

୧୯୨୪ ମସିହା ବେଳକୁ ଅଳକାଶ୍ରମ ବିଶେଷ ଖ୍ୟାତି ଲାଭ କରିଥିଲା। ସେତେବେଳେ ଆଶ୍ରମର ଶିକ୍ଷା ପଦ୍ଧତିର ଉପଯୋଗିତା ଉପରେ ଉତ୍କଳ ଦୀପିକା(ମାର୍ଚ୍ଚ ୨୯,୧୯୨୪) ଏକ ଚମତ୍କାର ପ୍ରସଂଗ ଉପସ୍ଥାପନ କରିଥିଲେ: "ଆଶ୍ରମର ବିଶେଷତ୍ୱ ଏତିକି ଯେ ବର୍ତ୍ତମାନ ଯୁଗରେ ଯେଉଁ ପ୍ରଣାଳୀରେ ବାଳକ ଓ ଯୁବକମାନଙ୍କୁ ଶିକ୍ଷା ଦିଆଯାଉଅଛି ତହିଁର ଫଳରେ ଲେଖାପଢ଼ା ଶେଷ କରି ବାହାରିଲା ବେଳକୁ ସମ୍ପୂର୍ଣ୍ଣ ପରାନୁଭବ ହେବାକୁ ବାଧ ହେଉଅଛନ୍ତି। ଶିକ୍ଷାଶେଷରେ ସ୍କୁଲ କଲେଜରୁ ବାହାରି ଆସି ଚାହିଁଲେ କେବଳ ଆକାଶ। କିପରି ଖଣ୍ଡେ ଚାକିରୀ ମିଳିଲେ ଆଶା ପୂରଣ ହୁଅନ୍ତା ପରା। ସେ ଆଶା ନମିଳିବା ପର୍ଯ୍ୟନ୍ତ ପିତାମାତାଙ୍କ ଉପରେ ନିର୍ଭର। ପର ଉପରେ ନିର୍ଭର କରିବା ଛଡା ନିଜର ବାହାଦୂରୀରେ ଦିନେ ହେଲେ ନିଜେ ଚଳିଯିବାର ପରାକ୍ରମ ନାହିଁ। ଶିକ୍ଷା ଅଭାବରେ ଶରୀରଟି ସମ୍ପୂର୍ଣ୍ଣ ଜଡ ପଦାର୍ଥ ହୋଇଯାଇଛି; ମାତ୍ର ତହିଁର ପ୍ରତିକାର ଆଉ କିଛି ନାହିଁ କି ଚେଷ୍ଟା ମଧ୍ୟ ଆଉ କିଛି ନାହିଁ। ଅଳକାଶ୍ରମର ବ୍ୟବସ୍ଥା ଦେଖି ଆମ୍ଭେମାନେ ବିଶ୍ୱାସ କରୁଁ ଏ ଆଶ୍ରମର ଉନ୍ନତି ସାଧନ ହେଲେ ବାଳକମାନଙ୍କର ସେପରି ଦୁର୍ଦ୍ଦଶାର ଗୋଟିଏ ଉତ୍ତମ ପ୍ରତିକାର ହୋଇପାରିବ। ଅଳକାଶ୍ରମରେ ବର୍ତ୍ତମାନ ପ୍ରାୟ ୨୫ ଜଣ ଛାତ୍ର ଏବଂ ୭/୮ ଜଣ ଶିକ୍ଷକ ବା କର୍ମୀ ଅଛନ୍ତି। ସେଠାରେ ସେମାନେ ଲେଖାପଢ଼ା ସଂଗେସଂଗେ ସୂତାକଟା ଲୁଗାବୁଣା ଓ ବଗିଚାରେ କର୍ମ କରିବାକୁ ଶିକ୍ଷା କରନ୍ତି। ଶୁଣୁଅଛୁଁ ଅର୍ଥର ଯୋଗାଡ ହେଲେ ଶୀଘ୍ର କାଠକାମ ଓ ଲୁହାକାମ ଶିକ୍ଷା କରିବାର ବ୍ୟବସ୍ଥା କରିବେ। ଛାତ୍ରଗୁଡିକଙ୍କର ବିଳାସିତା ଆଦୌ ନାହିଁ। ଭାତ ମୁଠାଏ ଖାଇବାକୁ ଅଛି। ହାତକୁ ଚାହିଁ



Source: Author, Digitized by PPRACHIN, SOA

ବସିବାକୁ ହୁଏ ନାହିଁ, କିମ୍ବା କୌଣସି କାର୍ଯ୍ୟ ସକାଶେ ଚାକର ଉପରେ ନିର୍ଭର କରିବାକୁ ପଡେ ନାହିଁ। ପ୍ରଥମରୁ ଏହି ପରି ଶିକ୍ଷା ହେଲେ କ୍ରମେ ଆପଣା ଆପଣାର ଆତ୍ମନିର୍ଭରଶୀଳତା ବୃଦ୍ଧି ହେବ। ପର ଉପରେ ନିର୍ଭର କରିବାକୁ କଦାପି ପ୍ରବୃତ୍ତି ହେବନାହିଁ। ଭବିଷ୍ୟତ ଜୀବନରେ ପରାନୁଗତ ବୃତ୍ତି ପ୍ରତିଯେ ଘୃଣା ଜାତ ହେବଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ବର୍ତ୍ତମାନ ସମୟରେ ଏହାକୁ ବିବେଚନା କରି ସମସ୍ତେ ବୁଝି ପାରୁଥିବେ, ଆବଶ୍ୟକ ପଡିଲେ ଗୋଟିଏ କମାର କି ବଢେଇ ଘରକୁ ଯାଇ କେତେ ଖୋସାମତ୍ କରିବାକୁ ପଡେ। ସେମାନେ ଶାରୀରିକ ପରିଶ୍ରମ କରି ସାମାନ୍ୟ ଟିକିଏ କାଠ ବା ଲୁହାକୁ କାର୍ଯ୍ୟ ଅଭ୍ୟାସ କରିଥିବାରୁ  କିପରି ସହଜରେ ଆପଣାର ଜୀବିକା ନିର୍ବାହ କରି ପାରୁଛନ୍ତି। ସେମାନଙ୍କର ଜୀବନ ଓ ଉଚ୍ଚ ଶିକ୍ଷିତ ବ୍ୟକ୍ତିମାନଙ୍କର ଜୀବନ ତୁଳନା କଲେ ପାର୍ଥକ୍ୟ ସହଜରେ ଅନୁମାନ କରିପାରିବେ। ସେହି ସମସ୍ତ କାରଣରୁ ଆମ୍ଭେମାନେ ମନେ କରୁଁ ଅଲକାଶ୍ରମର ଶିକ୍ଷା ପ୍ରଣାଳୀ ପ୍ରକୃତ ମନୁଷ୍ୟତା ଶିକ୍ଷାର ଉପାୟ, ସେହି ପ୍ରଣାଳୀରେ ଯେତେ ଅଧିକ ଯୁବକ ଶିକ୍ଷା ଲାଭ କରିବେ ଦେଶରୁ ପରାନୁଗତ ବୃତ୍ତି ସେତିକି କମିଯିବ।"

୧୯୨୫ ମସିହା ବେଳକୁ ଅଲକାଶ୍ରମ ତିନି ବର୍ଷ ହୋଇ ଯାଇଥିଲା। ଅସହଯୋଗ ଆରମ୍ଭ ସଂଗେ ସଂଗେ ଏହାର ଜନ୍ମ, ଅସହଯୋଗ ସ୍ଥଗିତ ହେଲେ ସୁଦ୍ଧା ଅଲକାଶ୍ରମ ଜୀବିତ ଥିଲା। ମାତ୍ର ପୂର୍ବ ପରି ତାହାର କାର୍ଯ୍ୟ ଚାଲୁନଥିଲା। ଅର୍ଥାଭାବ ହିଁ ଏହି ମାନ୍ଦା ଗତିର ଅନ୍ୟତମ କାରଣ।୧୯୨୫ ମସିହା ବେଳକୁ ଆଶ୍ରମରେ ୨୦ଟି ବାଳକ ଥିଲେ।୧୯୨୩ ମସିହା ଆରମ୍ଭରେ ୫୦ ଜଣ ବାଳକ ଥିଲେ। ନାନା କାରଣରୁ ଛାତ୍ର ସଂଖ୍ୟା କମିବାକୁ ଲାଗିଲା।୧୯୨୫ରେ କେହି କେହି ନୂତନ ବାଳକ ଆସିବାକୁ ପ୍ରାର୍ଥୀ ହେଉଥିଲେ ମଧ୍ୟ ସେମାନଙ୍କୁ ଚଳାଇବାର ସଂସ୍ଥାନ କରି ପାରି ନଥିବାରୁ ପରିଚାଳକମାନେ ସେମାନଙ୍କୁ ଆଶ୍ରମରେ ଗ୍ରହଣ କରି ପାରୁନଥିଲେ।

ଆଶ୍ରମଟି କେବଳ ସର୍ବସାଧାରଣଙ୍କ କୃପାଦତ୍ତ ଭିକ୍ଷା ଉପରେ ନିର୍ଭର କରୁଥିଲା। ଜଗତ୍‌ସିଂହପୁର ଅଞ୍ଚଳର ଆଶ୍ରମ ନିକଟବର୍ତ୍ତୀ ଗ୍ରାମବାସୀମାନେ ନାନା ସ୍ଥାନକୁ ଯାଇ କୌଣସି କୌଣସି ଠାରୁ ମାସିକ ଚାନ୍ଦା ଅବା କାହାରି ଠାରୁ ଏକକାଳୀନ ଦାନ ସଂଗ୍ରହ କରୁଥିଲେ। ତାହାରି ଉପରେ ନିର୍ଭର କରି ଆଶ୍ରମ ଚାଲିଥିଲା। ଅଭାବର ପରିମାଣ କ୍ରମେ ବୃଦ୍ଧି ପାଇଲା ଏବଂ ପରିଚାଳକମାନେ ହତାଶ ହେବାକୁ ଲାଗିଲେ।୧୯୨୪ ମସିହା ବାର୍ଷିକ ଉତ୍ସବରେ କେତେକ ସ୍ଥାନୀୟ ଜମିଦାର ଉପସ୍ଥିତ ହୋଇ କିଛି ଜମି ଦେବେ ବୋଲି ଘୋଷଣା କରିଥିଲେ।ଏହି ଉତ୍ସବରେ ଯଦୁମଣି ମଙ୍ଗରାଜ ପ୍ରସ୍ତାବ କରିଥିଲେ ଯେ



Source: Author, Digitized by PPRACHIN, SOA

ସେ ବର୍ଷରେ ୨୫ ଟଙ୍କା ଓ ଏକ ଭରଣ ଧାନ ଦେଇପାରିବେ। ସେ ସଭା ସ୍ଥଳରେ ୨୦ ଟଙ୍କା ଦେଇଥିଲେ। ତେବେ ଯଦୁମଣି ମଙ୍ଗରାଜଙ୍କ ପରି ଉତ୍ସାହୀ କର୍ମୀ ମିଳିବା ମଧ୍ୟ କଷ୍ଟକର ଥିଲା। ଆଶ୍ରମର ଭୂସମ୍ପତ୍ତିର ପରିମାଣ ବୃଦ୍ଧି ନହେବାରୁ ସାଧାରଣ ଚାନ୍ଦା ଉପରେ ଅସ୍ତିତ୍ୱ ଦୃଢ ହୋଇ ପାରିନଥିଲା।

ଅଳକାଶ୍ରମର ଜଣେ କର୍ମନିଷ୍ଠ ବ୍ୟକ୍ତି ଥିଲେ ପ୍ରାଣକୃଷ୍ଣ ପଢିହାରୀ।ଏହି ଆଶ୍ରମରେ ଅବସ୍ଥାନ କରି ପଢିହାରୀ କଂଗ୍ରେସ କର୍ମୀମାନଙ୍କର ପତନକୁ ଲକ୍ଷ୍ୟ କରି ଉତ୍କଳ ଦୀପିକା (ଫେବୃୟାରୀ ୨୧, ୧୯୨୫) ସଂଖ୍ୟାରେ ଯେଉଁ ବିବରଣୀ ଦେଇଥିଲେ,ତାହା ସମସ୍ତଙ୍କର ପ୍ରଣିଧାନ ଯୋଗ୍ୟ। ସେ ଲେଖିଥିଲେ-"ଭାଇମାନେ ଆମ୍ଭେମାନେ ଦେଶର ଏତେଗୁଡିଏ ଲୋକ ପଢାଶୁଣା ଚାକିରିବାକିରି, ବ୍ୟବସାୟ ଆଦି ଛାଡି, ମାତୃଭୂମିର ସେବା କରିବା ସକାଶେ ରାଷ୍ଟ୍ରୀୟ ମହାସଭାର ଛାଇତଳେ ରୁଣ୍ଡ ହୋଇଥିଲେ। ଯେଉଁ ଉତ୍ସାହ, ଧୈର୍ଯ୍ୟ, ସାହସ ଘେନି ଆମ୍ଭେମାନେ ଗଣ୍ଡି ମଧ୍ୟରୁ ବାହାରିଥିଲେ,ତାହା ଜଳ ବୁଦ୍ ବୁଦ୍ ପରି କେଉଁଆଡେ ଉଭାଇଗଲା। ଆମର ଗଲା ଚାରି ବର୍ଷର କାର୍ଯ୍ୟ ଦ୍ୱାରା ଯେ କିଛି ହୋଇନାହିଁ, ତାହା ମୁଁ କହୁନାହିଁ। ସେତିକିରେ କଣ ଆମର କାମ ସରିଗଲା ? ଅର୍ଥର ଅଭାବ,ସରକାରଙ୍କ ଦମନ ନୀତି ଭୟରୁ ଦେଶବାସୀଙ୍କ ସହାନୁଭୂତିର ଅଭାବ ପାରିପାର୍ଶ୍ୱିକ ବାଧାବିଘ୍ନ କଥା ଆମ୍ଭେମାନେ ଆଗରୁ ଜାଣିଥିଲେ।ଏତ ଆଜି ନୂଆ କଥା ନୁହେଁ। ପ୍ରକୃତରେ ଯେତେବେଳେ ଯେଉଁ ଜାତି ଉଠିବାକୁ ଚାହେଁ, ସେ ସମୟରେ ଏ ସମସ୍ତ ବାଧାବିଘ୍ନ ଆସି ପହଞ୍ଚେ। ବାଧାବିଘ୍ନ ବୋଲି ପଛଘୁଞ୍ଚା ଦେଇ ପଳାଇବା କଣ ଆମର କାର୍ଯ୍ୟ? ଆମେ ୧୯୨୧-୨୨ରେ ଯେପରି ସଂଘବଦ୍ଧ ହୋଇ ଉତ୍ସାହରେ କାର୍ଯ୍ୟ କରୁଥିଲେ ତାହା ଆଜି କାହିଁ? କିଏ କେଉଁ ବାଟ ଧରିଲାଣି, ତାର ଠିକଣା ନାହିଁ। ଏଇଆ କରିବା ପାଇଁ କଣ "ଦରକାର ପଡିଲେ ମାତୃଭୂମି ପାଇଁ ଫାଶୀକାଠରେ ଝୁଲିବାକୁ ଆମେ ପ୍ରସ୍ତୁତ ଅଛୁଁ" କହି ବୁଲୁଥିଲେ। ଅନେକତ ଏତେ ଦୂରକୁ ଯିବା ତେଣିକି ଥାଉ, ଖାନ୍ତଲାସି, ଘରପୋଡି ଭୟ ଓ ଜେଲ୍ ଯିବା କଥା ଶୁଣି ତୁଣ୍ଡ କଥା ତୁଣ୍ଡରେ ନସରୁଣୁ କେଉଁ କଣରେ ଲୁଚିଗଲେ। ସହସ୍ର ସହସ୍ର ବର୍ଷର ପରାଧୀନତାଘନୀଭୂତ କୁସଂସ୍କାର, ଅଭ୍ୟାସ ଓ ଦାରିଦ୍ର୍ୟ ବର୍ଷ ଦୁଇ ବର୍ଷରେ କେବଳ ବାକ୍ୟ ବାଣରେ ଚାଲିଯାଆନ୍ତା ବୋଲି ଆମ୍ଭେମାନେ ବିଶ୍ୱାସ କରିନଥିଲେ, ନା ଜଗତରେ କେବେ କେହି ବିଶ୍ୱାସ କରିଛି ?

ଆମ୍ଭେମାନେ ଯେ ଯଜ୍ଞ ଆରମ୍ଭ କରିଥିଲେ,ସେଥିରେ ଲାଗି ପଡିଥିଲେ ଦେଶବାସୀ ଯେ ସେହି ଯଜ୍ଞରେ ଆହୂତି ଦେଇନଥାନ୍ତେ,ତାହା କେବେ ନୁହେଁ। ମୋର



Source: Author, Digitized by PPRACHIN, SOA

ବିଶ୍ୱାସ,ଆମ୍ଭମାନଙ୍କ ମଧ୍ୟରେ ସେପରି ପ୍ରଜ୍ୱଳିତ ଅଗ୍ନି ନାହିଁ । କେବଳ ପାରିପାର୍ଶ୍ୱିକମାନଙ୍କର ଫୁତ୍‌କାରରେ ସାମାନ୍ୟ ଅଗ୍ନିକଣା ଜଳି ଉଠିଥିଲା । କ୍ଷଣକ ମଧ୍ୟରେ ତାହା ଲିଭିଗଲା । ନହେଲେ ଏପରି ଦଶା କାହିଁକି ହୋଇଥାନ୍ତା ?

ବର୍ତ୍ତମାନ ଆପଣମାନଙ୍କର ନିଜ ଜୀବନର କଥା । କାର୍ଯ୍ୟ କଥା ଓ ପ୍ରତିଜ୍ଞା କଥା ଭାବିବା ଉଚିତ । ଆମ୍ଭେମାନେ କଣ ଏପରି ଭୀରୁ,କାପୁରୁଷ ବା ହୀନ ଚରିତ୍ର ଯେ ବାଧାବିଘ୍ନ ଅତିକ୍ରମ କରି ପାରିବା ନାହିଁ । ସବୁବେଳେ ନିରୁଦ୍ଦେଶ୍ୟ ଭାବରେ ଏଣେତେଣେ ଦୌଡାଦୌଡି କରି ଥକା ହୋଇ ବସି "କଣ କରିବା", "କଣ କରିବା", "କଣ କରିବା" ବୋଲି ଭାବି ସମୟ କଟାଇବା ଉଚିତ୍ ? ବର୍ତ୍ତମାନ କାହାରି ଆଦେଶ, ଉପଦେଶ ଓ ସାହାଯ୍ୟ ଆଡକୁ ଦୃଷ୍ଟି ନ ଦେଇ ନିଜର ଭିତର ଆଡକୁ କଣ ଦୃଷ୍ଟି ଦେବା ନାହିଁ ? ଶକ୍ତି ପରା ବାହାରୁ ଆସେ ନାହିଁ । ସେହି ଅନ୍ତର୍ନିହିତ ଅଗ୍ନିକୁ ପ୍ରଜ୍ୱଳିତ କରିବାକୁ ହେବ । ତାହେଲେ ଆମେମାନେ ଶୁଦ୍ଧ ସୁବର୍ଣ୍ଣ ହେବା ଅନ୍ୟକୁ ସେପରି କରିପାରିବା ।

ଭୀରୁ, କାପୁରୁଷ, ନିରାଶବାଦୀ, ଅବ୍ୟବସ୍ଥିତ ହୃଦୟ ଲୋକଙ୍କର(ସେ ଯେ କେହି ହେଉନ୍ତୁ ନା କାହିଁକି, ବିଗତ ଜୀବନରେ ଯାହା କରିଥାଆନ୍ତୁ ନା କାହିଁକି)ସଂସର୍ଗ ନିର୍ମମ ଭାବରେ ଛାଡିବା । ଯାହା କରିବା ବୋଲି ପ୍ରତିଜ୍ଞା କରି କର୍ମକ୍ଷେତ୍ରରୁ ବାହାରିଥିଲେ ତାହା ଆମ୍ଭମାନଙ୍କୁ କରିବାକୁ ହେବ । ପ୍ରତିଜ୍ଞା କରିବା ପୂର୍ବରୁ ଭାବିବା ଉଚିତ ଥିଲା । ବର୍ତ୍ତମାନ ନୁହେଁ । ବର୍ତ୍ତମାନ ଆରମ୍ଭ କାର୍ଯ୍ୟ କରିବାକୁ ହେବ । ଆମ୍ଭେମାନେ ସବୁବେଳେ ଭାବୁଛୁ ଆମ ପଛରେ କିଏ ଅଛି କି ନାହିଁ । ନଥାନ୍ତୁ । ସିଂହ ପରି ଆଗକୁ ଚାଲିବା । କିନ୍ତୁ ଆମ ପଛରେ ଭାରତଭୂମିର ୩୩ କୋଟି ନରନାରୀ ଛଡା ସହସ୍ର ସହସ୍ର ପଶୁପକ୍ଷୀ ସୁଦ୍ଧା ଅଛନ୍ତି ଏବଂ ସର୍ବୋପରି ବିଶ୍ୱବିଧାତା ଅଛନ୍ତି । ଆମେ କିଛି ତାଙ୍କ ନିୟମର ବିରୁଦ୍ଧାଚରଣ କରିବାକୁ ଯାଉନାହୁଁ । ତାଙ୍କର ଦାନକୁ ଆମ୍ଭେମାନେ ଭୋଗ କରିବା ଓ ଦେଶବାସୀଙ୍କୁ ଭୋଗ କରାଇବା । ଏହାତ ମୋର ବିଶ୍ୱାସ ଏବଂ ମୋର କ୍ଷୁଦ୍ର ଜୀବନରେ ମୁଁ ଏହା ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛି । ଆମ୍ଭମାନଙ୍କର ବର୍ତ୍ତମାନ କି ଦୁର୍ଦ୍ଦଶା ହୋଇଅଛି, ତାହା ଥରେ ସମସ୍ତେ ଭାବ । ଆମ୍ଭେମାନେ ଦେଶରେ କେତେ ଯେ ଅନୁଷ୍ଠାନ ଆରମ୍ଭ କରିଥିଲେ ତାହା ଗୋଟି ଗୋଟି ହୋଇ ଲୁଚିଯାଉଛି । ଆଜି ଅଳକାଶ୍ରମ ପରି ଆମ୍ଭମାନଙ୍କର ଗୋଟିଏ ଅନୁଷ୍ଠାନ ଯେ ଶିକ୍ଷକ ଅଭାବରୁ ଭାଙ୍ଗିଯିବା ଉପରେ ପହଞ୍ଚିଲାଣି ।ଏ ଦୁଃଖ ଏ ଲଜ୍ଜାର କଥା କାହାକୁ କହିବୁଁ । ପୁଣି ମାସକୁ ୨୦୦୦ ଗଜ ସୂତା କାଟି କରି ଦେବାକୁ ଆମକୁ ସମୟ ମିଳୁନାହିଁ । ଆମ୍ଭେମାନେ ତ୍ୟାଗୀ ମହାପୁରୁଷ । ସବୁବେଳେ ଆମ୍ଭେମାନେ ମଫସଲର ଅଶିକ୍ଷିତ



Source: Author, Digitized by PPRACHIN, SOA

ଜନସାଧାରଣଙ୍କ ନିକଟରେ କହିବୁଲୁଛୁଁ, ଅମୁକ ବର୍ଜନ କର, ତମୁକ ବର୍ଜନ କର। ସୂତାକାଟ, ଖଦି ପିନ୍ଧ ଓ ସବୁଛାଡ ଦେଶକାମରେ ଲାଗିଯାଅ; କିନ୍ତୁ ନିଜେ କଣ କରୁଛେଁ? ଦେଶକାମରେ ତ ସେ ଲାଗିଯିବେ-ଆମେ ଲାଗିଲେ କଣ ପାପ ହେବ? କେବଳ ରଡି ଛାଡିବା କଣ ଆମର କାମ? ତେବେ ଭାଇମାନେ ଆମ୍ଭେମାନେ କଣ ଏପରି ଆତ୍ମ ପ୍ରବଞ୍ଚନା କରି ନିଜ ଦୋଷକୁ ନିଜେ ଛପେଇ ଶୋଇ ରହିବା ନା କିଛି କରିବା? ମୁଁ କହେ ନା;ଆମ୍ଭମାନଙ୍କୁ କାମ କରିବାକୁ ହେବ। କାମ କରି ବୀରପୁରୁଷ ପରି ମରିବାକୁ ହେବ। ମୂର୍ଖ ଓଡ଼ିଆ, ଦରିଦ୍ର ଓଡ଼ିଆ, ଅଳସୁଆ ଓଡ଼ିଆ, ନିର୍ଜୀବ ନିସ୍ତେଜ ଓଡ଼ିଆ, ବଦ୍ଧଜୀବ ଓଡ଼ିଆ ଏ ଅପବାଦ ଘୁଞ୍ଚାଇବାକୁ ହେବ। ଭାରତର ଜାତୀୟ ଯଜ୍ଞରେ ଓଡ଼ିଆର କିସ୍‌ମତ ସେ ଦେବ କାହାରି କୃପାର ପାତ୍ର ହେବ ନାହିଁ। ଯେଉଁ ଜାତି ଅନ୍ୟର କୃପାର ପାତ୍ର ତାର ଧ୍ୱଂସ ନିଶ୍ଚିତ।ଏ କଥା ସବୁବେଳେ ମନେ ରଖିବାକୁ ହେବ।

ବର୍ତ୍ତମାନ ମୁଁ ମୋର ସମଧର୍ମ୍ମା ଭାଇମାନଙ୍କୁ କହୁଛି-ଆପଣମାନେ ଯେ ଯେଉଁଠାରେ ଅଛନ୍ତି ସବୁଛାଡି ଗୋଟିଏ ସ୍ଥାନରେ ମିଳି କିପରି ଭାବରେ କାମ କରିବାକୁ ହେବସ୍ଥିର କରନ୍ତୁ। ଆମ୍ଭମାନଙ୍କ କାର୍ଯ୍ୟ ପ୍ରତି ଦୃଢତା ଦେଖିଲେ ମହାତ୍ମାଜୀ ଲକ୍ଷ ହିସାବରେ ନୁହେଁ କୋଟି ହିସାବରେ ସାହାଯ୍ୟ କରିବେ ବୋଲି ଆମ୍ଭମାନଙ୍କୁ ବେଲଗାଁ କଂଗ୍ରେସ ଠାରେ କହିଅଛନ୍ତି। ମହାତ୍ମାଜୀ ବା କଅଣ ଦେବେ-ଦୃଢତା ଦେଖିଲେ ସ୍ୱୟଂ ବିଶ୍ୱନିୟନ୍ତା ନିଜେ ସାହାଯ୍ୟ କରିବେ। ଓଡ଼ିଶାରେ ସେପରି କେହି କର୍ମୀ ନାହାନ୍ତି,କି ନେତା ନାହାନ୍ତି,ଯେ କି ଆମ୍ଭମାନଙ୍କୁ ପରିଚାଳନା କରିବେ। ଆମେ କାମ କଲେ କର୍ମ୍ମୀ ହେବା ଓ ଆମକୁ ନିୟନ୍ତ୍ରିତ କରିବା ପାଇଁ ଆମରି ଭିତରୁ କର୍ମ୍ମୀ ବାହାରିବେ। ଆମର ଆଗେ ସଂଘବଦ୍ଧ ହୋଇ କାର୍ଯ୍ୟ ଆରମ୍ଭ କରିବା ଉଚିତ। ସମସ୍ତେ ସାହାଯ୍ୟ କରିବେ। ଆମ ସଂଗରେ କାର୍ଯ୍ୟ କରିବାକୁ ଆହୁରି ନୂଆ ନୂଆ ଲୋକ ଆସି ଯୋଗ ଦେବେ। ଆମର ଏଠାରେ ଇତିଶ୍ରୀ ନୁହେଁ। ମାତୃଭୂମି ବନ୍ଧ୍ୟା ନୁହେଁ। ସେ ଆବହମାନ କାଳରୁ ଅନନ୍ତରତ୍ନ ପ୍ରସବ କରୁଛି,ଭବିଷ୍ୟତରେ କରିବ। ଆଗ ଆମେ ଯେ କାର୍ଯ୍ୟରେ ଶୁଭ ଦେଇଛେ ତାର ମୂଳଦୁଆରେ ମାଟି ପକାଇ କୁର୍ମ ପାଲଟିବା ମନ୍ଦିର ତୋଳିବାକୁ ଆମ ପଛରେ ଆଉ ଆସିବେ।"

୧୯୨୬ ମସିହା ଜାନୁଆରୀ ମାସ ଶ୍ରୀପଞ୍ଚମୀ ଦିନ ଅଳକାଶ୍ରମର ବାର୍ଷିକ ଅଧିବେଶନ ହୋଇଥିଲା। କଟକରୁ ଭିକାରୀଚରଣ ପଟ୍ଟନାୟକ, ଗୋପବନ୍ଧୁ ଦାସ, ଡାକ୍ତର ଅଟଳବିହାରୀ ଆଚାର୍ଯ୍ୟ,ଲାଲା ନଗେନ୍ଦ୍ର କୁମାର ରାୟ, ରାଜକୃଷ୍ଣ ବୋଷ ପ୍ରଭୃତି ଭଦ୍ରଲୋକମାନେ ସେଠାରେ ଉପସ୍ଥିତ ଥିଲେ। ଭିକାରୀଚରଣ ପଟ୍ଟନାୟକ ସଭାପତିର ଆସନ ଗ୍ରହଣ



Source: Author, Digitized by PPRACHIN, SOA

କରିଥିଲେ । କଟକରୁ ଜଣେ ସିଆଇଡି ଇନିସ୍‌ପେକ୍ଟର ମଧ୍ୟ ସଭାରେ ଉପସ୍ଥିତ ଥିଲେ । ସମ୍ପାଦକ ଭାଗୀରଥି ମହାପାତ୍ର ଗତ ବର୍ଷର ବିବରଣୀ ପାଠ କରିଥିଲେ । ସେଥିରେ ପ୍ରକାଶିତ ହୋଇଥିଲା ଯେ ୧୯୨୫-୨୬ ମସିହାରେ ଅଳକାଶ୍ରମରେ କେବଳ ୧୨ ଜଣ ଛାତ୍ର ଓ ୪ ଜଣ ଶିକ୍ଷକ ରହି କାର୍ଯ୍ୟ କରୁଥିଲେ । ସୂତାକଟା, ଲୁଗାବୁଣା ଚାଷ ଆଦି କାର୍ଯ୍ୟ ସେମାନଙ୍କୁ କରିବାକୁ ହେଉଥିଲା । ନିକଟବର୍ତ୍ତୀ ଗ୍ରାମମାନଙ୍କରେ ମେଲେରିଆ ପ୍ରଭୃତି ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କର ସେବା ଚିକିତ୍ସା କରୁଥିଲେ ।ଏହାଛଡା ଲେଖାପଢା ମଧ୍ୟ ଶିଖାଇବାକୁ ସେମାନେ ଉଦ୍ୟମ କରିଥିଲେ । ସ୍କୁଲରେ ଛାତ୍ରମାନେ ଭବିଷ୍ୟତରେ ଯେପରି ଶିକ୍ଷାଲାଭ କରି କେବଳ ପରର ଚାକିରୀ କରିବା ଉପରେ ନିର୍ଭର ନକରି ସର୍ବୋତଭାବେ ସ୍ୱାବଲମ୍ବନ ଶିକ୍ଷା କରିବେ ସେହି ରୂପେ ସେମାନଙ୍କୁ ଗଠନ କରାଯାଉଥିଲା ।

ଅଳକାଶ୍ରମ ସ୍ଥାପିତ ହେବାର ଚାରିବର୍ଷ ମଧ୍ୟରେ ଆଶ୍ରମରୁ ଉତ୍ତୀର୍ଣ୍ଣ ଜଣେ କର୍ମୀ ଖଡଗ୍‌ପୁରଠାରେ ତନ୍ତ ପକାଇ କାର୍ଯ୍ୟ କରିଥିଲେ । ତିନି ଜଣ କଟକ ଜିଲ୍ଲା ବୋର୍ଡର ସୂତାକଟା ଶିକ୍ଷକ ହୋଇଥିଲେ । ଦୁଇଜଣ ଖଦୀ ବିଭାଗରେ କାର୍ଯ୍ୟ କରିଥିଲେ ।୫/୬ ଜଣ କର୍ମୀ ନିଜ ନିଜର ଅନ୍ୟାନ୍ୟ କାର୍ଯ୍ୟ କରିଥିଲେ । ସେମାନେ କଟକ ଜିଲ୍ଲା ବୋର୍ଡର ମେମ୍ବର ଥିଲେ ।୧୯୨୫ ମସିହାରେ ଆଣ୍ଡ୍ରୁଜ୍ ସାହେବ ଅଳକାଶ୍ରମ ପରିଦର୍ଶନ କରିବାକୁ ଯାଇ ତାହାଙ୍କର ଅନୁକୂଳ ମତ ପ୍ରକାଶ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସହିତ ଅଳକାଶ୍ରମ କର୍ମୀମାନେ କଟକରେ ସାକ୍ଷାତ କରିଥିଲେ । ସେ ମଧ୍ୟ ଅନୁକୂଳ ମତ ପ୍ରକାଶ କରିଥିଲେ । ଉଭୟ କର୍ମୀମାନଙ୍କୁ ଯଥେଷ୍ଟ ଉତ୍ସାହ ପ୍ରଦର୍ଶନ କରି ଏହି ଅନୁଷ୍ଠାନଟି ସ୍ଥାୟୀ ହୋଇ ରହିବା ବିଶେଷ ବାଞ୍ଛନୀୟ ବୋଲି ମତ ପ୍ରକାଶ କରିଥିଲେ । ୧୯୨୫ ମସିହାରେ ଅଳକାଶ୍ରମର ଆୟ ଟଙ୍କା ୩୧୧୫ ଥିଲା ।ଏହାଛଡା ସେମାନେ ଆଠ ଭରଣ ପଚାଶ ଗୌଣୀ(ତିନି ମେଟ୍ରିକ୍ ଟନ୍‌ରୁ ବେଶୀ)ଧାନ ପାଇଥିଲେ । ସଭାପତି ଓ ବକ୍ତାମାନେ ଛାତ୍ରମାନଙ୍କୁ ଯେପରି ଭାବରେ ଶିକ୍ଷା ଦିଆଯାଉଅଛି ତଦ୍ୱାରା ସେମାନେ ପ୍ରକୃତ ମନୁଷ୍ୟ ହୋଇପାରିବେ ଏବଂ ଦେଶର ଅବସ୍ଥାନୁସାରେ ଆଉ ଏଣିକି ପରମୁଖାପେକ୍ଷୀ ନହୋଇ ସ୍ୱାବଲମ୍ବନ ଶିକ୍ଷା କରିବା ବିଶେଷ ପ୍ରୟୋଜନ ହୋଇ ପଡିଥିବା ଏବଂ ଅଳକାଶ୍ରମର ଛାତ୍ରମାନଙ୍କୁ ଯେଉଁ ଭାବରେ ଶିକ୍ଷା ଦିଆଯାଉଅଛି ତଦ୍ୱାରା ସେମାନେ ସ୍ୱାବଲମ୍ବନ ବୃତ୍ତି ଉତ୍ତମ ରୂପେ ଶିକ୍ଷାଲାଭ କରିପାରିବେ ଏବଂ ସେମାନଙ୍କ ଉଦାହରଣରେ କ୍ରମେ ସମସ୍ତ ଉତ୍କଳ ସ୍ୱାବଲମ୍ବନ ବୃତ୍ତି ଶିକ୍ଷା କରିପାରିବାର ଆଶା ହେଉଥିବାରୁ ଉକ୍ତ ଅଳକାଶ୍ରମଟି ସ୍ଥାୟୀ ହେବାର ବିଶେଷ ବାଞ୍ଛନୀୟ ବୋଲି ମତ ବ୍ୟକ୍ତ କରିଥିଲେ ।



Source: Author, Digitized by PPRACHIN, SOA

॥ ୩ ॥

ଅଳକାଶ୍ରମ ପାଇଁ ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ର ବିଶେଷ ଉଦ୍ୟମ କରିଥିଲେ। ଏଥିରେ ଜଡିତ ଥିଲେ ଜଗତ୍‌ସିଂହପୁର ସରକାରୀ ଏମ୍‌ଇ ସ୍କୁଲର ପ୍ରଧାନ ଶିକ୍ଷକ କିଶୋରୀଚରଣ କାନୁନ୍‌ଗୋ, ଜଗତ୍‌ସିଂହପୁର ଗୁରୁ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ପଢିଆରୀ, ଦ୍ୱାରିକାନାଥ ମହାପାତ୍ର,ଗୁଣନିଧି ସାହୁ, କଟକ ସ୍ୱରାଜ ଆଶ୍ରମର ବିଶ୍ୱନାଥ ନନ୍ଦ, ରାମକୃଷ୍ଣ ନନ୍ଦ, ସୁଦର୍ଶନ ପ୍ରହରାଜ, କୃଷ୍ଣଚନ୍ଦ୍ର ପ୍ରଧାନ, ପୁରୀର ଫକୀର ମିଶ୍ର, ବାବାଜୀ ରାମଦାସ, ଭଦ୍ରଖର ଗୋକୁଳାନନ୍ଦ ମହାନ୍ତି, ନୀଳମଣି ପ୍ରଧାନ, ଉଦୟନାଥ ଷଡଙ୍ଗୀ, ବିଶ୍ୱନାଥ ପରିଡା, ଚୈତନ୍ୟ ମହାପାତ୍ର(ଭାଗିରଥୀ ମହାପାତ୍ରଙ୍କ ସାନଭାଇ) ଓ ଆଳୀର ସହଦେବ ଦାସ ପ୍ରଭୃତି। ସେମାନଙ୍କ ସହିତ କଟକର କେତେକ ମୁଖ୍ୟ କର୍ମୀମାନେ ଅଳକାଶ୍ରମକୁ ଏକ ମହାନ ଅନୁଷ୍ଠାନ ରୂପେ ଗଢିବାକୁ କଳ୍ପନା କରିଥିଲେ। ମାତ୍ର ତିନି ଚାରି ବର୍ଷ ପରେ ଏକ ପ୍ରାଣ ଏକ ନିଷ୍ଠ ହୋଇ ଦଳବଦ୍ଧ ସମୂହ ଜୀବନଯାପନ ପାଇଁ ପ୍ରୟାସ ସମ୍ଭବ ହୋଇ ପାରିଲା ନାହିଁ। ଅର୍ଥର ଅଭାବକ୍ରମେ ବିଶେଷ ଅନୁଭୂତ ହେଲା। ଚମ୍ପାପୁରଠାରେ ସଂଗ୍ରାମୀ ଗୋବିନ୍ଦ ମିଶ୍ର ଗାନ୍ଧି ସେବାଶ୍ରମ ସ୍ଥାପନ କଲାବେଳକୁ(ଅର୍ଥାତ୍ ୧୯୨୭ ବେଳକୁ) ଅଳକାଶ୍ରମ କ୍ଷୟ ହେବାକୁ ବସିଥିଲା।୧୯୨୭ ପରେ ଏହା ତିଷ୍ଠି ରହିଲା ସୀମିତ କର୍ମକୁ ଆଧାର କରି ଏବଂ ଏହାର ପୂର୍ବ ପ୍ରାଧାନ୍ୟ କମି ଆସିଲା।୧୯୨୯ ମସିହାରେ ଅଳକାଶ୍ରମରେ ଗୋପବନ୍ଧୁ ସ୍ମୃତିରକ୍ଷା କମିଟିର ବୈଠକ ବସିଥିଲା ଏବଂ ସେଥିରେ କେତେକ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିସବୁ ପ୍ରସ୍ତାବମାନ ମଧ୍ୟରେ-ଗୋପବନ୍ଧୁ ସେବକ ସଂଘ ନାମରେ ଗୋଟିଏ କର୍ମୀ ସଂଘ ଗଠନ ମୁଖ୍ୟ ଥିଲା।ଏହି କର୍ମୀ ସଂଘ ଗ୍ରାମ ସଂଗଠନ, ସେବା କାର୍ଯ୍ୟ ଓ ଶ୍ରମଜୀବୀ ସଂଗଠନ ପ୍ରଭୃତି କାର୍ଯ୍ୟ ପାଇଁ ନିଯୁକ୍ତ ହୋଇଥିଲା।ଏହି କମିଟିର କାର୍ଯ୍ୟକାରୀ ସଭ୍ୟ ଭାବରେ ଆଚାର୍ଯ୍ୟ ହରିହର ଦାସ,ଅନନ୍ତ ମିଶ୍ର ଏବଂ ଗୋପବନ୍ଧୁ ଚୌଧୁରୀ କାର୍ଯ୍ୟ କରିବା ପାଇଁ ସ୍ଥିର ହୋଇଥିଲା।(ଉତ୍କଳ ଦୀପିକା, ୯, ଫେବୃଆରୀ ୧୯୨୯)ପୁନଶ୍ଚ ୧୯୨୯ ଫେବୃଆରୀ ୧୪ ତାରିଖରେ ଅଳକାଶ୍ରମର ସପ୍ତମ ବାର୍ଷିକ ଉତ୍ସବ ହୋଇଥିଲା। କଟକରୁ ରାଜକୃଷ୍ଣ ବୋଷ, କିଶୋରୀମୋହନ କୁଆରଦାର, ଡାକ୍ତର ରଜନୀକାନ୍ତ ଘୋଷ.ରାୟସାହେବ ଭିକାରୀଚରଣ ପଟ୍ଟନାୟକ, ଉଦୟନାଥ ମହାନ୍ତି ଓ କାଶୀନାଥ ଦାସ ପ୍ରଭୃତି ଆସିଥିଲେ।ଏହି ସଭାରେ ଭିକାରୀଚରଣ ପଟ୍ଟନାୟକ ଏଣ୍ଡିଚାଷ ସମ୍ବନ୍ଧରେ ଲୋକମାନଙ୍କୁ ଅନେକ କଥା କହିଥିଲେ।ଏଠାକାର ଏଣ୍ଡି ସୂତା କଟାଳୀ ଓ ଏଣ୍ଡିଲୁଗା ବୁଣାଳୀମାନଙ୍କୁ ୧୧ ଟଙ୍କା ପୁରସ୍କାର ଦେଇଥିଲେ।(ଉତ୍କଳ



Source: Author, Digitized by PPRACHIN, SOA

ଦୀପିକା, ୨୩ ଫେବୃଆରୀ, ୧୯୨୯)ଏହିପରି ସାମୟିକ ସୂଚନା ଅଳକାଶ୍ରମ ସମ୍ପର୍କରେ ସମ୍ବାଦପତ୍ରରୁ ମିଳିଥିଲେ ମଧ୍ୟ ଏ ସମୟକୁ ଏହାର କାର୍ଯ୍ୟ ସୀମିତ ଥିଲା। ୧୯୩୦ଜୁନ୍ ବେଳକୁ ଅଳକାଶ୍ରମର ପରିଚାଳିକା ଥିଲେ ରମାଦେବୀ। ସେ ପଲ୍ଲୀପ୍ରଚାର କାର୍ଯ୍ୟରେ ସେତେବଳେ ବ୍ୟସ୍ତ ଥିଲେ। ୧୯୩୦ ଜୁନ୍ ୧୮ ତାରିଖରେ ଅଳକାଶ୍ରମର ପରିଚାଳିକା ରମାଦେବୀ ଜଗତସିଂହପୁର ନିକଟସ୍ଥ ନବାପାଟଣାରେ ଗୋଟିଏ ସଭାରେ ଯୋଗଦେଇ ତାଙ୍କର ସୁନ୍ଦର ସରଳ ଭାଷାରେ ଦେଶର ଅବସ୍ଥା ସମ୍ବନ୍ଧରେ ବକ୍ତୃତା ଦେଇଥିଲେ ଏବଂ ଉପସ୍ଥିତ ସ୍ତ୍ରୀମାନଙ୍କୁ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେବାପାଇଁ ଅନୁରୋଧ କରିଥିଲେ। କେତେକ ଜଣ ସ୍ତ୍ରୀ କଂଗ୍ରେସ ମେମ୍ବରଭୁକ୍ତ ହୋଇଥିଲେ। (ନବୀନ, ଜୁନ୍ ୨୪, ୧୯୩୦) ୧୯୩୦ ଦଶକରେ ଏହାର ସ୍ଥିତି ଥିଲେ ମଧ୍ୟ ୧୯୪୨ ମସିହାରେ ଭାରତଛାଡ ଆନ୍ଦୋଳନ ସମୟରେ ଏହା ଅନ୍ୟାନ୍ୟ କଂଗ୍ରେସ ଶିକ୍ଷାନୁଷ୍ଠାନ ପରି ବେଆଇନ୍ ଘୋଷିତ ହୋଇଥିଲା। ୧୯୩୦ ଦଶକରେ ଅଳକାଶ୍ରମ ପତନର ନାନା କାରଣ ମଧ୍ୟରୁ ଗୋପବନ୍ଧୁ ଚୌଧୁରୀ ଏବଂ ରମାଦେବୀଙ୍କର ବରୀରେ ସେବାଘର ସ୍ଥାପନ ଅନ୍ୟତମ। ସେଠାରେ ମହାତ୍ମାଗାନ୍ଧିଙ୍କର ଓ୍ୟାର୍ଦ୍ଧାଠାରେ ନବ ପ୍ରତିଷ୍ଠିତ ସେବାଶ୍ରମର ଆଦର୍ଶରେ ଅନୁପ୍ରାଣିତ ହୋଇ ଗ୍ରାମ୍ୟ ସଂଗଠନ କାର୍ଯ୍ୟରେ ମନନିବେଶ କରିବାରୁ ଅଳକାଶ୍ରମକୁ ତ୍ୟାଗ କରିବାକୁ ହୋଇଥିଲା। ଏସବୁ ସତ୍ତ୍ୱେ ଅଳକାଶ୍ରମର କର୍ମପନ୍ଥା ଓ ଆଦର୍ଶ ମଧ୍ୟ ଗୋବିନ୍ଦ ମିଶ୍ରଙ୍କର ଚମ୍ପାପୁର ହାଟରେ ୧୯୨୫ରେ ସ୍ଥାପିତ ଗାନ୍ଧି ସେବାଶ୍ରମ ଏବଂ ୧୯୩୧ରେ ବାଲେଶ୍ୱରରେ ହରେକୃଷ୍ଣ ମହତାବଙ୍କ ଗାନ୍ଧି କର୍ମମନ୍ଦିର ଉପରେ ପ୍ରଭାବ ପକାଇଥିଲା। କଟକର ସ୍ୱରାଜ ଆଶ୍ରମ ପରି ଜଗତ୍‌ସିଂହପୁରର ଅଳକାଶ୍ରମ ଓଡିଶାର ସ୍ୱାଧୀନତା ସଂଗ୍ରାମର ଏକ ଅବିସ୍ମରଣୀୟ କେନ୍ଦ୍ରଭୂମି ।

❖❖❖



Source: Author, Digitized by PPRACHIN, SOA

# ଗାନ୍ଧି ସେବାଶ୍ରମ

॥ ୧ ॥

ବିଂଶ ଶତକର ପ୍ରଥମ ଚାରି ଦଶନ୍ଧି ମଧ୍ୟରେ ଓଡ଼ିଶାରେ ମୁକ୍ତି ସଂଗ୍ରାମ ପର୍ଯ୍ୟାୟରେ ଅନେକଗୁଡିଏ କ୍ଷୁଦ୍ରକ୍ଷୁଦ୍ର ଅନୁଷ୍ଠାନ ଥିଲା-ଗ୍ରାମ ସଂଗଠନ ସହିତ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ସକ୍ରିୟ ଅବଦାନ ତଥା ଓଡ଼ିଆ ଜାତିର ଜାଗୃତି ଓ ପରିଚିତିର ପ୍ରଚାର ଓ ପରିପ୍ରକାଶ ପାଇଁ ଅନେକ କାର୍ଯ୍ୟକ୍ରମ ଏସବୁର ଅନ୍ତର୍ଗତ ଥିଲା ।ଏସବୁ ମଧ୍ୟରେ ଚମ୍ପାପୁର ଗ୍ରାମରେ ପ୍ରତିଷ୍ଠିତ ଗାନ୍ଧି ସେବାଶ୍ରମ ଏହି ଜାତୀୟବାଦୀ ଯୁଗର ଏକ ବିଶିଷ୍ଟ ପଲ୍ଲୀକେନ୍ଦ୍ର । ଦଶପଲ୍ଲାର ଗୋବିନ୍ଦ ଚନ୍ଦ୍ର ମିଶ୍ର ଓଡ଼ିଶାରେ ସଂଗ୍ରାମୀ ଜୀବନର ଆରମ୍ଭରେ ମହାତ୍ମାଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କରି ଚିନ୍ତାଧାରାର ବାସ୍ତବ ରୂପାୟନ ପାଇଁ ଏହି ଅନୁଷ୍ଠାନଟିକୁ ଗଠନ କରିଥିଲେ । ୧୯୨୬ରୁ ୧୯୪୨ ମଧ୍ୟରେ ଅନୁଷ୍ଠାନଟିର ଅଗ୍ରଗତି ଓ ପତନ ସଂଘଟିତ ହୋଇଥିଲା ।ଏହି ଅଧ୍ୟାୟରେ ସେହି ଗାନ୍ଧି ସେବାଶ୍ରମର ଜନ୍ମ,ତାହାର କାର୍ଯ୍ୟକ୍ରମ ଏବଂ ଓଡ଼ିଶାରେ ଏହି ଜାଗରଣ ଯୁଗରେ ତାହାର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଛି ।

॥ ୨ ॥

ଦଶପଲ୍ଲା ପରି ଏକ ଗଡ଼ଜାତ ଭୂମିରେ ସଂଗ୍ରାମୀ ଜୀବନ ଆରମ୍ଭ କରିଥିବା ଗୋବିନ୍ଦ ଚନ୍ଦ୍ର ମିଶ୍ର(୧୮୯୦-୧୯୬୭) ଜୀବନର ଏକ ସନ୍ଧିକ୍ଷଣରେ ଓଡ଼ିଶା ଛାଡି କଲିକତା,ସେଠାରୁ ଶାନ୍ତି ନିକେତନ ଏବଂ ତାହାପରେ ସାବରମତୀ ଆଶ୍ରମରେ ଜଣେ ଅନ୍ତେବାସୀ ହିସାବରେ କିଛି ବର୍ଷ ଅତିବାହିତ କରିଥିଲେ ।ସାବରମତୀ ଆଶ୍ରମରୁ ମହାତ୍ମାଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନର ଆହ୍ୱାନରେ ଉଦ୍‌ବୁଦ୍ଧ ହୋଇ ଓଡ଼ିଶାକୁ ଫେରିଆସି ଗାନ୍ଧିନୀତି ଓ ପଦ୍ଧତିର ପ୍ରଚାର କରିଥିଲେ । ମହାତ୍ମାଗାନ୍ଧିଙ୍କ ବାଣୀ କିପରି ଓଡ଼ିଶାର ଲୋକମାନେ ବୁଝିପାରିବେ ଏବଂ କାର୍ଯ୍ୟରେ ରୂପ ଦେବେ ସେ ଦିଗରେ ଗୋବିନ୍ଦ



Source: Author, Digitized by PPRACHIN, SOA

ମିଶ୍ରଙ୍କର ଉଦ୍ୟମର ସମ୍ପ୍ରସାରିତ ବିବରଣୀ ତାଙ୍କ ରଚିତ ଜାତୀୟ ଜୀବନର ଆତ୍ମପ୍ରକାଶ(ପ୍ରଥମ ଓ ଦ୍ୱିତୀୟ ଭାଗ)ରୁ ସଂଗ୍ରହ କରାଯାଇପାରେ। ଅସହଯୋଗ ଆନ୍ଦୋଳନ ପର୍ଯ୍ୟାୟରେ ଏବଂ ତାହା ପରେ ଓଡ଼ିଶାରେ ଗାନ୍ଧି କାର୍ଯ୍ୟକ୍ରମର ବାସ୍ତବ ରୂପ ପାଇଁ ଗୋଟିଏ କର୍ମଶାଳା ଅତ୍ୟାବଶ୍ୟକ ବୋଲି ସେ ଅନୁଭବ କରିଥିଲେ ଏବଂ ଚମ୍ପାପୁର ଅଞ୍ଚଳକୁ ଆପଣାର କର୍ମକ୍ଷେତ୍ର ବୋଲି ବାଛି ନେଇଥିଲେ।୧୯୨୧-୨୨ ମସିହାରେ ଅସହଯୋଗ ଆନ୍ଦୋଳନ ବେଳେ କଟକ ଜିଲ୍ଲା ସଦର ସବ୍-ଡିଭିଜନ୍‌ର କାର୍ଯ୍ୟକ୍ରମ ପରିଚାଳନା କରିବାର ଭାର ତାଙ୍କ ଉପରେ ନ୍ୟସ୍ତ ଥିଲା। ସେହି ସମୟରେ ଚମ୍ପାପୁର ହାଟ ନିକଟ ବଉଳା ମଠରେ କେତେଜଣ କର୍ମୀ ରହି କାର୍ଯ୍ୟ କରୁଥିଲେ। ସେମାନଙ୍କର କାର୍ଯ୍ୟ ଦେଖିବାକୁ ସେ ଏହି ଅଞ୍ଚଳକୁ ଦୁଇ ତିନି ଥର ଆସି ଅସହଯୋଗ ବାର୍ତ୍ତା ପ୍ରଚାର କରିଥିଲେ। ସେହି ସୂତ୍ରରେ ସେ ଚମ୍ପାପୁର ଅଞ୍ଚଳ ସହିତ ପରିଚିତ ଥିଲେ।୧୯୨୨ରେ ସେଠାରେ ଗୋଟିଏ ସୂତାକଟା କେନ୍ଦ୍ର ସ୍ଥାପିତ ହୋଇଥିଲା।ଏହି ଅଞ୍ଚଳ ସାଲେପୁର ନିକଟସ୍ଥ ମଉଦା ଜମିଦାରୀ ଅନ୍ତର୍ଗତ ଏବଂ ମଉଦାର ଜମିଦାର ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ରଙ୍କ ପୁତ୍ର ଉପେନ୍ଦ୍ର ମିଶ୍ରଙ୍କ ସହିତ ଛାତ୍ରାବସ୍ଥାରୁ ପରିଚିତ ଥିବାରୁ ଆର୍ତ୍ତତ୍ରାଣ ମିଶ୍ରଙ୍କର ତାଙ୍କ ପ୍ରତି ଗଭୀର ସ୍ନେହ ଥିଲା। ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ର ଉଦାରମନା ଜମିଦାର,ପ୍ରତ୍ନତତ୍ତ୍ୱାନୁରାଗୀ ଏବଂ ଓଡ଼ିଶାରେ ନବଯୁଗର ଜଣେ ପ୍ରବକ୍ତା ଥିଲେ। ଅସହଯୋଗ ଆନ୍ଦୋଳନ ବେଳେ ତାଙ୍କ ଗୃହ ଗୋଟିଏ କେନ୍ଦ୍ର ସ୍ଥାନ ହୋଇଥିଲା। ଉଗ୍ର ସଂସ୍କାରକ ନଥିଲେ ମଧ୍ୟ ସେଥିଲେ ପରିବର୍ତ୍ତନବାଦୀ। ଆର୍ତ୍ତତ୍ରାଣ ମିଶ୍ର ନିଜେ କଂଗ୍ରେସ ମେମ୍ବର କରିବାରେ ଏବଂ ତିଳକ ସ୍ୱରାଜ ପାଣ୍ଠିକୁ ଚାନ୍ଦା ସଂଗ୍ରହ କରିବାରେ ସାହାଯ୍ୟ କରିଥିଲେ।ଏହି ବିଜ୍ଞ ଉଦାରମନା ଜମିଦାର ସରକାରଙ୍କ କୋପ ଦୃଷ୍ଟି ସତ୍ତ୍ୱେ ଗୋବିନ୍ଦ ମିଶ୍ରଙ୍କର ଓଡ଼ିଶାର କୌଣସି ଏକ ସ୍ଥାନରେ ସ୍ଥାୟୀ ଅନୁଷ୍ଠାନ ଗଢିବାର କଳ୍ପନାକୁ ବିଚାର କରି ତାଙ୍କ ଅଞ୍ଚଳରେ ଏପରି ଗଠନାତ୍ମକ କାର୍ଯ୍ୟ କରିବା ପାଇଁ ବାରଂବାର ଅନୁରୋଧ କରିଥିଲେ। ଚମ୍ପାପୁର ହାଟ ନିକଟରେ ଥିବା କୈଥା ମୌଜା ତାଙ୍କ ଜମିଦାରୀ ଅନ୍ତର୍ଗତ। ସେଠାରେ ତାଙ୍କର କଚେରୀ ଘର ଥିଲା।ଏହା ବୈରୀ ରେଲଷ୍ଟେସନ୍ ଠାରୁ ଚାରି ମାଇଲ ଦୂର। କଟକ ସହର ମଧ୍ୟ ବହୁତ ନିକଟରେ। ପୁଣି ଏ ସମୟରେ ମହାତ୍ମାଗାନ୍ଧି ଗୋବିନ୍ଦ ମିଶ୍ରଙ୍କୁ ଓଡ଼ିଶାରେ ଗଠନାତ୍ମକ କାର୍ଯ୍ୟ କରିବାକୁ ବାରମ୍ବାର ବ୍ୟସ୍ତ କରୁଥିଲେ। ତେଣୁ ଦିନେ ଏକ ମହଣ ତୁଳା,ଚାରିଖଣ୍ଡ ଅରଟ ଓ ଦେଢଶହ ଟଙ୍କା ସହିତ ସେଠାରେ ପହଞ୍ଚି ଆର୍ତ୍ତତ୍ରାଣ ମିଶ୍ରଙ୍କ କଚେରୀ ଘରକୁ ଆଶ୍ରୟ ସ୍ଥଳ କଲେ। ଅଲେଖ ଚନ୍ଦ୍ର ଦାସ ତାଙ୍କ 'ଜୀବନର ଡାକ' ପୁସ୍ତକରେ ଏପରି



Source: Author, Digitized by PPRACHIN, SOA

ସ୍ଥାନକୁ ଭାରି ନିନ୍ଦା କରିଛନ୍ତି। କିନ୍ତୁ ଗୋବିନ୍ଦ ମିଶ୍ର ଏଠାରେ ତାଙ୍କର କାର୍ଯ୍ୟକ୍ରମ ଆରମ୍ଭ କଲେ। ଗ୍ରାମ ସଂଗଠନ ଉଦ୍ୟମ ଆରମ୍ଭ ହେଲା। ଗୋବିନ୍ଦ ମିଶ୍ର ଏ କାଳରେ ଉପଲବ୍ଧି କରିଥିଲେ ଯେ ଲୋକ ସାଧାରଣଙ୍କ ମନରେ ବିଦ୍ରୋହ ଭାବ ଜାଗ୍ରତ କରାଇ ନପାରିଲେ ଗ୍ରାମ ସଂଗଠନ ମୂଲ୍ୟହୀନ। ଦେଶସେବା ଓ ପରର ମଙ୍ଗଳ ଚିନ୍ତା ମନୁଷ୍ୟର ଏକମାତ୍ର ଆଦର୍ଶ ଓ ତାହାହିଁ ଧର୍ମ-ଏହି ଭାବ ପଲ୍ଲୀବାସୀଙ୍କ ମନରେ ଜାଗ୍ରତ କରାଇବା ଆବଶ୍ୟକ। ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ଓଡ଼ିଶା ଏ ଦୃଷ୍ଟିରୁ ବିଶେଷ ପଛରେ। ପ୍ରକୃତ କର୍ମୀର ଘୋର ଅଭାବ। ଓଡ଼ିଶାରେ ପରିବର୍ତ୍ତନ ପାଇଁ ସମୟ ଆବଶ୍ୟକ। ପୁଣି ପଲ୍ଲୀ ଜୀବନ ଏତେ ତମସାଚ୍ଛନ୍ନ ଯେ ତାହାର ପରିବର୍ତ୍ତନ ଆଣିବା ପାଇଁ ପୁରୁଷାନୁକ୍ରମେ ସାଧନା ଆବଶ୍ୟକ। ଅଧୈର୍ଯ୍ୟ ଓ ଅସ୍ଥିରତାକୁ ତ୍ୟାଗ କରି ଗୋବିନ୍ଦ ମିଶ୍ର ସେହି ସ୍ଥାନରେ ନିଜର ଚିନ୍ତା ଓ କଳ୍ପନାକୁ ଏକ ସ୍ଥୂଳ ରୂପ ଦେବାର ଆବଶ୍ୟକତା ଅନୁଭବ କଲେ। ତାହାଙ୍କର କର୍ମ ଓ ଚିନ୍ତାର ରୂପାନ୍ତର କି ନାମରେ ପ୍ରକାଶ ପାଇବା ଉଚିତ ତାହା ଚିନ୍ତା କରିବାକୁ ପଡିଲା। ତାଙ୍କର ଜୀବନର କ୍ରମବିକାଶ ଓ ଆଦର୍ଶ, ତାଙ୍କର କର୍ମ ଓ ଚିନ୍ତା ମୂଳଭିତ୍ତି ହେବା ଦରକାର ବୋଲି ସେ ମନେକଲେ। ମହାତ୍ମାଗାନ୍ଧିଙ୍କ କର୍ମ ଓ ଆଦର୍ଶ ତାଙ୍କୁ ପ୍ରଭାବିତ କରିଥିଲା ଏବଂ ଜୀବନର କ୍ରମବିକାଶ ଓ ଆଦର୍ଶକୁ ପରିବର୍ତ୍ତନ କରିଥିଲା। ସେ ଯାହା କରୁଥିଲେ ବା ଯାହା କିଛି ଚିନ୍ତା କରୁଥିଲେ ତହିଁରେ ମହାତ୍ମାଗାନ୍ଧି ପ୍ରତ୍ୟକ୍ଷ ରୂପେ ସଂଶ୍ଳିଷ୍ଟ ନଥିଲେ ମଧ୍ୟ ସେ ସବୁ ତାଙ୍କ ପ୍ରେରଣାର ଫଳ ମାତ୍ର ବୋଲି ସେ ସବୁବେଳେ ଅନୁଭବ କରୁଥିଲେ।ତାଙ୍କ କର୍ମଶାଳାକୁ ଗାନ୍ଧି ସେବାଶ୍ରମ ନାମ ଦେବାକୁ ବହୁତ ଦିନରୁ ଯେଉଁ ଆକାଂକ୍ଷା ଜନ୍ମିଥିଲା ଅନୁଷ୍ଠାନକୁ ସେହି ନାମ ଦେଇ ସେଠାରେ ଜୀବନ ଉତ୍ସର୍ଗ କରିବେ ବୋଲି ସଂକଳ୍ପ କରିଥିଲେ। ସେହି କର୍ମକେନ୍ଦ୍ରର ନାମ ହେଲା ଗାନ୍ଧି ସେବାଶ୍ରମ।

୧୯୨୫ ଶେଷ ବେଳକୁ ଚମ୍ପାପୁର ହାଟ ନିକଟ କୈଥା ମୌଜାରେ ଗାନ୍ଧି ସେବାଶ୍ରମ ସ୍ଥାପନ ହୋଇଥିଲା। ଗ୍ରାମ୍ୟ ଜୀବନର ପୁନର୍ଗଠନ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମହାତ୍ମାଗାନ୍ଧି ୧୯୨୭ ମସିହା ଡିସେମ୍ବର ୨୦ ତାରିଖ ଦିନ ଏହି ଆଶ୍ରମର ଶୁଭ ଦେବାର ଥିଲା। କିନ୍ତୁ ତାହା ହୋଇପାରିନଥିଲା। ମହାତ୍ମାଙ୍କ ଶରୀର ଅସୁସ୍ଥ ହେବାରୁ ସେ ନିଜେ ଯିବାକୁ ଅକ୍ଷମ ହୋଇଥିଲେ।ତେଣୁ ତାହାଙ୍କ ସହିତ ଆସିଥିବା ମହାଦେବ ଦେଶାଇ, କାକା କାଲ୍‌କର ଏବଂ ମିରାବେନ୍‌ଙ୍କୁ ତାହାଙ୍କର ସ୍ୱହସ୍ତ ଲିଖିତ ସମ୍ବାଦ ଦେଇ ପଠାଇଥିଲେ। ମିରାବେନ୍ ମହାତ୍ମାଙ୍କ ନାମରେ ଆଶ୍ରମ ଗୃହର ଶୁଭ ଦେଇଥିଲେ। ମହାଦେବ ଦେଶାଇ ମହାତ୍ମାଙ୍କର ସମ୍ବାଦଟିକୁ ପାଠ କରି ଉପସ୍ଥିତ ଲୋକମାନଙ୍କୁ ଶୁଣାଇଥିଲେ। ଏହି ଭାଷଣରେ



Source: Author, Digitized by PPRACHIN, SOA

ସେ ଗୋବିନ୍ଦ ମିଶ୍ରଙ୍କୁ ଲକ୍ଷ୍ୟ କରି କହିଲେ-"ଗୋବିନ୍ଦ ବାବୁଙ୍କୁ ଆମ୍ଭେମାନେ ଅନେକ ଦିନରୁ ଜାଣୁ।ତାଙ୍କ ଓ ମୋ ମଧ୍ୟରେ ଏତେ ସ୍ନେହ ଭାବ ଅଛି ଯେ ମୁଁ ତାହାଙ୍କୁ ପାଗଳ ବୋଲି ଡାକେ। ଗୋବିନ୍ଦ ବାବୁ ପ୍ରକୃତରେ ଏକ ପାଗଳ। କିନ୍ତୁ ସେ ସାଧାରଣ ପାଗଳ ନୁହନ୍ତି।ଏହି ଓଡ଼ିଶା ଦେଶର ସେବା କରିବା ପାଇଁ ସେ ପାଗଳ। ଆମ୍ଭମାନଙ୍କ ନିକଟକୁ ସେ ଯେତେବେଳେ ଯାଆନ୍ତି, ସେତେବେଳେ ଓଡ଼ିଶାର ଦିନ ଦରିଦ୍ରଙ୍କର କଥା ଛଡା ଆମ୍ଭେମାନେ କେହି ତାଙ୍କ ମୁହଁରୁ ଅନ୍ୟ କଥା ଶୁଣିନାହୁଁ। ସେ ଆମ୍ଭ ଅହମଦାବାଦ ସତ୍ୟାଗ୍ରହ ଆଶ୍ରମରେ ଥିଲେ। ମହାତ୍ମାଙ୍କର ଅନୁମତି ନେଇ ଓଡ଼ିଶାର ସେବା କରିବାକୁ ଆସିଅଛନ୍ତି। ମହାତ୍ମା ମଧ୍ୟ ଗୋବିନ୍ଦ ବାବୁଙ୍କୁ ସ୍ନେହ କରନ୍ତି। ମୋର ବିଶ୍ୱାସ ଯେ ସେ ଏ ଦେଶର ଗରିବଙ୍କର ସେବା କରୁଅଛନ୍ତି ଓ କରିବେ। କିନ୍ତୁ ମୁଁ ଆପଣମାନଙ୍କୁ ଏତିକି କହେଁ ଆପଣମାନେ ସାହାଯ୍ୟ ନକଲେ ସେ ଏକାକି କିଛି କରିପାରିବେ ନାହିଁ। ଆପଣମାନେ ଏହି ଆଶ୍ରମକୁ ଗଠନ କରିବାକୁ ଯଥାସାଧ୍ୟ ସାହାଯ୍ୟ କରିବା ଉଚିତ।ଏଠାରେ ଖଦଡ ପିନ୍ଧିବା ଦରକାର। ଆପଣମାନଙ୍କ ଘରେ ଓ ଗ୍ରାମରେ ଅରଟ ଚଳାଇବାକୁ ଚେଷ୍ଟା କରିବା ଦରକାର। ଏସବୁ ବିଷୟରେ ଗୋବିନ୍ଦ ବାବୁ ଆପଣଙ୍କୁ ନିଶ୍ଚୟ ସାହାଯ୍ୟ କରିବେ। ଆପଣମାନଙ୍କ ଦେଶରେ ଭୟ ଗୋଟିଏ ବଡ ରୋଗ ହୋଇଅଛି। ଆପଣମାନେ ଭୟ ଛାଡନ୍ତୁ;ପୋଲିସ, ଜମିଦାର, ମହାଜନ କେହି ଆପଣଙ୍କ ଉପରେ ଅତ୍ୟାଚାର କଲେ ଆପଣମାନେ ଆଶ୍ରମକୁ ଆସି ଗୋବିନ୍ଦ ବାବୁ, ଗୋପବନ୍ଧୁ ବାବୁ ପ୍ରଭୃତି ଆପଣଙ୍କ ଦେଶର କର୍ମୀମାନଙ୍କୁ କହନ୍ତୁ। ଏହାପରେ ଦେଶାଇ ମହାଶୟ ମହାତ୍ମାଙ୍କର ସମ୍ବାଦଟି ପାଠ କରି ସମସ୍ତଙ୍କୁ ଶୁଣାଇଦେଲେ-"ଓଡ଼ିଶା ଆସିଲା ଦିନୁ ମୋର ଗୋବିନ୍ଦ ବାବୁଙ୍କର ସେବାକ୍ଷେତ୍ର ଚମ୍ପାପୁର ହାଟକୁ ଯିବାକୁ ଭାରି ଇଚ୍ଛା ଥିଲା। କିନ୍ତୁ ମନୁଷ୍ୟର ସମସ୍ତ ଇଚ୍ଛା ଭଗବାନ୍ ସଫଳ ହେବାକୁ ଦିଅନ୍ତି ନାହିଁ। ଈଶ୍ୱରଙ୍କର ଏହି ନିୟତିକୁ ବୁଝି ପାରୁଥିବାରୁ ମୁଁ ଆଜି ସେଠାକୁ ଯାଇ ନପାରିଲେ ମଧ୍ୟ ମନେ ମନେ ଶାନ୍ତ ରହିଅଛି। ମୋ ସହିତ ଆସିଥିବା ମୋର ସହକର୍ମୀମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ପଠାଇଅଛି। ଆଶା କରେ ଲୋକେ ଏଥିରେ ସନ୍ତୁଷ୍ଟ ହୋଇରହିବେ। ମୋର ଇଚ୍ଛା ଏହି କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଉ। ମୋର ହାତରେ ଆଶ୍ରମର ଶୁଭ ଦେବାର ଥିଲା। ବର୍ତ୍ତମାନ ମୋର ସହକର୍ମୀମାନେ ଭିତ୍ତି ସ୍ଥାପନ କ୍ରିୟା ସମ୍ପନ୍ନ କରିବେ। ତାହା ମୁଁ କଲି ବୋଲି ଆପଣମାନେ ଯେପରି ବୁଝନ୍ତି। ସେବା କାର୍ଯ୍ୟରେ ଯେବେ ଅହିଂସା, ସତ୍ୟ, ପ୍ରେମ ଓ ଜ୍ଞାନ ଥିବ ତାହା ହେଲେ ନିଶ୍ଚୟ ତାହା ବୃଦ୍ଧି ପାଇବ। ଲୋକେ ଅରଟ ଚଳାଇବା ଦରକାର। ସମସ୍ତେ ବିଦେଶୀ ଲୁଗାକୁ ତ୍ୟାଗ



Source: Author, Digitized by PPRACHIN, SOA

କରନ୍ତୁ। ମଦ,ଅଫିମ,ଗଞ୍ଜାଇ ଆଦି ନିଶା ସର୍ବଦା ଛାଡନ୍ତୁ। ଆଜିକାଲି ବ୍ୟଭିଚାର ବହୁତ ବଢି ଯାଇଅଛି। ତହିଁରୁ ସମସ୍ତେ ନିଜ ନିଜର ଆତ୍ମରକ୍ଷା କରନ୍ତୁ"। (ଉତ୍କଳ ଦୀପିକା, ଜାନୁଆରୀ ୨୧,୧୯୨୮)

ଏହିପରି ଭାବରେ ଗାନ୍ଧି ସେବାଶ୍ରମର କାର୍ଯ୍ୟ ଆରମ୍ଭ କରାଗଲା। ଅନୁଷ୍ଠାନଟି ପ୍ରଥମେ ୧୯୨୫ ମସିହା ଜୁନ୍ ମାସରେ ଆରମ୍ଭ ହୋଇଥିଲା।୧୯୩୦ ସୁଦ୍ଧା ଏହାର ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇଥିଲା। ଗ୍ରାମ ସଂଗଠନ ଚରଖା ପ୍ରଚାର ଇତ୍ୟାଦି ଦିଗରେ ସେବାଶ୍ରମ ଅନେକ ଦୂର ଯଶସ୍ୱୀ ହୋଇଥିଲା। ଆରମ୍ଭ ବର୍ଷ ୩୫ ଜଣ ସୂତାକଟାଳୀ ଆଶ୍ରମ ଅଧୀନରେ ଥିଲେ ଓ ୧୪ ମହଣ ଲୁଗା ପ୍ରସ୍ତୁତ କରିଥିଲେ।ଏଥିରୁ ୧୨୦୦ ଟଙ୍କା ମୂଲ୍ୟରେ ଖଦୀ ବିକ୍ରି ହୋଇଥିଲା।୧୯୨୭ରେ ୩୫ରୁ ୮୭ ପର୍ଯ୍ୟନ୍ତ ଚରଖା ବଢିଲା।ବନ୍ୟା ଯୋଗୁଁ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଘୋର ବାଧା ପଡିଥିଲା।ଖଦୀ କାର୍ଯ୍ୟ ସୁଚାରୁ ରୂପେ ଚାଲି ପାରିନଥିଲା।୧୯୨୮ରେ ଚରଖା ସଂଖ୍ୟା ଶହେ ପର୍ଯ୍ୟନ୍ତ ଗଲା ଓ ଖଦଡ ବିକ୍ରି ୧୪ ଶହ ପର୍ଯ୍ୟନ୍ତ ହେଲା।

୧୯୨୯ରେ ଆଉ ଦୁଇଟି ନୂଆ କେନ୍ଦ୍ର ଆରମ୍ଭ ହୋଇଥିଲା। ସମୁଦାୟ ୨୬ଟି ଗ୍ରାମରେ ୨୩୫ଟି ଚରଖା ଚଳୁଥିଲା।୨୩୪୮ ଟଙ୍କାର ଖଦଡ ବିକ୍ରି ହୋଇଥିଲା। ୧୯୩୦ ପର୍ଯ୍ୟନ୍ତ ୫୫୦୦୦ ଟଙ୍କା ଏହି କାର୍ଯ୍ୟ ପାଇଁ ବିନିଯୋଗ କରାଯାଇଥିଲା।ରୋଗୀ ସେବା ମଧ୍ୟେ ଅନୁଷ୍ଠାନର ଏକ ଅଙ୍ଗ। ଗୋପବନ୍ଧୁ ମେମୋରିଆଲ୍ ଡିସ୍‌ପେନ୍‌ସରି ସ୍ଥାପିତ ହୋଇଥିଲା। ଗୋଟିଏ ଛୋଟ ସ୍କୁଲ,ଗୋଟିଏ ବ୍ୟାଙ୍କ୍ ସଂଗଠନ କାର୍ଯ୍ୟ ମଧ୍ୟ ନିଆ ଯାଇଥିଲା। ୧୯୨୯-୩୦ରେ ଖଦୀ କାର୍ଯ୍ୟ ୫୮ଟା ଗ୍ରାମ ମଧ୍ୟରେ ପ୍ରସାର ଲାଭ କରିଥିଲା। ୧୧୦୦୦ ଟଙ୍କାର ଖଦୀ ବିକ୍ରି ହୋଇ ପାରିଥିଲା। ସେତେବେଳେ ଅନୁଷ୍ଠାନର ଅଗ୍ରଗତି ପାଇଁ ଗୋବିନ୍ଦ ଚନ୍ଦ୍ର ମିଶ୍ର ଓ ଅଲେଖ ପ୍ରସାଦ ଦାସ ବିଶେଷ ଉଦ୍ୟମ କରିଥିଲେ।

'ଗାନ୍ଧି ସେବାଶ୍ରମ' ସମ୍ପର୍କରେ ସେ ସମୟର ନେତ୍ରୀ ତଥା ସମାଜ ସଂସ୍କାରିକା ସରଳା ଦେବୀ ଦୈନିକ ଆଶା(ନଭେମ୍ବର ୩୦, ୧୯୩୧)ରେ ଏକ ଚିନ୍ତାଗର୍ଭକ ଆଲୋଚନା ପ୍ରକାଶ କରିଥିଲେ। ସେହି ପ୍ରସଂଗରେ ସେ ଲେଖିଥିଲେ-"ମାନ୍ୟବର ଗୋପବନ୍ଧୁ ଚୌଧୁରୀଙ୍କର ସହିତ ଏ ଅଞ୍ଚଳକୁ କଂଗ୍ରେସ କାର୍ଯ୍ୟରେ ଆସି ଚମ୍ପାପୁର ହାଟରେ ଗାନ୍ଧି ସେବାଶ୍ରମରେ ଅତିଥି ହୋଇଛି। ଆଶ୍ରମ ପ୍ରତିଷ୍ଠାତା ଗୋବିନ୍ଦ ମିଶ୍ରଙ୍କ ମୁହଁରୁ ଏ ଆଶ୍ରମ କଥା କେତେଥର ଶୁଣିଛି ଓ ମନେମନେ ଅବିଶ୍ୱାସ କରି କେତେଥର ତାଙ୍କର



Source: Author, Digitized by PPRACHIN, SOA

ସାଦର ନିମନ୍ତ୍ରଣକୁ ଉପେକ୍ଷା କରିଛି ।ସ୍ୱରାଜ୍ୟାଶ୍ରମ କହିଲେ ଆମ ଓଡ଼ିଶାରେ ଯାହା ବୁଝାଏ ତା ଗୋଟିଏ ଛୋଟ ପିଲାର କଳ୍ପନାରେ ସୁଦ୍ଧା ନିହିତ ଅଛି ।ସୁତରାଂ ମୁଁ ମଧ୍ୟ ଏହି ଭାବରେ ଭାବିତ ହୋଇ ମନେ କରିଥିଲି ଏ ବି ସେମିତି ଏକ ଆଶ୍ରମ, ଗାନ୍ଧିବାଲାଙ୍କ ରହିବା ସ୍ଥାନ । ସେମିତି ଅଣାବଣା, ମଇଳା, ଅପରିଷ୍କାର, ଅସ୍ୱାସ୍ଥ୍ୟକର ବ୍ୟବସ୍ଥା ଓ ଯେ ସେଠି ରହିବ, ସେ କେବଳ ତ୍ୟାଗ ପାଇଁ ତ୍ୟାଗ କରିବ । ତାର ସ୍ୱାସ୍ଥ୍ୟ, ତାର ମନୋବୃତ୍ତିକୁ ଆତ୍ମତ୍ୟାଗ ଦ୍ୱାରା ବିଲୋପିତ କରିବା ପାଇଁ ପୁଣି ସ୍ୱେଚ୍ଛାକୃତ ତ୍ୟାଗର ଅସୀମ ପରାକାଷ୍ଠା ଦେଖାଇବାକୁ ସେ ରହିବ ବିନା ଆପତ୍ତିରେ ।ଏଇ ଥିଲା ମୋର ଏ ଯାବତ୍ ଆଶ୍ରମ ଓ ଆଶ୍ରମବାସୀଙ୍କ ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭୂତି । କିନ୍ତୁ ଯେତେବେଳେ ମୋ ଆଖି ଫିଟିଲା, ଗାଡିରୁ ଓହ୍ଲାଇ ଦେଖେ ଜହ୍ନ, ଗାଧୁଆ, ସରୁ ରୂପେଲୀ ଜରୀ ମେଖଳିତ ଉନ୍ମୁକ୍ତ ପ୍ରକୃତି କୋଳରେ ସହକାର ଘେରା ଗୋଟିଏ ସୁନ୍ଦର ପରିଷ୍କୃତ ପ୍ରଶସ୍ତ ନୀଡ ।ସେଥିରେ ରହନ୍ତି ଦେଶକର୍ମୀଗଣ-ସେହି ହେଉଛି ଗାନ୍ଧି ସେବାଶ୍ରମ । ଗାନ୍ଧି ସେବାଶ୍ରମର ଇଂରାଜୀ ପ୍ରସ୍ପେକ୍ଟସ୍ ପଢି ମନେ କରିଥିଲି କିଏ କଣ କାହା ଦହି ଖଟା କହେ ? କିନ୍ତୁ ଦେଖିଲି ଯାହା ଲିପିରେ ବର୍ଣ୍ଣିତ ଅଛି,ଏହା ତାହାଠାରୁ ମଧ୍ୟ ଅଧିକ । ମନ ମୋର ନିବିଡ ଆନନ୍ଦରେ ପୂର୍ଣ୍ଣ ହୋଇ ଉଠିଲା । ଓଡ଼ିଶାରେ ଗାନ୍ଧି, ରବୀନ୍ଦ୍ର, ଅରବିନ୍ଦଙ୍କ ପରି ସାଧକ ମୁଁ ଜାଣେ । କିନ୍ତୁ ଅପୂର୍ବ ବିସ୍ମୟରେ ଭାବୁଛି ୭/୮ଟା ବର୍ଷରେ ଜଣେ କ୍ଷୁଦ୍ର ଦେଶସେବକ ସେ ତାଙ୍କ ନିଜ ଚେଷ୍ଟାରେ କଣ କରି ପରିନାହାନ୍ତି ? ପୁଣି ସେହି ଅଭିଶପ୍ତ ଦେଶରେ ଯେଉଁଠି ଉତ୍କଳମଣୀ ଗୋପବନ୍ଧୁଙ୍କ ସ୍ମୃତି ଚିହ୍ନ ରଖିବାକୁ ଲୋକଙ୍କର ସାମର୍ଥ୍ୟ ନାହିଁ । ସ୍ଥାନଟିର ନିର୍ବାଚକଙ୍କୁ କେବଳ ପ୍ରଶଂସା କରିବାକୁ କି ଆଶ୍ରମର ପକ୍କାଘର, ବଗିଚା, କୂଅ, ଗାଧୁଆ ଘର, ଖଦଡ ଉତ୍ପାଦନ, ସୁନ୍ଦର ପାଠଶାଳା, ଡାକ୍ତରଖାନା, ପାଠାଗାର ଇତ୍ୟାଦିର ବର୍ଣ୍ଣନା କରି ନିଜର କୃତଜ୍ଞତା ଦେଶର ଏହି ନୀରବ ସେବକଙ୍କ ପ୍ରତି ପ୍ରୟୋଗ କରିବାକୁ ବସିନାହିଁ । ମୋର କହିବାର କଥା,ଏଠାରେ କାମ ଯେପରି ଭାବରେ ଚାଲୁଛି ଓ କର୍ମୀ କେତୋଟି ମନପ୍ରାଣ ଦେଇ ଯେପରି ନିଷ୍ଠାରେ ଚିକିତ୍ସା, ଖଦଡ, କୃଷି ଆଦି କାର୍ଯ୍ୟ ଚଳାଇଛନ୍ତି ଓ ନିଃସ୍ୱାର୍ଥ ଭାବରେ ଶ୍ରାନ୍ତିହୀନ ଭାବରେ କର୍ତ୍ତବ୍ୟ ପାଳନ କରି ଯାଉଛନ୍ତି, ତହିଁରେ ମନେ ହେଉଛି କେବଳ ଏହି କ୍ଷୁଦ୍ର କର୍ମ ପ୍ରଚେଷ୍ଟାରେ ନିଜକୁ ସନ୍ତୁଷ୍ଟ ରଖିଲେ ହେବ ନାହିଁ । କିପରି ଏହିପରି ନାନା ବିଭାଗରେ କାର୍ଯ୍ୟ ଖୋଲାଯାଏ ଓ କଟକ ଆଖପାଖର ଯୁବକ ଯୁବତୀମାନେ ଏହି ଆଶ୍ରମରେ ରହି ଯେପରି ଗାନ୍ଧି ସେବାଶ୍ରମକୁ ନିଜନିଜର ଶକ୍ତି ଦ୍ୱାରା ଅଧିକ ଉନ୍ନତତର ମାର୍ଗରେ ପରିଚାଳିତ କରିଦେଇପାରିବେ ଏକଥା ଭାବିବାକୁ ମୁଁ ସମସ୍ତଙ୍କୁ ଅନୁରୋଧ



Source: Author, Digitized by PPRACHIN, SOA

କରିବାକୁ ଚାହୁଁଛି। ମୁଁ ଭରସା କରେ ଏହି ଗାନ୍ଧି ସେବାଶ୍ରମ ନିକଟ ଭବିଷ୍ୟତରେ କଂଗ୍ରେସର ଓ ଜ୍ଞାନବିଜ୍ଞାନର ଏକ ପୀଠସ୍ଥାନ ହୋଇପାରିବ।" ୧୯୩୪ରେ ଗୋବିନ୍ଦ ମିଶ୍ରଙ୍କ ପରାମର୍ଶ ଅନୁସାରେ ଆଶ୍ରମର କର୍ମୀମାନେ ସେପ୍ଟେମ୍ବର ମାସ ଆରମ୍ଭରେ ଗୋଟିଏ ନୈଶ ବିଦ୍ୟାଳୟ ଖୋଲିଥିଲେ।ଏହି ନୈଶ ବିଦ୍ୟାଳୟ ଡାକ୍ତର ସତୀଶ ଚନ୍ଦ୍ର ସେନଗୁପ୍ତଙ୍କ ଆଶ୍ରମର ଜନୈକ କର୍ମୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।ନିକଟବର୍ତ୍ତୀ ପଲ୍ଲୀ ଗ୍ରାମମାନଙ୍କରୁ ଛାତ୍ର,ବ୍ୟବସାୟୀ ଏବଂ ଚାଷୀ ଯୁବକମାନେ ଏଠାକୁ ପଢିବାକୁ ଆସୁଥିଲେ।ଛାତ୍ରମାନଙ୍କ ମଧ୍ୟରେ ଶ୍ରେଣୀବିଭାଗ କରାଯାଇଥିଲା।ଯେଉଁମାନେ ମଧ୍ୟ ଇଂରାଜୀ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିଲେ ବା ସେହିପରି ଷ୍ଟାଣ୍ଡାର୍ଡରେ ଥିଲେ,ସେମାନଙ୍କର ଉଚ୍ଚ ଶ୍ରେଣୀ ବା ତା ତଳକୁ ଦୁଇଟି ଶ୍ରେଣୀ କରାଯାଇଥିଲା।ଏହା ବ୍ୟତୀତ ଯୁବକମାନଙ୍କ ପାଇଁ ଗୋଟିଏ ଭିନ୍ନ ଶ୍ରେଣୀ ହୋଇଥିଲା।ଏହି ଶ୍ରେଣୀର ଶିକ୍ଷା ପୂର୍ବ ଶ୍ରେଣୀମାନଙ୍କ ଠାରୁ ଟିକିଏ ଭିନ୍ନ। ବିଦ୍ୟାଳୟରେ ଓଡ଼ିଆ,ଇଂରାଜୀ,ହିନ୍ଦି ଓ ବଙ୍ଗଳା ବିଭିନ୍ନ କର୍ମୀମାନଙ୍କ ଦ୍ୱାରା ଶିକ୍ଷା ଦିଆ ଯାଉଥିଲା। ତାପରେ ଖବରକାଗଜ ପାଠ ଓ ଦେଶର ଅବସ୍ଥା ବିଷୟରେ ସେମାନଙ୍କୁ ନାନା କଥା କୁହା ଯାଉଥିଲା। କିପରି ଚାଷବାସ ବା ବ୍ୟବସାୟ କଲେ ଲୋକମାନେ ବିଶେଷ ଲାଭବାନ ହୋଇପାରିବେ,ଏହି ବିଷୟ ସେମାନଙ୍କୁ ନାନା ଭାବରେ ବୁଝାଇ ଦିଆ ଯାଉଥିଲା। ଫଳରେ ୧୯୩୪ ମସିହାରେ କପାଚାଷ,ସୂତାକଟା ଓ ଲୁଗାବୁଣା ନିଜହାତରେ କରିବା ପାଇଁ ଏହି ଯୁବକମାନେ ଲାଗି ପଡିଥିଲେ।ଏହି ୧୯୩୪ ମସିହାର କାର୍ତ୍ତିକ ମାସରେ ଏହି ଅଞ୍ଚଳରେ ଅନେକ ଗାଁରେ କପାଚାଷ ପାଇଁ ଲୋକମାନେ ପ୍ରବଳ ଉଦ୍ୟମ କରିଥିଲେ। ଆଶ୍ରମର କର୍ମୀମାନେ ଏ ଦିଗରେ ଜନ ସାଧାରଣଙ୍କୁ ଯଥେଷ୍ଟ ଉତ୍ସାହିତ ଓ ସାହାଯ୍ୟ କରିଥିଲେ। ଗୋବିନ୍ଦ ମିଶ୍ର ଓ ଡାକ୍ତର ସତୀଶ ଚନ୍ଦ୍ର ସେନଗୁପ୍ତ ନିଜେ ଗାଁମାନଙ୍କୁ ଯାଇ ସବୁଲୋକଙ୍କ ସହିତ ମିଳାମିଶା କରି ପଲ୍ଲିବାସୀମାନଙ୍କର ଶିକ୍ଷା,ସ୍ୱାସ୍ଥ୍ୟ ଓ ଆର୍ଥିକ ଅବସ୍ଥାର ଉନ୍ନତି କରିବା ପାଇଁ ନାନା ପ୍ରକାର ଉପାୟ ଅବଲମ୍ବନ କରିଥିଲେ। ହରିଜନ ପଡାମାନଙ୍କରେ ମଧ୍ୟ ନିଶା ନିବାରଣ ଓ ଉଲ୍ଲିଖିତ ବିଷୟମାନଙ୍କର ଉନ୍ନତି ପାଇଁ କର୍ମୀମାନେ ଉଦ୍ୟମ କରିଥିଲେ। ଉତ୍କୃଷ୍ଟ ଧରଣର କୁଟିରଶିଳ୍ପ ପାଇଁ ମଫସଲରେ ଜନ ସାଧାରଣଙ୍କୁ ଦିନବେଳେ ସୂତାକଟା ଶିକ୍ଷା ଦିଆ ଯାଉଥିଲା।

ଗାନ୍ଧି ସପ୍ତାହ ଉପଲକ୍ଷେ ଏହି ଆଶ୍ରମରେ ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ସଭାପତିତ୍ୱରେ ଏକ ବିରାଟ ସଭା ହୋଇଥିଲା।ଏହି ସଭାରେ ସ୍ୱାମୀଜୀ ଲୋକମାନଙ୍କୁ



Source: Author, Digitized by PPRACHIN, SOA

ଦରିଦ୍ର ଓଡ଼ିଆଙ୍କର ଦୁର୍ଦ୍ଦଶା,ଉଦ୍ୟମହୀନତା ଓ କିପରି ତାର ପ୍ରତିକାର କରାଯାଇପାରେ ଭଲ ରୂପେ ବୁଝାଇ ଦେଇଥିଲେ । ସଭା ପୂର୍ବରୁ ଗୋବିନ୍ଦ ମିଶ୍ର ଏକ ସୂତାକଟା ପ୍ରତିଯୋଗିତା କରାଇଥିଲେ ଓ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ନଅ ଜଣଙ୍କୁ ସଭାରେ ସ୍ୱାମୀଜୀ ପୁରସ୍କାର ଦେଇଥିଲେ । ନୈଶ ବିଦ୍ୟାଳୟର ଅଧ୍ୟାୟୀ ମଧ୍ୟରୁ ଗୋଟିଏ ସ୍ୱେଚ୍ଛାସେବକ ଦଳ ଗଢ଼ା ଯାଇଥିଲା । ସ୍ଥାନୀୟ ହାଟରେ,ମେଳାରେ ଓ ନିକଟବର୍ତ୍ତୀ ପଲ୍ଲୀମାନଙ୍କରେ ସେବା କରିବା ଏହାର ପ୍ରଧାନ କାର୍ଯ୍ୟ । ଆଶ୍ରମର ଜନୈକ କର୍ମୀ ଟ୍ୟାନେରୀ ଟ୍ରେନିଂ ପାଇଁ ଅହମ୍ମଦାବାଦ ଯାଇଥିଲେ । ସେ ଶିକ୍ଷା ସାରି ଫେରିଲା ପରେ ଏଠାରେ ଟ୍ୟାନିଂ ଇଣ୍ଡଷ୍ଟ୍ରି ଖୋଲା ହେବା ପାଇଁ ସ୍ଥିର ହୋଇଥିଲା ।(ଆଶା,ଅକ୍ଟୋବର ୨୯,୧୯୩୪)ପ୍ରତି ବର୍ଷ ଅକ୍ଟୋବର ମାସ ପ୍ରଥମ ସପ୍ତାହରେ ମହାତ୍ମା ଗାନ୍ଧିଙ୍କର ଜନ୍ମୋତ୍ସବ ଆଶ୍ରମର ବାର୍ଷିକ ଉତ୍ସବ ରୂପେ ଅନୁଷ୍ଠିତ ହୋଇଥିଲା । ୧୯୩୫ ମସିହାରେ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ହଇଜା ଯୋଗୁଁ ଏହି ଉତ୍ସବ ଯଥା ସମୟରେ ହୋଇ ନପାରି ୧୩ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା ।ଏହି ଉତ୍ସବରେ ନିକଟବର୍ତ୍ତୀ ପ୍ରାୟ ପଚାଶ ଖଣ୍ଡ ଗ୍ରାମରୁ ସ୍ତ୍ରୀ ପୁରୁଷ ମିଶି ଏକ ହଜାରରୁ ଅଧିକ ଲୋକ ଯୋଗ ଦେଇଥିଲେ । ପ୍ରଥମେ ନାମ ସଂକୀର୍ତ୍ତନ ଓ ସମବେତ ପ୍ରାର୍ଥନା ପରେ ସଭାର କାର୍ଯ୍ୟ ଆରମ୍ଭ ହୋଇଥିଲା । କୃଷ୍ଣଚନ୍ଦ୍ର ମିଶ୍ର ସଭାପତି ଆସନ ଗ୍ରହଣ କରିଥିଲେ । ପ୍ରାରମ୍ଭ ସଂଗୀତ ପରେ ସଭାପତିଙ୍କ ଆହ୍ୱାନ କ୍ରମେ ମଧୁସୂଦନ ମହାନ୍ତି ଇଟାଲି ଆବିସିନିଆ ଯୁଦ୍ଧର ସଂକ୍ଷିପ୍ତ ବିବରଣୀ ଦେଇ ଇଟାଲିର ନୃଶଂସ କାର୍ଯ୍ୟର ନିନ୍ଦାବାଦ କରି ଆବିସିନିଆ ପ୍ରତି ସହାନୁଭୂତି ସୂଚକ ଏକ ପ୍ରସ୍ତାବ ଆଗତ କରିଥିଲେ । ଉକ୍ତ ପ୍ରସ୍ତାବଟି ସମର୍ଥିତ ହେଲା ପରେ ସମବେତ ଜନତା ଦଣ୍ଡାୟମାନ ହୋଇ ତାହା ଗ୍ରହଣ କରିଥିଲେ ।ଏହାପରେ ଆଶ୍ରମ ସଂଲଗ୍ନ ଜାତୀୟ ବିଦ୍ୟାଳୟର ଛାତ୍ରମାନେ ଜନସାଧାରଣଙ୍କ ମନରେ ଜାତୀୟ ଭାବର ଉଦ୍ରେକ ନିମିତ୍ତ ଅଭିନୟ ଆକାରରେ କେତୋଟି ସୁନ୍ଦର ଦୃଶ୍ୟ ଭାରତ ତଥା ଉତ୍କଳର ସେ ସମୟର ଦୁର୍ଦ୍ଦଶାକୁ ଲକ୍ଷ୍ୟକରି ବର୍ଣ୍ଣନା କରିଥିଲେ । ଜାତୀୟ ବିଶ୍ୱବିଦ୍ୟାଳୟର ବାଧ୍ୟତାମୂଳକ ବ୍ୟାୟାମ ଆସନ ଓ ନୂତନ ଧରଣର ତକତ ସୂତାକଟା ଦେଖାଇଥିଲେ । ଛାତ୍ରମାନଙ୍କର ଉତ୍କଳ ଗୌରବ ବର୍ଣ୍ଣନା,ଭାରତ ଅବସ୍ଥା ବର୍ଣ୍ଣନା,ପିକେଟିଂ ଅଭିନୟ ବଡ ଚିତାକର୍ଷକ ହୋଇଥିଲା । ସଭାପତିଙ୍କର ନିବେଦନ କ୍ରମେ ଏ ଅଞ୍ଚଳର ସମସ୍ତ ଶ୍ରେଣୀର ଲୋକେ ଆଶ୍ରମ ଦ୍ୱାରା ନାନା ଭାବରେ କିପରି ଉପକୃତ ହୋଇଥିଲେ ସେ ସମ୍ପର୍କରେ ସ୍ୱାଧୀନ ମତ ପ୍ରକାଶ କରି ପ୍ରତିଷ୍ଠାତାଙ୍କର ମହାନ ଅବଦାନକୁ ସ୍ୱୀକାର କରିଥିଲେ ।(ଆଶା,ଅକ୍ଟୋବର ୨୧,୧୯୩୫)



Source: Author, Digitized by PPRACHIN, SOA

ଜାତୀୟ ଜୀବନର ଆତ୍ମବିକାଶରେ ଗାନ୍ଧି ସେବାଶ୍ରମର ଭୂମିକା ଅବିସ୍ମରଣୀୟ।୧୯୨୯ର ଶେଷ ବେଳକୁ ଆଶ୍ରମର କୋଠା କାର୍ଯ୍ୟ ଶେଷ ହୋଇଥିଲା। ଆଶ୍ରମ ପାଇଁ ଗୋବିନ୍ଦ ମିଶ୍ର ଗୋଟିଏ ନିୟମାବଳୀ ପ୍ରକାଶ କରିଥିଲେ।ଏଥିରେ ଥିଲା ତାଙ୍କର ରାଜନୀତିକ ଅନୁଭୂତି ଏବଂ ପଲ୍ଲୀ ବାସୀଙ୍କ ସହିତ ଘନିଷ୍ଠ ସମ୍ପର୍କରେ କାର୍ଯ୍ୟ କରିବାର ଅଭିଜ୍ଞତା,ଦେଶ ସେବାରେ ମନୁଷ୍ୟର ମୁକ୍ତି।ଏହାହିଁ ଆଶ୍ରମର ଆଦର୍ଶ ବୋଲି ଗୋବିନ୍ଦ ମିଶ୍ର ମନେ କରିଥିଲେ। ଆଶ୍ରମକୁ ସ୍ଥାୟୀ ଓ ଦୃଢ଼ କରିବା ପାଇଁ ସେ ନାନା ଉପାୟ ଅବଲମ୍ବନ କରିଥିଲେ।୧୯୩୦ରେ ମହାତ୍ମାଙ୍କର ଲବଣ ସତ୍ୟାଗ୍ରହ ଫଳରେ ଗାନ୍ଧି ସେବାଶ୍ରମକୁ କର୍ମ ମୁଖର କରାଇବାରେ ପ୍ରବଳ ଅସୁବିଧା ହେଲା। ସତ୍ୟାଗ୍ରହ ଲଢ଼ାଇରେ ଯୋଗ ଦେଲେ ଆଶ୍ରମ କଥା ଭୁଲିବାକୁ ପଡିବ। ସେତେବେଳକୁ ଜଗତ୍‌ସିଂହପୁରର ଅଳକାଶ୍ରମର ଗୌରବ ଅସ୍ତ ହେବାକୁ ଆରମ୍ଭ କଲାଣି।ଚମ୍ପାପୁରର ଗାନ୍ଧି ସେବାଶ୍ରମ ବ୍ୟାପକ ଭାବରେ ଗ୍ରାମ ସଂଗଠନ କାର୍ଯ୍ୟ ହାତକୁ ନେଇ ସଫଳ ମାର୍ଗରେ ଗତି କରୁଥିଲା। କଟରପା ଓ କେନ୍ଦୁପାଟଣା ପ୍ରଭୃତି କେତୋଟି କେନ୍ଦ୍ର ସଂଗଠନ କରି ସୂତାକଟା ଓ ଖଦଡ ବୁଣା ଯାଉଥିଲା। ଆତ୍ମନିର୍ଭରଶୀଳତା ପାଇଁ ବହୁବିଧ କାର୍ଯ୍ୟକ୍ରମ ସେଠାରେ ଥିଲା। ତେବେ ଲବଣ ସତ୍ୟାଗ୍ରହର କାଳରେ ଗୋବିନ୍ଦ ମିଶ୍ରଙ୍କ ମନରେ ଏହି ଦ୍ୱିଧା ଜନ୍ମିଥିଲା ଯେ ତାଙ୍କ ଅନୁପସ୍ଥିତିରେ ହୁଏତ ଉପଯୁକ୍ତ କର୍ମୀ ଅଭାବରେ ପରିଚାଳନାଗତ ତ୍ରୁଟି ପାଇଁ ଆଶ୍ରମର ଅଗ୍ରଗତି ବ୍ୟାହତ ହେବ। ଆଶ୍ରମର ଆଦର୍ଶ ଥିଲା ମାତୃଭୂମିର ସେବାରେ ଜୀବନର ବିକାଶ।ଏହି ଆଦର୍ଶକୁ ଉପଲବ୍ଧି କରିବା ପାଇଁ ନିଃସ୍ୱାର୍ଥ ଓ ନିର୍ଭୀକ ଭାବରେ ଲୋକ କଲ୍ୟାଣକର କାର୍ଯ୍ୟରେ ଜୀବନ ଉତ୍ସର୍ଗ କରିବା ଆବଶ୍ୟକ। ସେତେବେଳେ କିନ୍ତୁ ପ୍ରକୃତ କର୍ମୀର ଅଭାବ ଥିଲା। ଯେଉଁ କେତେ ଜଣ କର୍ମୀ ରହି ଏହି ଆଶ୍ରମରେ କାର୍ଯ୍ୟ କରୁଥିଲେ ସେମାନଙ୍କ କାର୍ଯ୍ୟରେ ଗୋବିନ୍ଦ ମିଶ୍ର ସନ୍ତୁଷ୍ଟ ନଥିଲେ। ତେଣୁ ଏ ପରିସ୍ଥିତିରେ ଆଶ୍ରମ ଛାଡି ଲବଣ ସତ୍ୟାଗ୍ରହରେ ଯୋଗ ଦେବାକୁ ସେ ଇଚ୍ଛା କରିନଥିଲେ। ମାତ୍ର ସେ ସମୟର ଆବଶ୍ୟକତା ବୁଝି ଗୋବିନ୍ଦ ମିଶ୍ର ସତ୍ୟାଗ୍ରହ ସଂଗ୍ରାମରେ ଯୋଗ ଦେଲେ ଏବଂ କାରାବରଣ କଲେ। ପରିଣତିରେ ଆଶ୍ରମର ବିପର୍ଯ୍ୟୟ ଆରମ୍ଭ ହେଲା। ନାନା ବିଶୃଙ୍ଖଳା ଘଟିଗଲା। ସତ୍ୟାଗ୍ରହ ସଂଗ୍ରାମର ପରବର୍ତ୍ତୀ ପର୍ଯ୍ୟାୟରେ କରାଚି କଂଗ୍ରେସ ଅଧିବେଶନ ଶେଷ ପରେ ଓଡ଼ିଶା ରାଜନୀତି ଏକ ସନ୍ଧିକ୍ଷଣ ଦେଇ ଗତି କଲା। ସାମାନ୍ୟ ସାମାନ୍ୟ କଥାରେ ଟଣାଓଟରା ଓ ମତାନ୍ତର- ଓଡ଼ିଶାର ଜାତୀୟ ଜୀବନର ବ୍ୟାଧି ପରି ଜଣାଗଲା।ଏପରି ଅବସ୍ଥାରେ ଗୋବିନ୍ଦ ମିଶ୍ର



Source: Author, Digitized by PPRACHIN, SOA

ଗାନ୍ଧି ସେବାଶ୍ରମ ପାଇଁ ଅର୍ଥ ସଂଗ୍ରହ କରିବା ପାଇଁ ବାହାରିଲେ। ବମ୍ବେ, ଅହମ୍ମଦାବାଦ, ସୁରତ, କଲିକତା ଓ ରେଙ୍ଗୁନ୍ ଆଦି ସ୍ଥାନରୁ ଅର୍ଥ ସଂଗ୍ରହ କଲେ। ଆଶ୍ରମର ସ୍ଥାୟୀ ପାଣ୍ଠି ପାଇଁ ପଚାଶ ହଜାର ଟଙ୍କାର ପ୍ରତିଶ୍ରୁତି ପାଇଥିଲେ। ମାତ୍ର ଆଶ୍ରମଟିକୁ ନେଇ ବହୁ ସମାଲୋଚନା ପ୍ରକାଶ ପାଇଲା।

ଦେଶକଥା ନାମକ ସାପ୍ତାହିକ ସମ୍ବାଦପତ୍ରରେ ଗୋବିନ୍ଦ ମିଶ୍ରଙ୍କ ଗାନ୍ଧି ସେବାଶ୍ରମ ଉପରେ ୧୯୩୪-୩୫ ମସିହାରେ କଡା ସମାଲୋଚନା ପ୍ରକାଶ ପାଇଥିଲା। ମାର୍ଚ୍ଚ ୨୯ ୧୯୩୪ ସଂଖ୍ୟାରେ କଠୋର ଆଲୋଚନା କରାଯାଇଥିଲା। ସେଥିରେ କୁହାଯାଇଥିଲା-"ବୈରୀ ଛତିଆବଟ ପାଖ ଚମ୍ପାପୁର ଠାରେ ମହାତ୍ମାଗାନ୍ଧିଙ୍କ ନାମରେ ଚାନ୍ଦା ମାଗି ଗୋବିନ୍ଦ ମିଶ୍ର ନାମକ ଜଣେ ଓଡ଼ିଶା ଗଡ଼ଜାତ ନିର୍ବାସିତ ବ୍ୟକ୍ତି ଏକ ଆଡା କେତେକାଳରୁ ମେଲିଅଛନ୍ତି। ଖଦର ପ୍ରଚାର କରନ୍ତି ବୋଲି ଏବଂ ଦିନାକେତେ ମହାତ୍ମାଙ୍କ ଆଶ୍ରମରେ ଥିଲେ ବୋଲି ବମ୍ବେଇ ଅଞ୍ଚଳରୁ ଜଣେ ଅଧେ ଗୋବିନ୍ଦ ମିଶ୍ରଙ୍କୁ ୨୦୦/ ୪୦୦ ଟଙ୍କା ଦାନ କରିଥାନ୍ତି। ମିଶ୍ର ପହିଲେ ପହିଲେ ଆଶ୍ରମର ହିସାବ ପତ୍ର ଛାପୁଥିଲେ।ଏବକୁ କେତେ ବର୍ଷ ହେଲା ବନ୍ଦ ଥିଲା।ଏହାଛଡା ମିଶ୍ରେ ଭିନ୍ନଭିନ୍ନ ଅଞ୍ଚଳରୁ ଖଦର କିଣି ଆଣି ଓଡ଼ିଶୀ ଖଦର ବୋଲି ଚଳାଇବାକୁ କୁଣ୍ଠାବୋଧ କରିନାହାନ୍ତି। ଆମ୍ଭେମାନେ ଏଥିନିମିତ୍ତ ମିଶ୍ରଙ୍କର କାର୍ଯ୍ୟକଳାପର ସମାଲୋଚନା କରିଥିଲୁ। ଗୋବିନ୍ଦ ମିଶ୍ର ୧୨/୧୪ ଦିନ ତଳେ ଚମ୍ପାପୁର ଠାରେ ଏକ ମଉଛବ କରାଇ ଗୁଡିଏ ସମଜାତୀୟଙ୍କୁ ନିମନ୍ତଣ କରିଥିଲେ। ସଭାଟିଏ କରି ନିଜ ମଠର ହିସାବପତ୍ର ଦେଇଥିଲେ।ଏହା ଯଥା ଲାଭ;ଯେହେତୁ ଯେଭାବରେ କରନ୍ତୁ ପଛେ ଦେଶକଥାର ବାରମ୍ବାର ଦାବୀ ଓ ସମାଲୋଚନା ଫଳରେ ଏହା ହୋଇଅଛି। ପୂର୍ବୋକ୍ତ ସଭାରେ ଯଦୁମଣି ମଙ୍ଗରାଜ ଓ ନୀଳକଣ୍ଠ ଦାସ ପ୍ରମୁଖ ବଡ ନେତା ଓ ମଧ୍ୟମ ନେତାମାନେ ବଡ ବଡ ଲମ୍ବା ବକ୍ତୃତାରେ ଗୋବିନ୍ଦ ମିଶ୍ରଙ୍କୁ ସାର୍ଟିଫିକେଟ୍ ଦେଇଥିଲେ।ଏଥିରେ ଅବଶ୍ୟ କିଛି ବିଚିତ୍ରତା ନାହିଁ ଯେହେତୁ ଯାହା ଘରେ କୁଣିଆ ହେବ ଶିଷ୍ଟତା ରକ୍ଷା କରି ତାହାକୁ ଦୁଇ ପଦ ପ୍ରଶଂସା କରିବା କଥା। ତେବେ ମଙ୍ଗରାଜେ ଛିଡାହୋଇ ଯେଉଁ ସାର୍ଟିଫିକେଟ୍ ଦେଇଥିଲେ,ବସି ପଡି ଠିକ୍ ତାର ଓଲଟା ଖୋଞ୍ଚା କଥା କହୁଥିଲେ ବୋଲି ଶୁଣାଗଲା। ଆମ୍ଭେମାନେ ଜାଣୁ ଆମନ୍ତ୍ରିତ ବ୍ୟକ୍ତିମାନେ କିଏ କିପରି;ଏହା ପରସ୍ପରରେ ଖୁବ୍ ଭଲ ଜାଣନ୍ତି। ଗୋପନରେ ପଚାରିଲେ ସେମାନେ ଅକପଟରେ ସତ୍ୟ କହନ୍ତି,କିନ୍ତୁ ବାହାର ଦେଖାଣକୁ ଯେତେ ଛଇ। ସାର୍ଟିଫିକେଟ୍ ପାଇଁ ମିଶ୍ର ବଡ ଆନନ୍ଦ ଭାବ ଦେଖାଉଅଛନ୍ତି। ଏହାଶୁଣି ଆମ୍ଭମାନଙ୍କର ସେହି ଭୁତକୁ ନଡରିବା



Source: Author, Digitized by PPRACHIN, SOA

ବାଳକ କଥା ମନେ ପଡି ଯାଉଛି। ଆମ୍ଭେମାନେ କହୁ ଯାହାର ପ୍ରକୃତ ଅନ୍ତର୍ନିହିତ ମହତ୍ତ୍ୱ ଅଛି ସେ ପରଠାରୁ ସାର୍ଟିଫିକେଟ୍ ଲୋଡିବ ନାହିଁ। ପରଠାରୁ ବାହାବା ଆଶା କରିବ ନାହିଁ। ଶ୍ରୀ ଗୋବିନ୍ଦ ମିଶ୍ର ଯଦି ନିଜ ଛାତିରେ ହାତ ଦେଇ ଏତକ ଆପଣା ବିବେକକୁ ବୋଧ ଦେଇପାରନ୍ତି ତେବେ ଆମ୍ଭେମାନେ ଅଧିକ କିଛି କହିବୁ ନାହିଁ। ତାଙ୍କ ପରି ଲୋକର ସମାଲୋଚନା କରିବା ଆମ୍ଭମାନଙ୍କର ଇଚ୍ଛା ବିରୁଦ୍ଧ। କେବଳ ସାଧାରଣ ଅନୁଷ୍ଠାନ ସହିତ ସେ ଜଡିତ ବୋଲି ଆମ୍ଭେମାନେ ପ୍ରକୃତ ବନ୍ଧୁ ଭାବରେ ତାଙ୍କୁ ଅପ୍ରିୟ ସତ୍ୟ କହିଥାଉଁ।''

ମେ ୨୯ ୧୯୩୪ରେ ଦେଶକଥାରେ ଚମ୍ପାପୁର ଆଶ୍ରମ ଶୀର୍ଷକ ଲେଖାରେ ଗୋବିନ୍ଦ ମିଶ୍ରଙ୍କୁ କଠୋର ସମାଲୋଚନା କରାଯାଇଥିଲା। ସେଥିରେ ପ୍ରକାଶ କରାଯାଇଥିଲା-"ବମ୍ବେଇ ଆଡୁ ମହାତ୍ମାଙ୍କ ନାମ ମହିମାରେ ଚାନ୍ଦା ସଂଗ୍ରହ କରି ଗୋବିନ୍ଦ ଚନ୍ଦ୍ର ମିଶ୍ର ନାମକ ଜଣେ ଓଡ଼ିଆ ଯୁବକ ଛତିଆବଟ ପାଖ ଚମ୍ପାପୁର ଠାରେ ଏକ ମସ୍ତବଡ କୋଠା ଓ ଜମିଜମା କରିବା କଥା ପାଠକମାନଙ୍କୁ ଜଣାଅଛି। ମିଶ୍ରେ ଏହି କୋଠାବାଡିକୁ ଗାନ୍ଧି ସେବାଶ୍ରମ ନାମ ଦେଇଅଛନ୍ତି।ଏହାର ଧାରାବାହିକ ହିସାବପତ୍ର ବାହାରୁ ନଥିବାରୁ ଦେଶକଥାରେ ସେଥିପାଇଁ ସମାଲୋଚନା ହୋଇଥିଲା। ମିଶ୍ରେ ରାଗିଯାଇ ତାହା ନିଜ ସମ୍ପତ୍ତି ବୋଲି ଚୌଧୁରୀ ବଜାର ପାଖରେ ଦମ୍ଭକରି କହୁଥିଲେ। ସେ ଯାହା ହେଉ ତାହାପରେ ଯେତେ ସାଙ୍ଗ,ବନ୍ଧୁ,ସଖା ସୋଦର ସମସ୍ତଙ୍କୁ ଦିନେ ମିଶ୍ରେ ଚମ୍ପାପୁର ଡାକିନେଇ ବାର୍ଷିକ ସଭା ବିଡମ୍ବନାରେ ଦିବ୍ୟଭୁରି ଭୋଜନର ବ୍ୟବସ୍ଥା କରିଥିଲେ। ଆମ ଓପ୍ରୋଧ ମିଛୁଆ ନେତାମାନେ ମଧ୍ୟ ମିଶ୍ରଙ୍କ ଗୁଣ ଗାଇ ଭୋଜି ଖାଇ ଘରକୁ ଫେରିଥିଲେ। ମିଶ୍ରେ ଭାବିଥିଲେ ବାଜିମାତ କରିଅଛନ୍ତି। ତାହାପରେ ମହାତ୍ମାଗାନ୍ଧିଙ୍କୁ ନିଜ ଆଶ୍ରମକୁ ନେଇ ଯିବା ପାଇଁ ଜିଦ୍ କଲେ। ସରଳତାର ଅବତାର ଏବଂ ପବିତ୍ରତାର ଜୀବନ୍ତ ମୂର୍ତ୍ତି ମହାତ୍ମା ନିଜର ଅନୁଗତଙ୍କର ଅଳି କାଟିନପାରି ଗଞ୍ଜାମ ପରି ଜିଲ୍ଲାର ଗସ୍ତ ବନ୍ଦ କରି ଚମ୍ପାପୁରଠାରେ ଦୁଇଦିନ ରହିଲେ। ମାତ୍ର ଯାହା ଦେଖିଲେ ସେଥିରେ ଗଭୀର ଦୁଃଖ ପ୍ରକାଶ କରିଅଛନ୍ତି। ମହାତ୍ମାଗାନ୍ଧି ଭିନ୍ନଭିନ୍ନ ଲୋକ ଲଗାଇ ଆଶ୍ରମର ହିସାବପତ୍ର,ଡାକ୍ତରଖାନା,ଗୋଶାଳା,ତନ୍ତଶାଳା,ବାଡିବଗିଚାସବୁ ଦେଖିଅଛନ୍ତି ଏବଂ ସବୁଥିରେ ବିରକ୍ତ ହୋଇ ୪୫ ମିନିଟ୍ ଧରି ଗୋବିନ୍ଦ ମିଶ୍ରଙ୍କୁ ବକାବକି କରିଅଛନ୍ତି। ଏହାଛଡା ଅନ୍ୟକେତେକ ବିଷୟ ଗୋପବାବୁଙ୍କୁ ତଦନ୍ତ କରିବାକୁ ଦେଇଅଛନ୍ତି। ଗୋପବାବୁ ପୂର୍ବୋକ୍ତ ଭୋଜି ବେଳେ ଉପସ୍ଥିତ ଥିଲେ ବୋଲି ଏବଂ ଅତି ଓପ୍ରୋଧିଆ



Source: Author, Digitized by PPRACHIN, SOA

ସ୍ୱଭାବ ଲୋକ ଥିବାରୁ ନିଜେ ଯାହା ଜାଣନ୍ତି ଓ ଶୁଣିଛନ୍ତି କହିଲେ ନାହିଁ। ନୋହିଲେ ଆହୁରି କଣ ହୋଇଥାଆନ୍ତା। ଆମ୍ଭେମାନେ ମହାତ୍ମାଜୀ କଥାର ମୋଟାମୋଟି ସାରାଂଶ ନିମ୍ନରେ ଦେଉ। ଉକ୍ତ ବାର୍ଷିକ ଉତ୍ସବର ଭୋଜି ଯେ ଏକ ମସ୍ତବଡ ଅପବ୍ୟୟ ଏ କଥା କେବଳ ମାତ୍ର ଦେଶକଥା ନିର୍ଦ୍ଦେଶ କରିଥିଲା। କିନ୍ତୁ ଅନ୍ୟ ସମ୍ବାଦପତ୍ର ଯାହାର ଖାଇ ତାହାର ଗାଇ ନୀତିରେ ଗୋବିନ୍ଦ ଗୁଣ ଗୁଣି ସାମୟିକ ନିସ୍ତରି ଥିଲେ।

ମହାତ୍ମାଜୀ ଗୋବିନ୍ଦ ମିଶ୍ରଙ୍କ ଆଶ୍ରମରେ ଯାହା ଯାହା ଦେଖି ଯେଉଁ ମତ ଦେଲେ ତାହା ସଂକ୍ଷେପରେ ଏହି-ବଲଣୀ ଦେଖି କହିଲେ ତୁମ୍ଭେ କେହି ସୂତା କାଟ ନାହିଁ କି ତୁଳା ଭିଣ ନାହିଁ। ଏ ବଲଣୀରେ ତ କାଠିକୁଟା ପର୍ଯ୍ୟନ୍ତ ଅଛି। ସ୍ଥାନୀୟ କଟାଳୀ ବୁଣାଳୀ କେହି ନାହାନ୍ତି।

ଡାକ୍ତରଖାନା-ଏହାର ଆବଶ୍ୟକତା ମୋଟେ ନାହିଁ। ସବୁ ବିଦେଶୀ ଔଷଧ,ଚେରମୂଳ ଛାଡି ଏହା କାହିଁକି କଲ। ରୋଗ ନିବାରଣ ଉପାୟ ଲୋକଙ୍କୁ ଶିକ୍ଷା ଦେବାରେ ଏହା ସାହାଯ୍ୟ ନକରି ମିଥ୍ୟା ରୋଗ ସୃଷ୍ଟି କରିବ ଏବଂ ଯଥେଷ୍ଟ ଔଷଧ ଅଭାବରୁ ରୋଗ ମଧ୍ୟ ଭଲ ହେବ ନାହିଁ।

ଘର-ଏତେ ବଡ କୋଠାଘର କରି ଅର୍ଥ ଅପବ୍ୟୟ ଛଡା ଆଉ କିଛି ହୋଇନାହିଁ।ଏଣିକି ଏହା ଭାଙ୍ଗି ଦିଅ କୁଡିଆରେ ରହି କାମ କର।

ବଗିଚା-ଏତେ ଗୁଡାଏ ଜମି ଚାଷ କରିବାର ଶକ୍ତି ନଥିବାରୁ ବୃଥାକୁ ପକାଇ ରଖିଛ କାହିଁକି ? ଏଥିରେ କିଛି ଲାଭ ନାହିଁ।

ହିସାବପତ୍ର ଦେଖି କହିଲେ ବହୁତ ଅପବ୍ୟୟ କରିଛ। ମୋ ନାମରେ ଏତେ ଟଙ୍କା ଆଣି ଉଜାଡି ଦେଇଛ। ମୋ ସାଙ୍ଗରେ ଧୋକାବାଜୀ କରିଛ। ବାର୍ଷିକ ଉତ୍ସବ ଖର୍ଚ୍ଚ ଅଯଥା ହୋଇଛି। ଗୋବିନ୍ଦ ମିଶ୍ର ଉତ୍ତର ଦେଇଥିଲେ ମୋତେ ଭଲ କର୍ମୀ ମିଳିଲା ନାହିଁ। ମୁଁ ତିନି ବର୍ଷ ଛାଡି ଚାଲି ଯାଇଥିଲି।ଏ ଉତ୍ତର ଠିକ୍ କରି ନଜାଣି ହତିଆର ଦୋଷ ପରି ଯୁକ୍ତିଯୁକ୍ତ କର୍ମୀମାନେ ଯେଉଁ ଲୀଳା ଦେଖାନ୍ତି ଭଲ ହେବେ କିପରି ?

ମହାତ୍ମାଜୀ କହିଲେ କର୍ମୀ ନମିଳିଲାତ ଆଶ୍ରମ ଭାଙ୍ଗି ଦେଲ ନାହିଁ। ରାମଚନ୍ଦ୍ର ୧୪ ବର୍ଷ ବନକୁ ଗଲେ ଭରତ ପୁଣି ତ କାମ ଚଳାଇଲେ। ମୁଁ କଟକରୁ ଗସ୍ତ ନକରି ଏଠାରୁ ଆରମ୍ଭ କରିଥିଲି ଏଇଆ ସବୁ ଦେଖିବାକୁ।ଏଥିପାଇଁ ମୋ ମନରେ ଗଭୀର ଦୁଃଖ। ତୁମର କାମ କରିବା ଇଚ୍ଛା ଥିଲେ ଏସବୁ କୋଠାବାଡି ଭାଙ୍ଗି ଆଳୀକୁ ଯାଇ ଜନସେବା କର। ଗାଳିଦେଲାବେଳେ ମହାତ୍ମାଜୀଙ୍କର ଆଶ୍ରମ ଗୋଶାଳା କିମ୍ବା ତନ୍ତଶାଳା



Source: Author, Digitized by PPRACHIN, SOA

କଥା ସ୍ମରଣରେ ନଥିଲା ନଚେତ୍ ଆହୁରି କାଣ୍ଡେ ଦେଇଥାଆନ୍ତେ,ଯେହେତୁ ତନ୍ତଶାଳାରେ ତନ୍ତ ନାହିଁ ଏବଂ ଗୋଶାଳାରେ ଦେଢଟା ଗୋରୁ ଅଛନ୍ତି।

ଗୋବିନ୍ଦ ମିଶ୍ରେ ଏହି ସବୁ ଶୁଣି ଭାରି ମନ ଦୁଃଖରେ ଅଛନ୍ତି। କବାଟ ଲଗାଇ ପଣ୍ଡିତ ନୀଳକଣ୍ଠ ଦାସ ସହିତ ବହୁତ ବେଳ ଯାଏ ଗୁପ୍ତ ମନ୍ତ୍ରଣା କରିଥିଲେ। ଚାଟୁ ବୋଲି ଜଣେ ଯୁବକ କଥାଟା ପ୍ରକାଶ କରିଦେଲେ ବୋଲି ଭାବି ମନେମନେ ଭାରି ବିରକ୍ତ ହେଉଥିଲେ।ଏହାପରେ ଗାନ୍ଧିଜୀଙ୍କ ସମ୍ମୁଖକୁ ତିନି ଚାରି ଦିନ ଗଲେ ନାହିଁ। ପୁଣି ଯାଇ କେନ୍ଦୁପାଟଣାରେ ମିଳିଥିଲେ କିନ୍ତୁ ଦେଖା କରିନାହାନ୍ତି। ନୀରନାମକ ନିଜର ଜଣେ ଲୋକକୁ କିଏ କେଉଁଠି ତାଙ୍କ କଥା କଣ କହୁଛି ସନ୍ଧାନ ନେବାକୁ ଲଗାଇଅଛନ୍ତି। ଶୁଣାଯାଉଛି ଯେ ପରେ ବାଲେଶ୍ୱର ଜିଲାରେ ମହାତ୍ମାଙ୍କ ସହିତ ସାକ୍ଷାତ କରି କି କର୍ମ କରିବେ ତାହା ପରାର୍ମଶ ନେବେ। ମିଶ୍ରେ ଭାବିଛନ୍ତି ମହାତ୍ମା କର୍ମକୁଶଳତାରେ ତାଙ୍କ ଦୋଷାଦୋଷ ଭୁଲିଯିବେ,ମାତ୍ର ଏ ଆଶା ବୈତରଣୀ ନଦୀ ନୁହେଁ କି ?"

ଜୁଲାଇ ୩, ୧୯୩୪ରେ ଦେଶକଥାରେ ପୁଣି ଗୋବିନ୍ଦ ମିଶ୍ରଙ୍କ ଆଶ୍ରମ କଥା ପ୍ରକାଶ ପାଇଥିଲା। ସେଥିରେ କୁହାଯାଇଥିଲା-"ଚମ୍ପାପୁରିଆ ଗୋବିନ୍ଦ ମିଶ୍ରଙ୍କୁ ମହାତ୍ମାଗାନ୍ଧି ୪୦ ମିନିଟ୍ ଧରି ଯେଉଁ ଗାଳି ଦେଇଥିଲେ ତାହାର ବହୁ ଶ୍ରୋତା ଥିଲେ। ସେ କଥାଟାକୁ ଲୁଚାଇବାକୁ ଚେଷ୍ଟା କଲେ ସୁଦ୍ଧା ମିଶ୍ରେ ପାରିଲେ ନାହିଁ। ଦେଶକଥାରେ ତାହାହିଁ ବାହାରିଲା। କଥାର ଅଭ୍ରାନ୍ତତ୍ୱ ସମନ୍ଧେ ଅଣୁମାତ୍ର ପ୍ରଶ୍ନ ଉଠିନପାରେ। ମିଶ୍ରେ ମଧ୍ୟ ପ୍ରଥମେ ସେ କଥା ବାହାରିଲା ବେଳେ ମୁହଁ ଫିଟାଇବାକୁ ସାହାସ କରିନଥିଲେ। ବର୍ତ୍ତମାନ ମହାତ୍ମାଜୀ ଉତ୍କଳରୁ ଫେରିଯିବାରୁ ତାଙ୍କର ସାହସ ହୋଇଛି। ତେଣୁ ସେ କେତେ ଯାଗାରେ ଉକ୍ତ ଗାଳି ଖାଇବା ମିଛ ବୋଲି କହୁଛନ୍ତି। ଆମ୍ଭେମାନେ ତାଙ୍କୁ ଏଥିପାଇଁ ଚାଲେଞ୍ଜ କରୁ। ସେ ଦେଶକଥାର ଉକ୍ତି ମିଥ୍ୟା ବୋଲି ପ୍ରମାଣି କରନ୍ତୁ। ଦେଖିବେ ବାସ୍ତବ ସତ୍ୟ କିପରି ନିରାଟ କଠୋର ହୋଇ ବାହାରିବ।ଏହା ପ୍ରମାଣ କରିବାକୁ ମିଶ୍ରେ ଯେ କୌଣସି ବୈଧ ଉପାୟ ଅବଲମ୍ବନ କରୁନ୍ତୁ ଆମ୍ଭେମାନେ ସେଥିକୁ ରାଜିଅଛୁ। ନିର୍ଦ୍ଦୋଷ ଓ ଅନାବିଳ ଚରିତ୍ର କର୍ମୀ ଓଡ଼ିଶାରେ ମିଳିବା କଷ୍ଟକର। ମିଶ୍ରଙ୍କର ନାନା ରକମର ନିନ୍ଦନୀୟ ତୃଟି ଥିଲେ ହେଁ ସେ ଭୀଷଣ ପରିଶ୍ରମ କରିପାରନ୍ତି ବୋଲି ଜାଣୁ।ଏଣୁ ଆମ୍ଭେମାନେ ତାଙ୍କୁ ତାଙ୍କର ଏହି ଦୋଷ ସବୁ ଦେଖାଇ ସଂଶୋଧନ କରିବାକୁ ଚେଷ୍ଟା କରିଛୁ। ସେ ଯଦି ନିଜର ଦୋଷ ସଂଶୋଧନ ନକରନ୍ତି ତେବେ ସାଧାରଣ କର୍ମକ୍ଷେତ୍ରରେ ବେଶୀ ଦିନ ଟେକି ପାରିବେ ନାହିଁଏହା ଆମ୍ଭମାନଙ୍କର ବିଶ୍ୱାସ। ସାମାନ୍ୟ ଦୁର୍ବଳତାକୁ ମିଶ୍ରେ ଦମନ କରିନପାରି



Source: Author, Digitized by PPRACHIN, SOA

ଓଲଟା ଦମ୍ଭ କରିବା ଶୁଣିଲେ ଆମକୁ ହସ ବି ମାଡେ। କରୁଣା ବି ହୁଏ ଏବଂ ଦୁଃଖ ମଧ୍ୟ ଅନୁଭୂତ ହୁଏ"।

ଏହିପରି ପତ୍ର ଉପରେ ଗୋବିନ୍ଦ ମିଶ୍ର ମନ୍ତବ୍ୟ ଦେଇ ଦେଶକଥାରେ ୧୭ ଜୁଲାଇ ୧୯୩୪ରେ ଲେଖିଥିଲେ। ସେଥିରେ ସେ ସ୍ପଷ୍ଟ ଭାବରେ କହିଥିଲେ-"ଅତ୍ୟନ୍ତ ଦୁଃଖର ବିଷୟ ଆପଣ ଦେଶକଥାରେ ମନଇଚ୍ଛା କେତେଗୁଡ଼ିଏ ଆବର୍ଜନାପୂର୍ଣ୍ଣ ଲେଖା ଅତ୍ୟନ୍ତ ଅଭଦ୍ର ଭାଷାରେ ଲେଖି ଛପାଇ ଯାଉଅଛନ୍ତି। ମୁଁ ଜେଲରୁ ଆସିଲା ଦିନୁ ମୋ ବିରୁଦ୍ଧରେ ଏହିପରି ଅନେକ ବାର ଆପଣଙ୍କ କାଗଜରେ ଲେଖାଛପା ହୋଇଅଛି।ଏଭଳି ଲେଖା ବାହାର କରିବାର ଉଦ୍ଦେଶ୍ୟ କଣ ତାହାର ଲେଖକଙ୍କୁ ଗୋଚର। କିଏ କଅଣ ତାହା ଚିହ୍ନାଇ ଦେବାକୁ ଯଦି ଲେଖକଙ୍କର ଉଦ୍ଦେଶ୍ୟ ହୋଇଥାଏ ତେବେ ଦେଶର ଲୋକେ ଆପଣଙ୍କର ଲେଖା ଦ୍ୱାରା ଲୋକ ଚିହ୍ନିବାକୁ କଦାପି ଆକାଂକ୍ଷିତ ନୁହନ୍ତି ବୋଲି ମୋର ବିଶ୍ୱାସ। ସମ୍ବାଦପତ୍ରର ଗାରିମା ଅଛି,ମହତ୍ତ୍ୱ ଅଛି,ଭଦ୍ରତା ଅଛି ଏବଂ ସାମ୍ବାଦିକ ରୀତି ନୀତିର ସୀମା ମଧ୍ୟ ଅଛି। କିନ୍ତୁ ଆପଣଙ୍କର କାଗଜ ଏ ସବୁର ସୀମା ଅତିକ୍ରମ କରିଅଛି। ସେ ଯାହାହେଉ ମହାତ୍ମାଗାନ୍ଧି ମତେ କେତେ ଘଣ୍ଟା ଓ କେତେ ମିନିଟ୍ ଧରି ଗାଳି ଦେଇଛନ୍ତି ଏହାର ସତ୍ୟ ମିଥ୍ୟା ଓ ଅନ୍ୟାନ୍ୟ କେତେକ ଘଟଣାର ସତ୍ୟ ମିଥ୍ୟା ଯେ କୌଣସି ବୈଧ ଉପାୟରେ ପ୍ରମାଣ କରିବା ପାଇଁ ଆପଣଙ୍କ ପତ୍ରିକାରେ ମୋତେ ଚାଲେଞ୍ଜ କରାଯାଇଅଛି। ଆପଣଙ୍କ ଲେଖାର ପ୍ରତିବାଦ କରିବାର ଅର୍ଥ ଆପଣଙ୍କ କାଗଜକୁ ଗୋଟାଏ ମହତ୍ତ୍ୱ ଦେବା। ପୁଣି ଆପଣଙ୍କ କାଗଜର ଲେଖାକୁ ନେଇ ନିଜର ସତ୍ୟତା ଓ ସାଧୁତା ଦେଶବାସୀଙ୍କ ଆଗରେ ପ୍ରମାଣ କରିବା ପାଇଁ ଇଂରାଜୀ ଅଦାଲତରେ ଆଶ୍ରୟ ନେବା ବହୁ ଦୂରର କଥା। ତେବେ ମୁଁ ଆପଣଙ୍କୁ ଏତିକି କହିପାରେ ଯେ ମୁଁ ମନୁଷ୍ୟ,ମୋର କାର୍ଯ୍ୟକଳାପ ସମସ୍ତ ନିର୍ଦ୍ଦୋଷ ଏହା ମୁଁ କହିନପାରେ। ମୁଁ ମୋର ସୀମା ବୁଝି ସବୁବେଳେ କାର୍ଯ୍ୟ କରିବାକୁ ଚେଷ୍ଟା କରିଛି। ମୋର କାର୍ଯ୍ୟ ଅଥବା ବାକ୍ୟରେ ଯଦି କେଉଁଠାରେ ତୃଟି କାହାକୁ ଦେଖାଗଲା ତାହା ସଂଶୋଧନ କରିବାର ଉପାୟ ଆପଣଙ୍କର କାଗଜରେ ଅବଲମ୍ବିତ ପ୍ରଥା ନୁହେଁ। ମହାତ୍ମାଗାନ୍ଧି ମତେ କଣ କହିଲେ ସେଥିରେ ଜନସାଧାରଣଙ୍କର କଣ କହିବାର ଅଛି। ମହାତ୍ମାଙ୍କ ସହିତ ମୋର ବ୍ୟକ୍ତିଗତ ସମ୍ବନ୍ଧ। ମୋ ଉପରେ ତାହାଙ୍କର ଯେଉଁ ଅଧିକାର ଅଛି ଏବଂ ମୋ ସହିତ ତାହାଙ୍କର ଯେଉଁ ସମ୍ବନ୍ଧ ସେଥିରେ ମତେ କେତେବେଳେ ସେ କଣ କହିଲେ ତାହାର ସତ୍ୟାସତ୍ୟ ଅନୁସନ୍ଧାନ ନକରି ଆପଣଙ୍କ କାଗଜରେ ଅସତ୍ୟପୂର୍ଣ୍ଣ ଖାମଖିଆଲି ଲେଖା ବାହାରୁଛି।



Source: Author, Digitized by PPRACHIN, SOA

ମୋ ବିରୁଦ୍ଧରେ ଏବଂ ମୋ ଦ୍ୱାରା ପ୍ରତିଷ୍ଠିତ ଗାନ୍ଧି ସେବାଶ୍ରମ ବିରୁଦ୍ଧରେ ଆପଣଙ୍କ କାଗଜରେ ପ୍ରକାଶିତ କେତେଗୁଡିଏ ଲେଖା ଆପଣଙ୍କ କାଗଜରୁ ଛିଣ୍ଡାଇ ଲାଲା ନଗେନ୍ଦ୍ର କୁମାର ରାୟ ନାମକଜନୈକ ଭଦ୍ରବ୍ୟକ୍ତି ସେହି ଗୁଡିକ ଗ୍ରନ୍ଥି ଗାନ୍ଧିଜୀଙ୍କ ନିକଟକୁ ଖଣ୍ଡିଏ ପତ୍ର ଲେଖିଥିଲେ। ଗାନ୍ଧିଜୀ ନିଜେ ମତେ ଉକ୍ତ ପତ୍ର ବିଷୟ ଜଣାଇଅଛନ୍ତି। ମୋ ବିରୁଦ୍ଧରେ ଏ ତୁମୂଳ ଅଭିଯାନ କାହିଁକି ?ମୁଁ ଭୀଷଣ ପରିଶ୍ରମ କରିପାରେ ବୋଲି ଆପଣଙ୍କ କାଗଜରେ ମତେ ଯେଉଁ ପ୍ରଶଂସା କରିଅଛନ୍ତି ସେଥିପାଇଁ ମୁଁ ଆପଣଙ୍କୁ ଅନ୍ତରର ଧନ୍ୟବାଦ ଅର୍ପଣ କରୁଅଛି। ଆପଣଙ୍କ କାଗଜରେ ପ୍ରକାଶିତ ଲେଖା ଦ୍ୱାରା ରାଗି ଯାଇ ନିଜର ବଡିମା ନଦେଖାଇ ନିଜକୁ ସଂଶୋଧନ କରିବା ଉଚିତ। ତାହା ନହେଲେ ଦେଶ କାର୍ଯ୍ୟରୁ ମୋତେ ବିଦାୟ ନେବାକୁ ପଡିବ। ଦେଶକାର୍ଯ୍ୟ କରିବା କାହାରି ଦୟା ଅଥବା ବିରାଗ ଉପରେ ନିର୍ଭର କରେ ନାହିଁ। ଯେ ଯେମିତି ପରିମାଣରେ ସ୍ୱାର୍ଥତ୍ୟାଗ କରିବାକୁ ପ୍ରସ୍ତୁତ,ସେ ସେତିକି ପରିମାଣରେ ବର୍ତ୍ତମାନ ଦେଶର ସେବା କରିପାରିବ। ମୁଁ ଯଦି ନିଜର ଜୀବନକୁ ହାତମୁଠାରେ ଧରି ଏବଂ କୌଣସି ପ୍ରକାର ସ୍ୱାର୍ଥସିଦ୍ଧିର ଦୂରଭିସନ୍ଧି ନରଖି ସରଳ ପ୍ରାଣରେ ଦେଶର ଦରିଦ୍ର ଓ ନିଃସହାୟ ଲୋକଙ୍କର ସେବା କରିବାକୁ ପ୍ରସ୍ତୁତ ଥାଏ,ତେବେ ସେଥିରୁ ବଞ୍ଚିତ କରିବାର ଶକ୍ତି ଏ ଦୁନିଆରେ କାହାରି ନାହିଁ। ମୁଁ ଜାଣେ ଏବଂ ସମସ୍ତେ ମଧ୍ୟ ଜାଣନ୍ତି ଆମ ଦେଶରେ କେହି କିଛି କରିବେ ନାହିଁ। ଏବଂ କେହି କିଛି କଲେ ତାହା ଭାଙ୍ଗିବାକୁ ଶତ ସହସ୍ର ବାଧା ଦେବେ। ସୁତରାଂ ମୋ ପରି ଜଣେ ନଗଣ୍ୟ ଏଥିରୁ ବଞ୍ଚିତ ହେବ କିପରି ?

ଆପଣଙ୍କ କାଗଜରେ ମୋ ବିରୁଦ୍ଧରେ ଯେପରି ଭାବରେ ଅଭିଯାନ ଚାଲିଛି ତାହାଦ୍ୱାରା ମୋ ପ୍ରତି ଘୋର ଅନ୍ୟାୟ କରାହେଉଅଛି। କେବଳ ମାତ୍ର ଏତିକି କହି ବିଦାୟ ନେଉଛି।"

ଗୋବିନ୍ଦ ମିଶ୍ରଙ୍କର ଏହି ପତ୍ର ସହିତ ଏହାର ଆଲୋଚନା ଦେଶକଥାର ଜୁଲାଇ ୧୭ ୧୯୩୪ ସଂଖ୍ୟାରେ ପ୍ରକାଶ ପାଇଥିଲା। ସେଥିରେ କୁହାଯାଇଥିଲା-"ମହାତ୍ମାଗାନ୍ଧିଙ୍କ ନାମରେ ଭିକ୍ଷା କରି ଗୋବିନ୍ଦ ମିଶ୍ର ନାମକ ଯେଉଁ ଜଣକ ଚମ୍ପାପୁର ଠାରେ ଆଡା କରିଥିଲେ ପାଠକ ତାଙ୍କ କଥା ଭୁଲିନଥିବେ। ଦେଶକଥା ଲେଖାରେ ସେ ଉତ୍ୟକ୍ତ ଅତିଷ୍ଠ ହୋଇ ନାନା ସ୍ଥାନରେ ନାନା କଥା କହିଥିଲେ ବୋଲି ଆମ୍ଭେମାନେ ତାଙ୍କୁ ଚାଲେଞ୍ଜ କରିଥିଲୁ। ମିଶ୍ରେ ସେ ଚାଲେଞ୍ଜ ଗ୍ରହଣ କରିନାହାନ୍ତି କିନ୍ତୁ ଖଣ୍ଡିଏ ପତ୍ର ଲେଖି ଦେଶକଥା ସମ୍ପାଦକଙ୍କୁ ଗାଳି ଦେଇ ଛପାଇବାକୁ ଅନୁରୋଧ କରିଛନ୍ତି। ମିଶ୍ରଙ୍କର ପତ୍ରଟି ଅତି ଦୀର୍ଘ ହେଲେହେଁ ଆମ୍ଭେମାନେ ପ୍ରତିପକ୍ଷର ପ୍ରତିବାଦ ପ୍ରତି ଉପେକ୍ଷା ପ୍ରଦର୍ଶନ ନକରି ସ୍ଥାନାନ୍ତରେ



Source: Author, Digitized by PPRACHIN, SOA

ପ୍ରକାଶ କଲୁଁ। ଦେଶକଥା ଗୋବିନ୍ଦ ମିଶ୍ରଙ୍କ ସମ୍ବନ୍ଧରେ ଯେଉଁ ଆଲୋଚନା କରିଛି ଏବଂ ଆଜି ସୁଦ୍ଧା ତାହା ପ୍ରମାଣ କରିବାକୁ ପ୍ରସ୍ତୁତ ଅଛି,ଗୋବିନ୍ଦ ମିଶ୍ରେ କିନ୍ତୁ ନିଜ ତୁଣ୍ଡରେ ନିଜ ଗୁଣଗାରିମା ଗାଇବାକୁ ଯାଇ ଦେଶକଥା ଅଭିଯୋଗକୁ ଅପ୍ରମାଣ କରିନାହାନ୍ତି,କରିଛନ୍ତି କେବଳ ସମ୍ପାଦକ ଏବଂ ସମ୍ବାଦପତ୍ରକୁ ମନ ଇଚ୍ଛା ଅଶିଷ୍ଟ ଭାଷାରେ ଗାଳି ବର୍ଷଣରେ। ଯୁକ୍ତି ଏବଂ ସତ୍ୟର ପ୍ରତ୍ୟୁତରରେ ଗାଳି ଦେବା ନିଜର ଦୁର୍ବଳତା ପ୍ରତିପନ୍ନ କରେ। ଆମ୍ଭେମାନେ ମିଶ୍ରଙ୍କ ସମ୍ବନ୍ଧରେ ଯାହା ଆଲୋଚନା କରିଅଛୁଁ,ସେ ସବୁ ନିରାଟ ସତ୍ୟର ଅଂଶ ମାତ୍ର। କାରଣ ସବୁ କଥାକୁ ପ୍ରାଞ୍ଜଳ ଭାବରେ ବୁଝିବାକୁ ଗଲେ ଯେଉଁ ଭାଷା ଆବଶ୍ୟକ ହେବ ସେ ଭାଷା ଆମ୍ଭେମାନେ ଶିଖିନାହୁଁ। ତେବେ କଟକ ବାଲୁବଜାର ପାଖ ଏକ ବିଶେଷ ଗଳି ଭିତରେ ସେ ଭଳି ଭାଷା ଚର୍ଚ୍ଚା ହୁଏ ବୋଲି ଆମ୍ଭେମାନେ ଶୁଣୁଁ। ସେ ଯାହାହେଉ ଆମ୍ଭେମାନେ ମିଶ୍ରଙ୍କର ପତ୍ର ପ୍ରକାଶ କଲୁ। କେବଳ ଏଥିରେ ଯେତେଗୁଡିଏ ଯୁକ୍ତିହୀନ ଅବାନ୍ତରତା ଥିଲା ସେହି ଅଂଶ ତକ ବାଦ୍ ଦେଇଛୁ,ତଥାପି ମିଶ୍ରଙ୍କ ଉଦ୍ଦେଶ୍ୟ କ୍ଷୁର୍ଣ୍ଣ କରାଇନାହୁଁ। ଆବଶ୍ୟକ ପଡିଲେ ଏହାର ବିସ୍ତାରିତ ସମାଲୋଚନା ପରେ କରିବୁ। ଗୋବିନ୍ଦ ମିଶ୍ରଙ୍କ ଦୋଷ କେଉଁଠି ଓ କାହିଁକି ସେ ନିଜେ ଜାଣନ୍ତି। ଦେଶକଥା ଶତ ଲେଖୁଛି କି ନାହିଁ ଏହା ମଧ ମର୍ମେ ମର୍ମେ ବୁଝନ୍ତି। ଯାହା ବୁଝିବାର ବାକିଥିଲା ତାହା ହାତଦେଖା ଜ୍ୟୋତିଷଠାରୁ ଆରମ୍ଭ କରି ରାଣିହାଟର ବରଜୁବାବୁଙ୍କ ବହିଦୋକାନ ଯାଏ ସବୁଠାରୁ କଳନା କରି ନେଇଅଛନ୍ତି। ଆଶ୍ରମ ଭାଙ୍ଗିବାକୁ ଯାଉଁ ଯାଉଁ ମିଶ୍ରେ ଯେ କାହିଁକି ପୁଣି ଚମ୍ପାପୁର ଆଶ୍ରମ ଘର ସଫେଇତି ଆରମ୍ଭ କରିଛନ୍ତି ତାହାର ତାତ୍ପର୍ଯ୍ୟ ଗୋପବନ୍ଧୁ ଚୌଧୁରୀ ଏବଂ ଶ୍ରୀମତୀ ରମାଦେବୀଙ୍କ ଠାରୁ ଆରମ୍ଭ କରି ଅନେକ ଲୋକଙ୍କୁ ଜଣା। ଏ ସବୁ ପ୍ରକାଶ କରି ଦେଶକଥା ମିଶ୍ରଙ୍କର ବନ୍ଧୁର କାର୍ଯ୍ୟ କରିଛି। ଅହମେଦାବାଦ ସତ୍ୟାଗ୍ରହ ଆଶ୍ରମରେ ବର୍ଦ୍ଧିତ ଗୋବିନ୍ଦ ଚନ୍ଦ୍ର ମିଶ୍ରେ ଯଦି ଏହି ସତ୍ୟର ମର୍ଯ୍ୟାଦା ନବୁଝନ୍ତି ତେବେ ଦୀପ ତଳେ ଅନ୍ଧାର ହୁଏ ବୋଲି ପ୍ରବାଦ ମନେ କରି ଆମ୍ଭେମାନେ ନାଚାର। ମାତ୍ର ଜାଣିଶୁଣି ସେ ଯେଉଁ କେବଳ ଔଷଧ ରାଗରେ ତାଟିଆ କାମୁଡି ଜଟା ଛିଣ୍ଡାଇଲା ପରି ଭାବ ଦେଖାଇଛନ୍ତି,ଏତିକିରୁ ଦେଶକଥାର ଉଦ୍ଦେଶ୍ୟ ସିଦ୍ଧିପଥରେ ଯାଉଛି ବୋଲି ପ୍ରମାଣିତ ହୁଏ। ଗୋବିନ୍ଦ ମିଶ୍ରଙ୍କର ସମାଲୋଚନା କରି ଦୋଷ ଦେଖାଇଲେ ମଧ ଆମ୍ଭେମାନେ ବରାବର ତାଙ୍କୁ ସଂଶୋଧନ କରାଇବାର ଚେଷ୍ଟା କରିଆସିଛୁ। ସେ ନିଜର ଭ୍ରମ ଏବଂ ଦୋଷ କଣ ଏବଂ କେଉଁଠି ତାହା ଜାଣନ୍ତି। ତାଙ୍କ ସମ୍ବନ୍ଧରେ ଗୋପବନ୍ଧୁ ଚୌଧୁରୀ ତଦନ୍ତ କରିବାକୁ ମହାତ୍ମାଗାନ୍ଧିଙ୍କ ଦ୍ୱାରା ଆଦିଷ୍ଟ ହୋଇଅଛନ୍ତି। ଗୋପବନ୍ଧୁ ତଦନ୍ତ କରନ୍ତୁ। ଆମ୍ଭେମାନେ ମିଶ୍ରଙ୍କ ସମ୍ବନ୍ଧରେ ଆନୀତ ଅଭିଯୋଗ ପ୍ରମାଣିତ କରିବୁ। ଆଶ୍ରମ ମାଲିକ



Source: Author, Digitized by PPRACHIN, SOA

ହେବା ପାଇଁ ଯେଉଁ ଗୁଣ ଦରକାର ଗୋବିନ୍ଦ ମିଶ୍ରଙ୍କର ତାହା ନାହିଁ। ଆମ୍ଭେମାନେ କହୁ ମିଶ୍ରେ ଅପ୍ରିୟ ସମାଲୋଚନାର ସତ୍ୟତାରେ ଜର୍ଜରିତ ନହୋଇ ନିଜର ମତି ଗତି ପରିବର୍ତ୍ତନ କରି କୌଣସି ଉପରିସ୍ଥ ନେତାଙ୍କ ହୁକୁମ ମାନି ଚଳନ୍ତୁ ଦେଖିବେ କିପରି କାମ ହେବ। ତାହା ନକରି ଚାନ୍ଦା ପଇସାର ଅପବ୍ୟୟ କରି ୧୦/୨୫ ଧୋବଲି ବାବୁଙ୍କୁ ଭୋଜି ଦେଇ ସାର୍ଟିଫିକେଟ୍ ହାସଲ କରିବା ତିନିକୁଳକୁ ଖରାପ କଥା।

ଏହି ସମ୍ବାଦ ପ୍ରକାଶ ପରେ ଅଗଷ୍ଟ ୭ ତାରିଖ ୧୯୩୪ ମସିହାରେ ଗୋବିନ୍ଦ ମିଶ୍ରଙ୍କର ପତ୍ରର ଆଲୋଚନା ଲାଲା ନଗେନ୍ଦ୍ର କୁମାର ରାୟ ଦେଶକଥାରେ ପ୍ରକାଶ କରିଥିଲେ। ସେଥିରେ ସେ ଲେଖିଥିଲେ-'ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ସହିତ ମୋର ପ୍ରାୟ ୧୯୨୪ ସାଲରୁ ପରିଚୟ। ଚମ୍ପାପୁର ଆଶ୍ରମ କରିବା ପୂର୍ବରୁ ସେ ଲକ୍ଷ୍ମୀନାରାୟଣ ସାହୁ ଓ ମୋ ସହିତ ମିଶି ପ୍ରେସ୍ ବ୍ୟବସାୟ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ଏବଂ ସେଥିପାଇଁ ତାଙ୍କର ଡଗରପଡା ବସାଘରେ କେତେଥର ଆଲୋଚନା ମଧ୍ୟ ହୋଇଥିଲା। ହଠାତ୍ ସେ ଆଶ୍ରମ କରି ପକାଇଲେ। ସେଠି ତାଙ୍କୁ ଯେଉଁମାନେ ସାହାଯ୍ୟ କରିଛନ୍ତି ତାହା ମୁଁ ଜାଣେ। ଆଶ୍ରମ ଆରମ୍ଭର ଅଳ୍ପ କାଳ ପରେ ତାଙ୍କର ଦିନକର ଘଟଣା ତଦାନୀନ୍ତନ ସେଟେଲମେଣ୍ଟ୍ ଅଫିସର୍ ଶ୍ରୀଯୁକ୍ତ ସେନାପତି ଏବଂ ଗ୍ରାମ ଜମିଦାର ପୁତ୍ର ଯେପରି ଭାବରେ ସମାଧାନ କରିଥିଲେ ତାହା କାଲିକା କଥା ପରି ମନେହୁଏ। ଏହାପରେ ଟଙ୍କା ପଇସା ଜରିମାନା ହେବ ଏବଂ ସରକାର ତାଙ୍କର ଆଶ୍ରମ ସମ୍ପତ୍ତି କୋରକ କରିବେ ଏଥିପାଇଁ ଏକରକମ ବେନାମୀ ଟ୍ରଷ୍ଟି କରିବାର ଚୌଧୁରୀ ବଜାର ପୋଷ୍ଟ ଅଫିସ୍ ପାଖେ ମୋ ସହିତ ଦୁଇ ଘଣ୍ଟା ଧରି ପରାର୍ମଶ କରିଥିଲେ। ମାତ୍ର ସମୟ ନଥିବାରୁ ଖୁବ୍ ସମ୍ଭବ ରେଜେଷ୍ଟ୍ରି କରି ପାରିନଥିଲେ।ଏହାର ଅଳ୍ପ କାଳ ପରେ ସେ ନଇ ବାଲିରୁ ଗ୍ରେପ୍ତାର ହୁଅନ୍ତି। ସେ ଦିନ ସଭାରେ ନଥାଇ ସେ ବାଲିରେ ପାଣିକୁଳେ ଲୁଚି ବସିଥିଲେ ଏବଂ ଏଥି ପାଇଁ ମୋ ସହିତ ମଧ୍ୟ ପରାର୍ମଶ କରିଥିଲେ। ସେ ଦିନ ସଭା ଶେଷକୁ ଗୋବିନ୍ଦ ମିଶ୍ର ସବ୍-ଇନିସ୍‌ପେକ୍ଟର୍ ଗୋକୁଳି ବାବୁଙ୍କୁ ନାଟକୀୟ ଧରଣରେ କୁଣ୍ଢାଇ ଧରି ଯେଉଁ ଚିତ୍ର ଦେଖାଇଥିଲେ ସେ ମଧ୍ୟ ମୋତେ କାଲିକା ପରି ଲାଗେ।ଏହାପର ମୁଁ ତାଙ୍କର ଅନେକ ସମ୍ବାଦ ରଖିଛି। ତାଙ୍କ ଦୁର୍ବଳତାକୁ ଆକ୍ଷେପ କରି ଶ୍ରୀଯୁକ୍ତ ନବ ଚୌଧୁରୀ ଥରେ ତାଙ୍କୁ ମୁହେଁ ମୁହେଁ କହିଥିଲେ। ସୁତରାଂ ଚମ୍ପାପୁର ଠାରେ ମିଶ୍ରେ ଯେଉଁ ବୈଠକଖାନା କରିଥିଲେ ତାହା ମୂଳରେ ବିଫଳତା ଟ୍ରେଡ୍‌ମାର୍କା ନେଇ ଆରବ୍ଧ ହୋଇଥିଲେ ହେଁ ମୁଁ ପରିଚିତ ବନ୍ଧୁଭାବେ ମିଶ୍ରଙ୍କ ମଙ୍ଗଳ ଚେଷ୍ଟା କରିଛି। ମହାତ୍ମାଙ୍କୁ ଚିଠି ଲେଖିବା ମୂଳରେ ମୋର



Source: Author, Digitized by PPRACHIN, SOA

ସେହି ଇଚ୍ଛା ଜାଗରୁକ ଥିଲା । ମୋର ଆନୀତ ଅଭିଯୋଗ ସତ୍ୟ କିମ୍ବା ମିଥ୍ୟା ଏବଂ ମହାତ୍ମାଗାନ୍ଧି ତାଙ୍କୁ ସେଦିନ ତିରସ୍କାର କରିଅଛନ୍ତି କି ନାହିଁ ଚାଟୁବାବୁ ନାମକ ନିଷ୍ଠାପର କଂଗ୍ରେସ କର୍ମୀଠାରୁ ଆରମ୍ଭ କରି ଅନ୍ୟ ଯେତେ ଚମ୍ପାପୁରଠାରେ ଥିଲେ ସମସ୍ତେ ଶୁଣିଛନ୍ତି । ବଙ୍କିମ ନାମକ ଯୁବକଟିକୁ ମିଶ୍ରେ ଲୁଗା କିଣିବାକୁ ଖଣ୍ଡେ ଚିପା ଦେଇଥିଲେ ତାହା ମଧ୍ୟ ଦେଖିଛନ୍ତି ଓ ଜିଜ୍ଞାସୁ ହେବା ଫଳରେ ସତ୍ୟ ଓ ତଥ୍ୟ ଜାଣିପାରିଛନ୍ତି । ମୋର ଆନୀତ ଅଭିଯୋଗ ଗୋପବାବୁ ଆଜିଯାଏ ତଦନ୍ତ କରିନାହାନ୍ତି,ବରଂ ତାହା ଥମାଥମି କରିବାକୁ ଚେଷ୍ଟା କରିଛନ୍ତି ବୋଲି ମୋର ବିଶ୍ୱାସ । ଆଉ ଗୋପବାବୁ ଅବା ତଦନ୍ତ କରିବେ କଣ ?ସେ ନିଜ ଛାତିରେ ହାତ ଦେଇ କହିବେ କି ଯେ ମୁଁ ଯାହା ଲେଖିଛି ତାହା ଅସତ୍ୟ । ସବୁକଥା ଖବରକାଗଜରେ ଛାପି ହୁଏ ନାହିଁ । କିମ୍ବା ସବୁ ବ୍ୟକ୍ତିଗତ କଥା ପ୍ରକାଶଯୋଗ୍ୟ ନୁହେଁ । ଗୋବିନ୍ଦ ଚନ୍ଦ୍ର ମିଶ୍ରେ ସାଧାରଣରୁ ଚାନ୍ଦା ନେଇ ଆଶ୍ରମ ସହିତ ମହାତ୍ମାଙ୍କ ନାମ ଯୋଡି ଦେଇଥିଲେ । ସୁତରାଂ ତହିଁର ଭଲ ମନ୍ଦରେ ଦେଶବାସୀଙ୍କର କହିବାର ଅଛି । ଗୋବିନ୍ଦ ମିଶ୍ର ଯେଉଁ ଦୋଷତକ ଛାଡିଲେ ଭଲ କର୍ମୀ ହୁଅନ୍ତେ,ତାହା ତାଙ୍କୁ ଜଣା । ତାଙ୍କୁ ସେହି ଦୁର୍ବଳତା ଗ୍ରାସରୁ ଉଦ୍ଧାର କରିବା ପ୍ରତ୍ୟେକ ବନ୍ଧୁର କାମ । ମୁଁ ତାହାଇ କରିଛି । ଦେଶକଥାରେ ନିଜର ସଫେଇ ନଗାଇ ଗୋବିନ୍ଦ ମିଶ୍ରେ ନିଜ ପ୍ରତି ଦୃଷ୍ଟି ଦେଇ ସଂଶୋଧନ କରିଦେଲେ ସବୁଠାରୁ ସୁନ୍ଦର ହେବ । ପ୍ରତିବାଦ ସମାଲୋଚନାର ପ୍ରକୃଷ୍ଟ ଉତ୍ତର ନୁହେଁ । କାର୍ଯ୍ୟଗତି ଓ ମତି ପରିବର୍ତ୍ତନ ସେଥିପାଇଁ ଲୋଡା । ମିଶ୍ରେ ଲେଖିଛନ୍ତି ଯେ ସେ ଯେତେଦିନ ଯାଏ ସତ୍ ଭାବରେ ନିଃସ୍ୱାର୍ଥପର କାମ କରିବେ କେହି ତାଙ୍କୁ ପାରିବେ ନାହିଁ । ମୁଁ କହେ ତଥାସ୍ତୁ । କିନ୍ତୁ ଅସଲ ଗୋଳମାଳ ଏହି ନିଃସ୍ୱାର୍ଥପର ସତ୍‌କର୍ମ କରିବା ନେଇ । ମିଶ୍ରେ ଛାତିରେ ହାତ ଦେଇ ଏହି କଥା କରନ୍ତି ବୋଲି କହିବେ କି ? ମହାତ୍ମାଗାନ୍ଧିଙ୍କ ସହିତ ତାଙ୍କର ସମ୍ବନ୍ଧ ଓ ତାଙ୍କ ଉପରେ ମହାତ୍ମାଙ୍କର ଅଧିକାର କଥା କିଏ କହୁଛି ? କିନ୍ତୁ ମିଶ୍ରେ ଭୁଲି ଯାଉଛନ୍ତି ଏଠି ବ୍ୟକ୍ତିଗତ ସମ୍ବନ୍ଧ କଥା ଉଠିନାହିଁ । ବ୍ୟକ୍ତିଗତ ଚରିତ୍ର ଚିତ୍ରଣ ହୋଇଛି । ତଦୁପରି ମହାତ୍ମାଙ୍କର ପ୍ରତ୍ୟେକ କାର୍ଯ୍ୟ ମଧ୍ୟ ଦେଶବାସୀଙ୍କର ସମାଲୋଚନାର ବାହାରେ ନୁହେଁ । ସୁତରାଂ ସାଧାରଣ କାର୍ଯ୍ୟରେ ଦମ୍ଭ ଓ ଦର୍ପ ନଦେଖାଇ ପାଞ୍ଚ ପଚିଶଙ୍କର ପରାମର୍ଶ ନେଇ ନିଃସ୍ୱାର୍ଥ ଏବଂ ଅନାବିଳ ଭାବରେ ଦେଶସେବା କରିବା ହିଁ ହେଉଛି ପ୍ରକୃତ କାମ ।ଏଥିପାଇଁ ବାର୍ଷିକ ଭୋଜି(ଯେମିତି ଚମ୍ପାପୁରରେ ହେଉଥିଲା) କିମ୍ବା ବଡନେତାଙ୍କ ତୋଷାମୋଦର ମୋଟେ ସ୍ଥାନ ନାହିଁ । ଗୋଟିଏ କପାଗଛ ଲଗାଇ,ରାମଦାସ ବାବାଜୀ ଯେପରି ଭାରତର କପାଚାଷ ଉନ୍ନତି କରିଥିଲେ,ଚଉଦୁଆରଠାରେ ନିଜେ ରହିବା ପାଇଁ ବଙ୍ଗଳା ବନାଇ ଲକ୍ଷ୍ମୀନାରାୟଣ ସାହୁ ଯେପରି ଗ୍ରାମ୍ୟ ସଂଗଠନର ବିଜ୍ଞାପନ ଦେଉଥିଲେ,ଗାନ୍ଧିଜୀଙ୍କର ପବିତ୍ର ନାମକରଣ କରି



Source: Author, Digitized by PPRACHIN, SOA

ଚମ୍ପାପୁର ଆଶ୍ରମରେ ଗଠନମୂଳକ କାର୍ଯ୍ୟ ସେହିପରି ଏହା ଦେଶବାସୀ ଜାଣନ୍ତି ।ଏକଥା ମିଶ୍ରଙ୍କ ଅନୁଗୃହୀତ ସାବକମାନେ ମନେ ମନେ ଜାଣିଲେ ସୁଦ୍ଧା ମୁହେଁ ମୁହେଁ କହିବାକୁ ସାହାସ କରିନାହାନ୍ତି । ଇଂରାଜୀରେ କଥା ଅଛି ଯେ ଶୟତାନକୁ ସୁଦ୍ଧା ତାହାର ନ୍ୟାଯ୍ୟ ଗଣ୍ଡାକ ଛାଡିଦିଅ । ମୁଁ ସେହି ନୀତିରେ ଗୋବିନ୍ଦ ବାବୁଙ୍କ ଉଚିତ ଗୁଣର ପ୍ରଶଂସା କରିଛି ଓ କରିବି ମାତ୍ର ନିରପେକ୍ଷ ସମାଲୋଚକ ଓ ବନ୍ଧୁ ଭାବରେ ତାଙ୍କର ତୃଟି ଦେଖାଇଛି ଓ ଦେଖାଇବି । ମୋର ଗଭୀର ଦୁଃଖ ଯେ ଓଡ଼ିଶାରୁ ତିନି ଜଣ ଭାରତର ତିନି ପ୍ରସିଦ୍ଧ ନେତାଙ୍କ ପାଖକୁ ଯାଇ କେବଳ ଅମଡା ମାଡିବା ଶିଖି ଆସିଲେ । ଅବସର ସମୟରେ ଧୀର ଭାବରେ ମୋର ଏ ସବୁ ଉକ୍ତି ଆଲୋଚନା କଲେ ମିଶ୍ରେ ନିଜେ ଦେଖି ପାରିବେ ଯେ ତାଙ୍କର ମାରାତ୍ମକ ଦୋଷ କେଉଁଠି ? ସେତକ ସଂଶୋଧନ କରିବା ଉଚିତ ।''

ଅଗଷ୍ଟ ୨୧ ୧୯୩୪ରେ ଦେଶକଥାରେ ପୁନର୍ବାର ଏକ ଲେଖାରେ ଗୋବିନ୍ଦ ମିଶ୍ରଙ୍କୁ ପ୍ରବଳ ସମାଲୋଚନା କରାଗଲା । ସେଥିରେ କୁହାଯାଇଥିଲା-"ଚମ୍ପାପୁର ଗୋବିନ୍ଦ ମିଶ୍ରଙ୍କର ଜଣେ ସହକର୍ମୀ ଆମ୍ଭମାନଙ୍କୁ ସେଠାର ଆଶ୍ରମ ସମ୍ବନ୍ଧରେ ଅନେକ କଥା ଲେଖିଅଛନ୍ତି । ସ୍ଥାନାଭାବବଶତଃ ତାଙ୍କର ଲେଖିଥିବା କେତେଗୁଡିଏ ପ୍ରଶ୍ନ ମାତ୍ର ଏ ସଂଖ୍ୟାରେ ପ୍ରକାଶ କଲୁ । ଗୋବିନ୍ଦ ମିଶ୍ର ତହିଁର କି ଉତ୍ତର ଦିଅନ୍ତି ଜାଣିବାର ବାସନା ରହିଲା । ଗୋବିନ୍ଦ ମିଶ୍ରେ ମହାତ୍ମାଙ୍କ ନାମ କହି ଦେଶ କାମ କରିବେ ବୋଲି ଟଙ୍କା ମାଗିଯାଚି ଆଣିଛନ୍ତି । ନଚେତ୍ ତାଙ୍କର ବ୍ୟକ୍ତିତ୍ୱର କ୍ଷୁଦ୍ରତା ନିମିତ୍ତ ତାଙ୍କୁ କେହି ବ୍ୟକ୍ତିଗତ ଭାବେ ଟଙ୍କା ଦେବ ବୋଲି ଆମ୍ଭେମାନେ ବିଶ୍ୱାସ କରୁନା । ଚମ୍ପାପୁର ଆଶ୍ରମରେ ମିଶ୍ରେ ପ୍ରଧାନ ଉଦ୍ୟୋକ୍ତା ହେଲେହେଁ ତାହା ଧରିବସିଲେ ସାଧାରଣ ସମ୍ପତ୍ତି । ସେଥିରେ ମିଶ୍ରେ ପୈତୃକ ସମ୍ପତ୍ତି ପରି ମାଲିକାନା ଦେଖାଇଲେ ସାଧାରଣଙ୍କର ପ୍ରଶ୍ନ କରିବାର ଅଧିକାର ଅଛି ।

ଏହିପରି ସମାଲୋଚନାର କେନ୍ଦ୍ର ହୋଇ ଗୋବିନ୍ଦ ମିଶ୍ର ଆଶ୍ରମ କାର୍ଯ୍ୟ ଚଳାଇଥିଲେ । ଦିନେ ଗୋବିନ୍ଦ ମିଶ୍ର ଭାବିଥିଲେ- "ବଙ୍ଗଳା ଦେଶରେ ଗଢା ଯାଇଥିବା ଅଭୟାଶ୍ରମ ପରି ଚମ୍ପାପୁର ଆଶ୍ରମକୁ ଗଢିବାକୁ ମୋର କଳ୍ପନା । ଡାକ୍ତର ସୁରେଶ ଚନ୍ଦ୍ର ବାନାର୍ଜୀ ଏହାର ପ୍ରତିଷ୍ଠାତା । ଅଭୟାଶ୍ରମର ପ୍ରଧାନ କର୍ମକର୍ତ୍ତାମାନେ କଲିକତାରେ ଏକାଠି ବସି ଅଧ୍ୟୟନ କରୁଥିବା ସମୟରେ ମୁଁ ସେମାନଙ୍କ ସହିତ ରହିଥିଲି ।ଏହିଠାରେ ଡାକ୍ତର ସୁରେଶ ଚନ୍ଦ୍ର ବାନାର୍ଜୀ,ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଘୋଷ ଓ ସୁଭାଷ ଚନ୍ଦ୍ର ବୋଷ ପ୍ରଭୃତିଏକତ୍ର ବସି ଦେଶର ଭବିଷ୍ୟତ ଚିନ୍ତା କରିଥିଲେ । କେତେ ଜଣ ଉଚ୍ଚ ଶିକ୍ଷିତ ଯୁବକ ଘର ଓ ପିତାମାତାଙ୍କୁ ଭୁଲି ଦେଶ କାର୍ଯ୍ୟ କରିବା ପାଇଁ ଗୋଟିଏ ଅନୁଷ୍ଠାନ ଗଢିବାର କଳ୍ପନା



Source: Author, Digitized by PPRACHIN, SOA

କରାଯାଇଥିଲା । ସେତେବେଳର ସେହି କଳ୍ପନା ଅଭୟାଶ୍ରମ ନାମରେ ରୂପାନ୍ତରିତ ହୋଇଛି । ସୁତରାଂ ସେହିପରି କଳ୍ପନାରେ ଚମ୍ପାପୁର ଆଶ୍ରମକୁ ଗଢ଼ିବା ମୋର ଇଚ୍ଛା ଓ ସଂକଳ୍ପ ।"(ଜାତୀୟ ଜୀବନର ଆତ୍ମବିକାଶ, ତୃତୀୟ ଖଣ୍ଡ, ୧୯୫୮,ପୃ-୧୭୧-୧୭୨) କିନ୍ତୁ ସମସ୍ତ ଚେଷ୍ଟା ସତ୍ତ୍ୱେ ନିଜର ଆଦର୍ଶ ଅନୁସାରେ ଅନୁଷ୍ଠାନ ଗଢ଼ିବାରେ ସେ କୃତକାର୍ଯ୍ୟ ହୋଇ ପାରିନଥିଲେ । କାହାରି ଠାରୁ ସାହାଯ୍ୟ ସହଯୋଗ ପାଇବା ଦୂରେ ଥାଉ ବରଂ ଇର୍ଷାଭାବ, କ୍ରୁର ଓ କଠୋର ସମାଲୋଚନା ତାଙ୍କ ପାଇଁ ଥିଲା ।

୧୯୩୩ ମସିହା ଜୁଲାଇ ମାସ ଠାରୁ ୧୯୩୬ ମସିହା ପର୍ଯ୍ୟନ୍ତ ଆଶ୍ରମକୁ ସୁଦୃଢ଼ କରିବା ପାଇଁ ସେ ବହୁ ଚେଷ୍ଟା କରିଥିଲେ । ସାଧରଣ ପଲ୍ଲୀବାସୀଙ୍କ ହୃଦୟରେ ଆଶ୍ରମ ପ୍ରତି ପ୍ରଗାଢ଼ ଅନୁରକ୍ତି ଜାଗ୍ରତ କରାଇବା ପାଇଁ ସେମାନଙ୍କ ସେବାରେ ସେ ଅବିରତ ଲାଗିଥିଲେ । ଡାକ୍ତରଖାନା ଭାଙ୍ଗି ଦେଇ ସେ ନିଜେ ଡାକ୍ତର ହେଲେ । ହୋମିଓପ୍ୟାଥି ପଢ଼ି ଶିଖି ରୋଗୀ ଚିକିତ୍ସା କଲେ । ହଇଜା ସଂକ୍ରାମକ ଭାବରେ ଗ୍ରାମମାନଙ୍କରେ ବ୍ୟାପୀଗଲେ ଦିନରାତି ତାଙ୍କୁ ପରିଶ୍ରମ କରିବାକୁ ପଡୁଥିଲା । ଲୋକମାନଙ୍କର ମନରୁ ହଇଜା ବେଳେ ଗ୍ରାମ ଠାକୁରାଣୀ ନାମରେ କାଳିସୀମାନଙ୍କ ଆବିର୍ଭାବ କଥାକୁ ପୋଛି ଦେଇଥିଲେ । ଔପନିବେଶିକ ଶାସନ କାଳରେ ପୋଲିସ୍ ଅତ୍ୟାଚାର,ଜମିଦାର ଓ ଧନୀ ମହାଜନଙ୍କର ଦାଉର ସମ୍ମୁଖୀନ ହେବା ପାଇଁ ଲୋକଙ୍କ ମନରେ ବଳ ଓ ସାହାସର ଭାବ ସଂଚାର କରିଥିଲେ ।

ଏସବୁ ସତ୍ତ୍ୱେ ୧୯୩୪ ମସିହା ମେ ମାସରେ ଚମ୍ପାପୁର ଆଶ୍ରମରେ ଗାନ୍ଧି ଉପସ୍ଥିତ ହେଲାମାତ୍ରେ ଆଶ୍ରମ ବିରୁଦ୍ଧରେ ଅନେକ ବେନାମୀ ଚିଠି ପଠା ଯାଇଥିଲା । ମହାତ୍ମା ଆଶ୍ରମର କାର୍ଯ୍ୟକଳାପକୁ ସନ୍ଦେହ କରିଥିଲେ ।୧୯୩୬ ମସିହାରେ ଗୋବିନ୍ଦ ମିଶ୍ର ଓ ମହାତ୍ମା ଗାନ୍ଧିଙ୍କ ମଧ୍ୟରେ ଯେଉଁ ପତ୍ରାଳାପ ହୋଇଥିଲା,ସେଥିରୁ ସ୍ପଷ୍ଟ ଜଣାଯାଏ ଯେ ଗୋବିନ୍ଦ ମିଶ୍ରଙ୍କ ପ୍ରତି ମହାତ୍ମାଙ୍କର ଧାରଣା ଖରାପ ହୋଇ ଯାଇଥିଲା ।୧୯୩୬ ମସିହା ଡିସେମ୍ବର ୧୯ରେ 'ହରିଜନ'ରେ ପ୍ରକାଶିତ ଏକ ପତ୍ରରେ ମହାତ୍ମା ଗାନ୍ଧି ଏହିପରି ଲେଖିଥିଲେ–" Gobinda babu first came to me sent by Dinabandhu Andrews when he was in the greatest need.He was not wanted in Orissa.My weakness for Orissa compelled me to keep him in Sabarmati.xxxxHe went to Orissa after consultation with me.He opened the Ashram in consultation with me.He used to



Source: Author, Digitized by PPRACHIN, SOA

send his reports regularly to me.He did do Harijan work and Khadi work under my supervision.xxxxxxI went out of my way to visit his Ashram.On going there I was deeply pained to see the bungalow he had built there and publicly condemned it.He pleaded guilty.The only work worthnaming that I saw being done was a well stocked dispensary which was kept in a slovenly condition.I rebuked him severely for belying my hopes for absence of proper accounts and any constructive works.The dispensary was certainly not a need.I told him it was the easiest thing for anybody to establish if he got some funds.He had promised to mend but he did not." ମହାତ୍ମା ଗାନ୍ଧିଙ୍କ ପତ୍ରମାନଙ୍କରୁ ଗୋବିନ୍ଦ ମିଶ୍ରଙ୍କର ତ୍ରୁଟିଗୁଡିକ ଆବିଷ୍କାର କରିବା ଖୁବ୍ ସହଜ। କିନ୍ତୁ ସେସବୁ ମଧ୍ୟରେ ଅନେକ ଥିଲା ଉଦ୍ଦେଶ୍ୟଭିତ୍ତିକ ଅର୍ଥାତ୍ ମହାତ୍ମାଙ୍କୁ ପଠା ଯାଇଥିବା ବେନାମୀ ପତ୍ର ଦ୍ୱାରା ତାଙ୍କ ମନରେ ଏପରି ଧାରଣା ସୃଷ୍ଟି କରି ଦିଆଯାଇଥିଲା। ସେତେବେଳେ ଓଡ଼ିଶା ରାଜନୀତିର ଏପରି ଏକ ସଂକଟାପୂର୍ଣ୍ଣ ଅବସ୍ଥା ଯେ ଗୋବିନ୍ଦ ମିଶ୍ରଙ୍କ ପରି କର୍ମୀ ଅପମାନ ନପାଇ ରହନ୍ତେ କିପରି ? ୧୯୩୪ରୁ ୧୯୩୮ ମଧ୍ୟରେ ଆଶା ଖବରକାଗଜରେ ସେହି ପଙ୍କିଳ ରାଜନୀତିର ବିସ୍ତାରିତ ବିବରଣୀ ରହିଛି। ଶେଷରେ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ଆଶ୍ରମ କାର୍ଯ୍ୟ ବନ୍ଦ ହୋଇଗଲା। ଆଶ୍ରମ କାର୍ଯ୍ୟକ୍ରମର ଶିକ୍ଷାପ୍ରଚାର ଗୋଟିଏ ପ୍ରଧାନ ଅଙ୍ଗ ଥିଲା। ସେହି ଶିକ୍ଷା ପ୍ରଚାର ଉଦ୍ଦେଶ୍ୟରେ ୧୯୪୨ ମସିହା ଜାନୁଆରୀ ମାସରେ ଆଶ୍ରମକୁ ଏକ ଉଚ୍ଚ ଇଂରାଜୀ ସ୍କୁଲରେ ପରିଣତ କରାଗଲା।

❖❖❖



Source: Author, Digitized by PPRACHIN, SOA

# ଓଡ଼ିଶାର କେତେକ ରଚନାତ୍ମକ ଅନୁଷ୍ଠାନ

ବିଂଶ ଶତକର ପ୍ରଥମ ପାଞ୍ଚଦଶନ୍ଧି ମଧ୍ୟରେ ଓଡିଶାରେ ମୁକ୍ତି ସଂଗ୍ରାମ ପର୍ଯ୍ୟାୟରେ ଅନେକ କ୍ଷୁଦ୍ର ରଚନାତ୍ମକ ଅନୁଷ୍ଠାନ ମୁଣ୍ଡଟେକି ଉଠିଥିଲେ । ଶିକ୍ଷାର ପ୍ରସାର, ଗ୍ରାମ ସଂଗଠନ ସହିତ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡିଶାର ସକ୍ରିୟ ଅବଦାନ ତଥା ଓଡିଆ ଜାତିର ଜାଗୃତିର ପ୍ରଚାର ଓ ପ୍ରକାଶ ପରି ନାନା କାର୍ଯ୍ୟକ୍ରମରେ ଏସବୁର ସହଯୋଗ ଥିଲା । ଓଡିଶାରେ ପ୍ରକୃତ କର୍ମୀମାନଙ୍କର ଅଭାବ ଦେଖି ଯୁବକଯୁବତିମାନଙ୍କୁ ଆଳସ୍ୟ ପଥରୁ ଓହରାଇ ନେବାକୁ ବହୁ ଉଦ୍ୟମ ଏସବୁ ମାଧ୍ୟମରେ କରାଯାଇଥିଲା । ଏହି ଅନୁଷ୍ଠାନଗୁଡିକ ପଲ୍ଲୀ ସଂଗଠନର ନୂତନ ପନ୍ଥା, ନୂତନ ଆଦର୍ଶ ଧରି ଯୁବଗୋଷ୍ଠିଙ୍କୁ କାର୍ଯ୍ୟ କରିବାପାଇଁ ଉଦ୍ଦିଷ୍ଟ । ସ୍ୱାବଲମ୍ବନଶୀଳତା, ସହନଶୀଳତାପ୍ରଭୃତି ଅନେକ ଅଭାବ ଦୂର କରି ନବ ଜୀବନ ଅଣାଇବା ପାଇଁ ଏହି ସଂଗଠନଗୁଡିକ  ବଦ୍ଧପରିକର ଥିଲେ । ସେମାନଙ୍କର ଉଦ୍ୟମରେ ଓଡିଶାରେ ଶିକ୍ଷା, କୃଷି ଓ ସମାଜସଂସ୍କାର ପରି କେତେକ ଅବହେଳିତ କାର୍ଯ୍ୟସଫଳ ରୂପ ନେଇପାରିଥିଲା । ଗ୍ରାମ୍ୟଜୀବନରେ ଅଭୂତପୂର୍ବ ଜାଗରଣ ଘଟିଥିଲା । ପ୍ରସିଦ୍ଧ ସତ୍ୟବାଦୀ ବନବିଦ୍ୟାଳୟ,ସ୍ୱରାଜ ଆଶ୍ରମ, ଅଳକାଶ୍ରମ(ଜଗତସିଂହପୁର), ବିଚିତ୍ରାନନ୍ଦ ଦାସଙ୍କ କୁଟୀରଶିଳ୍ପ ଶିକ୍ଷାଳୟ, ଭିକାରୀ ପଟ୍ଟନାୟକଙ୍କ କୁଟୀରଶିଳ୍ପ ଶିକ୍ଷାଳୟ, ଲକ୍ଷ୍ମୀନାରାୟଣ ସାହୁଙ୍କ ଚୌଦ୍ୱାର ଗ୍ରାମ ସଂଗଠନ କେନ୍ଦ୍ର,ରମ୍ଭା ସେବାଶ୍ରମ, ପୁରୀ ସେବା ସମିତି, ବରୀର ଗାନ୍ଧୀ ସେବାଘର, ଡେଲାଙ୍ଗର ଗାନ୍ଧୀ ସେବାସଂଘ, ଡେଲାଙ୍ଗର ପାବନ ବିଦ୍ୟାଳୟ, ବାଣପୁରର ଜାତୀୟ ବିଦ୍ୟାଳୟ, , ଧରାକୋଟର ଗୋପବନ୍ଧୁ ଆଶ୍ରମ, କାଦୁଆର ଗୋପବନ୍ଧୁ ଦରିଦ୍ରନାରାୟଣ ସେବାସଂଘ, ନାରୀ ଆଶ୍ରମ ଗୋପାଳଗାଁ(ବାଲେଶ୍ୱର) ପ୍ରଭୃତି ରଚନାତ୍ମକ ଆର୍ଯ୍ୟକ୍ରମର ପ୍ରାଣକେନ୍ଦ୍ର ଥିଲେ । ଏସବୁ ଅନୁଷ୍ଠାନ ଆଧୁନିକ ଓଡିଶା ଗଠନରେ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଥିଲେ ।

ପୁରୀର ଡେଲାଙ୍ଗ ଗ୍ରାମରେ କେତେକ ଶିକ୍ଷିତ ଯୁବକଙ୍କର ଯତ୍ନରେ ଦଳିତ ଲୋକମାନଙ୍କୁ ଶିକ୍ଷାଦେବା ପାଇଁ ଏକ ପାବନ ବିଦ୍ୟାଳୟ ୧୯୧୨ ବେଳକୁ ପ୍ରତିଷ୍ଠା



Source: Author, Digitized by PPRACHIN, SOA

କରାଯାଇଥିଲା । ଏହି ନବ ଉଦ୍ୟମପାଇଁ ଏମାରମଠ ମହନ୍ତ ଗଦାଧର ରାମାନୁଜ ଦାସ, ରାଧାକାନ୍ତ ମଠର ମହନ୍ତ ରାଧାକାନ୍ତ ଗୋସ୍ୱାମୀ, ପୁରୀ ମନ୍ଦିର ମ୍ୟାନେଜର ରାଜକିଶୋର ଦାସ, ପୁରୀର ବଡପଣ୍ଡା ହରିହର ଗୁରୁ, ଜଗବନ୍ଧୁ ସିଂହ, ସାଧୁଚରଣ ମହାନ୍ତି, ଚନ୍ଦନପୁର ଜମିଦାର, ନରସିଂହ ସାବତ, ଡେଲାଙ୍ଗ ମ୍ୟାନେଜର ଜୟକୃଷ୍ଣ ପଟ୍ଟନାୟକ, ଡେଲାଙ୍ଗ ସ୍କୁଲ ହେଡମାଷ୍ଟର ଗୋବିନ୍ଦଚନ୍ଦ୍ର ମିଶ୍ର ପ୍ରଭୃତି ସହଯୋଗ କରିଥିଲେ । ୧୯୧୨ରେ ଏହି ସ୍କୁଲରେ ୨୦ ଜଣ ଦଳିତ ଛାତ୍ର ଶିକ୍ଷାଲାଭ କରିଥିଲେ । ଉଚ୍ଚବଂଶୀୟ ଜଣେ ଯୁବକ ସାମାନ୍ୟ ଖୋରାକ ମାତ୍ର ଗ୍ରହଣ କରି ଶିକ୍ଷକତା କାର୍ଯ୍ୟ ଚଳାଇଥିଲେ । ଏହି ଅନୁଷ୍ଠାନର ଗୃହ ପ୍ରତିଷ୍ଠା ୧୯୧୨ରେ ମଧ୍ୟ ହୋଇଥିଲା । ଡେଲାଙ୍ଗରେ ଗୋଟିଏ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରାଇବା ପାଇଁ ପ୍ରସ୍ତାବ ମଧ୍ୟ ୧୯୧୨ରେ କରାଯାଇଥିଲା । ଏକସ୍ଥାନରେ ବ୍ରାହ୍ମଣ, କରଣ ପ୍ରଭୃତି ଉଚ୍ଚଶ୍ରେଣୀ ଏବଂ ଦଳିତ ନିମ୍ନଶ୍ରେଣୀର ଲୋକମାନେ ବସି ଏକ ସମାଜ ବନ୍ଧନରେ ଆବଦ୍ଧ ହୋଇଥିଲେ । ୧୯୨୩ ମସିହା ଜାନୁଆର ୨୪ ତାରିଖରେ ବାଣପୁରଠାରେ ଗୋଦାବରୀଶ ମିଶ୍ରଙ୍କ ଉଦ୍ୟମରେ ୨୦ ଜଣ ଛାତ୍ରଙ୍କୁ ନେଇ ଏକ ଜାତୀୟ ବନବିଦ୍ୟାଳୟ ସ୍ଥାପିତ ହୋଇଥିଲା । ପିଲାମାନଙ୍କୁ ଆମ୍ବବଗିଚାର ଭିନ୍ନଭିନ୍ନ ସ୍ଥାନରେ ଗୋଟିଏ ଗୋଟିଏ ଶ୍ରେଣୀ ବସାଇ ଶିକ୍ଷା ଦିଆଯାଇଥିଲା । ଏଠାର ବିଶେଷତ୍ୱ ହେଲା- ବାଳକବାଳିକାମାନେ କେବଳ ପୁସ୍ତକଗତ ବିଦ୍ୟା ଶିକ୍ଷା ନକରି ପ୍ରଥମରୁ ଭବିଷ୍ୟତ ଜୀବନ ନିମନ୍ତେ ଆପଣାର ସଂସାର ଚଳାଇବା ପାଇଁ ଉପଯୁକ୍ତ ହୋଇପାରିବେ ତତ୍‌ପ୍ରତି ବିଶେଷ ଦୃଷ୍ଟି, ପ୍ରଥମରୁ ଆତ୍ମନିର୍ଭରଶୀଳତା ଶିକ୍ଷାର ଯଥେଷ୍ଟ ଉପାୟବିଧାନ କରାଯାଇଥିଲା । ପୁରୀ ସେବା ସମିତି ଏହି ସମୟର ଅନ୍ୟ ଏକ ସ୍ମରଣୀୟ ଜାତୀୟ ଅନୁଷ୍ଠାନ । ୧୯୧୨ ମସିହାଠାରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଏହା ପୁରୀ ହିତକାରିଣୀ ସମିତି ନାମରେ ସ୍ଥାପିତ ହୋଇଥିଲା ଏବଂ ୧୯୨୫ ମସିହା ବେଳକୁ ସେହି ନାମରେ ଅନୁଷ୍ଠାନ କାର୍ଯ୍ୟ କରିଥିଲା । ଏ ସମିତି ପୁନର୍ଗଠିତ ହୋଇ ପୁରୀ ସେବାସମିତି ନାମ ଧାରଣ କରି ୧୯୨୫ ମସିହାଠାରୁ ଶୃଙ୍ଖଳାବଦ୍ଧଭାବରେ କାର୍ଯ୍ୟ କରିଥିଲା । ୧୯୩୦ରୁ ୧୯୩୫ ମସିହା ମଧ୍ୟରେ ସମିତିର କାର୍ଯ୍ୟର ପରିସର ଅବିଭକ୍ତ ପୁରୀ ଜିଲ୍ଲା ମଧ୍ୟରେ ସୀମାବଦ୍ଧ ଥିଲା ।

ସାଲେପୁର ଅନ୍ତର୍ଗତ ଚମ୍ପାପୁର ଗ୍ରାମରେ ପ୍ରତିଷ୍ଠିତ ଗାନ୍ଧୀ ସେବାଶ୍ରମ ଏକ ବିଶିଷ୍ଟ ପଲ୍ଲୀକେନ୍ଦ୍ର । ଏହାର ପ୍ରତିଷ୍ଠାତା ଥିଲେ ମହାତ୍ମା ଗାନ୍ଧୀଙ୍କର ସାବରମତି ଆଶ୍ରମର ପ୍ରଥମ



Source: Author, Digitized by PPRACHIN, SOA

ଓଡିଆ ଶିଷ୍ୟ ଦଶପଲ୍ଲା ନିବାସୀ ଗୋବିନ୍ଦ ଚନ୍ଦ୍ର ମିଶ୍ର। ସାବରମତି ଆଶ୍ରମରୁ ମହାତ୍ମାଙ୍କର ଅସହଯୋଗ ଆନ୍ଦୋଳନର ଆହ୍ୱାନରେ ଉଦ୍‌ବୁଦ୍ଧ ହୋଇ ଓଡିଶାକୁ ଫେରି ଆସି ଗାନ୍ଧିନୀତି ଓ ପଦ୍ଧତିର ପ୍ରଚାର ପାଇଁ ସାଲେପୁର ଅନ୍ତର୍ଗତ ଚମ୍ପାପୁରଠାରେ ଗାନ୍ଧି ସେବାଶ୍ରମ ଗଠନ କରିଥିଲେ। ଚମ୍ପାପୁର ହାଟ ନିକଟରେ ଥିବା କୈଥା ଗ୍ରାମରେ ଥିବା ପ୍ରସିଦ୍ଧ ଜମିଦାର ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ରଙ୍କ କଚେରୀ ଘରେ ଏହି ସେବାଶ୍ରମ ହୋଇଥିଲା। ୧୯୨୫ ମସିହାରେ ଏହାକୁ ଗାନ୍ଧି ସେବାଶ୍ରମ ବୋଲି ନାମିତ କରାଯାଇଥିଲା। ଗ୍ରାମ୍ୟ ଜୀବନର ପୁନର୍ଗଠନ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ୧୯୩୦ ସୁଦ୍ଧା ଏହାର ବିଶେଷ ଉନ୍ନତି ପରିଲକ୍ଷିତ ହୋଇଥିଲା। ଗ୍ରାମ ସଂଗଠନ, ଚରଖା ପ୍ରଚାର ପ୍ରଭୃତି ଦିଗରେ ସେବାଶ୍ରମ ଅନେକଦୂର ଆଗେଇ ପାରିଥିଲା। ରୋଗୀସେବା ମଧ୍ୟ ଏ ଅନୁଷ୍ଠାନର ଏକ ଅଂଗ ଥିଲା। ଗୋଶାଳା ସ୍ଥାପନ ଦିଗରେ ଉଦ୍ୟମ ହୋଇଥିଲା। ୧୯୩୫ ମସିହା ବେଳକୁ ଏଠାରେ ଗୋଟିଏ ନୈଶ ବିଦ୍ୟାଳୟ ଖୋଲାଯାଇଥିଲା। କପାଚାଷ, ସୂତାକଟା, ଲୁଗାବୁଣା ନିଜହାତରେ କରିବା ପାଇଁ ଯୁବକମାନେ ଲାଗିପଡିଥିଲେ। ହରିଜନପଡାମାନଙ୍କରେ ନିଶା ନିବାରଣ ଓ କପାଚାଷ ପାଇଁ ଉଦ୍ୟମ ହୋଇଥିଲା। ୧୯୩୩ ମସିହାଠାରୁ ୧୯୩୬ ମସିହା ପର୍ଯ୍ୟନ୍ତ ନାନା ପ୍ରତିକୂଳ ପରିବେଶରେ ଗୋବିନ୍ଦ ଚନ୍ଦ୍ର ମିଶ୍ର ଆଶ୍ରମକୁ ସୁଦୃଢ଼ କରିବା ପାଇଁ ଚେଷ୍ଟା କରିଥିଲେ। ଶେଷରେ ୧୯୪୨ ମସିହାରେ ଶିକ୍ଷାର ବହୁଳ ପ୍ରଚାର ପାଇଁ ଆଶ୍ରମକୁ ଗୋଟିଏ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ କରିଥିଲେ। ଗଂଜାମର ରମ୍ଭା ସେବାଶ୍ରମ ୧୯୨୪ ମସିହାଠାରୁ ଆରମ୍ଭ ହୋଇ ୧୨ ବର୍ଷ ମଧ୍ୟରେ କୁଟୀରଶିଳ୍ପର ଜାଗରଣ, ଚାଷୀମୁଲିଆଙ୍କ ଭିତରେ ଜାଗରଣ ଓ କର୍ମପ୍ରିୟତା ପ୍ରଭୃତି କାର୍ଯ୍ୟରେ ସଫଳ ହୋଇଥିଲା। ଗଂଜାମର ଧରାକୋଟ ମୁଣ୍ଡମରାଇଠାରେ ୧୯୩୧ ବେଳକୁ ଗୋପବନ୍ଧୁ ଆଶ୍ରମ ପ୍ରତିଷ୍ଠା ହୋଇ ଏହାର ପରିଚାଳନା ପାଇଁ ୨୫ ଜଣ ସଭ୍ୟଙ୍କୁ ନେଇ ଏକ କମିଟି ଗଠିତ ହୋଇଥିଲା। ଏହାର ସଭାପତି ଥିଲେ ଶିବରାମ ପାତ୍ର ନୀତିବିନୋଦ। ଅରଟ ଓ ତୁଳାର କାର୍ଯ୍ୟ ଏ ଆଶ୍ରମର ଅଂଶବିଶେଷ। ଆତ୍ମନିର୍ଭରଶୀଳତା ଶିକ୍ଷା ଏହାର ମୂଳମନ୍ତ୍ର। ପୁରୀ ସ୍ୱରାଜ ଆଶ୍ରମ, ବରଗଡ କଂଗ୍ରେସ ଭବନ, ଗୋପାଳଗାଁର ନାରୀ ଆଶ୍ରମ ମଧ୍ୟ ଏହି କାଳରେ ରଚନାତ୍ମକ କାର୍ଯ୍ୟରେ ଲାଗିଥିଲେ। ବାଲିକୁଦା କଂଗ୍ରେସ ଆଶ୍ରମକୁ ଗୋପବନ୍ଧୁ ଚୌଧୁରୀ ସ୍ଥାପନ କରିଥିଲେ ଏବଂ ଏହା ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ କ୍ରିୟାଶୀଳ ଥିଲା। ସତ୍ୟବାଦୀର କାଦୁଆ ଆଶ୍ରମ ୧୯୩୨ ମସିହା ବେଳକୁ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବାସଂଘ ନାମରେ ପରିଚିତ ହୋଇ ଖଦୀ ଏବଂ



Source: Author, Digitized by PPRACHIN, SOA

ଗ୍ରାମୋଦ୍ୟୋଗ କାର୍ଯ୍ୟରେ ବ୍ୟସ୍ତ ଥିଲେ। ଏହାର ପରିଚାଳନା ଏକ ଟ୍ରଷ୍ଟ ବୋର୍ଡ ଦ୍ୱାରା ହେଉଥିଲା। ଏଥିରେ ଗୋପବନ୍ଧୁ ଚୌଧୁରୀ, ଛଗନଲାଲ ଯୋଶୀ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ଜଗନ୍ନାଥ ରଥ ପ୍ରଭୃତି ସଦସ୍ୟ ଥିଲେ। ଚରଖା ଓ ଖଦଡର ପ୍ରଚାର ଓ ପ୍ରସାର ମାଧ୍ୟମରେ ଓଡିଶାର ଦରିଦ୍ର ଲୋକମାନଙ୍କର ଉନ୍ନତି ପାଇଁ ଚେଷ୍ଟା ଏହାର ପ୍ରଧାନ ଉଦ୍ଦେଶ୍ୟ ଥିଲା। ପୁରୀ, ବାରିପଦା ଏବଂ ସାରଙ୍ଗଯୋଡି ପ୍ରଭୃତି ସ୍ଥାନରେ ଖଦଡର ବିକ୍ରୟ କେନ୍ଦ୍ର ସ୍ଥାପନ କରି ଏହା ଖଦୀ କାର୍ଯ୍ୟକ୍ରମକୁ ପ୍ରସାରିତ କରିଥିଲା। ଖାଦ୍ୟ ଉତ୍ପାଦନ ଏବଂ ଏହାର ପ୍ରଚାର ସେମାନଙ୍କର ଏକମାତ୍ର କର୍ମ ଥିଲା।

ଗୋପବନ୍ଧୁ ଚୌଧୁରୀ ଏବଂ ରମାଦେବୀଙ୍କ ପ୍ରତିଷ୍ଠିତ ବରୀ ଆଶ୍ରମ(ସେବାଘର) ଓଡିଶାର ଏକ ଅବିସ୍ମରଣୀୟ ଆଦର୍ଶ ପଲ୍ଲୀ ସଂଗଠନ କେନ୍ଦ୍ର ଥିଲା। ମହାତ୍ମାଙ୍କର ଓ୍ୱାର୍ଦ୍ଧା ସେବାଶ୍ରମପରି ଏହା ମଧ୍ୟ ଗାନ୍ଧି ସେବାଶ୍ରମ ନାମରେ ପରିଚିତ ଥିଲା। ଏହି ସେବାଘରର କାର୍ଯ୍ୟକ୍ରମର ବିବରଣୀ ନୀଳକଣ୍ଠ ଦାସ ସମ୍ପାଦିତ ନବଭାରତରେ ପ୍ରକାଶ ପାଇଥିଲା। ସେଥିରେ ନବକୁମାର ଦାସ ଲେଖିଥିଲେ-ସେବାଘରର କର୍ମୀମାନେ ରାତି ୪-୩୦ରେ ଉଠନ୍ତି, ତାପରେ ସେମାନଙ୍କର ପ୍ରାତଃକାଳ ପ୍ରାର୍ଥନା ହୁଏ। ଗୀତା ଏକ ଅଧ୍ୟାୟ ବୋଲାଯାଏ। ସକାଳବେଳା କର୍ମୀମାନେ ନାନା କର୍ମରେ ଲାଗନ୍ତି। ରୋଗୀମାନଙ୍କୁ ଔଷଧ ବଣ୍ଟାଯାଏ। ଗୋପବନ୍ଧୁ ଚୌଧୁରୀ କର୍ମୀମାନଙ୍କୁ ପଢାନ୍ତି। ରମାଦେବୀ ମଧ୍ୟ କେତେକ ଗାଁ ପିଲାଙ୍କୁ ପଢାନ୍ତି। ହରିଜନପଡାମାନଙ୍କରେ ସୂତାକଟା କାର୍ଯ୍ୟ ପ୍ରଚାର କରାଯାଏ। ଦୈନିକ ୫୦୦ ଗଜ ସୂତା ପ୍ରତ୍ୟେକ କର୍ମୀ କାଟନ୍ତି। ହରିଜନପଡାରେ ମଧ୍ୟ ରାତି ସ୍କୁଲ ରେ ପଢାଯାଏ। ସେହି ଆଶ୍ରମରୁ ୧୯୩୯ରୁ ଗୋପବନ୍ଧୁ ଚୌଧୁରୀଙ୍କ ସମ୍ପାଦନାରେ ସତ୍ୟାଗ୍ରହୀ ନାମକ ପତ୍ରିକା ପ୍ରକାଶ ପାଉଥିଲା। ଏଥିରେ ମହାତ୍ମା ଗାନ୍ଧିଙ୍କ ସମ୍ପାଦିତ ହରିଜନ ପତ୍ରିକାର କେତେକ ଲେଖାର ଅନୁବାଦ ମଧ୍ୟ ସ୍ଥାନ ପାଉଥିଲା। ଏହା ସହିତ ଆଶ୍ରମର ଗଠନାତ୍ମକ କାର୍ଯ୍ୟର ପ୍ରସାର ପାଇଁ ଆଲୋଚନାମାନ ପ୍ରକାଶ ପାଇଥିଲା। ୧୯୪୦ ମସିହାରେ ଏହି ସେବାଘରର ଗୋପବନ୍ଧୁ ସ୍ୱାବଲମ୍ବନ ଖଦୀ ପାଇଁ ପୂର୍ଣ୍ଣଭାବରେ କାର୍ଯ୍ୟ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଖଦୀକୁ ପୂର୍ଣ୍ଣଭାବରେ ଗାଁରେ ଦୃଢମୂଳ କରିବା ପାଇଁ କଟାଳୀମାନଙ୍କର ହାତ ବନ୍ଦ ନକରିବା ପାଇଁ ସେ ଏହି ଆଶ୍ରମରେ କେତେକ ପ୍ରକ୍ରିୟା ଗ୍ରହଣ କରିଥିଲେ। ଖଦୀକାର୍ଯ୍ୟକୁ ଗାଁରେ ଦୃଢମୂଳ କରିବା ପାଇଁ କପାଚାଷ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ।



Source: Author, Digitized by PPRACHIN, SOA

୧୯୩୮ରେ ପୁରୀର ଡେଲାଙ୍ଗରେ ଗାନ୍ଧୀ ସେବାସଂଘ ରଚନାତ୍ମକ କାର୍ଯ୍ୟରେ ସକ୍ରିୟ ଥିଲା। ଏଠାରେ ସେବାକୁଟୀର ମଧ୍ୟ ଏକ ଗଠନାତ୍ମକ ଅନୁଷ୍ଠାନ ଥିଲା। ଏଠାରେ ନିଖିଳ ଉତ୍କଳ ଖଦୀ ଓ ଗ୍ରାମ୍ୟ ଶିଳ୍ପ ପ୍ରଦର୍ଶନୀ ପାଇଁ ୧୯୩୮ରେ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ଉଦ୍ୟମରେ ନାନା ବ୍ୟବସ୍ଥା କରାଯାଇଥିଲା। ଓଡିଶାରେ ଏପରି ଅନେକଗୁଡିଏ କ୍ଷୁଦ୍ର ରଚନାତ୍ମକ ଅନୁଷ୍ଠାନ ଥିଲେ ଯାହା କର୍ମୀ ଅଭାବରୁ ବିଶେଷ କାର୍ଯ୍ୟ କରିପାରିନଥିଲେ। ୧୯୪୨ର ଭାରତଛାଡ ଆନ୍ଦୋଳନବେଳେ ଏସବୁ ଅନୁଷ୍ଠାନମାନଙ୍କୁ ଔପନିବେଶିକ ସରକାର ବେଆଇନ୍ ବୋଲି ଘୋଷଣା କରିବା ଫଳରେ ଏସବୁର କାର୍ଯ୍ୟପନ୍ଥାର ଅବସାନ ଘଟିଲା। ତେବେ ଦାରିଦ୍ର୍ୟ ସମସ୍ୟାର ସମାଧାନ, ସ୍ୱାବଲମ୍ବନଶୀଳତା ଶିକ୍ଷାଲାଭ, କୁଟୀରଶିଳ୍ପ ପ୍ରସାର, ଅସ୍ପୃଶ୍ୟତା ନିବାରଣ ପରି ଅନେକ କାର୍ଯ୍ୟ ପାଇଁ ଏହି ଅନୁଷ୍ଠାନଗୁଡିକ ମୁଣ୍ଡ ଟେକି ଉଠିଥିଲେ। କାର୍ଯ୍ୟପ୍ରଣାଳୀ ଭିନ୍ନଭିନ୍ନ ଥିଲେ ମଧ୍ୟ ସମସ୍ତଙ୍କର ଲକ୍ଷ୍ୟ ପ୍ରାୟ ଏକ। ତେବେ ସତ୍ୟବାଦୀ ବନବିଦ୍ୟାଳୟ, ଅଳାକାଶ୍ରମ, ଚମ୍ପାପୁର ଗାନ୍ଧୀ ସେବାଶ୍ରମ ଓ ବରୀ ସେବାଘର ରଚନାତ୍ମକ କାର୍ଯ୍ୟକ୍ରମରେ ବେଶ୍ ଆଗେଇଯାଇଥିଲେ। ଏମାନଙ୍କର ପ୍ରଦର୍ଶିତ କାର୍ଯ୍ୟକ୍ରମ ସାମ୍ପ୍ରତିକ ଶିକ୍ଷାକ୍ଷେତ୍ରରେ ମଧ୍ୟ ଅନୁକରଣୀୟ।

❖❖❖



Source: Author, Digitized by PPRACHIN, SOA

# ସତ୍ୟବାଦୀ ବନ ବିଦ୍ୟାଳୟ

॥ ୧ ॥

ଛୁରିଅନା ବିଛୁରିତ ମଞ୍ଜୁକୁଞ୍ଜ ବନେ
ଏ କି ଭାରତୀ-ଆଶ୍ରମ ଆଦର୍ଶ ପାବନ
ପ୍ରବୀଣ ଆଚାର୍ଯ୍ୟଠାରୁ ଲଭି ସାଧୁ ସଙ୍ଗ
ବାଳ ବ୍ରହ୍ମଚାରୀକୁଳ,ରତ ଏଠି ଆହା
ସଂସାର ସାଧନା ଯଜ୍ଞେ,ତନ୍ମୟ ମାନସେ
ଯୁଗେଯୁଗେ ତପୋବନ ଉନ୍ନତି ଜନକ
ଏ ଆଶ୍ରମ ହିମାଳୟ ହୋଇ ପ୍ରବାହିତା
ଲୁପ୍ତ ଆର୍ଯ୍ୟ ସଭ୍ୟତାର ମନ୍ଦାକିନୀ ଧାରା,
କରିବ ସମାଜ ବକ୍ଷ ଶୀତଳ,ସରସ
ସ୍ୱୀୟ ପ୍ରାଣ ଭୁତାଦର୍ଶେ ସତ୍ୟ ଶିବମୟ
କରି ଅନୁପ୍ରାଣାୟିତ ଅସଂଖ୍ୟ ଆଶ୍ରମେ
ଏ ଆଶ୍ରମ,ସଂସ୍ଥାପିତ ସ୍ୱଦେଶେ ଅଦୂରେ।
ଦିଶିଲାଣି ଦିଶିଲାଣି ଏ ମହାସୂଚନା।
ଘନଦୃଷ୍ଟେ ବାରିଆଶା ନୁହେଁ ଅସଂଗତ।
ବଢ଼ିବ ଏ ଆଶ୍ରମ,ଯେ ନୈତିକ ଜୀବନ
ଜାତୀୟ ଜୀବନ ତାହା-ନୁହେଁ ବ୍ୟକ୍ତିଗତ।

ସତ୍ୟବାଦୀ ବନ ବିଦ୍ୟାଳୟ ଉପରେ କବି ଚିନ୍ତାମଣି ମହାନ୍ତି ସମ୍ବଲପୁର ହିତୈଷିଣୀ ସମ୍ବାଦପତ୍ରର ଜୁନ୍ ୧୦,୧୯୧୫ ସଂଖ୍ୟାରେ ଏହିପରି ମତ ଦେଇ ଓଡ଼ିଆ ଶିକ୍ଷିତଙ୍କୁ ସେ ଦିନ ଆଲୋଡିତ କରିଥିଲେ। ସତ୍ୟବାଦୀ ବିଦ୍ୟାଳୟ ଏକ ଜାତୀୟ ଅନୁଷ୍ଠାନ



Source: Author, Digitized by PPRACHIN, SOA

ଥିଲା।୧୯୦୯ ମସିହାରେ ୧୫ଟି ଛାତ୍ରଙ୍କୁ ନେଇ ଏହା ଆରମ୍ଭ ହୋଇଥିଲା। ସତ୍ୟବାଦୀର ସୂର୍ଯ୍ୟ-ପଣ୍ଡିତ ଗୋପବନ୍ଧୁ ଦାସ,ନୀଳକଣ୍ଠ ଦାସ ପ୍ରଭୃତି ଏହାର ପ୍ରତିଷ୍ଠାତା ଥିଲେ। ତେବେ ଏପରି ଏକ ଶିକ୍ଷାନୁଷ୍ଠାନର ମୂଳ ପ୍ରେରଣା ଥିଲେ ପଣ୍ଡିତ ହରିହର ଦାସ-ଉନବିଂଶ ଶତକ ଓଡ଼ିଶାର ନବଯୁଗର ନାନ୍ଦିକାର। ତାଙ୍କରି ସ୍ମୃତି ସତ୍ୟବାଦୀ ଗୋଷ୍ଠିଙ୍କୁ ପ୍ରେରଣା ଦେଇଥିଲା ଏପରି ଆଦର୍ଶ ଶିକ୍ଷାନୁଷ୍ଠାନ ଗଠନ ପାଇଁ। ଉଗ୍ର ସମାଜ ସଂସ୍କାର ପ୍ରଚେଷ୍ଟା କାଳରେ ସତ୍ୟବାଦୀ ବନ ବିଦ୍ୟାଳୟର ଜନ୍ମ,ମୁକ୍ତି ଆନ୍ଦୋଳନର ଅବିସ୍ମରଣୀୟ ଯୁଗରେ ଏହାର ଅବସାନ। ସତ୍ୟବାଦୀ ବିଦ୍ୟାଳୟର ବୈଶିଷ୍ଟ୍ୟ ଦର୍ଶାଇ ସମାଲୋଚକ ପ୍ରଫେସର୍ ଗଗନେନ୍ଦ୍ର ନାଥ ଦାଶ ମତ ଦିଅନ୍ତି:"ସତ୍ୟବାଦୀ ବିଦ୍ୟାଳୟର ଅନ୍ୟତମ ଉଦ୍ଦେଶ୍ୟ ଥିଲା ଦେଶରେ ସମୂହ ଶିକ୍ଷା ବିସ୍ତାର ଓ ଦେଶର ଉନ୍ନତି। ସମଷ୍ଟି ପାଇଁ ବ୍ୟକ୍ତିର ଆତ୍ମତ୍ୟାଗ ସତ୍ୟବାଦୀ ସାଧନାର ମୂଳମନ୍ତ୍ର। ବ୍ୟକ୍ତି ନୁହେଁ ସମାଜ,ବ୍ୟକ୍ତି ନୁହେଁ ସମଷ୍ଟି ହେଉଛି ସତ୍ୟବାଦୀ ସାଧନାର କେନ୍ଦ୍ରବିନ୍ଦୁ। ତେଣୁ ସମାଜ ସଚେତନତାର ପ୍ରତିଫଳନ ସତ୍ୟବାଦୀ ଶିକ୍ଷା ପ୍ରଣାଳୀର ସ୍ତରେ ସ୍ତରେ ଆବିଷ୍କାର କରିହୁଏ। ସମସାମୟିକ ସାମାଜିକ ଆନ୍ଦୋଳନ ଓ ଆଲୋଚନାର ପ୍ରାଣକେନ୍ଦ୍ର ଥିଲା ସତ୍ୟବାଦୀ ବିଦ୍ୟାଳୟ''(ଖଦ୍ୟୋତର ଦ୍ୟୁତି,କଟକ,୧୯୮୪,ପୃ-୭୦)ଏହି ଆଲୋଚନାରେ ଜାତୀୟବାଦୀ ଯୁଗର ସେହି ମହା ଶିକ୍ଷାନୁଷ୍ଠାନ,ଓଡ଼ିଆ ଅସ୍ମିତାର ଅଭ୍ରାନ୍ତ ସ୍ମାରକ ସତ୍ୟବାଦୀ ବନ ବିଦ୍ୟାଳୟର ପରିବେଶ,କାର୍ଯ୍ୟମାଳା ଏବଂ ଅବକ୍ଷୟ ଉପରେ ଗୁରୁତ୍ୱ ଦିଆଯାଇଅଛି।

॥ ୨ ॥

ସତ୍ୟବାଦୀ ବିଦ୍ୟାଳୟ ସ୍ଥାନୀୟ ଉଦ୍ୟମରୁ ଜାତୀୟ ଅନୁଷ୍ଠାନରେ ପରିଣତ ହୋଇଥିଲା।୧୯୧୪ ଖ୍ରୀଷ୍ଟାବ୍ଦ ବେଳକୁ ଏହାର ଛାତ୍ର ସଂଖ୍ୟା ୩୩୦ ଉପରେ ଥିଲା।ଏଥିରେ ଅବିଭକ୍ତ ସମ୍ବଲପୁରର ବରଗଡଠାରୁ ଆରମ୍ଭ କରି ମୟୂରଭଞ୍ଜ,କେଉଁଝର,ନୀଳଗିରି ପ୍ରଭୃତି ଗଡଜାତ,କଟକ,ପୁରୀ,ବାଲେଶ୍ୱର ଏବଂ ଗଞ୍ଜାମର ଛାତ୍ରମାନେ ଅଧ୍ୟୟନ କରିଥିଲେ।ଏହି ସ୍କୁଲ ଲାଗି ଓଡ଼ିଶାର ବହୁ ବ୍ୟକ୍ତି(ବିଶେଷତଃ ରାଜା ଓ ଜମିଦାର)ଅର୍ଥ ଦାନ କରିଥିଲେ।ଏକଦା ରାଜାସାହେବ ସୁରଙ୍ଗୀ ୩୦୦ ଟଙ୍କା,ଗୋକୁଳାନନ୍ଦ ଚୌଧୁରୀ ୧୦୦ ଟଙ୍କା,କନିକା ରାଜା ୧୦୦୦ ଟଙ୍କା ଓ ମଧୁପୁରର ରାଜା ୪୦୦ ଟଙ୍କା ଏଥିପାଇଁ ଦାନ କରିଥିଲେ।ଉତ୍କଳ ସମ୍ମିଳନୀ ମଣ୍ଡପରେ ଏକଦା ଏହି ଅନୁଷ୍ଠାନର ଅଗ୍ରଗତି ପାଇଁ ବିଭିନ୍ନ ବ୍ୟକ୍ତି ଦାନ ଘୋଷଣା କରିଥିଲେ।(ଆଶା,ଜାନୁଆରୀ



Source: Author, Digitized by PPRACHIN, SOA

୫,୧୯୧୪)ପାରଳାଖେମୁଣ୍ଡୀର ଉତ୍ସାହୀ ରାଜା କୃଷ୍ଣଚନ୍ଦ୍ର ଗଜପତି ଏହି ଅନୁଷ୍ଠାନ ପାଇଁ ୧୨୦୦ ଟଙ୍କା ଦାନ କରିଥିଲେ। ସତ୍ୟବାଦୀର ସ୍ୱାର୍ଥତ୍ୟାଗୀ ଉଦ୍ୟୋକ୍ତାମାନଙ୍କ ପ୍ରତି ଦୂରସ୍ଥିତ ବଙ୍ଗ ଦେଶର ଦୃଷ୍ଟି ମଧ୍ୟ ଆକୃଷ୍ଟ ହୋଇଥିଲା। ପାଇକପଡା ଇଷ୍ଟେଟ୍‌ର ରାଣୀ ଦେବେନ୍ଦ୍ରବାଳା ସ୍କୁଲ ଘର ତୋଳା ସକାଶେ ୮୦୦ ଟଙ୍କା ଦେବାକୁ ଅଙ୍ଗୀକାର କରିବା ସଙ୍ଗେ ସଙ୍ଗେ ୨୫ ଟଙ୍କା ମାସିକ ସାହାଯ୍ୟ କରୁଥିଲେ।ଏପରି ସଦନୁଷ୍ଠାନର ଅଗ୍ରଗତିକୁ ଲକ୍ଷ୍ୟ କରି ୧୯୧୫ ଖ୍ରୀଷ୍ଟାବ୍ଦରେ ସୁରେନ୍ଦ୍ର ନାଥ ବାନାର୍ଜୀ କଟକରେ ଅଭ୍ୟର୍ଥିତ ହୋଇଥିବା ସଭାରେ କହିଥିଲେ- ''ସମଗ୍ର ଉତ୍କଳଭାଷୀଙ୍କ ଏକତ୍ରୀକରଣ କାର୍ଯ୍ୟ ଦୃଢ ଉତ୍ସାହରେ ଚଳାଇବା କର୍ତ୍ତବ୍ୟ ମାତ୍ର। ଶିକ୍ଷା ବିନା କୌଣସି ଜାତିର ଉନ୍ନତି ହୋଇନପାରେ।ବଙ୍ଗଦେଶରେ ବିଦ୍ୟାଳୟର ବହୁଳତା ଶିକ୍ଷାବିସ୍ତାର ପ୍ରଚୁର ରୂପେ କରୁଅଛି। ଓଡ଼ିଶାରେ ମଧ୍ୟ ସେହିପରି ଅନେକ ବିଦ୍ୟାଳୟ ହେବା ଉଚିତ। ପୁନାର ଫର୍ଗୁସନ ବିଦ୍ୟାଳୟର ଅନୁକରଣରେ କେତେକ ସ୍ୱାର୍ଥତ୍ୟାଗୀ ଶିକ୍ଷିତ ଯୁବକଙ୍କ ଯତ୍ନ ପ୍ରସୂତ ସତ୍ୟବାଦୀ ବିଦ୍ୟାଳୟ ଅପୂର୍ବ ଦୃଷ୍ଟାନ୍ତର ସ୍ଥଳ।ଏହାକୁ ସମଗ୍ର ଉତ୍କଳବାସୀ ସାହାଯ୍ୟ ଦେବା ବିଧେୟ, କାରଣ ତାହାରି ଫଳରେ ଦେଶରେ ଅନେକ ଶିକ୍ଷିତ ଯୁବକ ବାହାରିବେ ଏବଂ ତଦ୍ୱାରା ଅନେକ ବିଦ୍ୟାଳୟ ପ୍ରତିଷ୍ଠା ହେବ। (ସମ୍ବଲପୁର ହିତୈଷିଣୀ, ୧୯୧୫, ଜାନୁଆରୀ ୧୬)

॥ ୩ ॥

ସତ୍ୟବାଦୀ ବନ ବିଦ୍ୟାଳୟର ଏକ ମହତ ଉଦ୍ଦେଶ୍ୟ ଥିଲା ସମାଜ ସେବା।୧୯୧୨ ଖ୍ରୀଷ୍ଟାବ୍ଦରେ ସତ୍ୟବାଦୀ ସ୍କୁଲର ପରିଚାଳକ ନୀଳକଣ୍ଠ ଦାସ ସମସ୍ତ ଶିକ୍ଷକ ଓ ଛାତ୍ରମାନଙ୍କୁ ଘେନି ଭୟଙ୍କର ବିସୂଚିକା ସମୟରେ ଗ୍ରାମେ ଗ୍ରାମେ ବୁଲି କିପରି ଲୋକସେବା କାର୍ଯ୍ୟରେ ବ୍ରତୀ ହୋଇ ପରିଚର୍ଯ୍ୟା କରିଥିଲେ ସେହି ବିବରଣୀ ସମ୍ବଲପୁର ହିତୈଷିଣୀ ସମ୍ବାଦପତ୍ରରେ(୧୯୧୨ ଅକ୍ଟୋବର ୫ ସଂଖ୍ୟାରେ) ପ୍ରକାଶ ପାଇଥିଲା। ଶ୍ରୀଗୁଣ୍ଡିଚା ପରେ ପୁରୀରେ ଯେଉଁ ପ୍ରବଳ ବିସୂଚିକା ହୋଇଥିଲା, ତହିଁର ବିଜ ସଞ୍ଚରି ସତ୍ୟବାଦୀ ଓ ତାହାର ଚାରିପାଖ ଗ୍ରାମମାନଙ୍କରେ ଘୋର ମାରିଭୟ ଉପସ୍ଥିତ ହୋଇଥିଲା।ଏକ ଏକ ଗ୍ରାମରେ ଏକା ଦିନକେ ୧୦, ୨୦, ୨୫ ଜଣ ପର୍ଯ୍ୟନ୍ତ ରୋଗରେ ଆକ୍ରାନ୍ତ ହୋଇଥିଲେ।ହଇଜା ନାମ ଶୁଣିଲେ ମଫସଲରେ ଲୋକଙ୍କର ଘୋର ଆତଙ୍କ ହେଉଥିଲା। ଦିନବେଳେ ଗ୍ରାମମାନ ପ୍ରାୟ ନିଃଶବ୍ଦ ହୋଇଯାଉଥିଲା। ସନ୍ଧ୍ୟା ନବୁଡୁଣୁ ତାଟି କବାଟ ପଡି ଯାଉଥିଲା। କେହି କାହାରି ଘରକୁ ଯାଉ ନଥିଲେ। ବାଟଘାଟ ଜନଶୂନ୍ୟ ଦିଶୁଥିଲା। କିନ୍ତୁ ସତ୍ୟବାଦୀର ସ୍ୱେଚ୍ଛାସେବୀମାନେ ଏପରି ଭୟ,ଆତଙ୍କ,ଉଦ୍‌ବେଗ ଦୂର



Source: Author, Digitized by PPRACHIN, SOA

କରି ଦେଇଥିଲେ । ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକମାନଙ୍କ ମଧ୍ୟରୁ ନୀଳକଣ୍ଠ ଦାସ,ହରିହର ଦାସ, ଅଚ୍ୟୁତାନନ୍ଦ ଦାସ ଓ ରାମଚନ୍ଦ୍ର ରଥ ଅତ୍ୟନ୍ତ ପରିଶ୍ରମ ଓ ଅସୀମ ଧୈର୍ଯ୍ୟ ସହକାରେ ଗ୍ରାମେ ଗ୍ରାମେ ବୁଲି ରୋଗୀମାନଙ୍କୁ ହୋମିଓ ପ୍ୟାଥିକ୍ ଔଷଧମାନ ଦେଇ ଚିକିତ୍ସା କରିଥିଲେ । ବିଦ୍ୟାଳୟର ଅନେକ ଛାତ୍ର ଓ ସେମାନଙ୍କ ଦେଖାଦେଖି ଅନ୍ୟ କେତେକ ଗ୍ରାମ୍ୟ ଯୁବକ ସ୍ୱେଚ୍ଛାସେବକ ରୂପେ ଶିକ୍ଷକମାନଙ୍କ ସହିତ ରୋଗୀମାନଙ୍କର ସେବାଶୁଶ୍ରୂଷାରେ ଯୋଗ ଦେଇଥିଲେ । ସତ୍ୟବାଦୀ ବିଦ୍ୟାଳୟର ସ୍ୱେଚ୍ଛାସେବକ ଦଳ ୧୧୭ ଜଣ ଲୋକଙ୍କର ଚିକିତ୍ସା କରିଥିଲେ । ତହିଁ ମଧ୍ୟରୁ ୧୮ ଜଣଙ୍କ ମାତ୍ର ମୃତ୍ୟୁ ଘଟିଥିଲା । ଅବଶିଷ୍ଟ ୧୯ ଜଣ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିଲେ । ବିସୂଚିକା ପ୍ରବଳ ଭାବରେ ଲାଗିଥିବା ସମୟରେ ଜଣେ ଲୋକକୁ କାଳିସୀ ଲାଗିଥିଲା; ଅର୍ଥାତ୍ ତାଠାରେ ଠାକୁରାଣୀ ବିଜେ ହୋଇଛନ୍ତି ବୋଲି କହି ଶ୍ରୀରାମଚନ୍ଦ୍ରପୁରରେ ନାଚି ଡେଇଁ ଲୋକମାନଙ୍କୁ ଭୟ ଦେଖାଉଥିଲା ଏବଂ କହୁଥିଲା ଯେ ଏ ଗ୍ରାମରୁ ଏତେ ମୁଣ୍ଡ ଖାଇବ,ସେ ଗ୍ରାମରୁ ଏତେ ମୁଣ୍ଡ ଖାଇବ ।ଏଭଳି କଥା ଶୁଣି ମଫସଲରେ ସାଧାରଣ ଲୋକେ ବଡ ଭୟଭୀତ ହୋଇଥିଲେ । ସତ୍ୟବାଦୀ ସ୍କୁଲର ସ୍ୱେଚ୍ଛାସେବକ ଶିକ୍ଷକମାନେ ଏହି କାଳିସୀକୁ ପ୍ରଚଣ୍ଡ ପ୍ରହାର କରି ତାଠାରୁ ଠାକୁରାଣୀ ଛଡାଇଥିଲେ । ଲୋକେ ମନେ କରିଥିଲେ ଠାକୁରାଣୀଙ୍କ କୋପରେ ସତ୍ୟବାଦୀ ସ୍କୁଲର ନାସ୍ତିକ ଶିକ୍ଷକ ଓ ଛାତ୍ରମାନେ ସେହି ଦିନ ରାତିରୁ ଆଉ କେହି ବଳିବେ ନାହିଁ । କିନ୍ତୁ ଅତୀବ ସୁଖର ବିଷୟ ସ୍କୁଲର ୨୦୦ ଛାତ୍ର ଓ ୯ ଜଣ ଶିକ୍ଷକଙ୍କ ମଧ୍ୟରୁ କାହାରି କିଛି ହୋଇନଥିଲା । ଛାତ୍ରାବାସରେ ୯୦ ଜଣ ଛାତ୍ର ଥିଲେ,ସେମାନେ ସମସ୍ତେ ସୁସ୍ଥ ଥିଲେ ।ଏ ଘଟଣାରେ ଲୋକମାନଙ୍କ ମନରୁ କାଳିସୀ ପ୍ରତି ଭୟ ଓ ବିଶ୍ୱାସ ଏକାବେଳକେ ତୁଟି ଯାଇଥିଲା । ସତ୍ୟବାଦୀଠାରୁ ୫/୬ ମାଇଲ ଦୂର ପର୍ଯ୍ୟନ୍ତ ଏହି ସ୍ୱେଚ୍ଛାସେବକମାନେ ମଫସଲର ପାଣିକାଦୁଅ ବାଟରେ ଚାଲିଯାଇ ଚିକିତ୍ସା କରିଥିଲେ ।

ଭାରତ ସଂରକ୍ଷିଣୀ ସେନା ଦଳରେ ସତ୍ୟବାଦୀ ସ୍କୁଲର ଛାତ୍ରମାନେ ଯୋଗ ଦେଇଥିଲେ । ଉତ୍କଳ ଦୀପିକା(୧୯୧୭ ମେ ୫ ସଂଖ୍ୟା)ଅନୁସାରେ ସତ୍ୟବାଦୀ ସ୍କୁଲର ଶିକ୍ଷକ ଦେବ ମହାପାତ୍ର,ପଞ୍ଚମ ଶ୍ରେଣୀର ଛାତ୍ର ଗଦାଧର ମହାନ୍ତି,ନୀଳମଣି ଦାସ,ଦ୍ୱିତୀୟ ଶ୍ରେଣୀର ଛାତ୍ର ଗୋବିନ୍ଦ ମହାପାତ୍ର, ବକୁଳକୃଷ୍ଣ ଆଚାର୍ଯ୍ୟ, ଅର୍ଜ୍ଜୁନ ରାଉତରାୟ, ଘନଶ୍ୟାମ ନାୟକ, ତୃତୀୟ ଶ୍ରେଣୀର ବୃନ୍ଦାବନ ପଟ୍ଟନାୟକ,ଦୀନବନ୍ଧୁ ମିଶ୍ର,ନୀଳକଣ୍ଠ ରଥ,ଦୁର୍ଗାଚରଣ ଦାସ,ଚତୁର୍ଥ ଶ୍ରେଣୀର ଫକୀରଚରଣ ପରିଡା,ପଞ୍ଚମ ଶ୍ରେଣୀର ରମାକାନ୍ତ ଏବଂ ଛାତ୍ରାବାସର ରନ୍ଧନଶାଳାର ତତ୍ତ୍ୱାବଧାରକ ଗୋପୀନାଥ ମିଶ୍ର ଭାରତ ସଂରକ୍ଷିଣୀ ସେନା ଦଳରେ ଭୁକ୍ତ ହେବାକୁ ଆବେଦନ କରିଥିଲେ ।



Source: Author, Digitized by PPRACHIN, SOA

ଏପ୍ରିଲ ୨୬ ତାରିଖ ୧୯୧୭ରେ ବିହାର ଓଡ଼ିଶାର ମାନ୍ୟବର ଲାଟ୍‌ସାହେବ ସାର୍ ଏଡ୍‌ୱାର୍ଡ୍ ଗେଟ୍ ତାଙ୍କ ପ୍ରଧାନ ସହକାରୀ ମାକ୍‌ଫର୍‌ସନ୍‌ଙ୍କ ସଂଗେ ସତ୍ୟବାଦୀରେ ପହଞ୍ଚି ସ୍କୁଲର ଏକ ଶ୍ରେଣୀରୁ ଅନ୍ୟ ଶ୍ରେଣୀକୁ ବୁଲି ଦେଖିଥିଲେ। କୌଣସି କୌଣସି ଶ୍ରେଣୀର ପଢା ମଧ୍ୟ ଦେଖିଥିଲେ। ବନ ବିଦ୍ୟାଳୟରୁ ବାହାରି ଲାଟ୍ ମହୋଦୟ ଖେଳ ପଡିଆକୁ ଆସିଥିଲେ। ସେଠାରେ ଛାତ୍ରମାନେ ଦଣ୍ଡ,କୁସ୍ତି ଆଦି ନାନା ପ୍ରକାର ଖେଳ ଦେଖାଇଥିଲେ। ସେଠାରୁ ବଢେଇ କାରଖାନାକୁ ଯାଇ ଶିକ୍ଷକ ଓ ଛାତ୍ରମାନେ କାର୍ଯ୍ୟରେ ରତ ଥିବାର ଦେଖିଲେ। ତତ୍‌ପରେ ଲାଟ୍ ମହୋଦୟ ଛାତ୍ରମାନଙ୍କର ଭୋଜନଶାଳାକୁ ଯାଇ ସେଠାରୁ ରନ୍ଧନଶାଳାର କ୍ରିୟାକଳାପ ନିରୀକ୍ଷଣ କଲେ। ସେଠାରୁ ଯାଇ ସ୍କୁଲ୍ ବ୍ୟାଙ୍କ୍ କାର୍ଯ୍ୟାଳୟ ଏବଂ ବ୍ୟାଙ୍କ୍ ଗୋଦାମଘର ଦେଖିଥିଲେ। ତାପରେ ପୁସ୍ତକାଳୟ ଦେଖି ପୁରାତନ ତାଳପତ୍ର ପୋଥି ସଂଗ୍ରହ କରାଯିବା ପ୍ରତି ସ୍କୁଲ କର୍ତ୍ତୃପକ୍ଷଙ୍କ ଉଦ୍ୟମରେ ପରିତୋଷ ଲାଭ କଲେ।

୧୯୧୪ ମସିହାରେ ସତ୍ୟବାଦୀର ଛାତ୍ରାବାସରେ ପ୍ରାୟ ୨୭୦ ଜଣ ଛାତ୍ର ଏବଂ ୧୧ ଜଣ ଶିକ୍ଷକ ଥିଲେ। ଛାତ୍ରମାନଙ୍କର ଶିକ୍ଷାଦୀକ୍ଷାଠାରୁ ଆରମ୍ଭ କରି ସ୍ନାନାହାର ଉପାସନା ଆଲୋଚନା କ୍ରୀଡା ବ୍ୟାୟାମ ପର୍ଯ୍ୟନ୍ତ ସମସ୍ତ ବିଷୟ ଶିକ୍ଷକମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ନିୟନ୍ତ୍ରିତ ଓ ପରିଚାଳିତ ହେଉଥିଲା। ଛାତ୍ରମାନେ ପାଳି କରି ଶିକ୍ଷକମାନଙ୍କ ସଙ୍ଗେ ରୋଗୀର ସେବା ମଧ୍ୟ ଶିକ୍ଷା କରୁଥିଲେ। ରୋଗୀମାନଙ୍କର ରହିବା ପାଇଁ ଛାତ୍ରାବାସର ଗୋଟିଏ ସ୍ୱତନ୍ତ୍ର ଘର ଥିଲା। ସେଠାରେ ଜଣେ ଶିକ୍ଷକ ରୋଗୀମାନଙ୍କୁ ଘେନି ରହୁଥିଲେ ଏବଂ ଛାତ୍ରମାନେ ପାଳିକରି ଦିନେଦିନେ ସେଠାରେ ଶିକ୍ଷକଙ୍କୁ ସାହାଯ୍ୟ କରୁଥିଲେ। ପୁରୀର ବୈଦ୍ୟ ମାଗୁଣି ମିଶ୍ର ମଝେ ମଝେ ରୋଗୀମାନଙ୍କୁ ଦେଖି ଯାଉଥିଲେ ଏବଂ ପୁରୀଠାରେ ପ୍ରାୟ ପ୍ରତିଦିନ ରୋଗୀମାନଙ୍କ ଅବସ୍ଥା ଶୁଣି ଔଷଧ ଓ ପଥ୍ୟାଦିର ବ୍ୟବସ୍ଥା କରୁଥିଲେ। ଶିକ୍ଷକମାନେ ନିଜେ ନିଜେ ମଧ୍ୟ ଆକସ୍ମିକ ରୋଗ ଓ ଲଘୁ ବ୍ୟାଧିମାନଙ୍କର ହୋମିଓପ୍ୟାଥିକ୍ ଚିକିତ୍ସା କରୁଥିଲେ। ସ୍ଥାନୀୟ ଡାକ୍ତର ମଧ୍ୟ ଆବଶ୍ୟକ ମତେ ସହାୟତା କରୁଥିଲେ। ଛାତ୍ରମାନେ ପଥ୍ୟପାଚନ ଓ ଔଷଧଧାରଣ ହୋମିଓପ୍ୟାଥିକ୍ ଔଷଧ ଓ ଥର୍ମାମିଟର ବ୍ୟବହାରରେ ଶିକ୍ଷିତ ହୋଇଥିଲେ। କୃଷିଶିକ୍ଷା ଛାତ୍ରମାନଙ୍କର ସାୟଂକାଳୀନ ବ୍ୟାୟାମର ଗୋଟିଏ ଅଙ୍ଗ। କୃଷି ପାଇଁ ସ୍କୁଲ ନିକଟରେ କେତେକ କ୍ଷେତ୍ର ନିଆଯାଇ ତାହା କେତେ ଗୁଡିଏ ନିର୍ଦ୍ଦିଷ୍ଟ କିଆରିରେ ବିଭକ୍ତ କରାଯାଇଥିଲା। ଛାତ୍ରମାନେ ପାଳି କରି ସେ ସବୁ କିଆରିରେ ସମସ୍ତ କୃଷି କାର୍ଯ୍ୟ ବିଜ୍ଞାନ ସମ୍ମତ ପ୍ରଣାଳୀରେ କରୁଥିଲେ। ପାଳି ଅନୁସାରେ ପ୍ରତ୍ୟକ



Source: Author, Digitized by PPRACHIN, SOA

ଛାତ୍ରର ଦୁଇ ଦିନ ବ୍ୟାୟାମ ପରେ ଦିନେ କୃଷିକ୍ଷେତ୍ରରେ କାର୍ଯ୍ୟ ପଡେ। ସତ୍ୟବାଦୀ ସ୍କୁଲର କର୍ତ୍ତୃପକ୍ଷମାନେ ଏହି ପନ୍ଥାରେ ଛାତ୍ରମାନଙ୍କୁ ଚାଳିତ କରିବା ସର୍ବଜନ ପ୍ରଶଂସନୀୟ ହୋଇଥିଲା।

॥ ୪ ॥

ସତ୍ୟବାଦୀ ସ୍କୁଲର ଶିକ୍ଷାବ୍ୟବସ୍ଥା ସମ୍ବନ୍ଧରେ ଏହାର ନିର୍ମାତା ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳ ଦୀପିକା(ଫେବୃଆରୀ ୨୬ ୧୯୨୭)ରେ ଏକ ଦୀର୍ଘ ବିବରଣୀ ଦେଇଥିଲେ। ସତ୍ୟବାଦୀ ସ୍କୁଲରେ ଅସ୍ପୃଶ୍ୟ ବର୍ଣ୍ଣର ଅନେକ ଛାତ୍ର ନାମ ଲେଖାଇଥିଲେ। ସତ୍ୟବାଦୀ ସ୍କୁଲରେ ତିନି ଶ୍ରେଣୀର ଛାତ୍ର ନିଆଯିବା ପାଇଁ ଚିନ୍ତା କରାଯାଇଥିଲା ଏବଂ ସେମାନଙ୍କର ଶିକ୍ଷା ବିଭାଗ ମଧ୍ୟ ପୃଥକ୍ ପୃଥକ୍ ହୋଇଥିଲା।ଏହି ତିନି ବିଭାଗ ଶିକ୍ଷା , ଯଥା-୧-ସାଧାରଣ ଶିକ୍ଷା,୨-ବ୍ରହ୍ମଚର୍ଯ୍ୟ ଶିକ୍ଷା,୩-ଲୌକିକ ଶିକ୍ଷା। ସାଧାରଣ ବିଭାଗରେ ଅପର ପ୍ରାଇମେରୀ,ମାଇନର ବା ମାଟ୍ରିକୁଲେସନ୍ ଆଦିରେ ଯେଉଁ ପାଠ ପଢାଯାଏ ତାହାହିଁ ପଢା ଯିବାର ସ୍ଥିର ହୋଇଥିଲା। ଅବଶ୍ୟ ସେହି ସବୁ ବହି ପଢା ଯିବାର ବ୍ୟବସ୍ଥା ହୋଇନଥିଲା କିମ୍ବା ପାଠର ସମୟ ସେତିକି ନିର୍ଦ୍ଦିଷ୍ଟ ହୋଇନଥିଲା।ଏସବୁର ପରିବର୍ତ୍ତନ ନିତାନ୍ତ ଆବଶ୍ୟକ।

ଗୋପବନ୍ଧୁଙ୍କ ମତରେ-ସ୍କୁଲମାନଙ୍କରେ ଯେ ସବୁ ବହି ପଢା ଯାଇଥିଲା,ଛାତ୍ରମାନଙ୍କର ବୟସ ବୁଦ୍ଧି ବିବେଚନାରେ ସେ ଗୁଡିକ ଅନେକ ପରିମାଣରେ ଅପାଠ୍ୟ,ଦେଖିବାହିଁ ସେସବୁରୁ ଅନେକ ଛାଡିବାକୁ ହେବ ଏବଂ ଆଉ ଅନେକଗୁଡିଏ ଯୋଗ କରିବାକୁ ହେବ। ଅଳ୍ପବୟସ୍କ ପିଲାମାନଙ୍କୁ ଯେତେ ସମୟ ପାଠ ପଢିବାକୁ ହେଉଛି,ତାହା ସେମାନଙ୍କ ଦେହ ଓ ମନର ବିକାଶ ପକ୍ଷେ କ୍ଷତିକାରକ। ସମୟ କମାଇବାକୁ ହେବ। ଅନେକଗୁଡିଏ ବିଷୟ ଶିକ୍ଷା ଦିଆଯାଉଅଛି।ଏ ବୟସରେ ସେଥିରୁ କେତେକ ବାଦ୍ ଦିଆଗଲେ ବେଶ୍ ଚଳେ। ବୁଝି ବିଚାରି ତାହା ସବୁ ବାଦ୍ ଦିଆଯିବ। ମୋଟ ଉପରେ ସରକାରୀ ଶିକ୍ଷା ବିଭାଗରେ ଯେ ପ୍ରକାର ଓ ପ୍ରଣାଳୀରେ ଯେ ପରିମାଣରେ ଶିକ୍ଷା ଦିଆ ଯାଉଅଛି, ସାଧାରଣ ବିଭାଗରେ ସେହିପରି ସେହି ପରିମାଣରେ ଶିକ୍ଷା ଦିଆଯିବ। ସରକାରୀ ଶିକ୍ଷା ବିଭାଗରେ ଏ ସବୁ ଶ୍ରେଣୀରେ ଯେ ବୟସର ଛାତ୍ରମାନେ ପଢିଥାନ୍ତି ଏଥିରେ ସେହି ବୟସର ପିଲାମାନଙ୍କୁ ନିଆଯିବ।ଏ ବିଭାଗରେ ପିଲାମାନେ କେତେଦୂର ପଢିବା ପରେ ଇଚ୍ଛାକଲେ ସରକାରୀ ସ୍କୁଲରେ



Source: Author, Digitized by PPRACHIN, SOA

ଯାଇ ଭର୍ତ୍ତି ହୋଇପାରନ୍ତି । ସେଥିରେ ଆମ୍ଭମାନଙ୍କର ଆକ୍ଷେପ ବା ଆପତ୍ତି ହେବ ନାହିଁ । ଯେଉଁମାନେ ପରେ ସରକାରୀ ସ୍କୁଲରେ ପରୀକ୍ଷା ଦେବା ନିମନ୍ତେ ନାମ ଲେଖାଇବେ ସେମାନଙ୍କ ପକ୍ଷେ ଏ ସାଧାରଣ ପାସ୍ ଏକ ପ୍ରକାର ଘର ପଢ଼ା ହେବ । ଯେଉଁମାନେ ସରକାରୀ ସ୍କୁଲକୁ ନଯାଇ ବରାବର ସତ୍ୟବାଦୀ ସ୍କୁଲରେ ଶେଷ ପର୍ଯ୍ୟନ୍ତ ପଢ଼ିବାକୁ ଇଚ୍ଛା କରିବେ,ସେମାନଙ୍କ ଲାଗି ବ୍ୟବସ୍ଥା ରହିବ ଏବଂ ସେମାନଙ୍କୁ ଜୀବନରେ କାର୍ଯ୍ୟକ୍ଷମ କରିବା ଉଦ୍ଦେଶ୍ୟରେ ସେମାନଙ୍କର ଅଭିପ୍ରାୟ ଓ ଅଭିରୁଚି,ବୁଦ୍ଧି ଓ ବିଚକ୍ଷଣତା ଦେଖି ସାଧାରଣ ଶିକ୍ଷା ବା ବୈଷୟିକ ଶିକ୍ଷା ବା ଅନ୍ୟ କୌଣସି ଶିକ୍ଷାର ଉପଯୁକ୍ତ ବ୍ୟବସ୍ଥା କରାଯିବ । ସାଧାରଣ ବିଭାଗର ଛାତ୍ରମାନଙ୍କୁ ମାସିକ ବେତନ ଦେବାକୁ ହେବ ।

ଦ୍ୱିତୀୟ ବିଭାଗର ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ବିଭାଗରେ ୧୨ ବର୍ଷ ଠାରୁ କେବଳ ୧୫ ବର୍ଷ ପର୍ଯ୍ୟନ୍ତ ଛାତ୍ରମାନଙ୍କୁ ନିଆଯିବ । ଆଗରୁ ଏମାନଙ୍କର ଅପର ପ୍ରାଇମେରୀ ପର୍ଯ୍ୟନ୍ତ ପାଠ ହୋଇଥିବା ଆବଶ୍ୟକ ।ଏ ବିଭାଗରେ ଛାତ୍ରମାନେ ସାଧାରଣ ବିଭାଗର ଛାତ୍ରମାନଙ୍କର କେତେକ ପାଠ ପଢ଼ିବେ । ମାତ୍ର ତାହାଛଡ଼ା ଆଉ କେତେ ବିଷୟରେ ଏମାନଙ୍କର ସ୍ୱତନ୍ତ୍ର ଶିକ୍ଷାର ବ୍ୟବସ୍ଥା ହେବ । ପାଠ ଅପେକ୍ଷା ଏମାନଙ୍କର ଜୀବନର ଗତି,ସ୍ଥିତି,ନୀତି ପ୍ରତିବିଶେଷ ଦୃଷ୍ଟି ଦିଆଯିବ ।ଏମାନେ ସବୁବେଳେ ଛାତ୍ରାବାସରେ ରହିବେ ।ଏମାନଙ୍କୁ ଖୁବ୍ କମରେ ୮ ବର୍ଷ ପଢ଼ିବାକୁ ହେବ । ପ୍ରଥମ ପାଞ୍ଚ ବର୍ଷରେ ସାଧାରଣ ଜ୍ଞାନ ଓ ବ୍ୟୁତ୍ପତ୍ତି ଲାଗି ଭିନ୍ନ ଭିନ୍ନ ବିଷୟ ପଢ଼ିବେ । ଶେଷ ତିନି ବର୍ଷ କୌଣସି ଗୋଟିଏ ବିଷୟରେ ଶିକ୍ଷାରେ ତାଙ୍କୁ କଟାଇବାକୁ ହେବ । କେହି ଯଦି କବିରାଜ ହେବାକୁ ଚାହାନ୍ତି,ସେ ଶେଷ ତିନି ବର୍ଷ କବିରାଜ ଗ୍ରନ୍ଥ କେବଳ ପଢ଼ିବେ । ସେହିପରି ଆଉ କେହି ବା ସଂସ୍କୃତ,କେହି ବା ଇତିହାସ ବା ଅନ୍ୟ କୌଣସି ବିଷୟ ପଢ଼ିପାରନ୍ତି ।ଏ ଶ୍ରେଣୀର ଛାତ୍ରମାନଙ୍କୁ ମାସିକ ବେତନ ଦେବାକୁ ହେବନାହିଁ । ମାତ୍ର ଛାତ୍ରାବାସର ଖର୍ଚ୍ଚ ଏମାନଙ୍କର ଘର ଆଡ଼ୁ ପଡ଼ିବ ବୋଲି ଆଶା । ଅବସ୍ଥା ଦୃଷ୍ଟିରେ ଏ ଶ୍ରେଣୀର କୌଣସି କୌଣସି ଛାତ୍ରଙ୍କର ଆହାରାଦିର ବ୍ୟୟ ସ୍କୁଲରୁ ମଧ୍ୟ ଦିଆ ଯାଇପାରେ ।ଏ ଶ୍ରେଣୀରୁ ବାଛିକରି ପିଲା ନିଆଯିବ ।

ତୃତୀୟ ଲୌକିକ ଶ୍ରେଣୀରେ ଗ୍ରାମ୍ୟ ଯୁବକମାନଙ୍କୁ ଶିକ୍ଷା ଦିଆଯିବ । ସହର ଓ ମଫସଲ ଗ୍ରାମମାନଙ୍କରେ ଖଣ୍ଡଦୂର ପଢ଼ି ୧୮,୨୦,୨୫ ବର୍ଷ ଯୁବକମାନେ ରହିଅଛନ୍ତି । କୌଣସି ଆଡ଼େ ଚାକିରୀ ପାଇବା ଭଳି ସେମାନଙ୍କର ସୁବିଧା ନାହିଁ । ଘରର କାର୍ଯ୍ୟ ସେମାନଙ୍କୁ ସେତେ ଲାଗିନାହିଁ । ଗ୍ରାମରେ ସେମାନେ କଣ କରିବେ ଠିକ୍ କରିପାରୁନାହାନ୍ତି ବା ଜାଣି



Source: Author, Digitized by PPRACHIN, SOA

ପାରୁନାହାନ୍ତି । ସାମାନ୍ୟ ଶିକ୍ଷା ଓ ଚାଳନା ପାଇଲେ ସେମାନେ ଗ୍ରାମର ଅନେକ ସାଧାରଣ କାର୍ଯ୍ୟ କରିବାକୁ ସମର୍ଥ ହେବେ । ଆପଣା ଆପଣା ଗୃହକାର୍ଯ୍ୟରେ ମଧ୍ୟ ସେମାନଙ୍କର ଅଧିକ ଆଗ୍ରହ ଓ ଉତ୍ସାହ ଜନ୍ମିବ ଏବଂ ସେମାନେ ଜଣେ ଜଣେ ଗ୍ରାମ୍ୟ ଓ ସ୍ଥାନୀୟ ନେତା ହୋଇ ବାହାରିବେ । ବର୍ଷ ମଧ୍ୟରେ ତିନି ମାସ ମାତ୍ର ଏମାନଙ୍କୁ ପଢିବାକୁ ହେବ । ଫେବୃଆରୀ,ମାର୍ଚ୍ଚ ଏପ୍ରିଲ ବା ଦେଶୀୟ ମାସ ଅନୁସାରେ ଫଗୁଣ,ଚୈତ୍ର,ବୈଶାଖ ଏହି ତିନି ମାସ ଏମାନଙ୍କର ଶିକ୍ଷା ସମୟ ହେବ । ଏ ସମୟରେ ଗ୍ରାମରେ ବିଲବାଡି ଧନ୍ଦା କିଛି ନଥାଏ । ଏପରିକି ଅନେକ କାମିକା ଲୋକଙ୍କୁ ମଧ୍ୟ ବୃଥାରେ ସମୟ କଟାଇବାକୁ ହୋଇଥାଏ । ତେଣୁ ଅଧିକ ପ୍ରବୀଣତା ଓ ଯୋଗ୍ୟତା ଲାଭ କରିବା ପାଇଁ ବ୍ୟାବହାରିକ ଶିକ୍ଷା ଅର୍ଜ୍ଜନରେ ଏ ସମୟ ଦେବାକୁ ଅନେକ ସୁବିଧା ମନେ କରିବେ ବୋଲି ଆଶା କରାଯାଏ । ଗ୍ରାମ୍ୟସ୍ୱାସ୍ଥ୍ୟ, ଗୃହଶିଳ୍ପ, ଗ୍ରାମସଭା ସଂଗଠନ,ଖବରକାଗଜ ଓ ପୁରାଣପାଠ ଇତ୍ୟାଦିଏମାନଙ୍କୁ ଶିକ୍ଷା ଦିଆଯିବ । ଜିଲ୍ଲାବୋର୍ଡ,ମ୍ୟୁନିସ୍ପାଲ୍‌ଟି,ଗ୍ରାମପଞ୍ଚାୟତର ନିୟମବିଧାନ ଓ ବର୍ତ୍ତମାନ ଶାସନ ରୀତି ଓ ପ୍ରଣାଳୀ ବିଷୟରେ ଉପଦେଶ ଦିଆଯିବ । ପ୍ରଜାର ଅଧିକାର ଓ ଦାୟିତ୍ୱ,ଭାରତରେ ପଲ୍ଲୀର କି ଶକ୍ତି ଓ ପ୍ରତିଷ୍ଠା ପ୍ରଭୃତି ପଲ୍ଲୀ ସଂଗଠନ ବିଷୟକ ନାନା ପ୍ରସଂଗ ଏମାନଙ୍କ ଶିକ୍ଷାର ଅନ୍ତର୍ଗତ ହେବ ।ଏ ଶିକ୍ଷାଲାଗି ଭୁଗୋଳ ଇତିହାସ ବା ଅନ୍ୟ କୌଣସି ସାଧାରଣ ବିଷୟ ଯାହା କିଛି ଲୋଡା ଏମାନେ ପଢିବେ ।

ସ୍ଥାନୀୟ ଅଭାବ ଅଭିଯୋଗମାନ ଖବରକାଗଜକୁ କିପରି ଜଣାଇବାକୁ ହେବ ତାହା ଲେଖି ଶିଖିବେ । କୌଣସି ବିଷୟରେ ମଫସଲର ଲୋକ ସାଧାରଣଙ୍କୁ ବୁଝାଇବା ଏବଂ ସେମାନଙ୍କ ମଧ୍ୟରେ ସଭାସମିତି ସଂଗଠନ କରାଇବା,ନିୟମ ବିଧାନର କ୍ରିୟା ଓ ପ୍ରଣାଳୀ ସମ୍ବନ୍ଧରେ ଶିକ୍ଷା ପାଇବେ ।ଏହା ଛଡା ସାମାନ୍ୟ ସାମାନ୍ୟ ରୋଗର ଚିକିତ୍ସା ମଧ୍ୟ କରି ଶିଖିବେ । ପାଠର ସମୟ ତିନି ମାସ ମଧ୍ୟରେ । ବହି କାଗଜ ସମ୍ପର୍କୀୟ ଲେଖାପଢା ଛଡା ନିକଟବର୍ତ୍ତୀ କୌଣସି କୌଣସି ଗ୍ରାମରେ ଶିକ୍ଷାଲାଗି ଏମାନଙ୍କୁ ଶିକ୍ଷକମାନଙ୍କର ତତ୍ତ୍ୱାବଧାନ ଓ ପରାର୍ମଶରେ ଗ୍ରାମ ସଂଗଠନ କାର୍ଯ୍ୟ କରିବାକୁ ହେବ ।୧୫ ଦିନରେ ୩ ଦିନ ମାତ୍ର ଏମାନଙ୍କର ପଢା କ୍ଲାସ୍ ହେବ । ଅବଶିଷ୍ଟ ସମୟରେ ନିକଟବର୍ତ୍ତୀ ଛାତ୍ରମାନେ ନିଜ ନିଜ ଗ୍ରାମକୁ ଚାଲି ଯାଇପାରନ୍ତି,ମାତ୍ର ଗ୍ରାମରେ ସେମାନଙ୍କୁ ପାଠବିଧାନ ଅନୁସାରେ କାର୍ଯ୍ୟ କରିବାକୁ ହେବ । ଶିକ୍ଷକ ମଧ୍ୟେ ମଧ୍ୟେ ଯାଇ ସେମାନଙ୍କର କାର୍ଯ୍ୟର ତତ୍ତ୍ୱାବଧାନ କରିବେ । ସେମାନେ ଗ୍ରାମରେ ଯାହା କରିବେ ତାହାର ନୋଟ୍ ରଖିବେ । ଆରପକ୍ଷରେ ସେମାନେ ସ୍କୁଲକୁ ଆସିବା ବେଳେ ଉକ୍ତ ନୋଟ୍‌ର ଆଲୋଚନା ଓ ତତ୍‌ସମ୍ବନ୍ଧେ ଉପଦେଶ ଦିଆଯିବ ।ଏହାଛଡା ବ୍ୟବହାରିକ ପ୍ରଚଳିତ ଆଇନ୍‌କାନୁନ୍ କେତେକ ଏ ଛାତ୍ରମାନେ ଶିଖିବେ ।



Source: Author, Digitized by PPRACHIN, SOA

ଦେଶର ଅନେକ ସଂଗତିସଂପନ୍ନ ମଧ୍ୟବିତ୍ତ ଶ୍ରେଣୀର ଯୁବକମାନଙ୍କ ପକ୍ଷେ ଏଭଳି ଶିକ୍ଷା ଅତ୍ୟନ୍ତ ପ୍ରୟୋଜନୀୟ ବୋଲି ବୋଧହୁଏ। ପଲ୍ଲୀରେ କାର୍ଯ୍ୟ କରିବାର ରାସ୍ତା ଟିକିଏ ସେମାନେ ଦେଖିଗଲେ ଶାସନପ୍ରଣାଳୀ ସଂଗଠନ ଓ ସାଧାରଣ କେତେକ ବିଷୟରେ ଅଭିଜ୍ଞତା ଲାଭ କଲେ ଏବଂ ବ୍ୟବହାରିକ ସାଧାରଣ କାର୍ଯ୍ୟ ଚଳାଇବା ପାଇଁ ଯୋଗ୍ୟତା ଲାଭ କଲେ ସେମାନେ ନିଜ ନିଜ ଅଞ୍ଚଳରେ ଜଣେ ସୁଦକ୍ଷ କର୍ମୀ ଓ ଲୋକନାୟକ ହେବେ ବୋଲି ଆଶା କରାଯାଏ। ତିନି ମାସ ଶିକ୍ଷା ଶେଷ ପରେ ଦରକାର ହେଲେ କେହି କେହି ପୁଣି ଆର ବର୍ଷ ସେହି ତିନି ମାସ ବା ତହିଁରୁ ଅଳ୍ପ ସମୟ ଆସିପାରନ୍ତି।

ତିନି ମାସ ପରେ ଗ୍ରାମକୁ ଯାଇ ବର୍ଷ ମଧ୍ୟରେ ଯାହା କାର୍ଯ୍ୟ କରିବେ ତହିଁର ମାସିକ ବିବରଣୀମାନ ସତ୍ୟବାଦୀ ସ୍କୁଲକୁ ପଠାଇବେ। ସେଠାରୁ ସେମାନଙ୍କୁ ପ୍ରୟୋଜନୀୟ ଉପଦେଶ ମଧ୍ୟ ମିଳିବ।୧୮ ବର୍ଷରୁ ୩୦ ବର୍ଷର ଯୁବକମାନେ ଏ ଶ୍ରେଣୀରେ ନିଆଯାଇପାରନ୍ତି। ଯେଉଁମାନେ ସରକାରୀ ଢଙ୍ଗରେ ଅପର ପ୍ରାଇମେରୀ ବା ମାଇନର ଇଂରାଜୀ ସ୍କୁଲରେ ନ ପଢି ପୁରୁଣା ଚାଟଶାଳୀ ଢଙ୍ଗରେ କିଛି ପଢିଛନ୍ତି ଅଥଚ ଗ୍ରାମର ସାଧାରଣ କାର୍ଯ୍ୟ କରିବା ଲାଗି ସେମାନଙ୍କର ଉତ୍ସାହ ଆଗ୍ରହ ଓ ବୁଦ୍ଧି ବିଚକ୍ଷଣତା ଅଛି,ସେମାନଙ୍କର ପଢିବା ଲାଗି ଏ ଶ୍ରେଣୀରେ କିଛି ଅସୁବିଧା ହେବ ନାହିଁ।ସତ୍ୟବାଦୀ ସ୍କୁଲରେ ରହିବା ବେଳେ ଏମାନେ ନିଜ ଖର୍ଚ୍ଚରେ ବୋର୍ଡିଂରେ ରହିପାରନ୍ତି। ସ୍କୁଲର ସବୁ ଶ୍ରେଣୀର ସବୁ ବିଭାଗର ଛାତ୍ରମାନଙ୍କୁ ନିର୍ଦ୍ଦିଷ୍ଟ କିଛି ସମୟ ପ୍ରତ୍ୟହ ସୂତା କାଟିବାକୁ ହେବ। ହିନ୍ଦି ଶିଖିବାକୁ ହେବ। ଏହାଛଡା ଆଉ ଯେ ଶିଳ୍ପର ବ୍ୟବସ୍ଥା ରହିବ ଇଚ୍ଛା ଓ ଅଭିରୁଚି ଅନୁସାରେ ଛାତ୍ରମାନେ ସେଥିରେ ଯୋଗ ଦେବେ। ଗୋପବନ୍ଧୁ ଦାସଙ୍କର ଏହି ନୂତନ ଶିକ୍ଷାନୀତି ସମୟ ଉପଯୋଗୀ ଓ ଜାତୀୟ ଜାଗରଣ ପାଇଁ ଉଦ୍ଦିଷ୍ଟ ଥିଲା।

॥ ୫ ॥

୧୯୨୫ ମସିହା ସତ୍ୟବାଦୀ ବିଦ୍ୟାଳୟର ଏକ ସମସ୍ୟାର ବର୍ଷ।ଏହି ସ୍କୁଲ ଜାତୀୟ ବିଦ୍ୟାଳୟ ରୂପେ ପ୍ରାୟ ତିନି ବର୍ଷ ଚଳିଲା ପରେ କର୍ମୀମାନେ ଯେତେବେଳେ ଦେଖିଲେ ଯେ ଜାତୀୟ ଶିକ୍ଷା ପ୍ରତି ଛାତ୍ର ଓ ଅଭିଭାବକମାନଙ୍କର ଆଦର ନାହିଁ,ସେମାନେ ବିଦ୍ୟାଳୟକୁ ପାଟନା ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ କରାଇବାକୁ ସରକାରଙ୍କୁ ଦରଖାସ୍ତ କରିଥିଲେ। ଦରଖାସ୍ତ କଲାବେଳେ ସତ୍ୟବାଦୀ ସ୍କୁଲକୁ ବିଶ୍ୱ ବିଦ୍ୟାଳୟ ଭୁକ୍ତ କରିବା ବିଷୟରେ ସରକାରଙ୍କର କୌଣସି ଆପତ୍ତି ଥିବାର ପ୍ରକାଶ ପାଇନଥିଲା। କେବଳ ଦରଖାସ୍ତ ବିଳମ୍ବରେ କରାଯାଇ ଥିବାରୁ ସେ ତାହା ଜାନୁଆରୀ(୧୯୨୫) ପୂର୍ବରୁ ମଞ୍ଜୁର କରିପାରିଲେ



Source: Author, Digitized by PPRACHIN, SOA

ନାହିଁ। ଏ ବିଷୟରେ କୌଣସି ପ୍ରକାର ବାଧାବିଘ୍ନ ନଘଟି ସତ୍ୟବାଦୀ ସ୍କୁଲ ସହଜରେ ପାଟନା ବିଶ୍ୱବିଦ୍ୟାଳୟ ସଂଗେ ସଂପୃକ୍ତ ହୋଇଯିବ ବୋଲି ସମସ୍ତେ ମନେ କରିଥିଲେ। ପ୍ରଥମେ ବିଶ୍ୱବିଦ୍ୟାଳୟଭୁକ୍ତ ଥାଇ ପରେ ପୁଣି ଅସହଯୋଗ ଆନ୍ଦୋଳନ ସମୟରେ ଜାତୀୟ ବିଦ୍ୟାଳୟରେ ପରିଣତ ହୋଇ ପୁନରାୟ ବିଶ୍ୱବିଦ୍ୟାଳୟ ଅଧୀନକୁ ଯିବା ନିମନ୍ତେ ଚେଷ୍ଟା କରିବା ବିଷୟରେ ସତ୍ୟବାଦୀ ସ୍କୁଲ ବିହାର ଓଡ଼ିଶାରେ ଏକ ମାତ୍ର ସ୍କୁଲ ନଥିଲା। ବିହାରର ଏପରି ତିନିଗୋଟି ସ୍କୁଲ ସଂପୃକ୍ତି ପାଇଥିବାର ପ୍ରମାଣ ଥିଲା।

ସତ୍ୟବାଦୀ ସ୍କୁଲ ସରକାରଙ୍କ ମଂଜୁରୀ ପାଇବ ବୋଲି ବିଭିନ୍ନ ଲୋକ ଓ ବିଶ୍ୱସ୍ତ ସୂତ୍ରରୁ ଶୁଣାଯାଇଥିଲା। ଆଶା ସମ୍ବାଦପତ୍ର(ସେପ୍ଟେମ୍ବର ୭,୧୯୨୫)ରେ ଏ ସମ୍ପର୍କରେ ଏକ ଦୀର୍ଘ ବିବରଣୀ ପ୍ରକାଶ ପାଇଥିଲା। ସେଥିରୁ ଜଣାଯାଏ-କର୍ତ୍ତୃପକ୍ଷମାନଙ୍କର ଭାବଭଙ୍ଗୀରୁ ଏହି ସଂପୃକ୍ତି ବିଷୟରେ ଅନେକ ରହସ୍ୟ ଜଣାପଡେ। ହାଇସ୍କୁଲର ଶିକ୍ଷା ପରିଚାଳନା ନିମନ୍ତେ ସରକାରଙ୍କର ଏକ ବୋର୍ଡ ଅଛି। ସେ ବୋର୍ଡରେ ଅଧିକାଂଶ ସଭ୍ୟ ସରକାରୀ କର୍ମଚାରୀ କିମ୍ବା ତାଙ୍କ ହାତର ଲୋକ। ଅତଏବ ସେମାନେ ଡିରେକ୍ଟରଙ୍କ ଇଙ୍ଗିତକୁ ଅପେକ୍ଷା କରି ଚଳିବା ସ୍ୱାଭାବିକ।ଏହି ବୋର୍ଡରେ ଯେଉଁ ଦିନ ସତ୍ୟବାଦୀ ସ୍କୁଲର ଦରଖାସ୍ତ ବିଚାର କରାଗଲା,ସେ ଦିନ ପ୍ରାୟ ଦଶ ଜଣ ସଭ୍ୟ ଉପସ୍ଥିତ ଥିଲେ।ସତ୍ୟବାଦୀ ସ୍କୁଲ ଏପରି ଭାବେ ନାମଞ୍ଜୁର ହେବା କଥା ପଡିବାରୁ ଜଣେ ସଭ୍ୟ ଦେବକୀ ପ୍ରସାଦ ସିଂହ ସେ ବିଷୟରେ ପ୍ରସ୍ତାବ ଆଗତ କଲେ ଯେ ସତ୍ୟବାଦୀ ସ୍କୁଲର ଶିକ୍ଷକମାନେ କିପରି ଭାବରେ କାର୍ଯ୍ୟ କରୁଛନ୍ତି ଓ ଗୋପବନ୍ଧୁ ବାବୁଙ୍କ ସଙ୍ଗେ ଏ ସ୍କୁଲର କିପରି ସମ୍ପର୍କ ଅଛି,ଏ ବିଷୟରେ ଅନୁସନ୍ଧାନ କରାଯାଉ। ମାତ୍ର ଏ ପ୍ରସ୍ତାବ ସପକ୍ଷରେ ତିନି ଜଣ ବିପକ୍ଷରେ ସାତ ଜଣ ଭୋଟ ଦେବାରୁ ପ୍ରସ୍ତାବ ନାମଞ୍ଜୁର ହେଲା।

ଏହା ପରେ ସତ୍ୟବାଦୀ ସ୍କୁଲ ଦରଖାସ୍ତ ନାମଞ୍ଜୁର କରାଯାଉ ବୋଲି ଯେ ପ୍ରସ୍ତାବ ହେଲା ତାହା ସପକ୍ଷରେ ୯ ଜଣ ଓ ବିପକ୍ଷରେ ଜଣେ ମାତ୍ର ରହିଲେ। ସତ୍ୟବାଦୀ ସ୍କୁଲକୁ ଏହି ସିଦ୍ଧାନ୍ତ ନେଇ ନାମଞ୍ଜୁର କରାଗଲା କାରଣ ବର୍ତ୍ତମାନ ଶିକ୍ଷକ ଓ ସ୍କୁଲ କମିଟି ମେମ୍ବରମାନଙ୍କୁ ନେଇ ସ୍କୁଲ ଯେପରି ଭାବରେ ଚାଲିଛି,ତାହାକୁ ସଂପୃକ୍ତି ଦେବା ଦ୍ୱାରା ବିହାର ଓଡ଼ିଶାର ଶିକ୍ଷାର ସାମ୍ଭାବ୍ୟ ଉନ୍ନତିରେ ବାଧା ପଡିବ। ଆମ୍ଭେମାନେ ଯେତେଦୂର ଜାଣୁ ସରକାର ଜିଲାର ଯେ କୌଣସି ବିଷୟରେ ମିମାଂସା କରିବା ପୂର୍ବରୁ ଜିଲ୍ଲା ହାକିମ କଲେକ୍ଟରଙ୍କ ମତ ଲୋଡନ୍ତି। କଲେକ୍ଟର ତାଙ୍କ ଅଧୀନସ୍ଥ କୌଣସି କର୍ମଚାରୀ ବା ପୋଲିସଙ୍କୁ ପଠାଇ ତଦନ୍ତ କଲାପରେ ସେ ବିଷୟରେ ଏକ ରିପୋର୍ଟ ଦିଅନ୍ତି। ସେ



Source: Author, Digitized by PPRACHIN, SOA

ରିପୋର୍ଟ ଉପରେ ନିର୍ଭର କରି ସରକାର ବିଷୟର ନିଷତ୍ତି କରନ୍ତି । ସତ୍ୟବାଦୀ ସ୍କୁଲର ମଞ୍ଜୁର ବିଷୟ ନେଇ ସେହି ନିୟମ ରକ୍ଷା କରାହୋଇଛି ବୋଲି ଶୁଣାଯାଏ । ଜଣେ ଗ୍ରାଜୁଏଟ୍ ପୋଲିସ୍ ସବ୍-ଇନିସ୍‌ପେକ୍ଟର୍ ସତ୍ୟବାଦୀ ସ୍କୁଲର ସ୍ଥାନୀୟ ତଦନ୍ତ କରିବାକୁ ଆସି ତାପରେ ଗୋଟିଏ ଯୌବନସୁଲଭ କବିତାପୂର୍ଣ୍ଣ ରିପୋର୍ଟ ପଠାଇଥିବାର କଥିତ ଅଛି । ସେ ରିପୋର୍ଟର ପାଣ୍ଡିତ୍ୟପୂର୍ଣ୍ଣ ଭାଷା ଚାତୁରୀ ଜଣେ ବନ୍ଧୁଙ୍କ ଆଗେ ବଖାଣିବା ସମୟରେ ରିପୋର୍ଟରେ ନିମ୍ନକଥାମାନ ଲେଖାଥିବାର ଜଣାଗଲା-Satyavadi School is a hidden volcano and the workers there are serpents under the flower-ସତ୍ୟବାଦୀ ସ୍କୁଲ୍ ଗୋଟିଏ ଗୁପ୍ତ ଆଗ୍ନେୟଗିରି ଏବଂ ସେଠାରେ କର୍ମୀମାନେ ଫୁଲତଳେ ଲୁଚି ରହିଥିବା ସାପ ।

ପୁରୀ ଜିଲ୍ଲାର ଓଡ଼ିଆ କଲେକ୍ଟର ରାୟବାହାଦୂର ଦୟାନିଧି ଦାସ ଏକ ରିପୋର୍ଟ ପାଇ ସମ୍ଭବତଃ ଉପରୋକ୍ତ ଆଳଂକାରିକ ଭାଷାକୁ ରିପୋର୍ଟ ମଧରେ ଗୁଞ୍ଜି ସରକାରଙ୍କୁ ଜଣାଇଥିବେ ଯେ ସତ୍ୟବାଦୀ ସ୍କୁଲ ଶିକ୍ଷକମାନଙ୍କ ପ୍ରତି ଏପରି ସନ୍ଦେହ ଥିବା ସ୍ଥଳେ ସ୍କୁଲକୁ ମଞ୍ଜୁର କଲେ ଓଡ଼ିଶା ରାଜଦ୍ରୋହର କେନ୍ଦ୍ର ହେବ । ବର୍ତ୍ତମାନ ସତ୍ୟବାଦୀ ସ୍କୁଲ ସଙ୍ଗେ ଗୋପବନ୍ଧୁଙ୍କର କୌଣସି ସମ୍ପର୍କ ନଥିବା କଥା ଲୋକେ ଜାଣନ୍ତି । ଗୋପବନ୍ଧୁ ସ୍କୁଲର ଏପରି ଅନିର୍ଦ୍ଦିଷ୍ଟ ଅବସ୍ଥାରେ ସ୍କୁଲ, ସତ୍ୟବାଦୀ, ଏଭଳିକି ତାଙ୍କର ପୁରାତନ ସହକର୍ମୀ ସ୍କୁଲର ଶିକ୍ଷକମାନଙ୍କ ସଙ୍ଗେ ସମ୍ପର୍କ ତ୍ୟାଗ କରି ଥିବାରୁ ସେହି କର୍ମୀମାନେ ଅତ୍ୟନ୍ତ ମର୍ମାହତ ହୋଇଛନ୍ତି କେବଳ ନୁହେଁ, ସେମାନେ ଗୋପବନ୍ଧୁଙ୍କୁ ସେଥିପାଇଁ ନିନ୍ଦା କରୁଥିବାର ଶୁଣାଯାଉଛି ।ଏପରି ସ୍ଥଳେ ଯଦି ଜିଲ୍ଲା କଲେକ୍ଟର ତାଙ୍କ ରିପୋର୍ଟରେ ବର୍ତ୍ତମାନ ସ୍କୁଲ ଓ ତାହାର ପରିଚାଳନା ସଙ୍ଗେ ଗୋପବନ୍ଧୁଙ୍କର ପ୍ରତ୍ୟକ୍ଷ ବା ପରୋକ୍ଷ ସମ୍ବନ୍ଧ ଅଛି ବୋଲି ଲେଖିଥାନ୍ତି,ତାହାହେଲେ ତାହାଠାରୁ ବଳି ସତ୍ୟର ଅପଳାପ ଆଉ କିଛି ହୋଇନପାରେ । ଗଭର୍ଣ୍ଣମେଣ୍ଟ ମଧ ଏହି କାରଣରେ ଯଦି ସ୍କୁଲ ନାମଞ୍ଜୁର କରିଥାନ୍ତି ତାହାହେଲେ ବିଷୟର ପୁନର୍ବିଚାର କରିବା ବାଞ୍ଛନୀୟ ବୋଲି ଆମ୍ଭେମାନେ ମନେକରୁଁ । ସ୍ୱାଧୀନ ଓ ନିରପେକ୍ଷ ତଦନ୍ତ ହେଲେ ଜିଲ୍ଲା ହାକିମଙ୍କ ଏପରି ରିପୋର୍ଟ ପାଇଁ କୌଣସି ଭିତ୍ତି ନଥିବାର ପ୍ରକାଶ ପାଇବ । ସ୍କୁଲର ଶିକ୍ଷକମାନେ ବର୍ତ୍ତମାନ ରାଜନୀତିର ଧାର ଧାରନ୍ତି ନାହିଁ । ଅସହଯୋଗ ସମୟରେ ସଭାସମିତିରେ ଯୋଗ ଦେବା ଛଡ଼ା ସତ୍ୟବାଦୀ ସ୍କୁଲର ବର୍ତ୍ତମାନ ଶିକ୍ଷକମାନେ କୌଣସି ଉଦ୍ୟମ ଭାବ ଦେଖାଇନାହାନ୍ତି । ସେମାନେ କେଉଁଠାରେ ପିକେଟିଂ କରିଥିବାର ଶୁଣାନାହିଁ । ସେମାନଙ୍କ ଭିତରୁ କେବଳ ଜଣେ ପଣ୍ଡିତ ନୀଳକଣ୍ଠ



Source: Author, Digitized by PPRACHIN, SOA

ଦାସ ବଛା ହୋଇ ଯେ କୌଣସି ଗୋଟିଏ ଅଭିଯୋଗରେ ଜେଲକୁ ପଠାଗଲେ ଏବଂ ବର୍ତ୍ତମାନ ତାଙ୍କର ସ୍କୁଲ ସଙ୍ଗେ ଶିକ୍ଷକ ବା କର୍ମୀରୂପେ କିଛି ସମ୍ପର୍କ ନାହିଁ। ଶିକ୍ଷକ ଓ କର୍ମୀମାନଙ୍କ ସଙ୍ଗେ ବର୍ତ୍ତମାନ ନପଡିବା ହିଁ ତାଙ୍କର ଏକମାତ୍ର ସମ୍ପର୍କ ହୋଇପାରେ। ଶିକ୍ଷକମାନେ ଅସହଯୋଗ ବେଳେ ଯାହା ଟିକିଏ ଆପତ୍ତିହୀନ ଆନ୍ଦୋଳନରେ ଯୋଗ ଦେଇଥିଲେ,ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଛାଡି ସାରିଲେଣି। କେବଳ ମୋଟା ଖଦୀ ଏବଂ ସମ୍ଭବତଃ ମୋଟା ଭାତ ସେମାନଙ୍କ ପୂର୍ବ ଉତ୍ସାହର ସ୍ମୃତି ସ୍ୱରୂପ ରହିଅଛି। ଏପରି ଅବସ୍ଥାରେ ସତ୍ୟବାଦୀ ସ୍କୁଲକୁ ମଞ୍ଜୁରି ଦେଇନଥିବା  କର୍ତ୍ତୃପକ୍ଷମାନଙ୍କର ଅନ୍ୟାୟ ହୋଇଅଛି।

୧୯୨୫ ମସିହାରେ ଏହି ବିଦ୍ୟାଳୟର କ୍ରମପତନକୁ ଲକ୍ଷ୍ୟକରି ଆଶା ସମ୍ବାଦପତ୍ର(ନଭେମ୍ବର ୨୩) ଏକ ଦୀର୍ଘ ବିବରଣୀ ପ୍ରକାଶ କରିଥିଲେ-ସତ୍ୟବାଦୀ ବିଦ୍ୟାଳୟ ଓଡ଼ିଶାର ଏକ ପ୍ରଧାନ ଶିକ୍ଷାକେନ୍ଦ୍ର ଥିଲା। ତାହାର ପଠନ କ୍ରମ ଓ ପରିଚାଳନରେ ଲୋକେ ସନ୍ତୁଷ୍ଟ ଥିଲେ। ଛାତ୍ରାବାସ ତାହାର ପ୍ରଧାନ ବିଶେଷତ୍ୱ ଥିଲା। ପିଲାମାନେ ଶିକ୍ଷକମାନଙ୍କର ଘନିଷ୍ଠ ସଂଶ୍ରବରେ ଆସୁଥିଲେ। ଉଚ୍ଚଭାବ ଓ ଉନ୍ନତ ଚିନ୍ତାର ବିକାଶ ପାଇଁ ସେଠାରେ ପାରିପାର୍ଶ୍ଵିକ ଅବସ୍ଥା ଅତ୍ୟନ୍ତ ଉପଯୁକ୍ତ ହୋଇଥିଲା। ଜୀବନର ସରଳତା ଅଭ୍ୟାସ କରିବାର ସୁଚନା ଛାତ୍ରମାନେ ପାଉଥିଲେ। ରୋଟି ଖାଇ ମୋଟା ପିନ୍ଧି ବିଦ୍ୟାଭ୍ୟାସ ଓ ଚରିତ୍ର ଗଠନ କରିବାର ଉପକରଣ   ପାରିପାର୍ଶ୍ଵିକ ସାକ୍ଷୀଗୋପାଳର ବକୁଳ ଓ ଛୁରିଅନା ବଣ ଭିତରର ସେହି ଶିକ୍ଷାନୁଷ୍ଠାନ ମଧ୍ୟରେ ଥିଲା ବୋଲି ତାହାର ଏତେ ସୁଖ୍ୟାତି ଏବଂ ତାହା ଏବେ ଲୋପ ପାଉଛି ବୋଲି ଲୋକଙ୍କ ମନରେଏତେ କ୍ଷୋଭ।

ପଣ୍ଡିତ ଗୋପବନ୍ଧୁ ଦାସ ଏହି ବିଦ୍ୟାଳୟର ପ୍ରାଣ ସ୍ୱରୂପ ଥିଲେ। ତାଙ୍କର ଆଦର୍ଶକୁ ଅନୁକରଣ କରି ଏବଂ ତାଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ନୀଳକଣ୍ଠ ଦାସ,ଗୋଦାବରୀଶ ମିଶ୍ରଙ୍କ ପରି କେତେ ଜଣ ଉଚ୍ଚ ଶିକ୍ଷିତ ଓ ଉନ୍ନତ ପ୍ରାଣ ବ୍ୟକ୍ତିସେହି ଅନୁଷ୍ଠାନରେ ମନପ୍ରାଣ ଢାଳି ସହଯୋଗ କରୁଥିଲେ। ଅସହଯୋଗ ଆନ୍ଦୋଳନର ପ୍ରବଳ ବାତ୍ୟାରେ ସତ୍ୟବାଦୀ ବିଦ୍ୟାଳୟ ଭାଙ୍ଗି ଯାଇଛି। ସରକାରୀ ସମ୍ପର୍କ ଛାଡିବା ସଙ୍ଗେ ସଙ୍ଗେ ତାହାର ଗୌରବ ଲୋପ ପାଇଛି। ଜାତୀୟ ପାଠଶାଳାରେ ପରିଣତ କରିବାର ଉଦ୍ୟମ ବ୍ୟର୍ଥ ହୋଇଅଛି। ନିଜେ ପଣ୍ଡିତ ଗୋପବନ୍ଧୁ ଦାସ ସ୍କୁଲ ଓ ସହକର୍ମୀଙ୍କ ସହିତ ସମ୍ବନ୍ଧ ତୁଟାଇ ଦେଇଅଛନ୍ତି। ସେତିକି ନୁହେଁ, ସେ ସ୍ଥାନ ଛାଡି ପୁରୀକୁ ତାଙ୍କ କର୍ମକ୍ଷେତ୍ର କରି ବାଛି ନେଇଛନ୍ତି।

ନେତା ନେତା ମଧ୍ୟରେ ବିଚ୍ଛିନ୍ନତା ଘଟିଛି। ସ୍କୁଲର ଶିକ୍ଷକ ସମସ୍ତେ ପୂର୍ବ ଅନୁଷ୍ଠାନ ଛାଡି ପଳାଇ ନଥିବାରୁ ଏବେ ସୁଦ୍ଧା ସତ୍ୟବାଦୀ ବିଦ୍ୟାଳୟ କଥା, ତାହାର ବିଶ୍ୱବିଦ୍ୟାଳୟ



Source: Author, Digitized by PPRACHIN, SOA

ସଙ୍ଗେ ସଂପୃକ୍ତି ଓ ଗଭର୍ଣ୍ଣମେଣ୍ଟ ମଞ୍ଜୁରୀ ବିଷୟରେ ଉଦ୍ୟମ କଥା ଶୁଣାଯାଉଛି । ସେମାନେ ପଳାତକ ସେନାପତିଙ୍କ ପଦାଙ୍କ ଅନୁସରଣ କରିଥିଲେ ସତ୍ୟବାଦୀ ସ୍କୁଲର ପୁନରୁତ୍ଥାନ କଥା କାନରେ ପଡୁନଥାନ୍ତା ।ପଣ୍ଡିତ ଗୋପବନ୍ଧୁ ଦାସ ଓ ତାଙ୍କ ପୂର୍ବ ସହକର୍ମୀଙ୍କ ମଧ୍ୟରେ ସ୍କୁଲ ବିଷୟ ନେଇ ମତାନ୍ତର ଓ ମନାନ୍ତର ଯେ ଘଟିଅଛି ଏହା ଅନେକଙ୍କୁ ଅଜଣା ନାହିଁ।

ସମାଜ ଛାପାଖାନା ସତ୍ୟବାଦୀ ସ୍କୁଲ ସଙ୍ଗେ ରହିଥିଲା । ତାହାର ଆୟ ତକ ସ୍କୁଲ ନିମନ୍ତେ ଖର୍ଚ୍ଚ ହେଉଥିଲା । ଗୋପବନ୍ଧୁ ପୁରୀକୁ ସ୍ଥାନାନ୍ତରିତ କରି ଛାପାଖାନାକୁ ନିଜର କରି ରଖିବା ଦ୍ୱାରା ସ୍କୁଲ ଆୟର ଏକ ପ୍ରଧାନ ପନ୍ଥା ବନ୍ଦ ହୋଇ ଯାଇଅଛି । ଅତଏବ କର୍ମୀମାନେ ବଡ କଷ୍ଟରେ ଚଳୁଅଛନ୍ତି । ଅସହଯୋଗର ଦୀକ୍ଷା ଧରିବା ଦିନରୁ ଗୋପବନ୍ଧୁଙ୍କର ଶିକ୍ଷାଦର୍ଶ ବଦଳିଛି । ସେ ଆଉ ଗଭର୍ଣ୍ଣମେଣ୍ଟ ସମ୍ପର୍କରେ ଚଳୁଥିବା ଓ ସେଆଡୁ ସାହାଯ୍ୟ ପାଉଥିବା ଅନୁଷ୍ଠାନ ସଙ୍ଗେ ପରିଚିତ ଓ ସଂଶ୍ଳିଷ୍ଟ ହୋଇ ନିଜ ହସ୍ତକୁ ଅପବିତ୍ର କରିବେ ନାହିଁ । ଗଭର୍ଣ୍ଣମେଣ୍ଟ ସମ୍ପୃକ୍ତ ସ୍କୁଲ ପୁନଶ୍ଚ ସ୍ଥାପିତ ହେବାର ସେ ପକ୍ଷପାତୀ ନୁହନ୍ତି । ସତ୍ୟବାଦୀ ସ୍କୁଲ ଗୃହରେ ଖଦଡ଼ କେନ୍ଦ୍ର ପ୍ରତିଷ୍ଠିତ ହେଲେ ଏବଂ ଯେଉଁମାନେ ଆଗେ ସତ୍ୟବାଦୀ ସ୍କୁଲର ଶିକ୍ଷକ ଥିଲେ, ସେମାନେ ସୂତାକଟା, ଲୁଗାବୁଣାରେ ହସ୍ତକୌଶଳ ଦେଖାଇବାକୁ ଇଚ୍ଛା କଲେ ଗୋପବନ୍ଧୁ ସନ୍ତୁଷ୍ଟ ହେବେ ଏବଂ ପୂର୍ବ ସହକର୍ମୀଙ୍କ ସହିତ ସନ୍ଧି ସ୍ଥାପନ କରିବେ । ସେପରି ଉପଦେଶ ଅନୁସାରେ ଚଳିବାକୁ ଶିକ୍ଷକ ଓ କର୍ମୀମାନଙ୍କର ସ୍ପୃହା କିମ୍ବା ସାହାସ ନାହିଁ। ସେମାନେ ଏକ ଜାତୀୟ ଉଦ୍ୟମରେ ଯୋଗ ଦେଇ ନିଜ ନିଜ ଜୀବନର ଚାରି ପାଞ୍ଚ ବର୍ଷ କାଳ ବ୍ୟର୍ଥ କରିଛନ୍ତି ବୋଲି ଉପଲବ୍ଧି କରୁଛନ୍ତି । ଫଳରେ ଗୋପବନ୍ଧୁଙ୍କ ସଙ୍ଗେ ସେମାନଙ୍କର ସମ୍ବନ୍ଧ ସମ୍ପୂର୍ଣ୍ଣ ତୁଟି ଯାଇଛି । ତଥାପି ଗୋପବନ୍ଧୁ ଓ ତାଙ୍କ ରାଜନୈତିକ କାର୍ଯ୍ୟକ୍ରମ ସଙ୍ଗେ ଶିକ୍ଷକମାନେ ଜଡିତ ଅଛନ୍ତି ବୋଲି ସରକାରୀ କର୍ତ୍ତୃପକ୍ଷମାନେ ମନେ କରୁଛନ୍ତି । ସେହି ଧାରଣାରେ ପଡି ଗତ ଥର ସ୍କୁଲ ମଞ୍ଜୁର ପାଇଁ ନାସ୍ତି କରିଛନ୍ତି । ପୂର୍ବବାସନା ସେମାନଙ୍କର ଲୁଚି ରହିଛି ବୋଲି ସରକାର ମନେ କରୁଛନ୍ତି । ବଡ ଦୁଃଖର ବିଷୟ,ଶିକ୍ଷକମାନେ କିଛି ଚୋର ଡକାୟତ ଶ୍ରେଣୀର ଲୋକ ନୁହନ୍ତି । ସେମାନଙ୍କ ମଧ୍ୟରେ କେତେ ଜଣ ଗ୍ରାଜୁଏଟ୍ ଅଛନ୍ତି। ସେମାନେ ଭଲ ଲୋକ ବୋଲି ଲୋକେ ବିଶ୍ୱାସ କରନ୍ତି ।ଏପରି ସ୍ଥଳେ ଗଭର୍ଣ୍ଣମେଣ୍ଟ ସେମାନଙ୍କୁ ଏତେ ଅବିଶ୍ୱାସ କରିବାର କାରଣ କଣ ? ସେମାନେ ମତ ବଦଳାଇଛନ୍ତି ବୋଲି କହିବା ଛଳରେ ଏପରି ଅବିଶ୍ୱାସ ମନରେ ପୋଷି ସ୍କୁଲକୁ ନାମଂଜୁର କରିଥିବା ସେକେଣ୍ଡାରୀ ବୋର୍ଡ ତଥା ଗଭର୍ଣ୍ଣମେଣ୍ଟଙ୍କର ଉଚିତ ହୋଇନାହିଁ ।



Source: Author, Digitized by PPRACHIN, SOA

ଆମ୍ଭେମାନେ ଶୁଣୁଛୁ,ସତ୍ୟବାଦୀ ସ୍କୁଲ କମିଟି ପୁନଶ୍ଚ ସ୍କୁଲକୁ ବିଶ୍ୱବିଦ୍ୟାଳୟ ସଙ୍ଗେ ସାମିଲ କରିବା ଉଦ୍ୟମରେ ଅଛନ୍ତି। କଣ କଲେ ଓ କି କି ସର୍ତ୍ତ ପାଳିଲେ ମଞ୍ଜୁର ମିଳିବ ତାହାର ସୂଚନା ପାଇବା ସକାଶେ କମିଟି ଯତ୍ନ କରୁଛନ୍ତି। ଗତ ସପ୍ତାହରେ ଶିକ୍ଷା ବିଭାଗର ଡିରେକ୍ଟର ଫକସ୍ ସାହେବ ପୁରୀ ଓ କଟକକୁ ଆସିଥିଲେ। କମିଟିର କୌଣସି କୌଣସି ସଭ୍ୟ ତାଙ୍କ ସଙ୍ଗେ ସତ୍ୟବାଦୀ ବିଦ୍ୟାଳୟ ପୁନରପି ମଞ୍ଜୁର ପାଇବା ସମ୍ପର୍କରେ କଥାବାର୍ତ୍ତା କରିଥିଲେ ବୋଲି ଶୁଣିଲି। କଣ କଲେ ଏବଂ କିପରି ମାର୍ଗରେ ମଞ୍ଜୁରି ମିଳିପାରେ,ସେ ବିଷୟରେ କେତେକ ଅସ୍ପଷ୍ଟ ସୂଚନା ସାହେବଙ୍କ କଥାବାର୍ତ୍ତାରୁ ମିଳିଛି। କମିଟିରେ ଜିଲା ମାଜିଷ୍ଟ୍ରେଟଙ୍କୁ ନେବା ଲାଗି ସେ କହିଛନ୍ତି। ସେଥିରେ କାହାର କିଛି ଆପତ୍ତି ଥାଇନପାରେ। ଜଣେ ଅବସରପ୍ରାପ୍ତ ଓ ଅନୁଭବୀ ହେଡମାଷ୍ଟରଙ୍କୁ ରଖିପାରିଲେ ସ୍କୁଲ ମଞ୍ଜୁର ପାଇବା ପାଇଁ କେବଳ ପ୍ରତିବନ୍ଧକ ରହିବ ନାହିଁ ବୋଲି ଆଭାସ ମିଳିଛି। ସେପରି ଜଣେ ହେଡମାଷ୍ଟର ରଖିବାକୁ ଗଲେ ମାସିକ ଦୁଇ ଶହ,ଅଢାଇଶ ଟଙ୍କାର ପ୍ରୟୋଜନ। ବର୍ତ୍ତମାନ ଶିକ୍ଷକମାନେ ଶିକ୍ଷା ନୈପୁଣ୍ୟ ଦିଗରୁ ଅଯୋଗ୍ୟ ନୁହନ୍ତି। ତଥାପି ସେମାନେ ଅଳ୍ପ ବେତନ ନିଅନ୍ତି। ଜଣେ ବାହାର ହେଡମାଷ୍ଟର ରଖିବା ପାଇଁ ସର୍ତ୍ତ ହେଲେ ସେହି ଅତିରିକ୍ତ ଧନ ମିଶାଇ ଗ୍ରାଣ୍ଟ୍ ଦେଲେ ସିନା ହେବ। ଗଭର୍ଣ୍ଣମେଣ୍ଟ ଯଦି ମୁକ୍ତ ହସ୍ତ ହୋଇ ସ୍କୁଲ ସେମାନଙ୍କ ଇଚ୍ଛା ମତେ ଚଳିବା ଭଳି ଧନ ସାହାଯ୍ୟ କରିବେ, ତାହାହେଲେ ଏହି ନୂତନ ସର୍ତ୍ତ ଗ୍ରହଣ କରିବା ପାଇଁ ସ୍କୁଲ କମିଟିର ଆପତ୍ତି ରହିବ ବୋଲି ଆମର ବିଶ୍ୱାସ ହେଉନାହିଁ। ଯେପରି ହେଉ ସତ୍ୟବାଦୀର ହାଇସ୍କୁଲ ଲୋପ ନପାଉ ଏହା ଲୋକମାନଙ୍କର ଇଚ୍ଛା। ଶିକ୍ଷକମାନେ ପୂର୍ବ ରୀତିରେ ଏବଂ ଗଭର୍ଣ୍ଣମେଣ୍ଟଙ୍କର ନିୟମ ଅନୁସାରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି। ସ୍କୁଲଘର,ପୁସ୍ତକାଳୟ ଓ ସମସ୍ତ ଉପକରଣ ଅଛି। ଅନୁଷ୍ଠାନର ପୁନଃପ୍ରତିଷ୍ଠାରେ ସାହାଯ୍ୟ ହେବା ପାଇଁ ଆମ୍ଭେମାନେ ସରକାରଙ୍କୁ ଅନୁରୋଧ କରୁଅଛୁ। ଏତେ ପ୍ରକାର ସର୍ତ୍ତ ଏବଂ ଏତେ ପ୍ରକାର ପ୍ରତିଜ୍ଞା ସତ୍ତ୍ୱେ ଗଭର୍ଣ୍ଣମେଣ୍ଟ ଯଦି ସତ୍ୟବାଦୀ ବିଦ୍ୟାଳୟକୁ ଭାଙ୍ଗି ଦେବାକୁ ଜିଦ୍ ଧରି ବସନ୍ତି ତାହାହେଲେ ତଦ୍ୱାରା ସେମାନଙ୍କର ହୀନ ବିଦ୍ୱେଷଭାବ ଓ ପ୍ରତିଶୋଧ ନେବା ଇଚ୍ଛା ପ୍ରକାଶ ପାଇବ ମାତ୍ର। ଗୋପବନ୍ଧୁ ବାବୁଙ୍କ ଉପରେ ହିଂସା କରି ବିଦ୍ୟାଳୟକୁ ଧୂଳିରେ ମିଶାଇଦେଲେ କଣ ହେବ? ଔଷଧ ରାଗରେ ତାଟିଆ କାମୁଡ଼ିବା ଠିକ୍ ନୁହେଁ।"

ସତ୍ୟବାଦୀ ସ୍କୁଲ ବିଷୟରେ ଏହି ଅଗ୍ରଲେଖ ଆଶାରେ ପ୍ରକାଶ ପାଇବା ପରେ ଡିସେମ୍ବର ୭ ତାରିଖରେ ୧୯୨୫ରେ ସ୍କୁଲ ହେଡମାଷ୍ଟର କୃପାସିନ୍ଧୁ ମିଶ୍ର ଆଶା ସଂପାଦକଙ୍କୁ ନିମ୍ନ ଭାବରେ ଏକ ପତ୍ର ଦେଇଥିଲେ;



Source: Author, Digitized by PPRACHIN, SOA

"ସତ୍ୟବାଦୀ ସ୍କୁଲ ପ୍ରତି ଆପଣଙ୍କର ମମତା ଥାଏ ମୁଁ ଜାଣେ। ସ୍କୁଲର ସ୍ଥାୟିତ୍ୱ ଲାଗି ତେଣୁ ଆପଣଙ୍କର ଉଦ୍‌ବେଗ ହେବା ଆବଶ୍ୟକ। ସ୍କୁଲର ସ୍ଥାୟିତ୍ୱ ବାଞ୍ଛା ନକରେ କିଏ ? ମାତ୍ର ବର୍ତ୍ତମାନ ଯେ ଆକାରରେ ତାହା ସ୍ଥାୟୀ ହେବାର ଉଦ୍ୟମ କରାଯାଉଛି ତାହା କେତେଦୂର ବାଞ୍ଛନୀୟ ସେ ବିଷୟରେ ଅନେକଙ୍କ ମଧ୍ୟରେ ମତଭେଦ ହେବାର କଥା। ପ୍ରଥମରୁ ସତ୍ୟବାଦୀ ସ୍କୁଲ ଜାତୀୟ ବିଦ୍ୟାଳୟ ହେବାର ଅର୍ଥାତ୍ ସରକାର ବିନା ସାହାଯ୍ୟରେ ସ୍ୱତନ୍ତ୍ର ଭାବରେ ଚାଲିବାର ଉଦ୍ୟମ ଥିଲା। ପରେ ଲୋକଙ୍କ ଆଗ୍ରହ ପ୍ରତି ଆସ୍ଥା ଦିଆଯାଇ ବିଶ୍ୱବିଦ୍ୟାଳୟରେ ସାମିଲ ହେଲା। ସେତେବେଳେ ଆର୍ଥିକ ସାହାଯ୍ୟ ଦେବାକୁ ସରକାରଙ୍କର ବିଭାଗୀୟ କର୍ମକର୍ତ୍ତାମାନେ ଏକ ପ୍ରକାର ବାଧ୍ୟ କରିଥିଲେ। ସ୍କୁଲର ମହତ୍ତ୍ୱ ଓ ସ୍ୱାତନ୍ତ୍ର୍ୟ ରକ୍ଷା ଲାଗି ତାହା କୌଣସି କ୍ରମେ ଏଡାଇବାକୁ ହୋଇଥିଲା। ମାତ୍ର ଆଜି ସେହି ବିଦ୍ୟାଳୟ ରଖିବାକୁ ହେଲେ ମେନେଜିଂ କମିଟିରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ସଭାପତି କରିବାକୁ ହେବ। ଏହି ଭଳି ପ୍ରସ୍ତାବ ବିଭାଗୀୟ କର୍ତ୍ତାମାନେ ପ୍ରଥମେ ବିଶ୍ୱବିଦ୍ୟାଳୟ ସାମିଲ ବେଳେ ଉଠାଇଥିଲେ। ମାତ୍ର ତାହା ଉପେକ୍ଷା କରାଯାଇଥିଲା। ବିଦ୍ୟାଳୟର ପରିଚାଳନାରେ ଏହିପରି ତ୍ୟାଗ ଓ ତେଜସ୍ୱୀତା ଥିଲା ବୋଲି ତ ତାର ଗୌରବ ଚାରିଆଡେ ଚହଟିଥିଲା ଏବଂ ତାର ଶକ୍ତି ବିକାଶ ପାଇଥିଲା।

ଗଭୀର ମନୋବେଦନାର ସହିତ ଲେଖିବାକୁ ହେଉଅଛି। ଆଜି ଆମ୍ଭମାନଙ୍କ ମନରେ ତ୍ୟାଗ ଓ ତେଜସ୍ୱୀତା ନାହିଁ। ତେଣୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ କମିଟିରେ ନେବା ବା ସରକାରୀ ସାହାଯ୍ୟ ଲୋଡିବା ବା ଅନ୍ୟ ଯେ କୌଣସି ପ୍ରକାର ସର୍ତ୍ତ ସରକାର ପକ୍ଷରୁ ଦାବୀ କରାଯିବ ତାହା ଗ୍ରହଣ କରିବାକୁ କେହି କେହି ଆମ୍ଭମାନଙ୍କ ମଧ୍ୟରୁ ପ୍ରସ୍ତୁତ ଅଛନ୍ତି। ଏପରିକି ଯେଉଁମାନେ ଜୀବନର ସର୍ବସ୍ୱ ତ୍ୟାଗ କରି ଏତେକାଳ ମୂଳରୁ ଏହି ବିଦ୍ୟାଳୟରେ କାର୍ଯ୍ୟ କରି ଆସିଅଛନ୍ତି,ସେମାନଙ୍କୁ ଛାଡିବାରେ ଦୁଃଖ ନାହିଁ। କିନ୍ତୁ ସ୍କୁଲକୁ ରଖିବାକୁ ହେବ।ଏହି ଭାବରେ ଯେ ସ୍କୁଲ ରହିବ ତାହାକି ସତ୍ୟବାଦୀ ସ୍କୁଲ। ସତ୍ୟବାଦୀ ସ୍କୁଲର ଗୌରବ ତାହାକି କେବେ ଦାବୀ କରିପାରିବ ? ସତ୍ୟବାଦୀର ଅଭ୍ୟୁଦୟିକ କଳ୍ପନା ଏବଂ ମୌଳିକ ଉଦ୍ଦେଶ୍ୟ ତଦ୍ୱାରା କି ସାଧିତ ହେବ ? ଓଡ଼ିଶା ସେହିଭଳି ସ୍କୁଲକୁ ବାହାରେ ଦେଖାଇ ଆଉ ପୂର୍ବ ପରି ସମ୍ମାନିତ ଓ ଗୌରବାନ୍ୱିତ ହେବ ତ ? ସତ୍ୟବାଦୀର କେତେ ଜଣ କର୍ମୀ ଆଗରୁ ଚାଲିଯାଇଛନ୍ତି ।ବର୍ତ୍ତମାନ ଯେ ଅଛନ୍ତି ଏ ପର୍ଯ୍ୟନ୍ତ ଯେଉଁମାନେ ନଖାଇ ନ ପିଇ ଦାରୁଣ ଦୁଃଖ ନିର୍ଯାତନା ଭୋଗି ସେଠାରେ ପଡି ରହିଛନ୍ତି ସେମାନେ ଏ ସର୍ତ୍ତରେ ସ୍କୁଲକୁ ରଖିବାକୁ ରାଜି ହେବା ସହଜ କି ? ସେମାନଙ୍କର ଏତେକାଳ ପ୍ଲେନ୍



Source: Author, Digitized by PPRACHIN, SOA

ଲିଭିଙ୍ଗ୍ ହାଇ ଥିଙ୍କିଙ୍ଗ୍ କି ଏହି ଫଳ ? ସେମାନେ ବୁଝନ୍ତି-ସମ୍ଭାବିତ ସ୍ୟ ଚା କୀର୍ତ୍ତି ମରଣା ଦତି ରିଚ୍ୟତେ । ସେମାନେ ଯେ କୌଣସି ସର୍ତ୍ତରେ ସ୍କୁଲ ରଖିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଆପଣ ଯାହା ଲେଖିଛନ୍ତି ସେ ସମ୍ବାଦ ଆପଣଙ୍କର ଭୁଲ୍ । ପୂର୍ବ କର୍ମୀମାନଙ୍କ ମଧ୍ୟରୁ ୪ ଜଣ ମାତ୍ର ଏବେ ଅଛନ୍ତି । ସେଥିମଧ୍ୟରୁ ତିନି ଜଣ ଯେ କୌଣସି ସର୍ତ୍ତରେ ସ୍କୁଲ ରଖିବାକୁ ରାଜି ନୁହନ୍ତି ଏବଂ ସେ ତିନି ଜଣଙ୍କ ମଧ୍ୟରେ ମୁଁ ଜଣେ । କାଲି ସ୍କୁଲ କମିଟି ବସିଲା । ସରକାର ସ୍କୁଲର ଆର୍ଥିକ ଅଭାବ ଦୂରକଲେ ତାଙ୍କ ପ୍ରସ୍ତାବିତ ଯେ କୌଣସି ସର୍ତ୍ତ ସ୍ୱୀକାର କରି ସ୍ଥାନୀୟ ସ୍ୱାର୍ଥ ଦୃଷ୍ଟିରେ ସ୍କୁଲ ରଖିବାକୁ କମିଟି ପ୍ରସ୍ତୁତ ବୋଲି ନିର୍ଦ୍ଧାରଣ ହେବାରୁ,ମୁଁ ସେଥିରେ ଅମତ ପ୍ରକାଶ କରିଛି । ସତ୍ୟବାଦୀ ସ୍କୁଲ ସମସ୍ତେ ଜାଣନ୍ତି ଯେ ସ୍ଥାନୀୟ ସ୍ୱାର୍ଥ ନିମନ୍ତେ ସ୍ଥାପିତ ବା ପରିଚାଳିତ ହେଉନଥିଲା । ସମଗ୍ର ଓଡ଼ିଶାରେ କେହି ମଧ୍ୟ ଏହାକୁ ତେଣୁ ସେ ଦୃଷ୍ଟିରେ ଦେଖୁନଥିଲେ ।ଏମନ୍ତ କି ଓଡ଼ିଶା ବାହାର ଲୋକେ ଏହାକୁ ଉତ୍କଳ ପ୍ରଦେଶର ଗୌରବ ବୋଲି ମତ ବ୍ୟକ୍ତ କରିଛନ୍ତି ।ଏହାହିଁ ଆମ୍ଭମାନଙ୍କର ପ୍ରାଣର ପ୍ରଧାନ ଆଶ୍ୱାସନା ଥିଲା । ଆଜି ସେହି ବିଦ୍ୟାଳୟକୁ ସତ୍ୟବାଦୀ ଅଞ୍ଚଳର ସ୍ୱାର୍ଥ ଦୃଷ୍ଟିରେ ରଖିବାକୁ ଯାଇ ସରକାରର ଏତେ ବେଡି ସାଙ୍କୋଳି ଦେହରେ ମୁଣ୍ଡରେ ବୋହିବାକୁ ପ୍ରସ୍ତୁତ ହେଲେ ଆମ୍ଭମାନଙ୍କର ବୁଦ୍ଧି ବିପର୍ଯ୍ୟୟ ଘଟିଛି ବୋଲି ବୋଲିବାକୁ ହେବ । ଚାରିଜଣ ପୁରାତନ କର୍ମୀଙ୍କ ଛଡା ଆଉ ନୂତନ କର୍ମୀ ଦୁଇଜଣଙ୍କ ମଧ୍ୟରୁ ଜଣେ ଆଫିଲିଏସନ୍ ଦରଖାସ୍ତ ଦିଆଯିବାର ପରେ ଛାଡି ଚାଲିଗଲେଣି । ଆଉ ଜଣେ ଏହି ସୂତ୍ରରେ ସରକାରୀ ଶିକ୍ଷା ବିଭାଗରେ ପଶିବା ଉଦ୍ୟମରେ ଅଛନ୍ତି । ମୋଟ କଥା ପୂର୍ବ ଓ ନୂତନ କର୍ମୀଙ୍କ ମଧ୍ୟରୁ ଜଣକ ଛଡା ସ୍କୁଲରେ କେହି ରହିବେ ନାହିଁ ।

ଏଥର ଏହିପରି ଅବସ୍ଥାରେ ସରକାରୀ ସାହାଯ୍ୟ ମିଳି ସରକାରୀ ସର୍ତ୍ତ ମାନି ଯେ ସ୍କୁଲ ରଖାଯିବ ଜାତି ପକ୍ଷେ ତାହା ସ୍ପୃହଣୀୟ ବୋଲି ଆପଣମାନେ କହନ୍ତି କି ?ମୋ ମତରେ କେବଳ ମାଟ୍ରିକୁଲେସନ୍ ପାଶ୍ ସଂଖ୍ୟାରେ ଜାତି ଗୌରବ ବଢେ ନାହିଁ । ଜାତିର ଗୌରବ ବଢେ ତ୍ୟାଗ ଓ ନିଷ୍ଠାରେ । ଯେ ତ୍ୟାଗ ଓ ନିଷ୍ଠା ବଳରେ ସତ୍ୟବାଦୀ ସ୍କୁଲକୁ ଆମ୍ଭେମାନେ ଏତେ ଦିନ ଚଳାଇଆସିଲୁ ଆଜି ଏହି ଅବସ୍ଥାରେ ସ୍କୁଲକୁ ଛାଡି ଦେବାରେ ତାହାର ଚୂଡାନ୍ତ ହେବ । ପଣ୍ଡିତ ଗୋପବନ୍ଧୁ କେତେ ଦିନ ଆଗରୁ ଛାଡି ସେ ଚୂଡାନ୍ତ ଦେଖାଇଛନ୍ତି । ଆମ୍ଭମାନଙ୍କର ଟିକିଏ ମାୟାମମତା ଓ ଦୁର୍ବଳତା ଥିଲା । ଭଗବାନଙ୍କ କୃପାରୁ ସରକାର ଆଡୁ ଯେ ଇଙ୍ଗିତ ଆସିଲା ସେଥିରେ ମୁଁ ଅନ୍ତତଃ ସେ ଚୂଡାନ୍ତ ଦେଖାଇବାକୁ ବାଧ୍ୟ ହୋଇ ଆପଣାକୁ ଧନ୍ୟମନେ କରୁଛି । ଆପଣଙ୍କ ଲେଖାରେ ଗୋପବନ୍ଧୁ ଦାସଙ୍କ



Source: Author, Digitized by PPRACHIN, SOA

ପ୍ରତି ଟିକିଏ କଟାକ୍ଷ ଓ ବ୍ୟଙ୍ଗ କରାଯାଇଛି। ଆପଣଙ୍କ ପକ୍ଷେ ଏହା ଅନ୍ତତଃ ସୁନ୍ଦର ନୁହେଁ। ସେ ପଳାତକ ସେନାପତି ନୁହନ୍ତି। ଛାପାଖାନା ତାଙ୍କର ଥିଲା। ଜେଲ ଯିବା ବେଳେ ବ୍ୟାଙ୍କରେ ତାଙ୍କର ଯେ ନିଜର ଟଙ୍କା ଥିଲା ସ୍କୁଲକୁ ଦେଇ ଚାଲିଯାଇଥିଲେ। ଏଥି ମଧ୍ୟରେ ଆର୍ଥିକ ଅଭାବ ଦୂର ନହେବାର ଆଶଙ୍କା କରି ପ୍ରେସ୍‌କୁ ସ୍କୁଲ ହସ୍ତରେ ଦେଇଯାଇଥିଲେ। କିନ୍ତୁ ପ୍ରେସ୍ ଉପରେ ମାମଲା ମକଦ୍ଦମାରେ ବିପତ୍ତି ପଡି ତାର ଆର୍ଥିକ ଦୁର୍ଗତି ଘଟାଇଲା। ସ୍କୁଲର ମଧ ଟଙ୍କା ଜମା ଥିଲା। ତାଙ୍କର ଜେଲ ଦୁଇ ବର୍ଷ କାଳ ସେଥିରେ ସ୍ୱଚ୍ଛନ୍ଦରେ ଚଳିଗଲା। ଫଳରେ ପ୍ରେସ୍ ସ୍କୁଲକୁ କେବେ ହେଲେ ଏକ ପଇସା ଦେଇନାହିଁ। ସତ୍ୟବାଦୀ ଜାତୀୟ ବିଦ୍ୟାଳୟ ହୋଇ ରହିବାର ଯେତେବେଳେ ନହେଲା ସେ ନିଜେ ଛାଡିଗଲେ ଏବଂ ପ୍ରେସ୍ ମଧ ସ୍ଥାନାନ୍ତରିତ ହେଲା। ସୁତରାଂ ତାର ଆୟ ତକ ସ୍କୁଲ ନିମନ୍ତେ ଖର୍ଚ୍ଚ ହେଉଥିଲା ବୋଲି ଆପଣ ଯାହା ଲେଖିଛନ୍ତି ତାହା ଠିକ୍ ନୁହେଁ। ସୁତରାଂ ଉଲ୍ଲିଖିତ ବିଷୟ ଦୃଷ୍ଟିରେ ଆପଣ ନିଜ ମତ ସଂଶୋଧନ କରିଦେବେ।"

॥ ୬ ॥

ସତ୍ୟବାଦୀ ବନ ବିଦ୍ୟାଳୟର ଉତ୍ଥାନ ଓ ପତନ କାଳକୁ ଉତ୍କଳର ସତ୍ୟ ଯୁଗ ବୋଲି ଗୋପୀନାଥ ରାଜଗୁରୁ ପ୍ରକାଶ କରିଛନ୍ତି। ସତ୍ୟବାଦୀରେ ଓଡିଶାର ଆଦର୍ଶ ବିଦ୍ୟାଳୟ ସ୍ଥାପିତ ହୋଇଥିବାର ଏକଦା ମଧୁସୂଦନ ରାଓ ବଜ୍ର ଗମ୍ଭୀର ନାଦରେ ପ୍ରକାଶ କରିଥିଲେ। ଏହାଥିଲା ଓଡ଼ିଆ ଅସ୍ମିତାର ଏକ ସ୍ମରଣୀୟ ସଂକେତ। ସାରା ରାଜ୍ୟରେ ଆଲୋଡନ ଆଣିବାରେ, ନୂତନ ଶିକ୍ଷା ପଦ୍ଧତି ପ୍ରବର୍ତ୍ତନରେ, ଆଦର୍ଶ ଓଡ଼ିଆ ଚରିତ୍ର ଗଠନରେ ସତ୍ୟବାଦୀର ଅବଦାନ ଚିର ସ୍ୱୀକାର ଯୋଗ୍ୟ। ଏହାର କର୍ମକର୍ତ୍ତାଙ୍କୁ ଲକ୍ଷ୍ୟ କରି ଏକଦା ନବ୍ୟଭାରତର ସମ୍ପାଦକ ଏହିପରି କହିଥିଲେ-ନିର୍ଭୀକ ଚିତ୍ତ ଯୁବକଗଣ ବୀର ପରି ସମସ୍ତ କ୍ଳେଶ ସହ୍ୟ କରି ବିଧାତାଙ୍କ ଆଡକୁ ଚାହିଁ ଅମ୍ଳାନ ଚିତ୍ତରେ କାର୍ଯ୍ୟ କରୁଅଛନ୍ତି। ଦେଶର ଉନ୍ନତି ନିମନ୍ତେ ତିଳ ତିଳ କରି ସେମାନେ ଜୀବନ କ୍ଷୟ କରୁଅଛନ୍ତି। ସୁବିସ୍ତୃତ ବଙ୍ଗ ଦେଶରେ ଏପରି ଦୃଷ୍ଟାନ୍ତ ବିରଳ। (ସମ୍ବଲପୁର ହିତୈଷିଣୀ, ଜାନୁଆରୀ ୧୫,୧୯୧୫) ସେହିପରି ଉତ୍କଳ ସମ୍ମିଳନୀର ନବମ ଅଧିବେଶନରେ ଏକ ନିର୍ଦ୍ଧାରଣ ଆଲୋଚନାରେ ଫକୀରମୋହନ ସେନାପତି ଏହି ମହତ୍ ଶିକ୍ଷାନୁଷ୍ଠାନ ସମ୍ପର୍କରେ କହିଥିଲେ-ଓଡ଼ିଶାରେ ଅନେକ ସ୍କୁଲ ଅଛି। କିନ୍ତୁ ଏପରି ଗୋଟାଏ ସ୍କୁଲ ନାହିଁ। ଏଥିରେ ବିଦ୍ୟା ଓ ଚରିତ୍ର ଉଭୟଙ୍କ ଉନ୍ନତି ହୁଏ। ମୁଁ ଏହି ସ୍କୁଲର ପ୍ରଧାନ ଅଧ୍ୟାପକଙ୍କୁ ପଚାରିଥିଲି ତୁମ୍ଭେ ନିଜେ



Source: Author, Digitized by PPRACHIN, SOA

ନରହି ୨୦୦ ଟଙ୍କା ରୋଜଗାର କରି ତଦ୍ୱାରା ଦୁଇ ଜଣ ବିଏ ପାସ୍ ବାଲା ରଖୁନାହଁ କାହିଁକି ? ସେ କହିଲେ ତଦ୍ୱାରା ଛାତ୍ର ବିଦ୍ୟା ଶିକ୍ଷା ଲାଭ କରିପାରନ୍ତି। କିନ୍ତୁ ମନୁଷ୍ୟ ତିଆରି ହେବେ ନାହିଁ। ଆଧୁନିକ ଶିକ୍ଷା ଦ୍ୱାରା ଆମ୍ଭେମାନେ ଜାତୀୟତା ଓ ଗୁରୁ ଶିଷ୍ୟର ସମ୍ବନ୍ଧ ହରାଇଅଛେଁ। କିନ୍ତୁ ବର୍ତ୍ତମାନ ସତ୍ୟବାଦୀ ସ୍କୁଲ ଦେଖାଇଅଛି କି ପ୍ରକାର ଶିକ୍ଷା ବର୍ତ୍ତମାନ ଆମ୍ଭମାନଙ୍କର ପ୍ରୟୋଜନ। ସେମାନେ ସାଧୁ ଓ ପରୋପକାରୀ। ସେମାନେ କେବଳ ବହିପଢା କରି ସନ୍ତୁଷ୍ଟ ନୁହନ୍ତି। ସେମାନେ ମନୁଷ୍ୟତ୍ୱ ଶିକ୍ଷା ଦେବା ପାଇଁ ସର୍ବଦା ବ୍ୟସ୍ତ। ପିଲାମାନେ ଶିଖୁଅଛନ୍ତି, କିପରି ଦେଶ ପାଇଁ ସ୍ୱାର୍ଥତ୍ୟାଗ କରିବାକୁ ହୁଏ।

ଏହି ସତ୍ୟବାଦୀ ସ୍କୁଲ ପ୍ରକୃତରେ ଗୋଟିଏ ଟ୍ରେନିଂ ସ୍କୁଲ। ଏହି ନିଃସ୍ୱାର୍ଥପର ଯୁବକମାନେ ବଡଲୋକ ନୁହନ୍ତି। ଏମାନଙ୍କୁ ଯେ ଯେତେ ସାହାଯ୍ୟ ଦେଇପାରନ୍ତି ଦେବା ଉଚିତ। ପୁନାର ଫରଗୁସନ୍ କଲେଜ ପରି ଆମ୍ଭେମାନେ ଯେବେ ସତ୍ୟବାଦୀ ସ୍କୁଲକୁ କରିପାରିବୁ, ତେବେ ଆମ୍ଭେମାନେ କେତେ ବଡ ଗୋଟାଏ ଜାତୀୟ ଅସ୍ତ୍ର ପାଇବୁ। ଏହି ଯୁବକମାନେ ସର୍ବଦା ଧନ୍ୟବାଦର ପାତ୍ର।” ଏହି ପରି ମନ୍ତବ୍ୟରେ ଫକୀରମୋହନ ସତ୍ୟବାଦୀ ବନ ବିଦ୍ୟାଳୟର ବୈଶିଷ୍ଟ୍ୟ ପ୍ରତିପାଦନ କରିଥିଲେ।

❖❖❖



Source: Author, Digitized by PPRACHIN, SOA

# ଓଡିଶାରେ ଜାତୀୟଜାଗୃତିର ଅନନ୍ୟ ବାର୍ତ୍ତାବହ
# ପଣ୍ଡିତ ଗୋପବନ୍ଧୁ ଦାସ

ଉତ୍କଳମଣି ଗୋପବନ୍ଧୁ ଦାସ(୧୮୭୭-୧୯୨୮) ଓଡିଆ ଜାତୀୟତାବାଦର ମହାପ୍ରବର୍ତ୍ତକ ଏବଂ ଓଡିଶାର ଆଧୁନିକ ରାଜନୀତିର ପ୍ରତିଷ୍ଠାତା । ଉତ୍କଳ ଦୀପିକା ଅନୁସାରେ ୧୮୯୧ରେ ସେ ପୁରୀ ଜିଲ୍ଲାର ରୂପଦେଈପୁର ବିଦ୍ୟାଳୟର ଛାତ୍ର ହିସାବରେ ଓଡିଶା ଡିଭିଜନ୍‌ର ମିଡିଲ୍ ଭର୍ଣ୍ଣାକୁଲାର ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଦଶମ ସ୍ଥାନ ଅଧିକାର କରିଥିଲେ । ଛାତ୍ର ଜୀବନରୁ ଗୋପବନ୍ଧୁ ସାହିତ୍ୟ ଚର୍ଚ୍ଚା କରି ସଫଳ ହୋଇଥିଲେ । ୧୮୯୮ ମସିହାରେ କଲିକତା ବିଶ୍ୱବିଦ୍ୟାଳୟର ଏଣ୍ଟ୍ରାନ୍‌ସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକ ରେଭେନ୍‌ସା କଲେଜରେ ଏଫ୍.ଏ ଶ୍ରେଣୀରେ ଯୋଗ ଦେଲାପରେ ସେ କର୍ତ୍ତବ୍ୟବୋଧିନୀ ସଭା ଗଠନ କରିଥିଲେ । ଏହି ସଭାର ଆନୁକୁଲ୍ୟରେ ତାଙ୍କର ପ୍ରଥମ କବିତା ଗ୍ରନ୍ଥ "ଅବକାଶ ଚିନ୍ତା" ପ୍ରକାଶିତ । ତରୁଣ ଜୀବନର ଅନୁଭବ ଓ ସ୍ୱପ୍ନ ସହିତ ଜାତୀୟ ଚେତନା, ଐତିହ୍ୟପ୍ରୀତି ଓ ପ୍ରକୃତି ପ୍ରୀତି ଏହି କବିତାଗୁଡିକରେ ସ୍ଥାନ ପାଇଥିଲା । ଏହି କାଳରେ ସେ ପଣ୍ଡିତ ହରିହର ଦାସଙ୍କର କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ଦେଶ ସେବା ପାଇଁ ଆଗେଇ ଯାଇଥିଲେ । ତାଙ୍କୁ ମୁକ୍ତାର ରାମଚନ୍ଦ୍ର ଦାସ ମଧ୍ୟ ଦେଶସେବା ପାଇଁ ପ୍ରେରଣା ଯୋଗାଇଥିଲେ । ସେ ଓ ବ୍ରଜସୁନ୍ଦର ଦାସ କର୍ତ୍ତବ୍ୟବୋଧିନୀ ସଭା ମାଧ୍ୟମରେ କଲିକତା ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ପ୍ରତି ଥିବା ବୈମାତୃକ ମନୋଭାବର ବିରୋଧ କରିଥିଲେ । ୧୯୦୩ ମସିହାରେ ବି.ଏ ପରୀକ୍ଷା ଦେଲାପରେ ବ୍ରହ୍ମପୁରରେ ଅନୁଷ୍ଠିତ ଗଞ୍ଜାମ ଜାତୀୟ ସମିତିରେ ଯୋଗଦାନ କରିଥିଲେ । ପରେ ୧୯୦୩ ଡିସେମ୍ବର ମାସରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ମଧ୍ୟ ଯୋଗ ଦେଇ ଓଡିଆ ଜାତୀୟତାବାଦରେ ଅନୁପ୍ରାଣିତ ହୋଇଥିଲେ ।

ତରୁଣ ଅବସ୍ଥାରେ ଗୋପବନ୍ଧୁ ଯୁବଶକ୍ତିର ଆବଶ୍ୟକତାକୁ ଅନୁଭବ କରି ୧୯୦୭ ଖ୍ରୀଷ୍ଟାବ୍ଦରେ କେନ୍ଦ୍ରୀୟ ଉତ୍କଳ ଯୁବକ ସଂଘ (Central Utkala Young Men's Association) ଗଠନ କରି ଯାଜପୁର ପ୍ରଭୃତି ଅଞ୍ଚଳରେ ବନ୍ୟା ପ୍ରପୀଡିତ



Source: Author, Digitized by PPRACHIN, SOA

ଲୋକମାନଙ୍କୁ ସାହାଯ୍ୟ କରିଥିଲେ । ପରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରି ସେ ଯୁବଶକ୍ତିର ବିକାଶ ପାଇଁ ଉଦ୍ୟମ କରିଥିଲେ । ଉତ୍କଳ ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନରେ ସଭାପତି ହିସାବରେ ସେ ଓଡିଆମାନଙ୍କ ପାଇଁ ନବଜାତୀୟତାବାଦର ଭାଷ୍ୟ ଉପସ୍ଥାପନ କରିଥିଲେ । ସେହି ସଭାରେ ଗୋପବନ୍ଧୁ ଦାସ କହିଥିଲେ-"ସ୍ୱଦେଶ ସେବାହିଁ ପ୍ରକୃତରେ ମନୁଷ୍ୟ ପକ୍ଷରେ ଭାଗବତ ସେବା । ଏହି ପୁଣ୍ୟ ଜାତୀୟ ପୀଠରେ ସେହି ସେବା କାର୍ଯ୍ୟରେ ମୋତେ ଆପଣମାନେ ପ୍ରଧାନ ପୂଜକର ଭାର ଦେଇଅଛନ୍ତି । ଆପଣମାନଙ୍କର ସାହାଯ୍ୟ ସହାନୁଭୁତି ଓ ସହଯୋଗୀତା ବିନା ତାହା ନିର୍ବାହ କରିବା ମୋ ପକ୍ଷରେ ସହଜନୁହେଁ । xxxx ମୋର ମତରେ ସମ୍ମିଳନୀ କେବଳ ସାହିତ୍ୟିକ ସାମାଜିକ ବା ରାଜନୀତିକ ଅନୁଷ୍ଠାନ ନୁହେଁ । କେବଳ କୃଷି, ଶିଳ୍ପ ବାଣିଜ୍ୟ ଏହାର କର୍ମନୁହେଁ । ସମ୍ମିଳନୀ ଆମ୍ଭମାନଙ୍କର ଜାତୀୟ ଅନୁଷ୍ଠାନ । ସୁତରାଂ ଜାତୀୟ ଉନ୍ନତି ନିମନ୍ତେ ଯାହା ପ୍ରୟୋଜନ ସମ୍ମିଳନୀର ତାହା କର୍ତ୍ତବ୍ୟ । ଏହିପରି ବ୍ୟାପକ ଭାବରେ ସମ୍ମିଳନୀର କାର୍ଯ୍ୟ ନିରୂପିତ ନହୋଇପାରିଲେ ଜାତିର ତହିଁରେ ପ୍ରତ୍ୟୟ ଜନ୍ମିବ ନାହିଁ । ପ୍ରାକୃତିକ ଓଡିଶା ସମ୍ମିଳନୀର କାର୍ଯ୍ୟକ୍ଷେତ୍ର ବୋଲି ମୂଳରୁ ନିରୂପିତ ହୋଇଅଛି । ମାତ୍ର ଆମ୍ଭମାନଙ୍କର ଆକାଂକ୍ଷା ସେହିଠାରେ ସୀମାବଦ୍ଧ ହୋଇରହିବା ଉଚିତ ନୁହେଁ । ସଂକୀର୍ଣ୍ଣ ସୀମା ମଧ୍ୟରେ ପ୍ରକୃତ ଜାତୀୟତାର ପୂର୍ଣ୍ଣବିକାଶ ଅସମ୍ଭବ । ଯେ ଯେଉଁ ଜାତିର ହୁଅନ୍ତୁ ସେ ସର୍ବପ୍ରଥମେ ମନୁଷ୍ୟ-ଈଶ୍ୱରଙ୍କର ସନ୍ତାନ । ଏହି ସମତା ଭ୍ରାତୃଭାବ ପ୍ରତ୍ୟେକ ଜାତିର ଧର୍ମଶାସ୍ତ୍ରରେ ପ୍ରତିପାଦିତ ହୋଇଅଛି ଏବଂ ଏହାହିଁ ଜାତୀୟ ଜୀବନର ମୂଳମନ୍ତ୍ର ହେବା ଉଚିତ । xxxx ଏହି ମାତୃପୂଜା ମଣ୍ଡପରେ ସମସ୍ତଙ୍କର ସମାନ ଅଧିକାର, ସମାନ ଆସନ । ତାହା ନହେଲେ ସମ୍ମିଳନୀର ଉଦ୍ଦେଶ୍ୟ କଦାପି ସିଦ୍ଧ ହେବନାହିଁ । ଉଦାର ମାନବିକତା ସମ୍ମିଳନୀର ଲକ୍ଷ୍ୟ ହେଲେ ଭାରତ ଜାତୀୟ ଆନ୍ଦୋଳନରୁ ଆମ୍ଭେମାନେ ପୃଥକ ହୋଇରହିଲେ ଚଳିବନାହିଁ । ଓଡିଶାର ନଦୀ, ବନ, ପର୍ବତାଦି ପ୍ରାକୃତିକ ଅବଚ୍ଛେଦଦ୍ୱାରା ଭାରତର ଅନ୍ୟାନ୍ୟ ପ୍ରଦେଶଠାରୁ ବିଚ୍ଛିନ୍ନ ଥିଲାପରି ବୋଧହେଲେ ସୁଦ୍ଧା ଏହା ଅନ୍ୟାନ୍ୟ ପ୍ରଦେଶ ପରି ବିଶାଳ ଭାରତର ଅଂଗବିଶେଷ । ଭାରତୀୟ ଆକାଂକ୍ଷା ସଂଗେ ଉତ୍କଳ ଆକାଂକ୍ଷାର ସାମଞ୍ଜସ୍ୟ ରହିବା ଉଚିତ । ଭାରତ ସଂଗେ ଉତ୍କଳର ନିତ୍ୟ ସମ୍ବନ୍ଧ ରହିବହିଁ ରହିବ । ଏହି ସମ୍ବନ୍ଧ ଚିରଦିନ ରହିଅଛି । ସମ୍ମିଳନୀ କାର୍ଯ୍ୟରେ ଭାରତୀୟ ଆନ୍ଦୋଳନରୁ ପୃଥକ ଥିଲେ ସୁଦ୍ଧା ମହାଭାରତ ଜାତୀୟତା ସହିତ ଏହାର ସଂଯୋଗ ମୂଳମନ୍ତ୍ର । ବର୍ଷକୁ ବର୍ଷ ସମ୍ମିଳନୀର ପ୍ରାରମ୍ଭରେ ଆମ୍ଭେମାନେ ପୂତ ପ୍ରାଣରେ ଅବହିତ ହୋଇ ଗାଉଁ-"ସର୍ବେଷାଂ ନୋ ଜନନୀ ଭାରତଧରଣୀ କଳ୍ପଲତେୟଂ" । ଏହି ଜାତୀୟ ଗୀତିରେ "ଭାରତମେକାଗତିରସ୍ମାକଂ" ବୋଲି ଯାହା କହିଅଛୁଁ, ଜାତୀୟ



Source: Author, Digitized by PPRACHIN, SOA

ଜୀବନରେ ତଥା ଜାତୀୟ କାର୍ଯ୍ୟରେ ତାହାର ସାର୍ଥକତା କରିବା ବିଧେୟ । ଉଦାର ମାନବିକତା ଲାଭ କରିବା ପଥରେ ଭାରତଭାବ ଅବଶ୍ୟ ଆମ୍ଭମାନଙ୍କୁ ସହାୟ ହେବ । ମନେରଖିବାକୁ ହେବ ଆମ୍ଭେମାନେ ଭାରତଜାତିର ଅନ୍ତର୍ଗତ । ଭାରତ ଏକ ମହାଦେଶ । ତେଣୁ ସେଥିରେ ଅନେକ କ୍ଷୁଦ୍ରକ୍ଷୁଦ୍ର ଜାତି ପ୍ରାଦେଶିକ ପାର୍ଥକ୍ୟ ଅନୁସାରେ କାଳକ୍ରମେ ଉଦ୍ଭବ ହୋଇଅଛନ୍ତି । ମାତ୍ର ସେସମସ୍ତଙ୍କର ଭାଗ୍ୟ ଭାରତ ଭାଗ୍ୟ ସଂଗେ ସୀମାବଦ୍ଧ । ଆମ୍ଭେମାନେ ଭାରତୀୟ ଅନୁଷ୍ଠାନ ସହିତ ସଂଯୁକ୍ତ ହେଉ ବା ନହେଉ ଭାରତର ସୁଖଦୁଃଖରେ ଆମ୍ଭମାନଙ୍କୁ ଅଳ୍ପାଧିକ ପରିମାଣରେ ଭାଗୀ ହେବାକୁ ପଡିବ । XXXX ଅତଏବ ଭାରତୀୟ ଆକାଂକ୍ଷା ସଂଗେ ଆମ୍ଭମାନଙ୍କର ଜାତୀୟ ଆକାଂକ୍ଷା ମିଳାଇ ସମଗ୍ର ଭାରତ ମହାଜାତିର କଲ୍ୟାଣରେ ଯଥାଶକ୍ତି ଆତ୍ମବିନିଯୋଗ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ମନେ ରଖିବାକୁ ହେବ ଆମ୍ଭେମାନେ ପ୍ରଥମେ ମନୁଷ୍ୟ, ପରେ ଭାରତୀୟ ଏବଂ ସର୍ବଶେଷରେ ଓଡିଆ । ଏହି ଭାବ ମନରେ ନରଖିଲେ ଜାତୀୟ କ୍ରମବିକାଶ ଅସମ୍ଭବ । ପ୍ରତ୍ୟେକ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଅଛି । ମାତ୍ର ସାମାଜିକ ଭିତ୍ତିବିନା ସେ ସ୍ୱାତନ୍ତ୍ର୍ୟ ପ୍ରକଟିତ ହୁଏନାହିଁ । ସେହିପରି ମାନବ ଜାତିର ସ୍ୱାତନ୍ତ୍ର୍ୟ ଫୁଟିବ ପ୍ରଶସ୍ତତର ଭାରତୀୟ ଜାତୀୟତା କ୍ଷେତ୍ରରେ ଏବଂ ଉଦାର ସାର୍ବଜନୀନ ମାନବିକତାରେ ।” ଜାତୀୟତାବାଦର ଏହି ନବଭାଷ୍ୟ ସେତେବେଳେ ଅନେକ ଓଡିଆ ପ୍ରାଣରେ ନବଚେତନା ଆଣିଥିଲା ଏବଂ ଭାରତୀୟ ଜାତୀୟତାର ମହାସ୍ରୋତରେ ଓଡିଶା ମଧ୍ୟ ପ୍ଳାବିତ ହୋଇଥିଲା । ସେ ନିଜର ଭାଷଣରେ ଭାଗବତ ଘରର ଓଡିଆ ଜାତୀୟ ଜୀବନ ସହିତ ନିବିଡ ସମ୍ପର୍କର ସୂଚନା ଦେଇ ଭାଗବତଘରକୁ ଯୁବକଯୁବତୀମାନେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ । ସେ ଭାଗବତ ଘରକୁ ଓଡିଆ ଗ୍ରାମୀଣ ଜାତୀୟ ଜୀବନର କେନ୍ଦ୍ରବିନ୍ଦୁ ହିସାବରେ ଗ୍ରହଣ କରି ଏହାର ସୁସଂସ୍କାର ନିମନ୍ତେ ସମସ୍ତଙ୍କୁ ନିବେଦନ କରିଥିଲେ । ଓଡିଆ ନବଜାଗୃତିର ଏକ ଅସାଧାରଣ ଉଚ୍ଚାରଣ ଥିଲା ଗୋପବନ୍ଧୁଙ୍କର ଚତୁର୍ଦ୍ଦଶ ଉତ୍କଳ ସମ୍ମିଳନୀ ଭାଷଣ । ସଭାପତି ଗୋପବନ୍ଧୁ ଦାସ ଓଡିଆର ଓଡିଆତ୍ୱ ଉପରେ ଯେତିକି ଗୁରୁତ୍ୱ ଦେଇଥିଲେ ମହାଭାରତୀୟ ଉପନିବେଶପ୍ରବାହବିରୋଧୀ ଜାତୀୟତା ଉପରେ ତାହାଠାରୁ ଅଧିକ ଗୁରୁତ୍ୱ ଦେଇଥିଲେ । ଜାଗରଣର ସ୍ୱର ନିମ୍ନସୋପାନରୁ ଆସୁ, ଓଡିଆର ପରିଚୟ ପଲ୍ଲୀରୁ ଆରମ୍ଭ ହେଉ-ଏହା ଗୋପବନ୍ଧୁ ତାଙ୍କ ଭାଷଣରେ ସ୍ପଷ୍ଟ ପ୍ରକାଶ କରିଥିଲେ ।

ଓଡିଆ ଭାଷା, ସଂସ୍କୃତିର ବିକାଶ ସହିତ ଐତିହ୍ୟର ପୁନରୁଦ୍ଧାର ପାଇଁ ସେ ସଦା ଜାଗ୍ରତ ଥିଲେ । ସାମ୍ବାଦିକତା ଥିଲା ଗୋପବନ୍ଧୁଙ୍କର ଅନ୍ୟ ଏକ ଦିଗ-ଯାହା ମାଧ୍ୟମରେ



Source: Author, Digitized by PPRACHIN, SOA

ସେ ଓଡିଶାର ଉନ୍ନତି ପାଇଁ ଉଦ୍ୟମ କରିଥିଲେ। ପ୍ରଥମେ ସେ ବ୍ରହ୍ମପୁରରୁ ପ୍ରକାଶିତ ଆଶା ସମ୍ବାଦପତ୍ରରେ ସମ୍ପାଦକୀୟ ଲେଖା ମାଧ୍ୟମରେ ଓଡିଆ ଜାଗୃତିର ପଥ ପରିଷ୍କାର କରିଥିଲେ। ପରେ ସତ୍ୟବାଦୀ ନାମକ ମାସିକ ପତ୍ରିକା ସମ୍ପାଦନ କରି ଓଡିଆ ଜାଗରଣ ପାଇଁ ପ୍ରଶସ୍ତ କ୍ଷେତ୍ର ତିଆରି କରିଥିଲେ। ସତ୍ୟବାଦୀ ପ୍ରକାଶନରେ ସନ୍ତୁଷ୍ଟ ନହୋଇ ଏକ ସାପ୍ତାହିକ ଓଡିଆ ସମ୍ବାଦପତ୍ର ମାଧ୍ୟମରେ ଓଡିଆ ଜାତୀୟତାର ବିକାଶ ପାଇଁ ସେ ଉଦ୍ୟମ ଆରମ୍ଭ କରିଥିଲେ। ସରକାରୀ ବିବରଣୀ ଅନୁସାରେ ପ୍ରଥମେ ସେ "ପଲ୍ଲୀପଥ" ନାମକ ଓଡିଆ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ ପାଇଁ ସରକାରଙ୍କୁ ନିବେଦନ କରିଥିଲେ। ପରେ ଏହି ନାମକୁ ତ୍ୟାଗ କରି ସେ "ସମାଜ" ନାମରେ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ ପାଇଁ ସରକାରଙ୍କୁ ନିବେଦନ କଲେ। (ଓଡିଶା ଅଭିଲେଖାଗାରର ବୋର୍ଡ ଅଫ୍ ରେଭିନ୍ୟୁ ସେକ୍ସନ, କନ୍‌ଫିଡେନ୍‌ସିଆଲ୍ ଫାଇଲ୍, ୧୯୨୨, ଆକ୍ସେସନ୍ ନମ୍ବର-୧୬, ଫାଇଲ ନମ୍ବର-୩୨ ଦ୍ରଷ୍ଟବ୍ୟ) ଫଳରେ ଅକ୍ଟୋବର ୪, ୧୯୧୯ରେ ସମାଜ ଆତ୍ମ ପ୍ରକାଶ କଲା-ଏହା ହେଲା ଓଡିଆ ଜାଗୃତିର ବିଶିଷ୍ଟ ମୁଖପତ୍ର। ଆଶା ସମ୍ବାଦପତ୍ରର ଡିସେମ୍ବର ୧୫, ୧୯୧୯ ସଂଖ୍ୟାରେ ସମାଜ ସମ୍ପର୍କରେ ବିବରଣୀ ପ୍ରକାଶ ପାଇଥିଲା। ସେଥିରେ ଲେଖାଯାଇଥିଲା-"ଆଜକୁ ଏକ ମାସ ହେଲା ସମାଜ ନାମରେ ଖଣ୍ଡିଏ ସାପ୍ତାହିକ ପତ୍ରିକା ସତ୍ୟବାଦୀ ପ୍ରେସ୍‌ରୁ ମାନ୍ୟବର ଗୋପବନ୍ଧୁ ଦାସଙ୍କ ସମ୍ପାଦକତ୍ୱରେ ଅତି ସୁଲଭ ମୂଲ୍ୟରେ ଓ ସରଳ ଭାଷାରେ ବାହାରୁଅଛି। ସମାଜ ଯେ କେବଳ ପୁରୀ ଜିଲ୍ଲାର ପତ୍ରିକା ଅଭାବ ଦୂରକଲା ତାହାନୁହେଁ ଆଜି ସମୁଦାୟ ଉତ୍କଳର ଗୋଟିଏ ବଡ ଅଭାବ ଦୂର କରିଅଛି। ସମାଜ ଆଜି ପ୍ରତ୍ୟେକ ଅଳ୍ପଶିକ୍ଷିତ ଉତ୍କଳୀୟ ଲଳନାର ଗୋଟିଏ ଉପାଦେୟ ସାମଗ୍ରୀ ତଥା ଉପକାରୀ ଜିନିଷ ହୋଇଅଛି। ଅର୍ଦ୍ଧଶିକ୍ଷିତ ଓ ମଫସଲ ଲୋକମାନଙ୍କର ସମାଜ ଅତି ପ୍ରିୟ ହୋଇଅଛି। ସମାଜ ଖଣ୍ଡିଏ ପଢିଲେ ଅନ୍ୟଖଣ୍ଡ ପାଇଁ ମନ ଉଦ୍‌ବିଗ୍ନ ହେଉଅଛି। ସମାଜ ମାଧ୍ୟମରେ ଗୋପବନ୍ଧୁ ଉନ୍ମୋଚିତ କରିଥିଲେ ଜାତୀୟ ଚେତନାର ନବଦିଗନ୍ତ। ଏହା ସହିତ ତାଙ୍କର କାବ୍ୟକବିତା ମଧ୍ୟ ଓଡିଆ ଜାଗୃତିର ପରିପ୍ରକାଶରେ ବିଶେଷ ଭୂମିକା ଗ୍ରହଣ କରିଥିଲା।

ଓଡିଆ ଭାଷାଭାଷୀ ଅଞ୍ଚଳମାନଙ୍କର ସମ୍ମିଶ୍ରଣକୁ ନେଇ ଗଢି ଉଠିଥିବା ଉତ୍କଳ ସମ୍ମିଳନୀକୁ ମହାଭାରତୀୟ ଜାତୀୟ ଆନ୍ଦୋଳନରେ ସାମିଲ କରି ଗୋପବନ୍ଧୁ ଓଡିଶାର ଗଠନରେ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଥିଲେ। ଅସହଯୋଗ ଆନ୍ଦୋଳନ ପୂର୍ବରୁ ନାଗପୁର କଂଗ୍ରେସରେ ଯୋଗଦାନ କରି ଗୋପବନ୍ଧୁ ମହାତ୍ମାଗାନ୍ଧିଙ୍କ ସହିତ ତିନି ମିନିଟ୍



Source: Author, Digitized by PPRACHIN, SOA

ସାକ୍ଷାତ ପରେ ମହାତ୍ମା ଓଡିଶାରେ ଅସହଯୋଗ ବାର୍ତ୍ତା ପାଇଁ ଗୋପବନ୍ଧୁ ଓ ଗୋବିନ୍ଦ ମିଶ୍ରଙ୍କୁ ଦାୟିତ୍ୱ ଦେଇଥିଲେ । ଓଡିଶାରେ ଗାନ୍ଧିବାଦୀ କାର୍ଯ୍ୟକଳାପକୁ ପ୍ରସାରିତ କରିବାରେ ଗୋପବନ୍ଧୁଙ୍କର ଅବିସ୍ମରଣୀୟ ଅବଦାନ ଥିଲା । ୧୯୨୦ରୁ ୧୯୨୨ ମଧ୍ୟରେ ସେ ମହାତ୍ମା ଗାନ୍ଧୀ ପ୍ରବର୍ତ୍ତିତ ଅହିଂସ ସତ୍ୟାଗ୍ରହକୁ ଗୁରୁତ୍ୱ ଦେଇ ପ୍ରସାର କରାଇଥିଲେ । ଅସହଯୋଗ ନୀତି ପ୍ରସାରଣ କରିବା ବେଳେ ଗୋପବନ୍ଧୁ ସତ୍ୟବାଦୀ ସ୍କୁଲକୁ ଜାତୀୟ ବିଦ୍ୟାଳୟରେ ପରିଣତ କରିବାକୁ ଉଦ୍ୟମ କରିଥିଲେ । ସତ୍ୟବାଦୀ(ଗୋପବନ୍ଧୁ)ଙ୍କ ଲେଖାରେ ଉତ୍କଳରେ ଭାରତୀୟ ଜାତୀୟତାବୋଧ କିପରି ପ୍ରସାରିତ ହେବ ତାହାର ଚର୍ଚ୍ଚା ପ୍ରକାଶିତ । ସେ ଲେଖିଥିଲେ-"ଜାତୀୟ ଶକ୍ତି ଗୋଟିଏ ପ୍ରେରଣା । ଏହା ଗୋଟିଏ ଈଶ୍ୱର ଦତ୍ତ ଭାବ । ଏଥିରେ ହିସାବକିତାବ ନାହିଁ । ପ୍ରାଣରେ ଭାବ ଆସିଲେ ଆତ୍ମଶାସନ ବଳରେ ସମସ୍ତ ବନ୍ଧନ ଛିଣ୍ଡାଇଦେବାକୁ ହେବ । ଜୀବନ ସ୍ରୋତରେ ପଡିଯିବାକୁ ହେବ । ପରାଧୀନ ଭାବ ଦାସତ୍ୱ । ସ୍ୱାଧୀନଭାବ ବିଭୁତ୍ୱ । ସ୍ୱାଧୀନତାଭାବରେ ସାକ୍ଷାତ୍ ଭଗବାନଙ୍କୁ ଆଗରେ ଦେଖି ତାଙ୍କର ସତ୍ତା ଅନୁଭବ କରିବାକୁ ହେବ । ତାଙ୍କର ଆହ୍ୱାନ ଶୁଣିବାକୁ ହେବ । ସ୍ୱାଧୀନତା ବାହାରେ ନାହିଁ । ଏହା ଆତ୍ମାରେ ପ୍ରତିଷ୍ଠିତ । ଆତ୍ମଶାସନହିଁ ଏହାର ସାଧନା । ତିତିକ୍ଷାହିଁ ଏହାର ମନ୍ତ୍ର । ଏ ଭାବ ବିଭୁକୃପାରେ ଥରେ ଜାଣିଲେ ଆଉ ଯନ୍ତ୍ରଣାର ଭୟ ରହେନାହିଁ । ଦୁର୍ବଳର ବଳ ଆସେ । ନିରକ୍ଷର ବାବଦୂକ ହୁଏ । ଦାସ ମୁକ୍ତ ହୁଏ । ହୃଦୟର ଗ୍ରନ୍ଥି ଛିନ୍ନହୁଏ । ସଂଶୟ ଛିନ୍ନ ହୁଏ । ସମୟ ଅପେକ୍ଷାରେ ଆଉ କାଳାତିପାତ କରିବା ଉଚିତ ନୁହେଁ । ଶୀଘ୍ର ସଂକଳ୍ପପର ହୋଇ ଜାତୀୟ ସ୍ରୋତରେ ପୂର୍ଣ୍ଣପ୍ରାଣ ଢାଳିଦେବାକୁ ହେବ ।(ଉତ୍କଳ ସମ୍ମିଳନୀ ଓ ଭାରତ ଜାତୀୟତା, ସହଯୋଗୀ ମତାମତ, ସତ୍ୟବାଦୀ, ୧୯୨୧/ଜାନୁଆରୀ ୧୭, ୧୯୨୧ ଆଶାରେ ଉଦ୍ଧୃତ)।୧୯୨୧ ଏପ୍ରିଲ ମାସରେ ଅସହଯୋଗର ଗତି ପ୍ରଖର ହେଲା । ଦଳକୁ ଦଳ ଅସହଯୋଗୀ କଟକ, ସମ୍ବଲପୁର ଏବଂ ବ୍ରହ୍ମପୁରଠାରେ ପ୍ରଚାର କରିବାକୁ ଲାଗିଲେ । ଗୋପବନ୍ଧୁ ଦାସଙ୍କର ବ୍ୟାପକ ଅସହଯୋଗ ପ୍ରଚାର ଯୋଗୁଁ ତାଙ୍କୁ ଉତ୍କଳର ଗାନ୍ଧି ବୋଲି ଗ୍ରହଣ କରାଯାଇଥିଲା । (ଆଶା, ଏପ୍ରିଲ ୧୮, ୧୯୨୧) ମହାତ୍ମାଗାନ୍ଧିଙ୍କ ୧୯୨୧ ମାର୍ଚ୍ଚମାସରେ ଓଡିଶା ଆଗମନକୁ ସ୍ମରଣ କରିବାପାଇଁ ଗୋପବନ୍ଧୁ ଦାସ ତାଙ୍କର ଅସହଯୋଗୀ ବନ୍ଧୁମାନଙ୍କର ଉଦ୍ୟମରେ ମାର୍ଚ୍ଚ ୨୩, ୧୯୨୨କୁ ଗାନ୍ଧି ଦିବସରୂପେ ପାଳନ କରିବାକୁ ଉଦ୍ୟମ କରିଥିଲେ । ଏହି ଦିନ ଆପଣା ଆପଣା ଇଷ୍ଟଦେବତାଙ୍କ ନିକଟରେ ସ୍ୱରାଜ ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କରିବାକୁ ଅନୁରୋଧ କରାଯାଇଥିଲା । (ଆଶା, ଫେବୃଆରୀ ୨୦, ୧୯୨୨) ଏହି ସ୍ୱରାଜ ବ୍ରତ



Source: Author, Digitized by PPRACHIN, SOA

ପାଳନ ନିମନ୍ତେ ଅନ୍ତତଃ ତମ୍ବା ପଇସାଟିଏ ଲେଖାଁଏ କଂଗ୍ରେସ କମିଟିକୁ ଦେବା ପାଇଁ ଗୋପବନ୍ଧୁ ନିବେଦନ କରିଥିଲେ। ୧୯୨୨ ବେଳକୁ ସକ୍ରିୟ ଥିବା କନିକା ମେଳିକୁ ଅସହଯୋଗ ଆନ୍ଦୋଳନର ଏକ ବିଶିଷ୍ଟ ଅଂଗ ହିସାବରେ ଗ୍ରହଣ କରି ଗୋପବନ୍ଧୁ ପ୍ରତିବାଦର ନୂଆ ଭାଷ୍ୟ ଓଡିଆମାନଙ୍କ ପାଖରେ ଉପସ୍ଥାପିତ କରାଇଥିଲେ।

୧୯୨୪ ମସିହାରୁ ୧୯୨୮ ମସିହା ମଧ୍ୟରେ ଗୋପବନ୍ଧୁଙ୍କର ଗଠନାତ୍ମକ କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରସାରିତ ହୋଇଥିଲା ଏବଂ ମହାତ୍ମାଗାନ୍ଧୀ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ୧୯୨୫ ଜାନୁଆରୀ ମାସରେ ସମାଜର ପ୍ରକାଶ ସ୍ଥାନ ସାକ୍ଷୀଗୋପାଳରୁ ପୁରୀକୁ ବଦଳି କରାଯାଇ ଥିଲା। ପଣ୍ଡିତ ଗୋପବନ୍ଧୁ ଦାସ ପୁରୀରେ ଅଧିକାଂଶ ସମୟ ଯାପନ କରିବାକୁ ସ୍ଥିର କରିଥିଲେ। ସେତେବେଳେ ସ୍ୱାମୀ ବିଶ୍ୱାନନ୍ଦ, ବଙ୍ଗ ମହାବୀର ଦଳର ସଭାପତି ପୁରୀରେ ପ୍ରବେଶ କରି ମଠ ଓ ମନ୍ଦିରମାନଙ୍କର ସଂସ୍କାର ପାଇଁ ଉଦ୍ୟମ କରିଥିଲେ ଏବଂ ଖଦଡ଼ ପ୍ରସାର ପାଇଁ ଜନମତ ଗଠନ କରିଥିଲେ। ଏଥିରେ ଗୋପବନ୍ଧୁ ଦାସ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ବନ୍ୟା ସମସ୍ୟା ଗୋପବନ୍ଧୁଙ୍କ ଦୃଷ୍ଟିରେ ଓଡ଼ିଶାର ସବୁଠାରୁ ବଡ଼ ସମସ୍ୟା। ଏହି ସମସ୍ୟା ନେଇ ଗୋପବନ୍ଧୁ ପ୍ରବଳ ବିବାଦ ଓ ବିତର୍କର ସମ୍ମୁଖୀନ ହୋଇଥିଲେ। ୧୯୨୫ ମସିହାରେ ନଭେମ୍ବର ମାସର 'ଆଶା' ଓ 'ଶକ୍ତି' ସମ୍ବାଦପତ୍ରରେ ଏହି ବିତର୍କିତ ପ୍ରସଙ୍ଗ ଚର୍ଚ୍ଚାର ଆରମ୍ଭ ହୋଇଥିଲା। ୧୯୨୫ ମସିହା ନଭେମ୍ବର ୧୨ ତାରିଖରେ ପୁରୀରୁ ପ୍ରକାଶିତ ଶକ୍ତି ନାମକ ସାପ୍ତାହିକ ସମ୍ବାଦପତ୍ର ଗୋପବନ୍ଧୁ ଦାସଙ୍କ ବନ୍ୟାପାଣ୍ଠି ସଂଗ୍ରହ ଓ ବଣ୍ଟନ ପ୍ରସଙ୍ଗକୁ ଖୋଲାଖୋଲି ସମାଲୋଚନା କରିଥିଲେ। ୧୯୨୫ ଜୁଲାଇମାସ ବେଳକୁ ପୁରୀ ଜିଲ୍ଲାରେ ପ୍ରବଳବନ୍ୟା ହୋଇଥିଲା। ଏଥିପାଇଁ ଗୋପବନ୍ଧୁଙ୍କ ନେତୃତ୍ୱରେ ପୁରୀ ବନ୍ୟା ସାହାଯ୍ୟ କମିଟି ଗଢ଼ା ହୋଇଥିଲା। ଲୋକମାନଙ୍କୁ ଖାଦ୍ୟ ତଥା ଅର୍ଥ ସାହାଯ୍ୟ କମିଟିରେ ସ୍ଥିର କରା ହୋଇଥିଲା। ପ୍ରପୀଡ଼ିତ ଗ୍ରାମମାନଙ୍କରେ ସୂତାକଟା, ଲୁଗାବୁଣା କେନ୍ଦ୍ରମାନ ଖୋଲାଯିବା ସ୍ଥିର ହୋଇଥିଲା। ଜୁଲାଇ ୨୧ରୁ ଜୁଲାଇ ୨୮ ମଧ୍ୟରେ ପୁରୀ ଜିଲ୍ଲାର ବନ୍ୟାପୀଡ଼ିତ ବହୁ ଗ୍ରାମାଞ୍ଚଳକୁ ଗୋପବନ୍ଧୁ ପରିଭ୍ରମଣ କରି ସାହାଯ୍ୟ କରିଥିଲେ। ରତ୍ନଚିରା ନଦୀ ଅତିକ୍ରମ କରି ସେ ଶିରୁଳି, ଖମାର, ଗୋଲପଡ଼ା ଆଦି ଅଞ୍ଚଳ ବୁଲି ଚାଉଳ ବଣ୍ଟନ କେନ୍ଦ୍ର ଖୋଲିଥିଲେ।

ସେ ବ୍ରହ୍ମଗିରି, ଅଫୁଟିତଳମାଳ, ନୂଆପଡ଼ା, ଶିକାରପୁର, ବାଲିପୁଟ, ମଜପଡ଼ା, ରଣପଡ଼ା, ଜଗନ୍ନାଥପୁର, କଙ୍କଡ଼ାଡ଼ିପ, ଜଗଦଳପୁର, ବନ୍ଧମୁଣ୍ଡା, ନୀଳକଣ୍ଠପୁର, କରମାଳା, ଭୋଇପଡ଼ା, ଗୁଆପଡ଼ା, ଯୋଡ଼ାପଦର, ବ୍ରହ୍ମପଡ଼ା, ହରିପୁର, ଯମିଲଗୋଦା ପ୍ରଭୃତି



Source: Author, Digitized by PPRACHIN, SOA

ଗ୍ରାମମାନଙ୍କରେ ଚାଉଳ ବଣ୍ଟନ କରିଥିଲେ। ଏହା ସତ୍ତ୍ୱେ ତାଙ୍କ କାର୍ଯ୍ୟକ୍ରମର ସମାଲୋଚନା 'ଶକ୍ତି' ପତ୍ରିକାରେ ୧୨ ନଭେମ୍ବର ୧୯୨୫ ସଂଖ୍ୟାରେ ପ୍ରକାଶ ପାଇଥିଲା। ଏଥିରେ ପ୍ରଥମେ ଜଗବନ୍ଧୁ ସିଂହଙ୍କର ସ୍ତବ କରାଯାଇ ଗୋପବନ୍ଧୁଙ୍କ ଉପରେ ଦୋଷ ଲଦି ଦିଆଯାଇଥିଲା। ଏହାକୁ 'ଆଶା' ସମ୍ବାଦପତ୍ରରେ ନଭେମ୍ବର ୨୩ ସଂଖ୍ୟାରେ ଖଣ୍ଡନ କରାଯାଇଥିଲା। 'ଆଶା' ସମ୍ବାଦପତ୍ର ଲେଖିଥିଲା - 'ଏ ପର୍ଯ୍ୟନ୍ତ ଓଡ଼ିଶାର ଧୋଇୟା ଅଞ୍ଚଳ ପାଇଁ ଯଦି କିଛି କାର୍ଯ୍ୟ ହୋଇଥାଏ ତେବେ ତାହା ଗୋପବନ୍ଧୁଙ୍କ ଦ୍ୱାରା ବୋଲିବାକୁ ହେବ। ତାଙ୍କର ବାରମ୍ବାର ଅନୁରୋଧରେ ଶ୍ରଦ୍ଧେୟ ଆଣ୍ଡ୍ରୁଜ ସାହେବ ଆସି ବିପନ୍ନ ଲୋକଙ୍କ ଦଶା ଦେଖିଥିଲେ। ସହଯୋଗୀ (ଶକ୍ତି) ବୋଧହୁଏ ଖବର ରଖିନାହାନ୍ତି ଯେ ବର୍ଷରେ କେତେ ମାସ ଗୋପବନ୍ଧୁ ବାବୁ ମଫସଲରେ ରହନ୍ତି। ଗଲା ଦୁର୍ଭିକ୍ଷରେ ସେ କୁଣ୍ଡା, ମୁଠି ଶାଗ ବାନ୍ଧି ଲାଟ୍‌ସଭା ଯାଏ ଯାଇଥିଲେ। ତାଙ୍କରି ଅଦମ୍ୟ ଚେଷ୍ଟାରେ ଲାଟ୍ ସାହେବଙ୍କ ଆସନ ଟଳିଗଲା। ବର୍ତ୍ତମାନ ଯେ କେତୋଟି ସାହାଯ୍ୟ କେନ୍ଦ୍ର ଖୋଲାଯାଇଛି ତାହା ଗୋପବନ୍ଧୁ ବାବୁ ବାରମ୍ବାର ପତ୍ରିକାରେ ଝାଡ଼ି ନଥିଲେ ହୋଇନଥାନ୍ତା। ଗଲା ଦୁର୍ଭିକ୍ଷ ପାଣ୍ଠିର ଟଙ୍କା ବର୍ତ୍ତମାନ ଖର୍ଚ୍ଚ ହେଉଥିବାର ଆମ୍ଭେମାନେ ଜାଣୁ। ଖର୍ଚ୍ଚର ହିସାବ ପରେ ଗୋପବନ୍ଧୁ ବାବୁ ନଦେବେ ବୋଲି ଆଶଙ୍କା କରିବା ଅସୁନ୍ଦର'।

୨୨ଅକ୍ଟୋବର ୧୯୨୭ରେ ନିଖିଳ ଉତ୍କଳ ବନ୍ୟା ସମ୍ମିଳନୀ ମଧୁପୁର ରାଜା ସାହେବ ବୀରବର ନାରାୟଣ ଚନ୍ଦ୍ର ଧୀର ନରେନ୍ଦ୍ରଙ୍କ ସଭାପତିତ୍ୱରେ କଟକ ଟାଉନହଲରେ ଆରମ୍ଭ ହୋଇଥିଲା (ସମାଜ, ୨୯ ଅକ୍ଟୋବର ୧୯୨୭)। ସମ୍ମିଳନୀରେ ପ୍ରାୟ ୩୫୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ଗୋପବନ୍ଧୁ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଦ୍ୱିତୀୟ ଦିନ ସଭାରେ ତୃତୀୟ ନିର୍ଦ୍ଧାରଣ ଆଗତ କରିଥିଲେ ଗୋପବନ୍ଧୁ ଦାସ। ଏହି ନିର୍ଦ୍ଧାରଣ ଦୁଇ ଭାଗରେ ବିଭକ୍ତ ଥିଲା।

୧- ବନ୍ୟା କମିଟି ଗଠନ। ପ୍ରଦେଶର ଭିନ୍ନ ଭିନ୍ନ ଅଞ୍ଚଳରେ ସ୍ଥାନୀୟ କମିଟି ସ୍ଥାପନ। ବନ୍ୟା ସମ୍ପର୍କୀୟ ସମ୍ବାଦ ଓ ସାହିତ୍ୟ ପ୍ରଚାର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଉପାୟ ଅବଲମ୍ବନ ଦ୍ୱାରା ଲୋକମତ ସଙ୍ଗଠନ। ଓଡ଼ିଶା ବାହାରେ ଲୋକମାନଙ୍କୁ ବନ୍ୟା ସମ୍ପର୍କରେ ଜଣାଇ ସେମାନଙ୍କର ସାହାଯ୍ୟ ସହାନୁଭୂତି ଲାଭର ଚେଷ୍ଟା। ଭିନ୍ନ ଭିନ୍ନ ଅଞ୍ଚଳର ବନ୍ୟା ସମ୍ପର୍କୀୟ ସମ୍ବାଦ ସଂଗ୍ରହ। ବିଭିନ୍ନ ବନ୍ୟା ଅଞ୍ଚଳର ଅଭାବ ଅଭିଯୋଗମାନ ଉଚିତ କର୍ତ୍ତୃପକ୍ଷଙ୍କ ନିକଟରେ ଆଗତ ଏବଂ କଳ୍ପିତ ପ୍ରତିକାର ସମ୍ପର୍କରେ ଜନସାଧାରଣଙ୍କର ମତାମତ ପ୍ରକାଶ।



Source: Author, Digitized by PPRACHIN, SOA

୨ - କମିଟିର କାର୍ଯ୍ୟ ପରିଚାଳନା ନିମନ୍ତେ ଅର୍ଥସଂଗ୍ରହ ଏବଂ ପ୍ରଦେଶ ମଧ୍ୟରେ କାର୍ଯ୍ୟ କରୁଥିବା ବିଭିନ୍ନ ସାହାଯ୍ୟକାରୀ ଅନୁଷ୍ଠାନମାନଙ୍କଠାରୁ ଅର୍ଥ ସାହାଯ୍ୟ ଗ୍ରହଣ ଏବଂ ଆବଶ୍ୟକ ହେଲେ ଋଣଗ୍ରହଣ ଏହି ଅଧିକାର କମିଟିର ରହିବ।

ଏହି ନିର୍ଦ୍ଧାରଣ ଆଗତ କରି ଗୋପବନ୍ଧୁ କହିଥିଲେ –"ଏହାହିଁ ଯଥାର୍ଥରେ ସମ୍ମିଳନୀର ଉଦ୍ଦେଶ୍ୟ। ଏ ଯେଉଁ କମିଟି ହେବ ଏ କମିଟି ସବୁ ବନ୍ୟା ବିବରଣୀ ସଂଗ୍ରହ କରିବେ ଏବଂ ଲୋକଙ୍କ ପକ୍ଷରୁ ପ୍ରତିକାର ପ୍ରସ୍ତାବ କରିବେ। ଆପଣମାନେ ପୁରୀ, କଟକ, ବାଲେଶ୍ୱରର ବିଭିନ୍ନ ବନ୍ୟା ଅଞ୍ଚଳରୁ ଆସିଅଛନ୍ତି। ଅନେକ ନିଜ ନିଜ ଅଞ୍ଚଳର ବନ୍ୟା ବିବରଣ ଓ ପ୍ରସ୍ତାବ ସଙ୍ଗରେ ଆଣିଅଛନ୍ତି। ତାହାର ବିଚାର ଏଠାରେ ହେବ ନାହିଁ। ହବା ବି ସମ୍ଭବ ନୁହେଁ, କମିଟିମାନଙ୍କ ଜରିଆରେ କାର୍ଯ୍ୟ କରିବାକୁ ହେବ। ସେଥିପାଇଁ ଆଜି ଏଠାରେ ଶୁଭ ଦିଆଯାଉଅଛି। କେନ୍ଦ୍ର କମିଟିରେ ସବୁ ଜିଲ୍ଲାର ଲୋକ ରହିବେ। ପ୍ରତି ସବ୍‌ଡ଼ିଭିଜନ୍ ଓ ପ୍ରତି ଥାନାମାନଙ୍କରେ କମିଟି ରହିବ, କେନ୍ଦ୍ର କମିଟିରୁ ଆଠ ଦଶ ଜଣ ନେଇ ଏକ କାର୍ଯ୍ୟକାରୀ କମିଟି ଗଢ଼ାହେବ। ଏହିପରି ଶୃଙ୍ଖଳାବଦ୍ଧ ଭାବରେ ଏକ ସ୍ୱରରେ କାର୍ଯ୍ୟକଲେ ଅବଶ୍ୟ ଫଳ ଫଳିବ, ଗାଁରେ, ଥାନାରେ ସବ୍‌ଡ଼ିଭିଜନ୍‌ରେ ଜିଲ୍ଲାରେ ଲୋକମତ ସଂଗ୍ରହ କରି ଆମ୍ଭମାନଙ୍କର ବନ୍ୟା ବିଷୟର ଦାବି ପ୍ରସ୍ତୁତ କରିବାକୁ ହେବ।

ଓଡ଼ିଆ, ଇଂରାଜୀ ଖବରକାଗଜରେ, ସଭା ସମିତିରେ, କାଗଜପତ୍ରରେ ସରକାରଙ୍କଠାରେ ଆମ୍ଭେମାନେ ଆମ୍ଭମାନଙ୍କର ଦାବି ପ୍ରକାଶ କରି ଜୋର ଆନ୍ଦୋଳନ କରିବାକୁ ହେବ। ଆମ୍ଭେମାନେ ଏପରି ରଡ଼ି ଛାଡ଼ିବା ଯେ ସରକାରଙ୍କର ଆସନ ଟଳିଯିବ। ଆମ୍ଭେମାନେ ଏ ପର୍ଯ୍ୟନ୍ତ ତାହା କରିନଥିଲୁ। ଏହା ଆମର ପ୍ରଥମ ତ୍ରୁଟି। ରଡ଼ିଲେ କମ୍ କାମ ହୁଏ ନାହିଁ। ଜଣେ କମିଶନର ଥିଲେ ତାଙ୍କୁ ରାତିରେ ବିଲୁଆ ରଡ଼ିଲେ ନିଦ ଲାଗେ ନାହିଁ। ଆମେ ସମସ୍ତେ ତ ବିଲୁଆ। ସରକାର ସିଂହ। ଆମର ଆଉ ଉପାୟ କ'ଣ ? ଆମେ ଯଦି ଏକ ସ୍ୱରରେ ରଡ଼ି ଛାଡ଼ିବା ସବୁ ସାହେବଙ୍କ ନିଦ ଭାଙ୍ଗିବ। କାଉନସିଲ୍, ଖବରକାଗଜ ସବୁ ଏ ରଡ଼ିର ପନ୍ଥା। ଏହାଦ୍ୱାରା ସରକାର ଓ ଭାରତର ଜନସାଧାରଣ ଶୁଣିବେ, ଅବଶ୍ୟ ଏ ସମସ୍ୟାର ଗୋଟିଏ ସମାଧାନ କରିବେ।"

ପ୍ରସ୍ତାବିତ କମିଟିର ସଭାପତି ମଧୁପୁର ରାଜାସାହେବ, ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ନିଜେ ଏବଂ ବିଚିତ୍ରାନନ୍ଦ ଦାସ କୋଷାଧକ୍ଷ। ପ୍ରସ୍ତାବଟି ଅନୁମୋଦନ କରିଥିଲେ ଜଗବନ୍ଧୁ ସିଂହ ଏବଂ ବିଚିତ୍ରାନନ୍ଦ ଦାସ। ବନ୍ୟା ସାହାଯ୍ୟ ସଂଘ (Flood Relief



Source: Author, Digitized by PPRACHIN, SOA

Committee) ର ସମ୍ପାଦକ ହିସାବରେ ଗୋପବନ୍ଧୁ ନାନା ସ୍ଥାନରୁ ପାଣ୍ଠି ପାଇଁ ଟଙ୍କା ସାହାଯ୍ୟ ପାଇଥିଲେ। ୧୯୨୭ ଶେଷଆଡ଼କୁ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସେ ମତାମତ ଦେଇଥିଲେ। ସେ ଗାନ୍ଧୀଙ୍କ ସହିତ ପତ୍ରାଳାପ କରିଥିଲେ ଏବଂ ତାଙ୍କ ଅନୁରୋଧରେ ମହାତ୍ମାଗାନ୍ଧୀ ବନ୍ୟା ବିଶାରଦ ସାର୍ ବିଶ୍ୱେଶ୍ୱରେୟାଙ୍କୁ ଓଡ଼ିଶାକୁ ପଠାଇଥିଲେ। ଏହାଙ୍କ ପରିକଳ୍ପନାରେ ବନ୍ୟା ନିୟନ୍ତ୍ରଣ କରାଯାଇ ପାରିଥିଲା। ସମାଜ ନଭେମ୍ବର ୨୬, ୧୯୨୭ ସଂଖ୍ୟାରେ ଗୋପବନ୍ଧୁ ଏ ସମ୍ପର୍କରେ ଆଲୋଚନା କରି ଲେଖିଥିଲେ – 'ବାସ୍ତବରେ ବନ୍ୟା ପ୍ରସଙ୍ଗର ଆଲୋଚନାରେ ବୃଷ୍ଟିର ବିଷୟ ଯେ ବିଚାର କରିବା ଆବଶ୍ୟକ, ଏହା ଅସ୍ୱୀକାର କରାଯାଇ ନ ପାରେ। ବୃଷ୍ଟିଠାରୁ ଆରମ୍ଭ କରି ନଦୀ କୂଳରୁ ମୁହାଣ ପର୍ଯ୍ୟନ୍ତ ସମୁଦାୟ ଅବସ୍ଥା ଭଲରୂପେ ଅନୁସନ୍ଧାନ କରିବାକୁ ହେବ। ସେ ସମ୍ପର୍କରେ ଜଙ୍ଗଲର ପ୍ରଶ୍ନ ମଧ୍ୟ କେତେକ ଉଠିବ। ଜଙ୍ଗଲ କଟିଯିବାରୁ ବନ୍ୟା ଅଧିକ ଆକସ୍ମିକ ଓ ଉତ୍କଟତର ହେଉଛି ବୋଲି ଅନେକ କହନ୍ତି। ପରୀକ୍ଷା କରି ଏ ମତର ସତ୍ୟତା ବୁଝିବା ଆବଶ୍ୟକ। ନଦୀଗର୍ଭ କ୍ରମେ ପୋତି ହୋଇପଡୁଛି। ସେଥିପାଇଁ ଅନେକ ଆନିକଟକୁ ଦାୟୀ କରନ୍ତି। ଏହା ମଧ୍ୟ ପରୀକ୍ଷା କରିବା ଉଚିତ। ଅନେକ କହନ୍ତି ନଦୀର ଉପର ଭାଗରେ ଏପରି ବନ୍ଦୋବସ୍ତ ହେବା ଆବଶ୍ୟକ ଯେପରି କି ନଦୀପାଣି ହଠାତ୍ ବହି ନ ଆସି ଉପରେ ଧରି ରଖାଯାଇପାରିବ ଏବଂ ଆସ୍ତେ ଆସ୍ତେ ସେ ପାଣିସବୁକୁ ଏପରି ଛାଡ଼ିବାକୁ ହେବ ଯେ ତାହା ଭୀଷଣ ବନ୍ୟା ଆକାର ନଧରି ଧୀର ପ୍ରବାହରେ ନଦୀ ଗର୍ଭରେ ଚାଲିବ। ନଦୀର ବକ୍ରଗତିକୁ ଅନେକଠାରେ କାଟି ସିଧା କରିଦେଲେ ପାଣି ସହଜରେ ସମୁଦ୍ରକୁ ଚାଲିଯିବ ବୋଲି ଅନେକଙ୍କ ମତ। ନଦୀମୁହାଣ ମଧ୍ୟ ଖୋଳାଇବା ଆବଶ୍ୟକ, ପୂର୍ବାପେକ୍ଷା ଅଧିକ ବର୍ଷା ହେଉଥିବାରୁ ଆଜିକାଲି ବନ୍ୟା ଏତେ ଉତ୍କଟ ହେଉଛି କି ଏଥିର ଅନ୍ୟ କିଛି କାରଣ ଅଛି, ଏହା ସର୍ବାଦୌ ବୁଝି ସ୍ଥିର କରିନେବା ଆବଶ୍ୟକ। ବନ୍ୟାର ସ୍ଥାୟୀ ପ୍ରତିକାର ଲାଗି ଏହିପରି ଅନେକ ପ୍ରକାର ପ୍ରଶ୍ନର ମୀମାଂସା କରିବାକୁ ହେବ। ଏଥିରେ ଯେତେ ଶ୍ରେଣୀର ବିଶେଷ ବ୍ୟକ୍ତିଙ୍କ ବୁଦ୍ଧିବିଚାର ଲାଗିପାରେ ସେତେ ଭଲ।'

ବନ୍ୟା ପ୍ରତି ଗୋପବନ୍ଧୁଙ୍କର ଏତେ ଦୃଷ୍ଟି ସତ୍ତ୍ୱେ ଭୁବନାନନ୍ଦ ଦାସଙ୍କ ସମ୍ପାଦିତ 'ୟଙ୍ଗ୍ ଇଣ୍ଡିଆ' ପତ୍ରିକାରେ ଏବଂ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସମ୍ପାଦିତ 'ଉତ୍କଳ ଦୀପିକା'ରେ ତାଙ୍କୁ ପ୍ରବଳ ସମାଲୋଚନା କରାଯାଇଥିଲା। 'ୟଙ୍ଗ୍ ଇଣ୍ଡିଆ'ଙ୍କ ମତରେ ଗୋପବନ୍ଧୁ ଏତେ ଟଙ୍କା ସଂଗ୍ରହ କରି ତହିଁର ଏକ ଚତୁର୍ଥାଂଶ ପରିମାଣ ବନ୍ୟା ସାହାଯ୍ୟ ଦେଇ



Source: Author, Digitized by PPRACHIN, SOA

ଅବଶିଷ୍ଟ ଟଙ୍କା ନିଜ ଇଚ୍ଛାନୁସାରେ ବ୍ୟୟ କରିବାକୁ ରଖିଥିଲେ। ନିଜ ଇଚ୍ଛା ମତେ ବନ୍ୟା ସାହାଯ୍ୟ ପାଇଁ ଉକ୍ତ ଟଙ୍କା ବ୍ୟୟ ନ କରି ଅନ୍ୟ କୌଣସି ପ୍ରକାର ବ୍ୟୟ କରିବା ଆଦୌ ଉଚିତ ନୁହେଁ ବୋଲି ୧୯୨୮ର ଉତ୍କଳ ଦୀପିକା ମତ ଦେଇଥିଲା। ଏ ସମ୍ପର୍କରେ ଏକ ମନ୍ତବ୍ୟ ଦୀପିକାରେ ୧୧ ଫେବୃୟାରୀ ୧୯୨୮ରେ ସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି ପ୍ରକାଶ କରି ଲେଖିଥିଲେ –" ଦୁଃଖର ବିଷୟ ଆମ୍ଭେମାନେ ଓଡ଼ିଶା ବନ୍ୟା ସାହାଯ୍ୟ କମିଟିର କୌଣସି ହିସାବପତ୍ର ଏ ପର୍ଯ୍ୟନ୍ତ ପାଇନାହୁଁ। ଅନ୍ୟାନ୍ୟ ପତ୍ରିକାରେ ପ୍ରକାଶିତ ହିସାବ ଏବଂ ପ୍ରେରିତ ପତ୍ର ଆଦି ପାଠ କରି କେତେକ ବିଷୟ ଅବଗତ ହୋଇଅଛୁ। ବନ୍ୟା ଦୁର୍ଘଟଣା ପରେ ଗୋଟିଏ ସଭାରେ ଆମ୍ଭେମାନେ ଉପସ୍ଥିତ ଥିଲୁ। ସେଦିନ ସେହିସଭାରେ ପଣ୍ଡିତ ଗୋପବନ୍ଧୁଙ୍କର କ୍ରନ୍ଦନ ଧ୍ୱନି ଶୁଣିଅଛୁ ଏବଂ ବନ୍ୟାର ଭୀଷଣ ମୂର୍ତ୍ତି ଏବଂ ରେଲୱେ କର୍ମଚାରୀମାନଙ୍କ ନିଷ୍ଠୁରତା ଏବଂ ବିପନ୍ନମାନଙ୍କର ଅବସ୍ଥା ମଧ୍ୟ ବକ୍ତାମାନଙ୍କ ଠାରୁ ଶୁଣିଅଛୁ। ବନ୍ୟାପୀଡ଼ିତ ଲୋକମାନଙ୍କର ଦୁର୍ଦ୍ଦଶାର ବର୍ଣ୍ଣନା ଶୁଣି ଉପସ୍ଥିତ ଶ୍ରୋତାମଣ୍ଡଳୀ ସମସ୍ତେ ବ୍ୟଥିତ ହୋଇଅଛନ୍ତି। ସେହି ବର୍ଣ୍ଣନା ଶ୍ରବଣ କରି ଯାହାର କିଞ୍ଚିତ ମାତ୍ର ଶକ୍ତି ଥିବ ସେ କଦାଚ ବିପନ୍ନମାନଙ୍କର ଦୁର୍ଗତିର ପ୍ରତିକାର ନିମନ୍ତେ ଦାନ କରିବାକୁ କୁଣ୍ଠିତ ହେବ ନାହିଁ। ସେତେବେଳେ ଶୁଣିଥିଲୁ ଲକ୍ଷ ଲକ୍ଷ ମୁଦ୍ରା ସଞ୍ଚିତ ହେଲେ ମଧ୍ୟ ସେମାନଙ୍କର ଦୁର୍ଦ୍ଦଶାର ଯଥୋଚିତ ପ୍ରତିକାର ହେବା ସମ୍ଭବପର ନୁହେଁ। କିନ୍ତୁ ହିସାବରୁ ଦେଖୁଅଛୁ ଡିସେମ୍ବର ଶେଷସୁଦ୍ଧା ୪୧୭୨୫ ଟଙ୍କା ବିପନ୍ନ ବ୍ୟକ୍ତିଙ୍କର ଆଶୁ ପ୍ରତିକାର ନିମନ୍ତେ ପଣ୍ଡିତ ଗୋପବନ୍ଧୁଙ୍କର ହସ୍ତଗତ ହୋଇଥିଲେ ହେଁ କେବଳ ଏକ ଚତୁର୍ଥାଂଶ ଅର୍ଥାତ୍ ୧୦,୦୦୦ ଟଙ୍କା ଏପର୍ଯ୍ୟନ୍ତ ବ୍ୟୟ ହୋଇଛି। ଜଣେ ପତ୍ରପ୍ରେରକଙ୍କ ପତ୍ରରୁ ବୁଝିପାରିଅଛୁ ତହିଁ ମଧ୍ୟରୁ କେବଳ ୨୦୦୦ରୁ ୨୫୦୦ଟଙ୍କା ପର୍ଯ୍ୟନ୍ତ ପ୍ରକୃତ ଦାନ ଦିଆଯାଇଅଛି। ବନ୍ୟାର ଅବସ୍ଥା ଦେଖି ତାହାର ଆଶୁ ପ୍ରତିକାର ନିମନ୍ତେ ଭାରତବାସୀମାନଙ୍କୁ ସାହାଯ୍ୟ ପ୍ରାର୍ଥନା କରିଥିବା ଉଦାରଚେତାବାସୀମାନେ ଏ ରିପୋର୍ଟ ପାଠ କରି ବର୍ତ୍ତମାନ କ'ଣ ଅନୁମାନ କରିବେ ? ସେମାନେ ଯଦି ଉଦ୍ୟୋକ୍ତାମାନଙ୍କୁ ଓ ବନ୍ୟା କମିଟିର ସେକ୍ରେଟାରୀ ସଭାପତି ଓ ମେମ୍ବରମାନଙ୍କୁ ମିଥ୍ୟାବାଦୀ ଓ ପ୍ରବଞ୍ଚକ ବୋଲି ମନେକରନ୍ତି ତାହାହେଲେ ସେମାନଙ୍କ ପକ୍ଷରେ ଏହା କଦାଚ ଅଯଥା ବା ଅନ୍ୟାୟ ହେବନାହିଁ। ଆମ୍ଭେମାନେ ବୁଝିପାରୁନାହୁଁ ବନ୍ୟା ପୀଡ଼ିତମାନଙ୍କର ଆଶୁ ସାହାଯ୍ୟ ନିମନ୍ତେ କେବଳ ୧୦,୦୦୦ଟଙ୍କା ବା ୨୦୦୦ରୁ ୨୫୦୦ଟଙ୍କା ପର୍ଯ୍ୟନ୍ତ ବ୍ୟୟ କରି ଅବଶିଷ୍ଟ ଗଚ୍ଛିତ ରଖିବା କାରଣ କମିଟି ସିଦ୍ଧାନ୍ତ କରିଅଛନ୍ତି କିମ୍ବା ସମ୍ପାଦକ ନିଜ ଇଚ୍ଛାକ୍ରମେ ଏହା କରିଅଛନ୍ତି। ସରକାରୀ



Source: Author, Digitized by PPRACHIN, SOA

ଏବଂ ବେସରକାରୀ ସମସ୍ତ ରିପୋର୍ଟରୁ ପ୍ରକାଶ ହେଉଥିଲା ଯେ ଅନେକଙ୍କର ଘର ଭାସିଯାଇଥିବାରୁ ସେମାନେ ଗୃହହୀନ ହୋଇ ବନ୍ଧ ଏବଂ ଅନ୍ୟାନ୍ୟ ଉଚ୍ଚସ୍ଥାନରେ ଖରା ଏବଂ ବର୍ଷାରେ ପଡ଼ି ରହିଥିଲେ । ସେମାନଙ୍କର ଛାୟାଦାନ କରିବା ଅତି ଜରୁର ଆବଶ୍ୟକ ଥିଲା । ଗୃହ ଓ ଛାୟାର ଅଭାବ ସମ୍ବନ୍ଧେ ଅନେକ ହୃଦୟସ୍ପର୍ଶୀ ବକ୍ତୃତା ଶୁଣିଥିଲୁ । ବକ୍ତୃତା ଶୁଣି ଆମ୍ଭେମାନେ ତହିଁର ପ୍ରତିକାର ନିମନ୍ତେ କେତେ ଅର୍ଥ ଆବଶ୍ୟକ ହେବ ତାହାର କଳ୍ପନା କରିବାକୁ ମଧ୍ୟ ଅକ୍ଷମ ହୋଇଥିଲୁ । ବର୍ତ୍ତମାନ ହିସାବରୁ ଦେଖୁଅଛୁ ଯେ କେବଳ ୫୦୦ ଟଙ୍କା କଲେଜ ରିଲିଫ ସୋସାଇଟିକୁ ଗୃହ ନିର୍ମାଣ ପାଇଁ ଗ୍ରାଣ୍ଟ୍ ଦିଆଯାଇଛି । ମଂଜି ଓ ଗୃହନିର୍ମାଣ ପାଇଁ ୧୦୦୦ ଟଙ୍କା ଧାର ଦିଆଯାଇଅଛି । ତାହାଦ୍ୱାରା କେତେ ଲୋକଙ୍କର ଆଶୁ ପ୍ରତିକାର ହୋଇଅଛି ବୁଝିପାରୁ ନାହୁଁ । ବକ୍ତୃତାରେ ମଧ୍ୟ କେତେ ପ୍ରକାର ଆକ୍ଷେପ ଶୁଣିଥିଲୁ ଯେ ସରକାରୀ କର୍ମଚାରୀମାନେ ବନ୍ୟା ବିପ୍ଲବର ପ୍ରକୃତ ପରିମାଣକୁ ଗୋପନ କରୁଅଛନ୍ତି ମାତ୍ର ବନ୍ୟା କମିଟିର ଆୟବ୍ୟୟର ତାଲିକା ପାଠ କଲେ ସରକାରୀ ରିପୋର୍ଟକୁ ପ୍ରତିବାଦ କରିବା ଅତ୍ୟନ୍ତ ଅଯଥା ବୋଲି ବିବେଚିତ ହେବ ନାହିଁ କି ? ଏବଂ ସରକାରୀ କର୍ତ୍ତୃପକ୍ଷମାନେ ଯଦି କହନ୍ତି କେତେଗୁଡ଼ିଏ ଲୋକ ନିଜର କୌଣସି ଉଦ୍ଦେଶ୍ୟ ସାଧନ ନିମନ୍ତେ ଅଥବା ସହଜରେ ଲୋକମାନଙ୍କର ଭକ୍ତି ଓ ସମ୍ମାନ ପାଇବା ଅଭିପ୍ରାୟରେ ପ୍ରୟାସୀ ହୋଇ ନାନା ପ୍ରକାର ମିଥ୍ୟା ସମ୍ବାଦ ରଚନା କରୁଅଛନ୍ତି ତା'ହେଲେ ସେମାନଙ୍କୁ ଦୋଷଦେବାର କାରଣ ଅଛି କି ? ଆମ୍ଭେମାନେ ପଣ୍ଡିତ ଗୋପବନ୍ଧୁଙ୍କର କିମ୍ବା ବନ୍ୟା କମିଟିର କାର୍ଯ୍ୟପ୍ରଣାଳୀକୁ ଆଦୌ ଅନୁମୋଦନ କରିପାରୁ ନାହୁଁ । ଆଶା କରୁଁ ବନ୍ୟାକମିଟି ସତର୍କ ହୋଇ ସମସ୍ତ ବିଷୟ ବିବେଚନା କରି ବନ୍ୟା ସାହାଯ୍ୟ ନିମନ୍ତେ ସଂଗୃହୀତ ପାଣ୍ଠିର ଯଥୋଚିତ ବ୍ୟବହାର କରିବା ନିମନ୍ତେ ଶୀଘ୍ର ତତ୍ପର ହେବେ" ।

ଏହି ସମାଲୋଚନାକୁ 'ଆଶା' ସମ୍ବାଦପତ୍ର ୨୭ ଫେବୃୟାରୀ ୧୯୨୮ର ସଂଖ୍ୟାରେ ସମୀକ୍ଷା କରାଯାଇ ମନ୍ତବ୍ୟ ଦିଆଯାଇଥିଲା । ସେଥିରେ ଲେଖାଥିଲା – "ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଶାର ପ୍ରକୃତ କର୍ମୀ, ସ୍ୱଦେଶ ପ୍ରେମିକ ଓ ଅବିସମ୍ବାଦିତ ନେତା । କିନ୍ତୁ କେହି କେହି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ପକ୍ଷେ ତାଙ୍କର ଏହି ଗୌରବ ଏକ ପ୍ରଧାନ ଈର୍ଷାର କାରଣ - ବିଶେଷତଃ ସେହି ସ୍ୱାର୍ଥ ଅନେକତ୍ର ବ୍ୟକ୍ତିଗତ । ଏହି ସ୍ୱାର୍ଥାନ୍ୱେଷୀ ଲୋକମାନେ ଦେଶନାୟକ ରୂପରେ ରଙ୍ଗମଞ୍ଚ ଉପରୁ ଯେଉଁ ଉପଦେଶ ସୁଧାମୃତ ଦେଶବାସୀଙ୍କ ଉଦ୍ଦେଶ୍ୟରେ ବିତରଣ କରନ୍ତି ତାହା ପାନ କରିବାକୁ କେତେଜଣ ଆଗ୍ରହାକାଂକ୍ଷୀ



Source: Author, Digitized by PPRACHIN, SOA

ଆମ୍ଭେମାନେ କହିନପାରୁ, ତେବେ ଅନୁମାନ କରାଯାଏ ସେମାନଙ୍କ ସଂଖ୍ୟା ନିତାନ୍ତ ମୁଷ୍ଟିମେୟ ସୁତରାଂ ନଗଣ୍ୟ। ଓଡ଼ିଶାର ଚିନ୍ତାଶୀଳ ତଥା ନିରପେକ୍ଷ ଶିକ୍ଷିତମାନେ ଏହି ଦେଶସେବା ମୁଖାଧାରୀ ବ୍ୟକ୍ତିମାନଙ୍କୁ ଯେ ବେଶ୍ ଚିହ୍ନି ପାରିବେ ସେଥିରେ ସନ୍ଦେହ ନାହିଁ। ସେମାନଙ୍କର ନା ଅଛି ଯୁକ୍ତି, ନା ଅଛି ସଦ୍‌ଭିପ୍ରାୟ। ନାନା ଆଜୁ ମିଥ୍ୟା ଆବର୍ଜନା ଆଣି ପ୍ରକୃତ କର୍ମୀର ମହତ୍ତ୍ୱ ବୁଡ଼ାଇଦେଲେ ଏକା ଟେକାକେ ଯୋଡ଼ାଏ ଆମ୍ବ ଝାଡ଼ିବାପରି ନିଜର ପ୍ରସାର ପ୍ରତିଷ୍ଠା ଲାଗି କ୍ଷେତ୍ର ମିଳିଯିବ ବୋଲି ଏମାନଙ୍କର ଧାରଣା। କିନ୍ତୁ ଦୁଃଖର କଥା ଏ ଧାରଣା ଯେ କେତେ ଭ୍ରମାତ୍ମକ ଓ ସାଂଘାତିକ, ଏକଥା ସେମାନେ ଉପଲବ୍ଧି କରିପାରୁ ନାହାନ୍ତି। ବ୍ୟକ୍ତିଗତ ଭାବରେ ୟଙ୍ଗ୍ ଉତ୍କଳର ସମ୍ପାଦକ ଗୋପବନ୍ଧୁ ବାବୁଙ୍କ ସହିତ କେତେଦୂର ସମ୍ପୃକ୍ତ କହିନପାରୁ, ମାତ୍ର ଗତ ଆସେମ୍ବ୍ଲି ନିର୍ବାଚନ ସମୟରେ ଗୋପବନ୍ଧୁ ବାବୁଙ୍କ ସାହଚର୍ଯ୍ୟ ଲାଭ କରିନଥିଲେ ଭୁବନାନନ୍ଦ ବାବୁଙ୍କ ନିର୍ବାଚନ ଏତେ ସୁଗମ ହୋଇପାରି ନଥାନ୍ତା କି ନା ସନ୍ଦେହ। ଆଜି ସେହି ଦେବୋପମ ଗୋପବନ୍ଧୁ ବାବୁଙ୍କ ଉପରେ ମିଥ୍ୟା ଆବର୍ଜନା ନିକ୍ଷେପ କରିବା ପୂର୍ବରୁ ଭୁବନାନନ୍ଦ ପରିଚାଳିତ 'ୟଙ୍ଗ୍ ଉତ୍କଳ' ଟିକିଏ ବିଶେଷ ଭାବରେ ଚିନ୍ତାକରି ଲେଖନୀ ଧାରଣ କରିଥାଆନ୍ତେ। ସୁତରାଂ ଉକ୍ତ ପତ୍ରିକାରେ ପ୍ରକାଶିତ ଟିପ୍ପଣୀ ସମୂହରେ ପରିଚାଳକବର୍ଗଙ୍କର ନୀଚତା, ମିଥ୍ୟା ତଥା ସର୍ବୋପରି ମାନସିକ ଦୈନ୍ୟଦର୍ଶନରେ ନିତାନ୍ତ ନିରାଶ ହେବାକୁ ପଡ଼େ ଏବଂବିଧ ତଥାକଥିତ ସ୍ୱୟଂମ୍ମନା ନେତାଙ୍କ ପ୍ରତି ଦୟାର ଉଦ୍ରେକ ହୁଏ। ଯେଉଁମାନେ ଭାରତୀୟ ଜାତୀୟ ସ୍ୱାର୍ଥରେ ଏତେ ପ୍ରଣିଧାନ କରନ୍ତି, ସେମାନେ ଯେ କାହିଁକି ସ୍ୱାର୍ଥରେ ଏତେ ସଂକୀର୍ଣ୍ଣ ସୀମା ମଧ୍ୟରେ ଆବଦ୍ଧ ଏକଥା ବଡ଼ ରହସ୍ୟାବୃତ୍ତ। ଆମ୍ଭେମାନେ ଆଶା କରୁ ଓଡ଼ିଶାର ବନ୍ୟା ସମିତି ସମ୍ପର୍କରେ ଗୋପବନ୍ଧୁ ବାବୁଙ୍କ ବିବୃତ୍ତି ପରେ 'ୟଙ୍ଗ୍ ଉତ୍କଳ' ଏପରି ଈର୍ଷାମୂଳକ ଟିପ୍ପଣୀରେ କଳେବର କଳୁଷିତ କରିବେ ନାହିଁ"।

ବନ୍ୟା ସାହାଯ୍ୟ ସମିତି ସମ୍ପର୍କରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଉପରେ ଟୀକାଟିପ୍ପଣୀ ଦେଇ କଟକର 'ୟଙ୍ଗ୍ ଉତ୍କଳ' ଯାହା ଲେଖିଥିଲେ ସେ ସମ୍ବନ୍ଧରେ ଗୋପବନ୍ଧୁ ଓ ବନ୍ୟା ସାହାଯ୍ୟ ସମିତି ଉତ୍ତର ଦେଇଥିଲେ। ଦୀନବନ୍ଧୁ ଏଣ୍ଡ୍ରିଜ୍ 'ୟଙ୍ଗ୍ ଉତ୍କଳ'ର କଥାରେ ଭାସି ନଯାଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ କାର୍ଯ୍ୟର ପ୍ରଶଂସା କରିଛନ୍ତି ଏବଂ ତାଙ୍କ ଠାରେ ଯେ ପୂର୍ଣ୍ଣବିଶ୍ୱାସ ସ୍ଥାପନ କରାଯାଇପାରେ ତାହା ଜଣାଇଛନ୍ତି। ସେ ମଝିରେ ମଝିରେ ହିସାବପତ୍ର ଦେଖି ହିସାବ ସନ୍ତୋଷଜନକ ଥିବାର ସୂଚାଇଥିଲେ। ( ଆଶା, ୫ମାର୍ଚ୍ଚ, ୧୯୨୮)



Source: Author, Digitized by PPRACHIN, SOA

୧୯୨୮ ମସିହା ଜୁନ୍‌ମାସ ଆରମ୍ଭ ପୂର୍ବରୁ ଗୋପବନ୍ଧୁ କଲିକତାର ଓଡ଼ିଆ ଶ୍ରମିକ ସମସ୍ୟା ଓ ସଙ୍ଗଠନ ପାଇଁ କଲିକତା ଯାତ୍ରା କରିଥିଲେ। ପ୍ରେମଚାନ୍ଦ ବରାଳ ଗଳିରେ ଦୁଇଶହ ଓଡ଼ିଆ କୁଲିରୁ ଅଧିକ ଥିବା ଏକ ପକ୍‌କା ଘରେ ସେ ରହିଥିଲେ। ସେ ଘରର ଚାରିପାଖରେ ବେଶ୍ୟା ପୁରି ରହିଥିଲେ। ସାତ ହାତ ଲମ୍ବା, ସାତ ହାତ ଓସାରର ଗୋଟିଏ ଗୋଟିଏ କୋଠରିରେ ଚଉଦ ଜଣ ଲେଖାଏଁ କୁଲି ରହିଥିଲେ। ସେ ଘରକୁ ଆଲୁଅ କି ପବନ ଯିବାର ସୁବିଧା କିଛି ନଥିଲା। କୁଲିମାନେ ବଡ଼ ହୀନ ଅବସ୍ଥାରେ ସେଠାରେ ଥାଇ ମଧ୍ୟ ପଶା, ତାସ ଖେଳିବାରୁ ବିରତ ନ ଥିଲେ। ଆଉ ଠାଏ ଠାଏ ମଧ୍ୟ ଓଡ଼ିଆମାନେ ଘର ଭିତରେ ତଳ ଉପର ଭାଡ଼ି କରି ପାରା ଭାଡ଼ି ଭିତରେ ପାରା ରହିଲା ପରି ରହୁଥିଲେ। ଏହିପରି ଦୟନୀୟ ଅବସ୍ଥାର ବର୍ଣ୍ଣନା କରି ସେ 'ଆଶା' ସମ୍ବାଦପତ୍ର ଜୁନ୍ ୧୧,୧୯୨୮ର ସଂଖ୍ୟାରେ ଦୁଃଖପ୍ରକାଶ କରିଥିଲେ। ଓଡ଼ିଆମାନଙ୍କର ଶୃଙ୍ଖଳିତ ଓ ସଂଘବଦ୍ଧ ଜୀବନ ପାଇଁ ସେ ସେତେବେଳେ ଆଗ୍ରହ ପ୍ରକାଶ କରିଥିଲେ। ୧୯୨୮ ଜୁନ୍ ୨୫ତାରିଖରେ ପୂର୍ବରୁ ଗୋପବନ୍ଧୁ ନିଜ ପରିବାର କୁଟୁମ୍ବଙ୍କ ସାମାନ୍ୟ କିଛି ବ୍ୟବସ୍ଥା କରିଦେଇ ବାକି ତାଙ୍କର ପୈତୃକ ଓ ସ୍ୱାର୍ଜିତ ସମ୍ପତ୍ତି ସବୁ ତାଙ୍କ ଗୃହର ଇଷ୍ଟଦେବତା ବିନୋଦବିହାରୀ ଦେବଙ୍କ ଲାଗି ଖଞ୍ଜି ଦେଇଥିଲେ। ସତ୍ୟବାଦୀ ପ୍ରେସ ଓ ସମାଜ ଖବରକାଗଜକୁ 'ଲୋକସେବକ ସମାଜ' ହାତରେ ଅର୍ପଣ କରିଦେଇଥିଲେ। ପ୍ରେସ ଓ ପତ୍ରିକାଲବ୍ଧ ଧନ ଲୋକସାଧାରଣଙ୍କ ସାମାଜିକ, ରାଜନୈତିକ ଓ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ଲାଗିବ ବୋଲି ସେ ଆଶା କରିଥିଲେ। (ଆଶା, ଜୁନ୍ ୨୫, ୧୯୨୮) ମୃତ୍ୟୁପୂର୍ବରୁ ଗୋପବନ୍ଧୁ ଓଡିଶାରେ କଂଗ୍ରେସ କର୍ମୀମାନଙ୍କର ନୈତିକ ଅଧଃପତନ ଲକ୍ଷ୍ୟକରି ପ୍ରାଣକୃଷ୍ଣ ପଢିହାରୀଙ୍କ ନିକଟକୁ ଏକ ପତ୍ର ଲେଖିଥିଲେ। ଏହି ପତ୍ର ପଢିହାରୀ ୧୯୨୯ ଫେବୃଆରୀ ୪ରେ ସାପ୍ତାହିକ ଆଶାରେ ପ୍ରକାଶ କରାଇଥିଲେ। ସେହି ପତ୍ରର ଏକ ଅଂଶରେ ଥିଲା- "ମୁଁ ଦେଖୁଛି ସାମାନ୍ୟ କେତେ ଜଣଙ୍କୁ ଛାଡିଦେଲେ କଂଗ୍ରେସ ସମ୍ପର୍କରେ ସମସ୍ତ କର୍ମୀମାନଙ୍କର ନୈତିକ ଅବନତି ଘଟିଛି। ସେମାନଙ୍କୁ ଉଠାଇବା ସହଜ ନୁହେଁ। ଈର୍ଷା, ଅହମିକା, ସ୍ୱାର୍ଥ, ପଦଲାଳସା, କ୍ଷମତା ଓ ଅଧିକାର ଆକାଂକ୍ଷା ଏପରି ଗ୍ରାସ କରିଛି ଯେ ସେମାନଙ୍କ ପ୍ରାଣରେ ନିଷ୍ଠା ଓ ନିଃସ୍ୱାର୍ଥପରତା ଜଗାଇବା ଦୁରୂହ ବ୍ୟାପାର। କର୍ମୀ ପ୍ରାଣରେ ନିଷ୍ଠା ଓ ନିଃସ୍ୱାର୍ଥପରତା ନ ଆସିଲେ କର୍ମକ୍ଷେତ୍ର ଉଜ୍ଜ୍ୱଳ ହେବନାହିଁ। ମୋର ଆନ୍ତରିକ ଓ କେତେକ ପରିମାଣରେ ମାନସିକ ଅବସାଦ ଆସିଛି ସ୍ୱୀକାର କରୁଛି।"



Source: Author, Digitized by PPRACHIN, SOA

୧୯୨୮ ମସିହା ୧୭ଜୁନ୍ ସନ୍ଧ୍ୟା ୭ଘଣ୍ଟା ସମୟରେ ଗୋପବନ୍ଧୁ ୫୨ ବର୍ଷରେ ପରଲୋକପ୍ରାପ୍ତ ହେଲେ। ତାଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରି ୟଙ୍ଗ୍ ଇଣ୍ଡିଆରେ ମହାତ୍ମାଗାନ୍ଧୀ ୨୧ ଜୁନ୍ ୧୯୨୮ରେ ଲେଖିଥିଲେ-"ଦୁଃଖ ଓ ବିପତ୍ତି ପ୍ରପୀଡିତ ଓଡିଶାର ସେ ସର୍ବଶ୍ରେଷ୍ଠ ପୁତ୍ରମାନଙ୍କ ମଧ୍ୟରୁ ଜଣେ। ଗୋପବନ୍ଧୁ ବାବୁ ଓଡିଶାକୁ ନିଜର ସର୍ବସ୍ୱ ସମର୍ପଣ କରିଦେଇଛନ୍ତି। ତାଙ୍କ ଅବସାନରେ ଦେଶ ଗରୀବ ହୋଇଗଲା। ସେ ସଶରୀରରେ ଆଜି ଆମ ଭିତରେ ନାହାନ୍ତି ସତ; ମାତ୍ର ତାଙ୍କର ଆତ୍ମା ଅଛି।" ଓଡ଼ିଶାରେ ଗୋପବନ୍ଧୁ ଜୀବନର ଦୀର୍ଘ ୩୦ବର୍ଷ କାଳ ଯୁବଶକ୍ତି ସଙ୍ଗଠନ ଓ ଜାଗରଣ, କଂଗ୍ରେସ ସଙ୍ଗଠନକୁ ଦୃଢ଼ କରିବା ପାଇଁ ସୂତାକଟା, ବିଦେଶୀ ବସ୍ତ୍ର ବର୍ଜନ ଓ ନିଶାନିବାରଣର ପ୍ରଚାର, ଜାତୀୟ ଶିକ୍ଷାର ପରିପ୍ରଚାର ଏବଂ ଓଡ଼ିଆମାନଙ୍କର ଏକତ୍ରୀକରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସାରଣ ପାଇଁ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପରି ବୃହତ୍ମୁଖୀ କାର୍ଯ୍ୟ ସ୍ରୋତରେ ଭସାଇ ଦେଇଥିଲେ।

## ଉପାଦାନ ପଞ୍ଜିକା


୧. ଗୋବିନ୍ଦଚନ୍ଦ୍ର ମିଶ୍ର, ଜାତୀୟ ଜୀବନର ଆତ୍ମବିକାଶ, ପ୍ରଥମ ଓ ଦ୍ୱିତୀୟ ଖଣ୍ଡ, ୧୯୪୦, କଟକ।

୨. ଦେବେନ୍ଦ୍ର କୁମାର ଦାଶ, ସଂପାଦକ, ଉତ୍କଳମଣି ଗୋପବନ୍ଧୁ ଗ୍ରନ୍ଥାବଳୀ, ପ୍ରଥମ ଖଣ୍ଡ, କଟକ, ୨୦୦୩।

୩. ଦୀନବନ୍ଧୁ ମିଶ୍ର, ଓଡିଶାର ଆଧୁନିକ ରାଜନୀତି ପ୍ରତିଷ୍ଠାତା, ଗୋପବନ୍ଧୁ, ଭୁବନେଶ୍ୱର, ୨୦୦୦।

୪. କୈଳାସ ଚନ୍ଦ୍ର ଦାଶ, "ମହାତ୍ମାଗାନ୍ଧୀ, ଗୋପବନ୍ଧୁ ଓ ଓଡିଶା", ସମଦୃଷ୍ଟି, ସଂ- ସୁଧୀର ପଟ୍ଟନାୟକ, ଅକ୍ଟୋବର, ୧-୧୫, ୧୬-୩୧, ୨୦୦୬।

ଉତ୍କଳ ଦୀପିକା, ଆଶା, ସତ୍ୟବାଦୀ, ସମାଜ, ମୁକୁର, ଉତ୍କଳ ସାହିତ୍ୟ।


❖❖❖



Source: Author, Digitized by PPRACHIN, SOA

## ଓଡ଼ିଶାରେ ଗାନ୍ଧୀବାଦର ମହାପ୍ରବକ୍ତା

# ଗୋପବନ୍ଧୁ ଚୌଧୁରୀ

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଓଡ଼ିଶାର ଅବଦାନକୁ ଆଲୋଚନା କଲାବେଳେ ଅବିସ୍ମରଣୀୟ ଗାନ୍ଧୀବାଦୀ ନେତା ଓ ସମାଜସେବକ ଗୋପବନ୍ଧୁ ଚୌଧୁରୀଙ୍କ ତ୍ୟାଗ ଓ ଉଦ୍ୟମର ଚର୍ଚ୍ଚା ଆବଶ୍ୟକ। ଗୋପବନ୍ଧୁ ଚୌଧୁରୀ ଜୀବନର ଦୀର୍ଘ ୩୭ ବର୍ଷ ଓଡ଼ିଶାର ଗ୍ରାମାଞ୍ଚଳରେ ଗାନ୍ଧୀବାଦୀ କର୍ମଧାରାର ପ୍ରବଳ ପ୍ରସାର କରାଇଥିଲେ। ତାଙ୍କ ପିତା ଗୋକୁଳାନନ୍ଦ ଚୌଧୁରୀ ଜଗତ୍‌ସିଂହପୁର ଖେରସର ଜମିଦାର ଥିଲେ ମଧ୍ୟ କଟକରେ ଓକିଲାତି କରୁଥିଲେ। ସେ ମଧୁସୂଦନ ଦାସଙ୍କ ଉତ୍କଳ ସଭା ଓ ଉତ୍କଳ ସମ୍ମିଳନୀରେ ବହୁ କାର୍ଯ୍ୟ କରିଥିଲେ । ଗୋପବନ୍ଧୁ ୧୮୯୫ ମସିହା ମେ ୮ରେ କଟକରେ ଜନ୍ମ ଗ୍ରହଣ କରିଥିଲେ। ୧୯୫୮ ମସିହା ଏପ୍ରିଲ ୨୯ରେ ମୃତ୍ୟୁ ବରଣ କରିଥିଲେ। କଲିକତାର ପ୍ରେସିଡେନ୍‌ସୀ କଲେଜରୁ ୧୯୧୪ ମସିହାରେ ଗଣିତରେ ଏମ.ଏ ପାସ୍ କରିଥିଲେ। ସେ ମଧ୍ୟ କଲିକତା ବିଶ୍ୱବିଦ୍ୟାଳୟରେ ଗୋଟିଏ ବର୍ଷ ଆଇନ୍ ପଢ଼ିଥିଲେ। ତେବେ ୧୯୧୭ରେ ସେ ବିହାର ଓଡ଼ିଶା ସରକାର ଅଧୀନରେ ଡେପୁଟି ମାଜିଷ୍ଟ୍ରେଟ ହିସାବରେ ଚାକିରି ଜାଜପୁରରେ ଆରମ୍ଭ କରିଥିଲେ। ସେ ସମୟରେ ସେ ମଧ୍ୟ କଟକର ଭାରତୀ ମନ୍ଦିର ଲାଇବ୍ରେରୀର ଗଠନରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଚାକିରୀ ଜୀବନ ଅସ୍ଥାୟୀ ଥିଲା। ଯାଜପୁରର ସବ୍-ଡିଭିଜନାଲ ଅଫିସର ୧୯୨୦ରେ ତାଙ୍କୁ ଜାଜପୁର ବନ୍ୟା ଦୁର୍ଭିକ୍ଷ ସମ୍ପର୍କରେ ସରକାରଙ୍କୁ ପସନ୍ଦ ହେଲା ପରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେବାରୁ ସେ ତାଙ୍କ ବିବରଣୀରେ ସତ୍ୟ ଘଟଣା ପ୍ରକାଶ କରିବାକୁ ଚାହିଁଲେ। ଏହି ଘଟଣାଯୋଗୁଁ ତାଙ୍କୁ ବରଗଡକୁ ବଦଳି କରାଯାଇଥିଲା। ମାତ୍ର ଗୋପବନ୍ଧୁ ଚାକିରୀରୁ ଏହା ପରେ ଇସ୍ତଫା ଦେଇଥିଲେ। ୧୯୨୧ରୁ ୧୯୫୮ ମସିହା ପର୍ଯ୍ୟନ୍ତ ଗୋପବନ୍ଧୁ ଚୌଧୁରୀ ଦେଶସେବାରେ ମନ ଦେଇଥିଲେ। ସେ ଗୋପବନ୍ଧୁ ଦାସଙ୍କ ପ୍ରେରଣା ପାଇ ଗାନ୍ଧୀବାଦକୁ ଗ୍ରହଣ କରିଥିଲେ ଏବଂ ଓଡ଼ିଶାର ଗ୍ରାମାଞ୍ଚଳରେ ଗାନ୍ଧୀ ଚିନ୍ତନ ଓ କର୍ମଧାରାର ପ୍ରବଳ ପ୍ରସାର କରାଇଥିଲେ।



Source: Author, Digitized by PPRACHIN, SOA

ତାଙ୍କ ଗାନ୍ଧୀବାଦୀ କର୍ମଧାରାର ପ୍ରଥମ ମାଇଲଖୁଣ୍ଟ ଥିଲା ଅଳକାଶ୍ରମ। ୧୯୨୨ ଜାନୁଆରୀ ମାସରେ ଜଗତସିଂହପୁର ଅନ୍ତର୍ଗତ ଅଳକା ନଦୀ କୂଳରେ ଗୋପବନ୍ଧୁ ଚୌଧୁରୀ ଏବଂ କେତେକ ସ୍ୱଦେଶହିତୈଷୀଙ୍କ ଉଦ୍ୟମରେ ଏହି ଆଶ୍ରମ ଓ ଏହା ସଂଲଗ୍ନ ଜାତୀୟ ବିଦ୍ୟାଳୟ ଗାନ୍ଧୀବାଦୀ କାର୍ଯ୍ୟକ୍ରମର ଏକ କେନ୍ଦ୍ରସ୍ଥଳ ହୋଇପାରିଥିଲା। ଶିକ୍ଷା କିପରି ଆତ୍ମନିର୍ଭରଶୀଳତା ଆଣିପାରିବ ସେ ନିମନ୍ତେ ଗୋପବନ୍ଧୁ ଚୌଧୁରୀ ଏବଂ ତାଙ୍କର ସହଯୋଗୀମାନେ ଉଦ୍ୟମ କରିଥିଲେ। ଏହା ସହିତ ଗୋପବନ୍ଧୁଙ୍କର କଂଗ୍ରେସ କାର୍ଯ୍ୟକ୍ରମ ମଧ୍ୟ ବ୍ୟାପକ ହୋଇଥିଲା। ୧୯୨୪ ମସିହାରେ ଗୋପବନ୍ଧୁ ଓଡିଶାର ରାଜନୀତିରେ ଏକ ଉଚ୍ଚ ଆସନ ଲାଭ କରିଥିଲେ। ୧୯୨୪ ମସିହା ଜୁନ୍ ୨୮ରେ କଟକରେ ଉତ୍କଳ ପ୍ରାଦେଶିକ ସମ୍ମିଳନୀର ପ୍ରଥମ ଅଧିବେଶନ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ଏହାର ଅଭ୍ୟର୍ଥନା ସମିତିର ସଭାପତି ଥିଲେ ଗୋପବନ୍ଧୁ ଚୌଧୁରୀ। ତାଙ୍କ ସଭାପତି ଭାଷଣ ତାଙ୍କ ଅସାଧାରଣ ଚିନ୍ତନକୁ ଆଲୋକକୁ ଆଣିଥିଲା। ଏହି ଭାଷଣରେ ସେ ମଧୁସୂଦନ ଦାସଙ୍କ ଜାତୀୟବାଦୀ ତଥା ଦେଶମିଶ୍ରଣ କର୍ମଧାରାର ଆଲୋଚନା କରି କହିଥିଲେ-ଓଡିଆ ଗୋଟିଏ ଜାତି। ଏ ଜାତୀୟ ଭାବ ଉତ୍କଳର ପ୍ରାଣରେ ମଧୁବାବୁ ପୂର୍ଣ୍ଣମାତ୍ରାରେ ଜାଗରିତ କରାଇଥିଲେ। ତେବେ ସେ ମଧ୍ୟ କହିଥିଲେ-ଉତ୍କଳ ଭାରତର ଗୋଟିଏ ଅଂଶ। ଭାରତର ସ୍ୱରାଜ୍ୟ ଯୁଦ୍ଧରେ ତାର କର୍ତ୍ତବ୍ୟ ଅଛି। ଏକଥା କେବଳ ମହାତ୍ମାଙ୍କ ବାଣୀ ଓଡିଆଙ୍କ ପ୍ରାଣରେ ଆଣି ଦେଇଛି। ସେହି ସ୍ରୋତରେ ଉତ୍କଳ ଅଳ୍ପ ବହୁତ ନିଜକୁ ଭସାଇ ଦେଇଛି। ଅସହଯୋଗ ପ୍ରଭାବରେ ଉତ୍କଳର ପ୍ରାଣରେ ନୂତନ ଶକ୍ତି ସଂଚାର ହୋଇଅଛି। ଉତ୍କଳ ସ୍ୱରାଜ ଯୁଦ୍ଧରେ ଯୋଗ ଦେବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ।

ତାଙ୍କ ପ୍ରସାରିତ ବକ୍ତବ୍ୟରେ ଓଡିଶାର ନାନା ସମସ୍ୟା ଉପରେ ଆଲୋକପାତ କରିଥିଲେ। ବର୍ଷକୁ ବର୍ଷ ବଢି, ମରୁଡି, ଦୁର୍ଭିକ୍ଷ ଏବଂ ମେଲେରିଆ ଆସି କ୍ରମେ କ୍ରମେ ଗ୍ରାମମାନଙ୍କୁ ଛାରଖାର କରୁଥିବାର ସୂଚନା ଦେଇ ସେ କଂଗ୍ରେସର ରଚନାତ୍ମକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଥିଲେ। ଓଡିଶାରେ ଖଦୀ ପ୍ରସାର, କପା ଚାଷ ଉପରେ ସେ ଗୁରୁତ୍ୱ ଦେଇଥିଲେ ଏବଂ ଏ ଦିଗରେ ଓଡିଆମାନେ ସଦା ଜାଗ୍ରତ ବୋଲି ସେ ସୂଚାଇଥିଲେ। ଜଗନ୍ନାଥଙ୍କ ଦେଉଳ ତଳେ ଘର କରି ଓଡିଶାବାସୀ ତାଙ୍କ ସମାଜରୁ ଅସ୍ପୃଶ୍ୟତା ଦୂର କରିନାହାନ୍ତି ବୋଲି ସେ ମତ ଦେଇଥିଲେ। ତାଙ୍କ ମତରେ ଯେଉଁ ଶ୍ରୀକ୍ଷେତ୍ରରେ ବ୍ରାହ୍ମଣ ଚଣ୍ଡାଳ ଏକ ପାତ୍ରରେ ବସି ଭୋଜନ କରନ୍ତି , ଯେଉଁ କ୍ଷେତ୍ରରେ ଦିନେ ଚୈତନ୍ୟ ଦେବ ପ୍ରେମ ଧର୍ମ ପ୍ରଚାର କରି ଏହି ଅସ୍ପୃଶ୍ୟତା ଉଠାଇ ଦେଇଥିଲେ ସେହି କ୍ଷେତ୍ରରେ ଉତ୍କଳବାସୀ



Source: Author, Digitized by PPRACHIN, SOA

ଅସ୍ପୃଶ୍ୟତା ରଖିଛନ୍ତି । ସେ ସୂଚାଇ ଦେଇଥିଲେ-ଆଜି ପୁଣି ସେ ମହାତ୍ମାଙ୍କ ଗଂଭୀର ନିର୍ଘୋଷରେ ହିନ୍ଦୁଜାତିର ପ୍ରାଣରେ ଚହଳ ପଡିଛି, ଏତେବେଳେ ଉତ୍କଳ ଏ ବିଷୟରେ ନିଶ୍ଚେଷ୍ଟ ରହିଲେ ଚଳିବ କି ? ତାଙ୍କ ଭାଷଣ ଗାନ୍ଧୀଚିନ୍ତନର ନବ ଦିଗନ୍ତ ଉନ୍ମୋଚିତ କରିଥିଲା। ୧୯୨୪ ମସିହାରୁ ସେ  ଚରଖା ଏବଂ ଖଦୀ ପ୍ରଚାର କରି ଗାନ୍ଧୀବାଦୀ କାର୍ଯ୍ୟକ୍ରମକୁ ଓଡିଶାର ଗ୍ରାମାଞ୍ଚଳରେ ପ୍ରସାରିତ କରିଥିଲେ। ୧୯୨୫ରେ ସେ ନିଖିଳ ଭାରତ ଚରଖା ସଂଘର ଓଡିଶା ଶାଖାର ସମ୍ପାଦକ ଥିଲେ। ଗୋପବନ୍ଧୁ ଦାସଙ୍କ ମୃତ୍ୟୁପରେ ଓଡିଶାରେ ଗାନ୍ଧୀ ସେବାସଂଘର ଦାୟିତ୍ୱ ନେଇ ଅରଟ ଏବଂ କପାଚାଷ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। ୧୯୨୯ ମାର୍ଚ୍ଚ ୨୯/୩୦ରେ ବାଲେଶ୍ୱରଠାରେ ଉତ୍କଳ ପ୍ରାଦେଶିକ ସମ୍ମିଳନୀର ଅଧିବେଶନରେ ସଭାପତି ହିସାବରେ ଗୋପବନ୍ଧୁ ଚୌଧୁରୀଙ୍କର ଅଭିଭାଷଣ ନାନା ପ୍ରସଂଗ ଉପରେ ଆଧାରିତ ଥିଲା। ସେ କହିଥିଲେ-"ଉତ୍କଳରେ କଂଗ୍ରେସ ଆନ୍ଦୋଳନର ପ୍ରତିଷ୍ଠାତା ପଣ୍ଡିତ ଗୋପବନ୍ଧୁ ଦାସ। ସେହି କଂଗ୍ରେସ ଭକ୍ତଙ୍କ ଉଦ୍ୟମରେ ଚକ୍ରଧରପୁରଠାରେ ଉତ୍କଳ ସମ୍ମିଳନୀ କଂଗ୍ରେସ ଉଦ୍ଦେଶ୍ୟ ଗ୍ରହଣ କରିବା ପରବର୍ତ୍ତୀ କାଳରେ ନୂତନ ପ୍ରାଦେଶିକ ସମ୍ମିଳନୀର ସୃଷ୍ଟି। ଅସହଯୋଗ ପର୍ଯ୍ୟାୟ ଉପରେ ମନ୍ତବ୍ୟ ଦେଇ ବ୍ରିଟିଶ୍ ସାମ୍ରାଜ୍ୟବାଦୀ ଭାବନାକୁ କୁଠାରଘାତ କରି ସ୍ୱରାଜ ଲାଭ ଉଦ୍ଦେଶ୍ୟରେ ସେ ଜନତାଙ୍କୁ ନୂତନ ଚେତନାରେ ମନ୍ତ୍ରିତ କରିଥିଲେ। ବିଦେଶୀ ବସ୍ତ୍ର ବହିଷ୍କାର ଜାତୀୟ କଂଗ୍ରେସ କିପରି ସ୍ଥିର କରିଛି ତାହା ଦର୍ଶାଇବାବେଳେ ଅରଟ ସାହାଯ୍ୟରେ ଭାରତର ନଷ୍ଟ କୁଟୀରଶିଳ୍ପର ପୁନରୁଦ୍ଧାର ପ୍ରସଂଗର ଚର୍ଚ୍ଚା କରିଥିଲେ। ସେ ଏହି ପ୍ରସଂଗରେ କପାଚାଷ ଉପରେ ଗୁରୁତ୍ୱ ଦେଇଥିଲେ। କଂଗ୍ରେସ ଅନୁଷ୍ଠାନର ଦୃଢୀକରଣ ପ୍ରସଂଗରେ ସେ କହିଥିଲେ ନିମ୍ନତର ସ୍ତରରୁ କଂଗ୍ରେସକୁ ଗଢିନପାରିଲେ କଂଗ୍ରେସ ଚିରସ୍ଥାୟୀ ହେବନାହିଁ। ସେ ମତ ଦେଇଥିଲେ-ଭାରତର ଆକାଂକ୍ଷିତ ସ୍ୱରାଜରେ ଦୀନଦରିଦ୍ରମାନେ ମୁଠାଏ ଯେ ଖାଇବାକୁ ପାଇବେ ଖଣ୍ଡେ ପିନ୍ଧିବାକୁ ପାଇବେ ଏହି ସତ୍ୟ ପ୍ରତ୍ୟେକ ଦେଶବାସୀଙ୍କ ମନରେ ସଦା ଜାଗ୍ରତ ରଖିବାକୁ ହେବ। ନାରୀ ଜାଗରଣ ଉପରେ ସେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ନାରୀର ଶିକ୍ଷା ବ୍ୟତୀତ ଉନ୍ନତ ଜାତି ଗଢିବା ଦୁରାଶା ମାତ୍ର। ମା କୋଳରେ ଶିକ୍ଷା, ମାନବଜୀବନରେ ପ୍ରଧାନ ଶିକ୍ଷା। ଶ୍ରମଜୀବୀ ଓ କୃଷକ ସଂଗଠନକୁ ସେ ଗୁରୁତ୍ୱ ଦେଇଥିଲେ। ଓଡିଶାର ଗଡଜାତମାନଙ୍କରେ ଆଦିବାସୀମାନଙ୍କର ଅବସ୍ଥାର ଉନ୍ନତି ଆବଶ୍ୟକ ବୋଲି ସେ ମଧ୍ୟ ମତ ଦେଇଥିଲେ। ସେ ପାଶ୍ଚାତ୍ୟ ଶିକ୍ଷାପ୍ରଣାଳୀକୁ ତୀବ୍ର ସମାଲୋଚନା କରିଥିଲେ। ସେ ମତ ଦେଇଥିଲେ, ଦେଶର ପ୍ରାଣ ଗ୍ରାମରେ, ଯେ ପର୍ଯ୍ୟନ୍ତ ଲକ୍ଷଲକ୍ଷ ଗ୍ରାମବାସୀଙ୍କ



Source: Author, Digitized by PPRACHIN, SOA

ମଧ୍ୟରେ ଜାଗରଣ ନଆସିଛି, ସେମାନେ ସମସ୍ୟା ହୃଦୟଙ୍ଗମ ନକରିଛନ୍ତି ଏବଂ ଜାତିଟା କିପରି ଧ୍ୱଂସ ପଥରେ ଅଗ୍ରସର ହେଉଅଛି ନବୁଝିଛନ୍ତି ସେ ପର୍ଯ୍ୟନ୍ତ ପ୍ରତିକାର ଅସମ୍ଭବ।

୧୯୩୦ ମସିହାରେ ଗୋପବନ୍ଧୁ ଚୌଧୁରୀ ମହାତ୍ମାଙ୍କ ଲବଣ ସତ୍ୟାଗ୍ରହ ଏବଂ ଆଇନ ଅମାନ୍ୟ ଆନ୍ଦୋଳନରେ ମୁଖ୍ୟ ପୁରୋଧା ରୂପେ କାର୍ଯ୍ୟ କରିଥିଲେ। ପରିଣତିରେ ସେ ଏପ୍ରିଲ ୬ ୧୯୩୦ରେ କାରାବରଣ କରିଥିଲେ।୧୯୩୧ ମସିହାରେ ତାଙ୍କର ଇଞ୍ଚୁଡି ଲବଣ ସତ୍ୟାଗ୍ରହ ଉପରେ ଶ୍ରୀ ବିଜୟୀ ସତ୍ୟାଗ୍ରହ ବିଜୟ କବିତା ସ୍ୱରାଜ ସାହିତ୍ୟ ମନ୍ଦିରରୁ ପ୍ରକାଶ କରିଥିଲେ। ସେଥିରେ ଲେଖାଯାଇଥଲା-"ଜାତୀୟ ସଭାରେ ସ୍ୱାଧୀନତା ପାଇଁ ପଡିଲା ସମର ଡାକଯେ/ହିମାଳୟଠାରୁ କୁମାରିକାଯାଏ କମ୍ପିଲା ଭାରତ ଯାକଯେ/ ଗାନ୍ଧୀ ସେନାପତି ହେଲେ/ସତ୍ୟାଗ୍ରହ ମନ୍ତ୍ର ଦିକ୍ଷା ଦେଲେ ଯେ// ଆମରାଇଜରେ ପଡିଗଲା ହୁରି/ଚଉଧୁରୀ ଗୋପବନ୍ଧୁ/ସେନାପତି ହୋଇ ଡାକ ଦେଲେ ଭାଇ/ତୁଟାଅ ବିଦେଶୀ ଫାନ୍ଦୁ/ ଆମ ଏ ସୁନାରାଇଜ/ଝଟତିରେ ବୀରେ ହୁଅ ସଜ// ଜେଲରୁ ମୁକ୍ତ ହେବା ପରେ ସେ ପୁଣି ହରିଜନ କାର୍ଯ୍ୟରେ ସମୟ ବିତାଇଥିଲେ । ୧୯୩୩ରେ ଅଖିଳ ଭାରତ ହରିଜନ ସେବକ ସଂଘର ସେ ମଧ ଜଣେ ସଦସ୍ୟ ହୋଇ ଓଡିଶାରେ ହରିଜନ କାର୍ଯ୍ୟକ୍ରମକୁ ବ୍ୟାପକ କରାଇଥିଲେ। ମହାତ୍ମା ଗାନ୍ଧୀଙ୍କର ଓଡିଶାରେ ୬ମେ ୧୯୩୪ରୁ ଜୁନ୍ ୨ ୧୯୩୪ମଧ୍ୟରେ ଯେଉଁ ହରିଜନ ଯାତ୍ରା ବା ପତିତପାବନ ଯାତ୍ରା ହୋଇଥିଲା ସେଥିରେ ଗୋପବନ୍ଧୁ ଚୌଧୁରୀ ହରେକୃଷ୍ଣ ମହତାବଙ୍କ ସହିତ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

୧୯୩୪ ମସିହା ଅଗଷ୍ଟ ମାସରେ ଗୋପବନ୍ଧୁ ଚୌଧୁରୀ ଯାଜପୁର ଅନ୍ତର୍ଗତ ବରୀଠାରେ ବାଗଦା ଗ୍ରାମରେ ସେବାଘର ପ୍ରତିଷ୍ଠା କରି ମହାତ୍ମା ଗାନ୍ଧୀଙ୍କର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରସାରିତ କରାଇଥିଲେ। ମହାତ୍ମାଙ୍କର ଓ୍ୱାର୍ଦ୍ଧା ଆଶ୍ରମର ନିୟମରେ ସେ ପ୍ରଭାବିତ ହୋଇ ଏହି ଆଶ୍ରମ ପ୍ରତିଷ୍ଠା କରିଥିଲେ। ସେବାଘରର କର୍ମୀମାନେ ରାତି ୪ଟା ବେଳକୁ ଉଠୁଥିଲେ। ପ୍ରାର୍ଥନା ଓ ଗୀତା ଅଧ୍ୟୟନ ପରେ ପ୍ରାତଃଭୋଜନ। ସକାଳବେଳା କର୍ମୀମାନେ ନାନା କାମରେ ଲାଗୁଥିଲେ। ରୋଗୀମାନଙ୍କୁ ଔଷଧ ବଣ୍ଟନ, କର୍ମୀମାନଙ୍କର ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିଲା। ସୂତାକଟା କାମ ଉପରେ ଗୁରୁତ୍ୱ ଦିଆଯାଉଥିଲା। ଦୈନିକ ୧୦୦୦ ଗଜ ସୂତା କାଟିବାର ନିୟମ ଥିଲା। କର୍ମୀମାନେ ଖରାବେଳେ ହରିଜନ ବସ୍ତି ଓ ଅନ୍ୟାନ୍ୟ ସାହିରେ ସୂତାକଟା ଶିକ୍ଷା ଦେଉଥିଲେ। ରାତିରେ ପୁରୁଷ କର୍ମୀମାନେ ହରିଜନ ପଡାରେ ଶିକ୍ଷାଦାନ କରୁଥିଲେ। ୧୯୩୯ରେ ବରୀ ସେବାଘରଠାରୁ ଗୋପବନ୍ଧୁ



Source: Author, Digitized by PPRACHIN, SOA

ଚୌଧୁରୀଙ୍କ ସମ୍ପାଦନାରେ ସତ୍ୟାଗ୍ରହୀ ନାମକ ପତ୍ରିକା ପ୍ରକାଶ ପାଇଥିଲା । ଏଥିରେ ମୁଖ୍ୟତଃ ଗୋପବନ୍ଧୁ ଚୌଧୁରୀ ହରିଜନ ପତ୍ରିକାର ରଚନାମାନ ଅନୁବାଦ କରି ପ୍ରକାଶ କରାଇଥିଲେ । ଦେଶକଥା ଖବରକାଗଜରେ ବରୀ ସେବାଘର ସମ୍ପର୍କରେ ପ୍ରତିକୂଳ ମନ୍ତବ୍ୟ ଦିଆଯାଇଥିଲେ ମଧ୍ୟ ଏହା ଦୀର୍ଘ ବର୍ଷ ଧରି ଗାନ୍ଧୀବାଦୀ କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳରେ ପ୍ରସାରିତ କରାଇଥିଲା ଗୋପବନ୍ଧୁ ଏବଂ ତାଙ୍କ ପତ୍ନୀ ରମାଦେବୀଙ୍କ ଉଦ୍ୟମରେ । ନିନ୍ଦା ପ୍ରଶଂସାକୁ ଉପେକ୍ଷା କରି ଗୋପବନ୍ଧୁ ନିରବ କର୍ମୀ ହିସାବରେ କାର୍ଯ୍ୟ କରିଥିଲେ ।

୧୯୩୮ରେ ଗାନ୍ଧୀ ସେବାସଂଘର ଚତୁର୍ଥ ବାର୍ଷିକ ଅଧିବେଶନ , ଗ୍ରାମ୍ୟ ଶିଳ୍ପ ପ୍ରଦର୍ଶନର ପୁରୀ ଜିଲାର ଡେଲାଙ୍ଗଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୋପବନ୍ଧୁ ଚୌଧୁରୀ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲେ । ସେତେବେଳେ ଗ୍ରାମ ସେବା ସଂଘ ନାମକ ଏକ ପତ୍ରିକା ସେ ସମ୍ପାଦନା କରିଥିଲେ । ସେ ମଧ୍ୟ ଗ୍ରାମାଞ୍ଚଳରେ ମୌଳିକ ଶିକ୍ଷାର ପ୍ରସାର ପାଇଁ ଉଦ୍ୟମ କରିଥିଲେ । ୧୯୪୨ ମସିହାରେ ମହାତ୍ମାଗାନ୍ଧୀଙ୍କ ଭାରତ ଛାଡ ଆନ୍ଦୋଳନରେ ଯୋଗ ଦେଇ ଗୋପବନ୍ଧୁ କାରା ବରଣ କରିଥିଲେ । ୧୯୪୫ ଜୁନ୍‌ରେ ଜେଲରୁ ମୁକ୍ତ ହୋଇ ସେ ଉତ୍କଳ ନବଜୀବନ ମଣ୍ଡଳ ଗଠନ କରିଥିଲେ । ବରୀ ମଧ୍ୟ ସେତେବେଳେ ତାଙ୍କ କର୍ମକେନ୍ଦ୍ର ଥିଲା । ଗୋପବନ୍ଧୁ ଚୌଧୁରୀଙ୍କର ଅନ୍ୟ ଦୁଇଟି ଗାନ୍ଧୀବାଦୀ କର୍ମପନ୍ଥା ଥିଲା ସର୍ବୋଦୟ ଏବଂ ଭୁଦାନ ଆନ୍ଦୋଳନ ।

ଗାନ୍ଧୀ ଚିନ୍ତନ ଓ କର୍ମଧାରା ଉପରେ ଅଧିକ ଗୁରୁତ୍ୱ ଦେଇ ୧୯୪୬ରେ ସେ ଗ୍ରାମସେବକ ପତ୍ରିକା ଆରମ୍ଭ କରି ରଚନାତ୍ମକ କର୍ମ ସମ୍ପର୍କରେ ନାନା ଚର୍ଚ୍ଚା କରିଥିଲେ । ତାଙ୍କର ରଚନା ମଧ୍ୟରେ ଗାନ୍ଧୀ ଓ ଓଡିଶା, ଚାଷୀ ମୁଲିଆ ଗାନ୍ଧୀ, ସୂତାକଟା ଶିକ୍ଷା, କଟାଳୀ ପୋଥି, ଅନୁବାଦ ପୁସ୍ତକ ଆତ୍ମ କଥା ବା ସତ୍ୟର ପ୍ରୟୋଗ, ଗୀତାବୋଧ, ସପ୍ତ ମହାବ୍ରତ, ମଙ୍ଗଳ ପ୍ରଭାତ, ଗାଁ କଥା, ଦିଲ୍ଲୀ ଡାଏରୀ ପ୍ରଧାନ । ଚାଷୀ ମୂଲିଆ ଗାନ୍ଧୀ ଗୋପବନ୍ଧୁ ଚୌଧୁରୀଙ୍କର ଏକ ବିଶିଷ୍ଟ ରଚନା । ଏହାର ପ୍ରଥମ ଭାଗ ୧୯୪୫ରେ ବରୀରୁ ପ୍ରକାଶ ପାଇଥିଲା । ୧୯୪୨ ଅଗଷ୍ଟରେ ସେ ବ୍ରହ୍ମପୁର ଜେଲରେ ଥିବା ବେଳେ ଏହି ପୁସ୍ତକର ବିଷୟ ନିର୍ବାଚିତ ହୋଇଥିଲା । ସେ ଲକ୍ଷ୍ୟକରିଥିଲେ ସାଧାରଣ ଗାଁ କର୍ମୀମାନଙ୍କ ଭିତରେ ଏକ ଦୈନଭାବ । ତାଙ୍କ ମତରେ ପଚିଶ ବର୍ଷର ଗାନ୍ଧୀ ଆନ୍ଦୋଳନ ତଳକୁ ଯେତେ ନିରୋଳା ହୋଇ ଭେଦିବାର କଥା ତାହା ଭେଦି ନଥିଲା । ସେ ମଧ୍ୟ ଲକ୍ଷ୍ୟ କରିଥିଲେ ଦେଶରେ ଗାନ୍ଧୀ ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ ଯେ ନୈରାଶ୍ୟ ଥିଲା ତାହା ପୁରାପୁରି ଯାଇନଥିଲା । ବିଦ୍ୟାବଳ, ଧନବଳ, ଶସ୍ତ୍ରବଳ ନହେଲେ ସ୍ୱରାଜ୍ୟ ହେବା ଅସମ୍ଭବ ଏ



Source: Author, Digitized by PPRACHIN, SOA

ଭାବ ରହିଥିଲା । କିନ୍ତୁ ଗାନ୍ଧୀ ଆନ୍ଦୋଳନଏହି ଭୁଲ୍ ଧାରଣା, ଏହି ନିରାଶାକୁ ଦୂର କରିବାକୁ ସୃଷ୍ଟି ହୋଇଥିଲା । ସେ ଗାନ୍ଧୀଙ୍କର ପୁରୁଣା ପୁସ୍ତକ ପଢ଼ି ଅହିଂସା ଯୁଦ୍ଧରେ ଆତ୍ମବଳହିଁ ସାର ବୋଲି ବୁଝିଥିଲେ । ଚାଷୀ ମୂଲିଆ ଗାନ୍ଧୀ ରଚନା ମୂଳରେ ସାଧାରଣ ଗାଁ କର୍ମୀଙ୍କ ମନର ଦାରିଦ୍ର୍ୟ ଘୁଞ୍ଚାଇବାର ପ୍ରୟାସ ବିଦ୍ୟମାନ । ଏହା ତିନି ଭାଗରେ ବିଭକ୍ତ ହୋଇଥିଲା । ୧୯୫୦ ଦଶକରେ ଗୋପବନ୍ଧୁ ଚୌଧୁରୀ ସର୍ବୋଦୟ ଆନ୍ଦୋଳନର ପ୍ରଚାରରେ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ମୃତ୍ୟୁ ପୂର୍ବରୁ ସର୍ବୋଦୟର ପ୍ରଚାର ପାଇଁ ସେ ୧୯୫୭ ଶୀର୍ଷକ ଏକ କବିତା ପୁସ୍ତିକା ପ୍ରକାଶ କରିଥିଲେ । ସେଥିରେ ସର୍ବୋଦୟ ତତ୍ତ୍ୱର ଏକ ମନୋଜ୍ଞ ବିବରଣୀ ସ୍ଥାନିତ । ସେ ଲେଖିଥିଲେ-"ଗାନ୍ଧୀ ଯାଆନ୍ତେ ଦେହଛାଡ଼ି/ ଆତ୍ମାଯେ ଥିଲା ବନ୍ଧାପଡ଼ି/ପଶିଲା ସର୍ବ ଦେହେ ଯାଇ/ସରବେ ଦେଲାକ ଚେତାଇ/ମିଳି ଅନୁଚର ସକଳେ/ବିଚାର କଲେ ଏକ ସ୍ଥଳେ/ପୂରଣ ଗାନ୍ଧୀଙ୍କ କରମ/କରିବେ ସର୍ବେ କେଉଁ କାମ/ଦୁଇଟି ଗାନ୍ଧୀ କରୁଥିଲେ/ଗୋଟିକୁ ଅଧା ରଖିଗଲେ ।/ ସଂଚାରି ଅହିଂସା ଶକତି/ସାଧିଲେ ଦେଶର ମୁକତି/ସ୍ୱରାଜ୍ୟ ଦରିଦ୍ର ଦୁଆରେ/ଆଣିଯେ ଦେବେ ସେ ଅଚିରେ/ ଶେଷ କାମଟି ଅଧାଥିଲା/ଦଇବ ତାଙ୍କୁ ଘେନିଗଲା/ବହୁପୂର୍ବରୁ କହୁଥିଲେ/ସରବୋଦୟ ନଥାପିଲେ/ସ୍ୱରାଜ୍ୟ ପୂର୍ଣ୍ଣ ହେବନାହିଁ/ଗରୀବ ଦୁଃଖ ଥିବ ରହି/ତେଣୁ ମିଳି ସେ ଅନୁଚରେ/ କଲେ ସଂକଳ୍ପ ଏକ ସ୍ୱରେ/ସର୍ବୋଦୟର ଆଦରଶେ/ଗଢ଼ିବେ ସମାଜ ଏ ଦେଶେ ।"

ଧୂଳିମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀଙ୍କ କର୍ମମୟ ଜୀବନର ଚର୍ଚ୍ଚା କଲାବେଳେ ତାଙ୍କ ଗାନ୍ଧୀବାଦୀ କର୍ମଧାରା ଓ ଚିନ୍ତନ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ତାଙ୍କୁ ନୀରବ କର୍ମୀ ବୋଲି ଦେବାନ୍ ବାହାଦୂର୍ ଶ୍ରୀକୃଷ୍ଣ ମହାପାତ୍ର ସହକାର ମାସିକ ପତ୍ରିକାରେ ଯେଉଁ ବର୍ଣ୍ଣନା କରିଛନ୍ତି ତାହା ସତ୍ୟ । ସେ ଲେଖିଥିଲେ-ନୀରବ କର୍ମୀ ପ୍ରଶଂସା ଓ ସମ୍ମାନ ପ୍ରୟାସୀ ନହୋଇ ସୁଦ୍ଧା ବିପୁଳ ପ୍ରଶଂସା ଓ ସମ୍ମାନ ଲାଭ କରିପାରନ୍ତି, ନୀରବ କର୍ମୀଙ୍କ ସ୍ଥାନ ଉଚ୍ଚ ସ୍ତରରେ, ନୀରବ କର୍ମୀ ଜଗତର ଆଦର୍ଶ । ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ଜଣେ ନୀରବ କର୍ମୀ ।

❖❖❖



Source: Author, Digitized by PPRACHIN, SOA

# ଓଡିଶାରେ ସ୍ୱାଧୀନତା ଆନ୍ଦୋଳନ ଓ ଡକ୍ଟର୍ ହରେକୃଷ୍ଣ ମହତାବ

ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଭାରତରେ ୧୯୨୦ରୁ ୧୯୪୭ ମଧ୍ୟରେ ଅହିଂସ ଅସହଯୋଗ ଆନ୍ଦୋଳନରେ ଓଡିଶାର ଭୂମିକା ଅବିସ୍ମରଣୀୟ ଏବଂ ସେହି ସଂଗ୍ରାମରେ ଡକ୍ଟର୍ ହରେକୃଷ୍ଣ ମହତାବଙ୍କର ଅତୁଳନୀୟ ଭୂମିକା ଥିଲା । ୧୯୫୦ ମସିହାରେ ଲେଖକ ବଡଭାଇ "ଆମ ମହତାବ"ଶୀର୍ଷକ ରମ୍ୟ ଆଲୋଚନାରେ ୨୮ ବର୍ଷ ତଳର ମହାତ୍ମା ଗାନ୍ଧିଙ୍କ ସ୍ୱରାଜ ଆନ୍ଦୋଳନର ଆଲୋଚନା କଲାବେଳେ ବାଲେଶ୍ୱରର ଅଳ୍ପ ବୟସର ଯୁବକ ହରେକୃଷ୍ଣ ମହତାବଙ୍କ ପ୍ରସଂଗକୁ ଆଲୋକିତ କରିଥିଲେ । ତାଙ୍କ ମତରେ ମହତାବଙ୍କ କଠିନ ପରିଶ୍ରମ ଓ ତ୍ୟାଗ ଫଳରେ ବାଲେଶ୍ୱରରେ ଗାନ୍ଧି ଆନ୍ଦୋଳନ ସମୁଦାୟ ଭାରତରେ ଯଥେଷ୍ଟ ଖ୍ୟାତିଲାଭ କରିଥିଲା । ମହତାବଙ୍କର ଲୋକପ୍ରିୟତା, ତ୍ୟାଗ, ପରିଶ୍ରମ , ନେତୃତ୍ୱ ଓ ଦେଶପ୍ରାଣତା ଲକ୍ଷ୍ୟକରି ସେସମୟର ଜାତୀୟ କବି ବାଂଛାନିଧି ମହାନ୍ତି ଗାଇଥିଲେ-"ହରି ମହତା/ଉଡାଇଲା ଗାନ୍ଧି ଛତା" । ମହାତ୍ମାଗାନ୍ଧିଙ୍କ ଆହ୍ୱାନରେ ଯେତେବାର ସ୍ୱାଧୀନତା ସଂଗ୍ରାମ ହୋଇଥିଲା, ସବୁଥିରେ ସେ ଆଗୁଆ ସୈନ୍ୟହୋଇ ବାହାରିଥିଲେ । ଏହି ସଂଗ୍ରାମରେ ତାଙ୍କର ଉଦ୍ୟମ, ତ୍ୟାଗ ସହିତ ଅସାଧାରଣ କୌଶଳ ଖୁବ୍ କମ୍ ନେତାଙ୍କ ମଧ୍ୟରେ ଥିବାର କଥା ଐତିହାସିକମାନେ ସ୍ୱୀକାର କରିଛନ୍ତି । ଗାନ୍ଧିଙ୍କ ସତ୍ୟାଗ୍ରହ ପଦ୍ଧତିକୁ ସେ ଗ୍ରାମାଞ୍ଚଳରେ ପ୍ରୟୋଗ କରି ଗଣଚେତନାରେ ଉପନିବେଶ ପ୍ରବାହବିରୋଧୀ ତତ୍ତ୍ୱ ପ୍ରସାରିତ କରିଥିଲେ । ସେଥିପାଇଁ ତାଙ୍କ ସମ୍ପାଦିତ ପ୍ରଜାତନ୍ତ୍ର ଏବଂ ରଚନା ମାଧ୍ୟମରେ ତାଙ୍କର ଗାନ୍ଧିବାଦୀ କର୍ମପନ୍ଥାକୁ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରବଳଭାବରେ ପ୍ରସାରିତ କରିଥିଲେ ।

୧୯୨୧ରେ ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନର ବାର୍ତ୍ତା ଓଡିଶାରେ ପ୍ରସାରିତ ହେବା ସମୟରେ ବାଲେଶ୍ୱରରେ ହରେକୃଷ୍ଣ ମହତାବଙ୍କ ଶକ୍ତିଶାଳୀ ନେତୃତ୍ୱ ସେତେବେଳର ଉତ୍କଳ ଦୀପିକା, ଆଶା, ସମାଜ ପରି ଖବରକାଗଜମାନଙ୍କରେ ଚର୍ଚ୍ଚା



Source: Author, Digitized by PPRACHIN, SOA

ହୋଇଥିଲା। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ହିସାବରେ ବିପ୍ଳବାତ୍ମକ ଚିନ୍ତାଧାରାର ପ୍ରସାର କରାଇ ମହତାବ୍ ବ୍ରିଟିଶ୍ ସରକାରଙ୍କ ବିରୋଧୀ ଥିଲେ। ୧୯୨୨ରେ ବିପ୍ଳବାତ୍ମକ ପୁସ୍ତିକା ଲୋକମାନଙ୍କ ମଧ୍ୟରେ ପ୍ରସାର କରାଇ ଜନତାଙ୍କୁ ବିଦ୍ରୋହର ଅନଳ ମନ୍ତ୍ରରେ ମନ୍ତ୍ରିତ କରିଥିଲେ। ସାତ ଆଠ ମାସ ମଧ୍ୟରେ(ମାର୍ଚ୍ଚ ୧୯୨୨ ସୁଦ୍ଧା) ବାଲେଶ୍ୱର ସ୍ୱରାଜ ଆଶ୍ରମରୁ ହାତଲେଖା ପ୍ରଚାର ପତ୍ର ସ୍ୱରାଜ ସମ୍ପର୍କରେ ପ୍ରସାରିତ କରାଇ ଉପନିବେଶୀ ଶକ୍ତି ଉପରେ କୁଠାରଘାତ କରିଥିଲେ। ୧୯୨୧ ନଭେମ୍ବର ୮ରେ ସ୍ୱରାଜ ସମାଚାର ନାମକ ପ୍ରଚାର ପତ୍ର ପ୍ରଥମେ ବାଣ୍ଟି ବ୍ରିଟିଶ୍ ସରକାରଙ୍କ ଦୃଷ୍ଟିକୁ ଆସିଲେ। ସେହିପରି ନଭେମ୍ବର ୯ରେ ସ୍ୱରାଜ ସମାଚାର ମଧ୍ୟ ଜନତାଙ୍କୁ ଉପନିବେଶ ବିରୋଧୀ ଚିନ୍ତାରେ ଦୀକ୍ଷିତ କରିଥିଲା। "ଡିସେମ୍ବର ୧୧ର ସରକାର ଉନ୍ମତ୍ତ", ଡିସେମ୍ବର ୧୨ର "ବାଲେଶ୍ୱର ଜିଲ୍ଲା ଛାତ୍ରମାନଙ୍କୁ", ୧୫ ଡିସେମ୍ବରର "ଯୁଦ୍ଧପାଇଁ ଆହ୍ୱାନ", ୧୮ ଡିସେମ୍ବର"ଭଦ୍ରକବାସୀଙ୍କ ଠାକୁ", ଜାନୁଆରୀ ୧୧ର "ମଦ ଓ ତାଡି", ୧୩ ଜାନୁଆରୀର "କଂଗ୍ରେସ ଓ ସରକାର", ମାର୍ଚ୍ଚ ୧୩ର "ମହାତ୍ମା ଗାନ୍ଧୀ ଗିରଫ୍ତାର" ଏବଂ ୨୪ ମାର୍ଚ୍ଚର "ଏହି ଆରମ୍ଭ, ମହାତ୍ମା ଗାନ୍ଧୀ ଛଅମାସ କାରାଦଣ୍ଡ" ପରି ପ୍ରଚାର ପତ୍ର ବାଲେଶ୍ୱରରେ ବଣ୍ଟନ କରାଇ ମହତାବ ଜନତା ମଧ୍ୟରେ ଏକ ଜାଗରଣ ସୃଷ୍ଟି କରିଥିଲେ। ସେ ସମସ୍ତ ପ୍ରଚାର ପତ୍ରକୁ ସରକାର ବାଜ୍ୟାପ୍ତ କରିବା ସଂଗେ ସଂଗେ ମହତାବଙ୍କୁ ଦଣ୍ଡ ଦେବାକୁ ବ୍ୟବସ୍ଥା କରିଥିଲେ। ସେପରି ପ୍ରତିକୂଳ ପରିସ୍ଥିତିରେ ସେ ବେଶ୍ ସାହାସର ସହିତ ଗାନ୍ଧୀ ପନ୍ଥାର ପ୍ରଚାର କରିଥିଲେ। ବାଲେଶ୍ୱରରେ ୧୯୨୨ରେ ଅଟକବନ୍ଦୀ ଥିବା ସମୟରେ ଏକ ଲିଖିତ ବିବୃତି ଦେଇ ମହତାବ୍ ତାଙ୍କ ଉପନିବେଶ ବିରୋଧୀ କାର୍ଯ୍ୟକ୍ରମର ପ୍ରସାର କରାଇଥିଲେ। ଏହା ସମାଜ ଜୁଲାଇ ୧୫, ୧୯୨୨ ଏବଂ ଉତ୍କଳ ଦୀପିକା ୨୨ ଜୁଲାଇ ୧୯୨୨ ସଂଖ୍ୟାମାନଙ୍କରେ ପ୍ରକାଶ ପାଇ ଓଡିଆ ପାଠକପାଠିକାମାନଙ୍କୁ ଆଲୋଡିତ କରିଥିଲା। ଭାରତରେ ବ୍ରଟିଶ୍ ଶାସନ ପଦ୍ଧତିକୁ ସେହି ବିବୃତିରେ ସେ ଖୋଲାଖୋଲି ସମାଲୋଚନା କରିଥିଲେ। ଅତ୍ୟାଚାରର ବିଶ୍ୱବ୍ୟାପୀ ଆଧିପତ୍ୟକୁ ମହତାବ ଘୃଣା କରିଥିଲେ। ଯେଉଁମାନେ ଏହି ଅତ୍ୟାଚାରୀ ଶୋଷଣପ୍ରଧାନ ଶାସନକୁ ସମର୍ଥନ କରିଥିଲେ ସେମାନଙ୍କୁ ମହତାବ ମହାପାପୀ ଏବଂ ଦେଶର ଘାତକ ରୂପେ ଚିହ୍ନିତ କରିଥିଲେ। ସମଗ୍ର ଅସହଯୋଗ ପର୍ଯ୍ୟାୟରେ ମହତାବ ଜନତାଙ୍କୁ ଗାନ୍ଧୀବାଦୀ ଭାବଧାରାରେ ଅନୁପ୍ରାଣିତ କରିବା ସଂଗେ ସଂଗେ ଗଠନାତ୍ମକ ପନ୍ଥାର ମହାମନ୍ତ୍ରରେ ଦୀକ୍ଷିତ କରାଇଥିଲେ। ତରୁଣମାନଙ୍କୁ ଏହି ଆନ୍ଦୋଳନରେ ପ୍ରମୁଖ ଭାଗ ନେବାକୁ ସେ



Source: Author, Digitized by PPRACHIN, SOA

ଆହ୍ୱାନ ଦେଇଥିଲେ। ତାଙ୍କର ସଂଗଠନ ପ୍ରାଣର ଏକ ପରିଚୟ ଏହି କାଳରେ ପ୍ରକାଶିତ ସହକାର ପତ୍ରିକାରୁ ସଂଗ୍ରହ କରାଯାଇପାରେ। ସହକାର ପତ୍ରିକାରେ ପ୍ରଥମ ବର୍ଷ ପ୍ରଥମ ସଂଖ୍ୟା( ୧ ୯ ୨ ୧ -୨ ୨ )ରେ "ଉତ୍କଳ ସେବାସମିତି କୋପରେଟିଭ୍ ଷ୍ଟୋରସ୍" ଏବଂ ଚତୁର୍ଥ ବର୍ଷ ତୃତୀୟ ସଂଖ୍ୟା( ୧ ୯ ୨ ୪-୨ ୫ )ରେ "ମନ କଥା" ଶୀର୍ଷକ ଆଲୋଚନାରେ ନେତା ଏବଂ ସଂଗଠକ ମହତାବଙ୍କର ପ୍ରକୃତ ପରିଚୟ ମିଳିପାରେ। "ମନ କଥା" ଶୀର୍ଷକ ଅଲୋଚନାରେ ଅସହଯୋଗ ଆନ୍ଦୋଳନ ପର୍ଯ୍ୟାୟରେ ଭାରତର ଅବସ୍ଥାକୁ ଜେଲଖାନାରେ ବସି ସେ ଆକଳନ କରି ଲେଖିଥିଲେ-"ପ୍ରଭୁ ! ଭାରତବାସୀଙ୍କୁ ଶକ୍ତି ଦେ। ଭାରତବାସୀ ହୃଦୟରେ ବଳଦେ। ଅନ୍ତରର ଦାସତ୍ୱ, ବାହାରର ଦାସତ୍ୱକୁ ଦୂର କରି ଦେ, ପ୍ରଭୁ ! ବର୍ତ୍ତମାନ ବାହାରର ଦାସତ୍ୱ। ଭାରତବାସୀ ବ୍ୟାକୁଳ। ବାହ୍ୟ ଦାସତ୍ୱ ଚରମସୀମାରେ ପହଞ୍ଚିଅଛି। ପ୍ରଭୁ ! ତୁ ନିଜେ ମୁକ୍ତ କର, ତୁ ନିଜେ ଭାରତବାସୀର ହୃଦୟରେ ଅବତୀର୍ଣ୍ଣ ହୋଇ ସାହାସ ଧୈର୍ଯ୍ୟ ଦେ। ହୃଦୟ ଫଟା ଦୀର୍ଘ ନିଶ୍ୱାସ କଣ ତୋପାଖରେ ପହଞ୍ଚୁନାହିଁ ? ହିନ୍ଦୁସ୍ଥାନର ବାୟୁମଣ୍ଡଳ ଦୀର୍ଘଶ୍ୱାସରେ ଉଷ୍ଣ ହୋଇଗଲାଣି। ଅନାହାର କ୍ଳିଷ୍ଟ ରୋଗ ପ୍ରପୀଡିତ ହିନ୍ଦୁସ୍ଥାନୀ ଅସ୍ଥିଚର୍ମ ମାତ୍ର ଘେନି କେତେଦିନ ଏ ଦୁଃଖ ସହ୍ୟ କରିବ ? " ୧ ୯ ୨ ୩ ମସିହା ଅକ୍ଟୋବର ୧ ୩ ତାରିଖର ଉତ୍କଳ ଦୀପିକାନୁସାରେ କଟକ ସ୍ୱରାଜ୍ୟାଶ୍ରମରୁ ହରେକୃଷ୍ଣ ମହାତାବଙ୍କ ସମ୍ପାଦନାରେ ପ୍ରଜାତନ୍ତ୍ର ସାପ୍ତାହିକ ସମ୍ବାଦପତ୍ର ଅକ୍ଟୋବର ୩ ତାରିଖରୁ ବାହାରିଥିଲା। ପ୍ରଜାତନ୍ତ୍ର ୧ ୯ ୨ ୩ରୁ ୧ ୯ ୩ ୦ ମଧ୍ୟରେ ଉପନିବେଶବିରୋଧୀ ଗାନ୍ଧିତତ୍ତ୍ୱକୁ ସାଧାରଣ ଲୋକଙ୍କ ପାଖରେ ପହଁଞ୍ଚାଇବାରେ ଏକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥିଲା। ଅସହଯୋଗ ଆନ୍ଦୋଳନ ସ୍ଥଗିତ ହେବାପରେ ମଧ୍ୟ ହରେକୃଷ୍ଣ ମହତାବ ଓଡିଶାରେ କଂଗ୍ରେସର ଭିତ୍ତିକୁ ସୁଦୃଢ କରିବାରେ ନାନା ପଦ୍ଧତି ଓ କୌଶଳ ଅବଲମ୍ବନ କରିଥିଲେ। ୧ ୯ ୨ ୫-୨ ୬ ମଧ୍ୟରେ ତାଙ୍କ ନେତୃତ୍ୱରେ ବାଲେଶ୍ୱର ସୂତାକଟା ବ୍ୟାପାରରେ ପ୍ରଥମ ଥିଲା। ଅରଟ ପ୍ରଚାର ନିମନ୍ତେ ପ୍ରଜାତନ୍ତ୍ରରେ ବହୁଲେଖା ପ୍ରକାଶ ପାଇଥିଲା। ପ୍ରଜାତନ୍ତ୍ର ୨ ୧ ଜାନୁଆରୀ ୧ ୯ ୨ ୫ରେ ସମ୍ପାଦକୀୟ ସ୍ତମ୍ଭରେ ଅରଟର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେଥିରେ କୁହାଯାଇଥିଲା- "ଭାରତବର୍ଷର ମୁକ୍ତି ସଂଗ୍ରାମକୁ ପ୍ରସ୍ତୁତ ହେବାପାଇଁ ମୁଁ ସୂତା କାଟୁଛି " ଏହି ଚିନ୍ତା କର୍ମୀ ଓ କଂଗ୍ରେସ ସଦସ୍ୟମାନଙ୍କୁ ଆତ୍ମନିର୍ଭରତା ଜଗାଇଦେବ, ଅଳ୍ପଦିନ ମଧ୍ୟରେ ଦୁଃଖ ଦୂରହେବ। ସଂଗେସଂଗେ ଉତ୍କଳ ଭାରତପ୍ରସିଦ୍ଧ ରାଜନୀତିଜ୍ଞ ଜନ୍ମାଇ ପାରିବ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ। ଯେଉଁ ଅରଟ ଓ ଖଦଡ ପାଇଁ ଭାରତମାତାଙ୍କର ହାତ ଓ ପାଦ ଅଧୀନତା



Source: Author, Digitized by PPRACHIN, SOA

ଦଉଡିରେ ଟାଣ ରକମ ବନ୍ଧା ହୋଇଛି, ଯେଉଁ ଅରଟବିହୁନେ ସ୍ୱରାଜ୍ୟଲାଭ ଅସମ୍ଭବ, ଉତ୍କଳ ତାହାର ନିଜର ଅବସ୍ଥା ଦୂର କରିବା ସଂଗେସଂଗେ ଭାରତମାତାଙ୍କ ବନ୍ଧନ ମୁକୁଳାଇଦେବ।" ଏପରି ମନ୍ତବ୍ୟ ଜନତାଙ୍କୁ ପ୍ରଭାବିତ କରିଥିଲା। ପ୍ରଜାତନ୍ତ୍ରର ପ୍ରତ୍ୟେକ ଧାଡି ଜନଶକ୍ତିର ଜାଗରଣ ନିମନ୍ତେ ଉଦ୍ଦିଷ୍ଟ। ୧୯୨୫ ମସିହାରେ ମହତାବଙ୍କ ମତ- ପ୍ରଜାତନ୍ତ୍ରର ପ୍ରତ୍ୟେକ ବିଷୟ ଦେଶର ପ୍ରକୃତ ପରିସ୍ଥିତିକୁ ଦେଖାଇଦେବା ଉଦ୍ଦେଶ୍ୟରେ ଲେଖାଯାଏ-ଏକ ଜାଗରଣର ବାର୍ତ୍ତା ବହନ କରିଥିଲା। ବାଲେଶ୍ୱର ସ୍ୱରାଜ୍ୟ ମନ୍ଦିରରୁ ହରେକୃଷ୍ଣ ମହତାବ ପ୍ରଜାତନ୍ତ୍ର ମାଧ୍ୟମରେ ସାଧାରଣ ଜନତା ମଧ୍ୟରେ ଅଭୂତପୂର୍ବ ଉପନିବେଶପ୍ରବାହବିରୋଧୀ ଚେତନା ଜାଗ୍ରତ କରିଥିଲେ। ସେ ବାଲେଶ୍ୱର ଜିଲ୍ଲା ବୋର୍ଡର ଚେୟାରମାନ୍ ହିସାବରେ ଗ୍ରାମ ସଭା ଉପରେ ଗୁରୁତ୍ୱ ଦେଇଥିଲେ। ସେସମୟର କଂଗ୍ରେସ ନେତା ଗୋପବନ୍ଧୁ ଦାସ,ଗୋପବନ୍ଧୁ ଚୌଧୁରୀ, ରାଜକୃଷ୍ଣ ବୋଷ, ଯଦୁମଣି ମଂଗରାଜ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ବାବାଜୀ ରାମଦାସ, ପଣ୍ଡିତ ନୀଳକଣ୍ଠ ଦାସ, ବନମାଳୀ ଦାସ ପ୍ରଭୃତିଙ୍କ ସହିତ ଆଲୋଚନା ଓ ଯୋଗାଯୋଗ ରଖି କାର୍ଯ୍ୟ କରିଥିଲେ।

ଲାହୋରରେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ କଂଗ୍ରେସରେ ପୂର୍ଣ୍ଣ ସ୍ୱାଧୀନତା ପ୍ରସ୍ତାବ ଗୃହୀତ ହୋଇଥିଲା। ୧୯୩୦ ଜାନୁଆରୀ ୨୬ ତାରିଖ ସ୍ୱାଧୀନତା ଦିବସ ରୂପେ ଦେଶବ୍ୟାପୀ ପାଳିତ ହେବାକୁ ଲାଗିଲା। କଂଗ୍ରେସ ପ୍ରସ୍ତାବ ଅନୁସାରେ କେନ୍ଦ୍ର ଓ ପ୍ରାଦେଶିକ ବିଧାନସଭାର ସଦସ୍ୟଗଣ ପଦତ୍ୟାଗ କଲେ। ମହାତ୍ମାଗାନ୍ଧି ଦେଶର ଅନୁକୂଳ ଲକ୍ଷଣ ଲକ୍ଷ୍ୟ କରିବା ମାତ୍ରେ ୧୯୩୦ ମାର୍ଚ୍ଚ ୧୨ ତାରିଖରେ ଅଣାଅଶୀଜଣ ଆଶ୍ରମବାସୀଙ୍କ ସହ ସାବରମତି ଆଶ୍ରମରୁ ୨୦୦ ମାଇଲ ଦୂରବର୍ତ୍ତୀ ଦାଣ୍ଡୀ ଅଭିମୁଖରେ ଲବଣ ସତ୍ୟାଗ୍ରହ ପାଇଁ ଯାତ୍ରା ଆରମ୍ଭ କରିଦେଲେ। ମେ ୫ ତାରିଖରେ ଗାନ୍ଧିଜୀଙ୍କୁ ଗିରଫଦାର କରାଯିବାମାତ୍ରେ ସାରାଦେଶ ରୋଷ ଓ କ୍ଷୋଭରେ ଚଞ୍ଚଳ ହୋଇ ଉଠିଲା। କିନ୍ତୁ ସର୍ବତ୍ର ଅହିଂସ ରହିଲା। ଆଇନ ଅମାନ୍ୟର ସର୍ବଶ୍ରେଷ୍ଠ ଉପାୟ ବା ଉପାଦାନ ଏହି ଅହିଂସାର ପୂର୍ଣ୍ଣ ପ୍ରତିଷ୍ଠା। ଗାନ୍ଧିଜୀଙ୍କର ଐତିହାସିକ ଦାଣ୍ଡୀ ଅଭିଯାନର ପ୍ରତିଟି ପଦକ୍ଷେପରେ ଭାରତର ଜନଗଣ ଜାଗ୍ରତ ହୋଇଉଠିଲେ ଏବଂ ଜାଗରଣ ଫଳରେ ସହସ୍ରସହସ୍ର ନରନାରୀ ଆଇନ ଭଙ୍ଗ କରିବାକୁ ଓ ହସହସ ମୁଖରେ କାରାବରଣ କରିବାକୁ ଅକୁଣ୍ଠିତ ଭାବରେ ଆଗେଇଆସିଲେ। ୧୯୩୧ ମାର୍ଚ୍ଚ ମାସ ମଧ୍ୟରେ ୯୫ ହଜାର ନରନାରୀ କାରାରୁଦ୍ଧ ହୋଇଥିଲେ। ମାତ୍ର ଦୁଇବର୍ଷପୂର୍ବେ ଓଡିଶା କଂଗ୍ରେସର



Source: Author, Digitized by PPRACHIN, SOA

ଅପ୍ରତିଦ୍ୱନ୍ଦୀ ନେତା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅକାଳ ବିୟୋଗରେ ଓଡିଶା କଂଗ୍ରେସର ଉତ୍ସାହ ଓ ଆଭିମୁଖ୍ୟ ନଥିଲା । କେବଳ ସାଂଗଠନିକ କର୍ତ୍ତବ୍ୟ ତୁଲାଇ ଉତ୍କଳ କଂଗ୍ରେସ ନାମକୁ ମାତ୍ର ବଞ୍ଚିଥିଲା । ଲବଣ ସତ୍ୟାଗ୍ରହ ପ୍ରସ୍ତାବ ଗୃହୀତ ହେବାମାତ୍ରେ ଦୁଇ ଶତ ମାଇଲ ସମୁଦ୍ର ବେଳା ଲାଂଛିତ ଉତ୍କଳର ସୁପ୍ତ ଚେତନା ଜାଗ୍ରତ ହୋଇ ଉଠିଲା । ଉତ୍କଳର ଅନ୍ୟତମ ନେତା ଗୋପବନ୍ଧୁ ଚୌଧୁରୀ ସେନାପତି ନିଯୁକ୍ତ ହେଲେ ଏବଂ ତାଙ୍କ ନେତୃତ୍ୱରେ ଉତ୍କଳ କଂଗ୍ରେସର ବଛାବଛା କର୍ମୀମାନଙ୍କ ଦ୍ୱାରା ଗୋଟିଏ ସତ୍ୟାଗ୍ରହ ବାହିନୀ ଗଠିତ ହୋଇ କଟକରୁ ବାଲେଶ୍ୱରର ଇଂଚୁଡି ଲବଣ କ୍ଷେତ୍ର ଅଭିମୁଖେ ଧାବିତ ହେଲେ । ସେତେବେଳେ ବାଲେଶ୍ୱର ଜିଲ୍ଲାବୋର୍ଡର କର୍ମକର୍ତ୍ତାରୂପେ ହରେକୃଷ୍ଣ ମହତାବ କର୍ତ୍ତବ୍ୟ ତୁଲାଉଥିଲେ । ଏହି ଅବସରରେ ସେ ସମସ୍ତ କର୍ତ୍ତୃତ୍ୱ ଫିଙ୍ଗି ଦେଇ ଜିଲାବ୍ୟାପୀ ସଂଗଠନରେ ଲାଗିପଡିଲେଏବଂ ସତ୍ୟାଗ୍ରହୀ ବାହିନୀ ଇଂଚୁଡି ଅଞ୍ଚଳରେ ପ୍ରବେଶ କରିବା ଆଗରୁ ସମଗ୍ର ଜିଲ୍ଲାଟି ଉଦ୍‌ବେଳିତ ହୋଇ ଉଠିଥିଲା । ମହତାବଙ୍କ ପ୍ରଜାତନ୍ତ୍ର ଏହି ପରିବେଶକୁ ଉତ୍ତେଜନାମୟ କରିପାରିଥିଲା । ବାଲେଶ୍ୱର ଲବଣ ସତ୍ୟାଗ୍ରହ ସଫଳତାମୂଳରେ ହରେକୃଷ୍ଣ ମହତାବଙ୍କର ବିଶେଷ ଅବଦାନ ଥିଲା । ୧୯୩୦ ୪ ଫେବୃଆରୀରେ ହରେକୃଷ୍ଣ ମହତାବଙ୍କ ରଚନା ପଲାସୀ ଅବସାନେ ବ୍ୟାଜ୍ୟାପ୍ତ ହୋଇଥିଲା । ମହତାବ ଏଥିରେ ନିରୁତ୍ସାହିତ ନହୋଇ ଉପନିବେଶପ୍ରବାହବିରୋଧୀ ଆନ୍ଦୋଳନ ସାହିତ୍ୟ ଓ ସମ୍ବାଦପତ୍ରରେ ଜାରିରଖିଥିଲେ ।

୧୯୩୦ ଦଶକରେ ହରେକୃଷ୍ଣ ମହତାବ ସମଗ୍ର ବାଲେଶ୍ୱରରେ ଗାନ୍ଧିବାଦୀ କର୍ମଧାରା ଓ ସ୍ୱରାଜ କାର୍ଯ୍ୟକ୍ରମ ଶକ୍ତ ଉପନିବେଶବାଦୀ ପ୍ରଭାବ ସତ୍ତ୍ୱେ ଚଳାଇରଖିଥିଲେ । ଏହି ଦଶକ ଥିଲା ମହତାବଙ୍କ ସଂଗ୍ରାମୀ ଜୀବନର ବଳିଷ୍ଠ ପର୍ଯ୍ୟାୟ । ସେ ୧୯୩୧ରେ "ଲାଲ ପାଇକ ଦଳ" ନାମକ ଏକ ସ୍ୱେଚ୍ଛାସେବକ ବାହିନୀ ବାଲେଶ୍ୱରରେ ପ୍ରତିଷ୍ଠା କରି କଂଗ୍ରେସ କାର୍ଯ୍ୟକ୍ରମ ସହିତ ଉତ୍ତର-ପଶ୍ଚିମ ସୀମାନ୍ତ ଅଞ୍ଚଳର ଲାଲ-ପୋଷାକ ସ୍ୱେଚ୍ଛାସେବକ ବାହିନୀ ପରି ଜନକଲ୍ୟାଣମୂଳକ କାର୍ଯ୍ୟ ତଥା ଭିତର ଶାନ୍ତି ପ୍ରତିଷ୍ଠାରେ ସକ୍ରିୟ ଥିଲେ । ସେତେବେଳେ ମଧ୍ୟ ତାଙ୍କର ବାଲେଶ୍ୱରରେ ଗାନ୍ଧି କର୍ମମନ୍ଦିର ଖଦୀ କାର୍ଯ୍ୟକ୍ରମକୁ ବ୍ୟାପକ ଭାବରେ ପ୍ରସାରିତ କରିଥିଲା । ୧୯୩୧ ଜାନୁଆରୀ ୪ରେ ମହତାବ ଉପନିବେଶୀ ସରକାରଙ୍କ ସହିତ ଧର୍ମଯୁଦ୍ଧ କରିବାକୁ ଯାଉଥିବାର ସମ୍ବାଦ ବହନ କରିଥିବାଏକ ପତ୍ରପାଇଁ ବାଲେଶ୍ୱରରେ ବନ୍ଦୀ ହେଲେ । ୧୯୩୨ ମସିହାରେ ଫରାସୀ ଅଧିକୃତ ବାଲେଶ୍ୱରରେ କଂଗ୍ରେସ କାର୍ଯ୍ୟକ୍ରମ ବ୍ୟାପକ ହେଲା । ୨୨ ଜାନୁଆରୀ



Source: Author, Digitized by PPRACHIN, SOA

୧୯୩୨ରେ ଫରାସୀ ଅଧିକୃତ ବାଲେଶ୍ୱରରୁ ଏକ ପ୍ରଚାରପତ୍ରରେ ସ୍ୱାଧୀନତା ଦିବସ ପାଳନ ପାଇଁ ଲୋକଙ୍କୁ ଉତ୍ସାହିତ କରାଯାଇଥିବାର ସୂଚନା ମିଳିଲା । ଏହି ପ୍ରଚାର ପତ୍ରର ମୁଦ୍ରକ ଓ ପ୍ରକାଶକ ପ୍ରଜାତନ୍ତ୍ରର ଉପେନ୍ଦ୍ରନାଥ ପଣ୍ଡା ଥିଲେ । ତାଙ୍କୁ ମଧ୍ୟ କାରାଦଣ୍ଡ ଦିଆଯାଇଥିଲା । ପରେପରେ ୧୯୩୨ ଫେବୃଆରୀ ମାସରେ ପ୍ରଜାତନ୍ତ୍ର ପ୍ରକାଶ ବନ୍ଦ କରାଯାଇଥିଲା । ସେତେବେଳେ ବାଲେଶ୍ୱର ଥିଲା ମହତାବଙ୍କ ନେତୃତ୍ୱରେ ପରିଚାଳିତ ଏବଂ ଉପନିବେଶ ସରକାରଙ୍କ ମତରେ ସବୁଠାରୁ ବିପଦଜନକ ସ୍ଥାନ । ୧୯୩୪ ଏପ୍ରିଲ ୭ରେ ମହାତ୍ମା ଗାନ୍ଧି ଆଇନ ଅମାନ୍ୟ ଆନ୍ଦୋଳନକୁ ବନ୍ଦ କରିବାକୁ ଆଦେଶ ଦେଇଥିଲେ । ମହାତ୍ମା ହରିଜନ କାର୍ଯ୍ୟକ୍ରମରେ ଆଗ୍ରହ ପ୍ରକାଶ କରି ମେ ମାସରେ ଓଡିଶାରେ ହରିଜନ ଯାତ୍ରା କରିଥିଲେ । ମହତାବ ଏଥିରେ ମହାତ୍ମାଙ୍କୁ ସହଯୋଗ କରିବା ସହିତ ଗାନ୍ଧିଙ୍କ ସହିତ ପୁରୀରୁ କଟକ ପର୍ଯ୍ୟନ୍ତ ଯାତ୍ରାରେ ଯୋଗ ଦେଇଥିଲେ । ୧୯୩୫ରେ ମହତାବଙ୍କ କାର୍ଯ୍ୟକ୍ରମ ସ୍ୱରାଜ ଭାବନାରେ ପରିଚାଳିତ ହୋଇଥିଲା ଏବଂ ସେ ନିଜ ସ୍ଥାନ ଅଗରପଡାରେ କର୍ମମନ୍ଦିର ସ୍ଥାପନ କରି ଖଦଡ ଏବଂ ହରିଜନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ ।

୧୯୩୫ରେ କଂଗ୍ରେସ କାର୍ଯ୍ୟକ୍ରମର ପ୍ରବଳ ପ୍ରସାର ଘଟିଲା । କଂଗ୍ରେସ କୃଷକ ସମସ୍ୟାକୁ ଅଧିକ ଗୁରୁତ୍ୱ ଦେଇ ଓଡିଶାରେ ସକ୍ରିୟ ହେଲା । ମହତାବ ପ୍ରାଦେଶିକ କୃଷକ ସଭାର ସଭାପତି ହିସାବରେ ବାଗଲପୁରଠାରେ କୃଷକ ସମ୍ମିଳନୀରେ କୃଷି କାର୍ଯ୍ୟକ୍ରମ ଓ ଋଣପରିଶୋଧ ବ୍ୟାଙ୍କ୍ ଉପରେ ଗୁରୁତ୍ୱ ଦେଇ ଚର୍ଚ୍ଚା କରିଥିଲେ । ମେ ୨୮, ୧୯୩୬ରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ତରଫରୁ ସଭାପତି ମହତାବଙ୍କ ସହଯୋଗରେ ପ୍ରାଦେଶିକ କୃଷକ ସମ୍ମିଳନୀର ଆୟୋଜନ ପାଇଁ ଉଦ୍ୟମ ହେଲା । ଉତ୍କଳ ପ୍ରାଦେଶିକ କୃଷକ ସଭାର କାର୍ଯ୍ୟକାରିଣୀ ବୈଠକରେ ୧୯୩୬ ଅଗଷ୍ଟରେ ଏକ ସବ୍-କମିଟି ଗଠିତ ହୋଇଥିଲା । ଏଥିରେ ମହତାବ ଏକ ସଦସ୍ୟ ହିସାବରେ କୃଷକ ସମସ୍ୟା ସମ୍ପର୍କିତ ବିବରଣୀ ପ୍ରାଦେଶିକ କଂଗ୍ରେସ କମିଟି ପାଖରେ ଉପସ୍ଥାପନ କରିବାକୁ ମତ ଦେଇଥିଲେ । ସେତେବେଳେ ହରିଜନ କାର୍ଯ୍ୟକ୍ରମ ପାଇଁ ବରୀର ସେବାଘର, ପୁରୀର ଗୋପବନ୍ଧୁ ସେବାସଦନ, ବାଲେଶ୍ୱରର ସତ୍ୟାଗ୍ରହ ଆଶ୍ରମ, ଢେଙ୍କାନାଳର ସେବାକୁଟୀର, ବ୍ରହ୍ମପୁରର ପତିତପାବନ ମିଶନ୍ ଏବଂ ଯାଜପୁରର ହରିଜନ ସେବକ ସଂଘ ପ୍ରସିଦ୍ଧ ଥିଲେ ମଧ୍ୟ ହରେକୃଷ୍ଣ ମହତାବ ପରିଚାଳିତ ଅଗରପଡା କର୍ମମନ୍ଦିର ସେଦିଗରେ ବିଶେଷ ଅଗ୍ରଗତି କରିଥିଲା । ୧୯୩୬ ମସିହା ନଭେମ୍ବରରେ ପଣ୍ଡିତ ଜବାହାରଲାଲ ନେହେରୁ ଓଡିଶା



Source: Author, Digitized by PPRACHIN, SOA

ଆଗମନ ଅବସରରେ ହରେକୃଷ୍ଣ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାପରେ ୧୯୩୮ରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ହୋଇ ଏକ ବିତର୍କିତ ପର୍ଯ୍ୟାୟରେ ଗାନ୍ଧିବାଦୀ ସ୍ୱରାଜ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ୧୯୩୮ ମାର୍ଚ୍ଚ ମାସରେ ଡେଲାଙ୍ଗରେ ଅନୁଷ୍ଠିତ ଗାନ୍ଧି ସେବାସଂଘର ବାର୍ଷିକ ଉତ୍ସବରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ନେତା ମହତାବ। ଏହି ଉତ୍ସବରେ ମହାତ୍ମା ଗାନ୍ଧିଙ୍କ ସହିତ ସର୍ଦ୍ଦାର ପଟେଲ, ରାଜେନ୍ଦ୍ରପ୍ରସାଦ ଓ ମୌଲାନା ଅବୁଲ୍ କାଲାମ୍ ଆଜାଦ୍ ଯୋଗ ଦେଇଥିଲେ। ସେଠାରେ ମହତାବ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ହିସାବରେ ଓଡିଶାରେ କଂଗ୍ରେସର ଦଳାଦଳିକୁ ରୋକିବାପାଇଁ ଗୋପବନ୍ଧୁ ଚୌଧୁରୀଙ୍କୁ ସଭାପତି କରାଯାଉ ବୋଲି ମତ ଦେଇଥିଲେ। ତାଙ୍କ ମତାନୁସାରେ ଗୋପବନ୍ଧୁ ଚୌଧୁରୀ ସଭାପତି ହୋଇଥିଲେ।

୧୯୪୦ରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ପୁର୍ନଗଠନ କରାଯାଇଥିଲା ଏବଂ ହରେକୃଷ୍ଣ ମହତାବ ଏହାର ପ୍ରଚାର ବିଭାଗ ଦାୟିତ୍ୱରେ ରହିଥିଲେ। ୧୯୪୦ ମେ ମାସରେ ସେ ବାଲେଶ୍ୱରରେ ସତ୍ୟାଗ୍ରହ କେନ୍ଦ୍ର ଗଠନ କରିବାକୁ ଉଦ୍ୟମ କରିଥିଲେ। ସେ ମଧ୍ୟ ମହାତ୍ମାଙ୍କ ଓ୍ୱାର୍ଦ୍ଧା ଯୋଜନା ଅଗରପଡାର କର୍ମମନ୍ଦିରରେ ପ୍ରଚଳନ କରିବାକୁ ଉଦ୍ୟମ କରିଥିଲେ। ସେଥିପାଇଁ ମହତାବ ଓ୍ୱାର୍ଦ୍ଧା ଯାଇ ମହାତ୍ମାଙ୍କଠାରୁ ପରାମର୍ଶ ଗ୍ରହଣ କରିଥିଲେ। ନଭେମ୍ବର ୧୯୪୦ରେ ମହତାବ ଓ୍ୱାର୍ଦ୍ଧାରୁ ଫେରି ବ୍ୟକ୍ତିଗତ ସତ୍ୟାଗ୍ରହ ନିମନ୍ତେ ବିଭିନ୍ନ ଜିଲ୍ଲା ପରିକ୍ରମା କରିଥିଲେ। ସେତେବେଳେ ପ୍ରାଦେଶିକ ସତ୍ୟାଗ୍ରହ କମିଟି ୪୮ ଜଣଙ୍କୁ ଏହି ବ୍ୟକ୍ତିଗତ ସତ୍ୟାଗ୍ରହ କରିବାକୁ ପରାମର୍ଶ ଦେଇଥିଲେ। ୧୯୪୦ ଡିସେମ୍ବରରେ ଓଡିଶାରେ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ ହେଲା। ମହତାବ ଏଥିରେ ଅଗ୍ରଣୀ ଥିଲେ। ସେ ରେମୁଣାରେ ଯୁଦ୍ଧ ବିରୋଧୀ ଭାଷଣ ଦେବାରୁ ଏକବର୍ଷ ଅଶ୍ରମ କାରାଦଣ୍ଡ ଭୋଗିବାକୁ ପଡିଲା। ୧୯୪୨ ଜାନୁଆରୀ ୨୮ରୁ ମହତାବ ସତ୍ୟାଗ୍ରହ ତଥା ସ୍ୱରାଜ ପାଇଁ ସାପ୍ତାହିକ ରଚନା ଖବରକାଗଜ ପ୍ରକାଶ ଆରମ୍ଭ କଲେ ଏବଂ ତାଙ୍କର ଲେଖାରେ ଉପନିବେଶୀ ସରକାର ଭୟଭୀତ ହୋଇଥିଲେ। ସେତେବେଳେ ସେ ଜନତାସହିତ ନାନାଦିଗରୁ ସମ୍ପର୍କ ରଖିବାକୁ ଉଦ୍ୟମ କରିଥଲେ। ୧୯୪୨ ମେ ମାସରେ ମିରାବେନ୍ ମହାତ୍ମାଙ୍କ ଅହିଂସ ସତ୍ୟାଗ୍ରହ ଓଡିଶାରେ ପ୍ରଚାର ପାଇଁ ଆସିଥିଲେ। ହରେକୃଷ୍ଣ ମହତାବ ତାଙ୍କ ସହିତ ବିଭିନ୍ନ ସ୍ଥାନ ପରିଭ୍ରମଣ କରି ଗାନ୍ଧି କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ପରିଶେଷରେ ୧୯୪୨ ଅଗଷ୍ଟ ୮ରେ ଭାରତ ଛାଡ ପ୍ରସ୍ତାବ ଅଖିଳ



Source: Author, Digitized by PPRACHIN, SOA

ଭାରତୀୟ କଂଗ୍ରେସ କମିଟି ଗ୍ରହଣ କରିବାରୁ ଏକ ସନ୍ଧିକ୍ଷଣ ଦେଖାଦେଲା। ତୁଙ୍ଗନେତାମାନେ କାରାରୁଦ୍ଧ ହେଲେ। ଓଡିଶାରୁ ଏହି ଉପଲକ୍ଷେ ହରେକୃଷ୍ଣ ମହତାବ ନେତୃତ୍ୱରେ ବମ୍ବେ ଯାଇଥିବା କର୍ମୀମାନେ କାରାରୁଦ୍ଧ ହେଲେ। ଏସବୁ ଦିଗରୁ ଚର୍ଚ୍ଚା କଲେ ମନେହୁଏ ହରେକୃଷ୍ଣ ମହତାବ ଓଡିଶାର ଅବିସ୍ମରଣୀୟ ସ୍ୱାଧୀନତା ସଂଗ୍ରାମୀ ଓ ଅଗ୍ରଣୀ ଗାନ୍ଧୀବାଦୀ ନେତା।

❖❖❖



Source: Author, Digitized by PPRACHIN, SOA

# ଭାରତୀୟ ମୁକ୍ତିସଂଗ୍ରାମ କାଳୀନ ଅବିସ୍ମରଣୀୟ ଓଡିଆ ଲେଖା

ଭାରତୀୟ ସ୍ୱାଧୀନତା ସଂଗ୍ରାମର ନାନା ପର୍ଯ୍ୟାୟରେ ଆଞ୍ଚଳିକ ସାହିତ୍ୟରେ ଏକ ଅପୂର୍ବ ଜାଗରଣ ଦେଖାଦେଇଥିଲା । ବହୁଭାଷୀ ଭାରତୀୟ ଜାତୀୟତା ଏକ ନୂତନ ମନ୍ତ୍ରର ପ୍ରେରଣାରେ ପ୍ରଲମ୍ବିତ ହୋଇଥିଲା । ଏହି ଜାତୀୟବାଦୀ ସାହିତ୍ୟ ଉପନିବେଶୀୟ ନିୟନ୍ତ୍ରଣ ତଥା ଶକ୍ତ ଆଘାତ ମାଧ୍ୟମରେ ବିକାଶ ଲାଭ କରି ପ୍ରତିବାଦ ତତ୍ତ୍ୱକୁ ଏକ ନୂତନ ଦିଗରେ ପରିଚାଳିତ କରିଥିଲା । ଓଡିଶାରେ ଏହି ସାହିତ୍ୟ ମୁକ୍ତି ସଂଗ୍ରାମୀମାନଙ୍କୁ ପ୍ରଣୋଦିତ କରିବା ସଂଗେ ସଂଗେ ଚେତନା ରାଜ୍ୟରେ ଏକ ନବ ଆଲୋଡନ ପ୍ରସାରିତ କରିଥିଲା । ଓଡିଆ ଜାତୀୟବାଦୀ ଲେଖା ନାନା ବାଧା ସତ୍ତ୍ୱେ ଓଡିଆ ଚିନ୍ତା ଓ ଚେତନାକୁ ପ୍ରଲମ୍ବିତ କରିବା ସଂଗେ ସଂଗେ ସାହିତ୍ୟରେ ଏକ ଅଭିନବ ପର୍ଯ୍ୟାୟ ଆଣିଥିଲା ।

ମହାତ୍ମା ଗାନ୍ଧୀଙ୍କ ସାବରମତୀ ଆଶ୍ରମରେ ଶିକ୍ଷା ଗ୍ରହଣ କାଳରେ ଦଶପଲ୍ଲାର ସଂଗ୍ରାମୀ ଗୋବିନ୍ଦ ମିଶ୍ର ୧୯୧୯ ଫେବୃଆରୀ ୨୨ ତାରିଖର ସମ୍ବଲପୁର ହିତୈଷିଣୀରେ "ଭାରତର ନବଜାଗରଣ" ଶୀର୍ଷକ ଲେଖାରେ ଭାରତୀୟ ଜାତୀୟ ଜାଗରଣ ସମ୍ପର୍କରେ ନାନା ମତ ଓ ମନ୍ତବ୍ୟ ଉପସ୍ଥାପନ କରିଥିଲେ । ଓଡିଆମାନଙ୍କୁ ଏକ ସଂକୀର୍ଣ୍ଣ ସୀମାରୁ ଉଠାଇ ବୃହତ୍ତର ତଥା ପ୍ରଶସ୍ତତର ଭୂମିରେ ଛିଡା କରାଇ ଭାରତୀୟ ପ୍ରଶ୍ନଆଡକୁ ଦୃଷ୍ଟିଦେବାକୁ ସେ ପ୍ରଥମେ ଉଦ୍ୟମ କରିଥିଲେ । ତାପରେ ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନ ଆରମ୍ଭ କାଳରେ "ମହାତ୍ମା ଗାନ୍ଧୀଙ୍କ କଥା" ପ୍ରକାଶ କରି ଏକ ନୂତନ ଚେତନା ଜାଗ୍ରତ କରାଇଥିଲେ । ୧୯୨୧ରେ ତାଙ୍କର ପୁସ୍ତିକା "ସ୍ୱରାଜ୍ୟ ମିଳିବ କିପରି ?" ସମଗ୍ର ଓଡିଶାରେ ପ୍ରସାରିତ ହୋଇ ସ୍ୱରାଜ ତତ୍ତ୍ୱକୁ ଏକ ଅଭିନବ ମୋଡ ଦେଇଥିଲା । ଏହି ପ୍ରଚାର ପତ୍ରରେ ସେ ଆତ୍ମବଳ ଉପରେ ଗୁରୁତ୍ୱ ଦେଇଥିଲେ । ସେ ଲେଖିଥିଲେ-"ସ୍ୱରାଜ୍ୟର ପ୍ରଥମ ସୋପାନ ଆମ୍ଭ ଭିତରେ ଅଛି । ଆମ୍ଭେମାନେ ଅନ୍ୟକୁ ନିଜର ଶାସକ ବୋଲି ମାନି



Source: Author, Digitized by PPRACHIN, SOA

ବସିଥିବା ସ୍ଥଳେ ଆମ୍ଭଙ୍କୁ ସ୍ୱରାଜ୍ୟ ମିଳିବ କିପରି ? ସ୍ୱରାଜ୍ୟ ପାଇବାକୁ ହେଲେ ପ୍ରଥମେ ଆମ୍ଭମାନଙ୍କୁ ନିଜ ଉପରେ ନିର୍ଭର କରିବାକୁ ହେବ। ନିଜ ଗୋଡରେ ଠିଆ ହେବାକୁ ହେବ। ନିଜ କଥା ନିଜେ ବୁଝିବାକୁ ହେବ।" ସେହି ସମୟରେ ସେ "ମହାତ୍ମାଗାନ୍ଧୀଙ୍କ ଜୀବନଚରିତ", "ସତ୍ୟବାଣୀ" ପରି ପୁସ୍ତିକା ପ୍ରକାଶ କରି ଓଡିଆମାନଙ୍କର ଚିନ୍ତାରାଜ୍ୟରେ ଏକ ବିପ୍ଳବ ସୃଷ୍ଟି କରାଇଥିଲେ। ପରବର୍ତ୍ତୀ କାଳରେ ୧୯୪୦ ବେଳକୁ ତାଙ୍କର ଜୀବନୀ "ଜାତୀୟ ଜୀବନର ଆତ୍ମ-ବିକାଶ"ପ୍ରକାଶ ପାଇ ତାଙ୍କର ଜାତୀୟ ଜାଗୃତି ତତ୍ତ୍ୱ ପ୍ରସାହିତ କରିଥିଲା। ହରେକୃଷ୍ଣ ମହତାବ ୧୯୨୦ ଦଶକରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ହିସାବରେ ବିପ୍ଳବାତ୍ମକ ଚିନ୍ତାଧାରାର ପ୍ରସାର କରାଇ ଉପନିବେଶବାଦର କଡା ସମାଲୋଚନା କରିଥିଲେ। ୧୯୨୧ରେ ଦ୍ୱାରକାନାଥ ଦେବଶର୍ମାଙ୍କଦ୍ୱାରା ପ୍ରଣୀତ "ଅରଟ ଚଉତିଶା"ବ୍ରଜବନ୍ଧୁ ଦେବଶର୍ମାଙ୍କଦ୍ୱାରା ପ୍ରଥମବାର ପ୍ରକାଶିତ ହୋଇ ଓଡିଆମାନଙ୍କୁ ପ୍ରଣୋଦିତ କରିଥିଲା।

୧୯୨୨ରେ ମହତାବ ମଧ୍ୟ ବିପ୍ଳବାତ୍ମକ ପୁସ୍ତିକା ଲୋକମାନଙ୍କ ମଧ୍ୟରେ ପ୍ରସାର କରାଇ ଜନତାଙ୍କୁ ବିଦ୍ରୋହର ଅନଳ ମନ୍ତ୍ରରେ ମନ୍ତ୍ରିତ କରିଥିଲେ। ସାତ ଆଠ ମାସ ମଧ୍ୟରେ ମାର୍ଚ୍ଚ ୧୯୨୨ ସୁଦ୍ଧା ସେ ବାଲେଶ୍ୱରର ସ୍ୱରାଜ ଆଶ୍ରମରୁ ହାତଲେଖା ପ୍ରଚାର ପତ୍ର ସ୍ୱରାଜ ସମ୍ପର୍କରେ ପ୍ରସାର କରାଇ ଉପନିବେଶୀ ଶକ୍ତି ଉପରେ କୁଠାରଘାତ କରିଥିଲେ। ୧୯୨୧ ନଭେମ୍ବର ୮ରେ ସେ "ସ୍ୱରାଜ୍ୟ ସମାଚାର" ନାମକ ପ୍ରଚାରପତ୍ର ପ୍ରଥମେ ବାଣ୍ଟିଥିଲେ। ତାପରେ "ସରକାର ଉନ୍ମତ୍ତ", "ଯୁଦ୍ଧପାଇଁ ଆହ୍ୱାନ", "ଭାରତବାସୀଙ୍କ ଠାକୁ", "ମଦ ଓ ତାଡି", "କଂଗ୍ରେସ ଓ ସରକାର", "ମହାତ୍ମାଗାନ୍ଧୀ ଗିରଫ୍ତାର" ପରି ସଂଖ୍ୟାଧିକ ପ୍ରଚାରପତ୍ର ବାଲେଶ୍ୱରରେ ବଣ୍ଟନ କରାଇ ଜନତା ମଧ୍ୟରେ ଏକ ଜାଗରଣ ସୃଷ୍ଟି କରିଥିଲେ। ସେ ସମସ୍ତ ପ୍ରଚାରପତ୍ରକୁ ସରକାର ବାଜ୍ୟାପ୍ତ କରିଥିଲେ ମଧ୍ୟ ଗାନ୍ଧିପନ୍ଥାର ପ୍ରଲମ୍ବନରେ ସେସବୁର ଭୂମିକା ଅବିସ୍ମରଣୀୟ। ପ୍ରଜାତନ୍ତ୍ର ୧୯୨୭ ସେପ୍ଟେମ୍ବର ୨୬ ସଂଖ୍ୟାରେ ନାରୀ ଜାଗରଣ ଗାନ୍ଧୀବାଦୀ କର୍ମପନ୍ଥାର ଏକ ବିଶିଷ୍ଟ ଅଂଶ ହିସାବରେ ଗ୍ରହଣ କରି ନାରୀଶକ୍ତିର ଗୁରୁତ୍ୱକୁ ଏକ କ୍ଷୁଦ୍ର କବିତାରେ ପ୍ରକାଶ କରି ସେ ଲେଖିଥିଲେ-"ନ ଜାଗିଲେ ସବୁ ଭାରତରମଣୀ/ଜାଗିବ ନାହିଁଟି ଏ ଭାରତଭୂମି//ଜାଗ ମାତା ଜାଗ କନ୍ୟା ବା ଭଗିନୀ/ହୁଅ ବୀର ଜାୟା ବୀର ପ୍ରସବିନୀ// ସ୍ତନ୍ୟ ଦୁଗ୍ଧ ଯେବେ ପିଆଅ ଜନନୀ/ ଶୁଣାଅ ସନ୍ତାନେ ବିକ୍ରମ କାହାଣୀ// ବୀର ଗୁଣଗାଥା ବୀର କୀର୍ତ୍ତିବାଣୀ/ ବୀର ଗର୍ବେ ନାଚି



Source: Author, Digitized by PPRACHIN, SOA

ଉଠୁ ତା ଧମନୀ// ପ୍ରଜାତନ୍ତର ଉପର ଭାଗରେ ଏହାକୁ ପ୍ରକାଶ କରି ମହତାବ ନାରୀ ଜାଗରଣ ପାଇଁ ଉଦ୍‌ବୋଧନ ଦେଇଥିଲେ। ୧୯୨୯ରେ ମହତାବଙ୍କ ରଚିତ "ପଲାସୀ ଅବସାନେ"ବ୍ରିଟିଶ୍ ସାମ୍ରାଜ୍ୟବାଦ ଉପରେ କଠୋର ସମାଲୋଚନା ସୂଚିତ ହୋଇଥିବାରୁ ତାହା ୧୯୩୦ରେ ବାଜ୍ୟାପ୍ତ ହୋଇଥିଲା। ସେହିପରି ଗୋପବନ୍ଧୁ ଦାସଙ୍କ ଜାତୀୟବାଦୀ ଚେତନା ପରିପୂର୍ଣ୍ଣ ବହୁ କବିତା ଗ୍ରନ୍ଥ ଯଥା "ବନ୍ଦୀର ସ୍ୱଦେଶ ଚିନ୍ତା", "କାରା କବିତା", "ବନ୍ଦୀର ଆତ୍ମକଥା", "ଧର୍ମପଦ"ଓଡିଆ ମାନସକୁ ଏକ ଅଭିନବ ଦିଗରେ ପରିଚାଳିତ କରି ପାରିଥିଲା। ଅସହଯୋଗ ପର୍ଯ୍ୟାୟରେ ଆନନ୍ଦ ଚନ୍ଦ୍ର ଜେନାଙ୍କ ରଚିତ କନିକା ବିଦ୍ରୋହ ସମ୍ପର୍କିତ ପୁସ୍ତିକା "ଦୁଃଖିନୀ କନିକା" ଓଡିଆ ବିଦ୍ରୋହ ତଥା ପ୍ରତିବାଦର ଚିତ୍ର ସ୍ପଷ୍ଟ କରିଥିଲା। ଔପନିବେଶିକ ଶାସନର ଅତ୍ୟାଚାର ତଥା ମୁକ୍ତି ସଂଗ୍ରାମର ବାର୍ତ୍ତା ନେଇ କବି ବାଂଛାନିଧି ୧୯୨୦ରୁ ୧୯୩୮ ପର୍ଯ୍ୟନ୍ତ ସକ୍ରିୟ ଥିଲେ। ସେ ଏଥିପାଇଁ ସଂଗୀତକୁ ଏକ ଆୟୁଧ ରୂପେ ଧରିଥିଲେ। ସେ ନିଜେ ଥିଲେ ସଂଗୀତ କଳାର ମୂର୍ତ୍ତିମନ୍ତ ପରିଗ୍ରହ। ତାଙ୍କ ରୁଚିର ନିର୍ମଳ ଛଟାରେ ତାଙ୍କ ଅଙ୍ଗଭଙ୍ଗୀର ତାଳେ ତାଳେ ତାଙ୍କର ବଚନିକାର ତରଙ୍ଗେ ତରଙ୍ଗେ ସତେ ଯେପରି ଗୋଟିଏ ନିଭୃତ ସଂଗୀତର ଉଚ୍ଛନ୍ନ ଉଚ୍ଛ୍ୱାସ ଫୁଟି ଉଠୁଥିଲା। ତାଙ୍କ ସମ୍ପର୍କରେ ଯିଏ ଆସିଛି ସିଏ ଏହା ଅନୁଭବ କରିଛି ବୋଲି ଗୌରଚନ୍ଦ୍ର ମହାପାତ୍ର ମହାଶୟ ତାଙ୍କର ରମ୍ୟ ପ୍ରବନ୍ଧରେ ପ୍ରକାଶ କରିଥିଲେ। (ଡଗର,"ଗଣକବି ବାଂଛାନିଧି", ୨୧/୧) କେବଳ ଜାତୀୟ ଆନ୍ଦୋଳନର ସଭାସମିତିରେ ନୁହେଁ ଅନ୍ୟାନ୍ୟ ସାଧାରଣ ସଭାମାନଙ୍କରେ ବାଂଛାନିଧି ଜଣେ ସୁଦକ୍ଷ ସଂଗୀତଜ୍ଞ ରୂପେ କେବଳ ପରିଚିତ ନଥିଲେ- ଜଣେ ଅନର୍ଗଳ ବକ୍ତା, ନିର୍ଭୀକ ସମାଲୋଚକ ଓ କୁଶଳୀ ବ୍ୟଙ୍ଗକାର ରୂପେ ଆଦରଣୀୟ ହୋଇପାରିଥିଲେ। ମହାପାତ୍ର ମହାଶୟଙ୍କର ମତରେ ସାମାନ୍ୟ ପୁରସ୍କାର ବିତରଣୀ ସଭାରେ ମଧ୍ୟ ସେ ବ୍ୟଙ୍ଗ-ବିଦ୍ରୂପ-ହାସରସ ଦ୍ୱାରା ତାଙ୍କର ବକ୍ତବ୍ୟଟିକୁ ରସମୟ କରୁଥିଲେ। ଏହିପରି ଅନୁଷ୍ଠାନରେ ସେ ଯାହାକୁ ପ୍ରଶଂସା କରିବାର କଥା ତାକୁ ପ୍ରଶଂସା କରୁଥିଲେ-ଉଦ୍ୟୋକ୍ତାମାନଙ୍କର ଯେଉଁଠି ଯାହା ତ୍ରୁଟି, ତାହା ଦର୍ଶାଇ ଦେଉଥିଲେ। ଅବଶ୍ୟ ଅନେକ ସମୟରେ ତାଙ୍କର ସମାଲୋଚନା ଗଠନମୂଳକ ଓ ହାସ୍ୟରସ ପୂର୍ଣ୍ଣ ଥିଲା। ଏ ଦେଶର ଜାତୀୟ ଜୀବନରେ ତାଙ୍କର ସଂଗୀତର ମାୟା ଅଲିଭା ରହିଛି। ଓଡିଶାର ପୁରପଲ୍ଲୀରେ ଜାତୀୟ ପର୍ବ ଦିବସରେ ଲୋକେ ବାଂଛାନିଧିଙ୍କର ସଂଗୀତ ଶୁଣିବାକୁ ଏବେ ମଧ୍ୟ ଉତ୍କଣ୍ଠିତ। ସେ ନିଜେ



Source: Author, Digitized by PPRACHIN, SOA

ଜଣେ ସୁନିପୁଣ ଗାୟକ ଥିଲେ। ସେ ମଧ୍ୟ ଏକ ଥିଏଟର ଦଳ ସଂଗଠନ କରିଥିଲେ। ଏହି ରଂଗମଞ୍ଚ ମାଧ୍ୟମରେ ନାନା ପ୍ରକାର ସରଳ ସୃଷ୍ଟିର ଆଭାସ ମିଳିଥିଲା। ଆଠମଲ୍ଲିକର ରାଜାସାହେବ ତାଙ୍କୁ ଏ ଦିଗରେ ବିଶେଷ ସହଯୋଗ କରିଥିଲେ। ବିଭିନ୍ନ ରସାତ୍ମକ ସଂଗୀତର ସରଳ ବ୍ୟଞ୍ଜନା ମୂଳରେ ବାଂଛାନିଧିଙ୍କର ନୈପୁଣ୍ୟ ବିଦ୍ୟମାନ। ତାଙ୍କର ବିୟୋଗ ପରେ ତାଙ୍କର ସଂଗଠିତ ଓଡିଶା ଥିଏଟର୍ସ ମଧ୍ୟ ବିଲୁପ୍ତ ହୋଇଗଲା। ୧୯୩୦ ମସିହାର ଲବଣ ସତ୍ୟାଗ୍ରହ ସମୟରେ ତାଙ୍କ ଜାତୀୟ ସଂଗୀତ ଆତ୍ମହରା କରୁଥିଲା। କବି ନିଜେ ନାନା ପ୍ରକାର ମୁଖଭଙ୍ଗୀ ସହ ଯେତେବେଳେ ତନ୍ମୟ ହୋଇ ସଂଗୀତ ଗାଆନ୍ତି-ସେତେବେଳେ ପଥର ତରଳିଯାଏ, ମରୁ ପଲ୍ଲବୀ ଉଠେ, ତୁଷାରରେ ସ୍ଫୁଲିଂଗ ଜାଗି ଉଠେ-ଏପରି କୁହାଯାଇଛି। ଅସଂଖ୍ୟ ପ୍ରାଣରେ ଅଦମ୍ୟ ଉତ୍ସାହ ସଂଚାର କରିଛି ଗଣକବିଙ୍କର ପ୍ରଳୟ କାହାଳୀ। ଓଡିଶାରେ ଲବଣ ସତ୍ୟାଗ୍ରହର ସଫଳତା ମୂଳରେ ବାଂଛାନିଧିଙ୍କର ସାଧନା ଚିର ନମସ୍ୟ। ତାଙ୍କ ରଚିତ ଦୁଇଖଣ୍ଡ ଜାତୀୟ ସଂଗୀତ ପୁସ୍ତିକା ଆଜି ମଧ୍ୟ ଅବିସ୍ମରଣୀୟ। କବିଙ୍କର ଅସଂଖ୍ୟ ରଚନା ମଧ୍ୟରୁ ଏହି ଦୁଇଖଣ୍ଡ ଉତ୍କଳ ବୀଣା ତାଙ୍କର ଜୀବିତାବସ୍ଥାରେ ମୁଦ୍ରିତ ହୋଇଥିଲା। ଏହି ପୁସ୍ତିକାର ପ୍ରଥମ ତଥା ଦ୍ୱିତୀୟ ଝଂକାରର ସଂଗୀତଗୁଡିକ ଅତି ଲୋକପ୍ରିୟ ହୋଇପଡିଥିଲା। ପ୍ରଥମ ଝଂକାର ୧୯୨୧ ମସିହାରେ ବାଲେଶ୍ୱରର ପ୍ରଜାତନ୍ତ୍ର ପ୍ରେସରେ ମୁଦ୍ରିତ। ଦ୍ୱିତୀୟ ଝଂକାର କଟକ ଲୋକସେବା ପ୍ରେସରେ ୧୯୩୧ରେ ମୁଦ୍ରିତ। ପ୍ରଥମଟି ଉତ୍କଳର ବରେଣ୍ୟ ନେତା ଗୋପବନ୍ଧୁ ଦାସଙ୍କୁ ଉତ୍ସର୍ଗ କରାଯାଇଥିଲା। ପ୍ରଥମ ଝଂକାରର ମୁଖବନ୍ଧରେ କବି ଦୁଇଟି ଜାତୀୟ ସଂଗୀତ ପୁସ୍ତକର ନାମ ଉଲ୍ଲେଖ କରିଛନ୍ତି। ୧୯୨୧ର ଅସହଯୋଗ ଆନ୍ଦୋଳନ ପରେପରେ ଯେଉଁ କେତୋଟି ଜାତୀୟ ସଂଗୀତ ପୁସ୍ତକ ମିଳିଥିଲା ସେମାନଙ୍କ ମଧ୍ୟରେ ଏ ଦୁଇଟିର ସ୍ଥାନ ସୁସ୍ପଷ୍ଟ। ଗୋଟିକର ନାମ ଯୁଗବୀଣା ଓ ଅନ୍ୟଟିର ନାମ ମଧୁଗୁଞ୍ଜନ। ଉକ୍ତ ପୁସ୍ତକ ଯୋଡିକର ଜାତୀୟ ସଂଗୀତ ସଂଗେ ନିଜର ଉତ୍କଳ ବୀଣାର ସଂଗୀତଗୁଡିକ ସମକକ୍ଷ ହେବନାହିଁ ବୋଲି କହି କବି ନିଜର ଦୈନ୍ୟ ବ୍ୟଞ୍ଜନା କରିଥିଲେ। ପୁଣି ତାଙ୍କରି ଭାଷାରେ କହିବାକୁ ଗଲେ "ସାଧାରଣ ଲୋକେ ଯେପରି ବୁଝିପାରିବେ ଓ ଗାଇପାରିବେ" ସେହି ଅନୁରୂପ ଭାବ, ଭାଷା ଓ ସ୍ୱର ସରଳ କରାଯାଇଛି। ତାଙ୍କର ଅଧିକାଂଶ ଗୀତର ଭାବ, ଭାଷା ଓ ରାଗିଣୀ ସରଳ ଓ ବୋଧଗମ୍ୟ। ଗୋଟିଏ କବିତାର ଅଂଶରେ ଅଛି;



Source: Author, Digitized by PPRACHIN, SOA

ଆଉ କେତେଦିନ ହୋଇବୁ ଉଦାସୀ ଭାଇତୁ !
ଦିନୁଁ ଦିନୁଁ ଦୁଃଖରାଶି ବଢିଲା ଦେଶରେ ଆସି
ସୁଖଶାନ୍ତି ଗଲାସବୁ ଭାସି।୧ ।
ଦାନାକନା ଯୁଟୁନାହିଁ ବୁଲୁଥାଇ ଦେହି ଦେହି
ତେବେ କିମ୍ପା ହେଉଛୁ ବିଳାସୀ।
++++++ ++++++++
ଭାଇ ଭାଇ କଲୁ କଳି ମହତକୁ ଦେଲୁ ବଳି
(ତୋତେ) ରାଗ ଅହଂକାର ଦେଲା ଗ୍ରାସୀ।
କର ବଢୁଛି ଯେପରି ଦର ବଢୁଛି ସେପରି
ଏ ଶାସନ ହେଲାଣି ଗଳା ଫାଶୀ।

ଗଣମନକୁ ଚେତାଇବା ପାଇଁ ଏଥିରେ ଯଥେଷ୍ଟ ଉପାଦାନ ଥିଲା। ଏପରି ବୈପ୍ଳବିକ ସଂଗୀତର ଭାଷା ଗୁରୁଗମ୍ଭୀର ନୁହେଁ। କବି ଯେଉଁ ଦୃଷ୍ଟାନ୍ତ ତୁଳନା ଓ ଆଦର୍ଶକୁ ଆଧାର ରୂପେ ଗ୍ରହଣ କରିଥିଲେ ତାହା ମଧ୍ୟ ଥିଲା ଗଣମନ ଆକର୍ଷଣରେ ଶ୍ରେଷ୍ଠତମ ପନ୍ଥା। ପୁରାଣ ଧର୍ମ ଓ ଅନ୍ୟାନ୍ୟ ସହଜ ଉଦାହରଣ ଜରିଆରେ ସେ ଯେପରି ଗାନ୍ଧୀ ଚିନ୍ତାଧାରାକୁ ପରିସ୍ଫୁଟ କରିଥିଲେ ତାହା ଅସାଧାରଣ। ଏକ ସ୍ଥାନରେ ସେ ଲେଖିଥିଲେ;

ଦଳେଦଳେ ସାଜିଲେଣି ରଣ ଅଙ୍ଗନକୁ
ପରଖିବେ କେ ଶକତି ଜିଣିବ କାହାକୁ
ଧରମ ଅଧରମକୁ ନୀତି ଅନୀତିକୁ ପୁଣି
ଶରୀର ଶକତି ଅବା ମନର ବଳ।
+++++++ ++++++++
(କେଭେଁ) ଭୁଲିବନାହିଁ ମାୟାରେ ଡରିବନାହିଁ ଛାୟାରେ
ଗୟାସୁର, ପ୍ରହଲ୍ଲାଦ ଧ୍ରୁବର ବଳ।

ଏକ ସ୍ଥାନରେ ସେ ଗାନ୍ଧିଜୀଙ୍କୁ କୃଷ୍ଣଙ୍କର ଆସନକୁ ନେଇ ଚରଖାକୁ ସୁଦର୍ଶନ ଚକ୍ରର ସ୍ଥାନ ଦେଇଥିଲେ। ଜନମନ ରଂଜନ ପାଇଁ ତାଙ୍କର ଦୃଷ୍ଟାନ୍ତ ଏବଂ ଶବ୍ଦବିନ୍ୟାସ ଲକ୍ଷ୍ୟ କରିବାର କଥା। ଏକ ସ୍ଥାନରେ ସେ ଲେଖିଥିଲେ;

ମହାତ୍ମା ମୋହନଦାସ ଦ୍ୱାରକାପୁରରେ ବାସ
ଦ୍ୱାପର-ଦ୍ୱାରକା-ଦ୍ୱୀପ-କୃଷ୍ଣ-କଳାମୟରେ



Source: Author, Digitized by PPRACHIN, SOA

ଅରଟ ଅସ୍ତ୍ରର ବଳେ ସ୍ୱରାଜ୍ୟ ଲଭିବା ହେଲେ
ସେହିପରି (ସେତ) ସୁଦର୍ଶନ ଚକ୍ର କରିଦେବ ପାପ କ୍ଷୟହେ ।

କବି କୃଷ୍ଣ ମଥୁରା ଗମନ ବିଚ୍ଛେଦ ପରି ଗାନ୍ଧୀଙ୍କର କାରାବାସ ବିଚ୍ଛେଦକୁ ଅତି କରୁଣ ଭାବରେ ପ୍ରକାଶ କରିଥିଲେ;

କେଉଁଠି ରହିଲ ଯାଇ ଗାନ୍ଧୀ ଗୋସାଇଁ, ହେ ଗାନ୍ଧୀ ଗୋସାଇଁ
ରହିଲ କେଉଁ ଗୋପନେ, ପଶୁ ବନ୍ଧନେ, ଶ୍ରୀଅଂଗ ମୁଖକୁ ଦେଲ ଲୁଚାଇ ।

ଜନମନ ଆକର୍ଷଣ କରିବା ପାଇଁ ସେ କେତେକ ସ୍ଥାନରେ କରୁଣ ରସର ଆଶ୍ରୟ ନେଇ ଜନତାର ହୃଦୟ ତରଳାଇ ଦେଇଥିଲେ । ପୁଣି ଗୀତର ଶେଷାଂଶରେ ବୀର ରସର ଅବତାରଣା କରି ପ୍ରାଣକୁ ମତାଇ ପାରିଥିଲେ, ତତାଇ ପାରିଥିଲେ । ସେପରି ଏକ ଗୀତରେ ଅଛି;

କି ଗୀତ ମୁଁ ଆଉ ଗାଇବି ହେ ଭାଇ ଗାଇବାକୁ ମନ ନାହିଁ
ଭାଜିଗଲାଣି ମୋ ହୃଦୟ ବୀଣା ତାର ଛିଡିଛିଡି ଯାଇ ।
++++++++ +++++++++++
ହେଲେ କୋଟିଏ ସନ୍ତାନ ଏକ ଘୁଞ୍ଚିଯାଆନ୍ତା ଦେଶର ଦୁଃଖ
ଏଥିରେ ରହନ୍ତା ଜାତିର ଟେକ ।
ଏକତାନେ ମିଳି ବଜାଇଲେ ବୀଣା ଚମକି ଉଠନ୍ତା ମହୀ ।

ଭାରତ ବନ୍ଦନା, ଉତ୍କଳ ବନ୍ଦନା ଓ ଜାତୀୟ ପତାକା ବନ୍ଦନାର ଭାଷା, ଭାବ ଓ ଭଙ୍ଗୀ ସରଳ ମନୋମୁଗ୍‌ଧକର । ତାଙ୍କର ପତାକା ବନ୍ଦନା ଗୀତ ଅତ୍ୟନ୍ତ ଜନପ୍ରିୟ । ସେଥିରେ ଅଛି-"ରେ ପତାକା ଜାତିର ଗରବ ଜାତିର ଜୀବନ ପରାଣ ତୁହିରେ" । ସହକାର ମାସିକ ସାହିତ୍ୟ ପତ୍ରରେ ୧୯୨୪ ମସିହାରେ ତାଙ୍କର ଦୁଇଟି ଯୁଗାନ୍ତକାରୀ କବିତା ପ୍ରକାଶ ପାଇଥିଲା । ଏହି ପତ୍ରିକାର ୪ର୍ଥ ଭାଗ ଦ୍ୱିତୀୟ ସଂଖ୍ୟାରେ *ମନ* ଶୀର୍ଷକ କବିତା ଭାବମୟ । କବିତାଟି ଏଠାରେ ଉଦ୍ଧାର କରାଯାଇଛି;

*ତିଳେହେଲେ ଭାଇ ବୁଝିଲୁନାହିଁରେ ଯେତେ କହିଲି ବୁଝାଇ*
*ବୁଝିସୁଝି ଯେହୁ ଅବୁଝା ହୋଇବ ପାରିବକେ ସମଝାଇ(ତାକୁ) ।ଘୋଷା*
*ଚେଇଁ ଶୋଇଥିବା ଲୋକକୁ ସହଜେ ଉଠାଇ ପାରିବ ନାହିଁ*
*କପାଳ ଫାଟିଲେ ବୁଦ୍ଧି ବାମ ହେଲେ ସୁବୁଦ୍ଧି ଦିଶଇ ନାହିଁ ।*



Source: Author, Digitized by PPRACHIN, SOA

*କାହାଯୋଗେ ଆଜି ଭାରତ ଭାରତ ପଡିଛି କାହାକୁ ସହି*
*ତ୍ୟାଗୀ ଯୋଗୀ ମହାପୁରୁଷ ମୋହନ କି ମନ୍ତରେ ଦେଲା ମୋହି।*
*କିଏ ଛାରଖାର କଲା ଏ ଦେଶକୁ କିଏ ନେଇଗଲା ଧନ ବିଦେଶକୁ*
*କି ଉପାୟେ ଧନ ସ୍ୱଦେଶେ ରହିବ କିଏ ସେ ଦେଲା ବତାଇ*
*କାରାଗାରୁଁ ସେତ ଆସିଲେଣି ଫେରି ଆନନ୍ଦେ ମାତିଛ କରି ଜୟହୁରି*
*ଜୟ ଶବଦେ କି କଷଣ ଘୁଞ୍ଚିବ ପ୍ରାଣ ନଦେଲେ ନଗାଇ(ମନ)*

ସେହିପରି ୧୯୨୪ରେ ସହକାରର ୪ର୍ଥ ଭାଗ ତୃତୀୟ ସଂଖ୍ୟାରେ ପ୍ରକାଶିତ ତାଙ୍କର କବିତା "ଜଳେଶ୍ୱର ସମ୍ମିଳନୀରେ ଗୀତ" ଭାବପୂର୍ଣ୍ଣ ଥିଲା। ତାହାକୁ ମଧ୍ୟ ଏଠାରେ ଉଦ୍ଧାର କରାଯାଇଛି;

*ଆସ ଆସ ଅତିଥିବର ଆସ ବଂଗନେତାପ୍ରବର ଆସ ଆସ ଶ୍ୟାମସୁନ୍ଦର*
*ଆମ୍ଭ ଉତ୍କଳ ଜନନୀର ସୁଖ ଆନନ୍ଦ ଅପାର (ଆଜି) ମାହେନ୍ଦ୍ର ସମୟେ କି ପାଡିଥିଲା ରାତର।*
*ଆମ୍ଭଦେଶେ ତବ ପାଦପରଶେ ନାଚି ଉଠେ ପ୍ରାଣ ଅତି ଉଲ୍ଲାସେ*
*ଭାଗ୍ୟରବି ଉଦେହେଲା ଆକାଶେ ତୁଟିଲା ଅନ୍ଧାର*
*ଏତେଦିନେ ଭାତୃ ଅନୁରାଗକର ହେଲାକି ପ୍ରସାର।୧*
*ତୁମ୍ଭପରି ଅତିଥିର ମିଳନେ ଧନ୍ୟ ହେଲୁ ଆମ୍ଭେ ସକଳ ଜନେ*
*ତୁମ୍ଭ ସରଳତା ତ୍ୟାଗ କଥା ଶୁଣି ଚକିତ ମନର*
*ଏତେ ଦୂରୁଁ ଭାଇ ଧାଇଁ ଆସିଲ ହେ ଡାକିବା ମାତର।୨*
*ତୁମ୍ଭପରି ଅତିଥିର ସମ୍ମାନ ପାଇଁ ନାହିଁ କିଛି ଆମ୍ଭରିଦାନ*
*ଏ ଦରିଦ୍ର ଦେଶର ପୁଣି ଜଳେଶ୍ୱର ପଲ୍ଲୀ ଗ୍ରାମ ମଧୁର*
*(ଖାଲି) ଭକତି ପୀରତି ସଜାଡି ଆଣିଛୁଁ ଯେଝା ସଜା ସମ୍ଭାର।*

କବିଙ୍କର ଏହିପରି ଅନେକ କବିତା ଭାବପୂର୍ଣ୍ଣ ଓ କାଳଜୟୀ। ଦୀର୍ଘ ଅତୀତରେ ରଚିତ ହୋଇଥିଲେ ମଧ୍ୟ ଏବେ ସୁଦ୍ଧା କେତେକ କବିତାମାନଙ୍କର ଉପଯୋଗୀତା ବିଲୁପ୍ତ ହୋଇନାହିଁ। ଯେପରି-"କି ହେବ ସ୍ୱରାଜ୍ୟ ପାଇ ଯଦି ନପୁରେ ପେଟ। ଆମେ ଗଡୁଥିବା ଭୋକ ଉପାସରେ ଜଣେ ଦୁଇଜଣ ବସ୍ୱେଇ ସେଠ।"

ସେହିପରି ୧୯୨୧ରେ ପ୍ରକାଶିତ ଜଗବନ୍ଧୁ ସିଂହଙ୍କ ରଚିତ "ଗାନ୍ଧୀ ମହାତ୍ମ୍ୟ"ଭାଗବତ ଛନ୍ଦରେ ରଚିତ ହୋଇ ଗାନ୍ଧିପନ୍ଥା ତଥା ଉପନିବେଶବିରୋଧୀ ତତ୍ତ୍ୱକୁ



Source: Author, Digitized by PPRACHIN, SOA

ଓଡିଆମାନଙ୍କ ମଧ୍ୟରେ ପ୍ରସାରିତ କରିଥିଲା । ୧୯୨୧ ମସିହା ପ୍ରଥମ ପର୍ଯ୍ୟାୟରେ ଜଗବନ୍ଧୁ ସିଂହଙ୍କ ରଚିତ "ଗାନ୍ଧି ମହାତ୍ମ୍ୟ" ପୁସ୍ତକ ପ୍ରକାଶ ପାଇଥିଲା । ସମାଜ ଛାପାଖାନାରେ ତାହା ମୁଦ୍ରିତ ହୋଇଥିଲା । ପୁସ୍ତକଟି ସରକାରଙ୍କ ଦ୍ୱାରା ବ୍ୟାଜାପ୍ତ ହୋଇଥିଲା । ସମାଜ ପ୍ରେସ୍ ତଲାସ କରି ପୋଲିସ୍ ୪୦ ଖଣ୍ଡ ବହି ଓ "ଗାନ୍ଧି ମହାତ୍ମ୍ୟ"ର ମୂଳ ପାଣ୍ଡୁଲିପି ନେଇ ଯାଇଥିଲେ । ପୁସ୍ତକଟି ଓଡ଼ିଆ ଭାଗବତ ସ୍ୱରରେ ରଚିତ । ପୋଲକ ସାହେବଙ୍କ ଲେଖାରୁ ଏହା ଗୃହୀତ । ମହାତ୍ମାଙ୍କ ଜୀବନ ଓ ଜୀବନାଦର୍ଶ ଭାଗବତ ପରି ଲେଖାଯାଇଥିବାରୁ ଏହା ଓଡ଼ିଆ ଲୋକମାନଙ୍କୁ ବିଶେଷ ପ୍ରଭାବିତ କରିଥିଲା । ମହାତ୍ମାଙ୍କର ଉପଦେଶକୁ ଲୋକଙ୍କୁ ବୁଝାଇବାକୁ ଯାଇ ସିଂହ ମହାଶୟ ଏହି ପୁସ୍ତକର ଏକ ସ୍ଥାନରେ ଲେଖିଥିଲେ :

ଆହୁରି ଏକ ଉପଦେଶ । ସ୍ୱଦେଶୀ ହୋଇବ ଅବଶ୍ୟ ।।
ସ୍ୱଦେଶୀ ବୋଲି ତାକୁ କହି । ନିକଟେ ଯାହା ବା ମିଳଇ ।।
କର ତାହାର ବ୍ୟବହାର । ଦୂର ବିଷୟ ପରିହର ।।
ପିତୃ ପିତାଙ୍କ ଧର୍ମ ଯାହା । ଅବଶ୍ୟ ଆଚରିବ ତାହା ।।
ତହିଁରେ ଥିଲେ କିଛି ଦୋଷ । ତା' ସବୁ ତେଜିବ ଅବଶ୍ୟ ।।
ନୂତନ ଭାବ ତହିଁ ଦେଇ । ଆପଣା ଧର୍ମେ ଥିବ ରହି ।।
ହିନ୍ଦୁ ଧରମ ଅଟେ ସାର । ରକ୍ଷଣଶୀଳ ନୀତି ତାର ।।
ସ୍ୱଦେଶୀ ଭାବ ଅଛି ଯେଣୁ । ପ୍ରବଳ ଶକ୍ତି ତାହା ତେଣୁ ।।
ସ୍ୱଭାବେ ବଢ଼ଇ ଉଦର । ଯଥେଚ୍ଛା ହୋଇବ ବିସ୍ତାର ।।
ଏହାର ଏମନ୍ତ ଶକତି । ପୁରାକାଳରେ ଏହି ନୀତି ।।
ବୌଦ୍ଧ ଧରମ ଏ ଧର୍ମରେ । ମିଶିଲା ଅତି ସହଜରେ ।।
ସ୍ୱଦେଶୀ ଭାବ ମନେ ବହି । ହିନ୍ଦୁ ତା ଧର୍ମ ନ ଛାଡ଼ଇ ।।
ସଂସାରେ ଅଛି ଯେତେ ଧର୍ମ । ସକଳ ଧର୍ମ ସାର ମର୍ମ ।।
ହିନ୍ଦୁ ଧର୍ମରେ ଅଛି ରହି । ତେଣୁ ହିନ୍ଦୁ ତା ନ ଛାଡ଼ଇ ।।
ରାଜନୀତିରେ ସେହିପରି । ସ୍ୱଦେଶୀ ଭାବ ଥାଏ ପୂରି ।।
ରାଜନୀତିରେ ଧର୍ମଭାବ । ନଥିଲେ ଅନିଷ୍ଟ ହୋଇବ ।।
ରାଜନୀତିରୁ ଧର୍ମଭାବ । ଯେବେ ବା ପୃଥକ କରିବ ।।
ସେ ରାଜନୀତି ମୃତ ପ୍ରାୟ । ହୋଇବ ଏ କଥା ନିଶ୍ଚୟ ।।



Source: Author, Digitized by PPRACHIN, SOA

ଆମ ଦେଶରେ ରାଜନୀତି । ସନ୍ତତ ଥିଲା ଧର୍ମ ସାଥି ।।
ଏବେ ହୋଇଛି ଭିନ୍ନ ଭିନ୍ନ । ତେଣୁ ସେ ହୋଇଛି ନିଘନ ।।
ଆଜି ସକଳେ ଅସନ୍ତୁଷ୍ଟ । ଯେଣୁ ତା ହୋଇଛି ନିକୃଷ୍ଟ ।।

ଗାନ୍ଧି ମହାତ୍ମ୍ୟରେ ବର୍ଣ୍ଣିତ ଗାନ୍ଧିବାଦ ବାସ୍ତବିକ ଯୁଗାନ୍ତକାରୀ ଭାବଧାରା । ସେତେବେଳର ଜନମାନସକୁ ଏହା ଆଲୋଡ଼ିତ କରିଥିଲା । ପୁସ୍ତକର ପ୍ରସାର ସୁଦୂର ମାନଭୂମ ଓଡ଼ିଆ ଅଞ୍ଚଳକୁ ହୋଇପାରିଥିଲା ଏହାର ତତ୍ତ୍ୱ ପାଇଁ ।

୧୯୩୦ ଦଶକରେ ମହାତ୍ମାଙ୍କର ଆଇନ୍ ଅମାନ୍ୟ ଆନ୍ଦୋଳନ ତଥା ଲବଣ ସତ୍ୟାଗ୍ରହ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସର ଏକ ଅବିସ୍ମରଣୀୟ ପର୍ଯ୍ୟାୟ । ଓଡିଶାରେ ଏହା ଏକ ନୂତନ ଆଲୋଡନ ଆଣିଥିଲା । ଅସହଯୋଗ ଆନ୍ଦୋଳନଠାରୁ ଅଧିକ ପ୍ରଶସ୍ତତର ତଥା ଗଣାଭିମୁଖୀ ଏହି ପର୍ଯ୍ୟାୟ ଓଡିଆ ସାହିତ୍ୟ ଉପରେ ବିଶେଷ ପ୍ରଭାବ ବିସ୍ତାର କରିପାରିଥିଲା । ୧୯୩୦ରେ ଆଇନ ଅମାନ୍ୟ ଆନ୍ଦୋଳନକୁ ସମର୍ଥନ କରି ନାରୀ ଜାଗରଣ ଓଡିଶାରେ ବିଶେଷରୂପେ ମୁଣ୍ଡଟେକିଲା । କୁନ୍ତଳାକୁମାରୀ ସାବତଙ୍କର "ଆହ୍ୱାନ"ବିପ୍ଳବର ନବ ସ୍ୱାକ୍ଷର ବହନ କରି ୧୯୩୦ରେ ପ୍ରକାଶ ପାଇଥିଲା । ୧୧ ମାର୍ଚ୍ଚ ୧୯୩୦ରେ ଏହା ପ୍ରକାଶିତ ହୋଇ ସହସା ଓଡିଶାର ଗ୍ରାମାଞ୍ଚଳରେ ପ୍ରସାରିତ ହୋଇଥିଲା । ଏଥିରେ କୁହାଯାଇଥିଲା-"ସେନାପତି ଆଜି ଦେଇଛନ୍ତି ଡାକ/ ଉଠ ଭାରତର ବୀରପୁତ୍ରଯାକ//ଅପୂର୍ବ ଅସହଯୋଗ ରଣାଙ୍ଗନେ/ଆଣ୍ଟେ ଅଣ୍ଟାକସି ପଶ ଜଣେଜଣେ// ଭାରତର ଯେତେ ବୀରଗୁଣମଣି/ ଚାଲି ଆସ ସେନାପତି ଡାକ ଶୁଣି//ଗାନ୍ଧି ଯୋଗୀବର ତୁମର ଅଗ୍ରଣୀ/ ଶିବ ସ୍ମରି ଉଠ ତରୁଣତରୁଣୀ// ପୁରୁଷମାନଙ୍କୁ ଏପରି ଆହ୍ୱାନ ଦେଇ ପୁଣି କୁନ୍ତଳା ଜଣାଇଥିଲେ-"ହେ ପୁରୁଷେ ଯଦି ନଉଠ ଏଥର/ ଆମେ ରଣ ବେଶେ ହେବୁ ଅଗ୍ରସର//ଆମେ ନାରୀଗଣ କୋଣରୁ ବାହାରି/ଧରିବୁଁ ଅସହଯୋଗ ତରବାରୀ//ଶାନ୍ତି ସତ୍ୟାଗ୍ରହ ମହାରଣ ସ୍ଥଳେ/ଶୋଭାଯାତ୍ରା କରି ଯିବୁଁ ଦଳେଦଳେ// ଟାଙ୍ଗୁଥାଉ ଫାଶି ଖୁଣ୍ଟେ ଆମମୁଣ୍ଡ/ ଆମେ ଯେ ନଡରୁ ଚିତା ଅଗ୍ନିକୁଣ୍ଡ//" ଏପରି ଆହ୍ୱାନ ଥିଲା ଅଭୂତପୂର୍ବ ଏବଂ ଏହା ଏତେ ପରିମାଣରେ ବିପ୍ଳବାତ୍ମକ ହୋଇଥିଲା ଯେ ସରକାର ଶୀଘ୍ର ଏହାର ଇଂରାଜୀ ଅନୁବାଦ କରାଇ ବାଜ୍ୟାପ୍ତ କରାଇଥିଲେ । କୁନ୍ତଳା ବିପ୍ଳବର ଯେଉଁ ଅନଳ ମନ୍ତ୍ର "ଆହ୍ୱାନ"ରେ ଭରିଦେଇଥିଲେ ତାହାର ପ୍ରସାରଣ ବେଳକୁ ସେହି ୧୯୩୦ରେ ରାମପ୍ରସାଦ ସିଂହଙ୍କ ରଚିତ "ବୀରବିଦ୍ରୋହୀ"ଅନୁରୂପ ଚିତ୍ର ବହନ କରି ଆତ୍ମପ୍ରକାଶ କରିଥିଲା । ବିପ୍ଳବୀ ରାଜକୃଷ୍ଣ ବୋଷଙ୍କ ଆହ୍ୱାନରେ ରଚିତ ଏହି କବିତାରେ ବିଦ୍ରୋହର



Source: Author, Digitized by PPRACHIN, SOA

ତତ୍ତ୍ୱ ପ୍ରସାରିତ। ଏଥିରେ କୁହାଯାଇଛି-"ଆସରେ ଓଡିଆ ପୁଏ ଗରବେ ଗରଜି/ସୁପ୍ତସିଂହ ରାଜକୃଷ୍ଣ ଡାକ ହୃଦେ ହେଜି ବୀର ବିଦ୍ରୋହୀ ହେ // ଥରେ ଭାବି ଦେଖ ରକ୍ତ ନଈକି ସୁନ୍ଦର/ ପହଁରିବାକୁ କିତବ ନବଳେ ଅନ୍ତର ବୀର ବିଦ୍ରୋହୀ ହେ /++++ ମହାମହିମ ସାଧକ ମହାତ୍ମା ଆଦେଶେ / ଅହିଂସା ମନ୍ତ୍ରରେ ଆଜି ଉଠରେ ଉଲ୍ଲାସେ ବୀର ବିଦ୍ରୋହୀ ହେ // କଟକ ଲୋକସେବାଶ୍ରମରୁ ପ୍ରକାଶିତ ଏହି କବିତାଟି ସରକାରଙ୍କ କଡା ନଜରକୁ ଆସି ବାଜ୍ୟାପ୍ତ ହେଲା। ୧୯୩୧ରେ ମହାତ୍ମାଗାନ୍ଧୀ ନିୟନ୍ତ୍ରିତ ଲବଣ ସତ୍ୟାଗ୍ରହର ପ୍ରସାର ନିମନ୍ତେ ସ୍ୱରାଜ ସାହିତ୍ୟ ମନ୍ଦିରର ଅନେକ ପୁସ୍ତକ ପ୍ରକାଶ ପାଇଥିଲା। ସେ ମଧ୍ୟରେ "ସତ୍ୟାଗ୍ରହ ବିଜୟ", "ଜାତୀୟ ସଂଗୀତ", "ରାଜନୈତିକ ପୂଜାର ବଳୀ","ସ୍ୱରାଜ କଥା", "ରକ୍ତଚିତା", "ବିଦେଶୀ ଲୁଟି", "ସ୍ୱରାଜ ଗୀତା"। ଏସବୁ ପୁସ୍ତକ କଟକ ଚଉଧୁରୀ ବଜାର ଅନ୍ତର୍ଗତ ଜାଉଁଳିଆ ପଟିର ସ୍ୱରାଜ ବହିଦୋକାନରେ ଗଚ୍ଛିତ ଥିଲା। *ସତ୍ୟାଗ୍ରହ ବିଜୟ* କଟକ ଲୋକସଭା ପ୍ରେସରେ ରାଜକୃଷ୍ଣ ବୋଷଙ୍କଦ୍ୱାରା ୧୯୩୧ରେ ମୁଦ୍ରିତ ହୋଇଥିଲା। ଲେଖକ ଛଦ୍ମନାମରେ ଶ୍ରୀବିଜୟୀ ବୋଲି ସୂଚିତ ହୋଇଥିଲେ। ସତ୍ୟାଗ୍ରହ ବିଜୟ ପୁସ୍ତିକାର ଆରମ୍ଭରେ ଲେଖାଯାଇଥିଲା-"ଜାତୀୟ ସଭାରେ ସ୍ୱାଧୀନତା ପାଇଁ ପଡିଲା ସମର ଡାକଯେ/ହିମାଳୟଠାରୁ କୁମାରିକାଯାଏ କମ୍ପିଲା ଭାରତ ଜାଗଯେ/ ଗାନ୍ଧୀ ସେନାପତି ହେଲେ-ସତ୍ୟାଗ୍ରହ ମନ୍ତ୍ର ଦୀକ୍ଷା ଦେଲେ ଯେ//ଆମ ରାଇଜରେ ପଡିଗଲା ହୁରି ଚଉଧୁରୀ ଗୋପବନ୍ଧୁ/ସେନାପତି ହୋଇ ଡାକ ଦେଲେ ଭାଇ ତୁଟାଅ ବିଦେଶୀ ଫାନ୍ଦୁ/ଆମ ଏ ସୁନା ରାଇଜ ଝଟତିରେ ବୀରେ ହୁଅ ସାଜ// କବିତାରେ ଇଞ୍ଚୁଡି ଲୁଣମରା ପ୍ରସଙ୍ଗ ଆଲୋଚିତ। ଏହି ପୁସ୍ତିକା ୧୯୩୦ ଦଶକରେ ବହୁ ଗାନ୍ଧୀବାଦୀ ଓଡିଆଙ୍କୁ ଦେଶପ୍ରେମର ଅନଳମନ୍ତ୍ରରେ ଦୀକ୍ଷିତ କରିଥିଲା।

୧୯୩୦ରେ ବୀରକିଶୋର ଦାସଙ୍କ ପ୍ରକାଶିତ କବିତା ସଂଗ୍ରହ "ବିଦ୍ରୋହୀ ବୀଣା", ୧୯୩୨ରେ ପ୍ରକାଶିତ ତାଙ୍କର କବିତା ସଂଗ୍ରହ "ରଣଭେରୀ" ଏବଂ "ରଣଦୁନ୍ଦୁଭୀ" ବିପ୍ଳବର ସ୍ୱାକ୍ଷର ବହନ କରି ଗ୍ରାମେଗ୍ରାମେ ପ୍ରଚାରିତ ହୋଇଥିଲା ଏବଂ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହୋଇଥିଲା। ବିଦ୍ରୋହୀ ବୀଣାରେ ପ୍ରଥମେ ସାତଟି କବିତା ଥିଲା। ଏହା ୧୯୩୦ରେ ସତ୍ୟବାଦୀ ପ୍ରେସ କଟକରେ ମୁଦ୍ରିତ ହୋଇଥିଲା। ବିପ୍ଳବର ଅସାଧାରଣ ସ୍ୱର ବହନ କରିଥିବା ଏହି କବିତା ସଂକଳନର ଏକ କବିତାରେ ଲେଖାଯାଇଥିଲା- "ତୋ ବିଜୟ ବାଦ୍ୟ ବଜାରେ ସୈନିକ ଆଜି ଭାରତ ସ୍ୱାଧୀନ ରଣ/ ସ୍ୱାଧୀନ ଯୁଗର ଶୁଭ କୁମ୍ଭ ବସା ଶିବିରେ ଉଡା କେତନ/ ଦମନ ନୀତିର ଘନ ଗରଜନ/ ବଧିର କଲାଣି



Source: Author, Digitized by PPRACHIN, SOA

ମରଣର କାନ// କାରାଗାରଠାରୁ ପାରାବର ଯାଏ ଲୁଣ୍ଠିତ ଜୀବନଧନ/ ଡାକୁ ପଛେ ଅରି ଅନୀତିଅନଳ ଭକତ ତୁରଖ ରକତ ଶୀତଳ//ଗଗନେ ପବନେ ଲଗା ତୋ ଆଳତି ସାଜତୁ ପୁହ୍ଳେଇ ଜହ୍ନ /"ଏହିପରି ବିପ୍ଳବାତ୍ମକ କବିତା ମଧ୍ୟରେ ବୀରକିଶୋର ଯେଉଁ ଚେତନା ଭରିଦେଇଥିଲେ ତାହା ଅସାଧାରଣ ଏବଂ ନୀରବ ଜନତାଙ୍କୁ ଜାଗ୍ରତ କରାଇଥିଲେ। ୧୯୩୨ରେ ମଧ୍ୟ ଅନ୍ୟ କେତେକ ବିପ୍ଳବାତ୍ମକ କବିତା ପ୍ରକାଶ ପାଇଥିଲା। କାଶୀନାଥ ବାରିକଙ୍କ ରଚିତ ସ୍ୱରାଜ୍ୟ ତରଙ୍ଗ, ସ୍ୱରାଜ୍ୟ ବିଜୁଳି, ସ୍ୱରାଜ୍ୟ ଭେରୀ ଏବଂ ସ୍ୱରାଜ୍ୟ ଘଡଘଡି ଉପନିବେଶୀ ଶାସନ ଉପରେ ପ୍ରଚଣ୍ଡ ଆଘାତ ଦେଇଥିଲା। ସ୍ୱରାଜ୍ୟ ତରଙ୍ଗରେ କବି ଲେଖିଥିଲେ-"କି ଗୀତ ଗାଇବି କି ହିତ କହିବି ମନେ ହେଉନାହିଁ ଭାଇ/ ଭଲାବେଳରେ ମୁଁ ଗୀତ ଗାଇ ଦେଲି ମୋ ଭାଇ ରହିଲେ ଚାହିଁ// ଥରେ ମାରି ଦେଶୀ ଲୁଣ ଦେଖାଇଲେ ଜଗତରେ ଟାଣ/ ବିଦେଶୀ ବସନ ଶୀଘ୍ର ପୋଡିଦିଅ ଭାରତ ହେବ ସ୍ୱାଧୀନ//ସରୁଫୁଲ ଧଡି ଚହଟ ଚିକଣେ ନବଳାଅ ଭାଇ ମନ/ ଖଦଡକୁ ବେଗେ ପିନ୍ଧି ଟାଣ କରି ଭାଇ ଅଣ୍ଟାବିନ୍ଧ//

ଆଇନ୍ ଅମାନ୍ୟ ଆନ୍ଦୋଳନ ପରେ ପରେ ୧୯୩୪ ମସିହାବେଳକୁ ପ୍ରଗତିଶୀଳ ଚେତନା ଓଡିଶାରେ ପରିବ୍ୟାପ୍ତ ହେଲା। ମାର୍କସ୍‌ବାଦୀ ଭାବନାକୁ ଓଡିଶାରେ ପ୍ରସାରିତ କରିବା ସଂଗେସଂଗେ ବ୍ରିଟିଶ୍ ଉପନିବେଶପ୍ରବାହବିରୋଧୀ ଚେତନା ଓଡିଶାର ସବୁ ଶ୍ରେଣୀକୁ ବ୍ୟାପିବାକୁ ଲାଗିଲା। ନବୀନ,ସାରଥି, ନବଭାରତ, ଆଧୁନିକ, କୃଷକ ଓ ଶ୍ରମିକ ପରି ସାପ୍ତାହିକ ତଥା ମାସିକ ଓଡିଆ ପତ୍ରପତ୍ରିକା ମାଧ୍ୟମରେ ଏକ ବୈପ୍ଳବିକ ଚେତନା ଓଡିଶାର ସବୁ ଶ୍ରେଣୀକୁ ପ୍ରଭାବିତ କଲା। ଏହି ପର୍ଯ୍ୟାୟରେ ୧୯୩୪ରେ ସାରଥି ସାପ୍ତାହିକ ପତ୍ରିକାର ପ୍ରଥମ ବର୍ଷ ତୃତୀୟ ସଂଖ୍ୟା(୧୯୩୪, ମାର୍ଚ୍ଚ ୧୯)ରେ ଭଗବତୀ ପାଣିଗ୍ରାହୀଙ୍କ ଅଗ୍ରଲେଖା "ପୃଥିବୀର ସଂକଟ ଓ ସେଥିରୁ ନିସ୍ତାର ପାଇବାର ଉପାୟ"ପ୍ରଗତିଶୀଳ ଚେତନାର ବାର୍ତ୍ତା ବହନ କରିଥିଲା। (ଶତପଥି ବିଜୟକୁମାର, ଓଡିଆ ସାହିତ୍ୟରେ ପ୍ରଗତିବାଦୀ ଧାରା, କଟକ, ୧୯୯୫) ଭିନ୍ନ ଉଦ୍ଦେଶ୍ୟରେ ରଚିତ ଅଭିରାମ ପରମହଂସଙ୍କର "କଳି ଭାଗବତ" ୧୯୩୪ରେ ପ୍ରକାଶ ପାଇ ଇଂରେଜ ସାମ୍ରାଜ୍ୟବାଦର ଖୋଲା ସମାଲୋଚନା ପ୍ରଚାରିତ ହୋଇଥିଲା। କଳି ଭାଗବତ ଗାନ୍ଧୀବାଦୀ ସତ୍ୟାଗ୍ରହ ଉପରେ ଆବଶ୍ୟକୀୟ ଗୁରୁତ୍ୱ ଦେଇଥିଲା। ୧୯୩୦ରୁ ୧୯୩୯ ମଧ୍ୟରେ ଓଡିଆ ସାହିତ୍ୟର ଏକ ବିଶିଷ୍ଟ ଅଂଗ ହିସାବରେ ଏହି ପ୍ରଗତିଶୀଳ ଚେତନା ମୁଣ୍ଡଟେକିଲା। ୧୯୩୫ରେ ଗୁରୁଚରଣ ପଟ୍ଟନାୟକଙ୍କରଚିତ "ଭାରତରେ ଇଂରେଜରାଜ"ପ୍ରକାଶ ପାଇ



Source: Author, Digitized by PPRACHIN, SOA

ବାଜ୍ୟାପ୍ତ ହୋଇଥିଲା। ଏଥିରେ ଇଂରେଜ ସରକାରଙ୍କ ସାମ୍ରାଜ୍ୟବାଦୀ ନୀତି ଓ ଉପନିବେଶିକ ଅର୍ଥନୀତିର କଠୋର ସମାଲୋଚନା ପ୍ରକାଶ ପାଇଥିଲା। ୧୯୩୭ରେ ନିତ୍ୟାନନ୍ଦ ମହାପାତ୍ରଙ୍କର "ଗାନ୍ଧୀବୁଢ଼ା", ୧୯୩୯ରେ ପ୍ରକାଶିତ ଯତୀନ୍ଦ୍ରମୋହନ ମହାପାତ୍ରଙ୍କର "ଚଷାଭାଇ ଗୀତ"ଏବଂ ବନମାଳୀ ମହାରଣାଙ୍କର "ରଇତ ଭାଇ"ଯୁଗାନ୍ତକାରୀ ରଚନା। ଚଷାଭାଇ ଗୀତରେ କବି ଲେଖିଥିଲେ-"ଆମରି ଦେଶର ଚଷାଭାଇରେ ତୁ ଲଙ୍ଗଳ ଯୁଆଳି ଫାଳ ସମ୍ଭାଳ/ ଲାଠି ବଲମ ବନ୍ଧୁକ ପିସ୍ତଲ ନେପାଳି ଛାଟକୁ ଆଉ ନଡର// ଗୋଇଠା ଚାପୁଡ଼ା ଜୋତାମାଡ ଯେତେ ବୋମାବୃଷ୍ଟି ହେଲେ ଭୟ ନକର/ ତୋ ଦେଶ ଅହିଂସା ସମର ପ୍ରାଙ୍ଗଣେ ଚାଲ ଚଷାଭାଇ ଚାଲଚାଲ//"ଅଗରପଡ଼ା ଛାତ୍ରସଂଘର କର୍ମୀ ଯତୀନ୍ଦ୍ରମୋହନ ମହାପାତ୍ର ବିପ୍ଲବର ସ୍ୱର ଦେଇ ଚଷାଭାଇକୁ ସୁପ୍ତ ଅବସ୍ଥାରୁ ଜାଗ୍ରତ କରିଥିଲେ। ସାମ୍ରାଜ୍ୟବାଦୀ ଶକ୍ତି ନିକଟରେ ନବଯୁଗର ବାର୍ତ୍ତା ପାଇଁ "ରକ୍ତଶୀଖା" କବିତାଗୁଚ୍ଛ ୧୯୩୯ରେ ଖୋର୍ଦ୍ଧାର ପ୍ରସିଦ୍ଧ ସାମ୍ୟବାଦୀ ନେତା ଗୋକୁଳ ମୋହନ ରାୟଚୁଡ଼ାମଣୀ ଓଡ଼ିଶାରେ ସର୍ବତ୍ର ପ୍ରସାର କରାଇଥିଲେ। ସେ ନିଜେ ମଧ୍ୟ "ଧ୍ୱଂସରେ ମୁକ୍ତି" ନାମକ କ୍ଷୁଦ୍ର ପୁସ୍ତିକା ଏହି ସମୟରେ ପ୍ରକାଶ କରି ଇଂରେଜ ସରକାରଙ୍କ କୋପଦୃଷ୍ଟି ଆକର୍ଷଣ କରିଥିଲେ। ୧୯୩୮-୩୯ରେ କୃଷକ ପତ୍ରିକାରେ ସାରଙ୍ଗଧର ଦାସ, ମାଳତୀ ଚୌଧୁରୀ ପ୍ରଭୃତିଙ୍କ ଗଦ୍ୟରଚନା ବୈପ୍ଳବିକଚେତନାର ବାର୍ତ୍ତା ବହନ କରିଥିଲା। ଏଥିରେ ପ୍ରକାଶିତ ସଚ୍ଚିଦାନନ୍ଦ ରାଉତରାୟଙ୍କ କବିତା "ସର୍ବହରାର ଉଡେ ନିଷାଣ" ଉପନିବେଶପ୍ରବାହବିରୋଧୀ ହୋଇଥିବାରୁ ଇଂରେଜ ସରକାରଙ୍କ ଶକ୍ତ ନଜରକୁ ଆସିଥିଲା। ୧୯୩୯ରେ ସଚ୍ଚିଦାନନ୍ଦ ରାଉତରାୟ "ଛାତ୍ରଶକ୍ତି"ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। ଏହି ସମୟରେ ନିଖିଳ ଉତ୍କଳ ଛାତ୍ରସଂଘର ବୁଲେଟିନ୍ "ଛାତ୍ର"ର ଅଗ୍ରଲେଖାମାନ ଉଗ୍ର ବୈପ୍ଳବିକ ବାର୍ତ୍ତା ଛାତ୍ରସମାଜ ପାଇଁ ଆଣିଥିଲା। ୧୯୩୦ରୁ ୧୯୪୦ ମଧ୍ୟରେ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ ସମାଜର ସବୁ ଶ୍ରେଣୀ- କୃଷକ, ଶ୍ରମିକ, ନାରୀ, ଛାତ୍ର ଏବଂ ଦଳିତମାନଙ୍କୁ ଉପନିବେଶୀ ଶାସନ ବିରୁଦ୍ଧରେ ଜଗାଇ ଦେଇଥିଲା। ଏଥିପାଇଁ ନେତା ଓ କର୍ମୀମାନଙ୍କ ବ୍ୟତୀତ କବି ଓ ଲେଖକମାନଙ୍କର ଭୂମିକାକୁ ଅସ୍ୱୀକାର କରିହେବନାହିଁ। ଏକ ଦୀର୍ଘ ନୀରବ ପର୍ଯ୍ୟାୟ ସହସା ବିପ୍ଳବର ଧାରାରେ ଅବଗାହନ କରି ତେଜି ଉଠିଲା।୧୯୩୭ରେ ଦିହୁଡି ଓ ଦରିଦ୍ର ନିଆଁ ବିପ୍ଳବର ପ୍ରଚାର କରିଥିଲେ। ୧୯୪୨ ସୁଦ୍ଧା ସମ୍ବଲପୁରରୁ ଦୁର୍ଗାପ୍ରସାଦ ଗୁରୁ "ବିପ୍ଳବ ଝଂକାର" ନାମକ ପୁସ୍ତିକା ପ୍ରକାଶ କରି ଶ୍ରମିକ ସତ୍ୟାଗ୍ରହର ଚର୍ଚ୍ଚା କରିଥିଲେ। ୧୯୪୦ ଦଶକରେ



Source: Author, Digitized by PPRACHIN, SOA

ରାମକୃଷ୍ଣ ପତିଙ୍କ ସମ୍ପାଦିତ "ଶ୍ରମିକ" ପତ୍ରିକା ଉଗ୍ର ବୈପ୍ଳବିକ ଚେତନାରେ ଭରି ଉଠିଥିଲା। ଇଂରେଜ ସାମ୍ରାଜ୍ୟବାଦର ଖୋଲା ସମାଲୋଚନା ଏଥିରେ ସ୍ଥାନ ପାଇଥିଲା। ୧୯୩୦ରୁ ୧୯୪୨ରେ ଓଡିଶାରେ ଏକ ଅଭୂତପୂର୍ବ ରାଜନୀତିକ ପ୍ରତିବାଦର ଆଲୋଡନ ଦେଖାଦେଇଥିଲା। ଏହି ଅଭୂତପୂର୍ବ ଆଲୋଡନର ସୂତ୍ରଧାର ଥିଲେ ନବକୃଷ୍ଣ ଚୌଧୁରୀ,ଅନନ୍ତ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ, ସଚ୍ଚିଦାନନ୍ଦ ରାଉତରାୟ, ଭଗବତୀ ପାଣିଗ୍ରାହୀ, ପ୍ରାଣନାଥ ପଟ୍ଟନାୟକ, ରାମକୃଷ୍ଣ ପତି ଏବଂ ଆହୁରି ଅନେକ। ଓଡିଆ ସାହିତ୍ୟ ଏହି ଆଲୋଡନଦ୍ୱାରା ପ୍ରଭାବିତ ହୋଇ ଏକ ଅଭିନବ ପର୍ଯ୍ୟାୟ ଦେଇ ଗତି କରିଥିଲା।

❖❖❖

## ପରିଶିଷ୍ଟ

## ଅରଟ ଚଉତିଶା

ଏହା ୧୯୨୧ରେ ଦ୍ୱାରକାନାଥ ଦେବଶର୍ମ୍ମାଙ୍କ ଦ୍ୱାରା ପ୍ରଣିତ ଏବଂ ବ୍ରଜବନ୍ଧୁ ଦେବଶର୍ମ୍ମାଙ୍କଦ୍ୱାରା ପ୍ରକାଶିତ।

କିମ୍ପା କୃପାସିନ୍ଧୁ ହୁଅ ନିର୍ଦ୍ଦୟ/କୃପା ଅଣୁମାତ୍ରେ ତୁଟିବଭୟ
ଖଗପତି ବାରେ ଦେଖ ନୟନେ/ଖଣ୍ଡ ଭବଭୟ ନରହୁ କ୍ଷଣେ
ଗ୍ରାମ ନଗର ଦୁଇହିଁ ବିଦେଶୀ/ଗାଁ ଛାଡିବାକୁ ନାହିଁ ସ୍ୱଦେଶୀ
ଘରେଘରେ ବାବୁ ଚଳା ଅରଟ/ଘୁଞ୍ଚିଚାଲ ଦିନେ ବିଦେଶୀ ଆଣ୍ଟ
ଅଣାକାର ହୋଇ ବନର ବାବୁ/ଅରଟ ଧରି ସିଦ୍ଧ କରସବୁ
ଚିତ୍ତ ସ୍ଥିରକରି ଧର ଅରଟ/ଚିନ୍ତା ନରହିବ ପିନ୍ଧିଲେ ମୋଟ
ଛାଡ ବିଦେଶୀ ଅସନ ବସନ/ଛାଡ କାମିଜ କୋଟା ଆଉମାନ
ଜନ୍ମଭୂମି ଯାହା ଦିଏ ଆଦରେ/ଜାଣିବା ଲୋକେ ତାନିରଖେ ଦୂରେ
ଝୀନପତନିଟି ଦେଶୀବସନ/ଝକଝକେ ଆଉ ନଭୁଲ ମନ
ନାହିଁ ଭାରତର ନିଜର କିଛି/ନାନା ବିଦେଶୀ ଦ୍ରବ୍ୟରେ ଭରିଛି
ଟେକରଖ ବାବୁ ଦେଶୀ ଦରବେ/ଟାଣ ଭାଙ୍ଗିଯାଉ ବିଦେଶୀ ଗର୍ବେ
ଠାବେଠାବେ ଭାଇ ଚଳା ଅରଟ/ଠିକେ ମେଣ୍ଟିବେ ଦାରିଦ୍ର କଷ୍ଟ
ଡାକି କହୁଛନ୍ତି ଗାନ୍ଧି ମହାତ୍ମା/ଡର ନରଖି ହୁଅ ଏକାତ୍ମା



Source: Author, Digitized by PPRACHIN, SOA

ତୀର କମାଣ କିଛି ନଧରିବା/ଲକ୍ଷନକଲେ( ? ) ସ୍ୱରାଜ୍ୟ ଗଢିବା
ଅରଟରେ ହେବ ବିଦେଶୀ ହତ/ଅନ୍ନ ବସ୍ତ୍ରେ ପୂର୍ଣ୍ଣହେବ ଭାରତ
ଯାର ନାମ ଅଟେ ସୁଦରଶନ/ତାକୁ ଧରିଥିଲେ ଶ୍ରୀଭଗବାନ
ଥୟ ନହୋଇ ଦେଖି ଆମ୍ଭ ଦୁଃଖ/ଥରେ ଦେଇଛନ୍ତି ଗୁଣପରଖ
ଦ୍ରୁତ ଗତିରେ ଚଳିଲେ ଅରଟ/ଦାରିଦ୍ର କଷ୍ଟ ନଆସେ ନିକଟ
ଧନ୍ୟ ଅରଟ ଧନ୍ୟ ତୋ ମହିମା/ଧରି ଏହାକୁ ତର ଦୁଃଖ ସିନା
ନିତି ପ୍ରତି ଅରଟ ଧର ସର୍ବ/ନିତ୍ୟ କର୍ମ ବୋଲି ତାହାକୁ ଭାବ
ପାପ ନକର ପିନ୍ଧିଣ ବିଦେଶୀ/ପବିତ୍ର ଅଟଇ ତୋର ସ୍ୱଦେଶୀ
ଫାଙ୍କା ନକହି ହାତେ କାର୍ଯ୍ୟକରି/ଫେରାଇ ଆଣ ଭାରତର ଶିରି
ବୃଦ୍ଧ ବନିତା ବାଳକ ବାଳିକା/ବାବୁଗିରି ଛାଡି ଧର ଚରଖା
ଭାରତମାତା ଦୁଃଖ ପାରାବାର/ଭାଗ୍ୟବଳ ଥିଲେ ହୋଇବ ଦୂର
ମାସକେ ଅରଟେ ହେବ ନିପୁଣ/ମହାତ୍ମାଗାନ୍ଧି କହେ ପୁଣପୁଣ
ଯନ୍ତ୍ରଣା ବେଶ ବିଦେଶୀ ଆଦରେ/ଯେତେ ଧନତୋ ସରିଲା ସେଥିରେ
ରସାତଳେ ବୁଡିମରେ ଭାରତ /ରକ୍ଷାକର ବାବୁ ତାକୁ କରି ପବିତ୍ର
ଲଜ୍ଜା ନିବାରଣ କର ତାହାର/ଲୁଗା ସ୍ୱଦେଶୀ କରି ବ୍ୟବହାର
ବାପ ପୁଅ ସ୍ୱାମୀ ଅଟେ ଅରଟ/ବିଧବାଏ ଧରି ପୋଷିବେ ପେଟ
ଶିକ୍ଷା ଅଳପେ ନକାଟିବ କାଳ/ଶୀଘ୍ର ଅନ୍ନବସ୍ତ୍ର ହେବ ସବଳ
ଷଡତୋଳା ସୂତା ଦିନେ କାଟିବା/ଷୋଳ — ଚାଖଣ୍ଡେ ହେବ
ସହରେ ଯେତେ ଧନୀ କି ନିର୍ଦ୍ଧନୀ/ସର୍ବେ ଦେଶୀ ପିନ୍ଧ ହୁଅ ହେ ମାନୀ
ହରିଣ ନେଲେ ସର୍ବସ୍ୱ ତୁମ୍ଭର/ଛଳ ପଦାର୍ଥେ ନକର ନିର୍ଭର
କ୍ଷମାକର ଅପରାଧ ମୋହର/କ୍ଷମାଶୀଳ ମୁକ୍ତି ଦିଅ ସତ୍ୱର

### ରାଗ-ପୁରବୀ

ଅରଟ ! ଘରେଘରେ ଏବେ ପୂଜ ।
କଳିକାଳେ ତୁହି ସୁଦର୍ଶନ ଚକ୍ର ନାଶ ଏ ଯନ୍ତ୍ରଣା ଘୋର
ଭାରତ ସନ୍ତାନ ଅଜ୍ଞାନରେ ଅନ୍ଧ ହୋଇକରି ତୋତେ ଦୂର
ଜନନୀ ଜନମ ଭୂମିରୁ ତାଙ୍କର( ? ) ରତ୍ନ ଘେନିଗଲା ଚୋର । ୧



Source: Author, Digitized by PPRACHIN, SOA

ସଧବାର ହୁଅ ଶ୍ରୀକର ଭୂଷଣ ବିଧବା ପୋଷଣ ହାର
ଧନୀ କି ନିର୍ଦ୍ଧନୀ ବିଦ୍ୱାନ ଅଜ୍ଞାନ ସକଳ ପାଅ ଆଦର
ବିଦେଶୀକୁ ତ୍ୟକ୍ତ କରନ୍ତୁ, ଭାରତ ସନ୍ତାନଙ୍କୁ ଦିଅ ବଳ
ଭାରତଭବନେ ଅର୍ଚ୍ଚନା ତୁ କରି ଦୁଃଖ ତାର କରଦୂର
ସ୍ୱଦେଶୀ ଧରଣେ ମୁକ୍ତ ହୋଇଯିବ ଭାରତ ସ୍ୱରାଜ୍ୟ ଦ୍ୱାର
ସେଥିଯୋଗୁ ତୋତେ ବରଣ କରିଛି ଦରିଦ୍ର ସମୁହ ତାର

## ରାଗ-ବଙ୍ଗଳାଶ୍ରୀ

ମହାତ୍ମା ବଚନ ଶୁଣ ଭାଇମାନେ ଅରଟକୁ ଆଶ୍ରାକର
ମୋଟା ଭାତ ଖାଅ ମୋଟା ଲୁଗା ପିନ୍ଧ ଦୁଃଖ ଦୈନ୍ୟ କରଦୂର । ୧
ବିଦେଶୀ ବଣିକ ଅର୍ଥ ଶୋଷି ନେଲେ କରଭାରେ ଭଣ୍ଡି ଦେଇ
ବାହ୍ୟ ଆଡମ୍ବରେ ନଭୁଲରେ ଆଉ ସୌନ୍ଦର୍ଯ୍ୟ ନୁହଇ ସ୍ଥାୟୀ ୨
ମୋ ପୂର୍ବପୁରୁଷ ଧରିଣ ଅରଟ ସୁଖେ କାଟୁଥିଲେ ଦିନ
ସଭ୍ୟତା ପାଇଲ ସ୍ୱଦେଶୀ ଛାଡିଲ ଘୋଟିଗଲା ଦଶା ଦିନ ।୩
ସେଦିନ ଦଶାକୁ ଏଡିବାକୁ ଏକା ଅରଟ ଅଟ ସମର୍ଥ
ହାତେ ସୂତାକାଟି ଲୁଗାପିନ୍ଧ ଭାଇ ସ୍ୱଦେଶରେ ରହୁ ଅର୍ଥ ।୪
ସଭ୍ୟତା ବୋଲିଣ ଯାହାକୁ ଧରିଛ ଅସଭ୍ୟତା ଅଟେ ସେହି
ସ୍ୱଦେଶୀକି ଛାଡ ବିଦେଶୀକି ଲୋଡ କିପରି ସଭ୍ୟତା ଏହି ।୫
ଭାରତମାତାର ବରପୁତ୍ର ଗାନ୍ଧି କହୁଛନ୍ତି ବାରମ୍ବାର
ଯାହା ନିବାରଣ କରିବା କାରଣ ନମାଡ ବିଦେଶୀ ଦ୍ୱାର ।୬
ହିଂସାଦ୍ୱେଷ ଛାଡ ସର୍ବେ ହୁଅ ମେଳ ସ୍ୱାଧୀନତା ଉଷାକାଳେ
ନବଜାଗରଣେ ଅରଟକୁ ଚଳା କୀର୍ତ୍ତି ରହୁ କାଳେକାଳେ ।୭
ଜନ୍ମଭୂମି ଯାହା ଦିଏ ଆଦରରେ କେବଳ ତୁମ୍ଭର ସେହି
ବିଦେଶୀ ଦରବେ ଅପବିତ୍ର ଆଉ ନକର ଭାରତ ମହୀ ।୮
ବଦ୍ଧପରିକର ହୁଅ ଭାଇସର୍ବେ ସୂତାକାଟ ନୀତିପ୍ରତି
ସ୍ୱରାଜ୍ୟର ଅସ୍ତ୍ର ଅରଟ ଏକାଟି ଅନ୍ୟ କିଛି ନାହିଁ ଗତି ।୯
ସ୍ୱାଧୀନତା ଗଙ୍ଗା ପ୍ରବାହିତ ହେଇଛି ଅଗ୍ରେ ତାର ଭାଗିରଥି
ସେହି ଜଳେ ସ୍ନାନ ଭାରତ ସନ୍ତାନ କରି ଶୀଘ୍ର ପାଅ ମୁକ୍ତି । ୧୦



Source: Author, Digitized by PPRACHIN, SOA

କର୍ତ୍ତବ୍ୟ ବୋଲିଣ ଯାହାକୁ ବିବେକ ଥରେ ଧରାଇଣ ଥାଏ
କର ଭାଇ କାର୍ଯ୍ୟ ସେହି ଅନୁସାରେ ବାଧାବିଘ୍ନ ଦେବକିଏ। ୧ ୧
ବିଦେଶୀ ବର୍ଜ୍ଜନ ସ୍ୱଦେଶୀ ଗ୍ରହଣ ଅଟେ ଏକା ମୂଳ କାର୍ଯ୍ୟ
ମହାତ୍ମା କହନ୍ତି ଅରଟ ସାହାଯେ ପାଇବ ତୁମ୍ଭେ ସ୍ୱରାଜ୍ୟ। ୧ ୨
(ପୁସ୍ତିକାଟି ଗ୍ରାଣ୍ଡ୍ ଷ୍ଟ୍ରିଟ୍ କଲିକତାରେ ମିଳୁଥିଲା।)

**ସ୍ୱରାଜ୍ୟ ତରଙ୍ଗ:ପ୍ରଣେତା ଓ ପ୍ରକାଶକ କାଶୀନାଥ ବାରିକ(ତାଙ୍କର ଅନ୍ୟ ରଚନା-ସ୍ୱରାଜ୍ୟ ବିଜୁଳି, ସ୍ୱରାଜ୍ୟ ଭେରୀ, ସ୍ୱରାଜ୍ୟ ଘଡ଼ଘଡ଼ି ୧୯୩୨ରେ ମୁଦ୍ରିତ ହେବାକୁ ଥିଲା।)**

କି ଗୀତ ଗାଇବି କି ହିତ କହିବି
ମନେ ହେଉନାହିଁ ଭାଇ
ଭଲାବେଳରେ ମୁଁ ଗୀତ ଗାଇଦେଲି
ମୋ ଭାଇ ରହିଲେ ଚାହିଁ
ଥରେ ମାରି ଦେଶୀ ଲୁଣ
ଦେଖାଇଲେ ଜଗତରେ ଟାଣ (୧)

ଆଦର ବେଭାରେ ପ୍ରେମର ନିଶାରେ
କଟି ଯାଉଥିଲା ଦିନ
ଶେଷେ ସର୍କାରଙ୍କ ଭଣ୍ଡପଣ ଦେଖି
କରିଲେ ବେଶ୍ ରଣ
ଶତ୍ରୁ ହାରି କଲା ସନ୍ଧି
କାରାଗାରୁ ମୁକୁଳିଲେ ବନ୍ଦୀ (୨)

ଭାରତର ଶଶି ଜାହାଜରେ ବସି
ଚଳିଲେ ଦୂର ବିଲାତେ
ତାଙ୍କରି ସଙ୍ଗତେ ନେତା ନେତ୍ରୀ କେତେ
ଧାଇଁଲେ ସାଗର ପଥେ
ଚାରିଆଡୁ ଲୋକଦୃଷ୍ଟି
ସରଗରୁ ହେଲା ପୁଷ୍ପବୃଷ୍ଟି (୩)



Source: Author, Digitized by PPRACHIN, SOA

ନିମନ୍ତ୍ରଣ ପାଇ ଗାନ୍ଧି ଯାଇଥିଲେ
ବିଲାତ ଦେଶକୁ ଧାଇଁ
ବିଲାତ ମୁଲକେ ଚହଳ ପଡ଼ିଲା
ସାହାବ ରହିଲେ ଚାହିଁ
ହେଲା ବିଲାତରେ ସଭା
ଶୁଣି ଚର୍ଚ୍ଚିଲ ହୋଇଲେ କାବା (୪)

କୋମ୍ପାନୀ ବଳରେ ବେତାର ବାର୍ତ୍ତାରେ
ଖବର ମିଳିଲା ସବୁ
ବିଦ୍ରୋହୀ ଫକୀର ବୋଲି ନିନ୍ଦୁଥିଲେ
ସାରିଲା ବିଲାତ କାବୁ
ଯେଉଁ ଚର୍ଚ୍ଚିଲ ସାହାବ
ଏବେ ପାଇଲାଣି ପରାଭବ (୫)

କି କଥା କହିବେ ମହାତ୍ମା ମୋହନ
ଦୁନିଆ ରହିଲା ଚାହିଁ
ଗୋଲ ଟେବୁଲରେ ଠିଆ ହେଲାବେଳେ
ରହିଲେ ଗୋରା ଅନାଇଁ
ହଜିଗଲା ତାଙ୍କ ବୁଦ୍ଧି
ଦୁଃଖେ ନିଶ୍ୱାସ ହୋଇଲା ରୁଦ୍ଧି (୬)

ବିଲାତକୁ ଯାଇ କରନ୍ତି ଫକୀର
ସମ୍ରାଟ ଆଗରେ ଟାଣ
କୋଠା ପାହାଚରେ ଚଢ଼ିଣ ଫକୀର
ଡ଼ାକିଲେ ସମ୍ରାଟ ଶୁଣ ହେ
ହସ୍ତ ମିଳାଇଲେ ସୁଖେ
ପ୍ରେମ ବହି ଗଡ଼ିଗଲା ମୁଖେ (୭)



Source: Author, Digitized by PPRACHIN, SOA

ସିଂହ ଦରିଯାରେ ମୁଲିଆ ସାହାବ
ନସର ପସର ହେଲା
ଭାବିଲେ ଫକୀର ସ୍ୱରାଜ୍ୟ ନେଲେତ
ସବୁ ସୁଖ ସରିଗଲା
ଚାଲିଯିବ ଆମ ତେଜ
ନାହିଁ ମିଳିବ ଟୋପାଏ ପେଜ (୮)

କଳା ଗୋରା ମେଳା ଗୋଲ ଟେବୁଲରେ
ତୁଣ୍ଡ କଣ୍ଠ କଲା ପୁଣି
ସାନ ଠାରୁ ବଡ଼ ପର୍ଯ୍ୟନ୍ତେ ଯେ ଯେତେ
ଧରିଲେ ଗୀତ ରାଗିଣୀ
ହେଲା କେତେ କେତେ ପାଲା
ଶେଷ ହୋଇଲା ତ୍ରିନାଥ ମେଳା (୯)

ଅଡୁଆ ସୂତାର ଖିଅ ଧରିବାକୁ
ଯେତେ ଡ଼େରି ଭାଇ ଲାଗେ
କୁଟ ନୀତି କଥା କିଏ ସେ ବୁଝିବ
ଗୋଲ ଟେବୁଲର ଆଗେ
ଗାନ୍ଧି ମୋହନର ବାଣୀ
ସମସ୍ତଙ୍କ ମନ ନେଲା ଟାଣି (୧୦)

ଭଲା ଶୁଭ ବେଳେ ବିଲାତକୁ ଗଲେ
ବିରାଡ଼ିଟା ଦେଲା ଛିଙ୍କି
ଚଉଦ ପଇଣ୍ଟି ଅଠର ପଇଣ୍ଟି
ପଡ଼ିଗଲା ସବୁ ବାକି
ଗୋଲ ଟେବୁଲରେ ଗୋଳ
ଉପୁଜିଲା ମାଳକୁ ମାଳ (୧୧)



Source: Author, Digitized by PPRACHIN, SOA

ଗାନ୍ଧିଙ୍କୁ ଦେଖିଣ ବିଲାତ ବାସୀ ଏ
ଅଜାଙ୍କର ମେଳା କଲେ
ସାନ ବଡ଼ କେତେ ରଙ୍ଗ ବେରଙ୍ଗରେ
ଛେଳି ତହିଁ ଜମା ହେଲେ
ଗାନ୍ଧି ଦୁଧ ଖିଆ ଛେଳି
ସମସ୍ତଙ୍କ ଠାରୁ ଗଲା ବଳି (୧୨)

ଗୋଲଟେବୁଲରେ ବକ୍ତୃତା ଝାଡ଼ିଲେ
କେତେକ ସାହାବ ଯୁଟି
ମୂଷା ଛୁଆ ପରି ଚୁଉଁଚୁଁ ହୋଇଲେ
ନଫିଟିଲା ତାଙ୍କ ପାଟି
ବାପ ଦାଦାଙ୍କୁ ଡ଼ାକିଲେ
କଳକାରଖାନା ରବଦ କଲେ (୧୩)

ଓଲଟା ହୋଇଲା କାଳ ଭାଇମାନେ
ବିଲାତରେ ହେଲାଗୋଳ
ଗାନ୍ଧୀ ଟୋପି ପିନ୍ଧି ସାହେବ ବୁଲିଲେ
ବନ୍ଦ କଲେ ଲୁଗାକଳ
ଫୁଲଗୁନ୍ଥି କଲେ ହାର
ଦେଲେ ମହାତ୍ମାଙ୍କୁ ଉପହାର (୧୪)

ଗୋଲଟେବୁଲରେ ସଭା ଶୁଣି ଶୁଣି
କାନ ହୋଇଗଲା କାଲା
କହିଲେ ମହାତ୍ମା ଯାଉଅଛୁ ବାବୁ
ଶୁଣିଲୁଣି ତୁମ୍ଭ ପାଲା
ଆଉ ସମୟତ ନାହିଁ
ଡ଼ାକିଲେଣି ମୋର ଦେଶ ଭାଇ (୧୫)

ଜୀବନ ଆହୂତି ଦେବାପାଇଁ ଆଜି
ଭାରତ ଯୁବକ ରେଡ଼ି



Source: Author, Digitized by PPRACHIN, SOA

ହୁସିଆର ହୁଅ ବିଦେଶୀ ବଣିକ
ନିଶ ନପାରିବ ମୋଡ଼ି
ତୁମ୍ଭେ ଅନିଶୁଆ ହୋଇ
ବିଦେଶରେ ରହିଥିବ ଶୋଇ (୧୬)

ଅହିଂସା ନୀତିର ମହତ ଏଥର
ଲୋକମାନେ ଗଲେ ବୁଝି
ସରକାରଙ୍କର ଫଉଜ ନିଶାଣ
ସବୁତ ଗଲାଣି ହଜି
ଦେଖ ସତ୍ୟାଗ୍ରହ ବଳ
ବିଦେଶୀଙ୍କୁ କଲା କଲବଲ (୧୭)

ଧର୍ମଯୁଦ୍ଧ ଆଗେ ନଇଁଥାଏ ପରା
ସାରା ଜଗତର ଶିର
ସୁଦର୍ଶନ ଚକ୍ର ବୁଲିଲାଣି ଭାଇ
ପାପୀ ହେବେ ଛାରଖାର
ସବୁ ସରିଲାଣି ସାଠ
ଭାଙ୍ଗିଯିବ ବିଦେଶୀଙ୍କ ହଟ (୧୮)

ଗାନ୍ଧିଙ୍କ ମୁଣ୍ଡରେ ଭଗବାନ ଆଜି
ବାନ୍ଧିଲେଣି ପାଟଶାଢ଼ୀ
କମ୍ପିବ ଗଗନ ରଣଭେରୀ ନାଦେ
ଉଠ ଭାଇ ଅଣ୍ଟାଭିଡ଼ି
ଆମ ଜନ୍ମଭୂମି ଭାଇ
କମ୍ପିଲାଣି ଘନଘନ ମହୀ (୧୯)

ଘନେଇ ଅଇଲା କଳାମେଘ ଦେଖ
ଜନନୀ କରିବ ରଡ଼ି



Source: Author, Digitized by PPRACHIN, SOA

ଶତ ଶତ ବୀର ଯୁଦ୍ଧକୁ ଚାଲିବେ
ଛିଣ୍ଡିବ ଲୁହାର କଡ଼ି
ହେବ ଘନଘଟା ରଣ
ମୁଣ୍ଡ ଚାଲିଯିବ ପଣପଣ (୨୦)

ଯାଇଅଛି ଆଜି କୋମ୍ପାନୀ ରାଇଜ
ହୋଇଛି ରାଜାରାଇଜ
କଳକଉଶଳେ ନାନାଦି ପ୍ରକାରେ
ନେଲେଟି ଆମ୍ଭ ରାଇଜ
ଠକ ବିଦେଶୀ ବେପାରୀ
ତାଙ୍କ ବାପ ଦାଦା କଲେ ଚୋରୀ (୨୧)

ଆମ ଦେଶ ଧନ ଦେଶରେ ରହିବ
ଅରଟ ବୁଲାଅ ଭାଇ
ଅରଟରେ ସୂତା କାଟି କଲେ ଲୁଗା
କେଡ଼େ ସୁନ୍ଦର ଦିଶଇ
ପିନ୍ଧି ଖଦଡ଼ ବସନ
ଶୀଘ୍ର କର ବିଦେଶୀ ବର୍ଜ୍ଜନ (୨୨)

ଦରିଦ୍ରର ହୁଣ୍ଡି ଚଳିଲେ ଦେଶରେ
ବୁଡ଼ିବ ବିଦେଶୀ ମାଲ
ବିଦେଶର ଲୋକେ ନଖାଇ ମରିବେ
ନମିଳିବ ତାଙ୍କୁ ତେଲ
ଶୁଖିଯିବ ତାଙ୍କ ପେଟ
ଘରେଘରେ ଚଳାଅ ଅରଟ (୨୩)

ବିଦେଶୀ ବସନ ଶୀଘ୍ର ପୋଡ଼ିଦିଅ
ଭାରତ ହେବ ସ୍ୱାଧୀନ
ସରୁ ଫୁଲୁ ଧଡ଼ି ଚହଟ ଚିକଣେ
ନ ବଳାଅ ଭାଇ ମନ



Source: Author, Digitized by PPRACHIN, SOA

ଖଦଡ଼କୁ ବେଗେ ପିନ୍ଧ
ଟାଣ କରି ଭାଇ ଅଣ୍ଟା ବାନ୍ଧ (୨୪)
ଦୁଇଶ ବରଷ ପୂର୍ବେ ଏହି ଦେଶ
ରହୁଥିଲେ ଯେଉଁ ଲୋକ
ଅଭାବ କଅଣ ଜାଣି ସେ ନଥିଲେ
ନଥିଲା ଦୁଃଖ ବା ଶୋକ
ମୁଲିଆର ଦଶା ଦେଖି
ଲୁହ ନଝରଇ କାହା ଆଖି (୨୫)

ସବୁ ବହିନେଲେ ବିଦେଶୀ ବେପାରୀ
ହେଲା ଏ ଦେଶ କାଙ୍ଗାଳ
ଚାଲୁଆ ମୂଷାଟି ଗତି ବିଧି ଦେଖି
କାଟିଲା ଦୁନିଆ ଚାଳ
କର ଏ ଦେଶରୁ ପାରି
ମାର ଚାଲୁଆ ମୂଷାଙ୍କୁ ଧରି (୨୬)

ରଣ ଶିଙ୍ଗା ଶଙ୍ଖ ବିଗୁଲ ବାଜୁଛି
ଆସ ବେଗେ ଭାଇ ଧାଇଁ
ଭାବି କହେ ଗୀତ ମୁଁ ଛାର ଭାଇରେ
ଶୁଣ ମୋର ଦେଶ ଭାଇ
ମନେ ମନେ ଗଲ ବୁଝି (୨୭)

**ପ୍ରଥମ ସଂସ୍କରଣ, ୧୯୩୨, ପ୍ରଜାତନ୍ତ୍ର ପ୍ରେସ୍ ବାଲେଶ୍ୱର ।**

## ଚଷାଭାଇ ଗୀତ

**ଲେ-ଯତୀନ୍ଦ୍ର ମୋହନ ମହାପାତ୍ର, ଅଗରପଡା ବିଦ୍ୟାମନ୍ଦିର, ୧୯୩୯**

ଆମରି ଦେଶର ଚଷାଭାଇରେ ତୁ ଲଙ୍ଗଳ ଯୁଆଳି ଫାଳ ସମ୍ବଳ
ବେଉସାଟି ତୋର ଭୁଲୁନାହିଁ କେବେ ବେକାର ତୋହର ହୋଇବ କାଳ(୧)



Source: Author, Digitized by PPRACHIN, SOA

ପାଠ ଦ୍ୱିଅକ୍ଷର ପଢିଲୁ ନାହିଁରେ ଟଙ୍କା ପଇସା କି ନାହିଁ ତୋ ଘରେ,
ବେପାଉନା,କର ଦେଉଥାଉ କେତେ ରାଜାଜମିଦାର ଶୋଷକ ଘରେ( ୨ )
ତାଡି ମଦ ଗଞ୍ଜା ଅଫିମ ନିଶାରେ କେତେ ଟଙ୍କା ପଇସା ତୁ ଗଣୁଛୁ ନିତି
ସୁଧ ଭାଉ ତୋର ବଢିଛି କି କିଛି ପ୍ରତିଷୋଧ ଚିନ୍ତା ତୋ ଦିନ ରାତି ।(୩)
ଚଢିଲୁ ନାହିଁତୁ ଘୋଡା ଗାଡି ଦିନେ ସାଇକେଲ କେବେ ଅବା ମଟର
ସେହି ଚାଷୀ ସିନା ଉଡାଜାହାଜରେ ବୁଲୁଥାଏ ବସି ଇଉରୋପରେ ।(୪)
ଖଜଣା ଟିକସ ବରଷକୁ କେତେ ହେଉଅଛି ତୋହଠାରୁ ଆଦାୟ
କେବେ ତୁ ଜାଣିବୁ କେଉଁ ଉପାୟରେ ତୋ ଅର୍ଜିତ ଟଙ୍କା ହେଉଛି ବ୍ୟୟ ।(୫)
ଗୋଟିଏ ପଇସା ଝାଳବୁହା ଧନ କେତେ କଷ୍ଟେ କରୁ ତୁ ଉପାର୍ଜନ
ଜାଣିଲେଣି କିରେ ଏ ସାଧନା କେତେ ସାହାଦର ରକ୍ତ ପିପାସୁ ଗଣ ।(୬)
କେତେ ଦିନପରେ ଜାଣିବୁ ତୁ ଭାଇ ତୋହ ରକ୍ତ ମାଂସେ ଗଢା ଏ ଦେଶ
ତୋହ ପଇସାରେ ବିଦେଶୀ ବଞ୍ଚିଛି ବରୁ ନିତି କିନ୍ତୁ କେତେ ଦୋଷ ।(୭)
କେତେ ଦିନଧରି ଅନଶନ ତୋର କହିବୁ କି ଭାଇ ମୋହର ପାଶେ
ଜାଣେ ନାହିଁ ମୁହିଁ ଏହି ବ୍ରତ ଅବା ତୋର ସ୍ୱାଧୀନତା ପାଇବା ଆଶେ ।(୮)
ଦିନେ ଖାଇଥିଲେ ତିନି ଦିନ ପାଇଁ ତୋହ କୁଟୀରରେ ନାହିଁ ଟି ଅନ୍ନ
ଉପବାସ କଷ୍ଟ ବାଧେ ନାହିଁ କିରେ ନିତି କେତେ କରୁ ତୁ ଆମନ୍ତ୍ରଣ ।( ୯ )
ତୁମ୍ଭେ ଭାଇଭାଇ ଲାଗ ମରାମରି ଜମିଦାରୀ ପାଶେ ଯାଅ ଦଉଡି
ମୁଠାମୁଠା ଟଙ୍କା ଯେ ଦେଇପାରିଲା ବିଚାରରେ ହେଲା ତାର ଡିଗିରି ।( ୧ ୦ )
କୋଅଟ କଚେରୀ ମାଡିଲା କ୍ଷଣିରେ ଭୟେ କମ୍ପେ ପରା ଗୋଡ ତୋହର
ତେବେରେ କାହିଁକି ମକଦ୍ଦମା ଲଢି ଦଉଡୁଛୁ ବୃଥା ତୁ ବାରମ୍ବାର ।( ୧ ୧ )
ଗାଁଆଁ ଟାଉଟର ଫାନ୍ଦରେ ପଡିଣ ନବୁଝି ଲାଭଟି ପାଇଲୁ କେତେ
ଜମିବାଡି ବିକି ଜୋରିମାନା ଦେଲୁ କପଟି ଓକିଲ ନେଇଛି ଯେତେ ।( ୧ ୨ )
ଡିଗିରିଟେ କରି ମକଦ୍ଦମା ତୋର ବଢାଇ ଦେଲୁକି ତୋ ଅହଂକାର
ଦେଖ ତାହା ଦେଶ ଆଜି ଫେରି ପାଇବାକୁ ଲଢୁଅଛି ଜରମାନୀ ହିଟଲର୍( ୧ ୩)
ଶୁଣିନାହୁଁ କିରେ କେବେ ହେଲେ ଭାଇ ବିଜୟ ତାହାର ହୁଙ୍କାର ରବ
ଖବରକାଗଜ ପଢିଲେ ଜାଣିବୁ ଜନମିବ ତୋର ଜାତୀୟ ଭାବ ।( ୧ ୪ )



Source: Author, Digitized by PPRACHIN, SOA

ଆଜିପରା ସେହି ମୁସୋଲିନି ସଙ୍ଗେ ସାରା ପୃଥିବୀକୁ ଦିଏ ଆତଙ୍କ
ବିପନ୍ନର ଚିର ସ୍ୱାଧୀନତା ନିଏ ଯୁଦ୍ଧ ନୁହେଁ ବୋମା ବୃଷ୍ଟି ଧମକେ ।(୧୫)
ଥାନା କଚେରୀକୁ ଜମିଦାର ଗଲେ ସବାରୀ ନିଶ୍ଚୟ ତାଙ୍କର ଲୋଡା
କରିଛି ପ୍ରତିଜ୍ଞା ତୋଭାଇ ଗଉଡ ସେ ପୁଣି ଖଟିବ ନନେଇ ଭଡା ।(୧୬)
ହାକିମ ଦିପୋଟି ତୋ ଗାଁଆଁ ମଝିରେ ତମ୍ୱୁ ପକାଇଲେ ଯଦି ସେ ଆସି
ବିନା ପଇସାରେ କେତେ ଦିନ ଧରି ଦେଉଅଛୁ ମାଛ କୁକୁଡା ଖାସି ।(୧୭)
ଆସିଣ ଖଟନ୍ତି ତୋ ଗାଁଆଁ ପଡିଶା ସମସ୍ତେ ଅଟନ୍ତି ତାଙ୍କ ଚାକର
ଗୋଡଘଷାଠାରୁ ଗୋଲାମି ଯେତେକ ଖଟୁଥାନ୍ତି ପରା ସେ ନିରନ୍ତର ।(୧୮)
ମିଳିଛିକି କିଛି ଟଙ୍କା ପଇସାରେ ପୁରିଛି କି ଭାଇ ତୋହର ପେଟ
ଯୁଟ ହୋଇଛନ୍ତି ମାଲିକ ଯେତେକ ଗାଁଆଁ ଜମିଦାର ପୁଣି ପ୍ରେସିଡେଣ୍ଟ ।(୧୯)
ଖରାବରଷାରେ ଉପବାସେ ଖଟି ଛିଡା ଗାମୁଛାଟେ ତୋର ପୋଷାକି
ପେଣ୍ଟ୍ କୋର୍ଟ୍ ସାର୍ଟ୍ ପିନ୍ଧି ତୋ ଟଙ୍କାରେ ବାବୁ ଦେଖୁଛନ୍ତି ନିତି ଥେଟେର ଟକୀ ।(୨୦)
ଡାଲିଭାତ ଗଣ୍ଡେ ଖାଇନାହୁଁ କେବେ ଭାଗ୍ୟେ ଯଦି ଥାଏ ବିଭାଘରକୁ
ବାବୁ ଦୁଧଭାତେ ବିଳାସେ ଉନ୍ମତ୍ତ ଜଣାହୁଏ ତୋରି ପେଟପୂରାକୁ ।(୨୧)
ବରଷ ମଧ୍ୟରେ ଛମାସ ଭୋଗୁଛୁ ବସନ୍ତ ହୈଜା ମେଲେରିଆ ଜ୍ୱର
ଜମିଦାରବାବୁ ମାଲିକ ପରାରେ ବୁଝନ୍ତି ନାହିଁକି ତୋ ଗାଁଆଁ ଖବର ।(୨୨)
ବାନ୍ଧିଛନ୍ତି ପରା ତୋ ବେକରେ ରସି ଯେତେ ଦିନଯାଏ ହୋଇବୁ ଶେଷ
ଦଣ୍ଡୁଛନ୍ତି ବୋଲି ମୋକଦ୍ଦମା କଲେ ବିଚାରରେ ପୁଣି ହେଲେ ଖଲାସ ।(୨୩)
ଅତ୍ୟାଚାର ଯେତେ ତୋହରି ଉପରେ କେତେଦିନ ଭାଇ ରହିଛୁ ସହି
ଦିନ ଦ୍ୱିପ୍ରହରେ ଡକାୟତି କରେ ତୋଘରେ ମାଲିକ ନୁହଁ କି ତୁହି ।(୨୪)
ଗଡଜାତ ରଜା ଶୀକାରକୁ ଗଲେ ତୋହର ଲଢାଇ ବାଘସଂଗରେ
ଭୟମାଡେ ବୋଲି ପଛଘୁଞ୍ଚା ଦେଲେ ବନ୍ଧୁକ ଚୋଟଟି ତୋହ ଉପରେ ।(୨୫)
ଆଉ କାହା ପାଇଁ ଅପେକ୍ଷା କରିଛୁ ପ୍ରତି ଗଡଜାତେ ଲାଗିଛି ଗୋଳ
ବାରୁଦ ଚୋଟକୁ ନମାନି ସେ ପୁଣି ଗଢିଛନ୍ତି ଆଜି ପ୍ରଜାମଣ୍ଡଳ ।(୨୬)
ରାଜା ଜମିଦାର ସାତତାଲା କୋଠା ତୋଘରୁ ଗଲାଣି ଛପର ଉଠି
ତାଙ୍କ ଗୋଡ ତଳେ ପଡି ରହିଅଛୁ ଦେବେ କିରେ ବାବୁ ସୁଧଟି କାଟି ।(୨୭)



Source: Author, Digitized by PPRACHIN, SOA

ତୋବାବୁ ଶୋଇଛି ତାର ବନ୍ଧା ଖଟେ ତୋର ଘରେ ନାହିଁ ଖଣ୍ଡେ ଚଟାଇ
କେତେ ଗଦି କେତେ ପଲଙ୍କ ରହିଛି ବିଲାତି କୁକୁର ଶୋଇବା ପାଇଁ।(୨୮)
ପଶୁ ମଧ୍ୟେ ହୀନ କୁକୁରତୁ ଜାଣୁ ରାଜଦ୍ୱାରେ ପୁଣି ହୋଇଛି ବନ୍ଧା
ତୋତେ ଦେଖିଲେ ସେ ଧମକାଇ ଦେବ ନିତି ସେଥିପାଇଁ ଦୁଧ ମାଉଁସ ବନ୍ଧା।(୨୯)
ସାବୁନ,ରୁମାଲ,ଜଞ୍ଜିର,ବକ୍ଲେଶ ଚାକର ଦୁଇଟି ତୋପାଇଁ ଲୋଡା
ତୋତେ ମାରି ସାରି ମୟୁର ପୋଷନ୍ତି ତା ସଂଗେ ପୁଣି ହାତି ଓ ଘୋଡା।(୩୦)
ଶତଶତ ସତ୍ୟାଗ୍ରହୀ ତୋ ଦେଶରେ ଜୟ ପରାଜୟ ନଗଣି କିଛି
ଜାତି,କୁଳ,ଧର୍ମ ନିଦ୍ରା ପରିହରି ସଜ୍ଜିତ ଆଜିରେ ଜୀବନ ମୂର୍ଚ୍ଛି।(୩୧)
ତୋହରି ଦେଶରୁକେତେ ବୀରଗଣ ସ୍ୱାଧୀନତା ପାଇଁ କରି ସମର
ଜୀବନ୍ତ ମରଣ ଲଭିଛନ୍ତି ବନ୍ଧୁ ଜଳୁଛି ଅଦ୍ୟାପି ସେ ଚିତାନଳ।(୩୨)
ମେଣ୍ଟିବ ନିଶ୍ଚୟ ତାଙ୍କ ତୃଷା ଦିନେ ସେ ସମରତରଙ୍ଗ ଅବସାନେ
ଲିଭିବ ସେ ଅଗ୍ନି ତୋହ ରକ୍ତ ପାତେ ଅବା ସ୍ୱାଧୀନତା ବାରି ବର୍ଷଣେ।(୩୩)
ଏତେଦିନେ ଆଜି କଂଗ୍ରେସ ପାଇଛି ତେପନ ବରଷ ସାଧନା ଫଳ
ଆମ୍ଭ ଦେଖୁଁ ଆଜି ପ୍ରତିନିଧି ରୂପେ ସଜା ହୋଇଛନ୍ତି ମେମ୍ବର ମିନିଷ୍ଟର।(୩୪)
ନୂଆ ଆଇନ କେତେ ପାଶ କରିଗଲେ ଲାଟଙ୍କ ଭିଟୋ ପାଓ୍ୱାର ଟପାଇ
ଦୁଇ ପଇସାଟି ପଥକର ଟଙ୍କାରେ ବାଜେ ପାଉଣାକୁ ଦେଲେ ଉଠାଇ।(୩୫)
ଯେତେଯେ ଶିଖାଉ କଦାପି ନଶୁଣି କଂଗ୍ରେସକୁ ଭାଇ ଛାଡିବୁ ନାହିଁ
ଚାରି ଦଳ ଛାଡି ଶହେ ଦଳ ହେଲେ ତେବେ ସେ ଲଢିବେ ତୋ ମୁକ୍ତି ପାଇଁ।(୩୬)
ତୋହର ପ୍ରଦେଶ ମନ୍ତ୍ରୀତ୍ୱ ଗ୍ରହଣ ଦେଇଛୁ ଯଦି ସେହି କଂଗ୍ରେସକୁ
ନଡରି କାହାକୁ ଅବିଳମ୍ବେ ଜଣା ରହିଛନ୍ତି ଜାଗି ତୋର ଡାକକୁ ।(୩୭)
ତୋର ପଇସାରେ ତିଆରି ହୋଇଛି ସ୍କୁଲ କଲେଜ ଓ ଡାକ୍ତରଖାନା
ମହାଜନ ପୁଅ ପାଠ ପଢୁଅଛି ତୋର ପିଲାକୁ କି ସେ ଠାକୁ ମନା।(୩୮)
ବାବୁ ଘର ପୁଅ ବିଲାତେ ପଢୁଛି ପାସ୍ କରିଆସି ଆଇ.ସି.ଏସ୍
ତୋହରି ଦେଶର ଜଜ୍ କମିସନର୍ ହୋଇଣ ବୁଝିବ ତୋହରି କେସ୍।(୩୯)
ଆଗରୁ ତାପାଇଁ ଚାକିରୀଟେ ଥୁଆ ଫେରିଲା ମାତ୍ରେ ସମ୍ମାନେ ପାଇବ
ସ୍ୱଦେଶ ପଇସା ବିଲାତେ ବୁଣିଲେ ଭାରତକି କେବେ ସ୍ୱାଧୀନ ହେବ ?(୪୦)



Source: Author, Digitized by PPRACHIN, SOA

ଆଇ.ଏ.ଏସ୍ ପାସ୍ କରିଦେବା ପାଇଁ ଆହେ ବନ୍ଧୁଗଣ ବିଲାତ ଗଲ
ଯେ ଶିକ୍ଷା ପାଇଣ କିରାଣୀ ହେଉଛୁଁ ସେହି କୋଅଡ୍ ଟି ପରିବର୍ତ୍ତନ କର ।(୪୧)
ଆମ୍ଭ ଦେଶେ ଶ୍ରେଷ୍ଠ ଶିକ୍ଷିତ ହେ ବନ୍ଧୁ ତୁମ୍ଭ ଯୋଗୁଁ ଦେଶ କରେ ବିକ୍ରମ
ସାମ୍ରାଜ୍ୟବାଦର ଛାୟାତଳେ ରହି ତୁମ୍ଭେ ସ୍ୱଦେଶୀଙ୍କ ସଂଗେ କର ସଂଗ୍ରାମ ।(୪୨)
ଆରେ ଚଷାଭାଇ ବଡପୁଅ ତୋର ଦିନେ ଯାଇନାହିଁ ଚାଟଶାଳୀକୁ
ପାଠ ପଢ଼ିଥିଲେ କ୍ଷମତା ଥାଆନ୍ତା ଲାଟଙ୍କ କାଉନସିଲେ ବସିବାକୁ ।(୪୩)
ନଅ ବରଷର ସାନ ପୁଅ ତୋର ତିନି ଦିନ ଚାଠଶାଳୀକୁ ଗଲା
ଶିକ୍ଷାସୋପାନଟି କିଣି ନପାରିସେ ସେହିଦିନୁ ପାଠ ଶେଷ କରିଲା ।(୪୪)
ମନ ବଳାଇଛୁ ବିବାହ ଦେବାକୁ ପୁଅଟିକୁ ଯେବେ ଷୋହଳ ହେବ
ବାଣିଜ୍ୟର ପାଠ ଶେଷ କରିଛିକି ବଂଗୋପସାଗରେ ନାବିକ ହେବ ?(୪୫)
ବଂଗୋପସାଗର ବକ୍ଷେ ଭାସିଭାସି ଯାଉଥିଲା ତୋର ବାଣିଜ୍ୟ ତରି
ଜାଭା ଓ ସୁମାତ୍ରା ବୋର୍ଣ୍ଣିଓ ସିଂହଳ ହୋଇଥିଲା ପରା ବାଣିଜ୍ୟ ସ୍ଥଳୀ ।(୪୬)
ଅକାଳେ ତାହାକୁ ପାଶୋରି ପକାଇ ହୋଇଗଲୁ ଏତେ ନିର୍ଭରଶୀଳ
କେଉଁ ବ୍ୟାଧ ଶର ବାଜିଲା ତୋ ଅଙ୍ଗେ ସ୍ୱୀୟ ଭୁଲିଗଲୁ ଶରଣାତୁର ।(୪୭)
ଅଠର ବର୍ଷର ଚାଇନା ପିଲାଟି ବୋମା ସହୁଅଛି ତୋ ଦେଶ ପାଇଁ
ତୋପୁଅକୁ ଆଜି ବୀରବେଶେ ସଜା ସ୍ୱାଧୀନତା ପାଇଁ କରୁ ଲଢ଼ାଇ ।(୪୮)
ବିଜ୍ଞାନର ଯୁଗ ବୋଲି ପରାଶୁଣୁ ଲୁହାଜାହାଜଟି ଉଡେ ଶୂନ୍ୟର
ସେ ଯୁଗର ଗୁଣି ଏହି ଭାରତର ନିରକ୍ଷର ଶବ୍ଦ ହୋଇଛି ମୂଳ ।(୪୯)
ଲଣ୍ଡନ ସହର କେତେଦୂର ଅଟେ ଖବର ପାଉଛୁ ବେତାର ଯନ୍ତ୍ରେ
ଜାଣୁ କି ଏ ଯନ୍ତ୍ର କିପରି ଗଠିତ ବିଜ୍ଞାନ ବିଦ୍ୟା ଅବା କେଉଁ ମନ୍ତ୍ରେ ।(୫୦)
ଏହି ଭୂପୃଷ୍ଠରୁ କେତେ ବୀର ଯାଇ ମେରୁ ଦୁଇଟିକି କଲେ ଦର୍ଶନ
ଆବିଷ୍କାର କଲେ ଯେତେ ମହାଦେଶ ସମୁଦ୍ର ଗର୍ଭ ଓ ପର୍ବତମାନ ।(୫୧)
ପାଠପଢ଼ି ପରା ଜାଣିଲେଣି ଲୋକେ କେଉଁଠାରେ ସୁନା ମାଟି ଭିତରେ
ତୁହି କାହିଁକିରେ ଏତେ ପଶ୍ଚାତ୍‌ପଦ ତୋ ଜନ୍ମ ସେହି ପୃଥିବୀ ଉପରେ ।(୫୨)
କେତେଦିନ ଆଉ ଉଦାସୀନ ରହି ନିରକ୍ଷର ନାମ ବହିଣ ଥିବୁ
ବାରେ ଅନୁରୋଧ ରକ୍ଷା କରି ମୋର ନୈଶ ବିଦ୍ୟାଳୟେ ପାଠ ପଢ଼ିବୁ ।(୫୩)



Source: Author, Digitized by PPRACHIN, SOA

ପାଠ ପଢିଥିଲେ ଗାଁଆଁ ମହାଜନ ପାରିବେ କି ଆଉ ତୋତେ ଠକାଇ
ନପଢାଇ କିଛି ଟିପଟି ନେଇଣ ନେଉଥିଲେ କେତେ ଟଙ୍କା ଭଣ୍ଡାଇ ।(୫୪)
ପ୍ରଥମ ଚାଟଟି ଶେଷ କରିଗଲେ ନାମ ଦସ୍ତକତ କରିପାରିବୁ
ଦ୍ୱିତୀୟଟି ଶେଷ କଲେ ଅନାୟାସେ ଖବର କାଗଜ ତୁହି ପଢିବୁ ।(୫୫)
ଏହିପରି ପୁଣି ଲାଗି ଚଷାଭାଇ ତା ସଙ୍ଗେ ଦୁଇ ତିନି ମାସ ଧରି
ଦଲିଲ,ତମସୁକ ଲେଖିପଢିଯିବୁ ଚିଠିଲେଖାଠାରୁ ଆରମ୍ଭ କରି ।(୫୬)
ଚିଠିର ଉପରେ ଠିକଣା ଲେଖାରେ ଚାରିଟି ପଇସା ପଡେରେ ପଡେ
ପାଉତି,ହେଣ୍ଡନୋଟ୍,ରସିଦ ତମସୁକ୍ ଦରଖାସ୍ତ କଥା ମୁଁ କହିବି କେତେ ।(୫୭)
ନିରକ୍ଷର ବୋଲି ଖୋସାମତ କରି ପାଠୁଆଙ୍କୁ ତୁହି ଯେତେ ଦେଲୁଣି
ଜମାଖର୍ଚ୍ଚ ସବୁ ମିଶାଇଲୁଣିକି ପାଠପଢା ଖର୍ଚ୍ଚ ଠାରୁ ବଳିଗଲାଣି ।(୫୮)
ଲାଳନପାଳନ ଜାଣେନା ତୋ ସ୍ତ୍ରୀ ସ୍ୱାସ୍ଥ୍ୟରକ୍ଷା ପାଠ ପଢିନାହିଁ କିଛି
ପାଠପଢିନାହିଁ ବୋଲି ତୋର ପୁଅ ବରଷକ ଯାକ ରୋଗ ଭୋଗୁଛି ।(୫୯)
ତୋହରି ଦେଶର ସ୍କୁଲପିଲାଏ ଗ୍ରାମେଛନ୍ତି ପୁଣି ଶିକ୍ଷିତ ଯେତେ
ଶପଥ କଲେଣି ବିନା ପଇସାରେ ସ୍ୱାକ୍ଷର ନିଶ୍ଚୟ କରିବେ ତୋତେ ।(୬୦)
ନିଶାଖାଇଭାଇ ଦୁର୍ବଳ ହେଲୁଣି ଆଉକେତେଦିନ ଆଇସ ତୋର
କେତେ ଦଉଡୁଛୁ ଅଫିମ ପାଇଁରେ ଡାକ୍ତରଖାନା ଚାରିକୋଶ ଦୂର ।(୬୧)
ରକତମାଉଁସ ତୋ ଶିରେ ମିଳାଇ ପୋଡାନିଶା ପାଇଁ ଯେତେ ଦେଲୁଣି
ଚାନ୍ଦା ନେଇଥିଲେ ତୋହ ଗ୍ରାମେ ଆଜି ହାଇସ୍କୁଲ ଗୋଟେ ଗଢା ହୁଅନ୍ତାଣି ।(୬୨)
ଆମ୍ବ ଦେଶୁଁ ଆଜି ନିଶା ଉଠିଗଲେ ତୋବାଡିରେ ଯେତେ ତାଳ ଖଜୁରୀ
ଗ୍ରାମଶିଳ୍ପ ସଂଘ ଶିଖାଇବ ତୋତେ ତାରସେ ହୋଇବ ଗୁଡ ତିଆରି ।(୬୩)
ବେକାର ଯେତେକ ତୋ ଗ୍ରାମେ ଅଛନ୍ତି ସେମାନେ ସମସ୍ତେ ପାଇବେ କାମ
କାର୍ଯ୍ୟ ଦକ୍ଷ ହେବେଆଳସ୍ୟ ତେଜିଣ ତୁଟାଇବେ ପରା ଅକର୍ମା ନାମ ।(୬୪)
ସେପାରିରେ ଆଜି ଯୁଦ୍ଧ ଲାଗିଅଛି ବସି ଶୋଇ କେତେ କାଟୁଛୁ ଦିନ
ଜାର୍ମାନୀ,ପୋଲାଣ୍ଡ,ଆଲ୍‌ବାନୀ,ଅଷ୍ଟ୍ରିଆ,ଚାଇନା,ଯାପାନ,ଇଟାଲ,ସ୍ପେନ ।(୬୫)
ନିତି ନିକିତିରେ କେତେ ତଉଲୁଛୁ ଜାତି ଓ ଅଜାତି ମାନଅଭିମାନ
ଦେଶଯାକ ଆମ୍ଭେ ସବୁ ଭାରତୀୟ ହିନ୍ଦୁ ମୁସଲମାନ ନାହିଁ ବାରଣ ।(୬୬)



Source: Author, Digitized by PPRACHIN, SOA

ବାରେ ଭୁଲିଯାଇ ଜାତି,କୁଳ,ଧର୍ମ ଗଢିଦେବା ନବ ଜାତୀୟ ଭାବ
ସ୍ୱାଧୀନତା ଯୁଦ୍ଧେ ରତ ହୋଇ ସର୍ବେ ଫେରାଇ ଆଣିବା ଦେଶ ଗୌରବ ।(୬୭)
ଛାଡିଦିଅ ଆହେ ଜମିଦାର ବାବୁ ତୁଣ୍ଡ ନାହିଁ ଆଉ ପ୍ରଜାଗଣଙ୍କୁ
ଜମାଖର୍ଚ୍ଚ ବୁଝି ଦେଖନ୍ତୁ ଆପଣ ପୋଷ ଦଶଜଣ ତସିଲଦାରଙ୍କୁ ।(୬୮)
ରାଜସ୍ୱ ବାକିରେ ସରକାର ଘରେ ପଥକର ସୁଧ କେତେ ନଦିଅନ୍ତି
ଫେସନ୍ ଜିନିଷ ଦେଖାଇ ଆପଣେ ବିଦେଶୀ ବେପାରୀ କେତେ ନିଅନ୍ତି ।(୬୯)
ଭୁଲିଯାଅ ଏବେ ସିଗାରେଟ୍ ଟଣା ଟଙ୍କା ଗଣ ନାହିଁ ବିଦେଶୀ ଖଦୀରେ
ହାକିମ ଆସିଲେ ଆପଣଙ୍କ ଗ୍ରାମେ କେତେ ଖର୍ଚ୍ଚ ହୁଏ ଟି ପାର୍ଟିରେ ।(୭୦)
ଅକର୍ମା ଯେତେକ ଆପଣଙ୍କ ଘରେ କେତେ ନେଉଛନ୍ତି ବାବାଜୀ ଚୋର
ଯାଉ ଜମିଦାରୀ ପ୍ରେସିଡେଣ୍ଟ ଗିରି ଖର୍ଚ୍ଚକର କେତେ ମକଦ୍ଦମାର ।(୭୧)
ଅର୍ଘ୍ୟଥାଳେ ବାଢି ନିରନ୍ନ ରକତ ଦେବ ଉପହାରେ ମାଗ ମୁକତି
ହିଂସା ତରବାରୀ ଆପଣଙ୍କ ଶାସ୍ତ୍ରେ ନରବଳିପରା ବ୍ୟବସାୟ ନୀତି ।(୭୨)
ଲାଗି ପଡନ୍ତୁ ହେ ସ୍ୱାଧୀନତା ପାଇଁ ପରସ୍ପର ମଧ୍ୟେ ଏକତା ଆଣି
ଟଙ୍କା ଦେବା ନାହିଁ ବିଦେଶେ ବଢାଇ ଆମ୍ଭ ଦେଶଥିଲେ ଖୋଳିବା ଖଣି ।(୭୩)
ପାଞ୍ଚଖଣ୍ଡ ଗ୍ରାମେ ସରକାର ହୋଇ କରନାହିଁ ଏକଛତ୍ର ଶାସନ
ପ୍ରଜାତନ୍ତ୍ର କାଲି ଗଢାଯିବ ପୁଣି ଭାରତଟି ଯଦି ହେବ ସ୍ୱାଧୀନ ।(୭୪)
ସାମ୍ରାଜ୍ୟବାଦର ସମାଧି ଉପରେ କାଉନସିଲ୍ ଗଢିବେ ଆମ୍ଭଙ୍କୁ ନେଇ
ସାରା ଭାରତର ମାଲିକ ହୋଇଣ ଦେବେ ନୂଆ ଖସଡା ବଦଳାଇ ।(୭୫)
ଦେଖିଥିଲେ ପରା କାଲି ଯେ ଋଷାର ମାଲିକ ହୋଇଣ ଥିଲାଟି ଜାର୍
ତଣ୍ଟିଚିପା କାମ ଛାଡି ବର୍ତ୍ତମାନ ସାମ୍ୟବାଦଟି ସେ କରେ ପ୍ରଚାର ।(୭୬)
ଆପଣଙ୍କ ଘାଟେ ବିଦେଶୀ ବେପାରୀ ରଖିଛନ୍ତି କେତେ ଜାହାଜ
କିଛିଦିନ ପରେ ଆପଣଙ୍କ ଦେଶୁଁ ସୁନାତକ ସବୁ ନେବେଟି ଛାଣି ।(୭୭)
ସର୍ବହରା ରକ୍ତ ଏତେକି ମଧୁର ସେ ରକ୍ତେ ପୁଣି ବଞ୍ଚାଅ ବିଦେଶୀ
ଶୋଣିତର ସ୍ରୋତ ବୁହାଇଲ କାନେ କହିଦେଲା କେଉଁ ରାକ୍ଷାସ ଆସି ।(୭୮)
ଆମ୍ଭଦେଶେ ନବ ଶିକ୍ଷା ଗଢାଇଣ ବିଜ୍ଞାନର ଶିକ୍ଷା ବଢାଇଦେବା
ଇଲେକ୍ଟ୍ରିକ୍ ଲାଇଟ୍,ଟର୍ଚ୍ଚ ମଟର୍,ସାଇକେଲ ଜାହାଜ ଆମ୍ଭେ ଗଢିବା ।(୭୯)



Source: Author, Digitized by PPRACHIN, SOA

ଆହେ ମିଲ୍‌ମାଲିକ ହୋଇ ଦଉଡୁଛ କେତେ ବିଦେଶୀ ସାହେବ ଗୋଡତଳକୁ
ତୁମ୍ଭଜାତି ପରା ମାରା ହୋଇଯାଏ ଛୁଇଁ ଦେଲେ ଥରେ ହରିଜନଙ୍କୁ ।(୮୦)
ଛାଡିଦିଅ ଏବେ ମାଲିକ ଚାକିରୀ କେତେଦିନ ଆଉ କର ସର୍ଦ୍ଦାରୀ
ତୁମ୍ଭଗ୍ରାମ ଲୋକ ମନ୍ତ୍ରୀ ହୋଇଲେଣି ଦରମା ପାଆନ୍ତି ପାଞ୍ଚଶତ କରି ।(୮୧)
ପୋଷାକି ତୁମ୍ଭର କେତେ ଟଙ୍କା ପଡେ ଭଡାକେତେ ଦିଅ କର୍ପୋରେସନ୍‌କୁ
ସ୍ୱଦେଶ ଭାଇଙ୍କୁ କୁଲି ନକରାଇ ଫେରିଆସ ଏବେ ନିଜ ଗ୍ରାମକୁ ।(୮୨)
ଆରେ ଚଷା ଭାଇ ଜାଣିଛୁକି ତୁହି ଭାରତର କେତେ ଟଙ୍କା କରଜ
ସୁଧ ମୂଳ ସବୁ ଯେତେ ବଢୁଥିବ ନୁହେଁ କି ତୋହର ମୁଣ୍ଡକୁ ବୋଝ ।(୮୩)
ତୁହିପରା ଅଟୁ ତୋଦେଶର ଯୋଦ୍ଧା ବିଦେଶୀ ସୈନ୍ୟଙ୍କୁ ପୋଷୁ କାହିଁକି
ବିଲାତି ସୈନିକ ଆଣ୍ଟରେ ଅଛନ୍ତି ତୋତେ ମିଲିଟାରୀ ଶିକ୍ଷା ଦେବା ପାଇଁକି ।(୮୪)
କିସ୍ତି କିସ୍ତି କରି ସୁଧ ମୂଳ ଧରି ଦେଉଅଛୁ ତୁହି ଯେତେ ଖଜଣା
ଗଭର୍ଣ୍ଣମେଣ୍ଟ ଚାକିରୀ ଧରିଛନ୍ତିବାକି ଯେତେ ଟଙ୍କା ତାଙ୍କ ମଇନା ।(୮୫)
ଠାକୁରେ କି କିଛି ଦେଲେଣିରେ କେବେ ଯାହା ନକରିଛୁ ନିଜ ହାତରେ
ତୋର ସ୍ୱାଧୀନତା ପାଇଁ ଠାକୁରଙ୍କ ପାଖେ ପଞ୍ଚାନନ ମେଳା ପରଖ ଥରେ ।(୮୬)
ଏହି ପୃଥିବୀରେ ପବିତ୍ର ମନ୍ଦିରେ ତୋର ଅକିଞ୍ଚନ ଭାଇ ଦେବତା
ତାକୁ ଭୁଲିଯାଇ ପାଷାଣ ମନ୍ଦିରେ ଡାକୁରକ୍ଷାକର ଧର୍ମଦେବତା ।(୮୭)
ଧର୍ମ ବୋଲି ଯାହା ପବିତ୍ର ମଣିଛୁ ମୂଲ୍ୟ ବଢାଉଛୁ ନାମଟା ପାଇଁ
ସ୍ୱକର୍ମ ତେଜିଣ ମନ୍ଦିରରେ ଧ୍ୟାନ ମୁକତି ଉଦ୍ଦେଶ୍ୟେ ନୁହେଁ ଟି ସେହି ।(୮୮)
ସେକିରେ ଦେବତା ଯାହା ବିଚାରରେ ନିଃସ୍ୱ ରକତେ ସବଳ ଜୀବି
ନିରନ୍ନର କ୍ଷୁଧା ମେଣ୍ଟାଇବା ପାଇଁ ବୋମା ବୃଷ୍ଟି ପୁଣି ଅଛି ସଜ୍ଜିତ ।(୮୯)
ପ୍ରଦେଶର ମନ୍ତ୍ରୀ କଂଗ୍ରେସ ବୋଲି ଭାବିବୁ ନାହିଁଟି ମୁକତି ତୋର
ଉପରେ ତାଙ୍କର ଲାଟ୍ ଗର୍ଭନର ଭାଇସ୍ରା ଓ କାଉନ୍‌ସିଲ୍ ମେମ୍ବର ।(୯୦)
ବିଦେଶୀ ଜିନିଷ ଛୁଅନାତୁ ଆଉ କପାଚାଷ କର ତୋର ବାଡିରେ
ସମୟ ମିଳିଲେ ବୃଥା ଗପ ଛାଡି ସୂତା କାଟି ବସ ତୋ ଅରଟରେ ।(୯୧)
ସାରା ପୃଥିବୀରେ ସବୁ ଦେଶଯାକ ସ୍ୱାଧୀନତା ପାଇଁ ଅଛନ୍ତି ସାଜି
ଦେଢଶ ବର୍ଷାନ୍ତେ ତୋହରି ଦେଶଟି ନୂତନ ଚେତନା ପାଇଛି ଆଜି ।(୯୨)



Source: Author, Digitized by PPRACHIN, SOA

ସୂତାକଟା ଭାଇ ଜାଣିନଥିଲେରେ ଶିଖି ଆସିବୁଟୁ ଉଆର୍ଦ୍ଧା ଯାଇ
ସାବୁନ୍,କମଳ,ପାପୋଛ ତୁ ଆଜି ସତରଞ୍ଜି ମସିଣା ଓ ଚଟାଇ ।(୯୩)
ଛୁଆଖେଳା ବେଳେ ଭାରିଜାଟି ତୋର ଅନାୟସେ ତୁଳା ଭିଣାଇ ଦେବ
ବିଲାତି ନକିଣି ଖଦଡ ପିନ୍ଧିବୁ ବିଦେଶୀଙ୍କୁ ଆଉ ଭୟ ନଥିବ ।(୯୪)
ଖବରକାଗଜ ପଢିଲେ ଜାଣିବୁ ଭାରତରେ ଆଜି କେତୋଟି ଲିଡର୍
କଂଗ୍ରେସ ତୋ ଦେଶେ କିପରି ଚାଲୁଛି ଜାଣିପାରିବୁଟୁ ବିଦେଶ ଖବର ।(୯୫)
ନୀଚକଥା ସବୁ ପାଶୋରିଣ ଦେବୁ ନିଶ୍ଚୟ ହୋଇଲେ କର୍ତ୍ତବ୍ୟଶୀଳ
ଆମ୍ଭ ଭାରତବର୍ଷଟି ସ୍ୱାଧୀନ ହେବାକୁ ରହିବ ନାହିଁରେ ବହୁତ ବେଳ ।(୯୬)
କେତେ ସଭା କେତେ ଶୋଭାଯାତ୍ରା କରି ଉଲ୍ଲାସେ ଉଡାଇ ତ୍ରିରଙ୍ଗ ବାନା
ବକ୍ତୃତା ତରଙ୍ଗେ ଭାସିଯାଏ ପୁଣି ତୋତେ ଦେଖି ଭୁଲେ ସେ ଉନ୍ମାଦନା ।(୯୭)
ଛଅଶ ଟଙ୍କାଟି କରଜଟୁ କରୁ ଝିଅ ବିଭାଘର ଯୌତୁକ ପାଇଁ
ସେହି ପଇସାରେ ସ୍କୁଲରେ ପଢାଇ ସିଲାଇ କାମଟି ଦେବୁ ଶିଖାଇ ।(୯୮)
ମେଟ୍ରିକ୍ ଖଣ୍ଡଏ ପାଶ୍ କରି ଯଦି ହାରମୋନିୟମ୍‌ରେ ଗାଇଛି ଗୀତ
ବିନା ଯୌତୁକରେ ବିଭାହେବେ ଆଜି ନବୀନ ଯୁଗର ନବ ଶିକ୍ଷିତ ।(୯୯)
ସାଇକେଲ ଚଢାଟି ନଶିଖାଇ ତାକୁ ସବାରୀ ଭଡାଟୁ କେତେ ଦେଉଛୁ
ଇଉରୋପ ନାରୀ ଜାହାଜ ଚଳାଏ ଅନ୍ଧ ସମାଜକୁ କେତେ ଡରୁଛୁ ।(୧୦୦)
ତେଣୁ ତାର ମନ ବିକଶିତ ନୁହେଁ ସମାଜ ନିୟମ ଗଢିଛି ଜଣେ
ବଦଳାଇ ଦେଲେ ତୁହି ପୁଣି ଆଜି ପଡିବୁ କି କେଉଁ ଶତ୍ରୁ ବନ୍ଧନେ ।(୧୦୧)
କି ଅସାର ଆଶା ମନେ ପୋଷିଅଛୁ କେତେଦିନ ଶୋଇ ଦେଖୁ ସ୍ୱପନ
ନୂତନ ତପନ ହୋଇଛି ଉଦୟ ଜାଗ୍ରତ ଆଜି ଭାରତ ସନ୍ତାନ ।(୧୦୨)
ମାତି ଉଠ ଆଜି ତୁମ୍ଭ ଦେଶ ପାଇଁ ଆହେ ଭାରତର କୃଷକ ଗଣ
କମ୍ପୁ ମହୋଦଧି ହିମାଦ୍ରି କନ୍ଦର ଜାଣନ୍ତୁ ରାକ୍ଷସ ସେ ବୀରଗଣ ।(୧୦୩)
କଲବଲ ହୋଇ ବଞ୍ଚି ରହିଛୁ ତୁ ମରଣକୁ ଥରେ ବରଣ କର
ଲାଠି,ବଲମ,ବନ୍ଧୁକ,ପିସ୍ତଲ ନେପାଳି ଛାଟକୁ ଆଉ ନଡର ।(୧୦୪)
ଗୋଇଠା ଚାପୁଡା ଜୋତା ମାଡ ଯେତେ ବୋମା ବୃଷ୍ଟି ହେଲେ ଭୟ ନକର
ତୋ ଦେଶ ଅହିଂସା ସମର ପ୍ରାଙ୍ଗଣେ ଚାଲ ଚଷା ଭାଇ ଚାଲ ଚାଲ ।(୧୦୫)



Source: Author, Digitized by PPRACHIN, SOA

ଏହି ପୁସ୍ତକର ସାହାଯ୍ୟକାରୀ
୧-ଅଗରପଡା ବିଦ୍ୟାମନ୍ଦିର
୨-ଓକିଲ ଚାରୁଚନ୍ଦ୍ର ରାୟ(ବାଲେଶ୍ୱର)
୩-ନନ୍ଦ କିଶୋର ଦାସ,ଏମ୍.ଏଲ୍.ଏ
୪-ଭାଗବତ ସାହୁ,ଚେୟାରମାନ୍,ଭଦ୍ରକ
୫-ବଳରାମ ମହାନ୍ତି
୬-ଆନନ୍ଦ ବଲ୍ଲଭ ମହାନ୍ତି
ଯତୀନ୍ଦ୍ରମୋହନ ମହାପାତ୍ର, ଅଗରପଡା ଛାତ୍ରସଂଘର ଜଣେ କର୍ମୀ
1939/Government of Orissa,Special Section,File No-278/39,
Acc-1251(con),OSA,Bhubaneswar

## ରଇତ ଭାଇ, ବନମାଳୀ ମହାରଣା

କରମ ଆଦରି ଆଉ
କେତେରେ ସହିବୁ ହାଅନ୍ନ ଦାଉ,ରଇତ ଭାଇ
କଳବଳେ ପଛେ ଜୀବଯାଉ, ରଇତ ଭାଇ।୧
ଖାଇ ଖରାବର୍ଷା ଶୀତ
ଖନ୍ଦ କରୁ ଦେଇ ଝାଳରକତ, ରଇତ ଭାଇ
ଖାଲି ଘର ପୁଣି ଖାଲି ହାତ, ରଇତ ଭାଇ।୨
ଗାଲରେ ଚାପୁଡା ମାରି
ଗଣ୍ଠିଧନ ତୋର କରନ୍ତି ଚୁରି, ରଇତ ଭାଇ
ଗାଳିଗୁଳି ଗୁଣ୍ଡାମି ଗିରି, ରଇତ ଭାଇ।୩
ଘାଣ୍ଟିହେଉ କେତେ ଭାଳି
ଘରକୁ ଜଂଜାଳ ସାହୁଙ୍କ ଗାଳି, ରଇତ ଭାଇ
ଘେରିଗଲେ ରାଜା ଜଗୁଆଳି, ରଇତ ଭାଇ।୪
ନୀରବେ କେତେଟୁ କାନ୍ଦୁ
ନିରାଶ ପରାଣେ ସାହସ ବାନ୍ଧୁ, ରଇତ ଭାଇ
ନିଜ କରମକୁ ସିନା ନିନ୍ଦୁ, ରଇତ ଭାଇ।୫



Source: Author, Digitized by PPRACHIN, SOA

ଚେରଙ୍ଗା ପିଠଳ ତୋର
ଚାତକ ପରାଣେ ସରଗଧାର, ରଇତ ଭାଇ
ଚାକି ଚୁଗୁଲିତୋ ଗଳାହାର, ରଇତ ଭାଇ ।୬
ଛାତି ଭିଜେ ଦକଦକ
ଛାଡିଦେଲେ ରଡି ଛାମୁପାଇକ, ରଇତ ଭାଇ
ଛିଡିପଡେ କି ମୁଣ୍ଡେ ଚଡକ, ରଇତ ଭାଇ ।୭
ଜୀବନ ପଛକେ ଯାଉ
ଜମିଦାର କର୍ମଚାରୀଙ୍କ ଦାଉ, ରଇତ ଭାଇ
ଜୀବ ଥିଲେ କେ ସହିବ ଆଉ, ରଇତ ଭାଇ ।୮
ଝପଟି ଦାନ୍ତ ରେକଟି
ଝଟତେ ଆଷ୍ଟରେ ଧରନ୍ତି ଚୁଟି, ରଇତ ଭାଇ
ଝଡିପୋକେ ଯଥା ଝିଟିପିଟି, ରଇତ ଭାଇ ।୯
ନିତି ତୋହ ପାଇଁ ଲୋଡା
ନିୟମକାନୁନ ମନର ଗଢା, ରଇତ ଭାଇ
ନାକବାଳ ବା ଘୋଡା କୋରଡା, ରଇତ ଭାଇ ।୧୦
ଟିକାକ କଥାକୁ ଯେବେ
ଟାଣିଟୁଣି କରି ମାରିବେ, ରଇତ ଭାଇ
ଟାଣ ସବୁବେଳେ କେ ସହିବ, ରଇତ ଭାଇ ।୧୧
ଠକି ରୁସୁମ ଭାତିଆ
ଠେଙ୍ଗାଦେଖା ନୀତି କଲା ଅଡୁଆ, ରଇତ ଭାଇ
ଠୁଙ୍କି ମାଡରେ ହେଲୁ ଡରୁଆ, ରଇତ ଭାଇ ।୧୨
ଡାକି ଡାକି ଗାନ୍ଧି କହେ
ଡରିବ ନାହିଁଟି କାହାକୁ କିଏ, ରଇତ ଭାଇ
ଡର ଜିଅନ୍ତା ମଡିଷ ଖାଏ, ରଇତ ଭାଇ ।୧୩
ଡମପଣ ସବୁ କାଳେ
ଡାଳ ନାଶଯାଏ କାଳ କବଳେ, ରଇତ ଭାଇ
ଡଳିଯାଆନ୍ତି ଅନ୍ୟାୟୀ ଦଳେ, ରଇତ ଭାଇ ।୧୪



Source: Author, Digitized by PPRACHIN, SOA

ଅତ୍ୟାଚାରୀ ରାବଣେଶ
ଅତ୍ୟାଚାରୀ କଂସ ହୋଇଲା ଧ୍ୱଂସ, ରଇତ ଭାଇ
ଅତ୍ୟାଚାରେ କୁରୁକୁଳ ନାଶ, ରଇତ ଭାଇ । ୧୫
ଟାଲୁରେ ଲାଠି ପ୍ରହାର
ଟାଟିଭାଙ୍ଗେ ନିକି ଅସୁଲଦାର, ରଇତ ଭାଇ
ଏହା ବୁଝେଟିକି ଜମିଦାର, ରଇତ ଭାଇ । ୧୬
ଥରକୁ ଭାତିଆ ଟଙ୍କେ
ଧାଇଲେ ଛେଲୁଆ ପାଣ ପାଇକେ, ରଇତ ଭାଇ
ଏକାମରା ହେଉ ଭୋକେ ଶୋକେ, ରଇତ ଭାଇ । ୧୭
ଦେଢଶ ବର୍ଷ ବଞ୍ଚିଲୁ
ଦାନାକନା ଛାଡି ସବୁ ପାଇଲୁ, ରଇତ ଭାଇ
ଦଣ୍ଡ ଲଭି ଦମ୍ଭ ହଜାଇଲୁ, ରଇତ ଭାଇ । ୧୮
ଧରମକୁ ଦ୍ୱାହିଦେଇ
ଧନ୍ଦିହେଲେ କଷ୍ଟ ଘୁଞ୍ଚିବନାହିଁ, ରଇତ ଭାଇ
ଧୂଳି ହେବୁ ସିନା ଧକ୍କା ଖାଇ, ରଇତ ଭାଇ । ୧୯
ନଖକୁ ମାଉଁସ ଯଥା
ନୀତିବାକ୍ୟେ ରଜା ପରଜା ତଥା, ରଇତ ଭାଇ
ମନଜାଣେ କେ କଣିନଖ ବ୍ୟଥା, ରଇତ ଭାଇ । ୨୦
ପାଖଲୋକ ପ୍ରୀତିଜନ
ପାଟି ଫିଟାଇଲେ ହେଲା, ଆଇନ, ରଇତ ଭାଇ
ଏପରା ଏକାଳ ରାଜ୍ୟଶାସନ, ରଇତ ଭାଇ । ୨୧
ଫାଟିଯାଏ ତୋର ଛାତି
ଫାରେଷ୍ଟ ଆଇନ ବଡ ବିପତ୍ତି, ରଇତ ଭାଇ
ଫାସ ଫିଙ୍ଗିଛନ୍ତି ନରପତି, ରଇତ ଭାଇ । ୨୨
ବାହୁବଳ କରାମତି
ବିଗିଡିଛି ଦେଖିତୋର ଶକତି, ରଇତ ଭାଇ
ବୁଲାଇଲାଣି ଶାସକ ମତି, ରଇତ ଭାଇ । ୨୩



Source: Author, Digitized by PPRACHIN, SOA

ଭୟଭ୍ରାନ୍ତି କରିଦୂର
ଭିଡିଅଣ୍ଟା ସର୍ବେ ହୁଅ ତିଆର, ରଇତ ଭାଇ
ଭାଳିବାକୁ ନାହିଁ କାଳବେଳ, ରଇତ ଭାଇ । ୨୪
ମରିବୁତ ଦିନେ ତୁହି
ମାଛିପରି କିମ୍ବା ମରିବୁ ଭାଇ, ରଇତ ଭାଇ
ମର ମରଦ ପଣ ଦେଖାଇ, ରଇତ ଭାଇ । ୨୫
ଯିବ ଜମିଦାରୀ ପ୍ରଥା
ଯାତନା ଅନୀତି ମରମ ବ୍ୟଥା, ରଇତ ଭାଇ
ଯମମୂରତି ନର ଦେବତା, ରଇତ ଭାଇ । ୨୬
ରଇତ ରକତ ଖାଇ
ରହିକି ପାରିବେ ଜଗତେ କେହି, ରଇତ ଭାଇ
ରହିଥିଲେ ରଖି ଦେବୁନାହିଁ, ରଇତ ଭାଇ । ୨୭
ଲଲାଟେ ଲେପି ତିଳକ
ଲକ୍ଷଲକ୍ଷ ଭାଇହୋଇଲେ ଏକ, ରଇତ ଭାଇ
ଲେଉଟିବନି କି ଏ ମୁଲକ, ରଇତ ଭାଇ । ୨୮
ବାଉଁସ କୁମ୍ଭରୁ ବେଣ୍ଟ
ବାହାରିଛି ଦେଖି ଚାଲିବୁ ବାଟ,ରଇତ ଭାଇ
ବାଛି କରିବୁ ଦୂରୁ ଆକଟ,ରଇତ ଭାଇ । ୨୯
ଶପଥ କରିବୁ ଲଙ୍ଗଳ ଛୁଇଁ,ରଇତ ଭାଇ
ଶାନ୍ତି ସଇନ ହୋଇବା ପାଇଁ,ରଇତ ଭାଇ ।୩୦
ସାପର ଭାଙ୍ଗିଛି ଟାଣ
ସାପୁଆ ହାତରେ ପଡଛି ଫେଣ,ରଇତ ଭାଇ
ସରିଲାଣି 'ଫୁଉଁ ଗରଜନ,ରଇତ ଭାଇ ।୩୧
ହରସେ ବିଜୟ ବାଜା
ହଜାଇବ ହେଲେ ଅରି କଲିଜା,ରଇତ ଭାଇ
ହସି ଉଠିବେ ଦେଖ ପରଜା,ରଇତ ଭାଇ ।୩୨



Source: Author, Digitized by PPRACHIN, SOA

କ୍ଷିତିରେ ଯେ ଯେତେ ଜାତି
କ୍ଷୀଣ ହେବେ କଳି ତୋର ଶକତି, ରଇତ ଭାଇ
କ୍ଷତି ମାଲିକ ରଇତ ଜାତି, ରଇତ ଭାଇ ।୩୩
ବ୍ରହ୍ମପୁର, ଓଡ଼ିଆ ପ୍ରିଣ୍ଟିଂ ୱ୍ୟାର୍କସ୍ ରେ ଶ୍ରୀ ହାଡୁ ରାୟଗୁରୁଙ୍କ ଦ୍ୱାରା
ମୁଦ୍ରିତ, ୧୯୩୯ (ବନମାଳୀ ମହାରଣା)
ରଇତ ପୁଅ, ଲେ-ବନମାଳୀ ମହାରଣା
ମୁହିଁରେ ସେ ରଇତ ପୁଅରେ
ମୁହିଁ ସେ ରଇତ ପୁଅ
ମୁଲକ ଯାକରେ ମା( ? ) କ ବୋଲାଏ
ନିଗାଡ଼ି ନୀରବ ଲୁହରେ ।ପଦ।
ମାଡ଼ିଚଲେ ଶୀତ ବରଷା ବତାସ
ଦେବତାରେ ନାହିଁ ଭୟ
ଏକା ମଣିଷର ମନ୍ତରଣା ଭାଳି
ବିଦାରି ହୁଏ ହୃଦୟରେ ।୧
ନିଛାଟିଆ ଝାଟି କୁଡ଼ିଆ ଦୁଆରେ
ଡାକେ କେ ଖଜଣା ଦିଅ
ମାଟି ବୋଳା ଦେହେ ଛାଟି ହୋଇଯାଏ
ନାଲି ଆଖି ଗାଳି ସୁଅରେ ।୨
ଧନୀ ସାହୁକାର ପୂଜା ଲାଗି ମୋର
ଖଞ୍ଜାଏ ପିଞ୍ଜରା ଗୁଅ
ବୁକୁର ରକତେ ବଳିତା ଜାଳଇ
ଉଆ କରି ଆଲୁଅରେ ।୩
ସେ ଡେଣା ଦିନେରେ ରାଇଜ ଶାସିବ
ତୁଟି ସବୁରି ମୋହରେ ।୪ (ନବୀନ, ୧୬-୧୨-୧୯୪୬)

❖❖❖

Source: Author, Digitized by PPRACHIN, SOA

# ଓଡ଼ିଶାରେ ମହାତ୍ମା ଗାନ୍ଧିଙ୍କର ଅବିସ୍ମରଣୀୟ ଗସ୍ତ

## (୧୯୨୫, ୧୯୨୭-୨୮, ୧୯୩୪ ଏବଂ ୧୯୩୮)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନିମନ୍ତ୍ରଣ ପାଇ ମହାତ୍ମା ଗାନ୍ଧି ଅଗଷ୍ଟ ୧୯, ୧୯୨୫ରେ ସକାଳ ୪ ଘଣ୍ଟା ୪୬ ମିନିଟ୍‌ରେ କଟକରେ ପହଞ୍ଚିଥିଲେ । ଉତ୍କଳ ଦୀପିକା (ଅଗଷ୍ଟ ୨୨, ୧୯୨୫) ଅନୁସାରେ ୧୯ ତାରିଖ ୫ଟା (ସକାଳରେ) ମ୍ୟୁନିସିପାଲିଟି ହତାରେ ବିରାଟ ସଭାରେ ଭାଷଣ ଦେଇଥିଲେ । ଦିନ ଆଠଟା ବେଳେ ଉତ୍କଳ ଟାନେରୀ ପରିଦର୍ଶନ କରିଥିଲେ । ତାଙ୍କ ସହିତ ମହାଦେବ ଦେଶାଇ ଓ ସେଠ୍ ରଙ୍ଗଲାଲ୍ ଆସିଥିଲେ । ଟ୍ରେନ୍ ପହଞ୍ଚିବା ବେଳେ ମଧୁବାବୁ ମହାତ୍ମା ଗାନ୍ଧିଙ୍କ ଗଳାରେ ପୁଷ୍ପମାଳା ପକାଇ ଦେଇଥିଲେ ଏବଂ ସମସ୍ତ ଭଦ୍ରଲୋକମାନେ ତାହାଙ୍କୁ ଅଭ୍ୟର୍ଥନା କରି ଆଣି ମଟରରେ ବସାଇ ଦେଇଥିଲେ ।

ମଧୁବାବୁ ମହାତ୍ମାଜୀଙ୍କୁ ନେଇ ଟାନେରୀ ମଧ୍ୟରେ ସମସ୍ତ କାର୍ଯ୍ୟ ତନ୍ନ ତନ୍ନ କରି ଦେଖାଇଥିଲେ । ଚମଡ଼ା କସା ହେବା ଠାରୁ ଚମଡ଼ା ପାଲିସ୍ ହେବା ଓ ରଙ୍ଗଦେବା ଆଦି ସମସ୍ତ ଭିନ୍ନ ଭିନ୍ନ ପ୍ରକ୍ରିୟାମାନ ଦେଖାଇ ତାହାଙ୍କୁ ପ୍ରତ୍ୟେକ ବିଷୟ ବୁଝାଇ ଦେଇଥିଲେ । ପୁଣି ଜୋତା ତୟାରି ହେବାର କାର୍ଯ୍ୟମାନ ଦେଖାଇଥିଲେ । ମହାତ୍ମାଜୀ ସମସ୍ତ ବିଷୟ ଉତ୍ତମ ରୂପେ ଦେଖିଥିଲେ ଓ ବୁଝିଥିଲେ । ପରିଶେଷରେ ଟାନେରୀର ବାହାରରେ ବଗିଚାରେ ଗୋଟିଏ ମଣ୍ଡପ ସଜା ହୋଇଥିଲା । ସେଠାରେ ଟାନେରୀର ସମସ୍ତ କର୍ମୀମାନେ ଉପସ୍ଥିତ ହୋଇ ମହାତ୍ମାଜୀଙ୍କୁ ଗୋଟିଏ ଅଭିନନ୍ଦନ ପତ୍ର ଦେଇଥିଲେ । ଉକ୍ତ ଅଭିନନ୍ଦନ ପତ୍ରଟି ଅତି ସୁନ୍ଦର ଚମଡ଼ା ଉପରେ ଛାପା ହୋଇଥିଲା । ଚମଡ଼ା ଖଣ୍ଡି ଇଷତ୍ ବାଦାମ ରଙ୍ଗର; ତହିଁର ଚାରିପାଖରେ ନୀଳ ଭେଲଭେଟ୍ ରଙ୍ଗର ବଡର୍ ଲାଗିଥିଲା । ସେହି ଭେଲଭେଟ୍ ମଧ୍ୟ ଚମଡ଼ାର । କଟକ ପ୍ରିଣ୍ଟିଂ କମ୍ପାନୀ ଉକ୍ତ ଚମଡ଼ା ଉପରେ ଅଭିନନ୍ଦନ ପତ୍ର ଛାପି ଦେଇଥିଲେ । ତାହା ଟାନେରୀର କର୍ମୀମାନଙ୍କ ମଧ୍ୟରୁ ଗୋଟିଏ ପାଣ ପିଲା ସଭାରେ ପାଠ କରିଥିଲା । ଅଭିନନ୍ଦନ ପତ୍ରରେ ଲେଖାଥିଲା-



Source: Author, Digitized by PPRACHIN, SOA

ମହାତ୍ମା ଶ୍ରୀ ମୋହନ ଦାସ କରମଚାନ୍ଦ ଗାନ୍ଧି ଉଦାରେଷ୍ଣୁ,

ଆପଣ ଏହି ଓଡ଼ିଶାକୁ ଆଜି ଆଖି ଆଗରେ ଯେପରି ଦେଖୁଅଛନ୍ତି, ବାସ୍ତବିକରେ ଏହା ଏପରି ନଥିଲା। ଓଡ଼ିଶାରେ ଜାତି, ଧର୍ମର ବିଚାର ନଥିଲା। ଓଡ଼ିଶା ବୌଦ୍ଧଧର୍ମର ଲୀଳାଭୂମି ଥିଲା। ଆଜି ମଧ ନୀଳାଚଳଧାମ ଶ୍ରୀଜଗନ୍ନାଥ କ୍ଷେତ୍ରରେ ବ୍ରାହ୍ମଣ, ଶୂଦ୍ର ଏକପତ୍ରରେ ବସି ଭୋଜନ କରୁଛନ୍ତି। ଓଡ଼ିଶା ସମସ୍ତ ହରାଇ ଶ୍ରୀକ୍ଷେତ୍ରରେ ଏତିକି ରଖିପାରିଛି ବୋଲି ହିନ୍ଦୁ ଜଗତରେ ପୂଜ୍ୟ ହୋଇଅଛି। ସତ୍ୟ। କିନ୍ତୁ ସେଠାରେ ମଧ ଆମ୍ଭମାନଙ୍କର ସ୍ଥାନ ନାହିଁ। ଆମ୍ଭେମାନେ ବିରାଟ ମାନବ ଜାତିର ଏକ ଅଂଶ ହେଲେ ମଧ ଅସ୍ପୃଶ୍ୟ ଓ ଘୃଣ୍ୟ। ଜଗନ୍ନାଥ ପତିତପାବନ ନାମରେ ବିଶେଷ ରୂପେ ଲୋକରେ ପରିଚିତ। ଦୀନଦୁଃଖିମାନଙ୍କୁ ଉଦ୍ଧାର କରିବା ତାଙ୍କର ପ୍ରିୟ କାର୍ଯ୍ୟ। ବୁଦ୍ଧ, କୃଷ୍ଣ, ଚୈତନ୍ୟ ପ୍ରଭୃତି ମହାପୁରୁଷମାନେ ଧର୍ମ ସଂସ୍ଥାପନ କାଳରେ ଏହି ଉତ୍କଳ ଖଣ୍ଡକୁ ସେମାନଙ୍କର ଲୀଳାଭୂମି ନିରୂପଣ କରିଥିଲେ। ଆମ୍ଭେମାନେ ଆପଣଙ୍କୁ ସେହି ପଥର ପଥିକ ଦେଖି ହୃଦୟରେ ବହୁ ଆଶା ପୋଷଣ କରିଅଛୁ। ଆପଣ କାତର କ୍ରନ୍ଦନ ସହି ନପାରି ଜୀବନର ସମସ୍ତ ସୁଖସ୍ୱାଚ୍ଛନ୍ଦ୍ୟରେ ଜଳାଞ୍ଜଳି ଦେଇଛନ୍ତି। ସେମାନଙ୍କୁ ରକ୍ଷା କରିବା ପାଇଁ ଈଶ୍ୱର ଶକ୍ତି ହୃଦୟରେ ଧରି କେତେ ମହାପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇଅଛନ୍ତି। ବହୁ ସାଧନା ପରିଶେଷରେ ଦେଶୀୟ ଶିଳ୍ପର ଉନ୍ନତିରେ ମନଃପ୍ରାଣ ଢାଳି ଦେଇଛନ୍ତି। ଏହି ନବଦୀକ୍ଷାରେ ଅନୁପ୍ରାଣିତ ହୋଇ ଆଜି ଆପଣ କଟକକୁ ଉତ୍କଳ ଟାନେରୀ ଦେଖିବା ପାଇଁ ଆସିଛନ୍ତି। ଗତ ୩୦ ବର୍ଷ ମଧରେ ଉତ୍କଳ ଟାନେରୀ ଆମ୍ଭମାନଙ୍କ ହସ୍ତ ଓ ଚକ୍ଷୁର ଶିଳ୍ପ ନୈପୁଣ୍ୟ ଶକ୍ତି ବଢ଼ାଇଅଛି ଏବଂ ଆମ୍ଭେମାନେ ଆର୍ଥିକ ଉପାର୍ଜନ କରିବାର କ୍ଷମତା ଲାଭ କରିଅଛୁ। ଆମ୍ଭମାନଙ୍କର ବିଶ୍ୱାସ ଯେ ଉତ୍କଳ ଟାନେରୀ ଉନ୍ନତି ଦ୍ୱାରା ଗୋ-ମାତାର ରକ୍ଷାହେବ। ଦେଶର ଆର୍ଥିକ ଅବସ୍ଥା ବଦଳିଯିବ ଏବଂ ଶିଳ୍ପର ଉନ୍ନତି ସଙ୍ଗେ ସଙ୍ଗେ ଅସ୍ପୃଶ୍ୟତା ଲୋପ ପାଇବ। ଆପଣ ଶିଳ୍ପର ଉନ୍ନତି ଛଳେ ଆସି କଟକ ତଥା ସମଗ୍ର ଉତ୍କଳ ଖଣ୍ଡର ପତିତମାନଙ୍କ ପ୍ରତି ଯେ ଦୟା ଦେଖାଇଛନ୍ତି ସେଥି ନିମିତ୍ତ ଆମ୍ଭେମାନେ ହୃଦୟର ଭକ୍ତି ଓ ଶ୍ରଦ୍ଧା ଅର୍ପଣ କରୁଅଛୁ।

ବଶମ୍ୱଦ

ଉତ୍କଳ ଟାନେରୀ ଶ୍ରମିକଗଣ

୧୯।୮।୧୯୨୫



Source: Author, Digitized by PPRACHIN, SOA

୧୯ ତାରିଖ ପାଞ୍ଚଟା ବେଳେ କଟକ ମ୍ୟୁନିସିପାଲିଟି ପଡ଼ିଆରେ ସଭା ହେଲା। ମହାତ୍ମା ଗାନ୍ଧି ତାଙ୍କର ବକ୍ତୃତା ନିମ୍ନଲିଖିତ ମର୍ମରେ ଦେଇଥିଲେ-"ମୁଁ ଆଜି ଉତ୍କଳକୁ କେବଳ ଗୋଟିଏ କାମ ପାଇଁ ଆସିଛି। ବହୁ ଦିନରୁ ମଧୁବାବୁଙ୍କ ଉତ୍କଳ ଟାନେରୀ ଦେଖିବାକୁ ମୁଁ ଇଚ୍ଛୁକ ଥିଲି। ଆଜି କେବଳ ସେଥିପାଇଁ ମୁଁ ଏଠାକୁ ଆସିଲି। ମୋ ମୁହଁରୁ ଆପଣମାନେ ଆପଣମାନଙ୍କ ବର୍ତ୍ତମାନ କର୍ତ୍ତବ୍ୟ ଏବଂ ସ୍ୱରାଜ୍ୟବାଣୀ ସମ୍ବନ୍ଧେ ଶୁଣିବାକୁ ଇଚ୍ଛା କରନ୍ତି। ଆପଣମାନଙ୍କ ସର୍ବପ୍ରଧାନ କର୍ତ୍ତବ୍ୟ ହେଉଛି ଆଳସ୍ୟ ଭାବରେ ଜୀବନଯାପନ ନକରି କିଛି ନା କିଛି କାମରେ ଲାଗିପଡ଼ିବା। ଉତ୍କଳ ଦେଶ ଅତ୍ୟନ୍ତ ଦରିଦ୍ର। ଉତ୍କଳରେ ଯେତେ ଭିକ୍ଷୁକ ଅଛନ୍ତି ଅନ୍ୟ କୌଣସି ଠାରେ ଏତେ ଦରିଦ୍ର କିମ୍ବା ଭିକ୍ଷୁକ ନାହାନ୍ତି। ଆପଣମାନେ ବର୍ତ୍ତମାନ ସହରରେ ଥାଇ ମନେ କରୁଥିବେ ସମସ୍ତେ ଅର୍ଥାତ୍ ଯେଉଁମାନେ ମଫସଲରେ ଅଛନ୍ତି ସେମାନେ ମଧ୍ୟ ଆପଣମାନଙ୍କ ପରି ସୁଖରେ ଜୀବନଯାପନ କରୁଥିବେ। କିନ୍ତୁ ଏହା ମନେ କରିବା ଭ୍ରମ। ଆପଣମାନେ ସମସ୍ତେ ଯେବେ ନିଜ ନିଜ ବାସସ୍ଥାନକୁ ଫେରିଯାନ୍ତି ତେବେ ଜାଣିପାରିବେ ମଫସଲବାସୀ କି କଷ୍ଟରେ ସେମାନଙ୍କର ଜୀବନ କଟାଉଛନ୍ତି। ଉତ୍କଳ ଦେଶରେ ମୁଁ କେବଳ ଦେଖୁଛି ମନୁଷ୍ୟ ଦେହରେ କେବଳ ଅସ୍ଥି ମାତ୍ର ସାର ଅଛି। ଉତ୍କଳବାସୀଙ୍କର ହାଡ଼ରେ ମାଂସ ନାହିଁ କିମ୍ବା ଚର୍ବି ନାହିଁ। ଆଉ ଅନ୍ୟ କୌଣସି ଜାଗାରେ ମୁଁ ଲୋକମାନଙ୍କର ଏପରି ଶୋଚନୀୟ ଅବସ୍ଥା ଦେଖିନାହିଁ। ଉପଯୁକ୍ତ ଖାଦ୍ୟାଭାବ ଯେ ଏହାର ମୂଳ କାରଣ ଏଥିରେ ସନ୍ଦେହ ନାହିଁ। ଏଥିପାଇଁ ମୁଁ କହେ ଉତ୍କଳବାସୀଙ୍କ ପାଖରେ ସ୍ୱରାଜର ଅର୍ଥ- ସେମାନଙ୍କୁ ଯେପରି ପେଟପୂରା ମୁଠାଏ ଖାଇବାକୁ ମିଳିପାରେ। ସେଥିପାଇଁ କୌଣସି କାମ କରିବା ନିତାନ୍ତ ଆବଶ୍ୟକ। ଭିକ୍ଷୁକ ମୁଠାଏ ମୁଠାଏ ଚାଉଳ ମାଗିନେଇ ତା'ର ଉଦର ପରିପୋଷଣ କଲା। ମୁଁ ଏହାକୁ କାର୍ଯ୍ୟ ବୋଲି କହେ ନାହିଁ। ଗୀତାରେ ଉଲ୍ଲେଖ ଅଛି : ଯେଉଁ ମନୁଷ୍ୟ ପର ଅନ୍ନରେ ତା'ର ଉଦର ପୋଷଣ କରେ, ସେ ଚୋର। କାର୍ଯ୍ୟକରି ନିଜ ପେଟକୁ ନିଜେ ମୁଠାଏ ଖାଇଦେଲେ ଚଳିବ ନାହିଁ। ଗୀତାରେ ମଧ୍ୟ ଉଲ୍ଲେଖ ଅଛି- "ଯେ କେବଳ ନିଜ ପେଟପାଟଣା କଥାଟି ଜାଣେ ସେ ମଧ୍ୟ ଚୋର ଓ ଡାକୁ। ଏଥିପାଇଁ ମୁଁ କହେ ନିଜେ କାମ କର ଅନ୍ୟକୁ କାମ କରାଅ ଏବଂ ନିଜର ପରିଶ୍ରମ ଲବ୍ଧ ଅର୍ଥରେ ନିଜ ନିଜର ଉଦର ପୋଷଣ କରିବାକୁ ଚେଷ୍ଟା କର। ଏହା ହିଁ ଉତ୍କଳବାସୀଙ୍କର ବର୍ତ୍ତମାନ ପ୍ରଧାନ କର୍ତ୍ତବ୍ୟ। ଯଥେଷ୍ଟ ଭାବରେ କାମ କରିବାକୁ ଉଦ୍ୟମ କର। ତା'ହେଲେ ତୁମ୍ଭମାନଙ୍କର ଆଉ ଏ ଦୂରବସ୍ଥା ରହିବ ନାହିଁ। ଉଦ୍ୟମ ସହକାରେ ଲାଗିପଡ଼। କର୍ତ୍ତବ୍ୟ ପଥରୁ କେବେ ଟଳ



Source: Author, Digitized by PPRACHIN, SOA

ନାହିଁ । ଚରଖାରେ ସୂତା କାଟିବା ହିଁ ବର୍ତ୍ତମାନ ପ୍ରଧାନ କର୍ମ । ଯେ ଚରଖା ନଚଳାଇ ଅନ୍ନ ଭୋଜନ କରେ ମୋ ମତରେ ସେ ମଧ୍ୟ ଚୋର । ଯେବେ ଆପଣମାନେ ସ୍ୱରାଜ୍ୟ ପାଇବାକୁ ଇଚ୍ଛା କରନ୍ତି ତେବେ କେବଳ ଚରଖା ହିଁ ଆପଣମାନଙ୍କ ପାଖେ ସ୍ୱରାଜ୍ୟ ଆଣିଦେବ । ନିଜର କୃଷିଲବ୍ଧ ଶସ୍ୟ ମୋଟ ହେଉ ବା ସରୁ ହେଉ ତାହା ଆପଣମାନେ ଖାଇବାକୁ ଯେପରି କୁଣ୍ଠିତ ବୋଧ କରନ୍ତି ନାହିଁ, ନିଜ ହାତକଟା ସୂତା ମୋଟ ହେଉ ବା ସରୁ ହେଉ ତାହା ବ୍ୟବହାର କରିବାକୁ କୁଣ୍ଠିତ ହୁଅନ୍ତୁ ନାହିଁ । ନିଜ ମାତା ଯେଉଁ ଖାଦ୍ୟପଦାର୍ଥମାନ ଦେବେ ତାହା ଯେବେ ଗ୍ରହଣ ନକରେ ତେବେ ସେ ପୁତ୍ରକୁ କୁପୁତ୍ର ବୋଲି କୁହାଯାଏ । ଯେଉଁ ଭାରତବାସୀ ଭାରତରେ ଜନ୍ମଗ୍ରହଣ କରିଛି ସେ ଯେବେ ଭାରତ ଜାତ ସୂତା ମୋଟ ହେଉ ବା ସରୁ ହେଉ ତାହା ବ୍ୟବହାର ନକରେ ତେବେ ଭାରତମାତାଙ୍କର ସେ ପ୍ରକାର ପୁତ୍ରଙ୍କୁ କ'ଣ ବୋଲି କୁହାଯିବ ତାହାର ମୁଁ କିଛି ବିଶେଷଣ କରିପାରୁ ନାହିଁ । ସେ କଥା ଆପଣମାନେ ନିଜେ ବିବେଚନା କରନ୍ତୁ । ମା' ଯେବେ ଦରିଦ୍ର ଓ ବୃଦ୍ଧା ହୁଏ ତେବେ ତାକୁ ତ୍ୟାଗ କରିବା ପୁତ୍ରର ଉଚିତ କି ? ଚରଖାରେ ସୂତା କାଟିବା ଗୋଟାଏ ସାମାନ୍ୟ କାମ । ଏତକ ଯେବେ ତୁମ୍ଭେମାନେ କରିନପାର ତେବେ ସ୍ୱରାଜ୍ୟ ପାଇଲେ ଯେଉଁ ଦାୟିତ୍ୱପୂର୍ଣ୍ଣ କାମ ଆସି ପହଞ୍ଚିବ ତାହା କିପରି କରିପାରିବ ? ମୋର ମନର କଥା ସମସ୍ତେ ଆଳସ୍ୟ ତ୍ୟାଗ କରି ଖଦଡ଼ ପ୍ରସ୍ତୁତିରେ ଲାଗିପଡ଼ । ସମସ୍ତେ ତାହା କରିପାରିବ । ଖାଦ୍ୟାଭାବରୁ ଆପଣମାନଙ୍କ ମଧ୍ୟରୁ ଅନେକ ଲୋକ ଅନ୍ନସଂସ୍ଥାନ ଆଶାରେ କଲିକତା ଯାଇ ମଦ୍ୟପାନ, ବ୍ୟଭିଚାର, ଜୁଆଖେଳ ପ୍ରଭୃତି ଦୁଷ୍କର୍ମରେ ରତ ହୋଇ ନିଜର ଜୀବନ କଳୁଷିତ କରୁଛନ୍ତି । କେବଳ ଚରଖାରେ ସୂତା କାଟିଲେ ଆପଣମାନଙ୍କୁ ଆଉ ପ୍ରବାସ କରିବାକୁ ପଡ଼ିବ ନାହିଁ । ନିଜ ନିଜ ମଧ୍ୟରେ ସ୍ୱାବଲମ୍ବନଶୀଳତା ଆସିବ । ସ୍ୱରାଜ ସମ୍ବନ୍ଧରେ ମୋର ଭବିଷ୍ୟତବାଣୀ ଏତିକି । ଏହା ଯେବେ ନକରନ୍ତି ସ୍ୱରାଜ ମିଳି ନପାରେ । ଯେ ଆପଣା ସମୟ ଆଳସ୍ୟରେ କଟାଏ ସେ ସ୍ୱରାଜ୍ୟ ବା ସ୍ୱାତନ୍ତ୍ୟ କ'ଣ ଜାଣେ ନାହିଁ । ଦେଶବନ୍ଧୁ ଚିତ୍ତରଞ୍ଜନ ସ୍ୱରାଜ୍ୟ ପାଇଁ ବହୁତ ଲଢୁଥିଲେ । ସେ ବର୍ତ୍ତମାନ ଆମ୍ଭମାନଙ୍କ ମଧ୍ୟରୁ ଚାଲିଗଲେଣି । ସାର୍ ସୁରେନ୍ଦ୍ର ନାଥ ମଧ୍ୟ ଅଳ୍ପଦିନ ହେବ ଆମ୍ଭମାନଙ୍କ ମଧ୍ୟରୁ ଚାଲିଯାଇଛନ୍ତି । ଦେଶବନ୍ଧୁଙ୍କର ସ୍ମୃତିରକ୍ଷା ପାଇଁ ସମସ୍ତଙ୍କର ଚେଷ୍ଟା କରିବା ଉଚିତ । ସ୍ୱରାଜ ସମ୍ବନ୍ଧରେ ଯାହା କିଛି କହିଲି । ବର୍ତ୍ତମାନ କେବଳ ହିନ୍ଦୁ, ମୁସଲମାନ ଏବଂ ଅସ୍ପୃଶ୍ୟ ଜାତିମାନଙ୍କ କଥା ବାକି ରହିଲା । ଅସ୍ପୃଶ୍ୟମାନଙ୍କ ସମ୍ବନ୍ଧରେ ମୁଁ ଏତିକି କହେ ଯେ ହିନ୍ଦୁଧର୍ମ ମଧ୍ୟରେ ଅସ୍ପୃଶ୍ୟତା ଗୋଟାଏ ପାପ । ମନୁଷ୍ୟ ମଧ୍ୟରେ



Source: Author, Digitized by PPRACHIN, SOA

କେହି ଅସ୍ପୃଶ୍ୟ ନାହିଁ। ହିନ୍ଦୁଧର୍ମରୁ ଅସ୍ପୃଶ୍ୟତା ନଗଲେ ହିନ୍ଦୁସ୍ଥାନର ଉଦ୍ଧାର ମଧ୍ୟ ବହୁ ଦୂରରେ। ମୁଁ ଜାଣି ସୁଖୀହେଲି ଯେ, ଏଠାରେ ହିନ୍ଦୁ-ମୁସଲ୍‌ମାନଙ୍କର କିଛି ବିବାଦ ନାହିଁ। ମୋର ମଧ୍ୟ କିଛି କହିବାର ନାହିଁ। ବର୍ତ୍ତମାନ ମୁଁ ମୋର ସ୍ୱରାଜ୍ୟବାଣୀ କହିଲି। କରିବା ନକରିବା ତାହା ଆପଣମାନଙ୍କ କାମ।"

ଅଗଷ୍ଟ ୨୦ ତାରିଖ ସନ୍ଧ୍ୟା ୭ ଘଣ୍ଟା ୩୦ ମିନିଟ୍‌ରେ ମହାତ୍ମା ଗାନ୍ଧି ମଧୁବାବୁଙ୍କ କୋଠିରେ ଅଳକାଶ୍ରମ କର୍ମୀମାନଙ୍କୁ ସାକ୍ଷାତ କରିଥିଲେ। ସେମାନଙ୍କ ସହିତ କଥାବାର୍ତ୍ତା ହେଉ ହେଉ ପ୍ରସଙ୍ଗ କ୍ରମେ କହିଥିଲେ- "ଏ ଦେଶର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ଯେ ମନ୍ଦ, ଏକଥା ମୁଁ ମୋର ଦେଶବାସୀଙ୍କୁ ବୁଝାଇ ନପାରିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ମୋ' ହୃଦୟରେ ଏହି ବିଶ୍ୱାସ ବଦ୍ଧମୂଳ ହୋଇଅଛି। ପ୍ରଚଳିତ ବୈଦେଶିକ ଶିକ୍ଷାପଦ୍ଧତି ଭାରତବାସୀଙ୍କ ମନକୁ ପାଶ୍ଚାତ୍ୟ ଜଡ଼ ସଭ୍ୟତାର "ବ୍ଲଟିଂ ପେପର୍" (ଛାପା କାଗଜ) ପରି କରିଦେଉଛି। ଅର୍ଥାତ୍ ଜଡ଼ ସଭ୍ୟତାର ପ୍ରକୃତ ସାର ଗ୍ରହଣ ନକରି କେବଳ ତାର ଅସ୍ପଷ୍ଟ ଛାଞ୍ଚ ଗ୍ରହଣ କରି ବୁଦ୍ଧିବୃତ୍ତି ନିଶ୍ଚେଷ୍ଟ ହୋଇ ପଡୁଅଛି। ପିଲାମାନଙ୍କୁ ପୁସ୍ତକଗତ ବିଦ୍ୟା ଶିକ୍ଷାଦେବା ଆଗରୁ ସେମାନଙ୍କ ହସ୍ତକୁ ଉତ୍ତମ ରୂପେ ଶିକ୍ଷିତ କରାଇବା ଆବଶ୍ୟକ। ସେମାନେ କାର୍ଯ୍ୟ କଲାବେଳେ ଯେପରି ବୁଦ୍ଧିର ସହିତ କାର୍ଯ୍ୟ କରନ୍ତି ଓ ଯେ କାର୍ଯ୍ୟ କରୁଛନ୍ତି ସେ କାର୍ଯ୍ୟ କରିବାର ହେତୁ କ'ଣ, ଭବିଷ୍ୟତରେ ତାହା କିପରି ଭାବରେ ଉନ୍ନତି ଲାଭ କରିପାରିବ ଏ ସମସ୍ତ ବିଷୟ ଯେପରି ଚିନ୍ତା କରନ୍ତି ସେପରି ପରିଚାଳନା କରିବାକୁ ହେବ। ଦେଶର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ପ୍ରତ୍ୟେକ ପିଲା ଏହି ସମୟରୁ ନିଜର ପରିଶ୍ରମ ଦ୍ୱାରା ଯେପରି କିଛି ଅର୍ଜନ କରେ ତାହା କରିବାକୁ ହେବ।

କାର୍ଯ୍ୟ କରିବା ସମୟରେ ସେହି କାର୍ଯ୍ୟକୁ ଉପଲକ୍ଷ କରି ଶିକ୍ଷା ଦେବା ସଙ୍ଗେ ସଙ୍ଗେ ତା'ର ବୁଦ୍ଧିଶକ୍ତିର ପରିଚାଳନ ପ୍ରଶସ୍ତ କରାଇବ। ଆଶ୍ରମରୁ ଯଦି ପିଲାମାନେ ବା କର୍ମୀମାନେ ଚାଲିଯାନ୍ତି ତଥାପି ହତାଶ ନହୋଇ ଜଣେ ଲୋକ ଧୈର୍ଯ୍ୟଧରି ନିଜର ପରିଶ୍ରମ ଦ୍ୱାରା ନିଜର ଅନ୍ନ ସଂସ୍ଥାନ କରି ପଡ଼ିରହେ, ତେବେ ମୁଁ କହେ ତା'ର ଦୃଷ୍ଟାନ୍ତ ଦେଖି କ୍ରମେ ବହୁଲୋକ ଆସି ଯୋଗ ଦେବେ। ମୋତେ ନେବା ପାଇଁ ଆଶ୍ରମବାସୀ ଉପଯୁକ୍ତ କ୍ଷମତା ଲାଭ କଲେ ଓ କାର୍ଯ୍ୟ ଦ୍ୱାରା ପ୍ରତିବେଶୀଙ୍କର ସହାନୁଭୂତି ଆକର୍ଷଣ କରି ଏ ଦୁଃସମୟରେ ବଞ୍ଚି ରହିପାରିଲେ ମୁଁ ବିନା ନିମନ୍ତ୍ରଣରେ ଯାଇ ସେଠାରେ ପହଞ୍ଚିବି।"

(ଉତ୍କଳ ଦୀପିକା, ସେପ୍ଟେମ୍ବର ୫, ୧୯୨୫)



Source: Author, Digitized by PPRACHIN, SOA

୧୯୨୭ ମସିହା ମହାତ୍ମା ଗାନ୍ଧିଙ୍କ ଓଡ଼ିଶା ସମ୍ପର୍କରେ ଏକ ଅବିସ୍ମରଣୀୟ ବର୍ଷ। ଏହି ବର୍ଷରେ ମଧ୍ୟ ମହାତ୍ମା ଗାନ୍ଧି ଓଡ଼ିଶାକୁ ଆସିଥିଲେ। ତାଙ୍କ ଆଗମନ ପୂର୍ବରୁ ଉତ୍କଳ ଦୀପିକା (ଅକ୍ଟୋବର ୨୨, ୧୯୨୭)ରେ ଏକ ଆଲୋଚନାରେ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ ଲେଖିଥିଲେ : "ଏ କଥା ଶୁଣିଲା କ୍ଷଣି ଓଡ଼ିଆ ପ୍ରାଣରେ କେତେ ଆଶ୍ୱାସନା, କେତେ ଆକାଂକ୍ଷା, କେତେ ଉତ୍ସାହ, କେତେ ଆନନ୍ଦ ଆସୁଛି। ଏହା କାହିଁକି ଆସୁଛି ? ସେ ବା କାହିଁକି ତାଙ୍କର ବହୁମୂଲ୍ୟ ସମୟରୁ ଏକମାସ ଭଗ୍ନ ସ୍ୱାସ୍ଥ୍ୟ ଘେନି ଆସୁଛନ୍ତି ? ଏ କଥା ବର୍ତ୍ତମାନ ସମସ୍ତଙ୍କର ଭାବିବା ଉଚିତ। କେବଳ ଉତ୍ସାହରେ ମାତିଗଲେ ହେବ ନାହିଁ। ଦୁର୍ଭାଗ୍ୟରୁ ହେଉ ବା ସୌଭାଗ୍ୟରୁ ହେଉ ୧୯୧୯, ୧୯୨୦ରେ ପୁରୀ ଦୁର୍ଭିକ୍ଷ ଘେନି ତାଙ୍କ ସଙ୍ଗେ ଉତ୍କଳର ପରିଚୟ। ତାପରେ ୧୯୨୧ରେ ସେ ଅସହଯୋଗର ରଣଭେରୀ ବଜାଇ ଆମକୁ ନବମନ୍ତ୍ରରେ (ଅହିଂସା, ଅସହଯୋଗ, ସ୍ୱରାଜ୍ୟ ପ୍ରାପ୍ତିର ଏକମାତ୍ର ପନ୍ଥାରେ) ଦୀକ୍ଷିତ କରାଇବାକୁ ଆସିଥିଲେ। ଆମ୍ଭେ କିନ୍ତୁ ସହଜରେ ଛାଡ଼ିବା ଜନ୍ତୁ ନୋହୁ। ଚୈତନ୍ୟ, ଶଙ୍କରଙ୍କୁ ଆମେ ଦୀକ୍ଷା ଦେଇଥିଲୁ। ସେ ରକ୍ତ ଆମ ଠାରେ ଅଛି। ସୁବିଧା ସୁଯୋଗ ଦେଖି ମହୋଦଧିର ଉତ୍ତାଳ ତରଙ୍ଗାଘାତ ତଟଦେଶରେ ନୀଳାଚଳନାଥଙ୍କ ପତାକା ତଳେ ଆମର ଅସ୍ଥିକଙ୍କାଳ ଦେଖାଇ ମହାତ୍ମାଜୀଙ୍କୁ ଏପରି ମନ୍ତ୍ର ଦୀକ୍ଷାଦେଲୁ ଯେ ସେ ସାତବର୍ଷ ହେଲା ଶୟନେ, ସ୍ୱପନେ, ସଦାଜାଗରଣେ ତାକୁ ହିଁ ଗୁଣି ହେଉଛନ୍ତି। ଶୋଇଲେ ଆମର ଅସ୍ଥି କଙ୍କାଳ ସାର ମୂର୍ତ୍ତି ସ୍ୱପ୍ନରେ ଦେଖି ଚିଙ୍ଗିକି ଉଠୁଛନ୍ତି। ଉତ୍କଳ ବା ଓଡ଼ିଆଙ୍କ କଥା ଶୁଣିଲା କ୍ଷଣି ତାଙ୍କ ମନରେ ହେଉଛି "ଓଃ ! କି ଭୀଷଣ ଦୃଶ୍ୟ। ଏ ଜାତି ଏ ପ୍ରଦେଶର ଅବସ୍ଥା ନ ବଦଳିଲେ ଭାରତର ସ୍ୱରାଜ ଆଶା ଅଳିକ ସ୍ୱପ୍ନ ମାତ୍ର। ଉତ୍କଳର ବାସ୍ତବ ଦାରିଦ୍ର୍ୟଠୁଁ ମାନସିକ ଦାରିଦ୍ର୍ୟ ବେଶୀ। ଏ କଥା ଆମେ ଯେତେ ଲୁଚାଇଲେ ଲୁଚିବ ନାହିଁ। ପରାଧୀନତାର ନିଗୂଢ଼ କଷାଘାତରେ ଆମେ ଏପରି ଜଡ଼ପିଣ୍ଡ ହୋଇଅଛୁ ଯେ ନିଜର ଅବସ୍ଥା କଥା ନିଜର ଶକ୍ତି କଥା ନିଜେ ସ୍ଥିର କରିପାରୁ ନାହିଁ। ସବୁବେଳେ ହତାଶ, ଅବିଶ୍ୱାସ, ନିରାଶର କାହାଣୀ ଶୁଣି ଶୁଣି କର୍ଣ୍ଣ ବଧିର ହୋଇଗଲାଣି। ଯାହାହେଉ ପ୍ରତ୍ୟେକ କାର୍ଯ୍ୟର ପ୍ରତ୍ୟେକ ଅବସ୍ଥାର ସୀମା ଅଛି। ସେଠାରେ ପହଞ୍ଚିଲେ ଫେରିବାକୁ ହୁଏ। ଆମକୁ ମଧ୍ୟ ଫେରିବାକୁ ହେବ। ଆମ୍ଭେ ଯେତେ ଶୋଇବାକୁ ଚେଷ୍ଟା କରିବୁ ଉପରୁ ସେତେ ଘନ ଘନ ଡାକ ଆସିବ।

ମହାତ୍ମାଜୀ କହୁଛନ୍ତି କେତେକାଳ ଶୋଇ ରହିଥିବ। ଏ ବିଂଶ ଶତାବ୍ଦୀରେ ମଧ୍ୟ ତୁମେ ନ ଜାଗିଲେ ତୁମର ଆଶା ଭରସା କ'ଣ ? ରକ୍ଷା ନାହିଁ, ଉଦ୍ଧାରର ଉପାୟ ନାହିଁ।



Source: Author, Digitized by PPRACHIN, SOA

ଉଠ, ମୁଁ ନଭେମ୍ବର ୨୦ରେ ତୁମ ଦ୍ୱାରରେ ପହଞ୍ଚିବି। ତୁମେ ତୁମରି ଅବସ୍ଥା ବଦଳାଇବା ପାଇଁ କି ଚେଷ୍ଟା କରୁଛ- ତାହାର ହିସାବ ମାଗିବି। ଏକମାତ୍ର ଖଦଡ଼ ଛଡ଼ା ତୁମ ଅବସ୍ଥା ବଦଳିବାର ଅନ୍ୟ ପନ୍ଥା ନାହିଁ। ଏ କଥା ବାରମ୍ବାର କହିଛି, ବର୍ତ୍ତମାନ କହୁଛି। ତୁମ ନିକଟରେ ପହଞ୍ଚିଲେ କହିବି। ସବୁବେଳେ ବାହାରକୁ ହାତ ପତାଅ ନାହିଁ। ନିଜର ଅବସ୍ଥା ବଦଳାଇବା ପାଇଁ ନିଜେ ଚେଷ୍ଟା କର। ନିଜର କାର୍ଯ୍ୟ ପାଇଁ ପଇସା ଅଧଲାଏ ଯାହା ଅଣ୍ଟାରେ ଅଛି କାଢ଼। ମୋଟା ହେଲେ ସୁଦ୍ଧା ଖଦୀ ସୌଭାଗ୍ୟର ଚିହ୍ନ। ତା'ଠାରୁ ସୁନ୍ଦର କିଏ ? ଅରଟର ମଧୁମୟ ଧ୍ୱନିପରି ଆଉ କାହାର ମଧୁମୟ ଧ୍ୱନି ଅଛି ? ତା'ଠୁଁ ବଳି ତୁମ ଜାତିର ସାହାଯ୍ୟକାରୀ କିଏ ଅଛି ? ସେହି ଅରଟ କିପରି ଘରେ ଘରେ ଚଳିବ ତାହାର ଉପାୟ ଓ କାର୍ଯ୍ୟ ପ୍ରଣାଳୀ ସ୍ଥିର କରିବା ପାଇଁ ପହିଲେ ଖଦୀ ପିନ୍ଧି ଯାହା ଦି'ଚାରି ପଇସା ଘରେ ଅଛି ଘେନି ବାହାରିଆସ। ତୁମର ଚେଷ୍ଟା ଦେଖିଲେ ଭଗବାନ ସହାୟ ହେବେ। ମୋର ଇଚ୍ଛା ଉତ୍କଳ ଭାରତର ମାଞ୍ଚେଷ୍ଟର ହେଉ। ସତେ କ'ଣ ମହାତ୍ମାଜୀଙ୍କ ଆଶା ସ୍ୱପ୍ନ ଫଳିବ, ସବୁ ଆମରି ହାତରେ।

ମହାତ୍ମା ଗାନ୍ଧିଙ୍କ ଠାରୁ ନଭେମ୍ବର ୧୬ ତାରିଖରେ ଯେଉଁ ପତ୍ର ଓଡ଼ିଶା ପାଇଁ ଆସିଥିଲା ତାହା ଦୀପିକାରେ ନଭେମ୍ବର ୧୯ ତାରିଖରେ ଏହିପରି ଭାବରେ ପ୍ରକାଶ ପାଇଥିଲା- "Let me see the poorest people and be near them and then. There must be the flood area to be visited." ଏହି ଦୀପିକା (ନଭେମ୍ବର ୨୬, ୧୯୨୭)ରେ ମହାତ୍ମା ଗାନ୍ଧି ଉତ୍କଳ ଆଗମନର ବାର୍ତ୍ତା ପ୍ରଚାରିତ ହୋଇଥିଲା। :

"ମହାତ୍ମା ଗାନ୍ଧି ସିଲୋନ୍‌ରୁ ଉତ୍କଳକୁ ଆସିବେ। ଡିସେମ୍ବର ମାସ ୨ ତାରିଖ ଦିନ ଗଞ୍ଜାମ ବ୍ରହ୍ମପୁରରେ ପହଞ୍ଚିବେ। ଗଞ୍ଜାମରେ କିଛିଦିନ ରହି ପୁରୀ, ସମ୍ବଲପୁର ଓ ବାଲେଶ୍ୱର ଜିଲ୍ଲାମାନଙ୍କରେ ବୁଲି ୨୦ ତାରିଖ ବେଳକୁ କଟକ ଆସିବେ। ଉତ୍କଳ ବିଦ୍ୟା, ଧନ ଓ ରାଜନୈତିକ ଅଧିକାର ସବୁ ବିଷୟରେ ଭାରତର ଅନ୍ୟାନ୍ୟ ପ୍ରଦେଶ ପଛରେ ପଡ଼ିଛି। ତାହାର ଅଙ୍ଗ ଛିନ୍ନ ବିଚ୍ଛିନ୍ନ। ମରହଟ୍ଟା ରାଜତ୍ୱରୁ ତାହାର ଅବନତି ଆରମ୍ଭ ହୋଇ ଏହି ବ୍ରିଟିଶ୍ ରାଜତ୍ୱରେ ବହୁ ଦୂର ଗତି କରିଛି। ଏ ଅଧୋଗତିର ବେଗ ସମ୍ଭାଳି ଠିଆହେବାକୁ ଉତ୍କଳବାସୀର କ୍ଷୀଣ ଚେଷ୍ଟାରେ ପ୍ରକୃତି ମଧ୍ୟ ଅନ୍ତରାୟ। ବର୍ଷକୁ ବର୍ଷ ବଢ଼ି ଓ ଦୁର୍ଭିକ୍ଷରେ ଉତ୍କଳବାସୀର ଅଣ୍ଟାର ବଳ କମିଯାଉଛି। ନୈରାଶ୍ୟ ମଧ୍ୟରେ ଭାରତର ନେତୃସ୍ଥାନୀୟ ଯେକୌଣସି ଅତିଥିଙ୍କର ଆଗମନରେ ଉତ୍କଳ ଆଶାର ବାଣୀ ପାଏ। ଆଶାଲୋକରେ ତା'ର କ୍ଷୀଣ ଦେହରେ



Source: Author, Digitized by PPRACHIN, SOA

ସାମାନ୍ୟ ବଳ ସଞ୍ଚାର ହୁଏ। ଆଜି ବଡ଼ ସୌଭାଗ୍ୟର ବିଷୟ, ଭାରତର ଶ୍ରେଷ୍ଠ ମାନବ ମହାତ୍ମା ଗାନ୍ଧି ଉତ୍କଳର ଦୁଆରେ ଅତିଥି ହେବେ। ଗାନ୍ଧି ଉତ୍କଳର ନିମନ୍ତ୍ରିତ ଅତିଥି ନୁହନ୍ତି। ସେ ଅନାହୂତ।

୧୯୨୧ରେ ଉତ୍କଳର ଦୀନହୀନ କଙ୍କାଳ ମୂର୍ତ୍ତି ଦେଖି ସେହିଦିନୁ ଉତ୍କଳର ଦାରିଦ୍ର୍ୟର ମାତ୍ରା ସେ ଭଲରୂପେ ହୃଦୟଙ୍ଗମ କରିଛନ୍ତି ଏବଂ ସେ ସଦାସର୍ବଦା ଏ ଦୁର୍ଗତିରୁ ଉତ୍କଳକୁ ରକ୍ଷା କରିବାକୁ ବ୍ୟାକୁଳ- ସେହି ବ୍ୟାକୁଳତା ଆଜି ଏ ଉତ୍କଳକୁ ତାଙ୍କୁ ଟାଣିଆଣିଛି। ସେ ଉତ୍କଳର ଅବସ୍ଥା ନିଜେ ଦେଖିବେ ଏବଂ ସମସ୍ତ ନିଜେ ବୁଝିବେ। ଏଥିପାଇଁ ସେ ଉତ୍କଳକୁ ଆସୁଛନ୍ତି। ଉତ୍କଳବାସୀ କି ନେଇ ଆଜି ଏ ଅତିଥିର ସମ୍ବର୍ଦ୍ଧନା କରିବେ ? ଆଜି ମହାତ୍ମା ଗାନ୍ଧି ଖଦଡ଼ ପ୍ରଚାରରେ ଲିପ୍ତ। ତାଙ୍କର ଅହିଂସା ଅସହଯୋଗ ଭାରତର ଶିକ୍ଷିତ ଜନସାଧାରଣ ଗ୍ରହଣ ନକରିବାରୁ ସେ ରାଜନୀତିର ଦୂରରେ ରହି ଖଦି ଦ୍ୱାରା ଭାରତର ଆର୍ଥିକ ପରାଧୀନତା ଦୂର ହେବ ଏହି ବିଶ୍ୱାସରେ ଚାରିଆଡ଼େ ବୁଲି ଅରଟର ବାର୍ତ୍ତା ପ୍ରଚାର କରୁଛନ୍ତି। ସେହି ଖଦଡ଼ର ପ୍ରଚାର ପାଇଁ ଦେଶର ସମସ୍ତ ଅଞ୍ଚଳରୁ ଲକ୍ଷ ଲକ୍ଷ ଟଙ୍କା ମଧ୍ୟ ଉଠାଇଛନ୍ତି। ଏ ବର୍ଷର ଭ୍ରମଣ ଉତ୍କଳରେ ଶେଷ ହେବ- ସେ ଯେଉଁଠାରେ ବୁଲିଆସିଲେଣି ସେଠାରେ ସବୁ ସମ୍ପ୍ରଦାୟର ଲୋକ ତାଙ୍କୁ ଅଭ୍ୟର୍ଥନା କରୁଛନ୍ତି। ଖଦି କାର୍ଯ୍ୟ ପାଇଁ ଟଙ୍କା ତାଙ୍କୁ ଭେଟି ଦେଉଛନ୍ତି ଏବଂ ସେହି ସେହି ଅଞ୍ଚଳରେ ଖଦଡ଼ର ପ୍ରଚାର ପାଇଁ ସମସ୍ତେ ଯୋଗ ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି।

ଉତ୍କଳ ଦରିଦ୍ର। ସେ ଲକ୍ଷ ଲକ୍ଷ ଟଙ୍କା ଭେଟି ଦେଇପାରିବ ନାହିଁ। କିନ୍ତୁ ବିଦୁରଙ୍କ ଘରେ ଶ୍ରୀକୃଷ୍ଣଙ୍କ ପରି ସେ ଖୁଦମୁଠାଏ ଦେବ- ବ୍ରହ୍ମପୁର ପ୍ରଭୃତି ସ୍ଥାନରେ ଯେପରି ଆୟୋଜନ ଚାଲିଛି ସେଥିରୁ ଜଣାଯାଏ ଯତ୍‌ସାମାନ୍ୟ ଭେଟି ଉତ୍କଳବାସୀ ଦେବେ।

ଅନ୍ୟାନ୍ୟ ଜିଲ୍ଲାମାନେ ଏତିକି ବେଳୁ ସଚେଷ୍ଟ ହେଲେ ଯତ୍‌ସାମାନ୍ୟ ଭେଟି ନିଶ୍ଚୟ ଦେଇପାରିବେ। ମାତ୍ର ମହାତ୍ମା ଗାନ୍ଧି ଉତ୍କଳକୁ ଖଦଡ଼ କାର୍ଯ୍ୟ ପାଇଁ ଟଙ୍କା ସାହାଯ୍ୟରେ ଆସୁନାହାନ୍ତି। ଆଜି ସେ ଆସୁଛନ୍ତି ଉତ୍କଳର ପ୍ରାଣରେ ୧୯୨୧ରୁ ଯେ କ୍ଷୀଣ ସ୍ପନ୍ଦନ ଆରମ୍ଭ ହୋଇଛି ତାକୁ ଦ୍ରୁତତର ଓ ବଳବତ୍ତର କରିବାକୁ ଆସୁଛନ୍ତି। ପ୍ରକୃତିର ଭ୍ରୂକୁଟି ସତ୍ତ୍ୱେ ବ୍ରିଟିଶ୍ ସରକାରଙ୍କ ଅନାସ୍ଥା ସତ୍ତ୍ୱେ ଉତ୍କଳ ତା'ର କ୍ଷୀଣ ଦେହରେ ନିଜର ଅବସ୍ଥା ପରିବର୍ତ୍ତନ ପାଇଁ ନିଶ୍ଚେଷ୍ଟ ନୁହେଁ। ଉତ୍କଳ ତା'ର ଶକ୍ତି ଅନୁସାରେ ବନ୍ୟା ଓ ଦୁର୍ଭିକ୍ଷର ପ୍ରତିକାର ପାଇଁ ଅଣ୍ଟା ଭିଡ଼ିଛି। ବ୍ରିଟିଶ୍ ସରକାର ଉତ୍କଳକୁ ଛିନ୍ନ ବିଚ୍ଛିନ୍ନ ରଖି ଯେ ଘୋର ଅନ୍ୟାୟ କରୁଛନ୍ତି ତା'ର ପ୍ରତିବାଦ ଉତ୍କଳ କ୍ଷୀଣ ସ୍ୱରରେ ଯଥାଶକ୍ତି କରୁଅଛି ଏବଂ ତା'ର



Source: Author, Digitized by PPRACHIN, SOA

ଚିର ଦାରିଦ୍ର୍ୟକୁ ଅରଟ ଓ ଅନ୍ୟାନ୍ୟ ଗୃହଶିଳ୍ପର ବିସ୍ତାର ଦ୍ୱାରା ଦୂର କରିବା ପାଇଁ ମଧ୍ୟ ଚେଷ୍ଟା କରୁଛି । ଆଜି ମହାତ୍ମା ଗାନ୍ଧିଙ୍କ ଶୁଭାଗମନରେ ଏହି ଚେଷ୍ଟାର ଶକ୍ତି ବଢ଼ୁ, ଉତ୍କଳ ବଦ୍ଧପରିକର ହେଉ ତା'ର ବକ୍ଷରୁ ସେ ଦାରିଦ୍ର୍ୟ ଓ ମୋହକୁ ଶିକ୍ଷା ଓ ଶିଳ୍ପର ବିସ୍ତାର ଦ୍ୱାରା ଶୀଘ୍ର ଦୂର କରିବ । ଏହା ହିଁ ମହାତ୍ମା ଗାନ୍ଧିଙ୍କର ପ୍ରକୃତ ଅଭ୍ୟର୍ଥନା ହେବ ବୋଲି ଆମ୍ଭମାନଙ୍କର ବିଶ୍ୱାସ ।

ଉତ୍କଳ ଦୀପିକା (ଡିସେମ୍ବର ୩, ୧୯୨୭)ରେ ମହାତ୍ମା ଗାନ୍ଧିଙ୍କୁ ସ୍ୱାଗତ କରି ଲେଖା ଯାଇଥିଲା :

"ହେ ଭାରତ ହୃଦୟ ଆକାଶର ଧ୍ରୁବତାରା, ଦରିଦ୍ର ସ୍ୱଦେଶବାସୀଙ୍କ ପ୍ରାଣର ବନ୍ଧୁ, ଅହିଂସା ଅସହଯୋଗର ମୂର୍ତ୍ତିମାନ ପୁରୁଷ, ସତ୍ୟାଗ୍ରହର ଅବତାର, ସ୍ୱାବଲମ୍ବୀ ମାନବର ଆଦର୍ଶ, ସ୍ୱଦେଶୀ ପ୍ରଚାରକ, ମହାତ୍ମା ଗାନ୍ଧି ବହୁ ପୁଣ୍ୟ ଫଳରେ ଆଜି ନିତାନ୍ତ ଅସମୟରେ ଆପଣ ଏ ଲାଞ୍ଛିତ, ବିପନ୍ନ, ଅସହାୟ ପଶ୍ଚାତ୍‌ପଦ, ଦୀନ, ଦରିଦ୍ର, ଉତ୍କଳବାସୀଙ୍କୁ ସଙ୍ଖୁଳିବାକୁ ଆସୁଛନ୍ତି । କି ନେଇ ଆପଣଙ୍କର ସତ୍କାର କରିବୁ । ନା ଅଛି ବିଦ୍ୟା, ନା ଅଛି ଧନ, ନା ଅଛି ଶକ୍ତି । ଆମର ଅନ୍ତଃକରଣ ଶୁଷ୍କ ହୋଇଗଲାଣି ବାହ୍ୟ ପ୍ରକୃତିର ତାଡ଼ନାରେ । ନିଜକୁ ନିଜେ ଦୀନ, ଦରିଦ୍ର ଓ ଅସହାୟ ଭାବି ଭାବି ବାସ୍ତବିକ ଦୀନ, ଦରିଦ୍ର ଓ ଅସହାୟ ହୋଇଗଲୁଣି । ଆମର ଅତୀତ ଗୌରବମୟ ଥିଲା- ଏ କଥା କହି ଲୋକ ସମ୍ମୁଖରେ ମୁହଁ ଦେଖାଇବାକୁ ଲଜ୍ଜାବୋଧ କଲୁଣି । ବର୍ତ୍ତମାନ ତ କିଛି ନାହିଁ । ଅତୀତର ଗୁଣ ଗାଇଲେ କ'ଣ ହେବ ? ନିଜର ଚେଷ୍ଟା ନିଜେ ହରାଇ ସାରିଲୁଣି । ସମୟ ଅସମୟ ପଡ଼ିଲେ କେବଳ ଭିକ୍ଷାର ଝୁଲି ଧରି ପ୍ରତିବେଶୀଙ୍କ ଦ୍ୱାରରେ ଉପସ୍ଥିତ ହେଉଅଛୁ । ଆମେ ଆମର ନିଜସ୍ୱ ହରାଇ ବସିଛୁ । କ'ଣ କରିବୁ । ଆମକୁ ଉପାୟ ବତାନ୍ତୁ । ଆପଣ ଖଦି ତିଆରି କରିବାକୁ ଆମକୁ ବାରମ୍ବାର କହୁଛନ୍ତି । ଆପଣଙ୍କର ଆଶା "ଉତ୍କଳ ଭାରତର ମାଞ୍ଚେଷ୍ଟର ହେବ ।" କିନ୍ତୁ ଆମେ ଏତେ ଅଳସୁଆ, ଏତେ ନିକମା । ପ୍ରକୃତି ଆମ ପ୍ରତି ଏଡ଼େ ଅପ୍ରସନ୍ନ ଯେ ଆମେ ଏକାବେଳକେ ମନୁଷ୍ୟତ୍ୱ ହରାଇ ନିକମା ହୋଇ ବସିଛୁ । ସବୁବେଳେ କପାଳକୁ ଠୁଙ୍କୁଛୁ । ଆମ ମଧ୍ୟରେ ଜଣେ କେହି ନାହିଁ ଆମକୁ ଜୀବନୀ ଶକ୍ତିଦେଇ ଏ ଅବସ୍ଥାରୁ ଉଦ୍ଧାର କରିବ । ସମସ୍ତେ ଏକାପରି । ଆପଣ ନିଜେ କହିଛନ୍ତି ଓଡ଼ିଶାର ଅବସ୍ଥା ନବଦଳିଲେ ଭାରତର ସ୍ୱରାଜ୍ୟର ଆଶା ଆକାଶ କୁସୁମ । ଆମର ଅନ୍ତର୍ନିହିତ ଶକ୍ତି ଉଦ୍‌ବୋଧିତ ନହେଲେ ଆମେ କିଛି କରିପାରିବୁ ନାହିଁ ।



Source: Author, Digitized by PPRACHIN, SOA

କିଛିଦିନ ଆପଣଙ୍କ ସାହଚର୍ଯ୍ୟ ଲାଭ କଲେ ଏ ନିର୍ଜୀବ ଉତ୍କଳ ପୁନର୍ଜନ୍ମ ଲାଭ କରିବ। ଏହି ୨୦/୨୨ ଦିନରେ କିଛି ହେବ ନାହିଁ। ଆମ ପ୍ରତି ଦୟାକରି ସାବରମତୀ ଆଶ୍ରମ ଛାଡ଼ି ଉତ୍କଳକୁ ଆପଣଙ୍କର କାର୍ଯ୍ୟର କେନ୍ଦ୍ରସ୍ଥାନ କରନ୍ତୁ। ଆମରତ କିଛି ନାହିଁ। କ'ଣ ଦେଇ ଆପଣଙ୍କ ପୂଜା କରିବୁ। କେବଳ ହୃଦୟର ବିମଳ ଶ୍ରଦ୍ଧା ଭକ୍ତି ଦେଇ ଆପଣଙ୍କ ଆବାହନ କରିଅଛୁ।

ଗାନ୍ଧିଜୀଙ୍କର ଓଡ଼ିଶା ଗସ୍ତ ଆରମ୍ଭ ହେଲା ଡିସେମ୍ବର ୫ରେ। ଡିସେମ୍ବର ୩ରେ ସେ ଚିକାକୋଲରେ ପହଞ୍ଚିଲେ। ଚିକାକୋଲ, ତିଳରୁ, ସର୍ବକୋଟା, ପାରଳାଖେମୁଣ୍ଡି, ପୁଣ୍ଡିରେ ସାଧାରଣ ସଭାମାନଙ୍କରେ ଭାଷଣ ଦେଇ ୪ ତାରିଖରେ ପଲାସା, ବରୁଆ, ସୋମପେଟା ଓ ଇଚ୍ଛାପୁର ଯାଇଥିଲେ। ୫ ତାରିଖରେ ବ୍ରହ୍ମପୁରରେ ପହଞ୍ଚିଲେ। ବ୍ରହ୍ମପୁର ଠାରେ ରଘୁନାଥ ସ୍ୱାମୀ ମନ୍ଦିର ଉଦ୍‌ଘାଟନ କଲେ। ସେଠାରେ ଛାତ୍ର, ମହିଳା ଓ ସର୍ବସାଧାରଣଙ୍କ ସଭାରେ ଭାଷଣ ଦେଇଥିଲେ। ୬ ତାରିଖ ଦିନ ଆସ୍କା, ଗୋବରା, ରସୁଲକୋଣ୍ଡା, ବେଲଗୁଣ୍ଠା ପ୍ରଭୃତି ସ୍ଥାନକୁ ଯାଇଥିଲେ। ୭ ତାରିଖ ଦିନ ପୁରୁଷୋତ୍ତମପୁର, ବୋଇରାଣି, ପୋଲସରା, କୋଦଳା ଓ ଖଲ୍ଲିକୋଟ ଯାଇଥିଲେ। ସେଦିନ ଚିଲିକା ହ୍ରଦ ନିକଟସ୍ଥ ଏକ ସରକାରୀ ବଙ୍ଗଳାରେ ଅବସ୍ଥାନ କରିଥିଲେ। ୮ ତାରିଖ ଦିନ ମହାତ୍ମା ଗାନ୍ଧି ରମ୍ଭା ଯାଇଥିଲେ ଏବଂ ସେଠାରୁ ବାଣପୁର ଯାଇ ଏକ ସଭାରେ ଭାଷଣ ଦେଇଥିଲେ। ୯ ତାରିଖ ଦିନ ବାଣପୁର ଏବଂ ବୋଲଗଡ଼ ବୁଲିଥିଲେ। ବୋଲଗଡ଼ରେ ଥିବା ଜିଲ୍ଲା ବୋର୍ଡ଼ ବଙ୍ଗଳାରେ ଆବଶ୍ୟକ ଖର୍ଚ୍ଚ ଦେଇ ଅବସ୍ଥାନ କରିଥିଲେ। ଶାରୀରିକ ଶ୍ରମ ଯୋଗୁଁ ମହାତ୍ମା ଗାନ୍ଧି ଏ ଅବସରରେ ଅସୁସ୍ଥ ହୋଇଗଲେ। ସେ ଅସୁସ୍ଥ ହୋଇ ରମ୍ଭାରେ ଖଲ୍ଲିକୋଟ ରାଜପ୍ରାସାଦରେ ଆସି ବିଶ୍ରାମ ନେଲେ। ରମ୍ଭାରୁ ବାଣପୁର ଦେଇ ବୋଲଗଡ଼ରେ ୧୧ ତାରିଖ ପର୍ଯ୍ୟନ୍ତ ରହିଲେ।

ଉତ୍କଳ ଦୀପିକା (ଡିସେମ୍ବର ୧୦, ୧୯୨୭)ରେ "ନିବେଦନ" ଶୀର୍ଷକ ଲେଖାରେ ଏହି ଗସ୍ତ କାଳର ଏକ ବିବରଣୀ ପ୍ରକାଶ ପାଇଥିଲା। ନିବେଦକମାନେ ଥିଲେ ଗୋପବନ୍ଧୁ ଚୌଧୁରୀ, ବିଚିତ୍ରାନନ୍ଦ ଦାସ, ଭାଗିରଥି ମହାପାତ୍ର, ଡାକ୍ତର ଅଟଳ ବିହାରୀ ଆଚାର୍ଯ୍ୟ ଓ ମଧୁସୂଦନ ବିଶ୍ୱାଳ। ଏହି ନିବେଦନରେ ଥିଲା :

ମହାତ୍ମା ଗାନ୍ଧି ବର୍ତ୍ତମାନ ଗଞ୍ଜାମ ଜିଲ୍ଲାରେ ଭ୍ରମଣ କରୁଥିବା ବିଷୟ ସମସ୍ତଙ୍କୁ ଜଣା ହେଲାଣି। ସେ ଉତ୍କଳର ଜିଲ୍ଲା ବୁଲି ସର୍ବଶେଷରେ ଏହି ମାସ ୨୦ରେ ଆମ୍ଭମାନଙ୍କ



Source: Author, Digitized by PPRACHIN, SOA

ଏହି କଟକରେ ପହଞ୍ଚିବେ । ଏଠାରେ ତିନିଦିନ ରହିବେ । ତାଙ୍କପରି ଜଗତପୂଜ୍ୟ ମହାତ୍ମାଙ୍କ ଅଭ୍ୟର୍ଥନାରେ ସମସ୍ତେ ମିଳିମିଶି ଯଥାଯୋଗ୍ୟ ଆଲୋଚନା କରିବା ନିମିତ୍ତ କଟକବାସୀ ଜନସାଧାରଣଙ୍କ ନିକଟରେ ଆବେଦନ କରିଥିଲୁ । ଏକ ସପ୍ତାହ ଗତ ହେଲା । କିନ୍ତୁ ଆମ୍ଭମାନଙ୍କ ଆବେଦନ କାହାରି ନିକଟରେ ପହଞ୍ଚିଥିବାର ଜାଣିପାରିଲୁ ନାହିଁ । ଏହି ସପ୍ତାହ ମଧ୍ୟରେ ଅଧିକା ୨୫ଜଣ ମାତ୍ର ଅଭ୍ୟର୍ଥନା କମିଟିର ସଭ୍ୟ ହୋଇଅଛନ୍ତି । ସେଥିରୁ ଅତ୍ୟଳ୍ପ ଲୋକ ମେମ୍ବର ଫି ପାଞ୍ଚଟଙ୍କା ଲେଖାଏଁ ଦେଇଅଛନ୍ତି । ଏହା ଅତ୍ୟନ୍ତ ଦୁଃଖର ବିଷୟ । ଜନସାଧାରଣଙ୍କ ସାହାଯ୍ୟ ସହାନୁଭୂତି ନପାଇଲେ ଆମ୍ଭେମାନେ କେତେଜଣ କ'ଣ କରିବୁ ? ସମୟ ଅତ୍ୟଳ୍ପ ରହିଲା । ଗଞ୍ଜାମ ଜିଲ୍ଲାରେ କିପରି ଅଭ୍ୟର୍ଥନା କରୁଛନ୍ତି କାଗଜରେ ପଢ଼ନ୍ତୁ । ସେମାନେ ପ୍ରାୟ ୧୦୦୦୦ରୁ ଅଧିକ ଟଙ୍କାର ଥଳିଆ ମହାତ୍ମାଜୀଙ୍କୁ ଖଦଡ଼ କାର୍ଯ୍ୟ ପାଇଁ ଦେଲେଣି । କଟକ ଓଡ଼ିଶାର ରାଜଧାନୀ । ଏଠାରେ ବହୁତ ଶିକ୍ଷିତ, ସଂଗତିସମ୍ପନ୍ନ ଭଦ୍ରବ୍ୟକ୍ତି ବାସ କରନ୍ତି । ନିଜର ଅବସ୍ଥାନୁସାରେ ଆୟୋଜନ କରିବା ପାଇଁ ସମସ୍ତେ ତତ୍ପର ହୁଅନ୍ତୁ ।

ଏହି ଉତ୍କଳ ଦୀପିକା (୧୯୨୭, ଡିସେମ୍ବର ୧୦)ରେ ବସନ୍ତ କୁମାରୀ ଦେବୀ ଉତ୍କଳର ମହିଳାମାନଙ୍କୁ ଏକ ନିବେଦନ ପ୍ରକାଶ କରିଥିଲେ :

ମହତ୍ମାଗାନ୍ଧି ଏହି ମାସ ୨୦ ତାରିଖରେ ଆମର ଏହି କଟକ ନଗରକୁ ଆସିବେ । ସେ ଯେଉଁଠାକୁ ଯାଉଛନ୍ତି ସେ ସ୍ଥାନର ଭଦ୍ର ମହିଳାମାନେ ତାଙ୍କୁ ଶକ୍ତି ଅନୁସାରେ ଭେଟିଦେଇ ଅଭ୍ୟର୍ଥନା କରୁଛନ୍ତି । କଟକରେ ତ ସ୍ତ୍ରୀ ଲୋକମାନଙ୍କ ପକ୍ଷରୁ ଏଥିପାଇଁ କିଛି ଆୟୋଜନ ହେଉଥିବାର ଶୁଣାଯାଉ ନାହିଁ । ଆମର କ'ଣ ଏ ଦେଶପ୍ରତି, ଜାତି ପ୍ରତି, ସାଧୁ ମହାପୁରୁଷମାନଙ୍କ ପ୍ରତି କିଛି କର୍ତ୍ତବ୍ୟ ନାହିଁ ? ମହାତ୍ମା ଗାନ୍ଧି କ'ଣ ପୁରୁଷ ଜାତି ପାଇଁ କାର୍ଯ୍ୟ କରୁଛନ୍ତି ? ତାଙ୍କ ଖଦି ପ୍ରଚାର କାହା ଦ୍ୱାରା କୃତକାର୍ଯ୍ୟ ହେବ ଏବଂ ସେଥିରେ ବେଶୀ ଫଳ ଭୋଗୀ କିଏ ହେବ, ଦରିଦ୍ର, ଅନାଥ, ଭଦ୍ର ବିଧବାମାନଙ୍କର ରକ୍ଷା ପାଇଁ ଅରଟ ଆଶ୍ରୟର ଛଡ଼ା ଅନ୍ୟ ଉପାୟ ଅଛି କି ?

ବର୍ତ୍ତମାନ ଯୁଗରେ ସବୁ ଜାତିର ସ୍ତ୍ରୀ ଲୋକମାନେ ନିଜ ନିଜର କର୍ତ୍ତବ୍ୟ ଓ ଅଧିକାର ପାଇଁ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେଲେଣି । ଆମେ ଓଡ଼ିଆଣୀ ଯାକ କ'ଣ ଘର କଣରେ ରହି ସାରାଜୀବନ ଚୁଲିମୁଣ୍ଡ କିମ୍ବା ଅନ୍ତୁଡ଼ିଶାଳ ଜଗିଥିବା । ଯେଉଁ କ୍ଷେତ୍ରରେ ଆମର ଯାହା ଦେୟ ତାହା ଆମେ ନିଶ୍ଚୟ ଦେବା ଏବଂ ନିଜର ଅଧିକାର ମଧ୍ୟ ସେହିପରି



Source: Author, Digitized by PPRACHIN, SOA

ଆଦାୟ କରିବା। ବର୍ତ୍ତମାନ କଟକବାସୀ ଭଉଣୀମାନଙ୍କ ନିକଟରେ ବିନୀତ ଭାବରେ ପ୍ରାର୍ଥନା କରୁଛି, ଆସ ଆମ୍ଭେମାନେ ଆମର ଶକ୍ତି ଅନୁସାରେ ମହାତ୍ମା ଗାନ୍ଧିଙ୍କ ଅଭ୍ୟର୍ଥନାର ଆୟୋଜନ କରିବା।

କଟକରେ ମହାତ୍ମା ଗାନ୍ଧିଙ୍କର ଅଭ୍ୟର୍ଥନା ନିମନ୍ତେ ଉଦ୍ୟମ ଚାଲିଲା। ଏ ସମ୍ପର୍କରେ ଉତ୍କଳ ଦୀପିକା ଡିସେମ୍ବର ୧୦, ୧୯୨୭ ସଂଖ୍ୟାରେ ଏକ ବିବରଣୀ ସ୍ଥାନ ଦେଇଥିଲା:"ଚଳିତମାସ ୨୦ ତାରିଖରେ କଟକକୁ ମହାତ୍ମା ଗାନ୍ଧି ଶୁଭାଗମନ କରୁଛନ୍ତି। ମହାତ୍ମା ଗାନ୍ଧି ଜଗତରେ ଜଣେ ପୂଜ୍ୟ ଓ ବିଶିଷ୍ଟ ବ୍ୟକ୍ତି। ତାହାଙ୍କର ମତ ସମସ୍ତେ ଅନୁମୋଦନ କରିନପାରିଲେ ହେଁ ତାଙ୍କର ଯେ ମହତ୍ ଗୁଣମାନ ଅଛି ଏବଂ ସେ ଜଗତରେ ଯେଉଁ ମହତ୍ତ୍ୱର ପରିଚୟ ଦେଖାଇଛନ୍ତି ସେଥି ସକାଶେ ତାହାଙ୍କୁ ସମସ୍ତେ ସମ୍ମାନ କରନ୍ତି। କାହାରି ସହିତ କାହାରି ମତଭେଦ ହେଲେ ଯେ ତାହାକୁ ଅସମ୍ମାନ କରିବାର ଜ୍ଞାନ କରାଯିବ ତାହା କଦାଚ ନୁହେଁ। ସେ ଯେଉଁ ଲୋକସେବା ବ୍ରତରେ ଜୀବନ ଅର୍ପଣ କରିଛନ୍ତି ଏବଂ ଯେପରି ଭାବରେ ବ୍ରତୀ ହୋଇଛନ୍ତି ସେଥି ସକାଶେ ସେ ସମସ୍ତଙ୍କର ପୂଜନୀୟ ଅଟନ୍ତି। ମହାତ୍ମା ଗାନ୍ଧି ଆମ୍ଭମାନଙ୍କର ଏହି ଦୁର୍ଦ୍ଦଶାଗ୍ରସ୍ତ ଉତ୍କଳ ଦେଶକୁ ଶୁଭାଗମନ କରୁଛନ୍ତି ଏବଂ ଏହି ଦେଶରେ କେତେକ ଦିନ ଭ୍ରମଣ କରି ତାହାଙ୍କ ସହିତ ନାନା ବିଷୟରେ ଆଲୋଚନା କରିବା କାରଣ ଆମ୍ଭମାନଙ୍କୁ ସୁଯୋଗ ଦେଉଛନ୍ତି। ଏହା ଅତି ସୌଭଗ୍ୟର ବିଷୟ। ଏଥି ପୂର୍ବେ ମହାତ୍ମା ଗାନ୍ଧି ଦୁଇଥର କଟକକୁ ଆସିଥିଲେ। ସେ ସମୟରେ କେବଳ ଟ୍ୟାନେରୀର କର୍ମଚାରୀମାନଙ୍କ ଛଡ଼ା ଅନ୍ୟ କୌଣସି ସମାଜରୁ ବା ସାଧାରଣ ପକ୍ଷରୁ ଅଭିନନ୍ଦନ ପ୍ରଭୃତିର ଆୟୋଜନ ହୋଇ ନଥିଲା କିମ୍ବା ତାଙ୍କୁ କୌଣସି ପ୍ରକାର ବିଧି ପୂର୍ବକ ସମ୍ମାନ ଆଦି ପ୍ରଦର୍ଶନ ପୂର୍ବକ କୌଣସି କାର୍ଯ୍ୟ କରାଯାଇ ନଥିଲା। ଏଥର ଦେଖୁଅଛୁ ନାନା ପ୍ରକାର ବିଧି ପୂର୍ବକ ସମ୍ମାନ ପ୍ରଦର୍ଶନର ଆୟୋଜନ ହେଉଅଛି। କିନ୍ତୁ ତାଙ୍କ ପରି ମହାପୁରୁଷଙ୍କୁ ସମ୍ମାନ ଦେଖାଇବା କାରଣ ବିଧିବିଧାନ ଓ ଆଡ଼ମ୍ବର ଆୟୋଜନ କୌଣସି ଆବଶ୍ୟକ ମନେ କରୁନାହିଁ। ଯାହାହେଉ କଟକରେ କେତେକ ସମାଜରୁ ଓ ସାଧାରଣ ତରଫରୁ ଅଭିନନ୍ଦନ ଦିଆଯିବାର ସିଦ୍ଧାନ୍ତ ହୋଇଗଲାଣି।

ସେହି ଦୀପିକାରେ ଡିସେମ୍ବର ୧୭, ୧୯୨୭ ସଂଖ୍ୟାରେ ମହାତ୍ମାଙ୍କ କଟକ ଆଗମନ ବିଷୟରେ ଏକ ଚମତ୍କାର ବିବରଣୀ ପ୍ରକାଶ ପାଇଥିଲା :"ମହାତ୍ମା ଗାନ୍ଧି ୧୮ ତାରିଖରେ କଟକ ନଗରୀକୁ ଶୁଭାଗମନ କରୁଛନ୍ତି। ଆମ୍ଭେମାନେ ତାହାଙ୍କୁ ଏହି ନଗରକୁ ସାଦରେ ଆହ୍ୱାନ କରୁଅଛୁ। ମହାତ୍ମା ଗାନ୍ଧି ଜଣେ ଜଗତ ବିଖ୍ୟାତ ଯୋଗୀପୁରୁଷ। ତାହାଙ୍କ



Source: Author, Digitized by PPRACHIN, SOA

ପରି ତ୍ୟାଗୀ ବର୍ତ୍ତମାନ ଜଗତରେ ବିରଳ। ଆମ୍ଭମାନଙ୍କର ପୁରାଣମାନଙ୍କରେ ଯୋଗୀମାନଙ୍କର ଯେତେ ପ୍ରକାର ନିଷ୍ଠା ଓ ବ୍ରତ ଆଦି ବିଷୟ ବର୍ଣ୍ଣିତ ଅଛି ସେ ସମସ୍ତ ନିଷ୍ଠା ଓ ବ୍ରତ ମହାତ୍ମା ଗାନ୍ଧିଙ୍କ ଠାରେ ସର୍ବତୋଭାବରେ ବିଦ୍ୟମାନ। ତାହାଙ୍କ ସଂସର୍ଗରେ ରହି ଏବଂ ତାହାଙ୍କ ଉପଦେଶ ପାଳନ କରି ଭାରତରେ ଅବଶ୍ୟ କେତେକସ୍ଥଳରେ କେତେ ମହାପୁରୁଷ କେତେକ ପରିମାଣରେ ତ୍ୟାଗ ସ୍ୱୀକାର ବ୍ରତ ଅବଲମ୍ବନ କରିବାକୁ ସକ୍ଷମ ହୋଇଛନ୍ତି। ଅନେକ ବ୍ୟକ୍ତି ସ୍ୱାର୍ଥବିସ୍ମୃତ ହୋଇ ନିଜ ନିଜର ମତାନୁସାରେ ଦେଶର ମଙ୍ଗଳ ସାଧନ ଉଦ୍ଦେଶ୍ୟରେ ଦେଶର କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ଆମ୍ଭମାନଙ୍କ ଉତ୍କଳର ପୂର୍ବ ଇତିହାସ ଆଲୋଚନା କଲେ ଉତ୍କଳ ଯେ ଯୋଗବ୍ରତ ପାଳନରେ ପଶ୍ଚାତ୍‌ପଦ ଥିଲା ତାହା ନୁହେଁ। ଉତ୍କଳବାସୀଙ୍କ ପୂର୍ବ ପୁରୁଷମାନେ ଲୋକ-ହିତ-ବ୍ରତ ପାଳନର ଯଥେଷ୍ଟ ସ୍ମୃତିଚିହ୍ନ ରଖିଯାଇଛନ୍ତି। ସେ ସମସ୍ତ ସ୍ମୃତିଚିହ୍ନକୁ ଚାହିଁଲେ କେହି ସନ୍ଦେହ କରିପାରିବେ ନାହିଁ ଯେ ଏକ ସମୟରେ ଏହି ଉତ୍କଳବାସୀଙ୍କର ଲୋକହିତ ବ୍ରତ ଗୋଟିଏ ପ୍ରଧାନ ବ୍ରତ ଥିଲା। ସେମାନେ ଅକାତରରେ ଧନ, ମନ ଓ ପ୍ରାଣ ସମସ୍ତ ଲୋକହିତ ଉଦ୍ଦେଶ୍ୟରେ ବିସର୍ଜନ କରିପାରୁଥିଲେ। ଆଜି କିନ୍ତୁ ଉତ୍କଳର ଅବସ୍ଥା ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି। ଉତ୍କଳବାସୀ ଅତ୍ୟନ୍ତ ଦରିଦ୍ର। ଉତ୍କଳବାସୀଙ୍କ ହସ୍ତରେ ଧନ ନାହିଁ। ମନ ମଧ ଦୁର୍ବଳ ହୋଇଗଲାଣି। ଉଦର ଚିନ୍ତାରେ ଉଦ୍‌ବିଗ୍ନ ହୋଇ ସମସ୍ତ ଉଦାର ପ୍ରକୃତି ଓ ପ୍ରବୃତ୍ତି ବିସ୍ମୃତ ହୋଇ ସ୍ୱାର୍ଥବାନ୍ ହୋଇପଡ଼ିଲେଣି। ହୃଦୟର ଦମ୍ଭ ନଷ୍ଟ ହୋଇଗଲାଣି। ବିପଦ ସମୟରେ ହୃଦୟର ଦମ୍ଭ ହରାଇଲେ ସ୍ୱଭାବତଃ ନାନା ପ୍ରକାର ଦୁର୍ବଳତା ମନୁଷ୍ୟକୁ ଆକ୍ରମଣ କରିବସେ। ମହାତ୍ମା ଗାନ୍ଧିଙ୍କର ହୃଦୟର ଦମ୍ଭ ଅତ୍ୟନ୍ତ ଅକଥନୀୟ। ମହାତ୍ମା ଗାନ୍ଧି ! ଆପଣ ଏହି ବିପଦ ସମୟରେ ଆମ୍ଭମାନଙ୍କ କୁଟୀରରେ ପଦାର୍ପଣ କରୁଛନ୍ତି। ଆପଣଙ୍କୁ ସମ୍ମାନ ଦେଖାଇବାର ଆମ୍ଭମାନଙ୍କର କୌଣସି ସମ୍ବଳ ନାହିଁ। ଉତ୍କଳୀୟ ଭାଇମାନେ ! ମହାତ୍ମାଙ୍କୁ ସମ୍ମାନ ଦେଖାଇବାକୁ ତୁମ୍ଭମାନଙ୍କର ଅନ୍ୟ କିଛି ସମ୍ବଳ ନଥିଲେ ହେଁ ସ୍ୱାର୍ଥ ବିସ୍ମୃତ ହୋଇ ଯେକୌଣସି ପ୍ରକାରରେ ଉତ୍କଳ ଅବସ୍ଥାର ଉନ୍ନତି କଳ୍ପେ ଆତ୍ମ ବିସର୍ଜନ ନିମନ୍ତେ ତୁମ୍ଭର ଯଥେଷ୍ଟ ଅଧିକାର ଅଛି। ସମସ୍ତ ତ୍ୟାଗକରି ଦେଶ କାର୍ଯ୍ୟରେ ଓ ଦେଶର ସହସ୍ର ସହସ୍ର ଦୁଃସ୍ଥ ଭ୍ରାତା ଭଗିନୀଙ୍କର ହିତସାଧନ ନିମନ୍ତେ ମନଃପ୍ରାଣ ଅର୍ପଣ କରିବାକୁ ତୁମ୍ଭର ଯଥେଷ୍ଟ ଶକ୍ତି ଅଛି। ବନ୍ୟା ପୀଡ଼ିତ ବ୍ୟକ୍ତିମାନଙ୍କର ସାହାଯ୍ୟ ନିମନ୍ତେ ଅକାତରରେ ମନଃପ୍ରାଣ ଅର୍ପଣ କରିପାର। ମ୍ୟାଲେରିଆ, ବସନ୍ତ, ମହାମାରୀ ପ୍ରଭୃତି ରୋଗମାନଙ୍କର ପ୍ରତିକାର ନିମନ୍ତେ ସ୍ଥାନେ ସ୍ଥାନେ ଓ ଗ୍ରାମେ ଗ୍ରାମେ ବୁଲି ଦେଶର ଯଥେଷ୍ଟ ହିତସାଧନ



Source: Author, Digitized by PPRACHIN, SOA

କରିପାର। ଘରେ ଘରେ କ୍ଷୁଦ୍ର କ୍ଷୁଦ୍ର କୁଟୀରଶିଳ୍ପର ଅବତାରଣା କରିପାର। ସମ୍ବଳହୀନ ମାତା ଓ ଭଗ୍ନୀମାନଙ୍କର ହସ୍ତରେ କ୍ଷୁଦ୍ର କ୍ଷୁଦ୍ର ଶିଳ୍ପ ଧରାଇ ସେମାନଙ୍କର ଅନ୍ନ ଓ ବସ୍ତ୍ରର ସଂସ୍ଥାପନ କରିପାର। ନିର୍ବୋଧ ଭ୍ରାତା ଓ ଭଗିନୀମାନଙ୍କର ପ୍ରାଥମିକ ଶିକ୍ଷାରେ ଯଥେଷ୍ଟ ସାହାଯ୍ୟ ଦେଇପାର। ଏହି ପ୍ରକାର କେତେ ଜଣ କର୍ମୀ ଅଗ୍ରସର ହୋଇପାରିଲେ ମହାତ୍ମା ଗାନ୍ଧିଙ୍କୁ ଯଥେଷ୍ଟ ସମ୍ମାନ ଦେଖାଇପାରିବ।

ମହାତ୍ମା ଗାନ୍ଧି ୮ ତାରିଖରେ ବାଣପୁରକୁ ଶୁଭାଗମନ କରି ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଘରେ ଅତିଥି ହୋଇଥିଲେ। ସେଦିନ ଉପରବେଳା ବାଲୁକେଶ୍ୱରଙ୍କ ଆମ୍ବ ବଗିଚାରେ ଏକ ବିରାଟ ସଭା ହୋଇଥିଲା। ସଭାରେ ଚାରିହଜାର ଲୋକ ଉପସ୍ଥିତ ହୋଇଥିଲେ। ମହାତ୍ମା ଗାନ୍ଧି, ମୀରାବାଈ ଓ ତାଙ୍କ ଦଳ ସଭାରେ ଉପସ୍ଥିତ ହେବା ମାତ୍ରେ ପଣ୍ଡିତ ଗୋଦାବରୀଶ ମିଶ୍ର ଅଭିନନ୍ଦନ ପତ୍ର ଓଡ଼ିଆରେ ପାଠକଲେ।

## ଅଭିନନ୍ଦନ ପତ୍ର

ଭକ୍ତିଭାଜନ ମହାତ୍ମନ,

ଆମ୍ଭେମାନେ ପୁରୀ ଜିଲ୍ଲାର ତଥା ବିହାର-ଓଡ଼ିଶା ପ୍ରଦେଶର ଏହି ଶେଷ ପ୍ରାନ୍ତର ଅଧିବାସୀମାନେ ଆପଣଙ୍କୁ ଆଦରରେ ଅଭିନନ୍ଦନ କରୁଅଛୁ ଓ ଆପଣଙ୍କ ମଧ୍ୟରେ ସତ୍ୟ, ସାହସ ଓ ପବିତ୍ରତାର ଯେଉଁ ଅବତାର ବିଦ୍ୟମାନ ରହିଛି ତାହାକୁ ଗ୍ରହଣ କରୁଅଛୁ।

ଆମ୍ଭମାନଙ୍କ ଏ ସ୍ଥାନ ଏ ପ୍ରଦେଶର ଏକ କୋଣରେ ପଡ଼ିଛି। ଆଜିକାଲି ଯେଉଁସବୁ ଅନୁଷ୍ଠାନମାନଙ୍କ ଦ୍ୱାରା ନୂତନ ଜୀବନର ବିକାଶ ହୁଏ ସେ ସବୁ ଅନୁଷ୍ଠାନରୁ ଏହା ଦୂରରେ ଥିବାରୁ ଏଠାରେ ଅବସ୍ଥା ଅତ୍ୟନ୍ତ ମନ୍ଦ। ଏହା ଅନ୍ୟାନ୍ୟ ସ୍ଥାନ ଅପେକ୍ଷା ପଛରେ ପଡ଼ିଛି। ପର୍ବତ ଜଙ୍ଗଲ ଆଦି ଦେଖିଲେ ବାଣପୁର ଗଡ଼ଜାତର ଏକ ଅଂଶ ବୋଲି ଜଣାଯାଏ। ଶିକ୍ଷା ଓ ଅନ୍ୟାନ୍ୟ ବିଷୟରେ ମଧ୍ୟ ଏହା ଗଡ଼ଜାତ ମାହାଲମାନଙ୍କ ସମାନ। ପ୍ରାୟ ଏକଶହ ପଚିଶ ବର୍ଷ ଏହା ଇଂରେଜ ସରକାରଙ୍କ ଅଧୀନରେ ରହିଗଲାଣି। ମାତ୍ର ଏତେ ଦୀର୍ଘକାଳ ମଧ୍ୟରେ ଏହା ଅତିଅଳ୍ପ ଉନ୍ନତି କରିଅଛି। x x x x x ଆପଣ ନିତାନ୍ତ ଦରିଦ୍ର ଲୋକଙ୍କୁ ଦେଖିବାକୁ ଓଡ଼ିଶା ଆସିଛନ୍ତି। ଆମ୍ଭେମାନେ ମନରେ ବଡ଼ ଦରିଦ୍ର, ଧନରେ ମଧ୍ୟ। ଏଠାରେ ଗ୍ରାମମାନଙ୍କରେ ପ୍ରଚାର କରାଯାଇଛି ଯେ, ଆପଣଙ୍କୁ ଦେଖିବାକୁ ଓ ଆପଣଙ୍କ କଥା ଶୁଣିବାକୁ ଆସିଲେ ଆମ୍ଭମାନଙ୍କୁ ଘୋଡ଼ା ପାଦରେ ଦଳାଇ ଦିଆଯିବ। ଏହିସବୁ କାରଣରୁ



Source: Author, Digitized by PPRACHIN, SOA

ଆମ୍ଭେମାନେ ଏଠାକୁ ଡରରେ ଆସିଅଛୁ। ଆପଣଙ୍କ ପ୍ରତି ଆମ୍ଭମାନଙ୍କର ଭକ୍ତିରେ ଭୟ ମିଶାଇଅଛୁ।

ତଥାପି ଆମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ଏଠାକୁ ଆପଣଙ୍କୁ ଅଭିନନ୍ଦନ କରିବାକୁ ଓ ଆପଣଙ୍କ ଠାରୁ ବଳ, ଶକ୍ତି, ସାହସ ପାଇବାକୁ ଆସି ରୁଣ୍ଡ ହୋଇଛୁ ତାଙ୍କ ମଧ୍ୟରେ ହିନ୍ଦୁ, ମୁସଲମାନ୍, କୃଷକ, ବେପାରୀ, ଛାତ୍ର, ଅନାର୍ଯ୍ୟ ଓ ଅସ୍ପୃଶ୍ୟ ସକଳ ଶ୍ରେଣୀର ଲୋକ ଅଛନ୍ତି।

ଏ କଳିଯୁଗରେ ପରମଯୋଗୀ ଆପଣ। ଆମ୍ଭମାନଙ୍କୁ ଆଶୀର୍ବାଦ କରନ୍ତୁ ଓ ଆମ୍ଭମାନଙ୍କୁ ଯେଉଁ ଅନ୍ଧକାର ଘୋଟି ରହିଅଛି ତାହା ଖଣ୍ଡନ କରନ୍ତୁ। କ୍ଷମତାକୁ ନଡରି ଆମ୍ଭେମାନେ ଭକ୍ତି ଦେଖାଇବା ଆମ୍ଭମାନଙ୍କ ଜୀବନରେ ଏହା ନୂଆ। ଏହି ଘଟଣାରେ ଆମ୍ଭେମାନେ ପ୍ରଥମେ ଶିଖିଲୁ କିପରି ମନୁଷ୍ୟ ନିଜ ହୃଦୟରୁ ଇଚ୍ଛାକରି ସ୍ନେହ ଓ ଶ୍ରଦ୍ଧା କରିପାରେ। ଅରଟର ମୂଲ୍ୟ ଆମ୍ଭେମାନେ ବୁଝିନାହୁଁ। କେତେକ ବର୍ଷ ପୂର୍ବେ ଏ ସ୍ଥାନର ପଦର ମାନଙ୍କରେ କପାଚାଷ ହେଉଥିଲା। ସେସବୁ ପଦରରୁ କେତେକ ଅନାବାଦରେ ରହୁଛି। ବାକି କେତେକରେ ଅନ୍ୟ ବାଜେ ରକମର ଫସଲ ହେଉଛି। ଆପଣ ଏଠାକୁ ଅତି ଅଳ୍ପ ସମୟ ପାଇଁ ଆସିଛନ୍ତି। ଆମ୍ଭେମାନେ ଏଥିରୁ ଏତିକି ଶିଖୁ ଯେ ଭଲମନ୍ଦ ଯେପରି ବୁଝିପାରିବୁ, ମନରୁ ଭୟ ଭାଙ୍ଗିବୁ। ପଦର ପଙ୍କାଳରେ କପାଚାଷ କରିବୁ ଓ ଖଦଡ଼ ପିନ୍ଧିବୁ।

ବାଣପୁରବାସୀ

ତାପରେ ଗୋଦାବରୀଶ ୧୭୦ ଟଙ୍କାର ଗୋଟିଏ ଥଳି ବାଣପୁରବାସୀଙ୍କ ପକ୍ଷରୁ ମହାତ୍ମାଙ୍କ ଉପହାର ଦେଲେ। ଉପହାର ଗ୍ରହଣ କରି ମହାତ୍ମାଜୀ ଲୋକଙ୍କ ନିର୍ଭୟ ହେବା ବିଷୟରେ କେତେକ ଉପଦେଶ ଦେଇଥିଲେ। ସେ କହିଥିଲେ ଯେ ଭୟ କରିବା ମହାପାପ। ମନୁଷ୍ୟ ହୃଦୟରେ ସତ୍ୟ, ସାହସ ନଥିଲେ ସେ ମନୁଷ୍ୟ ପଦବାଚ୍ୟ ନୁହେଁ। ମିଛରେ ପୋଲିସ୍ ଭୟରେ ଜଡ଼ିସଡ଼ି ଯିବା ଅନ୍ୟାୟ। ଏହାଛଡ଼ା ଖଦଡ଼, ଅସ୍ପୃଶ୍ୟତା ନିବାରଣ ଏବଂ ନିଶାଦ୍ରବ୍ୟ ବର୍ଜନ ସମ୍ବନ୍ଧରେ କେତେକ କଥା ମଧ୍ୟ କହିଥିଲେ। ବକ୍ତୃତା ପରେ ଖଦଡ଼ ପାଣ୍ଠି ପାଇଁ ପ୍ରାୟ ୫୩ ଟଙ୍କା ଆଦାୟ ହୋଇଥିଲା।

ଗାନ୍ଧିଜୀ ଡିସେମ୍ବର ୧୨ ତାରିଖରେ ଖୋର୍ଦ୍ଧା ଓ ସାକ୍ଷୀଗୋପାଳ ଯାଇଥିଲେ। ସାକ୍ଷୀଗୋପାଳରେ ୧୩ରେ ଏକ ମହିଳା ସମାବେଶ ଓ ଜନସାଧାରଣ ସମାବେଶରେ ଭାଷଣ ଦେଇଥିଲେ। ସେହିଦିନ ପୁରୀ ଯାତ୍ରା କଲେ। ମହାତ୍ମା ଜଗନ୍ନାଥ ମନ୍ଦିର ଭିତରକୁ ଯାଇ ନଥିଲେ କାରଣ ଏହା ଅସ୍ପୃଶ୍ୟମାନଙ୍କ ପାଇଁ ମୁକ୍ତ ନଥିଲା।



Source: Author, Digitized by PPRACHIN, SOA

ଗାନ୍ଧି ଡିସେମ୍ବର ୧୪ରେ ଜଳେଶ୍ୱରରେ ପହଞ୍ଚିଲେ। ଜଳେଶ୍ୱରରୁ ବାଲେଶ୍ୱରକୁ ଆସିଲେ। ସେ ବାଲେଶ୍ୱରରେ ପ୍ରସିଦ୍ଧ ଆଇନଜୀବୀ ମୁକୁନ୍ଦ ପ୍ରସାଦ ଦାସଙ୍କ ଅତିଥି ହୋଇଥିଲେ। ୧୪ ତାରିଖ ସନ୍ଧ୍ୟାରେ ନାରୀ ସଭା ଓ ସାଧାରଣ ସଭାରେ ଭାଷଣ ଦେଇଥିଲେ। ଖଦୀ କାର୍ଯ୍ୟ ପାଇଁ ଅର୍ଥ ସଂଗ୍ରହ କରିଥିଲେ। ୧୫ ତାରିଖରେ ଭଦ୍ରକ ଯିବାର ଥିଲା; କିନ୍ତୁ ରକ୍ତଚାପର ବୃଦ୍ଧି ହେତୁରୁ ସେ ଦିନ ବିଶ୍ରାମ ନେବା ପାଇଁ ଡାକ୍ତରମାନେ ପରାମର୍ଶ ଦେଲେ। ତା'ପର ଦିନ ମହାତ୍ମା ଭଦ୍ରକରେ ଆସି ପହଞ୍ଚିଲେ। ୧୬ ତାରିଖ ଦିନ ଭଦ୍ରକ, ପିରହାଟ, ଇଟାମାଟି ଯାଇ ୧୭ ତାରିଖ ଦିନ ଚାରିବାଟିଆ ଯାତ୍ରା କଲେ। ଚାରିବାଟିଆ ଅଞ୍ଚଳ ବନ୍ୟା ପ୍ରପୀଡ଼ିତ। ଚାରିବାଟିଆରେ ଏକ ସାଧାରଣ ସଭାରେ ଭାଷଣ ଦେଇଥିଲେ। ତାଙ୍କ ଗହଣରେ ଥିଲେ ମୀରାବେନ୍, ମହାଦେବ ଦେଶାଇ, କାକା କାଲେଲ୍‌କର, ପଣ୍ଡିତ ଗୋପବନ୍ଧୁ ଦାସ, ନିରଞ୍ଜନ ପଟ୍ଟନାୟକ ପ୍ରମୁଖ। ସେଦିନ ମହାତ୍ମା ବାଲିଆପାଳ ମଧ୍ୟ ଯାଇଥିଲେ।

ଡିସେମ୍ବର ୧୮ ତାରିଖ ରବିବାର ଦିନ ୨/୨୦ ମିନିଟ୍‌ରେ ପୁରୀ ପାସେଞ୍ଜରରେ କଟକ ଷ୍ଟେସନ୍‌ରେ ପହଞ୍ଚିଲେ। ଷ୍ଟେସନ୍‌ରେ ବହୁସଂଖ୍ୟକ ଲୋକ ତାଙ୍କୁ ଦେଖିବା ନିମନ୍ତେ ଉପସ୍ଥିତ ହୋଇଥିଲେ। ସ୍ୱେଚ୍ଛାସେବକମାନେ ଧାଡ଼ି ଧାଡ଼ି ହୋଇ ଦଣ୍ଡାୟମାନ ହୋଇଥିଲେ। ପୂର୍ବରୁ ସମସ୍ତଙ୍କୁ ବୁଝାଇ ଦିଆଯାଇଥିଲା- ଜୟଧ୍ୱନି ବା କୌଣସି ପ୍ରକାର ଚିତ୍କାର ଆଦି କେହି କରିବେ ନାହିଁ। ତଦନୁସାରେ ସମସ୍ତେ ନିସ୍ତବ୍ଧ ଭାବରେ କେବଳ ଦଣ୍ଡାୟମାନ ହୋଇ ତାଙ୍କୁ ଅଭ୍ୟର୍ଥନା କରିଥିଲେ। ଗାଡ଼ି ପହଞ୍ଚିବା ମାତ୍ରେ ଅଭ୍ୟର୍ଥନା ସମିତିର ସଭାପତି ରାୟବାହାଦୁର ଜାନକୀନାଥ ବୋଷ ଓ ଅନ୍ୟାନ୍ୟ କେତେକ ବ୍ୟକ୍ତି ଗାଡ଼ି ଉପରକୁ ଯାଇ ମହାତ୍ମାଜୀଙ୍କୁ ଏବଂ ତାଙ୍କର ସହଯାତ୍ରୀମାନଙ୍କୁ ପୁଷ୍ପମାଳା ଦେଇ ଅଭ୍ୟର୍ଥନା କରିଥିଲେ। ମହାତ୍ମା ମଟରରେ ବସି ଗୋପାଳଚନ୍ଦ୍ର ପ୍ରହରାଜଙ୍କ ବସାକୁ ଶୁଭାଗମନ କରିଥିଲେ। ସେଦିନ ଗୋଟାଏ ବେଳ ଠାରୁ ତହିଁ ପରଦିନ ଗୋଟାଏ ବେଳ ପର୍ଯ୍ୟନ୍ତ ତାଙ୍କର ମୌନବ୍ରତ ପାଳନର ସମୟ ଥିଲା ଏବଂ କାହାରି ସହିତ କୌଣସି କଥୋପକଥନ କରି ନଥିଲେ। ଦୁଇଟା ପରେ ଅନେକ ବ୍ୟକ୍ତିଙ୍କ ସହିତ ଓ କମିଶନର୍ ସାହେବଙ୍କ ସହିତ ଦେଖାସାକ୍ଷାତ ଓ କଥାବାର୍ତ୍ତା ଆଗହୁଁ ସ୍ଥିର ହୋଇଥିଲେ ହେଁ ଶରୀର ଅସୁସ୍ଥତା ବୃଦ୍ଧି ହେବାରୁ ବିଶେଷ କାହାରି ସହିତ ସାକ୍ଷାତ ହୋଇପାରି ନଥିଲା। କେବଳ ମଧୁବାବୁଙ୍କ ସହିତ ଅତି ଅଳ୍ପ ସମୟ କଥାବାର୍ତ୍ତା ହୋଇଥିଲା। ୨୦ ତାରିଖ ମଙ୍ଗଳବାର ୫-୩୦ ମିନିଟ୍ ବେଳେ କଟକ ମ୍ୟୁନିସିପାଲଟି ହତା ମଧ୍ୟରେ ଗୋଟିଏ ସଭା ହୋଇଥିଲା। ସଭାରେ ପ୍ରାୟ ୫୦୦୦ ଲୋକ ଯୋଗ ଦେଇଥିଲେ। ପ୍ରଥମେ କଟକ ମ୍ୟୁନିସିପାଲଟି ତରଫରୁ ପଣ୍ଡିତ



Source: Author, Digitized by PPRACHIN, SOA

କୃତ୍ତିବାସ ନନ୍ଦ ଅଭିନନ୍ଦନପତ୍ର ପାଠ କରିଥିଲେ । ତତ୍ପରେ ଅଭିନନ୍ଦନ ପତ୍ରଟିକୁ ଗୋଟିଏ ସୁଦୃଶ୍ୟ ଶିଙ୍ଗରେ ତିଆରି ବାକ୍ସରେ ମହାତ୍ମାଙ୍କୁ ପ୍ରଦାନ କରିଥିଲେ । ଏହାର ଏକ ଅଂଶରେ ଲେଖାଥିଲା :

We offer our hearty welcome and loyal homage to you Mahatmajee, on your visit to the ruins of the ancient metropolis of Utkala. But what offerings can we give ! Utkala, the land of plenty and bounty, the land of the pagodas and holy shrines, the land of the deities and of Maths and charitable endowments can present nothing but bare skeletons to your sight. The scions of the tall hardy peasantry and the brave warriors have all become devoid of life and virility, their vitality undermined and sapped, their energy and enthusiasm gone. Hence Mahatmajee, you will only find the descendants of the sculptors and artists who brought life into the hard stones that make up the beautiful shrines of Konark and Bhubaneswar by the chisel of patient devotion, enduring perseverance and hard abour, to be lifeless automatons, their vitality sucked out of them. It is not caused by the freak of nature only which has been fitfully unkind to Utkala, but by the impact of the overwhelming power of the material civilization of the West which her spirituality was hardly able to bear. Mahatmajee, hence you will find all home industries gone, hand spun and hand woven things for which Utkala was famed of old, are all stiffled by the all devouring jaws of machinery and plants. Mahatmajee, you wear the loin cloth because sons of India are half clad, but the sons of Utkala are still more so. That you have come to examine the condition of the poor, to be near the poorest and to see them with your eyes has touched us most.

It is a consolation to the starved souls of this land of floods and famines when you feel with emotion and say "Utkala, her poverty haunts me even in dreams". Mahatmajee, Ancient Utkala received the world teachers like Sankara, Nanaka and Chaitanya in her days of glory, but we the worthy descendants of theirs can only offer you the tears of love and gratitude and our heart's devotion.



Source: Author, Digitized by PPRACHIN, SOA

ତତ୍ପରେ କଟକ ସଦର ଲୋକାଲ୍ ବୋର୍ଡ୍ ତରଫରୁ ଲୋକାଲ୍ ବୋର୍ଡ୍ ଚେୟାରମ୍ୟାନ୍ ମଧୁସୂଦନ ବିଶ୍ୱାଳ ଅଭିନନ୍ଦନ ପତ୍ର ଖଣ୍ଡି ପାଠ କରିଥିଲେ। ତାହାକୁ ମହାତ୍ମା ଗାନ୍ଧିଙ୍କୁ ପ୍ରଦାନ କରିଥିଲେ। ମ୍ୟୁନିସିପାଲିଟିର ଅଭିନନ୍ଦନ ପତ୍ର ତାଳପତ୍ରରେ ଓ ଲୋକାଲ୍ ବୋର୍ଡ଼ର ଅଭିନନ୍ଦନ ପତ୍ର ଖଦଡ଼ ଉପରେ ଛପା ହୋଇଥିଲା। ମ୍ୟୁନିସିପାଲିଟି ତରଫରୁ ୫୧ ଟଙ୍କା ଓ ଲୋକାଲ୍ ବୋର୍ଡ଼ ତରଫରୁ ୧୦୧ ଟଙ୍କା ଦିଆଯାଇଥିଲା। ମହିଳାମାନେ ୨୫୦ ଟଙ୍କା ଓ କିଛି ଗହଣା ଦେଇଥିଲେ। ଅନ୍ୟମାନେ ୫୦୦ ଟଙ୍କା ଦେଇଥିଲେ। ସଭାସ୍ଥଳରେ ମଧ୍ୟ କିଛି ଟଙ୍କା ଅସୁଲ ହୋଇଥିଲା। ଏ ସମସ୍ତ ଟଙ୍କା ଖଦି ପ୍ରଚାର କଳ୍ପେ ବ୍ୟୟ ହେବ ବୋଲି କୁହାଗଲା। ତାପରେ ମହାତ୍ମା ତାଙ୍କର ଶରୀରର ଅସୁସ୍ଥତାବଶତଃ ଅଭିନନ୍ଦନ ପତ୍ରର ଉତ୍ତର ସ୍ୱରୂପ ନିଜେ କିଛି କହିବାକୁ ଡାକ୍ତରମାନେ ନିଷେଧ କରିଥିବାରୁ ସେ ତାଙ୍କର ବକ୍ତବ୍ୟ ଲେଖି ଆଣିଥିଲେ। ମହାଦେବ ଦେଶାଇ ତାହା ପାଠ କରିଥିଲେ ଏବଂ ପଣ୍ଡିତ ଗୋପବନ୍ଧୁ ଦାସ ସଭାରେ ଉପସ୍ଥିତ ଲୋକଙ୍କୁ ଓଡ଼ିଆରେ ବୁଝାଇଥିଲେ।

କଟକରେ ରହିବା କାଳରେ ମହାତ୍ମା ଗୋବିନ୍ଦ ମିଶ୍ରଙ୍କର ଚମ୍ପାପୁର ଗାନ୍ଧି ସେବାଶ୍ରମ ଶୁଭଦେବାର ବ୍ୟବସ୍ଥା ହୋଇଥିଲା। ଅତିଶୟ ପୀଡ଼ା ଯୋଗୁଁ ମହାତ୍ମା ଗାନ୍ଧି ଆଶ୍ରମକୁ ଯାଇପାରିଲେ ନାହିଁ। ଏହି ଶୁଭକ୍ରିୟା ସମ୍ପାଦନ କରିବାକୁ ମୀରାବାଈ କାକା କ୍ୟାଲେଲକର ଓ ମହାଦେବ ଦେଶାଇଙ୍କୁ ପଠାଇଲେ। କଳ୍ପିତ କୋଠାଘର ନକ୍ସାରେ ଲେଖିଦେଲେ :

"Mira Bahin will lay the foundation of this proposed building on my "behalf" and it should be taken as if I have laid the foundation.

୧୯୨୮ ମସିହା ନଭେମ୍ବର ମାସରେ ୨୧ ଓ ୨୨ ଦୁଇଦିନ ପାଇଁ ମହାତ୍ମା ଗାନ୍ଧି ସମ୍ବଲପୁର ଆସିଥିଲେ। ୨୨ ତାରିଖ ଦିନ ମ୍ୟୁନିସିପାଲିଟି ତରଫରୁ ଅଭିବାଦନ ଗ୍ରହଣ କରିଥିଲେ ଏବଂ ସର୍ବସାଧାରଣଙ୍କର ସଭାରେ ଭାଷଣ ଦେଇଥିଲେ। ନାରୀ ସଭାରେ ମଧ୍ୟ ଭାଷଣ ଦେଇଥିଲେ।

୧୯୩୪ ମସିହା ଓଡ଼ିଶାରେ ମହାତ୍ମା ଗାନ୍ଧିଙ୍କ ସମ୍ପର୍କରେ ଏକ ଅବିସ୍ମରଣୀୟ ପର୍ଯ୍ୟାୟ ଆରମ୍ଭ କରିଥିଲା। ସେତେବେଳେ ମହାତ୍ମା ସ୍ୱାଧୀନତା ଆନ୍ଦୋଳନ ସହିତ ଧର୍ମ ଓ ସମାଜ ସଂସ୍କାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଅସ୍ପୃଶ୍ୟତା ଦୂରୀକରଣ ତାଙ୍କର ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହୋଇଗଲା। ହିନ୍ଦୁ ସମାଜର ସଂସ୍କାର ପାଇଁ ମହାତ୍ମା ଆରମ୍ଭ କଲେ



Source: Author, Digitized by PPRACHIN, SOA

ଭାରତବ୍ୟାପୀ ପରିଭ୍ରମଣ। ଏହାକୁ ଗାନ୍ଧିଙ୍କର ପତିତପାବନ ଅଭିଯାନ ବୋଲି କୁହାଯାଇଥିଲା। ମେ ୫ ତାରିଖରେ ମହାତ୍ମା ଝାରସୁଗୁଡ଼ାରେ ପହଞ୍ଚି ସେଠାରୁ ଓଡ଼ିଶା ଗସ୍ତ ଆରମ୍ଭ କଲେ। ମହାତ୍ମା ଝାରସୁଗୁଡ଼ାରୁ ସମ୍ବଲପୁର, ବାମୁର ଏବଂ ଅନୁଗୁଳ ଯାଇଥିଲେ। ସମ୍ବଲପୁରରେ ହରିଜନ ବସ୍ତି ଓ କୁଷ୍ଠ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ୬ ତାରିଖ ଦିନ ବାମୁରରୁ ଅନୁଗୁଳ ଯାତ୍ରା କରିଥିଲେ। ସେଦିନ ରବିବାର ହୋଇଥିଲେ ମଧ୍ୟ ମହାତ୍ମା ଗାନ୍ଧିଙ୍କ ସଭାରେ ଯୋଗ ନଦେବା ପାଇଁ ଛାତ୍ରମାନଙ୍କୁ ସ୍କୁଲ୍‌ରେ ପାଠ ପଢ଼ିବାକୁ କର୍ତ୍ତୃପକ୍ଷ ତରଫରୁ ଆଦେଶ ହୋଇଥିଲା। ଅନୁଗୁଳରୁ ସେ ମେରାମଣ୍ଡଳି ଓ ବଅଁରପାଳ ପରିଦର୍ଶନ କରିଥିଲେ। ଏହାପରେ ହିନ୍ଦୋଳ ଓ ସଦାଶିବପୁର ପରିଦର୍ଶନ କରିଥିଲେ। ତାଳଚେର ରେଳଗାଡ଼ିରେ ରାତି ୧୧ଟାରେ କଟକରୁ ପୁରୀ ଠାରେ ପହଞ୍ଚିଲେ। ଷ୍ଟେସନ୍‌ରେ ଓହ୍ଲାଇ କୌଣସି ଯାନବାହନର ବିନା ସାହାଯ୍ୟରେ ଚକ୍ରତୀର୍ଥ ନିକଟରେ ତାଙ୍କର ନିର୍ଦ୍ଦିଷ୍ଟ ବାସଭବନକୁ ଚାଲିଯାଇଥିଲେ। ସମବେତ ଜନତା ମଧ୍ୟ ତାଙ୍କର ଅନୁସରଣ କରିଥିଲେ। ପୁରୀରେ ଅବସ୍ଥାନ କରିବା ସମୟରେ ହିଁ ତାଙ୍କର ହରିଜନ ଗସ୍ତ ପଦବ୍ରଜରେ ସମାପନ କରିବାକୁ ସ୍ଥିର କରିଥିଲେ। ପ୍ରଥମେ ପୁରୀରୁ ବାହାରି କଟକ ପର୍ଯ୍ୟନ୍ତ ଚାଲି ଚାଲି ଆସିବାର ସ୍ଥିର ହେଲା। ଏଥିରେ ଓଡ଼ିଶା ଗସ୍ତ ପାଇଁ ଯେଉଁ ସାତ/ଆଠ ଦିନ ଦିଆଯାଇଥିଲା ତାହା ଶେଷ ହୋଇଯିବାର କଥା। ସୁତରାଂ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା ଓ ସ୍ଥାନମାନଙ୍କର ଲୋକେ ଏପରି ପ୍ରସ୍ତାବରେ ଅସନ୍ତୋଷ ପ୍ରକାଶ କରି ତାଙ୍କୁ ଏଥିରୁ ନିବର୍ତ୍ତାଇବା ପାଇଁ ଚେଷ୍ଟା କଲେ। ନାନା ଯୁକ୍ତି ଦେଖାଇ ମହାତ୍ମା ଗାନ୍ଧି ସେମାନଙ୍କୁ ଲେଉଟାଇ ଦେଲେ। କିନ୍ତୁ ପୁରୀ ଠାରୁ କଟକ ଆସିବା ବାଟରେ ପୁଣି ସ୍ଥିର କଲେ ଯେ ବଙ୍ଗ ଗସ୍ତ ବନ୍ଦକରି ଓଡ଼ିଶାର ସବୁ ଜିଲ୍ଲାରେ ଚାଲି ଚାଲି ଗସ୍ତ କରିବେ। ବଙ୍ଗ ଦେଶର ସାଧାରଣ ଲୋକେ ଏଥିରେ ଅବଶ୍ୟ କ୍ଷୁଣ୍ଣ ହେଲେ। କିନ୍ତୁ ବଡ଼ ବଡ଼ ନେତାମାନେ ଗାନ୍ଧିଙ୍କର ଉଦ୍ଦେଶ୍ୟ ବୁଝିପାରି ଏଥିରେ ବରଂ ଆନନ୍ଦର ସହିତ ଉତ୍ସାହ ଦେଲେ। ସୁତରାଂ ଇଚ୍ଛାନୁସାରେ ନିର୍ବିଘ୍ନରେ ସେ ଏହି ଗସ୍ତ କରିପାରିଥିଲେ।

ପୁରୀରେ ପହଞ୍ଚି ଗାନ୍ଧି ସମ୍ବାଦ ପାଇଲେ ଯେ କେତେକ ସନାତନୀ ହିନ୍ଦୁ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ଉତ୍ତର ଭାରତରୁ ଆସିଛନ୍ତି ଓ ଗାନ୍ଧିଙ୍କୁ ରକ୍ଷା କରିବା ପାଇଁ ପୋଲିସ୍‌ଙ୍କୁ ଖବର ଦିଆଯାଇଛି। ରେଳଷ୍ଟେସନ୍‌ରେ ଗାନ୍ଧିଙ୍କର ରକ୍ଷା ପାଇଁ ବହୁ ପୋଲିସ୍ ଉପସ୍ଥିତ ଥିଲେ। ଏଥିରେ ବିଚଳିତ ହୋଇ ଗାନ୍ଧି ପଦଯାତ୍ରାର ସିଦ୍ଧାନ୍ତ ଗ୍ରହଣ କରିଥିଲେ। ପୁରୀ ଷ୍ଟେସନ୍‌ରୁ ଚାଲିକରି ଯିବା ଦ୍ୱାରା ସନାତନୀମାନେ ଶାନ୍ତଭାବ ଧରି ଫେରିଥିଲେ। ମହାତ୍ମା



Source: Author, Digitized by PPRACHIN, SOA

ମଧ୍ୟ ଭାବିଥିଲେ- ହିନ୍ଦୁ ଜାତିର ବହୁ କାଳର କଳଙ୍କ ହୋଇ ଯେଉଁ ଅଛବମାନେ ଅଳିଆ ଭିତରେ ପଡ଼ି ସଢୁଛନ୍ତି ସେମାନଙ୍କ ଉଦ୍ଧାର କଳ୍ପେ ଚେଷ୍ଟା କରିବାକୁ ଗଲେ ରେଳ ମଟର ଛାଡ଼ି ଚାଲି ଚାଲି ପ୍ରଚାର ଆବଶ୍ୟକ। ଏହି ପରିବର୍ତ୍ତନ ଦ୍ୱାରା ଆଶାନୁରୂପ ଫଳ ମଧ୍ୟ ମିଳିଥିଲା। ପଥ ମଧ୍ୟରେ ଶହ ଶହ ଲୋକ ତାଙ୍କ ସାଙ୍ଗରେ ଚାଲିଲେ ଏବଂ ସ୍ଥାନେ ସ୍ଥାନେ ହଜାର ହଜାର ଲୋକଙ୍କର ସମାଗମ ହେଲା। ଦୂରବର୍ତ୍ତୀ ଗ୍ରାମମାନଙ୍କରୁ ବହୁସଂଖ୍ୟକ ସ୍ତ୍ରୀ-ପୁରୁଷ ଆସି ତାଙ୍କୁ ସେମାନଙ୍କର ଶ୍ରଦ୍ଧାଭକ୍ତି ନିବେଦନ କରିଥିଲେ। ହିନ୍ଦୁମାନେ ବଡ଼ ଧର୍ମପରାୟଣ ଜାତି। ସେଥିପାଇଁ ହିନ୍ଦୁର ପ୍ରଧାନ ତୀର୍ଥ ଠାରେ ଗାନ୍ଧିଙ୍କର ଗସ୍ତ ପ୍ରଥାର ଏହି ପରିବର୍ତ୍ତନ ଦେଖି ଏହାର ଏକ ଧର୍ମମୂଳକ ଅର୍ଥ ମଧ୍ୟ କରାଯାଇଥିଲା। କଲିକତାର ଅମୃତବଜାର ପତ୍ରିକା ଲେଖିଥିଲେ ଯେ ଏଥିପୂର୍ବେ ପୁରୀକୁ ଯେତେ ମହାପୁରୁଷ ଆସିଥିଲେ ସେମାନେ ସମସ୍ତେ ପଦବ୍ରଜରେ ଆସିଥିଲେ। ଅଥଚ ସେ ସମୟରେ ଯାନବାହନର ଅଭାବ ନଥିଲା। ଏହିପରି ବୁଦ୍ଧ, ଶଙ୍କର, ଚୈତନ୍ୟ, ନାନକ ପ୍ରଭୃତି ପଦବ୍ରଜରେ ହିଁ ନିଜ ନିଜର ବାଣୀ ପ୍ରଚାର କରି ଆସିଥିଲେ। ଏ ଯୁଗରେ ମହାତ୍ମା ଗାନ୍ଧି ସେହି ପ୍ରଥାର ହିଁ ପୁନରାବୃତ୍ତି କରିଥିଲେ।

ପୁରୀ ସଭାରେ ଭାଷଣ ଦେବା ପୂର୍ବରୁ ସେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ। ପ୍ରତିମୂର୍ତ୍ତି ଉନ୍ମୋଚନ କରି ଗାନ୍ଧି ଗୋପବନ୍ଧୁଙ୍କର ସରଳ ଜୀବନ, ସତ୍ୟ ପ୍ରତି ନିଷ୍ଠା ଓ ନିର୍ଭୀକତାର ଯଥାଯୋଗ୍ୟ ପ୍ରଶଂସା କରିଥିଲେ। ତାପରେ ତାଙ୍କର ନୂତନ ସିଦ୍ଧାନ୍ତ ସମ୍ବନ୍ଧରେ ସହରବାସୀଙ୍କୁ କିଛି ଧାରଣା ଦେଇଥିଲେ। ଯେଉଁ ପୁରୀ ପୂର୍ବ ଭାରତର ପ୍ରଧାନ ତୀର୍ଥସ୍ଥଳ ଓ ଯେଉଁଠି ସବୁ ଜାତିର ଲୋକେ ସମାନ ଭାବରେ ଜଗନ୍ନାଥଙ୍କ ପ୍ରସାଦ ସେବନ କରନ୍ତି, ସେହି ପୁରୀରୁ ତାଙ୍କର ପଦଯାତ୍ରା ଆରମ୍ଭ ହେବାରେ ସେ ଆନନ୍ଦ ପ୍ରକାଶ କରିଥିଲେ। ପଦଯାତ୍ରାରେ ହରିଜନ ଆନ୍ଦୋଳନର ଆଧ୍ୟାତ୍ମିକ ସ୍ୱରୂପ ଉପରେ ଜୋର ଦିଆଯାଇଛି। ତାଙ୍କ ମତରେ ସବୁ ଯାନବାହନ- ଏପରିକି ବଳଦଗାଡ଼ି ମଧ୍ୟ ଆଧ୍ୟାତ୍ମିକ ଶକ୍ତିମାନଙ୍କୁ ମୁକ୍ତ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ ନକରି ବାଧା ଦିଅନ୍ତି। ଅସ୍ପୃଶ୍ୟତା ବ୍ୟାଧି ସମାଜର ଏତେ ଭିତରକୁ ଯାଇଛି ଯେ ଏହାର ଦୂରୀକରଣ ପାଇଁ ଯେତେ ତ୍ୟାଗ ଓ ତପସ୍ୟା ଜଣେ କରିପାରେ ତାହା କରିବାକୁ ହେବ। ତେଣୁ ତାଙ୍କର ଧାରଣା କ୍ରମେ ବଦ୍ଧମୂଳ ହେଲା ଯେ ତାଙ୍କର ସନ୍ଦେଶ ଶୁଣାଇବା ପାଇଁ ସେ ରେଳ ଓ ମଟର ଗାଡ଼ି ଛାଡ଼ି ଯେତିକି ହେବ ସେତିକିରେ ତାଙ୍କୁ ସନ୍ତୁଷ୍ଟ ହେବାକୁ ହେବ। ୯ ତାରିଖ ସକାଳେ ଗାନ୍ଧି ପୁରୀରୁ ଗୋପୀନାଥପୁର ଏବଂ ହରେକୃଷ୍ଣପୁର ଯାତ୍ରା କଲେ।



Source: Author, Digitized by PPRACHIN, SOA

ହରେକୃଷ୍ଣପୁରରେ ଗ୍ରାମବାସୀଙ୍କୁ ଉଦ୍‌ବୋଧନ ଦେଇ ଗାନ୍ଧି କହିଲେ- ସେ ସେମାନଙ୍କ ଗ୍ରାମକୁ ଚାଲିଆସି ଆନନ୍ଦ ଲାଭ କରିଛନ୍ତି। ସେ ଆନନ୍ଦିତ ଯେ ସେ ପ୍ରାଚୀନ ପରମ୍ପରା ଅନୁସରଣ କରୁଛନ୍ତି। ରେଳ, ମଟରକାରର କୋଳାହଳ ଠାରୁ ପଦଯାତ୍ରାର ଶାନ୍ତିମୟ ବାୟୁମଣ୍ଡଳ ଭିନ୍ନ, କିନ୍ତୁ ଏ ଯାତ୍ରା ଫଳଦାୟକ ହେବ ଯଦି ଗ୍ରାମବାସୀମାନେ ପୂର୍ଣ୍ଣ ସହଯୋଗ କରନ୍ତି। ସେମାନେ ଗ୍ରାମର ଏକ ଅଂଶରେ ବ୍ରାହ୍ମଣ ଓ ଅନ୍ୟ ଅଂଶରେ ହରିଜନ ଏପରି ବାସ କରିବାର ବ୍ୟବସ୍ଥା ତ୍ୟାଗ କରିବା ଉଚିତ। ଅନ୍ୟ ହିନ୍ଦୁମାନଙ୍କର ଯେଉଁ ସୁବିଧା ଓ ଅଧିକାର ଅଛି, ସେସବୁ ହରିଜନମାନଙ୍କ ପାଇଁ ମଧ୍ୟ ଦେବାକୁ ହେବ। ତାପରେ ଗାନ୍ଧିଜୀ ଗ୍ରାମବାସୀମାନଙ୍କୁ ଆଳସ୍ୟ ପରିତ୍ୟାଗ କରି ସେମାନଙ୍କ ଦୀର୍ଘ ଅବସର ମଧ୍ୟରେ କପାରୁ ମଞ୍ଜି କାଢ଼ିବା, ତୂଳା ଭିଣି ପଞ୍ଜି କରିବା, ସୂତା କାଟିବା ଓ ଲୁଗା ବୁଣିବା ପାଇଁ ଉଦ୍‌ବୋଧନ ଦେଇଥିଲେ।

ଗାନ୍ଧିଜୀ ସନ୍ଧ୍ୟାରେ ହରେକୃଷ୍ଣପୁରରୁ ଚନ୍ଦନପୁର ଯାତ୍ରା କଲେ। ୧୦ ତାରିଖ ଦିନ ଚନ୍ଦନପୁରରୁ ବୀରଗୋବିନ୍ଦପୁର ଦେଇ ସାକ୍ଷୀଗୋପାଳ ଯାତ୍ରା କଲେ। ଗୋପବନ୍ଧୁ ସେବାସଦନରେ ବିଶ୍ରାମ ନେଲେ। ସାକ୍ଷୀଗୋପାଳରେ ସାଧାରଣ ସଭା ଭାଷଣରେ ଗାନ୍ଧିଜୀ ଦୁଃଖ ପ୍ରକାଶ କରିଥିଲେ। "ଗୋପବନ୍ଧୁ ଯେଉଁ ସୂତାକଟା ପ୍ରବର୍ତ୍ତନ କରିଥିଲେ, ତାହା ଗ୍ରାମମାନଙ୍କରେ ପ୍ରାୟ ବନ୍ଦ ହୋଇଗଲାଣି। ଭାରତର ସବୁ ପ୍ରଦେଶମାନଙ୍କ ଭିତରେ ଓଡ଼ିଶା ବୋଧହୁଏ ଦରିଦ୍ରତମ, କିନ୍ତୁ ଏହାର ଦରିଦ୍ରତା ଏହାର ଆଳସ୍ୟ ଯୋଗୁଁ। ଲୋକେ ଯଦି ବିନାଶରୁ ରକ୍ଷା ପାଇବାକୁ ଚାହାନ୍ତି, ତେବେ ତାଙ୍କୁ ଆଳସ୍ୟ ଛାଡ଼ିବାକୁ ହେବ। ସନ୍ଧ୍ୟାରେ ଗାନ୍ଧି ବୀରପୁରୁଷୋତ୍ତମପୁରରେ ପହଞ୍ଚିଲେ। ୧୧ ତାରିଖ ଦିନ ବୀରପୁରୁଷୋତ୍ତମପୁରରୁ ଦାଣ୍ଡମୁକୁନ୍ଦପୁର ଯାତ୍ରା କଲେ। ଦାଣ୍ଡମୁକୁନ୍ଦପୁରରୁ ପିପିଲି, ଏଠାରୁ ବାଲକାଟି ୧୨ ତାରିଖରେ ଭ୍ରମଣ କରି ୧୩ ତାରିଖ ଦିନ ବାଲକାଟିରୁ ସତ୍ୟଭାମାପୁର, ବାଲିଅନ୍ତା ଯାଇଥିଲେ। ୧୫ ତାରିଖରୁ ବାଲିଅନ୍ତା ଓ ତେଲେଙ୍ଗାପେଣ୍ଠ ଭ୍ରମଣ କରି ୧୬ ତାରିଖ ଦିନ ତେଲଙ୍ଗାପେଣ୍ଠ, କାଜିପାଟଣା ଦେଇ କଟକରେ ପହଞ୍ଚିଲେ। ୧୭ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ପାଟନାରେ ନିଖିଳ ଭାରତ କଂଗ୍ରେସ କମିଟିର ଏକ ବୈଠକରେ ଯୋଗ ଦେବା ପାଇଁ ଯାତ୍ରା କରିଥିଲେ। ୨୧ ତାରିଖ ଠାରୁ ତାଙ୍କର ପତିତପାବନ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଲା। ୨୧ ତାରିଖରୁ ବୈରୀରୁ ମହାତ୍ମା ଚମ୍ପାପୁର ହାଟ ପାଦରେ ଚାରି ମାଇଲ୍ ଚାଲିଲେ। ସେଦିନ ଚମ୍ପାପୁରରେ ଗୋବିନ୍ଦ ମିଶ୍ର ସ୍ଥାପିତ ଗାନ୍ଧି ସେବାଶ୍ରମରେ ବିଶ୍ରାମ ନେଇଥିଲେ। ୨୨ ତାରିଖରେ ଚମ୍ପାପୁର ଠାରେ ହରିଜନ ଦିବସ



Source: Author, Digitized by PPRACHIN, SOA

ପାଳନ, ସଭା ଓ ପାଣ୍ଠି ସଂଗ୍ରହ ହେଲା । ଏଠାରୁ ଭେଡ଼ା ଯାତ୍ରା କଲେ । ଭେଡ଼ାରେ ଯେଉଁ ସଭା ହୋଇଥିଲା ସେଥିରେ ମହାତ୍ମା ନିମ୍ନ ମର୍ମରେ ଭାଷଣ ଦେଇଥିଲେ-"ମୁଁ ପ୍ରଥମେ ଓଡ଼ିଶାର ଅଭ୍ୟନ୍ତରକୁ ଆସୁଛି । ରେଳ ଲାଇନ୍ ଯେତିକି ଦୂରରେ ରହୁଛି ମୁଁ ସେତିକି ଶାନ୍ତି ଲାଭ କରୁଛି ।" ଭେଡ଼ାରୁ ମହାତ୍ମା ୨୩ ତାରିଖ ଦିନ ମଉଦା, ଲେଖନପୁର ଏବଂ ଗୋପୀନାଥପୁର ଯାଇଥିଲେ । ଲେଖନପୁର ସଭାରେ ବ୍ରାହ୍ମଣର କର୍ତ୍ତବ୍ୟ ସମ୍ବନ୍ଧରେ ମହାତ୍ମା ଭାଷଣ ଦେଇଥିଲେ । ବ୍ରାହ୍ମଣମାନେ ସ୍ୱାର୍ଥପର ହୋଇଥିବାରୁ ହିନ୍ଦୁଧର୍ମ ଲୋପ ହେବ ବୋଲି ମହାତ୍ମାଜୀ କହିଥିଲେ । ଲେଖନପୁରର ହରିଜନସାହି ସେ ପରିଦର୍ଶନ କଲେ । ସାହିଟି ପରିଷ୍କାର ପରିଚ୍ଛନ୍ନ ଥିବାରୁ ସେ ଆନନ୍ଦ ପ୍ରକାଶ କଲେ । ଏଠାରେ ସାଢ଼େ ଚାରି ମାଇଲ୍ ଯାତ୍ରାକରି ସନ୍ଧ୍ୟାରେ ସତ୍ୟଭାମାପୁରରେ ପହଞ୍ଚିବାରୁ ମହାତ୍ମାଙ୍କୁ ଅଭିନନ୍ଦନ ଓ ଗୋଟିଏ ଥଳି ଉପହାର ଦିଆଯାଇଥିଲା । ସତ୍ୟଭାମାପୁର ସଭାରେ ଜନସାଧାରଣଙ୍କୁ ଉପଦେଶ ଦେଇ ମହାତ୍ମା କହିଲେ- ଯଦି ହିନ୍ଦୁଧର୍ମକୁ ବଞ୍ଚେଇ ରଖିବାକୁ ଇଚ୍ଛା ଥାଏ, ତେବେ ଅସ୍ପୃଶ୍ୟତାକୁ ନିର୍ମୂଳ କରିବା ଉଚିତ । ହିନ୍ଦୁ ଧର୍ମରୁ ଉଚ୍ଚନୀଚ ଭାବ ପାସୋରି ଦେବା ଉଚିତ । ୨୪ ତାରିଖ ଦିନ ମହାତ୍ମା ବହୁକୁଦ ଏବଂ ଶିଶୁଆ ଯାତ୍ରା କଲେ । ବହୁକୁଦରେ ମହାତ୍ମାଙ୍କୁ ୧୧୮ ଟଙ୍କାର ଗୋଟିଏ ଥଳି ଉପହାର ଦିଆଯାଇଥିଲା । ଏଠାରେ ସଭାରେ ଗ୍ରାମ୍ୟ ପରିଚ୍ଛନ୍ନ ଓ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧେ ମହାତ୍ମା କେତେକ ଉପଦେଶ ଦେଇଥିଲେ ।

ଚମ୍ପାପୁର ଜନସଭାରେ ମହାତ୍ମା ଏକ ଚମତ୍କାର ଉଦ୍‌ବୋଧନ ଦେଇଥିଲେ । ସେ କହିଲେ- "ଆପଣମାନେ ଜାଣନ୍ତି ଯେ ଓଡ଼ିଶାରେ ହରିଜନ ଗସ୍ତର ଏହା ହେଉଛି ଆନନ୍ଦ ଯେ ଏହି ଆଶ୍ରମକୁ ଆସିବା ପରେ ମୋର ଦ୍ୱିତୀୟ ଯାତ୍ରା ଆରମ୍ଭ ହୋଇଛି । ଏ ଆଶ୍ରମ ଯେ ଆରମ୍ଭ କରିଛନ୍ତି ସେ କେତେଦିନ ସାବରମତୀ ଆଶ୍ରମରେ ଥିଲେ । ଏ ଆଶ୍ରମ ପକ୍ଷରୁ ଲୋକସେବା ଚେଷ୍ଟା ହେଉଛି, ଏଠାରେ ହରିଜନ ଓ ଅନ୍ୟମାନଙ୍କ ମଧ୍ୟରେ କୌଣସି ଭେଦାଭେଦ ନାହିଁ । ଯେଉଁମାନେ ଅକ୍ଷମ, ଅସହାୟ ଓ ସମାଜ ଯେଉଁମାନଙ୍କୁ ତ୍ୟାଗ କରିଛି, ସେପରି ଲୋକେ ଏ ଆଶ୍ରମରୁ ସେବା ପାଇବାର ଅଧିକାର ପାଇଛନ୍ତି । ଏ କଥା ମଧ୍ୟ ବୁଝିବାକୁ ହେବ ଯେ ଏ ଆଶ୍ରମ ଦ୍ୱାରା କେହି ଯେପରି ଭିକ୍ଷୁକ ନହୁଅନ୍ତି । ଅଳସୁଆ ନହୋଇ ସମସ୍ତେ କାର୍ଯ୍ୟରେ ଲାଗନ୍ତୁ । ସେଥିପାଇଁ ଏଠାରେ ସମସ୍ତେ ସୂତାକଟା ଶିଖିବାକୁ ହେବ । ଏ ଆଶ୍ରମ ପକ୍ଷରୁ ଔଷଧ ବଣ୍ଟା ହେଉଛି, କିନ୍ତୁ ଏହାର ଆବଶ୍ୟକତା କ'ଣ କିଛି ଜଣାଯାଉ ନାହିଁ । ସବୁବେଳେ ରୋଗ ନିବାରଣ ପାଇଁ ଔଷଧ ଉପରେ ନିର୍ଭର କରିବା ଆବଶ୍ୟକ ନୁହେଁ । ଯାହା ଖାଇବା ଯୋଗ୍ୟ ନୁହେଁ, ତାକୁ ଖାଇଲେ କିମ୍ବା ଯେତିକି ଲୋଡ଼ା ତା'ଠାରୁ ଅଧିକ ଖାଇଲେ ଆଉ ଔଷଧ ଦେଇ କି ଲାଭ ? ଏହାର ଔଷଧ ହେଉଛି



Source: Author, Digitized by PPRACHIN, SOA

ସଙ୍ଗମ। ଔଷଧ ବାଣ୍ଟିବା ଅପେକ୍ଷା ଏ ଶିକ୍ଷା ଲୋକଙ୍କୁ ଦେବା ଅଧିକ କଷ୍ଟ କାମ। ଆପଣମାନେ ମଧ୍ୟ ଏପରି ଶିକ୍ଷାକୁ ଭଲ ପାଇବେ ନାହିଁ।

ହରିଜନ ଯାତ୍ରାର ଏ ଉଦ୍ଦେଶ୍ୟ ମୁଁ ଆପଣମାନଙ୍କୁ କହିବି। ଅସ୍ପୃଶ୍ୟମାନଙ୍କୁ ଆମେ ପାଖକୁ ଆଣିବାକୁ ବାଟ ଫିଟାଇବାକୁ ହେବ। ତେଣୁ ସେମାନଙ୍କୁ ଅସ୍ପୃଶ୍ୟ ନକହି ହରିଜନ ବୋଲି କହିବା ଉଚିତ। ମୁଁ ଶୁଣିଲି ଯେ, ପୃଥକରେ ସ୍ଥାନ ଦିଆଯାଇଅଛି। ଏହା ଆମର ଲଜ୍ଜାର କଥା, ଅନ୍ୟାୟ ଓ ଆଇନବିରୁଦ୍ଧ। ମୁଁ ଏଠାରେ ଦେଖୁଛି ଯେ ଅନେକ ନାରୀ ବହୁତ ଗହଣା ପିନ୍ଧୁଛନ୍ତି। ଏହାର ମୂଲ୍ୟ ନାହିଁ କି ଏଥିରେ ସୌନ୍ଦର୍ଯ୍ୟ ନାହିଁ। ଆମେ ଭାବିଲେ ବୁଝିପାରିବୁ ଯେ ପିତଳ କାଠ ପଥରର ଗହଣା ପିନ୍ଧିବାରେ କିଛି ଲାଭ ନାହିଁ। ଏହା ଶରୀରର ବୃଦ୍ଧିରେ ବାଧା ଜନ୍ମାଏ।"

ମହାତ୍ମାଙ୍କ ଦଳ ସଙ୍ଗେ ସ୍ୱିଜରଲାଣ୍ଡର ବିଖ୍ୟାତ ଇଞ୍ଜିନିୟର ବହୁକୁଦ ଠାରେ ଯୋଗ ଦେଇଥିଲେ। ମିସ୍ ଆଗାଥା ହରିସନ୍ ମହାତ୍ମାଙ୍କ ସଙ୍ଗେ ଏ ପର୍ଯ୍ୟନ୍ତ ଚାଲି ଚାଲି ଆସିଥିଲେ। ମହାତ୍ମା ପାଟପୁର କାକଟିଆ, ସଲରା, ଭଗବତ୍‌ପୁର ଦେଇ ୨୭ ତାରିଖରେ କେନ୍ଦ୍ରାପଡ଼ାରେ ପହଞ୍ଚିଥିଲେ। ୨୮ ତାରିଖରେ କେନ୍ଦ୍ରାପଡ଼ାରେ ରହି ୨୯ ତାରିଖରେ ବଡ଼ିମୂଳ ଯାଇଥିଲେ। ୩୦ ତାରିଖରେ ବଡ଼ିମୂଳରୁ ଇନ୍ଦିପୁର, କଲ୍ୟାଣପୁର, କଳାମାଟିଆ ଏବଂ ଅଙ୍ଗେଇସପୁର ଯାଇଥିଲେ।

## ମହାତ୍ମାଙ୍କ ପୂର୍ବନିର୍ଦ୍ଦିଷ୍ଟ ଯାତ୍ରା

ମେ ୨୬ ସକାଳ ନିଶ୍ଚିନ୍ତକୋଇଲି ଠାରୁ କାକଟିଆ - ୬ ମାଇଲ୍

ମେ ୨୬ ସନ୍ଧ୍ୟା କାକଟିଆ ଠାରୁ ସଲରା – ୨ ମାଇଲ୍

ମେ ୨୭ ସକାଳ ସଲରା ଠାରୁ ଭାଗବତପୁର – ୩ ମାଇଲ୍

ମେ ୨୭ ସନ୍ଧ୍ୟା ଭାଗବତପୁର ଠାରୁ କେନ୍ଦ୍ରାପଡ଼ା – ୫ ମାଇଲ୍

ମେ ୨୮ ତାରିଖ କେନ୍ଦ୍ରାପଡ଼ାରେ ମୌନ ଦିବସ

ମେ ୨୯ ତାରିଖ ହରିଜନ ଦିବସ

ମେ ୨୯ ସନ୍ଧ୍ୟା କେନ୍ଦ୍ରାପଡ଼ା ଠାରୁ ବାରିମୂଳ – ୩ ମାଇଲ୍

୩୦ ମେ ସକାଳ ବାରିମୂଳ ଠାରୁ ଇନ୍ଦିପୁର ୫ ୨ ମାଇଲ୍



Source: Author, Digitized by PPRACHIN, SOA

୩୦ ମେ ସନ୍ଧ୍ୟା ଇନ୍ଦିପୁର ଠାରୁ ଅଙ୍ଗାଇସପୁର ୩ ମାଇଲ୍

୩୧ ମେ ସକାଳ ଅଙ୍ଗାଇସପୁର ଠାରୁ ବରୀ ୪ ମାଇଲ୍

୩୧ ମେ ସନ୍ଧ୍ୟା ବରୀ ଠାରୁ ସାହସପୁର ସାଢ଼େ ୪ ମାଇଲ୍

୧ ଜୁନ୍ ସକାଳ ସାହସପୁର ଠାରୁ କବିରପୁର

୧ ଜୁନ୍ ସନ୍ଧ୍ୟା କବୀରପୁର ଠାରୁ ଭାଗବତପୁର ୩ ମାଇଲ୍

୨ ଜୁନ୍ ସକାଳ ଭାଗବତପୁର ଠାରୁ ଯାଜପୁର ୩ ମାଇଲ୍

**ଯାଜପୁରରେ ଅବସ୍ଥାନ**

୩ ଜୁନ୍ ସକାଳ ଯାଜପୁର ଠାରୁ ମଞ୍ଜୁରୀ ୫ ମାଇଲ୍

୩ ଜୁନ୍ ସନ୍ଧ୍ୟା ମଞ୍ଜୁରୀ ଠାରୁ ଭଣ୍ଡାରୀପୋଖରୀ ୫ ମାଇଲ୍

୪ ଜୁନ୍ ଭଣ୍ଡାରୀପୋଖରୀ ମୌନ ଦିବସ

୫ ଜୁନ୍ ହରିଜନ ଦିବସ

**ସନ୍ଧ୍ୟା ଭଣ୍ଡାରୀପୋଖରୀରୁ ବାରିକପୁର ୪ ମାଇଲ୍**

୬ ଜୁନ୍ ସକାଳ ବାରିକପୁରରୁ ଡେଲାଙ୍ଗ ୪ ମାଇଲ୍

୬ ଜୁନ୍ ସନ୍ଧ୍ୟା ଡେଲାଙ୍ଗରୁ ଭଦ୍ରକ ୪ ମାଇଲ୍

୭ ଜୁନ୍ ସକାଳ ଭଦ୍ରକ ଠାରୁ ଗରଜପୁର ୧ ମାଇଲ୍

୭ ଜୁନ୍ ସନ୍ଧ୍ୟା ଗରଜପୁର ଠାରୁ ଅସୁରା ୬ ମାଇଲ୍

୮ ଜୁନ୍ ଅସୁରା ଠାରୁ ମୌତାପୁର ୪ ମାଇଲ୍

**ମୌତାପୁର ଠାରୁ ମାର୍କୋଣା ୪ ମାଇଲ୍**

୯ ଜୁନ୍ ସକାଳ ମାର୍କୋଣା ଠାରୁ ଯାମୁଝାଡ଼ି ୩ ମାଇଲ୍

୯ ଜୁନ୍ ସନ୍ଧ୍ୟା ଯାମୁଝାଡ଼ି ଠାରୁ ସୋରୋ ୫ ମାଇଲ୍

୧୦ ଜୁନ୍ ସକାଳ ସୋର ଠାରୁ ବାରିକପୁର ୫ ମାଇଲ୍

୧୦ ଜୁନ୍ ସନ୍ଧ୍ୟା ବାରିକପୁର ଠାରୁ ପାନପନା ୩ ମାଇଲ୍

୧୧ ଜୁନ୍ ସକାଳ ପାନପନା ଠାରୁ ଖନ୍ତାପଡ଼ା ୧୨ ମାଇଲ୍

**ଖନ୍ତାପଡ଼ା-ମୌନ ଦିବସ**

୧୨ ଜୁନ୍ ସନ୍ଧ୍ୟା ଖନ୍ତାପଡ଼ା ଠାରୁ ଖାନ୍‌ନଗର ୬ ମାଇଲ୍

୧୩ ଜୁନ୍ ସନ୍ଧ୍ୟା ଖାନ୍‌ନଗର ଠାରୁ ବାଲେଶ୍ୱର



Source: Author, Digitized by PPRACHIN, SOA

ଏହିପରି କାର୍ଯ୍ୟକ୍ରମ କରାଯାଇଥିଲେ ମଧ୍ୟ ମହାତ୍ମା ଗାନ୍ଧି ଜୁନ୍ ୮ ସୁଦ୍ଧା ଓଡ଼ିଶା ଭ୍ରମଣ ଶେଷ କରିଥିଲେ । ଜୁନ୍ ୮ ତାରିଖରେ ଭଦ୍ରକରୁ ମାର୍କୋଣା, ସୋର, ଖନ୍ତାପଡ଼ା, ବାଲେଶ୍ୱର, ହଳଦିପଡ଼ା, ଅମରଦାରୋଡ୍ ଦେଇ ଖଡ଼ଗପୁର ଯାତ୍ରା କରିଥିଲେ । ତାହାଙ୍କର ପଦଯାତ୍ରା ଜୁନ୍ ୭ ତାରିଖ ଭଦ୍ରକରେ ଶେଷ ହୋଇଥିଲା । ୧୮ ଦିନରେ ସେ ୧୮୦ ମାଇଲ୍ ପଦଯାତ୍ରା କରିଥିଲେ ।

ମହାତ୍ମା ଗାନ୍ଧି ଏହି ପତିତପାବନ ଗସ୍ତ ଶେଷ କାଳରେ ଓଡ଼ିଶାବାସୀଙ୍କୁ ନିମ୍ନୋକ୍ତ ରୂପେ ବାଣୀ ଶୁଣାଇଥିଲେ :"ମୋହର ଆଶା ଏବଂ ପ୍ରାର୍ଥନା ଯେ ଏହି ଯାତ୍ରା ଫଳରେ ଓଡ଼ିଶାରୁ ନିଷ୍କଳଙ୍କ ଚରିତ୍ର ଏକନିଷ୍ଠ କର୍ମୀ ବାହାରିବେ ଏବଂ ସେମାନେ ହିନ୍ଦୁଧର୍ମର ଉତ୍କଟ ଅସ୍ପୃଶ୍ୟତା ରୂପ କଳଙ୍କକୁ ଦୂର କରିବା ପାଇଁ ମନପ୍ରାଣ ଦେଇ ନିଜକୁ ନିୟୋଜିତ କରିବେ ।"

୧୯୩୮ ମସିହା ମାର୍ଚ୍ଚ ୨୫ରୁ ୩୧ ପର୍ଯ୍ୟନ୍ତ ଗାନ୍ଧି ସେବାସଂଘର ଚତୁର୍ଥ ବାର୍ଷିକ ଉତ୍ସବ ଦେଖିବାକୁ ମହାତ୍ମା ଗାନ୍ଧି ଓଡ଼ିଶା ଆସିଥିଲେ । ଏହି ସେବାସଂଘ ଡେଲାଙ୍ଗ ଠାରେ ପ୍ରତିଷ୍ଠିତ ହୋଇଥିଲା । ଗାନ୍ଧି ବେରବୋଇର ଖଦିଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟନ କରି ବିରାଟ ଜନତାଙ୍କୁ ସମ୍ବୋଧନ କରି କହିଥିଲେ :"ଆପଣମାନେ ଅଳ୍ପ କେତେ ସମୟ ପାଇଁ ଟିକିଏ ଧୀରସ୍ଥିର ଓ ଶାନ୍ତହୋଇ ରହନ୍ତୁ । ମୋର ଏତେ ଶକ୍ତି ନାହିଁ ଯେ ମୁଁ ବେଶି ବେଳଯାଏ କହିପାରିବି । ଉତ୍କଳ ଭାରତରେ ମୋର ସବୁଠାରୁ ପ୍ରିୟତମ ଭୂମି । ମୁଁ ଯେଉଁଦିନୁ ଭାରତକୁ ଆସିଲିଣି, ସେହିଦିନୁ ଓଡ଼ିଶାର ଦାରିଦ୍ର୍ୟ କଥା ଶୁଣିଛି । ଓଡ଼ିଶାରେ ଦାରିଦ୍ର୍ୟ ସମସ୍ୟା ମଧ୍ୟ ମୋ ହୃଦୟକୁ ଘାରିଛି । ବେଳେବେଳେ ଓଡ଼ିଶାରେ ଯେତେବେଳେ ହାହାକାର ସୃଷ୍ଟି ହୋଇଗଲା ସେତେବେଳେ ପଇସା ଠୁଣ କରି ଠକ୍‌କର ବାପାଙ୍କୁ ସେ ପଇସା ଦେଇ ପଠାଇଥିଲି । ସେତେବେଳେ ମୁଁ ଧରି ନେଇଥିଲି ଯେ ଓଡ଼ିଶାର କିଛି ସେବା କରିବି । ମୁଁ ସେତେବେଳୁ ଜାଣିଲି ଯେ ଉତ୍କଳର ସେବା କରିପାରିଲେ ସମଗ୍ର ମାନବ ଜାତିର କିଛି ସେବା କରିପାରିବି । ସେଇଥି ପାଇଁ ଉତ୍କଳ ମୋର ଯାତ୍ରା ଧାମ ହୋଇଗଲା । ଏହି ଉତ୍କଳରେ ଯେତେବେଳେ ଉନ୍ନତ ଯାତ୍ରା ଆରମ୍ଭ କରିଥିଲି ସେତେବେଳେ ମୋତେ ଯେଉଁମାନେ ଚଳାଉଥିଲେ ସେମାନେ ବଡ଼ କଷ୍ଟ କରିଥିଲେ । ରେଳରେ ଯାତ୍ରା କଲାବେଳେ ଧ୍ୟାନାବସ୍ଥିତ ହୋଇ ଏକାଗ୍ର ଭାବରେ ଚିନ୍ତା କରିବାର ସୁବିଧା ପାଏ ନାହିଁ । ସେଥିପାଇଁ ଜଗନ୍ନାଥ ଧାମରୁ ମୁଁ ପଦଯାତ୍ରା କରିବି ବୋଲି ସ୍ଥିର କରିଥିଲି । ଗୋଡ଼ରେ ଚାଲି ଚାଲି ଗଲାବେଳେ ପ୍ରାର୍ଥନା ଓ ଧ୍ୟାନ ଉଭୟ ଖୁବ୍ ସୁନ୍ଦର ଭାବରେ ହୋଇପାରେ । ମୁଁ ପୁରୀରୁ ଫେରି ଚାଲିଯିବାକୁ ଭାବିଥିଲି । କିନ୍ତୁ ସେଠା କାର୍ଯ୍ୟକର୍ତ୍ତାଙ୍କୁ କହିଲି ଓ ମୋର ପଦଯାତ୍ରା ନିର୍ଘଣ୍ଟ କଲେ ।



Source: Author, Digitized by PPRACHIN, SOA

ଜଗନ୍ନାଥ ଧାମ ଏକ ପବିତ୍ର ଧାମ। ସେଠାରେ ଜଗନ୍ନାଥଙ୍କ ପାଖେ ସ୍ପୃଶ୍ୟ ଅସ୍ପୃଶ୍ୟ ଭେଦ ନାହିଁ। ସେ କାହାରି ଜଣକର ନୁହନ୍ତି। ସେ ସମଗ୍ର ଜଗତର ନାଥ। କିନ୍ତୁ ଆଜି ଜଗନ୍ନାଥଙ୍କ ମନ୍ଦିର ହରିଜନଙ୍କ ପାଇଁ ଉନ୍ମୁକ୍ତ ନୁହେଁ। ତେଣୁ ମୋ ପାଇଁ ମଧ୍ୟ ଜଗନ୍ନାଥ ମନ୍ଦିର ବନ୍ଦ। ଉତ୍କଳ ସଙ୍ଗେ ମୋର ସମ୍ପର୍କ ଖୁବ୍ ଘନିଷ୍ଠ। ତେଣୁ ଉତ୍କଳ ବିଷୟରେ ଯଦି କିଛି ଅପ୍ରିୟ କହେ ତେବେ ସେଥିପାଇଁ ମୋତେ କ୍ଷମା କରିବେ। ଉତ୍କଳ ଅତି ଗରିବ। ଏଠାରେ ପଇସା ନାହିଁ। କିନ୍ତୁ ଏଠାର ଲୋକେ ଏ ଅବସ୍ଥାରେ ମଧ୍ୟ ଅଫିମ ଖାଉଛନ୍ତି। ଏ ଅଫିମ ଖିଆ ଛାଡ଼ିଦେଲେ ଅବସ୍ଥା ଅନେକ ଉନ୍ନତ ହେବ। ଉତ୍କଳ ଆଜି କାଙ୍ଗାଳ, ତା'ର କାରଣ ଏଠାରେ ଦେଶୀ ଶିଳ୍ପ ଲୋପ ପାଇଛି। ଏଠାରେ ଅନେକ ପରିମାଣରେ ଆଳସ୍ୟ ରହିଛି। ଆଜି ପ୍ରଦର୍ଶନୀ ଉଦ୍‌ଘାଟନ କଲାବେଳେ ଉତ୍କଳରେ ତିଆରି ବିଭିନ୍ନ ଜିନିଷ ଦେଖି ମୋର ମନରେ ଆସିଲା ଯେ ଉତ୍କଳବାସୀ ଆଳସ୍ୟ ଛାଡ଼ି ଉଦ୍ୟମ କଲେ ଉତ୍କଳର ଏ ଦାରିଦ୍ର୍ୟ ନିଶ୍ଚୟ ଦୂର ହୋଇଯିବ। ଅନେକ ଲୋକ ଏଠାରେ ଭାତ ଗଣ୍ଡିଏ ଛଡ଼ା ଆଉ କିଛି ପାଆନ୍ତି ନାହିଁ। ଅଥଚ ଆପଣମାନେ ଜାଣନ୍ତି ନାହିଁ ଯେ ଉତ୍କଳରେ ଏତେ ଜିନିଷ ହୋଇପାରେ।

ଆପଣମାନେ ଏହି ପ୍ରଦର୍ଶନୀ ଯାଇ ଦେଖନ୍ତୁ। କିଭଳି ଉଦ୍ୟମ ବଳରେ ଉତ୍କଳବାସୀ କେତେ ସୁନ୍ଦର ସୁନ୍ଦର ଦ୍ରବ୍ୟ ତିଆରି କରିପାରନ୍ତି। ଏ କେବଳ ଦେଖିବା ପାଇଁ ହୋଇନାହିଁ। ଏହାକୁ ଶିକ୍ଷା କରିବା ଚାହି ଓ ଅଭ୍ୟାସ କରିବା ଚାହି। ଏଠାରେ ଅନେକ ଛାତ୍ର ଓ ନବଯୁବକ ଅଛନ୍ତି। ସେମାନେ ଏସବୁ ଦେଖି ସେଥିରୁ କୌଣସି ଗୋଟିଏ ଦ୍ରବ୍ୟ ବିଷୟରେ ଶିକ୍ଷାକରି ତହିଁରେ ଅଭିଜ୍ଞ ହେବାକୁ ଚେଷ୍ଟା କରିବା ଉଚିତ। ମନୁଷ୍ୟ ନିଜର ହାତ କାରିଗରୀ ଦ୍ୱାରା ଉଦରପୋଷଣ କରିବା ଉଚିତ। ଯେତେବେଳେ ଗାନ୍ଧି ସେବାସଂଘର ବୈଠକ ଓଡ଼ିଶାରେ ହେବା ପାଇଁ ଆମନ୍ତ୍ରଣ ହୋଇଥିଲା, ସେତେବେଳେ ଜାଣିନଥିଲି ଯେ ଓଡ଼ିଶା ସରକାର କଂଗ୍ରେସ ହାତକୁ ଆସିବ। ମାତ୍ର ଓଡ଼ିଶା ସରକାର କଂଗ୍ରେସ ହାତରେ। ଏଠାରେ ଆପଣମାନଙ୍କ ସରକାର ଓ ବେସରକାର ଉଭୟଙ୍କ ସହଯୋଗରେ ଯେ ଆଜି ଏ ପ୍ରଦର୍ଶନୀ ହୋଇଛି ଏଥିରେ ଆଶ୍ଚର୍ଯ୍ୟ ହେବାର ବିଶେଷ କିଛି ନାହିଁ। ଆପଣମାନେ ଏ ପ୍ରଦର୍ଶନୀ ଦେଖି ଶିକ୍ଷା କରନ୍ତୁ। ଅନେକ ଶିକ୍ଷିତ ଯୁବକ ଏସବୁ କୁଟୀରଶିଳ୍ପ ଜଣେ ଜଣେ ଗୋଟିଏ ଶିକ୍ଷାକରି ତାହାର ପ୍ରସାର ପାଇଁ ଯଥାସାଧ୍ୟ ଯତ୍ନ କରନ୍ତୁ। ତା'ହେଲେ ଉତ୍କଳର ଦାରିଦ୍ର୍ୟ ଅଚିରେ ଦୂର ହୋଇଯିବ। (ନବୀନ, ମାର୍ଚ୍ଚ ୨୯, ୧୯୩୮)

❖❖❖



Source: Author, Digitized by PPRACHIN, SOA

### ଗଡ଼ଜାତର ଅବିସ୍ମରଣୀୟ ଗାନ୍ଧିବାଦୀ

# ସଂଗଠକ : ସାରଙ୍ଗଧର ଦାସ

॥ ୧ ॥

ଓଡିଶା ଗଡ଼ଜାତ ରାଜ୍ୟମାନଙ୍କର ଅବିସ୍ମରଣୀୟ ସଂଗଠକ ଓ ନେତା,ବିଖ୍ୟାତ ବିପ୍ଳବୀ ଏବଂ ଗାନ୍ଧିବାଦୀ ସାରଙ୍ଗଧର ଦାସ ୧୮୮୭ ମସିହା କୁମାର ପୂର୍ଣ୍ଣିମା ଦିନ ଢ଼େଙ୍କାନାଳର ହରେକୃଷ୍ଣପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ଏବଂ ୧୯୫୭ ମସିହା ସେପ୍ଟେମ୍ବର ୧୯ ତାରିଖ ଦିନ ମୃତ୍ୟୁବରଣ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ତାଙ୍କ ବିପୁଳ ଅବଦାନର ଯେତିକି ସ୍ୱୀକୃତି ଐତିହାସିକମାନଙ୍କଠାରୁ ମିଳିବାର କଥା ତାହା ମିଳିନାହିଁ। ତାଙ୍କ ସଂପର୍କରେ ବିଶେଷ ଚର୍ଚ୍ଚା ହୋଇନାହିଁ। ଆପଣା ଜୀବନର ପାଞ୍ଚ ଦଶନ୍ଧି ନବ ଓଡ଼ିଶା ନିର୍ମାଣରେ ବିନିଯୋଗ କରି ସାରଙ୍ଗଧର ଅସ୍ତ ହୋଇଯାଇଥିଲେ;କିନ୍ତୁ ଛାଡିଯାଇଥିଲେ ତାଙ୍କର ଅପରିସୀମ ତ୍ୟାଗ ଏବଂ ଆଦର୍ଶବାଦୀ କର୍ମଧାରା-ଯାହା ଆଜି ମଧ୍ୟ ଅନୁକରଣ କରାଯାଇପାରେ। ଔପନିବେଶିକ ଯୁଗର ଢ଼େଙ୍କାନାଳର ଅନ୍ଧାରୀ ମୁଲକରେ କୁମାର ପୂର୍ଣ୍ଣିମା ଦିନ ଚନ୍ଦ୍ର ପରି ଉଦୟ ହୋଇ ସାରଙ୍ଗ ସାରା ଓଡ଼ିଶାକୁ ଆଲୋକିତ କରି ଯାଇଛନ୍ତି। ବିପ୍ଳବୀ ସାରଙ୍ଗଧରଙ୍କର କର୍ମମୁଖର ଜୀବନ ବହୁ ମୋଡ ଓ ବାଙ୍କ ଦେଇ ଗତି କରିଛି। ସେହି ବହୁମୁଖୀ ଜୀବନଧାରାର ଆଲୋଚନା ପାଇଁ ସମସାମୟିକ ସମ୍ବାଦପତ୍ର ସହିତ ତାଙ୍କ ପତ୍ନୀ ଚିତ୍ରଶିଳ୍ପୀ ଫ୍ରୀଡ଼ାଙ୍କ ରଚିତ ପୁସ୍ତକ-ଏ ମ୍ୟାରେଜ୍ ଟୁ ଇଣ୍ଡିଆ(A Marriage To India)ରୁ ତଥ୍ୟ ସଂଗ୍ରହ କରାଯାଇପାରେ।ଏହା ସହିତ ତାଙ୍କ ପ୍ରବନ୍ଧ ଏବଂ ପତ୍ରମାଳା ମଧ୍ୟ ଅନୁଶୀଳନ କରାଯାଇପାରେ। ଏହି ଆଲୋଚନାରେ ସାରଙ୍ଗଧରଙ୍କ ବୈପ୍ଳବିକ କର୍ମମୁଖର ଜୀବନର କେତେକ ଅବଦାନର ତଥ୍ୟନିଷ୍ଠ ବିବରଣୀ ସ୍ଥାନ ପାଇଛି।

॥ ୨ ॥

ସାରଙ୍ଗଧର ୧୯୦୫ ମସିହା ବେଳକୁ ଢ଼େଙ୍କାନାଳ ଗଡ଼ ହାଇସ୍କୁଲରୁ କୃତିତ୍ୱ ସହକାରେ ଏଣ୍ଟ୍ରାନ୍ସ ପାଶ୍ କରି ରେଭେନ୍ସା କଲେଜରେ ଅଧ୍ୟୟନ କରିଥିଲେ। ସେତେବେଳେ ସେ ମଧୁସୂଦନ ଦାସଙ୍କ ଦେଶମିଶ୍ରଣ ଯୋଜନା ସହିତ ପରିଚିତ ଥିଲେ।



Source: Author, Digitized by PPRACHIN, SOA

ସେ କଟକ ରେଭେନ୍‌ସା କଲେଜରୁ ଏଫ୍‌ଏ ପାଶ୍ କରିବାପରେ ନାନା ଅଭାବ ଅସୁବିଧାରେ ପଡ଼ି ଅଧିକ ଶିକ୍ଷାରୁ ନିବୃତ୍ତ ହୋଇ ନୀଳଗିରିରେ ସ୍କୁଲ ଶିକ୍ଷକ ରୂପେ କିଛି ଦିନ କାର୍ଯ୍ୟ କରିଥିଲେ। ସେତେବେଳେ ସେ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କଠାରୁ ଗଠନାତ୍ମକ ଭାବଧାରା ସଂଗ୍ରହ କରିଥିଲେ। ସେହି ସମୟରେ ଗଡ଼ଜାତ କର୍ମୀ କୈଳାସ ଚନ୍ଦ୍ର ମହାନ୍ତିଙ୍କ ପରାମର୍ଶ ଅନୁସାରେ ଭାରତ ବାହାରେ ବୈଜ୍ଞାନିକ ଏବଂ ବୈଷୟିକ ଶିକ୍ଷା ଲାଭ କରିବାକୁ ଚିନ୍ତା କରିଥିଲେ।ଏହି ଉଦ୍ଦେଶ୍ୟ ସଫଳ କରିବା ପାଇଁ ସେ କଲିକତାର ବିଜ୍ଞାନ ସଂସଦଠାରୁ ଆର୍ଥିକ ସହଯୋଗ ପାଇଥିଲେ।(ଆଚାର୍ଯ୍ୟ ନୃସିଂହ ଚରଣ,ବିପ୍ଲବୀ ସାରଙ୍ଗଧର,୧୯୯୨,ପୃ-୪)ସେ ମଧ୍ୟ ଢେଙ୍କାନାଳର ରାଜାଙ୍କଠାରୁ ଜାପାନରେ ଶିକ୍ଷାଲାଭ ପାଇଁ ଅନୁମତି ଏବଂ ଆର୍ଥିକ ସାହାଯ୍ୟ ପାଇଥିଲେ।୧୯୦୭ ଆରମ୍ଭରେ ସାରଙ୍ଗଧର ଜାପାନ ଯାତ୍ରା କରିଥିଲେ। ଜାପାନର ଟୋକିଓ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ସେ ଓଡ଼ିଶାର ସମସ୍ୟା ସହିତ ପରିଚିତ ଥିଲେ। ୧୯୦୭ ନଭେମ୍ବର ମାସରେ ସେ ଉତ୍କଳ ଦୀପିକାର ସଂପାଦକଙ୍କ ନିକଟକୁ ଏକ ପତ୍ରରେ ଓଡ଼ିଶା ବନ୍ୟା ପୀଡିତଙ୍କର ଅସୀମ କଷ୍ଟର ପ୍ରସଂଗ ଏବଂ ଟୋକିଓ ନଗରସ୍ଥ ଭାରତୀୟ ଛାତ୍ରବୃନ୍ଦଙ୍କ ଆନ୍ତରିକ ସହାନୁଭୂତି କଥା ଲେଖିଥିଲେ।(ଉତ୍କଳ ଦୀପିକା,୩୦ ନଭେମ୍ବର,୧୯୦୭)୧୯୦୭ରୁ ୧୯୧୧ ପର୍ଯ୍ୟନ୍ତ ସାରଙ୍ଗଧର ଜାପାନର ଟୋକିଓ ଠାରେ ଟେକ୍ନୋଲଜିକାଲ୍ ଇନ୍‌ଷ୍ଟିଚ୍ୟୁଟ୍ ରେ ରସାୟନ ବିଭାଗରେ ଅଧ୍ୟୟନ କରୁଥିଲେ। ଜାପାନରେ ଦୁଇ ବର୍ଷ ଶିକ୍ଷାଲାଭ କରି ସେ ଆମେରିକା ଯାତ୍ରା କରିବାକୁ ଢେଙ୍କାନାଳ ରାଜାଙ୍କ ଅନୁମତି ଓ ଆର୍ଥିକ ସହଯୋଗ ଲୋଡିଲେ। ରାଜା ତାଙ୍କୁ ଆମେରିକା ନଯାଇ ଦେଶକୁ ଫେରିଆସିବାକୁ ନିର୍ଦ୍ଦେଶ ଦେଲେ। ସାରଙ୍ଗଧର ଜାପାନରେ ଚିନି ପ୍ରସ୍ତୁତି ବିଦ୍ୟା ଶିକ୍ଷା କରିଥିଲେ। ସେ ରାଜାଙ୍କୁ ପ୍ରଥମେ କିଛି ନଜଣାଇ ନିଜର ସଂଚିତ ଅର୍ଥ ସାହାଯ୍ୟରେ ଆମେରିକାର କାଲିଫର୍ଣିଆ ବିଶ୍ୱବିଦ୍ୟାଳୟରେ ପହଞ୍ଚିଲେ। ତାପରେ ରାଜାଙ୍କୁ ଜଣାଇଲେ।ଏଥିରେ ଢେଙ୍କାନାଳ ରାଜା ଅସନ୍ତୁଷ୍ଟ ହୋଇ ତାଙ୍କୁ ଆର୍ଥିକ ସାହାଯ୍ୟ ଦେବା ବନ୍ଦ କରିଦେଲେ। ଆମେରିକାରେ ଥିବା ସମୟରେ ସାରଙ୍ଗଧର ଆମେରିକା ଯାତ୍ରୀ ଭାରତୀୟ ଛାତ୍ରମାନଙ୍କ ନିମନ୍ତେ କେତେଗୁଡ଼ିଏ ସମ୍ବାଦ ୧୯୧୧ ଡିସେମ୍ବର ମାସର ମଡ଼ର୍ଣ୍ଣ ରିଭ୍ୟୁ ପତ୍ରିକାରେ ପ୍ରକାଶ କରିଥିଲେ। ସେ ଲେଖିଥିଲେ-"ଭାରତୀୟ ବିଶ୍ୱବିଦ୍ୟାଳୟମାନଙ୍କର ଉପାଧିଧାରୀ ଯୁବକମାନେ ଅଳ୍ପ ପରିଶ୍ରମ ଓ ସମୟରେ ଆମେରିକା ବିଶ୍ୱବିଦ୍ୟାଳୟର ଉପାଧିମାନ ଲାଭ କରିପାରନ୍ତି।ଏଦେଶରୁ ଉପାଧି ନପାଇ ଯାଇଥିଲେ



Source: Author, Digitized by PPRACHIN, SOA

ମଧ୍ୟ ସେଠାରେ ପଢ଼ିବାର କ୍ଷେତ୍ର ଅଛି। ଅଧ୍ୟବସାୟୀ ଯୁବକମାନେ ସାମାନ୍ୟ ଶିକ୍ଷାପ୍ରାପ୍ତ ହୋଇଥିଲେ ସୁଦ୍ଧା ସେଠାରେ ଆପଣାର ଜ୍ଞାନର ସୀମା ଅକ୍ଲେଶରେ ବୃଦ୍ଧି କରିପାରନ୍ତି। ଆମେରିକାର ପ୍ରତ୍ୟେକ କ୍ଷୁଦ୍ର ନଗରରେ ଅନ୍ତତଃ ଗୋଟିଏ ଏବଂ ବୃହତ୍ ସହରମାନଙ୍କରେ ଅନେକ ଉଚ୍ଚ ବିଦ୍ୟାଳୟ ଅଛି। ସେଠାରେ ଛାତ୍ରମାନଙ୍କୁ ବେତନ ଦେବାକୁ ପଡେନାହିଁ। ରାଜକୋଷ ସମସ୍ତ ବ୍ୟୟ ବହନ କରେ। ଜନନୀ ଜନ୍ମଭୂମିର ସେବା କରିବା ନିମନ୍ତେ ବର୍ତ୍ତମାନ ଭାରତୀୟ ଯୁବକର ହୃଦୟ ପ୍ରବଳ ବାସନାରେ ପୂର୍ଣ୍ଣ। ସ୍ୱଦେଶୀ ଆନ୍ଦୋଳନ ଭାରତବାସୀଙ୍କ ଦେହରେ ନୂତନ ଜୀବନର ସଞ୍ଚାର କରିଅଛି ଏବଂ ପ୍ରତ୍ୟେକ ଲୋକ ନିଜର ସୁବିଧା ଅନୁସାରେ କିଛି ହେଲେ ସାଧନ କରିବାକୁ ବ୍ୟଗ୍ର। ଆମ୍ଭମାନଙ୍କର ଯେ ଏହି କର୍ମ କରିବାର କେବଳ ବାସନା ଜନ୍ମିଅଛି,ଏହା ଅତି ମଙ୍ଗଳକର। ନାନା ଗୋଳମାଳ ମଧ୍ୟରେ ବର୍ତ୍ତମାନ ଗଢ଼ିବାର ସମୟ। ପ୍ରତ୍ୟେକ ଆଜି ତାଙ୍କର କର୍ତ୍ତବ୍ୟ ସାଧନ କରିବେ। କିନ୍ତୁ କି ଉପାୟରେ ସେବା କରିବାକୁ ହେବ ତାହା ଉତ୍ତମ ରୂପେ ହୃଦୟଙ୍ଗମ କରିନଥିଲେ ସେବା କରିବା ଅସମ୍ଭବ ପ୍ରାୟ। ଓଲାଉଠା,ମାଲେରିଆ,ପ୍ଲେଗ୍ ପ୍ରଭୃତି ମାରାତ୍ମକ ରୋଗ ବିରୁଦ୍ଧରେ ଯୁଦ୍ଧ କରିବାପାଇଁ କେତେକ ଯୁବକଙ୍କର ପ୍ରାକୃତିକ ଶକ୍ତି ଅଛି। ରୋଗର ପ୍ରତିକାର ଠାରୁ ନିବାରଣ ଶ୍ରେୟସ୍କର ବୋଲି ଆଧୁନିକ ବିଜ୍ଞାନ ଏକ ସ୍ୱରରେ ଘୋଷଣା କରୁଅଛି।ଏସବୁ ଶିଖିବା ନିମନ୍ତେ ପ୍ରଧାନ କ୍ଷେତ୍ର ଆମେରିକା। ଜନ୍ମଭୂମିର ଉନ୍ନତି ନିମନ୍ତେ ଯାହା ଯାହା ଆବଶ୍ୟକ,ସେ ସମସ୍ତ ଆମେରିକାରେ ପୂର୍ଣ୍ଣମାତ୍ରାରେ ରହିଅଛି। ଜୀବିକା ଉପାର୍ଜନ କରିବା ନିତାନ୍ତ ସହଜ ନୁହେଁ। ବିଶେଷତଃ ଜୀବନ ସଂଗ୍ରାମ ସଂଗେ ଅପରିଚିତ ହିନ୍ଦୁ ଯୁବକ ପକ୍ଷରେ ଏହା ନାନା କଷ୍ଟ ପରିପୂର୍ଣ୍ଣ। କିନ୍ତୁ ଯାହାର ମାନସିକ ଓ ଶାରୀରିକ ଶକ୍ତି ଅଛି,ତାହା ପକ୍ଷରେ ଏସବୁ କଷ୍ଟ ଅତି ସାମାନ୍ୟ ମାତ୍ର। କଷ୍ଟକୁ ଯେଉଁମାନେ ଡ଼ରନ୍ତି,ସେମାନେ ଭିରୁ। ବିଦେଶର ନିର୍ଜ୍ଜନତା,କଷ୍ଟ ଓ ବିପଦ ସମସ୍ତଙ୍କ ନିକଟରେ ପ୍ରକୃତ ମନୁଷ୍ୟ ସମ୍ମୁଖୀନ ହୁଏ। ତାହାର ଜୀବନର ଯଦି କୌଣସି ଲକ୍ଷ୍ୟଥାଏ ଏବଂ ସେ ଲକ୍ଷ୍ୟ ପ୍ରତି ଯଦି ତାହାର ପୂର୍ଣ୍ଣ ଅନୁରାଗ ହୁଏ,ସେ ନିଶ୍ଚୟ ସମସ୍ତ ବାଧାବିଘ୍ନ ପଦତଳରେ ଦଳି ଦେଇ ଚାଲିଯିବ।ଏ ସମସ୍ତ ପରେ କେବଳ ସେ ମନୁଷ୍ୟତ୍ୱ ପ୍ରାପ୍ତ ହେବ ଏବଂ ଜୀବନର କଠିନ ସମସ୍ୟା ସାଧନ କରିବାକୁ ସମର୍ଥ ହେବ। ହିନ୍ଦୁ,ମୁସଲମାନ ବା ଖ୍ରୀଷ୍ଟୀୟାନ ଯେ କୌଣସି ଭାରତୀୟ ସମାଜରେ ବ୍ୟକ୍ତିଗତ ସ୍ୱାଧୀନତା ବିକାଶ ପାଇବାକୁ ଦିଆଯାଏ ନାହିଁ। ବ୍ୟକ୍ତିଗତ କର୍ମଠତା ସୀମାବଦ୍ଧ ହୋଇପଡେ। ବର୍ତ୍ତମାନ ମଧ୍ୟ ଏହି ନବଜାଗରଣ ଯୁଗରେ "ପୁରାତନ ପ୍ରିୟ" ଲୋକମାନେ ଉନ୍ନତିପ୍ରବଣ ଯୁବକମାନଙ୍କ ଉତ୍ସାହକୁ ଟାଣି



Source: Author, Digitized by PPRACHIN, SOA

ରଖୁଅଛନ୍ତି । ପାଶ୍ଚାତ୍ୟ ଦେଶମାନଙ୍କରେ ବ୍ୟକ୍ତିଗତ ସ୍ୱାଧୀନତାର ବହୁଳ ବିକାଶ ହୋଇଅଛି,ତାହା ଆମ୍ଭମାନଙ୍କର ଶିକ୍ଷାର ବିଷୟ । ପ୍ରାଚ୍ୟର ପ୍ରାଚୀନ ଲୋକ-ହିତ-ସାଧନ ପାଶ୍ଚାତ୍ୟର ଏହି ନବୀନ ବ୍ୟକ୍ତିଗତ ସ୍ୱାଧୀନତା ସଂଗରେ ମିଶିଲେ ଭାରତର ଯେ ପ୍ରଚୁର ମଙ୍ଗଳ ସାଧିତ ହେବ,ଏଥିରେ ସନ୍ଦେହ ନାହିଁ ।"(ଉତ୍କଳ ସାହିତ୍ୟ,୧୫ ଭାଗ,୮ମ ସଂଖ୍ୟା, ମାର୍ଗଶୀର,୧୩୧୯,୧୯୧୨,ପୃ-୨୪୮-୨୫୧)ଏହି ଆଲୋଚନାରୁ ସାରଙ୍ଗଧର ଦାସଙ୍କର ବିଦେଶରେ ଥାଇ ମଧ୍ୟ ସ୍ୱଦେଶାନୁରାଗ ପ୍ରସାରିତ ଥିବାର ସୂଚନା ମିଳେ ।

ସାରଙ୍ଗଧର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ରସାୟନ ଶାସ୍ତ୍ର ଏବଂ କୃଷି ବିଦ୍ୟା ଅଧ୍ୟୟନ କରିଥିଲେ। ସେ ସାନ୍ ଫ୍ରାନ୍‌ସିସ୍କୋ ସହରରେ ଥିବା ଚିନି କାରଖାନାରେ ୧୩ ବର୍ଷ କାର୍ଯ୍ୟ କରିଥିଲେ।ଏହି କାରଖାନାରେ ଦୈନିକ ପରିଷ୍କୃତ ଚିନି ୧ ହଜାର ଟନ୍(ପ୍ରତି ଟନ୍ ୨୭ ମହଣ) ପ୍ରସ୍ତୁତ ହେଉଥିଲା । ସାରଙ୍ଗଧର ଏହି କାରଖାନାରେ ପ୍ରତ୍ୟେକ ବିଭାଗରେ କାର୍ଯ୍ୟକରି ଚିନି ପ୍ରସ୍ତୁତ ଓ ପରିଷ୍କାର କରିବା ବିଷୟରେ ସମ୍ପୂର୍ଣ୍ଣ ଶିକ୍ଷା ଓ ଅଭିଜ୍ଞତା ଲାଭ କରିଥିଲେ।ଏହି କମ୍ପାନିରୁ ଯାଇ ସେ କାଲିଫର୍ଣ୍ଣିଆର "ବିଟ୍ ସୁଗାର୍ କମ୍ପାନି"ରେ ରସାୟନ ପରୀକ୍ଷକ ରୂପେ କାର୍ଯ୍ୟ କଲେ।୧୯୧୩ ମସିହାର ଗ୍ରୀଷ୍ମ ସମୟରେ ଉକ୍ତ କମ୍ପାନି ପକ୍ଷରୁ ସାରଙ୍ଗଧର ଆଖୁଚାଷ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ।୧୯୧୪ରେ ମଧ୍ୟ ଆଖୁ ଚାଷ କରିଥିଲେ। ପରେ ପୂର୍ବ ପରୀକ୍ଷକ କାର୍ଯ୍ୟକୁ ବାହୁଡି ଯାଇଥିଲେ। ପ୍ରଥମୋକ୍ତ ଚିନି କମ୍ପାନିର ମେନେଜର ଓ ଦ୍ୱିତୀୟୋକ୍ତ ଚିନି କମ୍ପାନିର ଭାଇସ୍ ପ୍ରେସିଡେ଼ଣ୍ଟଙ୍କ ଠାରୁ ସୁପାରିସ ପତ୍ର ନେଇ ୧୯୧୪ ଡିସେମ୍ବର ମାସରେ ହାଉଆୟେନ ଦ୍ୱୀପପୁଞ୍ଜରେ ଥିବା ଗୋଟିଏ ବିସ୍ତୃତ କୃଷି କମ୍ପାନିରେ ରସାୟନ ପରୀକ୍ଷକ କାର୍ଯ୍ୟରେ ନିଯୁକ୍ତ ହେଲେ। ତାଙ୍କ କାର୍ଯ୍ୟପ୍ରଣାଳୀର ବନ୍ଦୋବସ୍ତ ଓ ଗବେଷଣା ଅତ୍ୟନ୍ତ ସନ୍ତୋଷଜନକ ଥିବାରୁ ପ୍ରଥମ ଋତୁରେ କମ୍ପାନିର ଏକ ଲକ୍ଷ ଡ଼ଲାର ଲାଭ ହୋଇଥିଲା। ସେହି ସମୟରୁ ତାଙ୍କର ଉନ୍ନତିର ମୁଖ ବିକାଶ ହୋଇଥିଲା। ପରବର୍ତ୍ତୀ ବର୍ଷ ଓ ୧୯୧୬ରେ ଏହି କାରଖାନାର ରସାୟନ ବିଭାଗର ପୂର୍ଣ୍ଣ କର୍ତ୍ତୃତ୍ୱ ପାଇଥିଲେ ଏବଂ ସୁପରିଟେଣ୍ଡେଣ୍ଟ ପଦ ଲାଭ କରିଥିଲେ। ପରେ ସାରଙ୍ଗଧର ଏହି କମ୍ପାନିର ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଆବଦ୍ଧ ନରହି ଅବସର ସମୟ ଅଧ୍ୟୟନ ଓ ଭୂମି କର୍ଷଣ କାର୍ଯ୍ୟରୁ ଆରମ୍ଭ କରି ଜାହାଜରେ ଚିନି ବୋଝାଇ କରିବା କାର୍ଯ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକ ବିଭାଗରେ କାର୍ଯ୍ୟ କରିଥିଲେ। ହିସାବପତ୍ର ରଖିବା ପ୍ରଣାଳୀ ମଧ୍ୟ ଶିକ୍ଷା କରିଥିଲେ। ସାରଙ୍ଗଧର ହାଉଆଇ ଗୁଡ଼ର ଫେନ ଓ ମଦ୍ୟର ସାର ଆବିଷ୍କାର କାର୍ଯ୍ୟରେ ବିସ୍ତୃତ ପରୀକ୍ଷାରେ ନିଯୁକ୍ତ ହୋଇଥିଲେ। ତାହା ଫଳରେ ସେଠାରେ ଗୋଟିଏ ପରିଷ୍କାର



Source: Author, Digitized by PPRACHIN, SOA

କରିବାର କାରଖାନା ସ୍ଥାପିତ ହୋଇଥିଲା ।ଏହି କାରଖାନାରୁ ପେଟ୍ରୋଲ ଅପେକ୍ଷା ଉତ୍କୃଷ୍ଟ ଓ ସୁଲଭ ମୂଲ୍ୟରେ ମଟର ସ୍ପିରିଟ୍ ଦୈନିକ ୧ ୨ ଶତ ଗେଲେନ୍ ଉତ୍ପନ୍ନ ହେଉଥିଲା। ଏଥିରେ ସାରଙ୍ଗଧରଙ୍କର ଅବଦାନ ବେଶୀ ଥିଲା। ସେ ୬ ବର୍ଷ ଚିନି ବ୍ୟବସାୟର ବିଭିନ୍ନ ବିଭାଗରେ କାର୍ଯ୍ୟ କରି ଭାରତକୁ ଫେରି ଆସିଥିଲେ। ନିଜ ଦେଶରେ ଚିନି ବ୍ୟବସାୟରେ ନିଜ ପ୍ରତିଭାର ପ୍ରୟୋଗ କରିବା ତାଙ୍କର ଇଛା ଥିଲା ।(ଉତ୍କଳ ଦୀପିକା,ସେପ୍ଟେମ୍ବର ୧୧,୧୯୨୦)ବଙ୍ଗର "ମଡ଼ର୍ଣ୍ଣ ରିଭ୍ୟୁ" ପତ୍ରିକାର ୧୯୨୦ ସେପ୍ଟେମ୍ବର ସଂଖ୍ୟାରେ ତାଙ୍କ ଅଭିଜ୍ଞତା ବିଷୟରେ ବିବରଣୀ ପ୍ରକାଶ ପାଇଥିଲା। ବିଦେଶରେ ଥିବା ବେଳେ ସାରଙ୍ଗଧର ସୁଇଜରଲ୍ୟାଣ୍ଡର ବିଦୁଷୀ ଚିତ୍ରଶିଳ୍ପୀ ଫ୍ରୀଡ଼ା (Frieda Hauswirth)ଙ୍କୁ ବିବାହ କରିଥିଲେ। ବିଦେଶରେ ସାରଙ୍ଗଧର "ସୁଗାର୍ କିଙ୍ଗ୍"ନାମରେ ସୁପରିଚିତ ଥିଲେ। ତାଙ୍କ ସଂପର୍କରେ ଫ୍ରୀଡ଼ା ମୂଲ୍ୟବାନ୍ ମନ୍ତବ୍ୟ ଦେଇଥିଲେ।

ବିଦେଶରୁ ଫେରି ସାରଙ୍ଗଧର ସପତ୍ନୀକ ୧୯୨୦ରେ କଲିକତାର ୭-ଏ,ହୋଗଲକୁରିଆ ଲେନ୍ ରେ ଅବସ୍ଥାନ କରିଥିଲେ। ବୈଜ୍ଞାନିକ ସାର୍ ଜଗଦୀଷ ଚନ୍ଦ୍ର ବୋଷଙ୍କ ସହିତ ବିଦେଶରେ ଏବଂ ଏହି କାଳରେ ସୁସଂପର୍କ ଥିଲା।୧୯୨୦ ପୁର୍ବରୁ ୧୯୧୯ରେ ସାରଙ୍ଗଧର ବିଦେଶରୁ ଫେରି ଓଡ଼ିଶାକୁ ଜୁନ୍-ଜୁଲାଇ ମାସରେ ଆସିଥିଲେ। ଜୁଲାଇ ୩ ୧୯୧୯ରେ କଟକ ଟାଉନ୍ ହଲ୍‌ରେ ତାଙ୍କୁ ଗୋଟିଏ ସଭାରେ ଅଭ୍ୟର୍ଥନା କରାଯାଇଥିଲା ।ଏଥିରେ ବିଶ୍ୱନାଥ କର ସଭାପତି ହୋଇଥିଲେ ।(ସମ୍ବଲପୁର ହିତୈଷିଣୀ,ଜୁଲାଇ ୧୭,୧୯୧୯)ଅଗଷ୍ଟ ୫ ୧୯୨୦ ରେ କଲିକତା ବହୁବଜାରର ୧୫ ନମ୍ବର ଗୃହରେ ଓଡ଼ିଆ ସମାଜରେ ସାରଙ୍ଗଧରଙ୍କୁ ସାର୍ ଦେବପ୍ରସାଦ ସର୍ବାଧିକାରୀ ଅଭ୍ୟର୍ଥନା କରିଥିଲେ। ସଭାମାନଙ୍କରେ ସାରଙ୍ଗଧର ବିଦେଶରେ କିପରି ଜୀବନଧାରଣ ପାଇଁ ସଂଗ୍ରାମ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ସାରଙ୍ଗଧରଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ସେତେବେଳର ସମ୍ବାଦପତ୍ର ଏବଂ ସାହିତ୍ୟ ପତ୍ରିକାରେ ପ୍ରତିବିମ୍ବିତ ହୋଇଥିଲା। ଉତ୍କଳ ସାହିତ୍ୟ ପତ୍ରିକାରେ ବିବିଧ ପ୍ରସଂଗରେ ଏହି ବିଷୟରେ ସଂପାଦକ ଲେଖିଥିଲେ-"ସୁଦୀର୍ଘ ତେର ବର୍ଷ କାଳ ଦୂର ପ୍ରବାସରେ ରହି ସାରଙ୍ଗଧର ଦାସ ସ୍ୱଦେଶକୁ ଫେରି ଆସିଅଛନ୍ତି। କଲିକତାର ଶିଳ୍ପବିଜ୍ଞାନ ସମିତି ଏବଂ ଢେଙ୍କାନାଳର ସ୍ୱର୍ଗୀୟ ରାଜାସାହେବଙ୍କ ଅର୍ଥ ସାହାଯ୍ୟରେ ସାରଙ୍ଗଧର ଦୁଇ ବର୍ଷ ଜାପାନରେ ଶିକ୍ଷାଲାଭ କରି ସେ ଶିକ୍ଷାର ଅପୂର୍ଣ୍ଣତା ଅନୁଭବ କରି ଆମେରିକା ଯିବାକୁ ସଂକଳ୍ପ କଲେ। ମାତ୍ର ସେଥିପାଇଁ କାହାରି ଠାରୁ କିଛି ଆନୁକୁଲ୍ୟ ବା ସହାନୁଭୂତି ପାଇଲେନାହିଁ। ଉତ୍କଳ ସମ୍ମିଳନୀ ପକ୍ଷରୁ କେବଳ ପାଥେୟ



Source: Author, Digitized by PPRACHIN, SOA

ମାତ୍ର ପାଇ ଆମେରିକା ମହାଦେଶରେ ଉପସ୍ଥିତ ହେଲେ । ଆମେରିକା ଗୋଟିଏ ଅଦ୍ଭୁତ ଦେଶ । ସ୍ୱାଧୀନତା ଓ ସ୍ୱାବଲମ୍ବନଶୀଳତାର ବାୟୁ ସେଠାରେ ସର୍ବତ୍ର ପ୍ରବାହିତ । ସେହି ବାୟୁ ପ୍ରବାହରେ ନିର୍ଜୀବ ଓଡ଼ିଆ ଯୁବକ ନୂତନ ଜୀବନ ଲାଭ କଲେ । ନିଜ ଗୋଡରେ ଛିଡା ହୋଇ ନିଜ ଶିଂଗରେ ମାଟିଖୋଳି ସାରଙ୍ଗଧର ସ୍ୱୀୟ ଶିକ୍ଷା ସର୍ବାଂଶରେ ପୂର୍ଣ୍ଣ କରି ଆଜି ସ୍ୱଦେଶରେ ଉପସ୍ଥିତ ।ଏଥିପାଇଁ ତାଙ୍କୁ ଖାନ୍‌ସମା ଓ ଝାଡୁଦାର କାର୍ଯ୍ୟ ପର୍ଯ୍ୟନ୍ତ କରିବାକୁ ହୋଇଅଛି । ଅଳ୍ପ କେତେ ଜଣ ଓଡ଼ିଆ ଯୁବକ ବିଦେଶରେ ଶିକ୍ଷାଲାଭ କରି ଆସିଅଛନ୍ତି । ମାତ୍ର ସାରଙ୍ଗଧରଙ୍କ ଜୀବନ ଓ ଶିକ୍ଷା ସେମାନଙ୍କଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର । ସେ ଆଜି ଦେଶର ଯୁବକମାନଙ୍କ ସମ୍ମୁଖରେ ଗୋଟିଏ ନୂତନ ଆଦର୍ଶ ଖୋଲି ଦେଇଅଛନ୍ତି । ଶ୍ରମର ମର୍ଯ୍ୟାଦା ସମ୍ବନ୍ଧରେ ସ୍କୁଲ ଛାତ୍ରମାନେ ବଡ଼ ବଡ଼ ରଚନା ଲେଖିପାରନ୍ତି-ଲେଖନୀ ମୂନରେ କିଛି ଅଟକେ ନାହିଁ । କିନ୍ତୁ ସାରଙ୍ଗଧର ଶ୍ରମର ମର୍ଯ୍ୟାଦାର ଜୀବନ୍ତ ମୂର୍ତ୍ତି ରୂପେ ଆଜି ଆମ୍ଭମାନଙ୍କର ଆଗରେ ଛିଡା ହୋଇଛନ୍ତି । ସେଦିନ ତାଙ୍କର ଅଭ୍ୟର୍ଥନା ପାଇଁ ଛାତ୍ର ସମ୍ମିଳନୀ ପକ୍ଷରୁ କଟକ ଟାଉନହଲ୍ ରେ ଗୋଟିଏ ସଭା ହୋଇଥିଲା । ସେ ନିଜ ଜୀବନରେ ଯେଉଁ ଅଭିଜ୍ଞତା ସଂକ୍ଷେପରେ ବ୍ୟକ୍ତ କଲେ,ତାହା ଅନେକଙ୍କ ନିକଟରେ ଉପନ୍ୟାସବତ୍ ପ୍ରତୀୟମାନ ହୋଇଥିବ । ସାରଙ୍ଗଧର କେଉଁଠାରେ କିପରି କର୍ମକ୍ଷେତ୍ର ଲାଭ କରିବେ,ସେ ସ୍ୱତନ୍ତ୍ର କଥା । ସେଥିପାଇଁ ସେ ଉଦ୍‌ବୀଗ୍ନ ନୁହନ୍ତି । ବିଶାଳ ଭାରତଖଣ୍ଡରେ ତାଙ୍କପାଇଁ ସ୍ଥାନର ଅଭାବ ରହିନାହିଁ । ଅବଶ୍ୟ ଓଡ଼ିଶା ତାଙ୍କ ପାଇଁ କର୍ମକ୍ଷେତ୍ର ଯୋଗାଇ ପାରିଥିଲେ ବଡ଼ ସୁଖର କଥା ହୋଇଥାଆନ୍ତା ।ବର୍ତ୍ତମାନ ଅବସ୍ଥାରେ ସେପରି ଆଶା କରିବା ବୃଥା । ସେ ଯାହା ହେଉ ସେ ଯେ ଓଡ଼ିଆତ୍ୱ ଛାଡ଼ି ମନୁଷ୍ୟ ହୋଇ ଆସିଛନ୍ତି,ଏହା ହିଁ ଆମ୍ଭମାନଙ୍କ ପକ୍ଷେ ଗଭୀର ଆନନ୍ଦର କଥା । ଆମ୍ଭମାନଙ୍କ କବି ବଡ଼ କ୍ଷୋଭରେ କହିଥିଲେ-କୋଟିଏ ସନ୍ତାନ ମାଗୋ ଧରିଅଛୁଁ କୋଳେ/ଗୋଟିଏ ମନୁଷ୍ୟ କିନ୍ତୁ ନଦେଖିଲି ତୋଳେ । ସାରଙ୍ଗଧରଙ୍କ ପରି ଦଳେଦଳେ ଯୁବକ ଗୃହଛଡ଼ା,ଲକ୍ଷ୍ମୀଛଡ଼ା ହୋଇ ବାହାରିଗଲେ ଦେଶର ଗୌରବ ଛଡ଼ା ଅଗୌରବ ହୁଅନ୍ତା ନାହିଁ ।”

ଉତ୍କଳ ଦୀପିକା ସମ୍ବାଦପତ୍ରର ଜୁଲାଇ ୩,୧୯୨୦ ସଂଖ୍ୟାରେ ସାରଙ୍ଗଧରଙ୍କ ପ୍ରତ୍ୟାବର୍ତ୍ତନ ସଂପର୍କରେ କୁହାଯାଇଥିଲା-”ଢ଼େଙ୍କାନାଳ ଗଡ଼ନିବାସୀ ବାବୁ ସାରଙ୍ଗଧର ଦାସ ଆମେରିକା ଓ ଜାପାନ ପ୍ରଭୃତି ଦେଶରେ ଅନେକ ଦିନ ରହି ଆଜକୁ କେତେ ଦିନ ହେଲା ନିଜ ଗୃହକୁ ଆସିଛନ୍ତି । ସେ ଚିନି ତିଆରି ଓ ଆଖୁଚାଷ ସମ୍ବନ୍ଧେ ବିଶେଷଜ୍ଞ ଅଟନ୍ତି । ଆମେରିକାର କଳକାରଖାନାରେ ମଧ୍ୟ ଅନେକଦିନ ଚାକିରୀ କରିଥିଲେ ।



Source: Author, Digitized by PPRACHIN, SOA

ବର୍ତ୍ତମାନ ଏଦେଶରେ ଏହିପରି କାର୍ଯ୍ୟରେ ଯୋଗ ଦେବାର ଇଛା କରି ଗୃହକୁ ଆସିଅଛନ୍ତି । ସାରଙ୍ଗଧରଙ୍କର କୌଣସି ଅର୍ଥବଳ ନଥିଲେ ମଧ୍ୟ ବିଦେଶକୁ ଯାଇ ସେଠାରେ ନାନାଦି ଛୋଟ ଚାକିରୀ କରି କେବଳ ନିଜର ଯତ୍ନ ଓ ଅଧ୍ୟବସାୟ ଦ୍ୱାରା ଏ ପ୍ରକାର ଶିକ୍ଷାଲାଭ କରିଅଛନ୍ତି । ଓଡ଼ିଶା ଦେଶରୁ ଏପରି ଶିକ୍ଷାଲାଭ କରିଥିବାର ଅନ୍ୟ କାହାକୁ ଏପର୍ଯ୍ୟନ୍ତ ଦେଖାଯାଇନାହିଁ। ଆମ୍ଭମାନଙ୍କ ଦେଶର ଯୁବକମାନେ ଏ ପ୍ରକାର ଯତ୍ନ ଓ ଅଧ୍ୟବସାୟର ଅନୁକରଣ ନକଲେ ବର୍ତ୍ତମାନ ଯେପରି ଜୀବନ ଯୁଦ୍ଧ ଉପସ୍ଥିତ ହୋଇଅଛି ସେଥିରେ ଦେଶର ଉନ୍ନତି କରିପାରିବେ ନାହିଁ ।ଏମନ୍ତକି ନିଜର ପେଟ ପୋଷିବା କଷ୍ଟକର ହୋଇ ଉଠିବ । ସାରଙ୍ଗଧର ବାବୁ ବର୍ତ୍ତମାନ ଭାରତବର୍ଷରେ ଯେଉଁଠାରେ ସୁବିଧା ହେବ ଚିନିର କଳକାରଖାନାରେ ଚାକିରୀ କରିବାର ଇଛା ରଖିଅଛନ୍ତି । ଓଡ଼ିଶାରେ ତାଙ୍କପରି ଲୋକଙ୍କୁ ଉପଯୁକ୍ତ ଚାକିରୀ ମିଳିବା କଷ୍ଟକର । ଢ଼େଙ୍କାନାଳର ରାଜା ସୁରପ୍ରତାପ ମହାନ୍ଦ୍ର ବାହାଦୂର ଜୀବିତ ଥିଲେ ଅବଶ୍ୟ ଏହାଙ୍କର ଅଭିଜ୍ଞତାକୁ ନିଜ ରାଜ୍ୟର ଉନ୍ନତିରେ ଲଗାଇଥାଆନ୍ତେ । କିନ୍ତୁ ସେ ଆଶା ବର୍ତ୍ତମାନ ନାହିଁ। ବାମଣ୍ଡାର ଭୂତପୂର୍ବ ରାଜା ସଚ୍ଚିଦାନନ୍ଦ ତ୍ରିଭୂବନ ଦେଓ ବା ତାଙ୍କର ପୁତ୍ର ରାଜା ଦିବ୍ୟଶଙ୍କର ସୁଢ଼ଳଦେବ ଜୀବିତ ଥିଲେ ତାଙ୍କ ରାଜ୍ୟରେ ଯେପରି ଚିନିର କାରଖାନା ଖୋଲିଥିଲେ ,ସାରଙ୍ଗଧରବାବୁଙ୍କୁ ଆଦର ସହିତ ଗ୍ରହଣ କରିଥାଆନ୍ତେ । କିନ୍ତୁ ଓଡ଼ିଶାର ଦୁର୍ଭାଗ୍ୟକୁ ଏମାନେ ଅକାଳରେ ସଂସାର ତ୍ୟାଗ କରିଅଛନ୍ତି । ନିଜର ଯତ୍ନ ଓ ଅଧ୍ୟବସାୟ ବଳରେ ସାରଙ୍ଗଧର ବାବୁ ଯେପରି ଉନ୍ନତି କରିଅଛନ୍ତି ଆମ୍ଭମାନଙ୍କ ଦେଶର ଯୁବକମାନେ ତାଙ୍କର ପଥାନୁଗାମୀ ହେବା ଏକାନ୍ତ ବାଂଛନୀୟ" ।ଏପରି ମତାମତରୁ ଏକଥା ସ୍ପଷ୍ଟ ଯେ ସାରଙ୍ଗଧରଙ୍କର ଓଡ଼ିଶା ପ୍ରତ୍ୟାବର୍ତ୍ତନ ପରେ ତାଙ୍କ ଜ୍ଞାନର ପ୍ରୟୋଗ ପାଇଁ ଉପଯୁକ୍ତ କ୍ଷେତ୍ର ମିଳିନଥିଲା ।ସାରଙ୍ଗଧର ମଧ୍ୟ ଚାକିରୀ ପାଇଁ ଲାଳାୟିତ ନଥିଲେ । ଓଡ଼ିଶାରେ ସେତେବେଳେ ଯୁବକ ସଂପ୍ରଦାୟର କୃଷି ପ୍ରତି ଉଦାସୀନତା ପରିଲକ୍ଷିତ ହୋଇଥିଲା ।ଶିକ୍ଷିତ ଯୁବକମାନେ ଚାକିରୀ ପ୍ରତି ଲାଳାୟିତ । ଯଥାର୍ଥ ଅର୍ଥକାରୀ ଜୀବନ-ପ୍ରତିପୋଷକ କୃଷି,ଶିଳ୍ପ,ବାଣିଜ୍ୟ ବ୍ୟବସାୟ ପ୍ରତି ସେପରି ଆକୃଷ୍ଟ ନଥିଲେ । ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାର ବିକୃତ ପ୍ରଭାବରୁ ଯୁବକମାନେ ମାଟି ଖୋଳି ମାଟିରୁ ଉତ୍ପନ୍ନ ଶସ୍ୟ ସାମଗ୍ରୀରେ ଜୀବିକା ନିର୍ବାହ କରିବାକୁ ପରାଂମୁଖ ଥିଲେ । ସାରଙ୍ଗଧର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ଓଡ଼ିଆ ଯୁବକ ସଂପ୍ରଦାୟର କୃଷି ପ୍ରତି ଏହି ବିମୁଖତା ଲକ୍ଷ୍ୟ କରିଥିଲେ । ସେ ଚାକିରୀର ମୋହ ଏଡାଇ କୃଷି ଆଡକୁ ଦୃଷ୍ଟି ଦେଲେ । ସେ ଢ଼େଙ୍କାନାଳରେ ଆଦର୍ଶ କୃଷିକ୍ଷେତ୍ର ପ୍ରସ୍ତୁତ କରି ୧୯୨୮ ବେଳକୁ ଖ୍ୟାତି ଅର୍ଜ୍ଜନ କରିଥିଲେ ।(ଆଶା,ସେପ୍ଟେମ୍ବର



Source: Author, Digitized by PPRACHIN, SOA

୧୭,୧୯୨୮)ଏହି କାର୍ଯ୍ୟରେ ସେ ଢେଙ୍କାନାଳର ସେତେବେଳର ଯୁବକ ରାଜା ଶଙ୍କରପ୍ରତାପଙ୍କର ସହଯୋଗ ପାଇଥିଲେ। ଢେଙ୍କାନାଳର ଭୁବନ ଥାନା ଅଞ୍ଚଳରେ ୩୦୦ ଏକର ଜମିରେ ଧାନ,ମୁଗ,ବିରି,ରାଶି ପ୍ରଭୃତିର ଚାଷ ୧୯୨୮ ପୂର୍ବରୁ ଆରମ୍ଭ ହୋଇଥିଲା। ଅଧିକ ୨୦୦ ଏକର ଜମି ନେଇ ସେ ଚାଷ କାର୍ଯ୍ୟ ପାଇଁ ୧୯୨୮ରେ ଯୋଜନା କରିଥିଲେ। ଉପଯୁକ୍ତ ସଂଖ୍ୟକ ଶ୍ରମିକ ଅଭାବ ସେତେବେଳେ ପରିଲକ୍ଷିତ ହୋଇଥିଲା। ସମ୍ବାଦପତ୍ରମାନଙ୍କରେ ୫୦ ଗୋଟି କୃଷକ ପରିବାର ସେଠାରେ ରଖିବାର ବ୍ୟବସ୍ଥା ଏବଂ କର୍ମଯୋଗାଇଦେବାର କଥା ବିଜ୍ଞାପିତ ହୋଇଥିଲା।୧୯୨୮ ଫେବୃଆରୀଠାରୁ ସାରଙ୍ଗଧର ସେହି କୃଷିକ୍ଷେତ୍ର ପାଖ ଜଙ୍ଗଲ ପରିଷ୍କାର କରିଦେଇଥିଲେ।୧୯୨୭ ଏପ୍ରିଲ ଠାରୁ ଲୋକବାକ ଗୋରୁବଳଦ ଘେନି ସେ ସେଠାରେ ବାସ କରୁଥିଲେ।ଏହି କୃଷି କ୍ଷେତ୍ରର ଦୁଇ ତିନି ମାଇଲ୍ ପରିସର ମଧ୍ୟରେ ବନ୍ୟଜନ୍ତୁର ବିଚରଣ ନଥିଲା। ସେଠାରେ ଧାନ, ଚାଉଳ, ମୁଗ, ବିରି, ତେଲ, ପନିପରିବା ସବୁ ଶସ୍ତା। ସେଠାରେ ଜଳବାୟୁ ଭଲ ଥିଲା। ସେ ସମୟରେ ସାରଙ୍ଗଧର ଜିଆଦ, ବାରିହା ଶିକାର କରି ସେଠାରେ ଶ୍ରମିକମାନଙ୍କ ମଧ୍ୟରେ ମାଂସ ବାଣ୍ଟୁଥିଲେ। ୧୯୨୮ରେ ସେଠାରେ ଦୁଇ ବଖୁରିଆ ୧୬ଟି ଘର ଶ୍ରମିକମାନଙ୍କ ପାଇଁ ନିର୍ମିତ ହୋଇଥିଲା। ପ୍ରତି ଘରକୁ ଯଥେଷ୍ଟ ବାଡ଼ିଥିଲା। କୃଷିକ୍ଷେତ୍ରରେ କାମକଲା ବାହାରେ ଶ୍ରମିକମାନେ ଯଦି ନିଜେନିଜେ ଚାଷ କରି ଲାଭବାନ୍ ହେବାକୁ ଚାହୁଁଥିଲେ, ସାରଙ୍ଗଧର ପ୍ରତି କୃଷକଙ୍କୁ ୪/୫ ଏକର ଜମି ଯୋଗାଇବାକୁ ପ୍ରସ୍ତୁତ ଥିଲେ। ତାଙ୍କ ମତରେ ପ୍ରତି ପରିବାରରେ ଦୁଇ ଜଣ ପୁରୁଷ ରହିବା ଆବଶ୍ୟକ। ଜଣେ ସାରଙ୍ଗଧରଙ୍କ କୃଷିକ୍ଷେତ୍ରରେ କାମ କରିବ ଏବଂ ଅନ୍ୟଜଣକ ନିଜର ସେହି ୪/୫ ଏକର ଜମି ଚାଷ କରିବ। କୃଷକ ତାର ନିଜ କାମ ଶେଷ କରି ଅନ୍ୟ କାମ ଚାହିଁଲେ ସାରଙ୍ଗଧର ତାକୁ କାମ ଯୋଗାଇବାକୁ ପ୍ରସ୍ତୁତ ଥିଲେ। କୃଷକକୁ ସବୁ ପ୍ରକାର ସୁବିଧା ଦିଆଯିବ ବୋଲି ସେ ସ୍ଥିର କରିଥିଲେ। ବର୍ଷର ଛଅ ମାସ ସ୍ତ୍ରୀମାନେ ମଧ୍ୟ କାମ ପାଇପାରିବେ, ସ୍ତ୍ରୀମାନେ ଅନ୍ୟ କୌଣସି କାମ ନପାଇଲେ ସୁଦ୍ଧା, ମହୁଲ, କୁସୁମ, ଟୋଲ, ତେନ୍ତୁଳି ଗୋଟାଇ ବେଶ୍ ଦୁଇ ପଇସା ଉପାର୍ଜ୍ଜନ କରିପାରିବେ ବୋଲି ସେ ନିଶ୍ଚିତ ଥିଲେ।ଏହି କାଳରେ ଢେଙ୍କାନାଳ ଜଙ୍ଗଲ ମଧ୍ୟରେ ଥିବା ଅନେକ ଗେଙ୍ଗୁଟି ପାହାଡ଼ର ଗେଙ୍ଗୁଟିରୁ ଚୂନ ତିଆରି କରି ସାରଙ୍ଗଧର କଟକ ପ୍ରଭୃତି ସ୍ଥାନକୁ ପଠାଇବାକୁ ଇଛା କରିଥିଲେ। ସେଥିଲାଗି ସେ ଅନେକ ଶ୍ରମିକ ଆବଶ୍ୟକ କରିଥିଲେ। ଶ୍ରମିକମାନଙ୍କ ବାଳକବାଳିକାମାନଙ୍କ ପାଇଁ ସାରଙ୍ଗଧର ସେଠାରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ



Source: Author, Digitized by PPRACHIN, SOA

ଖୋଲିବାକୁ ସ୍ଥିର କରିଥିଲେ । ସେହି ବିଦ୍ୟାଳୟରେ ବାଳକବାଳିକାମାନଙ୍କୁ ଉନ୍ନତଧରଣର କୃଷିଶିକ୍ଷା, ବଢ଼େଇ ଓ ମିସ୍ତ୍ରୀ ବିଦ୍ୟା ମଧ୍ୟ ଶିକ୍ଷା ଦିଆଯିବାର ବ୍ୟବସ୍ଥା ହୋଇଥିଲା । ଶ୍ରମିକମାନଙ୍କ ମଧ୍ୟରୁ ଯେଉଁମାନେ ସାରଙ୍ଗଧରଙ୍କ କୃଷିକ୍ଷେତ୍ରରେ ବର୍ଷବ୍ୟାପୀ କାମ କରୁଥିଲେ ସେମାନଙ୍କୁ ପ୍ରତିଦିନର ମଜୁରୀ ସ୍ୱରୂପ ଦୁଇ ସେର ଲେଖାଁଏ ଧାନ ଦେବା ବାହାରେ ରଜ ସଂକ୍ରାନ୍ତି, ଚିତୋଉ ଅମାବାସ୍ୟା, ଦୋଳ ପୂର୍ଣ୍ଣିମା,ଗହ୍ମା ପୂର୍ଣ୍ଣିମା ପ୍ରଭୃତି ଉତ୍ସବ ଦିବସମାନଙ୍କରେ ସାଢ଼େ ଚାରି ସେର ଧାନ, ଅଧ ସେର ବିରି, ଲୁଣ ଓ ଏକ ଅଣା ପଇସା ଦିଆଯାଉଥିଲା । ପ୍ରତ୍ୟେକ ଶ୍ରମିକକୁ ଗହ୍ମା ପୂର୍ଣ୍ଣମୀ ଦିନ ଖଣ୍ଡେ ଲେଖାଏଁ ଖଦି ପିନ୍ଧିବାକୁ ଦିଆଯାଉଥିଲା । ଶୀତ ଋତୁରେ ପ୍ରତ୍ୟେକ ଶ୍ରମିକ ଗୋଟିଏ ଲେଖାଏଁ କମ୍ବଳ ପାଉଥିଲେ । ପ୍ରତିବର୍ଷ ଶ୍ରମିକମାନେ ୧୦/୧୨ ମହଣ ଧାନ ରୋଜଗାର କରୁଥିଲେ ।ଏହାଛଡ଼ା ଯେଉଁମାନେ ସକାଳୁ ୩ଟା ଯାଏ କାମ କରୁଥିଲେ ସେମାନଙ୍କୁ ମଜୁରୀ ବାହାରେ ଅଧସେର ଚାଉଳ, ଧୂଁଆପତ୍ର ଇତ୍ୟାଦି ଦିଆଯାଉଥିଲା । ବାହାରର ମଜୁରିଆଙ୍କୁ ଦୈନିକ ୩ ଅଣା ଲେଖାଏଁ ଦିଆଯାଉଥିଲା ।

ଢ଼େଙ୍କାନାଳରେ ଆଦର୍ଶ କୃଷିକ୍ଷେତ୍ର କରିବା ପୂର୍ବରୁ ସାରଙ୍ଗଧର ସେଠାରେ ଚିନି କାରଖାନା ପ୍ରତିଷ୍ଠା କରିବାପାଇଁ ଏକ ପରିକଳ୍ପନା କରିଥିଲେ । ସେଥିପାଇଁ ୧୦/୧୨ ଏକର ଜମିର ପଟ୍ଟା ରାଜା ଦେଇଥିଲେ ।୧୯୨୬ରେ ଆଖୁଚାଷ ଆରମ୍ଭ ହେଲା । ପ୍ରଥମ ବର୍ଷରେ ପାଞ୍ଚ ଶହ ଏକର ଜମି କଟା ହୋଇ ଆଖୁଚାଷ ହେଲା । ଆଖୁଗଛ ବେଶ୍ ସୁନ୍ଦର ବଢ଼ିବାରେ ଦେଖି ସେ ଉତ୍ସାହିତ ହୋଇଗଲେ । ଦ୍ୱିତୀୟ ବର୍ଷରେ ଆଖୁଚାଷ ଆରମ୍ଭ କରିବା ସକାଶେ ଜାଭା, ସୁମାତ୍ରା, ମାଳୟାଦି ଦେଶରୁ ବାର ପ୍ରକାର ଆଖୁ ମଞ୍ଜି ଅଣାଇ ବିହନ ବଢ଼ାଇବାକୁ ଲାଗିଲେ ଏବଂ ଚାରି ପାଖର ଗ୍ରାମବାସୀ ସଂଗେ ମୈତ୍ରୀ ସ୍ଥାପନ କରି ସେମାନଙ୍କର ପ୍ରିୟ ଏବଂ ଭକ୍ତିଭାଜନ ହୋଇପାରିଥିଲେ । (ଆଚାର୍ଯ୍ୟ ନୃସିଂହ ଚରଣ, ପୂର୍ବୋକ୍ତ ପୁସ୍ତକ,ପୃ-୬-୭) ଏହି ବର୍ଷରେ ଗୋଟିଏ ଖୁଣ୍ଟା ଉପୁଡ଼ା କଳ, ଟ୍ରାକ୍ଟର ପାଣିପମ୍ପ, ନୂତନ ଧରଣର ବିଦେଶୀ ଚାଷ ଉପକରଣମାନ ବହୁ ମୂଲ୍ୟରେ ଅଣାଇ ଦୁଇଶହ ଏକର ଆଖୁଚାଷ ଯୋଗ୍ୟ ଜମି ତୟାର କରାଇଥିଲେ । ଜଳସେଚନ ସୁଗମ କରାଇବାପାଇଁ ଅଜସ୍ର ଟଙ୍କା ବ୍ୟୟ କରାଯାଇଥିଲା । ଗୋଟିଏ କମ୍ପାନୀ କରିବାକୁ ଅଂଶୀଦାର ଅନ୍ୱେଷଣ କରିବାରେ ଦ୍ୱିତୀୟ ବର୍ଷ ଶେଷ ହୋଇଥିଲା । ଅନେକ ବୃକ୍ଷରୋପଣ ମଧ୍ୟ କରାଯାଇଥିଲା । ସେତେବେଳେ ଡମଶାଳାରେ ଏକ ପରୀକ୍ଷାବନ୍ଧ କରାଇଥିଲେ । ତୃତୀୟ ବର୍ଷରେ ଦୁଇଶହ ଏକର ଆଖୁଚାଷ ଆରମ୍ଭ,ବାରପ୍ରକାର ଆଖୁବିହନ ବୃଦ୍ଧିକରଣ ଘଟିଥିଲା । ଆଖୁପେଡ଼ା



Source: Author, Digitized by PPRACHIN, SOA

ଇଞ୍ଜିନ, ନାନାଦି ପରିବା ଉତ୍ପାଦନ, ବୃକ୍ଷ ରୋପଣ, ଗୁଡ଼ ରନ୍ଧାକଳ ଆଦି ସେ ଖର୍ଦ୍ଦି କରିଥିଲେ । ସ୍କଟ୍ ସାହେବ ଏ ସ୍ଥାନ ଦେଖି ଆନନ୍ଦିତ ହୋଇ ସମସ୍ତ ସୁବିଧା କରିଦେବାର ପ୍ରତିଶ୍ରୁତି ଦେଲେ । ସେତେବେଳେ ଆଖୁଚାଷ ସହିତ ଆଦର୍ଶ କୃଷିକ୍ଷେତ୍ର ମଧ୍ୟ ଏଠାରେ ଆଗେଇ ଚାଲିଲା । ସାରଙ୍ଗଧର ବହୁ ସୁଯୋଗ ଛାଡି ଓଡ଼ିଶାକୁ ଆସିଥିଲେ ଏଠାରେ କୃଷି ଓ ଶିଳ୍ପର ବିକାଶ ପାଇଁ । କିନ୍ତୁ ଓଡ଼ିଶାରେ ଏକ ଯୌଥ କମ୍ପାନୀ ସ୍ଥାପନର ଆଶା ପୂର୍ଣ୍ଣ ହୋଇପାରିନଥିଲା । କଟକର ବହୁ ଉତ୍ସାହୀ ଯୁବକ ତାଙ୍କୁ ସହଯୋଗର ବାର୍ତ୍ତା ଦେଇଥିଲେ । କିନ୍ତୁ ସେତେବେଳେ ପ୍ରଗତିର ରୋଧକରିଥିଲେ ଅନେକ । ଢ଼େଙ୍କାନାଳର ରାଜା ଶଙ୍କରପ୍ରତାପ ସାରଙ୍ଗଧରଙ୍କୁ ସହଯୋଗ କରିଥିଲେ ମଧ୍ୟ ପରେ ୧୯୩୦ ବେଳକୁ ତାଙ୍କ ଅନ୍ଧାରୀମୁଲକରେ ଅଗ୍ରଗତି ଦେଖି ଇର୍ଷା ଓ ଅସହଯୋଗ କରିଥିଲେ । ସାରଙ୍ଗଧରଙ୍କ ପତ୍ନୀ ଫ୍ରୀଡ଼ାଙ୍କ ପୁସ୍ତକରେ ଢ଼େଙ୍କାନାଳରେ ସାରଙ୍ଗଧରଙ୍କର କୃଷି ସଂପର୍କିତ ସମସ୍ତ ପରୀକ୍ଷା ଓ ସଂଗ୍ରାମର ବିବରଣୀ ରହିଛି ।୧୯୩୧ ମସିହା ପରେ ସାରଙ୍ଗଧରଙ୍କର ସ୍ୱାସ୍ଥ୍ୟର ଅବନତି, ଢ଼େଙ୍କାନାଳ ରାଜାଙ୍କର ସନ୍ଦେହ ଏବଂ ଅସହଯୋଗ ଦେଖାଦେଇଥିଲା । ରୋଗଶଯ୍ୟାରେ ପଡ଼ିଥିବା ସମୟରେ ସେ ଜାପାନ ଚାଲିଯାଉଥିବାର ପ୍ରଚାର ହେଲା ।ଏହାକୁ ଗ୍ରହଣ କରି ରାଜା ଦେଇଥିବା ପଟ୍ଟା ରଦ୍ଦ କରି ତାଙ୍କର ସମସ୍ତ ସଂପତ୍ତି ଜବତ୍ କରିନେଲେ । ଆଦର୍ଶ କୃଷିକ୍ଷେତ୍ର ମଉଳି ପଡିଲା । ସେ ୧୯୩୪ରେ ବିହାରର ଶାସମୁସା ଚିନି କାରଖାନାରେ କାମ କଲେ । ସେତେବେଳେ ସେ ଶ୍ରମିକ ମାନଙ୍କର ଅଶାନ୍ତି ଏବଂ ସେମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ପ୍ରତ୍ୟକ୍ଷ କଲେ । ପୁଞ୍ଜିବାଦକୁ ଘୃଣା କଲେ । ଚାକିରୀ ଛାଡି ସେ କଟକରେ ରହି ଏହାର ଅବସାନ ପାଇଁ ଉଦ୍ୟମ କଲେ । ନିଜ ଜନ୍ମସ୍ଥାନ ଢ଼େଙ୍କାନାଳରେ ସେତେବେଳକୁ ପ୍ରବଳ ଜନ ଅସନ୍ତୋଷ ଦେଖାଦେଇଥିଲା । ତେଣୁ ସାରଙ୍ଗଧର ଗଡ଼ଜାତ ମୁକ୍ତି ଆନ୍ଦୋଳନ ପାଇଁ ଆଗେଇଗଲେ ।

ସୁଗାର୍ ରାଜା ସାରଙ୍ଗଧର ଓଡ଼ିଶା ଗଡ଼ଜାତ ଆନ୍ଦୋଳନରେ ପ୍ରମୁଖ ଭାଗ ନେଇଥିଲେ । ସେତେବେଳେ ସେ ଗଡ଼ଜାତ ନେତା କୈଳାସ ଚନ୍ଦ୍ର ମହାନ୍ତିଙ୍କଠାରୁ ପ୍ରେରଣା ପାଇଥିଲେ । ତାଙ୍କ ଆଗ୍ରହ ଏବଂ ଉଦ୍ୟମକୁ ସଫଳ ରୂପ ଦେବାରେ ସାମ୍ୟବାଦୀ କର୍ମୀ-ଭଗବତୀ ପାଣିଗ୍ରାହୀ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ସୁରେନ୍ଦ୍ର ଦ୍ୱିବେଦୀ ପ୍ରଭୃତି ଆଗେଇ ଆସିଥିଲେ । ସେ ପ୍ରଗତିଶୀଳ ପତ୍ରିକା କୃଷକରେ ଅନେକ ଲେଖା ଗଡ଼ଜାତ ଆନ୍ଦୋଳନକୁ ନେଇ ପ୍ରକାଶ କରିଥିଲେ ।୧୯୩୮ ମସିହାରେ ସେ ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ସଂପାଦକ ହିସାବରେ ଢ଼େଙ୍କାନାଳ ପ୍ରଜା ଆନ୍ଦୋଳନକୁ ସକ୍ରିୟ କରାଇଥିଲେ । ଢ଼େଙ୍କାନାଳ



Source: Author, Digitized by PPRACHIN, SOA

ରେଳଷ୍ଟେସନ୍ ରେ ସେପ୍ଟେମ୍ବର ୧୩ ୧୯୩୮ରେ ଏକ ବିରାଟ ସାଧାରଣ ସଭାରେ(ଯାହା ଅଳସୁଆ ହାଟ ପର୍ଯ୍ୟନ୍ତ ବ୍ୟାପିଥିଲା) ଦୀର୍ଘ ଭାଷଣ ଦେଇଥିଲେ। ଅନ୍ଧାରୀମୂଳକ ଆଇନ୍ ଧ୍ୱଂସ ହେଉ ବୋଲି ଡାକରା ଦେଇ ସେ ଗ୍ରାମେ ଗ୍ରାମେ ଯୁବ ତାଲିମ କେନ୍ଦ୍ର ସ୍ଥାପନ ଏବଂ ରାଜ ଅତ୍ୟାଚାର ଅବସାନ ପାଇଁ ନିବେଦନ କରିଥିଲେ। ଏହି ଭାଷଣ ଏକ ବୈପ୍ଳବିକ ଚେତନା ସୃଷ୍ଟି କରିଥିଲା। ସେ ଏହି କାଳରେ ମହାତ୍ମାଗାନ୍ଧିଙ୍କ ସହିତ ଯୋଗାଯୋଗ ରକ୍ଷା କରିଥିଲେ। କୃଷକ ପତ୍ରିକାରେ ଓଡ଼ିଶାର ଗଡ଼ଜାତରେ ଚାଲିଥିବା କୁଶାସନ ଏବଂ ପ୍ରଜା ଉତ୍ପୀଡନକୁ ଖୋଲାଖୋଲି ସମାଲୋଚନା କରିଥିଲେ। ଦେଶସେବା କରୁକରୁ ସାରଙ୍ଗଧର ପ୍ରବଳ ଅର୍ଥାଭାବର ସମ୍ମୁଖୀନ ହେଲେ। ମହାତ୍ମାଗାନ୍ଧିଙ୍କ ପରାର୍ମଶ କ୍ରମେ ସେ କଲିକତାର ଏକ ରବର କାରଖାନାରେ କିଛି ମାସ କାମ କରିଥିଲେ। ଚାକିରୀରୁ ଇସ୍ତଫା ଦେଇ ସେ ପୁଣି ସାଂଗଠନିକ ରାଜନୀତିରେ ଯୋଗଦେଲେ।୧୯୪୨ ମସିହାରେ ସେ ଅଟକବନ୍ଦୀ ହିସାବରେ ଚାରି ବର୍ଷ ଜେଲରେ କଟାଇଥିଲେ। ଜେଲରେ ଥିବା ସମୟରେ ୧୯୪୫ ବେଳକୁ ପୁଣି ଢେ଼ଙ୍କାନାଳରେ ଜନ ଆନ୍ଦୋଳନ ମୁଣ୍ଡ ଟେକିଲା। ସେ ୧୯୪୫ରେ ଜେଲରୁ ମୁକୁଳି ଢେ଼ଙ୍କାନାଳ ପ୍ରଜା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କଲେ।ଏହା ପରଠାରୁ ସେ ଗଠନାତ୍ମକ କାର୍ଯ୍ୟରେ ମନ ଦେଇ ଗଡ଼ଜାତ ଏବଂ ମୋଗଲବନ୍ଦୀ ଅଞ୍ଚଳରେ ଗାନ୍ଧିବାଦୀ କାର୍ଯ୍ୟକ୍ରମକୁ ପ୍ରସାରିତ କରାଇଥିଲେ।୧୯୪୭ରେ ସେ ଓଡ଼ିଶା ବ୍ୟବସ୍ଥା ସଭାର ସଭ୍ୟ ହୋଇ କେନ୍ଦ୍ରର ବିଧାୟକ ସଭାକୁ ସଭ୍ୟ ପ୍ରାର୍ଥୀ ହୋଇ ରାଜା ପକ୍ଷ ଲୋକଙ୍କୁ ହଟାଇ ଜୟଯୁକ୍ତ ହୋଇଥିଲେ।ଏହି ସମୟ ମଧ୍ୟରେ ବିଭିନ୍ନ ଗଡ଼ଜାତ ପରିଭ୍ରମଣ କରି କୁଶାସନ ବିରୁଦ୍ଧରେ ଜନ ଜାଗରଣ ଚଳାଇଥିଲେ। ସେହି ସମୟରେ ରାଜାମାନଙ୍କ ପକ୍ଷରୁ ତାଙ୍କ ପ୍ରତି ପ୍ରବଳ ପ୍ରତିବାଦ ପ୍ରକାଶ ପାଇଥିଲା। ସ୍ୱାଧୀନତା ପରେ ରାଜାମାନଙ୍କର ସାର୍ବଭୌମ କ୍ଷମତା ହଟାଇବା ପାଇଁ ଲୋକଙ୍କ ମନକୁ ଦୃଢ଼ କରାଇବା ସକାଶେ ବରାବର ଲେଖା, ଚିଠିପତ୍ର ଦେବା, ସଭାସମିତି କରାଇବା ଦିଗରେ ଆପ୍ରାଣ ଚେଷ୍ଟା କରିଥିଲେ। ଦେଶୀୟ ରାଜ୍ୟ ମିଶ୍ରଣ ସମୟରେ ଏବଂ ଏହାପରେ ଗଡ଼ଜାତ ମିଶ୍ରଣ ବିରୋଧୀ ଆନ୍ଦୋଳନ କଳାହାଣ୍ଡି, ପାଟଣା, ବାମଣ୍ଡା, ବଣେଇ ପ୍ରଭୃତି ଗଡ଼ଜାତ ଅଞ୍ଚଳରେ ଦେଖାଦେଇଥିଲା। ସାରଙ୍ଗଧର ଏହି ମିଶ୍ରଣ ବିରୋଧୀ ଆନ୍ଦୋଳନକୁ ବିରୋଧ କରିବା ସଂଗେ ସଂଗେ ଲୋକମାନଙ୍କୁ ବୃହତ୍ତର ଓଡ଼ିଶା ଗଠନ ପାଇଁ ବହୁ ନିବେଦନ କରିଥିଲେ।

❖❖❖



Source: Author, Digitized by PPRACHIN, SOA

# ସୁନ୍ଦରଗଡ଼ରେ ପ୍ରଜା ଆନ୍ଦୋଳନ

॥ ୧ ॥

ସୁନ୍ଦରଗଡରେ ପ୍ରଜା ଆନ୍ଦୋଳନ ଓଡିଶା ଇତିହାସର ଏକ ସ୍ମରଣୀୟ ଅଧ୍ୟାୟ । କେବଳ ସମ୍ରାଜ୍ୟବାଦୀ ବ୍ରିଟିଶ ଶାସନ ବିରୁଦ୍ଧରେ ନୁହେଁ, ଦୀର୍ଘ ଏକ ହଜାର ବର୍ଷ ମଧ୍ୟରେ ରାଜଶାସନର ଶୋଷଣ ନୀତି ଏବଂ ଅତ୍ୟାଚାର ବିରୁଦ୍ଧରେ ପ୍ରଜାପୁଞ୍ଜ ବିଭିନ୍ନ କାଳରେ ମୁଣ୍ଡ ଟେକି ଉଠିଥିଲେ । ଅବଶ୍ୟ ବ୍ରିଟିଶ ଶାସନ କାଳରେ ଏହି ପ୍ରତିରୋଧ ଭିନ୍ନ ମୋଡ ନେଇ ପାରିଥିଲା । ପ୍ରଜା ଆନ୍ଦୋଳନର ଏକ ବଳିଷ୍ଠ ରୂପ ଗାଙ୍ଗପୁରର ଆଦିବାସୀ ଆନ୍ଦୋଳନ ଏବଂ ୧୯୩୮ ମସିହା ଏପ୍ରିଲ୍ ୨୫ ତାରିଖରେ ଘଟିଥିବା ସିମ୍‌କୋ ଗଣହତ୍ୟାରେ ଆତ୍ମପ୍ରକାଶ କରିଥିଲା । ଗାଙ୍ଗପୁର ରାଜ୍ୟର ନାଗ୍ରା ଜମିଦାରୀ ଅଧୀନସ୍ଥ ରାଇବୋଗା ଥାନା ଅନ୍ତର୍ଗତ ଆମ୍‌କୋ ସିମ୍‌କୋଠାରେ ଘଟିଥିବା ଅମାନୁଷିକ ବର୍ବରୋଚିତ ଗୁଳିକାଣ୍ଡ ସୁନ୍ଦରଗଡ ଇତିହାସରେ କେବଳ ନୁହେଁ; ଆଧୁନିକ ଭାରତ ଇତିହାସରେ ଏକ ସ୍ମରଣୀୟ ଘଟଣା । ଏହି ଘଟଣା ସୁନ୍ଦରଗଡର ପ୍ରଜା ଆନ୍ଦୋଳନର ତୃତୀୟ ପର୍ଯ୍ୟାୟ ରୂପେ ଗ୍ରହଣ କରାଯାଇପାରେ । ଏହି ଆଦିବାସୀ ଆନ୍ଦୋଳନ ସହିତ ଗାଙ୍ଗପୁରର ଭୂରାଜସ୍ୱ ବ୍ୟବସ୍ଥା ଓ ଆଦିବାସୀ ପ୍ରଜାମାନଙ୍କ ପ୍ରତି ରାଜୁଡାର ଅବିଚାର ବିଶେଷ ଭାବରେ ଜଡିତ । ତେଣୁ ଗାଙ୍ଗପୁରର ଭୂରାଜସ୍ୱ ବ୍ୟବସ୍ଥାର ଆଲୋଚନା ଓ ତାହା କିପରି ଆଦିମ ପ୍ରଜାମାନଙ୍କୁ ବିଦ୍ରୋହୀ କରିପାରିଥିଲା ତାହାର ଆଲୋଚନା ଦ୍ୱାରା ଏହି ବଳିଷ୍ଠ ପର୍ଯ୍ୟାୟର ବିବରଣୀ ଦିଆଯାଇପାରେ ।

ଗାଙ୍ଗପୁର ଗଡଜାତ ରାଜ୍ୟର ପ୍ରଥମ ଭୂରାଜସ୍ୱ ବ୍ୟବସ୍ଥା ସି. କନୋଲୀ (C.W.E.Connolly)ଙ୍କ ଦ୍ୱାରା ୧୯୧୧ ଖ୍ରୀଷ୍ଟାବ୍ଦରେ ପ୍ରସ୍ତୁତ କରାଯାଇଥିଲା । ଏଥିପୂର୍ବରୁ ୧୮୬୫ ଏବଂ ୧୮୭୪ ଖ୍ରୀଷ୍ଟାବ୍ଦର ବନ୍ଦୋବସ୍ତ ବାସ୍ତବିକ୍ ସୀମିତ ଗ୍ରାମମାନଙ୍କୁ ନେଇ ଅନୁମାନ ଦ୍ୱାରା କାର୍ଯ୍ୟକାରୀ ହୋଇଥିଲା । ଏହି ବନ୍ଦୋବସ୍ତର କାଳ ମାତ୍ର ଦଶ ବର୍ଷ ଥିଲା । ଏହି ବନ୍ଦୋବସ୍ତରେ ସମସ୍ତ ଗୋଡାଜମି(ଡିପ ଜମି) ନିଷ୍କର



Source: Author, Digitized by PPRACHIN, SOA

ରଖାଯାଇଥିଲା । ଏହିସବୁ ଜମି ଗାଙ୍ଗପୁର ଗଡଜାତର କେନ୍ଦ୍ର ଓ ପୂର୍ବ ଭାଗରେ ଥିବା ଆଦିବାସୀ ଲୋକମାନେ ଚାଷ କରୁଥିଲେ । ସେମାନେ ରାଜ ଦରବାରରେ ଚିରାଚରିତ ନୀତି ଅନୁସାରେ ରାଜ୍ୟର ବେଠିବେଗାରୀ କରୁଥିଲେ । କନୋଲୀଙ୍କ ଦ୍ୱାରା ଯେଉଁ ବନ୍ଦୋବସ୍ତ ହୋଇଥିଲା ତାହା ଗାଙ୍ଗପୁରର ମୁଣ୍ଡା ଓ ଓରାଂ ପ୍ରଭୃତି ଆଦିବାସୀ ସମ୍ପ୍ରଦାୟକୁ ବିଶେଷ ସନ୍ତୁଷ୍ଟ କରିପାରିନଥିଲା ।

ସେତେବେଳେ ସୁନ୍ଦରଗଡର ଅରଣ୍ୟାଞ୍ଚଳରେ ଆଦିବାସୀମାନେ ଚାଷ ଜମି କରି ଛୋଟନାଗପୁର ଆଦିବାସୀ ପ୍ରଜାମାନଙ୍କର ଖୁଣ୍ଟକଟି ପ୍ରଥାକୁ ମାନୁଥିଲେ ମଧ୍ୟ ରାଜକୀୟ ସ୍ୱୀକୃତି/ସମର୍ଥନ ଲାଭ କରିପାରିନଥିଲେ । ଏହି ଖୁଣ୍ଟକଟି ବ୍ୟବସ୍ଥା ଅନୁସାରେ ପର୍ବତଘେରା ଘନଅରଣ୍ୟର ଜମିକୁ ଆଦିବାସୀ ପ୍ରଜାମାନେ ଯୌଥଭାବରେ ବଂଶାନୁକ୍ରମରେ ଚାଷ କରୁଥିଲେ । ଊନବିଂଶ ଶତକର ଶେଷଭାଗରେ ମୁଣ୍ଡାମାନଙ୍କର ଏହି ଖୁଣ୍ଟକଟି ପ୍ରଥା ନାନା କାରଣରୁ ଲୋପ ପାଇଯାଉଥିବାରୁ ତାହା ବିରୁଦ୍ଧରେ ପ୍ରବଳ ବିଦ୍ରୋହ ଛୋଟନାଗପୁର ଅଞ୍ଚଳରେ ମୁଣ୍ଡଟେକି ଉଠିଥିଲା । ଏହି ବିଦ୍ରୋହର ଏକ ପ୍ରବଳ ପରାକ୍ରମୀ ବ୍ୟକ୍ତିତ୍ୱ ଥିଲେ ବିର୍ସା ମୁଣ୍ଡା । ବିର୍ସା ମୁଣ୍ଡାଙ୍କର ରାଞ୍ଚିର ବିଭିନ୍ନ ଅଞ୍ଚଳରେ ବିଦ୍ରୋହ(ଉଲ୍‌ଗୁଲାନ୍) ସମ୍ପୂର୍ଣ୍ଣ ବିଫଳ ହୋଇନଥିଲା । ୧୯୦୮ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ଛୋଟନାଗପୁର ପ୍ରଜାସତ୍ତ୍ୱ ନିୟମ ଏହି ବିଦ୍ରୋହର ଏକ ସୁଫଳ ବୋଲି କୁହାଯାଇପାରେ । କୁମାର ସୁରେଶ ସିଂ ରଚିତ ବିର୍ସା ମୁଣ୍ଡା ଜୀବନୀ ଗ୍ରନ୍ଥରେ ଏ ସମ୍ପର୍କରେ ମତ ପ୍ରକାଶ କରାଯାଇଛି;

"The Act safeguarded a number of points which the Mundas claimed as a central part of their social system. The time-honoured right of the tribals to reclaim land has been recognised. The Deputy Commissioner is empowered to reject forcibly any alien who may have acquired lands in a khuntkattidar village. For the vast majority of ordinary ryots there are provisions for restrictions on the sale and transfer of the lands, grant of rent receipts and commutation of rent etc. These constituted the most important and effective part of the legislation undertaken in favour of the Mundas. ଗାଙ୍ଗପୁର ଗଡଜାତର ସୀମାରେ ରାଞ୍ଚି ଅଞ୍ଚଳ ଅବସ୍ଥିତ । ଗାଙ୍ଗପୁରର ଆଦିବାସୀମାନେ(ବିଶେଷତଃ ମୁଣ୍ଡା ଓ ଓରାଂମାନେ) ଏହି ବିର୍ସାଙ୍କର ଉଲଗୁଲାନ୍ ସମ୍ପର୍କରେ ଯଥେଷ୍ଟ ସଚେତନ ଥିଲେ ଏବଂ ବିର୍ସାଙ୍କର ଆଲୋଡନ ସେମାନଙ୍କ ଉପରେ ପ୍ରଭାବ ପକାଇଥିଲା । ତଥାପି ଗାଙ୍ଗପୁରର ଆଦିବାସୀ



Source: Author, Digitized by PPRACHIN, SOA

ପ୍ରଜାମାନେ ଏପରି ଜମିକୁ ଚାଷ କରୁଥିଲେ ମଧ୍ୟ ଦରବାର ତାହାକୁ ସ୍ୱୀକୃତି ଦେଇନଥିଲେ; ଯାହା ଛୋଟନାଗପୁରର ପ୍ରଜାସତ୍ତ୍ୱ ଆଇନ ବିହାରର ଆଦିମନିବାସୀମାନଙ୍କୁ ଦେଇପାରିଥିଲା ।

୧୯୨୩-୨୪ ଖ୍ରୀଷ୍ଟାବ୍ଦ ବେଳକୁ ଯେଉଁ ନୂଆବାଦୀ ବନ୍ଦୋବସ୍ତ ଆରମ୍ଭ କରାଗଲା, ତାହା ପୂର୍ବରୁ ଆଦିବାସୀମାନଙ୍କୁ ଦିଆଯାଇଥିବା ସୁବିଧାଗୁଡିକୁ ଛଡାଇନେବା ପାଇଁ ବାଟ ପରିଷ୍କାର କଲା । ସେତେବେଳେ ଗୋଡାଜମିଗୁଡିକୁ ଚାଷ କରି ଆଦିବାସୀ ପ୍ରଜାମାନେ ଭଲ ଶସ୍ୟ ଅମଳ କରିପାରୁଥିଲେ । ପୁଣି ଅରଣ୍ୟକୁ କାଟିଯେଉଁ ଚାଷଜମି କରାଯାଇଥିଲା ତାହା ମଧ୍ୟ ଉର୍ବର ଜମି ଅନ୍ତର୍ଗତ ହୋଇଥିବାରୁ ପ୍ରଜାମାନେ ଭଲ ଶସ୍ୟ ଆଦାୟ କରିପାରୁଥିଲେ । ଏହି ବନ୍ଦୋବସ୍ତ କାଳରୁ ଗୋଡା ଜମି ଉପରେ କର ଧାର୍ଯ୍ୟ କରିବା ଓ ଖୁଣ୍ଟକଟି ବ୍ୟବସ୍ଥାକୁ ଅସ୍ୱୀକାର କରିବା ପାଇଁ ପଦକ୍ଷେପ ନେବାକୁ ଗାଙ୍ଗପୁର ଦରବାର ତରଫରୁ ଉଦ୍ୟମ କରାଯାଇଥିଲା । ଉଭୟ ବନ୍ଦୋବସ୍ତରେ ପ୍ରଜାମାନଙ୍କ ଉପରେ ଭୂରାଜସ୍ୱ ବଢିବଢି ଚାଲିଲା । ୧୯୧୧ ଖ୍ରୀଷ୍ଟାବ୍ଦର ବନ୍ଦୋବସ୍ତ ଅନୁସାରେ ରାଜସ୍ୱ ପରିମାଣ ୮୪୨୫୭ ଟଙ୍କା ଓ ନୂଆବାଦୀ ବନ୍ଦୋବସ୍ତ ଅନୁସାରେ ସେହି ପରିମାଣ ବଢିଯାଇ ୧୧୦୨୫୭ ଟଙ୍କା ହୋଇଗଲା ।ଏଥିରୁ ଅନୁମାନ କରାଯାଇପାରେ ଯେ ପ୍ରଜାମାନଙ୍କ ଉପରେ ବନ୍ଦୋବସ୍ତ ମାଧ୍ୟମରେ ଅଧିକ କର ଲଦି ଦିଆଯାଇ ରାଜସ୍ୱ ପରିମାଣକୁ ବଢାଇ ଦିଆଯାଇଥିଲା । ପରବର୍ତ୍ତୀ ବନ୍ଦୋବସ୍ତ ୧୯୨୯ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇ ୧୯୩୫ରେ ଶେଷ ହେଲା । ଏଥିରେ ପ୍ରଥମେ ଉପେନ୍ଦ୍ର ନାଥ ଘୋଷ ବନ୍ଦୋବସ୍ତ ଅଧିକାରୀ ଥିଲେ ଓ ପରେ ୧୯୩୧ ଖ୍ରୀଷ୍ଟାବ୍ଦ ନଭେମ୍ବର ୧୪ ତାରିଖଠାରୁ ଇନ୍ଦ୍ରବିଳାସ ମୁଖାର୍ଜୀ ଏହି ଦାୟିତ୍ୱ ନେଲେ । ଏହି ବନ୍ଦୋବସ୍ତ ଫଳରେ ଗାଙ୍ଗପୁରର କେନ୍ଦ୍ର ଓ ପୂର୍ବାଞ୍ଚଳର ଆଦିବାସୀ ପ୍ରଜାମାନେ ଅତି ଅସନ୍ତୁଷ୍ଟ ହେଲେ । ଏହି ବନ୍ଦୋବସ୍ତରେ ରାଜସ୍ୱର ପରିମାଣ ୧୪୯୮୬୧ ଟଙ୍କା ହେଲା । ଏଥିପାଇଁ ପୂର୍ବରୁ ଥିବା ଚାରି ପ୍ରକାର ଜମି(ବାହାଲ, ବେର୍‌ନା, ମାଲ୍ ଏବଂ ବର୍‌ଛା)କୁ ୧୨ ଭାଗରେ ବିଭକ୍ତ କରାଯାଇ କର ଧାର୍ଯ୍ୟ କରାଗଲା । ସେଗୁଡିକ ହେଲେ-ପାଣିବାହାଲ୍, ବାହାଲ୍, ପାଣିବେର୍‌ନା, ବେର୍‌ନା, ପାଣିମାଲ୍, ମାଲ୍, ବର୍‌ଛା, ବାଡି, ବଗାଏତ୍, କୁଦର୍, ଗୋଡାଅଉଲ୍ ଏବଂ ଗୋଡାଡୋଏମ୍ । ୧୯୩୨ ମସିହାରେ ମୁଖାର୍ଜୀ ଏହି ନୂଆ କର ସମ୍ପର୍କରେ ଶେଷ ନିଷ୍ପତ୍ତି ନେବା ପୂର୍ବରୁ ରାଜ୍ୟ ସରକାରଙ୍କୁ ଜଣାଇଥିଲେ ଯେ ଗୋଡା ଜମି ଉପରେ କର ନେବା ସ୍ଥିର କରାଯାଉଥିବାରୁ ପ୍ରଜାମାନଙ୍କଠାରୁ ବେଠିବେଗାରୀ ଉଠାଇ ଦିଆଯିବା ଉଚିତ । କାରଣ ସେମାନେ



Source: Author, Digitized by PPRACHIN, SOA

ବେଠିବେଗାରୀ କରିବା ଯୋଗୁଁ ଗୋଡା ଜମିକୁ ନିଷ୍କର ଚାଷ କରିବାକୁ ସୁଯୋଗ ପାଉଥିଲେ। ପୁଣି ଧାନ ଉତ୍ପାଦନ ଗୋଡା ଓ ଅରଣ୍ୟ ଜମିରେ ବୃଦ୍ଧି ପାଇଥିବାରୁ ୧୯୨୩ଠାରୁ ୧୯୨୯ମଧ୍ୟରେ ତାହାକୁ ନିଷ୍କର ରଖାଯିବା ଅନୁଚିତ ବୋଲି ଚିନ୍ତା କରାଯାଇଥିଲା। ସେଥିପାଇଁ ରାଜ୍ୟରୁ କେତେକ କାର୍ଯ୍ୟକୁ ବାଦ ଦେଇ ବେଠିବେଗାରୀ ପ୍ରଥା ଉଠାଇ ନେବା ପାଇଁ ସ୍ଥିର କରାଗଲା। ଏହା ୧୯୩୬ ମସିହା ଜାନୁଆରୀ ୧୧ ତାରିଖରେ ପୂର୍ବାଞ୍ଚଳ ଗଡଜାତ ରାଜ୍ୟମାନଙ୍କର ଗଭର୍ଣ୍ଣର ଜେନେରାଲ୍‌ଙ୍କର ଏଜେଣ୍ଟଙ୍କ ଦ୍ୱାରା ଗୃହୀତ ହେଲା। ଏହାଦ୍ୱାରା ପୂର୍ବରୁ ଥିବା ନିଷ୍କର ଗୋଡା ଜମି ଉପରେ କର ଧାର୍ଯ୍ୟ ହେଲା ଏବଂ ଗ୍ରାମମାନଙ୍କର ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ଓ ମରାମତି, ଡେରାଘର(ଗ୍ରାମର ବିଶ୍ରାମାଗାର)ଗୁଡିକର ନିର୍ମାଣ ଓ ମରାମତି, ଶିକାରବେଳେ ଦରବାରକୁ ସାହାଯ୍ୟ ପରି କେତେକ କାର୍ଯ୍ୟକୁ ଛାଡିଦେଲେ ବେଠିବେଗାରୀ ଉଠାଇ ଦିଆଗଲା। ଗୋଡା ଜମି ଉପରେ କର ନେବା ସ୍ଥିର ହେବା ଦ୍ୱାରା ଆଦିବାସୀ ପ୍ରଜାମାନଙ୍କର ଅସନ୍ତୋଷ ବୃଦ୍ଧି ପାଇଲା। ପୁଣି ବେଠିବେଗାରୀ ଉଠାଇ ନିଆଗଲା ବୋଲି ପ୍ରକାଶ କରି ତାହାକୁ ସମ୍ପୂର୍ଣ୍ଣ ଭାବରେ ଉଠାଇ ଦିଆଯାଇନଥିବାରୁ ପ୍ରଜାମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଲା। ବନ୍ଦୋବସ୍ତରେ ଏହିପରି ଭୂରାଜସ୍ୱ ବ୍ୟବସ୍ଥାକୁ ଗାଙ୍ଗପୁରର ଆଦିବାସୀ ପ୍ରଜାମାନେ ଗ୍ରହଣ କରିପାରିନଥିଲେ। ଡାହିଜିରା ଗ୍ରାମର ମୁଣ୍ଡା ପ୍ରଜାମାନେ ଏହାର ପ୍ରାକାଶ୍ୟ ବିରୋଧ କଲେ ଓ ଅନ୍ୟଗ୍ରାମମାନଙ୍କର ପ୍ରଜାମାନଙ୍କ ସହିତ ଖଜଣା ବନ୍ଦ ଆନ୍ଦୋଳନ କଲେ।

ଗାଙ୍ଗପୁରର ରାଇବୋଗା ଥାନା ଅନ୍ତର୍ଗତ ବରଟୋଲି ଗ୍ରାମ ନିବାସୀ ନିର୍ମଳ ଡାଙ୍ଗ୍(ମୁଣ୍ଡା)ଏବଂ ଅଣ୍ଡାଳି ଗ୍ରାମନିବାସୀ ମଂଗ୍ରୁ ଓରାଂ ଙ୍କ ପୁତ୍ର ବାହାଦୂର ଭଗତ ସେହି ଆନ୍ଦୋଳନର ଅଗ୍ରଭାଗରେ ରହିଥିଲେ। କୁହାଯାଏ ଯେ ଗାଙ୍ଗପୁର ଆଦିବାସୀ ଆନ୍ଦୋଳନର ଏହି କାଳରେ ଛୋଟନାଗପୁରର ଆଦିବାସୀ ପ୍ରଜାମାନଙ୍କୁ ସୁସଂଗଠିତ କରି ଜୟପାଳ ସିଂହ ଏକ ସ୍ୱତନ୍ତ୍ର ଆଦିବାସୀ ରାଜ୍ୟ(ଝାଡଖଣ୍ଡ) ଗଠନ ନିମନ୍ତେ ଉଦ୍ୟମ ଆରମ୍ଭ କରିଥିଲେ। ୧୯୨୮ ଖ୍ରୀଷ୍ଟାବ୍ଦରୁ ଗଠିତ ହୋଇଥିବା ଛୋଟନାଗପୁର ଉନ୍ନତି ସମାଜକୁ ପରେ ଆଦିବାସୀ ସଭାରେ ପରିଣତ କରାଯାଇଥିଲା। ଏହି ଆଦିବାସୀ ସଭା ମାଧ୍ୟମରେ ଆଦିମ ନିବାସୀମାନଙ୍କର ନାନା ସମସ୍ୟା ଓ ଦାବୀକୁ ଉପସ୍ଥାପନ କରାଯାଇଥିଲା। ଜୟପାଳଙ୍କ ଦ୍ୱାରା ନିର୍ମଳ ମୁଣ୍ଡା ଓ ବାହାଦୂର ଭଗତ ପ୍ରେରଣା ପାଇ ଗାଙ୍ଗପୁରରେ ଆଦିବାସୀ ଆଲୋଡନ ପାଇଁ ଉଦ୍ୟମୀ ହେଲେ। ନିର୍ମଳ ମୁଣ୍ଡା ୧୮୯୪ ମସିହାରେ ରାଇବୋଗାର ବରଟୋଲି ଗ୍ରାମରେ ଜନ୍ମ ନେଇଥିଲେ। ତାଙ୍କର ପିତାଙ୍କ ନାମ ମରହା ମୁଣ୍ଡା। ସେ ପ୍ରଥମେ



Source: Author, Digitized by PPRACHIN, SOA

ରାଇବୋଗାରେ ପାଠପଢା ଆରମ୍ଭ କରି ସେଠାରୁ କରଞ୍ଜ(ରାଞ୍ଚି)ରେ ଏମ୍.ଇ ପାସ୍ କଲେ। ତାପରେ ସେ ରାଞ୍ଚିସ୍ଥିତ ଗୋସନର ହାଇସ୍କୁଲ(ଜି.ଇ.ଲ୍ ସ୍କୁଲ୍)ରେ ନବମ ପର୍ଯ୍ୟନ୍ତ ପାଠ ପଢିଥିଲେ। ୧୯୧୪ ମସିହାରେ ସେ ସୈନ୍ୟବାହିନୀରେ ଯୋଗଦେଲେ ଓ ପ୍ରଥମ ବିଶ୍ୱଯୁଦ୍ଧ ପରେ ସୈନ୍ୟବାହିନୀ ଛାଡିଦେଲେ। ତାପରେ ବରଟୋଲି, ଡାହିଜିରାରେ ଶିକ୍ଷକତା କଲେ। କିଛି କାଳ ବୀରମିତ୍ରପୁରର ବିଶ୍ରା ଚୂନ ପଥର କମ୍ପାନୀରେ ମଧ୍ୟ ଚାକିରୀ କଲେ। ସେ ତାପରେ ମଧ୍ୟ ରାଜଗାଙ୍ଗପୁର ମିସନ୍ ସ୍କୁଲରେ ଶିକ୍ଷକତା କରିଥିଲେ। ୧୯୩୧ ମସିହାଠାରୁ ସେ ରାଇବୋଗା ଥାନା ଅନ୍ତର୍ଗତ ସିମ୍‌କୋଠାରେ ଏକ ନିବାସ ସ୍ଥାପନ କରି ସେଠାରେ ବସବାସ କରିଥିଲେ। ସିମ୍‌କୋ ମଉଜାରେ ତାଙ୍କର କିଛି ଚାଷ ଜମି ଥିବାରୁ ସେଠାରେ ସେ ଗୋଟିଏ ଝୁମ୍ପୁଡିରେ ରହି ପ୍ରଥମେ ସ୍ଥାୟୀ ଘରଟିଏ ତୋଳିବା ଆରମ୍ଭ କରିଥିଲେ। ତାହାହିଁ ତାଙ୍କର ଆନ୍ଦୋଳନର କେନ୍ଦ୍ରସ୍ଥଳ ଥିଲା। ସେହି ସ୍ଥାନର ପୂର୍ବ ଦିଗରେ ଗୋଟିଏ ଝରଣା ଓ ଉତ୍ତରରେ ବିହାର ଓଡିଶାର ସୀମାନିର୍ଦ୍ଧାରକ ବୃକ୍ଷଲତା ପରିବେଷ୍ଟିତ ପାହାଡ। ଚାରିଆଡେ ଘଞ୍ଚ ଜଙ୍ଗଲ ଏବଂ ସ୍ଥାନଟିର ପରିବେଶ ଅତ୍ୟନ୍ତ ରମଣୀୟ ଓ ଶାନ୍ତ।

ଏହିପରି ଏକ ପରିବେଶରେ ରହି ନିର୍ମଳ ମୁଣ୍ଡା ୭ଟି ଦାବୀ ନେଇ ୧୯୩୪-୩୫ ମସିହାଠାରୁ ଆରମ୍ଭ କରିଥିଲେ ଆନ୍ଦୋଳନ। ସେହି ଦାବୀଗୁଡିକ ହେଲା- ୧-ସାନି ବନ୍ଦୋବସ୍ତ, ୨-ଛୋଟନାଗପୁରରେ ପ୍ରଚଳିତ ଖୁଣ୍ଟକଟି ସତ୍ତ୍ୱ, ୩-ବେଠି ପ୍ରଥାର ଉଚ୍ଛେଦ, ୪-ଗ୍ରାମର ଜଙ୍ଗଲ ଉପରେ ପ୍ରଜାଙ୍କ ଅଧିକାର, ୫-ଖଜଣା ବନ୍ଦ, ୬-ବେକାର ସମସ୍ୟାର ସମାଧାନ, ୭-ଶିକ୍ଷାର ପ୍ରସାର। ଏହି ଦାବୀଗୁଡିକ ରାଜ୍ୟ ସରକାର ଅଗ୍ରାହ୍ୟ କରିବାରୁ ଭାଇସ୍‌ରାୟଙ୍କଠାରେ ଏକ ଗଣ ଆବେଦନ ପତ୍ର ଦିଆଗଲା। ଏହାର କୌଣସି ବିଚାର ହଠାତ୍ କରାଯାଇନଥିଲା। ଅନ୍ୟ ପକ୍ଷରେ ୧୯୩୭ ମସିହାଠାରୁ ମୁଖାର୍ଜୀ ବନ୍ଦୋବସ୍ତ କାର୍ଯ୍ୟକାରୀ ହେଲାବେଳକୁ ଆଦିବାସୀ ପ୍ରଜାମାନେ ଖୁଣ୍ଟକଟି ବ୍ୟବସ୍ଥାକୁ ଦରବାର ସ୍ୱୀକୃତି ଦେବାପାଇଁ ଦାବୀ କଲେ। ତାହାସହିତ ଅଧିକ ବଢାଇ ଦିଆଯାଇଥିବା କରକୁ କମାଇବା ପାଇଁ ମଧ୍ୟ ଦାବୀ କରାଗଲା। ନିର୍ମଳ ମୁଣ୍ଡାଙ୍କ ନିକଟରେ ବିର୍‌ସା ମୁଣ୍ଡାଙ୍କର ତ୍ୟାଗର କାହାଣୀ ଅଜଣା ନଥିଲା। ବିର୍‌ସାଙ୍କର ଉଲଗୁଲାନ୍ ଦ୍ୱାରା ସେ ପ୍ରଭାବିତ ହୋଇଥିଲେ, କାରଣ ସେତେବେଳେ ବିର୍‌ସା ଭଗବାନ୍ ସମଗ୍ର ମୁଣ୍ଡା ଆଦିବାସୀ ସମାଜରେ ପୂଜିତ ଓ ବନ୍ଦିତ। ଏହା ସହିତ ସେତେବେଳେ ଜୟପାଳଙ୍କର ନେତୃତ୍ୱରେ ମୁଣ୍ଡଟେକି ଉଠୁଥିବା ଆଦିବାସୀ ଆନ୍ଦୋଳନ ପ୍ରତି ନିର୍ମଳ କଦାପି ବିମୁଖ ନଥିଲେ। ତେଣୁ ନିର୍ମଳ ଓ ତାଙ୍କର



Source: Author, Digitized by PPRACHIN, SOA

ସହକର୍ମୀମାନେ କେତେକ ସ୍ଥାନରେ ସଭାସମିତି ଡାକି ଖୁଣ୍ଟକଟି ବ୍ୟବସ୍ଥାକୁ ଗାଙ୍ଗପୁର ସରକାର ସ୍ୱୀକୃତି ଦେବା ଏବଂ ବର୍ଦ୍ଧିତ ଭୂରାଜସ୍ୱକୁ ପ୍ରଜା ଦେଇପାରୁଥିବା ସୀମା ମଧ୍ୟରେ ରଖିବାକୁ ଦାବୀ କଲେ । ଏହି କାଳର ଆଦିବାସୀ ଆନ୍ଦୋଳନର ପୁଣ୍ୟପୀଠ ଥିଲା ଡାହିଜିରା ଗ୍ରାମ। ଏହି ଗ୍ରାମରେ ଅନେକ ଖ୍ରୀଷ୍ଟିଆନ୍ ମୁଣ୍ଡାଥିବାରୁ ଦରବାର ପ୍ରଥମେ ଜି.ଇ.ଏଲ୍ ଚର୍ଚ୍ଚର କର୍ମକର୍ତ୍ତାମାନଙ୍କୁ ଆବଶ୍ୟକ କର ଦେଇ ଦେବାକୁ ପ୍ରବର୍ତ୍ତାଇବା ନିମନ୍ତେ ଅନୁରୋଧ କଲେ। କିନ୍ତୁ ଏହା ସଫଳ ହୋଇନଥିଲା। ତଥାପି ରାଜ୍ୟର ବିଭିନ୍ନ ଗ୍ରାମର ପ୍ରଜାମାନଙ୍କଠାରୁ କର ଆଦାୟ କରାଯାଇଥିଲା ଏବଂ ଡାହିଜିରା ଗ୍ରାମର କିଛି ମୁଣ୍ଡା ପ୍ରଜାମାନେ ଆଂଶିକ କର ଦେଇଥିଲେ।

ଏହି କାଳର ଏକ ସ୍ମରଣୀୟ ଘଟଣା ଗାଙ୍ଗପୁର ପ୍ରଜାମଣ୍ଡଳର ଜଣେ ସଂଗଠକ ଧନଞ୍ଜୟ ମହାନ୍ତି(ଉଦିତନଗର ନିବାସୀ) ୧୯୮୯ ମସିହାରେ ମୋର ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ଦ୍ଧିତ କର ବିରୁଦ୍ଧରେ ଗାଙ୍ଗପୁରର ଚାରିଆଡେ ଆନ୍ଦୋଳନାତ୍ମକ ମନଭାବ ପ୍ରକାଶ ପାଇଥିବା କାଳରେ ବିର୍‌କେରା ମୌଜାରୁ ଖୀର୍‌ଜୁସ୍ ମୁଣ୍ଡା ତାଙ୍କର ରାଜସ୍ୱ ସମ୍ପର୍କିତ ଦଲିଲକୁ ଧନଞ୍ଜୟ ମହାନ୍ତିଙ୍କୁ ଦେଖାଇଥିଲେ। ତାଙ୍କ ଉପରେ ଅନ୍ୟାୟ ଭାବରେ କର ଧାର୍ଯ୍ୟ କରାଯାଇଥିବାର ସେ ପ୍ରକାଶ କରିଥିଲେ। ଧନଞ୍ଜୟ ମହାନ୍ତି ବିରକେରା ଯାଇ ଦେଖିଲେ ଖୀରଜୁସ୍‌ଙ୍କ ଉପରେ କର ପରିମାଣ ନଅ ଅଣାରୁ ଷୋଳ ଟଙ୍କା କରିଦିଆଯାଇଛି ।ଏହି ବର୍ଦ୍ଧିତ କର ପାଇଁ ନିର୍ଦ୍ଦିଷ୍ଟ ଜମି "ଗୋଡା" ଶ୍ରେଣୀ ଅନ୍ତର୍ଗତ। କିନ୍ତୁ ଏହାକୁ "କୁଦର"(ନଦୀ କୂଳର ଜମି) ବୋଲି ବନ୍ଦୋବସ୍ତରେ ଗ୍ରହଣ କରାଯାଇ ଏପରି ବର୍ଦ୍ଧିତ କର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କାରଣ କୁଦର ଜମିଗୁଡିକର ଏକର ପିଛା ଖଜଣା ୧୪ ଅଣା; କିନ୍ତୁ ଗୋଡା ଜମିର ଏକର ପିଛା ଖଜଣା ମାତ୍ର ୬ ପଇସା। ଏହିପରି ବର୍ଦ୍ଧିତ କର ମଧ୍ୟ ବିରକେରା ପାଖର ଖିରାବନ୍ଧ ଓ ଜଡାକୁଦର ଗ୍ରାମର ଲୋକମାନଙ୍କଠାରୁ ସେ ଜାଣିବାକୁ ପାଇଲେ। ଧନଞ୍ଜୟ ମହାନ୍ତି ଏହି ସମସ୍ତ ଗ୍ରାମ ବୁଲି ଅନ୍ୟାୟ ଭାବରେ ବଢାଇ ଦିଆଯାଇଥିବା କର ସମ୍ପର୍କରେ ଆଦିବାସୀ ପ୍ରଜାମାନଙ୍କ ସହିତ ଆଲୋଚନା କରିଥିଲେ। ସେଥିପାଇଁ ଦରବାରକୁ ସେ ଖଜଣା ବନ୍ଦ ଆନ୍ଦୋଳନରେ ସମ୍ପୃକ୍ତ ଥିବାର ସମ୍ବାଦ ଜଣାଇ ଦିଆଯାଇଥିଲା। ପରିଣତିରେ ତାଙ୍କର ବାସସ୍ଥାନ ପାନ୍‌ପୋଷ୍ ଛାଡି ତାଙ୍କୁ ଗାଙ୍ଗପୁର ଗଡଜାତ ରାଜ୍ୟ ରାଜଧାନୀ ସୁନ୍ଦରଗଡରେ ଏକ ବର୍ଷ ବିତାଇବାକୁ ପଡିଲା। ସେ ନିରୋଦ ଗୋପାଳ ଗୋସ୍ୱାମୀ(ଓକିଲ)ଙ୍କ ଘରେ ଏହି କାଳରେ ଅବସ୍ଥାନ କରୁଥିବା କାଳରେ ଅଣ୍ଡାଳି ଜାମବାହାଲ ଗ୍ରାମର ବାହାଦୂର ଭଗତ୍, ବରଟୋଲିର ନିର୍ମଳ ମୁଣ୍ଡା,



Source: Author, Digitized by PPRACHIN, SOA

ଡାହିଜିରା ଗ୍ରାମର ତିନ୍ତସ୍ ମୁଣ୍ଡା ଏବଂ ୟାକୁବ୍ ଗୁଡିଆଙ୍କ ସହିତ ସାକ୍ଷାତ କରି ଗାଙ୍ଗପୁର ଠାରେ ପ୍ରଜାମାନଙ୍କର ସମସ୍ୟା ସମାଧାନ ନିମନ୍ତେ ଏକ ଅନୁଷ୍ଠାନ/ସଂସ୍ଥା ଗଠନ ପାଇଁ ମତ ପ୍ରକାଶ କରିଥିଲେ। କିନ୍ତୁ ନିର୍ମଳ ଏହିପରି ସଂସ୍ଥାପାଇଁ ସହାନୁଭୂତିଶୀଳ ଥିଲେ ମଧ୍ୟ ନିଜର ଆଦିବାସୀ ସଂସ୍ଥା ବ୍ୟତୀତ ଅନ୍ୟ କୌଣସି ସଂସ୍ଥା ସହିତ ସାମିଲ ହେବେ ନାହିଁ ବୋଲି ମତି ପ୍ରକାଶ କଲେ। ତେଣୁ ଏପରି ମିଳିତ ସଂସ୍ଥା ଗଠନ ହେଲା ନାହିଁ।

୧୯୩୮ ମସିହାରେ ଆଦିବାସୀ ଆନ୍ଦୋଳନ ଗାଙ୍ଗପୁରର ଚାରିଆଡକୁ ବ୍ୟାପୀ ଗଲା। ଏହାକୁ ଲୁଥରାନ୍ ମିସନ୍‌ର ମୁଣ୍ଡା ଖ୍ରୀଷ୍ଟିଆନ୍‌ମାନେ, ଓରାଂ ଓ ହିନ୍ଦୁମାନେ ସମର୍ଥନ କରି ଦୃଢକଲେ। ଗାଙ୍ଗପୁରର ତହସିଲ୍‌ଦାର୍ ବିଭିନ୍ନ ଗ୍ରାମ ପରିଭ୍ରମଣ କରି ପ୍ରଜାମାନଙ୍କୁ ଏହି ନୂଆ ବ୍ୟବସ୍ଥାକୁ ଗ୍ରହଣ କରିନେବାକୁ ପ୍ରବର୍ତ୍ତାଇଥିଲେ। ଏପରିକି ଦରବାର ରାଞ୍ଚି ସ୍ଥିତ ଜି.ଇ.ଏଲ୍ ଚର୍ଚ୍ଚ କାଉନ୍‌ସିଲ୍‌କୁ ମୁଣ୍ଡାମାନଙ୍କୁ ଆନ୍ଦୋଳନରୁ ଓହରିଯିବା ପାଇଁ ପ୍ରବର୍ତ୍ତାଇବା ନିମନ୍ତେ ନିବେଦନ କରିଥିଲେ। ଏହି କାଉନ୍‌ସିଲ୍ ତରଫରୁ ଏକ ପ୍ରତିନିଧି ଦଳ ଦୀର୍ଘ ଆଲୋଚନା ପରେ ଡାହିଜିରା ଗ୍ରାମ ପରିଭ୍ରମଣ କରି ନିର୍ଦ୍ଧାରିତ କରର ଆବଶ୍ୟକତା ସମ୍ପର୍କରେ ଆଦିବାସୀ ପ୍ରଜାମାନଙ୍କୁ ଜଣାଇଥିଲେ। ଏହା ଫଳରେ ରାଜସ୍ୱର କିଛି ଅଂଶ ଆଦାୟ କରାଯାଇଥିଲା। ଗାଙ୍ଗପୁରର ରିଜେଣ୍ଟ୍ ରାଣୀ ସାହେବା ଜାନକୀ ରତ୍ନାବାଇ ବିଭିନ୍ନ ଗ୍ରାମ ପରିଭ୍ରମଣ କରି ଦରବାର ନୀତି ପ୍ରଜାମାନଙ୍କୁ ବୁଝାଇଥିଲେ ଏବଂ ରାଜସ୍ୱ ଦେଇଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ବିଦ୍ରୋହୀ ମୁଣ୍ଡାମାନେ ତାଙ୍କ ଆୟୋଜିତ ସଭା ସର୍ବତ୍ର ବର୍ଜ୍ଜନ କରିଥିଲେ।

ଆଦିବାସୀ ପ୍ରଜାମାନଙ୍କୁ ପ୍ରବର୍ତ୍ତାଇ ଶାନ୍ତିପୂର୍ଣ୍ଣ ଭାବରେ ରାଜସ୍ୱ ଆଦାୟ କରିବା ବିଫଳ ହେବାରୁ ଜବରଦସ୍ତ ରାଜସ୍ୱ ଆଦାୟ କରିବା ଲାଗି ପଦକ୍ଷେପ ନିଆଗଲା। ଏପରିକି ଆନ୍ଦୋଳନକାରୀମାନଙ୍କ ଜମିକୁ ବାଜ୍ୟାପ୍ତ କରିଦେବାକୁ ଧମକ ଦିଆଗଲା। କିନ୍ତୁ ଏସବୁ ପରେ ମଧ୍ୟ ଆନ୍ଦୋଳନକୁ ଦମନ କରିହେଲାନାହିଁ। ଆନ୍ଦୋଳନକାରୀମାନେ ଗୋପନରେ ବିଭିନ୍ନ ଗ୍ରାମରେ ସଭାକରି କାର୍ଯ୍ୟପନ୍ଥା ସ୍ଥିର କଲେ। ଏପରି ଏକ ଅଶାନ୍ତ ପରିବେଶକୁ ନିୟନ୍ତ୍ରଣ କରିବା ପାଇଁ ରାଞ୍ଚିସ୍ଥିତ ଲୁଥରାନ୍ କାଉନ୍‌ସିଲ୍‌ର ସେକ୍ରେଟାରୀ ଦରବାରକୁ ଆନ୍ଦୋଳନକାରୀ ଓ ସେମାନଙ୍କର ନେତା ନିର୍ମଳ ମୁଣ୍ଡାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ଦେଲେ। ଏହି ଆନ୍ଦୋଳନକାରୀ ତଥା ସେମାନଙ୍କର ନେତା ନିର୍ମଳ ମୁଣ୍ଡାଙ୍କୁ ଗିରଫ୍ କରିବାପାଇଁ ଓ୍ୱାରାଣ୍ଟ୍ ବାହାର କରାଗଲା। କଠୋର ଶାସ୍ତି ଭୟରେ ସେମାନେ ବଣ ଜଙ୍ଗଲରେ ଲୁଚିବାକୁ ଲାଗିଲେ। ତଥାପି ଆନ୍ଦୋଳନ ପ୍ରଶମିତ ନହୋଇ



Source: Author, Digitized by PPRACHIN, SOA

ବ୍ୟାପକ ହେଲା । ବିଦ୍ରୋହୀ ନେତାମାନେ ଧରା ନପଡିବାରୁ ରାଜଦରବାର କିଛି କୌଶଳ ଅବଲମ୍ବନ କଲେ । ଏ ସମ୍ପର୍କରେ ନାନା ମତ ପ୍ରକାଶ କରାଯାଇଛି;

(୧) ସ୍ୱର୍ଗତ ହରେକୃଷ୍ଣ ମହତାବ ତାଙ୍କର ଆତ୍ମଜୀବନୀ 'ସାଧନାର ପଥେ'ରେ ପ୍ରକାଶ କରିଛନ୍ତି;

"ଗାଙ୍ଗପୁରରେ ବ୍ରିଟିଶ ସୈନ୍ୟଙ୍କ ଗୁଳିରେ ଶହଶହ ଲୋକ ମରିଯାଇଛନ୍ତି । ବାସ୍ତବିକ୍ ଏ ହତ୍ୟାକାଣ୍ଡ ଭୁଲ୍‌ରେ ହୋଇଗଲା ବୋଲି ବିଶ୍ୱସ୍ତ ସୂତ୍ରରୁ ମୁଁ ଜାଣିଛି । ସେଠାରେ ପ୍ରଜାନେତା ନିର୍ମଳ ମୁଣ୍ଡାଙ୍କୁ ଗିରଫ୍ତାର କରିବା ପାଇଁ ସୈନ୍ୟ ନେଇ ସହକାରୀ ପଲିଟିକାଲ୍ ଏଜେଣ୍ଟ୍ ଯାଇଥିଲେ । ସେ ଏକ ସଭା ଡାକିଲେ । ସ୍ତ୍ରୀ, ବାଳକ, ପୁରୁଷ ସମସ୍ତେ ଆସିଲେ । ଏ ସଭାରେ ସରକାରୀ ପଲିଟିକାଲ୍ ଏଜେଣ୍ଟ୍ ଲେଫ୍‌ନାଣ୍ଟ୍ ମେଜର(?) ଲୋକମାନଙ୍କୁ ବୁଝାଇଦେବା ଅବସ୍ଥାରେ ତାଙ୍କର କିଛି ଦୂରରେ ଥିବା ସୈନ୍ୟମାନେ ମେଜର୍ ସାହେବଙ୍କ ହାତ ହଲାକୁ ଭୁଲ୍‌ବୁଝି ଗୁଳିବର୍ଷଣ କଲେ । ଫଳରେ ପ୍ରାୟ ତିନି ଶହ ସ୍ତ୍ରୀ, ବାଳକ ଓ ପୁରୁଷ ନିହତ ହେଲେ ।

(୨) ସତ୍ୟଭାମା ପତି ତାଙ୍କ ଗବେଷଣା ପୁସ୍ତକରେ ପ୍ରକାଶ କରିଛନ୍ତି;

"The Regent Rani Saheba apprehended more difficult situation and hence requisitioned Joint Police Force. Besides she utilised the state police force to arrest Nirmal Munda first. The operation started on 25th April 1939. But the police were scared out by a mob armed with lathis, axes, arrows and bows. The Adivasis enclosed the house of Nirmal Munda with a cordon. The joint armed police then reached the spot to control the situation. Lt. E.W.M. Marger, Assistant Political Agent and the SDO of Nagra sub-division led the force. The agitators were given sufficient time to disperse and surrender Nirmal Munda to them. But the agitators remained adament. Thereafter, the Civil police force again attempted to disperse the mob, but failed. The angry mob attacked the police and in fact snatched away one rifle from them. The troops were then ordered to fire."

(୩) ରାଇବୋଗା ପାଖାପାଖି ଅଞ୍ଚଳ ଲୋକମାନଙ୍କଠାରୁ ଅନ୍ୟ ଏକ ତଥ୍ୟ ସଂଗୃହୀତ । ବିଦ୍ରୋହୀ ନେତାମାନେ ଧରା ନପଡିବାରୁ ସମ୍ବଲପୁରରେ ଥିବା ପଲିଟିକାଲ୍



Source: Author, Digitized by PPRACHIN, SOA

ଏଜେଣ୍ଟ୍ ଓ ଦରବାର ଏକ ଚକ୍ରାନ୍ତ ସୃଷ୍ଟିକଲେ। ମିଥ୍ୟାରେ ପ୍ରଚାର କରାଗଲା ଯେ ଭାଇସ୍‌ରାୟ ସଦୟ ହୋଇ ଆନ୍ଦୋଳନକାରୀମାନଙ୍କ ଆବେଦନ ମଞ୍ଜୁର କରିଛନ୍ତି ଏବଂ ସେହି ସୁସମ୍ବାଦ ଦେବାଲାଗି ରାଣୀ ଓ ଦେଓ୍ୱାନ୍ ୨୫ ଏପ୍ରିଲ ୧୯୩୯ରେ ସିମ୍‌କୋ ଆସିବେ। ଗ୍ରାମ ଚୌକିଦାର(ଗୋଡାଏତ୍)ମାନେ ଉକ୍ତ ତାରିଖରେ ସମସ୍ତେ ସିମ୍‌କୋଠାରେ ଠୁଳ ହେବା ପାଇଁ ସିମ୍‌କୋ ତଥା ଅନ୍ୟ ଗ୍ରାମବାସୀମାନଙ୍କୁ ଶୁଣାଇଲେ। ଏହା ଥିଲା ମୁଖ୍ୟତଃ ନିର୍ମଳ ମୁଣ୍ଡାଙ୍କୁ ଗିରଫ୍ କରିବା ପାଇଁ ଏକ ପ୍ରତାରଣା। କିନ୍ତୁ ନିର୍ମଳ ଏଥିରେ ଉତ୍ସାହିତ ହେଲେ। ଆନ୍ଦୋଳନକାରୀମାନଙ୍କୁ ତାଙ୍କ ନିଜ ତରଫରୁ ମଧ୨୫ ଏପ୍ରିଲ ୧୯୩୯ରେ ସିମ୍‌କୋଠାରେ ତାଙ୍କ ଘର ସାମ୍ନାରେ ଥିବା ପଡିଆରେ ଜୁଣ୍ଡହେବାପାଇଁ ଡାକରା ଦେଲେ। ସମସ୍ତେ ଆସି ରାଣୀ ଓ ଦେଓ୍ୱାନଙ୍କର ପ୍ରତିକ୍ଷାରେ ରହିଲେ। ଅପ୍ରତ୍ୟାଶିତ ଭାବେ ସହକାରୀ ପଲିଟିକାଲ୍ ଏଜେଣ୍ଟ୍ କ୍ୟାପଟେନ୍ ବିସ୍କୋ ଫଉଜ ସହ ସେଠାରେ ପହଞ୍ଚିଗଲେ। ସୈନ୍ୟମାନେ ସଭାସ୍ଥଳଟିକୁ ତିନି ପାଖରୁ ଘେରିଗଲାପରେ ସାହେବ ଲୋକଙ୍କ ପାଖକୁ ଯାଇ ନିର୍ମଳ କାହିଁ ବୋଲି ପଚାରିବାରୁ ସମସ୍ତେ ସନ୍ଦିଗଧ ହୋଇ ସେ ଯାହା କହିବାର ଅଛି ସମସ୍ତଙ୍କୁ ନକହି କେବଳ ନିର୍ମଳଙ୍କୁ କାହିଁକି ଖୋଜୁଛନ୍ତି ବୋଲି ଓଲଟା ପ୍ରଶ୍ନ କଲେ। ଉତ୍ତରରେ ସେ କେବଳ ନିର୍ମଳ ମୁଣ୍ଡାଙ୍କ ସହିତ କଥାବାର୍ତ୍ତା କରିବାକୁ ଚାହାନ୍ତି ବୋଲି କହିଲେ। ଏଥିରେ ସନ୍ଦେହ ଦୃଢ ହେବାରୁ ପ୍ରତ୍ୟେକ ନିଜକୁ ନିର୍ମଳ ବୋଲି ପରିଚୟ ଦେଲେ। ସାହେବ ଉତ୍ୟକ୍ତ ହୋଇ ନିର୍ମଳ ବସିଥିବା ଘରଆଡକୁ ମୁହାଁଇଲେ। ତାଙ୍କର ଦେହରକ୍ଷୀ ଓ ସ୍ଥାନୀୟ ପୋଲିସ୍ ଲୋକମାନଙ୍କୁ ଆଡେଇ ନେଇ ବାଟ ପରିଷ୍କାର କରି ଚାଲିଥିବା ବେଳେ ମନିଆ ମୁଣ୍ଡାନାମକ ଜଣକୁ ବନ୍ଧୁକ ମୁନରେ ଭୁଷି ଦିଆଯିବାରୁ ତାହାର ଅନ୍ତଃବୁଜୁଳା ବାହାରି ପଡି ସେ ତଳେ ପଡିଗଲା। ସାହେବ ଆଗକୁ ମାଡିଯାଇ ଘର ଭିତରକୁ ପ୍ରବେଶ କରିବା ବେଳେ ମନିଆ ମୁଣ୍ଡାର ପୁଅ ରାଗି ଯାଇ ତାଙ୍କୁ ମାରିବା ପାଇଁ ଖଣ୍ଡେ କାଠ ଉଠାଇଲା। କିନ୍ତୁ ତାହା ଘରର ଚାଳରେ ବାଜିଲା। ସାହେବ ଭୟ ପାଇ ଯାଇ ଆକ୍ରମଣ ଆଶଙ୍କାରେ ଗୁଳିଚାଳନା ପାଇଁ ସଂକେତ ଦେଲେ। କିନ୍ତୁ ୧୯୯୦ ସୁଦ୍ଧା ବଞ୍ଚିଥିବା ପ୍ରତ୍ୟେକ୍ଷଦର୍ଶୀ ମଙ୍ଗଳଭେଂଗ୍ରା ଏବଂ ବୋଆସ୍‌ମୁଣ୍ଡା ଦୃଢ ଭାବରେ କହନ୍ତି ଯେ ଘରଟି ଅଳ୍ପ ଉଚ୍ଚଥିବାରୁ ସାହେବ ପ୍ରବେଶ କଲାବେଳେ ଘରର ଋଅ ବାଜି ଯିବାରୁ ତାଙ୍କ ଟୋପିଟି ମୁଣ୍ଡରୁ ଖସିପଡିଲା। କେହି ଆକ୍ରମଣ କରୁଥିବା ଭୟରେ ଛାନିଆ ହୋଇ ସେ ଗୁଳିଚାଳନା ପାଇଁ ନିର୍ଦ୍ଦେଶ ଦେଲେ। ଏ ଘଟଣା ପୂର୍ବରୁ ଜାନୁଆରୀ ୪ ତାରିଖ ୧୯୩୮ରେ ପଲିଟିକାଲ୍ ଏଜେଣ୍ଟ୍ ବେଜେଲଗେଟ୍‌ଙ୍କୁ ବାଡେଇ



Source: Author, Digitized by PPRACHIN, SOA

ବାଡେଇ ମାରି ଦିଆଯାଇଥିବାରୁ ହୁଏତ ସାହେବ ସେହି ଘଟଣାକୁ ସ୍ମରଣ କରି ଆତଙ୍କିତ ହୋଇଥିଲେ। କିନ୍ତୁ ପ୍ରକୃତ ପକ୍ଷେ ଲୋକମାନେ ଅହିଂସ ଥିଲେ। ସତର୍କବାଣୀ ନଶୁଣାଇ କୌଣସି ଉତ୍ତେଜନା ନଆସୁଣୁ ସେଠାରେ ଥିବା ନିରୀହ ଲୋକମାନଙ୍କୁ ମାରି ଦିଆଗଲା।

ଏଥିରୁ ଏତିକି କୁହାଯାଇପାରିବଯେ ଆମ୍‌କୋସିମ୍‌କୋଠାରେ ଏକତ୍ରିତ ଜନତା ଉପରେ ହଠାତ୍ ପୁଲିସ୍ ଗୁଳିଚାଳନା କରିଥିଲା। ଏଠାରେ ବ୍ରାହ୍ମଣମରା, ଜଳଙ୍ଗବୀରା, ତେଲିପୋଷ, ପୁରୁଣାପାଣି, ନୂଆଗାଁ, ସୁରଡା, ଲୁଆରାମ୍, କୋଦଲକା, ଜିତାଲ୍, ଜଡାକୁଦର, ଖଇରାବନ୍ଧ ଏବଂ ଡାହିଜିରା ପ୍ରଭୃତି ଗ୍ରାମର ଆଦିବାସୀମାନେ ଉପସ୍ଥିତ ଥିଲେ। ସଭାରେ ଅନ୍ତତଃ ୩୦୦୦ ଲୋକ ଉପସ୍ଥିତ ଥିଲେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଥିଲା। ଏହି ଗୁଳିକାଣ୍ଡ ୨/୩ ମିନିଟ୍ ଧରି ହୋଇଥିଲା ବୋଲି ୨୭ ଏପ୍ରିଲ ୧୯୩୯ରେ ନବୀନ ସମ୍ବାଦପତ୍ର(ଯାହା ବ୍ରହ୍ମପୁରରୁ ପ୍ରକାଶିତ)ରେ ପ୍ରକାଶ ପାଇଁ ନିଆଯାଇଥିଲା। ମେ ୨ ,୧୯୩୯ର ନବୀନରେ ଏହା ସ୍ପଷ୍ଟଭାବେ ପ୍ରକାଶିତ ହୋଇଥିଲା। ସେହିପରି ଦେଶକଥା ସାପ୍ତାହିକ ସମ୍ବାଦପତ୍ରର ୧୯୩୯ ଏପ୍ରିଲ ୩୦ ଏବଂ ମେ ୧ ସଂଖ୍ୟାରେ ଅନୁରୂପ ବିବରଣୀ ପ୍ରକାଶିତ। ସରକାରୀ ବିବରଣୀରେ ୪୦ ଜଣ ମରିଥିବା କଥା ଘୋଷଣା କରାଗଲା। ଏଥିରେ ମଧ୍ୟ ୫୦ ଜଣ କ୍ଷତବିକ୍ଷତ ହେଲେ ଏବଂ ନିର୍ମଳ ମୁଣ୍ଡା ଗିରଫ୍ ହେଲେ ବୋଲି ପ୍ରକାଶ କରାଗଲା। କିନ୍ତୁ ଅନ୍ୟ ସୂତ୍ରରୁ ଜଣାପଡିଥିଲା ଯେ ଅନ୍ତତଃ ୩୦୦ ବ୍ୟକ୍ତି ସେଠାରେ ମୃତ୍ୟୁବରଣ କଲେ। ୩୯ଟି ଶବଙ୍କୁ ପରେ ବ୍ରାହ୍ମଣମରା ଗ୍ରାମରେ ଓ ଜଣକୁ ତେଲିପୋଷ ଗ୍ରାମରେ ସମାଧି ଦିଆଗଲା। ରାଞ୍ଚି ଜିଲ୍ଲା ବାନୋ ଥାନା ଅନ୍ତର୍ଗତ ଏଲା ଗ୍ରାମର ନିର୍ମଳଙ୍କ ଶାଶୁ ଗୁମି ଏବଂ ବରଟୋଲି ଗ୍ରାମରୁ ଆସିଥିବା ନିର୍ମଳଙ୍କ ଭାଉଜ ଗୁଳିକାଣ୍ଡରେ ମୃତ୍ୟୁବରଣ କରିଥିଲେ। ଅନେକ ଆହତ ହୋଇ ଇତସ୍ତତଃ ପଡିଗଲେ। ସେମାନଙ୍କ ମଧ୍ୟରୁ ଏବଂ ପଳାଇଥିବା ଲୋକଙ୍କ ସଂଖ୍ୟା ୧୮୦ ହେବ ବୋଲି କୁହାଯାଇଥିଲା। ମୃତ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକଙ୍କୁ ମିଲିଟାରୀ ଗାଡିମାନଙ୍କରେ ପାଲ ଢାଙ୍କି ନିଆଗଲା ଏବଂ ବୀରମିତ୍ରପୁରରେ ଥିବା ଚୂନ କମ୍ପାନୀର ଚୂନଭାଟିରେ ପକାଇ ଭସ୍ମ କରିଦିଆଗଲା। ଏହି ଭସ୍ମ ହୋଇଥିବା ସମ୍ବାଦ ପରେ ମଧ୍ୟ ଡଗର ପତ୍ରିକାରେ ମେ ୧୦, ୧୯୪୮ର ସଂଖ୍ୟାରେ ପ୍ରକାଶ କରାଯାଇଥିଲା। (ଡଗର, ମେ ୧୦, ୧୯୩୯, ସିମକୋ ସହୀଦ)

ସିମ୍‌କୋ ଗୁଳିକାଣ୍ଡରେ ଅନେକ ଲୋକ ମୃତାହତ ଏବଂ ଗିରଫ୍ ହେଇ ନିର୍ଯ୍ୟାତିତ ହୋଇଥିଲେ ମଧ୍ୟ ନାନା ବାଧାବିଘ୍ନ ଯୋଗୁଁ ଏହି ଜଘନ୍ୟ ବର୍ବରତା ବିରୁଦ୍ଧରେ କେହି



Source: Author, Digitized by PPRACHIN, SOA

ସ୍ୱର ଉତ୍ତୋଳନ କରିପାରିନଥିଲେ । ଯଦିବା କେହିକିଛି କରିବାକୁ ଉଦ୍ୟମ କରୁଥିଲେ ଅବିଳମ୍ବେ ତାଙ୍କର କଣ୍ଠରୁଦ୍ଧ କରିଦିଆଯାଉଥିଲା । ତଥାପି ସାପ୍ତାହିକ ସମ୍ବାଦପତ୍ର ନବୀନ, ଦେଶକଥା, କୃଷକ, ଦୈନିକ ଆଶା ଓ ସମାଜ ପ୍ରଭୃତିରେ ଏହି ଗୁଳିକାଣ୍ଡ ସମ୍ପର୍କରେ ପ୍ରସାରିତ ଆଲୋଚନା ହୋଇଥିଲା । ଗୁଳିକାଣ୍ଡ ଘଟିବା ପରେ ହରେକୃଷ୍ଣ ମହତାବ ଏ ଖବର ପାଇ ଆର୍. ବି.ସିଂହ ନାମକ ଜଣେ ବ୍ୟକ୍ତିଙ୍କୁ କଟକରୁ ଧନଞ୍ଜୟ ମହାନ୍ତିଙ୍କ ପାଖକୁ ପଠାଇଥିଲେ । ଏହାପରେ ମହତାବଙ୍କର ସହଯୋଗ ଲାଭ କରି ମହାନ୍ତି କୁମାର ମୁଣ୍ଡା ଜମିଦାର(ଶିବ ନାରାୟଣ)ଙ୍କ ଅନୁମତି ନେଇ କୁମାର ମୁଣ୍ଡା ହସ୍‌ପିଟାଲ୍‌ରେ ଗୁଳିଚାଳନା ଦ୍ୱାରା ଆହତ ହୋଇଥିବା ଲୋକମାନଙ୍କର ସେବା ପାଇଁ ଏକ ରିଲିଫ୍ ସେଣ୍ଟର୍ ଖୋଲାଇଥିଲେ । ଜବାହାର ଲାଲ ନେହେରୁ ଝାରସୁଗୁଡା ଆସି ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ଅନ୍ୟାନ୍ୟ ସ୍ଥାନୀୟ କଂଗ୍ରେସ କର୍ମୀମାନଙ୍କ ସହ ଘଟଣା ସ୍ଥଳକୁ ଯିବା ପାଇଁ ଇଚ୍ଛା କରିଥିଲେ । କିନ୍ତୁ ଅନୁମତି ନମିଳିବାରୁ ସତ୍ୟାଗ୍ରହ କରିବା ପାଇଁ ଗାନ୍ଧିଜୀଙ୍କର ପରାର୍ମଶ ଲୋଡିଥିଲେ । ଗଡଜାତ ଭିତରେ ପ୍ରବେଶ କରି ସତ୍ୟାଗ୍ରହ କରିବାକୁ ଗାନ୍ଧିଜୀ ବାରଣ କରିବାରୁ ସେ ଫେରିଯାଇଥିଲେ । ୧୯୩୯ ମେ ୩୦ର ଦୈନିକ ଆଶାରେ ନେହେରୁ ଏକ ତଦନ୍ତ କମିଟି ମାଧ୍ୟମରେ ଏହି ଗୁଳିକାଣ୍ଡର ଅସଲ କଥା ପ୍ରକାଶ କରିବାକୁ ଇଚ୍ଛା କରିଥିବାର ସମ୍ବାଦ ପ୍ରକାଶ ପାଇଥିଲା[୯] । ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ମଧ୍ୟ ଦଳେ ସତ୍ୟାଗ୍ରହୀଙ୍କୁ ନେଇ ସୁନ୍ଦରଗଡ ଅଭିମୁଖେ ଯାତ୍ରା କରିଥିଲେ । ଝାରସୁଗୁଡା ଠାରୁ ୭ ମାଇଲ ଯିବା ପରେ ଗାଙ୍ଗପୁର ସୀମାରେ ପୋଲିସ୍ ସେମାନଙ୍କୁ ବାଧା ଦେଇଥିଲା । ଘଟଣା ସମ୍ପର୍କରେ ଜାଣିବାକୁ ସମ୍ବଲପୁରର କଂଗ୍ରେସ କର୍ମୀ ଦୟାନନ୍ଦ ଶତପଥି ଗାଙ୍ଗପୁର ଅଭିମୁଖେ ଯାତ୍ରା କରିଥିଲେ । କିନ୍ତୁ ରାଜ୍ୟ ସରକାର ତାଙ୍କୁ ଅନୁମତି ଦେଇନଥିଲେ । ଏହି ଗୁଳିକାଣ୍ଡର ଅନେକ ଦିନପରେ ଗାନ୍ଧିଜୀ, କସ୍ତୁରବା ଓ ମହାଦେବ ଦେଶାଇ ସଂଗେ କଲିକତା ଅଭିମୁଖେ ରେଲଯାତ୍ରା କରୁଥିବା ସମୟରେ ଗାଙ୍ଗପୁର ରାଜ୍ୟରେ ଥିବା କଲୁଙ୍ଗା ଷ୍ଟେସନ୍‌ରେ ଗାଡି ୧୫ ମିନିଟ୍ ରହଣୀ ସମୟରେ ଧନଞ୍ଜୟ ମହାନ୍ତି, ଶଶିଭୂଷଣ ପାଣିଗ୍ରାହୀ ଏବଂ ଗଣେଷ ସିଂହଙ୍କଠାରୁ ଗୁଳିକାଣ୍ଡ ସମ୍ପର୍କରେ କେତେକ ତଥ୍ୟ ବୁଝିଥିଲେ । ପରବର୍ତ୍ତୀ ଷ୍ଟେସନ୍ ପାନ୍‌ପୋଷ ପର୍ଯ୍ୟନ୍ତ ଏମାନେ ଗାନ୍ଧିଜୀଙ୍କ ସହିତ ଯାଇ ଘଟଣା ସମ୍ପର୍କରେ ତାଙ୍କୁ ଅବଗତ କରାଇଥିବାର କଥା ଧନଞ୍ଜୟ ମହାନ୍ତି ୧୯୮୯ ସୁଦ୍ଧା ସ୍ମରଣରେ ରଖିଥିଲେ ।

ଏହି ଗୁଳିକାଣ୍ଡ ପରେ ମଧ୍ୟ ଆନ୍ଦୋଳନ ଶେଷ ହୋଇଯାଇନଥିଲା । ଗୁଳିକାଣ୍ଡ ପରବର୍ତ୍ତୀ କାଳରେ ଛୋଟନାଗପୁର ଆଦିବାସୀ ମହାସଭାର ସଭାପତି ଜୟପାଳ ସିଂହ ଗାଙ୍ଗପୁର



Source: Author, Digitized by PPRACHIN, SOA

ମୁଣ୍ଡାମାନଙ୍କର ସମସ୍ୟା ପ୍ରତି ପ୍ରତ୍ୟକ୍ଷ ଦୃଷ୍ଟିଦେଲେ । ସେ ଆଦିବାସୀ ମହାସଭାରେ ଗୃହୀତ ହୋଇଥିବା ଏକ ପ୍ରସ୍ତାବକୁ ଗାଙ୍ଗପୁର ଦରବାରକୁ ପଠାଇଥିଲେ । ଏଥିରେ ସିମ୍‌କୋ ଗୁଳିକାଣ୍ଡ ସମ୍ପର୍କିତ ସମାସ୍ୟାର ସମାଧାନ ପାଇଁ ସେ ଦରବାର ସହିତ କଥାବାର୍ତ୍ତା କରିବା ପାଇଁ ରାଜି ହୋଇଥିଲେ । କିନ୍ତୁ ଗାଙ୍ଗପୁର ଦରବାର ଏଥିପ୍ରତି ଦୃଷ୍ଟି ଦେଇନଥିଲେ । ତେଣୁ ରାଞ୍ଚି ଓ ଗାଙ୍ଗପୁର ସୀମା ମଧ୍ୟରେ ଜୟପାଳ ଅନେକ ସଭା ସମିତି ଡାକି ଦରବାର ନୀତିକୁ ନିନ୍ଦା କରିବା ସଂଗେ ସଂଗେ ଖୋଲାଖୋଲି ସମାଲୋଚନା କରିଥିଲେ । ଅନ୍ୟ ପକ୍ଷରେ ରାଣୀ ଜାନକୀ ଡାହିଜିରା ଗ୍ରାମର ତିନ୍ତସ୍ ମୁଣ୍ଡା ଓ ଲୁକାସ୍ ମୁଣ୍ଡାଙ୍କୁ ଡାକି ରାଜ୍ୟ ସରକାରଙ୍କ ନିୟମ ମାନିନେବା ପାଇଁ ପ୍ରଜାମାନଙ୍କୁ ପ୍ରବର୍ତ୍ତାଇବା ନିମନ୍ତେ ଅନୁରୋଧ କରିଥିଲେ । ସେମାନେ ସାହାଯ୍ୟ କରିବେ ବୋଲି ପ୍ରତିଜ୍ଞା କରି ମଧ୍ୟ କିଛି କରିନଥିଲେ । ୧୯୪୧ ମସିହାରେ ରାଣୀ ପ୍ରଚାରକ ଓ ପାଷ୍ଟରମାନଙ୍କର ଏକ ସଭା ରାଜଗାଙ୍ଗପୁରଠାରେ ଡାକି ଆଦିବାସୀ ସମସ୍ୟାର ସମାଧାନ ନିମନ୍ତେ ଚେଷ୍ଟା କରିଥିଲେ । ସେମାନେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥଲେ । ୧୯୪୧ ମସିହା ମେ ୧୦ ତାରିଖରେ କଲିକତାଠାରେ ଏକ ଆଲୋଚନା ସଭାରେ ପଲିଟିକାଲ୍ ଏଜେଣ୍ଟ୍, ସହକାରୀ ପଲିଟିକାଲ୍ ଏଜେଣ୍ଟ୍ , ରାଣୀ ଜାନକୀ ଏବଂ ଜୟପାଳ ସିଂହ ଯୋଗ ଦେଇଥିଲେ । ଏଥିରେ ଜୟପାଳ ଯେଉଁ ପରାମର୍ଶମାନ ଦେଇଥିଲେ ସେସବୁ ବୈପ୍ଲବିକ ଥିଲା । ସେହି ମତାମତକୁ ପୁଣି ଥରେ ଆଲୋଚନା କରିବା ପାଇଁ ସ୍ଥିର ହୋଇଥଲା; ମାତ୍ର ସେହି ଆଲୋଚନା ହୋଇପାରିନଥିଲା ।

୧୯୪୧ ମସିହାରେ କେ.ଉଡ୍‌ହାଉସ୍ ଗାଙ୍ଗପୁରର ଭୂରାଜସ୍ୱ ବନ୍ଦୋବସ୍ତ ପାଇଁ ଆସିଲେ । ସେ ମଧ୍ୟ ଗାଙ୍ଗପୁରର ଆଦିବାସୀ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ । ମାତ୍ର ଜୟପାଳଙ୍କ ଉପରେ ଗାଙ୍ଗପୁର ମୁଣ୍ଡାମାନଙ୍କର ଅଗାଧ ବିଶ୍ୱାସ ଥିବାରୁ ସମାଧାନର ବାଟ ଦେଖାଦେଇ ପାରିନଥିଲା । ୧୯୪୩ ମସିହା ମାର୍ଚ୍ଚ ମାସରେ ରାଞ୍ଚିଠାରେ ବସିଥିବା ଆଦିବାସୀ ମହାସଭାରେ ଜୟପାଳ ପ୍ରକାଶ କରିଥିଲେ-" A rent enquiry commission was appointed in Gangpur.xxxxxxThe British Government should be ashamed of such oppression on the tenants of the Gangpur state. He would openly tell His Excellency the Governor(of Bihar) that he would look to it after the war. He would create no trouble during the duration of the war. But afterwards if he would not start the trouble he would



Source: Author, Digitized by PPRACHIN, SOA

not be called Jaypal Singh. He would send thousands of Adivasis who would do away with the Gangpur darbar and stop its oppression"

ଏହାର ପରିଣତିରେ ଗାଙ୍ଗପୁର ଦରବାର ମୁଣ୍ଡାମାନଙ୍କ ପ୍ରତି କଠୋର ମନୋଭାବ ନେଲା। ଖଜଣା ଜବରଦସ୍ତ ଆଦାୟ ପାଇଁ ପଦକ୍ଷେପ ନିଆଗଲା। କୌଣସି ପ୍ରକାର ଆନ୍ଦୋଳନ ଆଦିବାସୀ ପ୍ରଜାମାନଙ୍କ ତରଫରୁ ଆରମ୍ଭ ହେଲାମାତ୍ରେ ତାହାକୁ ଦମନ କରିବାକୁ ସ୍ଥିର ହେଲା। ତଥାପି ମୁଣ୍ଡାମାନେ ଖଜଣା ବନ୍ଦ ଆନ୍ଦୋଳନ ଚଳାଇରଖିଥିଲେ। ୧୯୪୬ ମସିହାରେ ଏହି ଆନ୍ଦୋଳନ ବ୍ୟାପକ ରୂପ ନେଲା। ଗାଙ୍ଗପୁର ଦରବାର ଉପାୟହୀନ ହୋଇ ଆନ୍ଦୋଳନକାରୀମାନଙ୍କ ପ୍ରତି କୋହଳ ନୀତି ଅବଲମ୍ବନ କଲେ। ତଥାପି ମୁଣ୍ଡା ପ୍ରଜାମାନେ ଗାଙ୍ଗପୁରକୁ ଫେରି ଆସିଲେ ନାହିଁ କିମ୍ବା ରାଜସ୍ୱ ଦେଲେ ନାହିଁ। ୧୯୪୬ର ମଧ୍ୟ ଭାଗରେ ଜୟପାଳ ସିଂହ ଗାଙ୍ଗପୁର ଆଦିବାସୀମାନଙ୍କୁ ନିଜ ନିଜର ଗ୍ରାମମାନଙ୍କୁ ଫେରିଯିବାକୁ ପ୍ରବର୍ତ୍ତାଇଲେ ଏବଂ ରାଜାଙ୍କୁ କର ପରିମାଣ କମାଇବାକୁ ଅନୁରୋଧ କରିବାକୁ ସେମାନଙ୍କୁ ଉପଦେଶ ଦେଲେ। ଏହା ଫଳରେ ମୁଣ୍ଡାମାନେ ପୁଣି ଗାଙ୍ଗପୁରକୁ ଫେରିଆସିଲେ; ଯଦିବା ଗାଙ୍ଗପୁର ଗଡଜାତ ଓଡିଶା ସହିତ ନମିଶିବା ପର୍ଯ୍ୟନ୍ତ ସେମାନଙ୍କର ଖଜଣା ସମସ୍ୟାର ସମାଧାନ ହୋଇପାରିନଥିଲା।

ସିମ୍କୋ ଗୁଳିକାଣ୍ଡ ପରେ ପରେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ଗାଙ୍ଗପୁର ମୁଣ୍ଡା ଆଦିବାସୀମାନେ ସୁସଂଗଠିତ ହେଲେ। ଜେଲରୁ ମୁକୁଳିବା ପରେ ନିର୍ମଳ ନିଜ ସଂଗଠିତ ସଂସ୍ଥା(ଯାହା ଆଦିବାସୀ ମହାସଭା ସହିତ ଜଡିତ) ରାଜଶକ୍ତି ବିରୁଦ୍ଧରେ ଆନ୍ଦୋଳନ ଚଳାଇଥିଲେ। ୧୯୪୫-୪୬ ମସିହାରେ ଗଠିତ ପ୍ରଜାମଣ୍ଡଳ ସହିତ ସମ୍ମିଳିତ ହୋଇନଥିଲେ ମଧ୍ୟ ନିର୍ମଳଙ୍କ ସଂସ୍ଥା ଏହାର ବିରୁଦ୍ଧାଚରଣ କରିନଥିଲା। ଓଡିଶା ଗଡଜାତ ଶାସନ ପରିଚାଳନା ସମ୍ପର୍କରେ ହୋଇଥିବା ଆଲୋଚନା ସଭାରେ ଗାଙ୍ଗପୁର ପ୍ରଜାମଣ୍ଡଳ ସଭାପତି ନଟବର ପାଣ୍ଡେ ଗାଙ୍ଗପୁରର ଆଦିବାସୀ ଓ ଅନ୍ୟମାନେ ମିଶି ଏକ ହୋଇ କାମ କରୁଥିବାର କଥା ପ୍ରକାଶ କରିଥିଲେ। ବ୍ରିଟିଶ୍ ତଥା ଗାଙ୍ଗପୁର ଦରବାର ଦ୍ୱାରା ସଂଘଟିତ ସିମ୍କୋ ଗଣହତ୍ୟା ସ୍ୱାଧୀନତାସଂଗ୍ରାମ ଇତିହାସର ଏକ ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା ହୋଇଥିଲେ ମଧ୍ୟ ଗଭୀର ପରିତାପର ବିଷୟ ଯେ ଏହା ଏକ ବିସ୍ମୃତ ଅଧ୍ୟାୟରେ ପରିଣତ ହୋଇଛି। ସେହି ନାରକୀୟ ଘଟଣା ଆଧୁନିକ ଭାରତ ଇତିହାସ ସମ୍ପର୍କିତ ଆଲୋଚନାରେ ଯେପରି ଚର୍ଚ୍ଚିତ ହେବାର କଥା ତାହା ହୋଇପାରିନାହିଁ। ଯେଉଁ ବୀର



Source: Author, Digitized by PPRACHIN, SOA

ଶହୀଦମାନେ ଆତ୍ମ ସମର୍ପଣ ନକରି ଇଂରେଜ ଶାସନର ନରମେଧ ଯଜ୍ଞରେ ଅକାତରେ ନିଜନିଜର ପ୍ରାଣ ଆହୂତି ଦେଲେ, ସେମାନଙ୍କୁ ଉପଯୁକ୍ତ ଦୃଷ୍ଟିକୋଣରୁ ବିଚାର କରି ଇତିହାସରେ ପୃଷ୍ଠା ଯୋଡିବାକୁ ପଡିବ।

॥ ୨ ॥

ଆଧୁନିକ ସୁନ୍ଦରଗଡ ଗାଙ୍ଗପୁର ଓ ବଣେଇ ନାମକ ଦୁଇଟି ଗଡଜାତ ରାଜ୍ୟକୁ ନେଇ ଗଠିତ। ଉଭୟ ଗଡଜାତ ରାଜ୍ୟରେ ଆଦିବାସୀ ସମସ୍ୟା ପରି ଅନ୍ୟ ନାଗରିକମାନଙ୍କର ଜୀବନଧାରଣ କ୍ଷେତ୍ରରେ ନାନା ପ୍ରକାର ସମସ୍ୟାମାନ ମୁଣ୍ଡଟେକି ଉଠିଥିଲା। ତେବେ ସୁନ୍ଦରଗଡର ଏକ ବୃହତ ଅଂଶ ଗାଙ୍ଗପୁର ହୋଇଥିବାରୁ ଏହି ରାଜ୍ୟରେ କିପରି ପ୍ରଜାମଣ୍ଡଳ ଗଠନ କରାଗଲା, ଏଠାରେ ତାହାର ଆଲୋଚନା କରାଯାଇଛି। ସୁନ୍ଦରଗଡ ପ୍ରଜା ଆନ୍ଦୋଳନର ଏହା ଥିଲା ଚତୁର୍ଥ ପର୍ଯ୍ୟାୟ। ସିମ୍‌କୋ ଗୁଳିକାଣ୍ଡ ବେଳେ ଗାଙ୍ଗପୁରଠାରେ ପ୍ରଜାମଣ୍ଡଳ ଗଠନ କରାଯାଇନଥିଲା। ଯଦିବା ଓଡିଶାର ଅନ୍ୟ ଗଡଜାତ ରାଜ୍ୟ(ଯଥା ଢେଙ୍କାନାଳ, ରଣପୁର, ତାଳଚେର, ନୟାଗଡ, ଖଣ୍ଡପଡା, ଆଠଗଡ, ସୋନପୁର, ବୌଦ, ହିନ୍ଦୋଳ, ଆଠମଲ୍ଲିକ ଓ ରେଢାଖୋଲ ପ୍ରଭୃତି)ମାନଙ୍କରେ ପ୍ରଜାମଣ୍ଡଳ ଗଠନ କରାଯାଇ ଜନ ସାଧାରଣଙ୍କର ମୌଳିକ ଦାବୀ ପାଇଁ ପ୍ରବଳ ଉଦ୍ୟମ ଆରମ୍ଭ ହୋଇଥିଲା।

ଗାଙ୍ଗପୁର ଗଡଜାତ ରାଜ୍ୟ ନିହାତି ଏକ ପଛୁଆ ରାଜ୍ୟ ନଥିଲା। ତଥାପି ଏହା ଥିଲା ଏକ ଅନ୍ଧାରୀମୁଳକ। ନୀତି ଥିଲା ମେରି ରାୟ। ସ୍ୱରାଜ୍ୟ ଆନ୍ଦୋଳନ ସମୟରେ ଚରଖା ଚଳାଇବା, ଖଦୀ ପିନ୍ଧିବା, ତିରଙ୍ଗା ପତାକା ଉଡାଇବା, ଜାତୀୟତାବାଦୀ ଖବରକାଗଜ ପଢିବା, ବନ୍ଦେ ମାତରଂ ଧ୍ୱନି କରିବା, ଇଂରେଜ ରାଜତ୍ୱ ବିରୁଦ୍ଧରେ ତଥା ସ୍ୱାଧୀନତା ବିଷୟ ଆଲୋଚନା କରିବା ଏବଂ ରାଜ୍ୟର ପ୍ରଶାସନିକ ତୃଟିବିଚ୍ୟୁତିର ତଥା ରାଜାଙ୍କର ସମାଲୋଚନା କରିବା ଥିଲା ରାଜଦ୍ରୋହ। ଖବରକାଗଜସବୁ ଡାକ ପହଁଞ୍ଚିବା ମାତ୍ରେ ପୋଷ୍ଟ ଅଫିସ୍ ସାମନାରେ ପୋଲିସ୍ ଦ୍ୱାରା ପୋଡି ଦିଆଯାଉଥିଲା। ଘରୋଇ ଚିଠିରେ ଆନ୍ଦୋଳନର ଖବରର ଗନ୍ଧ ଯଦି ଥାଏ ତାହା ମଧ୍ୟ ନଷ୍ଟ କରିଦିଆଯାଉଥିଲା। କେହି କୁଆଡେ ଗଲେ କିମ୍ବା ରାଜ୍ୟ ବାହାରୁ କେହି ଆସିଲେ ତାଙ୍କ ଉପରେ ତିକ୍ଷ୍ଣ ଦୃଷ୍ଟି ରଖା ଯାଉଥିଲା ଏବଂ ତାଙ୍କ ପ୍ରତି ଭଲ ବ୍ୟବହାର କରାଯାଉନଥିଲା। ସାଧାରଣ ନାଗରିକ ଅଧିକାର ବୋଲି କିଛି ନଥିଲା। ଏହି କାରଣରୁ ମୋଗଲବନ୍ଦୀ ଅଞ୍ଚଳର ଲୋକେ ଏହି ରାଜ୍ୟକୁ ଆସିବାକୁ ଇଚ୍ଛା କରୁନଥିଲେ। କଂଗ୍ରେସ ଲୋକ କିମ୍ବା ଖଦୀ ପିନ୍ଧୁଥିବା ଲୋକ



Source: Author, Digitized by PPRACHIN, SOA

କେହି ନିଜର ବ୍ୟକ୍ତିଗତ କାମରେ ଆସିଲେ ମଧ୍ୟ ରାଜନୀତିକ ଅଭିସନ୍ଧିର ସନ୍ଦେହ କରାଯାଉଥିଲା । ଏହା ଥିଲା ଗାଙ୍ଗପୁର ପ୍ରଜାମଣ୍ଡଳ ସଂଗଠକ ଧନଞ୍ଜୟ ମହାନ୍ତିଙ୍କର ଗାଙ୍ଗପୁରଠାରେ ରାଜରାଜୁଡ଼ା ଶାସନ ଉପରେ ଅଭିମତ ।

ରାଜାମାନଙ୍କର ଦମନ ନୀତି ସକ୍ରିୟ ଥିଲା । ରାଜ୍ୟ ମଧ୍ୟରେ  ଅନ୍ୟାୟ କରଭାର, ବେଠିଖଟଣୀ ଓ ନାନାବିଧ ନିର୍ଯ୍ୟାତନା ସିମ୍‌କୋ ଗୁଳିକାଣ୍ଡ ପୂର୍ବରୁ ଥିଲା । ବେଠି ପ୍ରଭୃତି ଜୁଲମ୍ ହେତୁ ପ୍ରଜା ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଉଥିଲା । ବେଠି ପ୍ରଥା ପାଇଁ ରାଜାଙ୍କ ଅଧୀନରେ ଏକ ବିଭାଗ ଥିଲା, ତାହାର ମୁଖ୍ୟ ବେଠି ସୁପରିଟେଣ୍ଡେଣ୍ଟ୍ । ସେ ଜଣେ ସ୍ଥାନୀୟ ଲୋକ ଥିଲେ । ତାଙ୍କର ନାମ ଶୋଭନ ଅଲ୍ଲୀ( ?) । କୌଣସି ସରକାରୀ କର୍ମଚାରୀ ସରକାରୀ କାର୍ଯ୍ୟରେ ଗସ୍ତ କରିବାକୁ ହେଲେ ତାଙ୍କୁ ଏହି ସୁପରିଟେଣ୍ଡେଣ୍ଟଙ୍କୁ ଗସ୍ତ ପାଇଁ ବେଠି ଆବଶ୍ୟକ ବୋଲି ଜଣାଇବାକୁ ପଡୁଥିଲା । ସେତେବେଳେ ଗମନାଗମନର ବିଶେଷ ସୁବିଧା ନଥିଲା । ଡୁରୁମ୍‌କେଲା ଘନାରଣ୍ୟରେ ରାଜାଙ୍କର ହାତୀସବୁ ରହୁଥିଲେ । ଘୋଡା କିଛି ମଧ୍ୟ ରହୁଥିଲେ । ସେମାନଙ୍କର ସେବା କରିବା ପାଇଁ ବେଠି ବ୍ୟବହାର କରାଯାଉଥିଲା । ସାଧାରଣ କର୍ମଚାରୀମାନଙ୍କ ପାଇଁ ଯେଉଁ ଭାରୁଆ ଦରକାର ପଡୁଥିଲା ତାହା ଥିଲା ବେଠି । ଅଫିସରମାନଙ୍କୁ ଡୋଲାରେ କାନ୍ଧେଇ କରି ନିଆଯାଉଥିଲା । ଗୋଟିଏ ଡୋଲି ପାଇଁ ଚାରଜଣ ଦରକାର । ଏହା ମଧ୍ୟ ବେଠି । ଗ୍ରାମର ମୁଖ୍ୟ ଗୌନ୍ତିଆ/ଗଞ୍ଜୁଙ୍କୁ ସରକାରୀ କର୍ମଚାରୀ ଗସ୍ତରେ ଆସିଲେ ତାଙ୍କୁ ମାଗଣା ଖାଇବାକୁ ଦେବାକୁ ବ୍ୟବସ୍ଥା କରିବାକୁ ପଡୁଥିଲା । ତାହାକୁ ରସଦ କୁହାଯାଉଥିଲା । କର୍ମଚାରୀମାନେ ଅଳ୍ପରେ ସନ୍ତୁଷ୍ଟ ନଥିଲେ । ସେମାନେ ଗୌନ୍ତିଆମାନଙ୍କ ଉପରେ ଭଲ ଖାଦ୍ୟ ପାଇଁ ଜୁଲୁମ୍ କରୁଥିଲେ । ନହେଲେ ନାନା ଅତ୍ୟାଚାର ଚଳାଉଥିଲେ । ଗୌନ୍ତିଆ ଗ୍ରାମବାସୀମାନଙ୍କଠାରୁ ସବୁ ସଂଗ୍ରହ କରୁଥିଲେ । ସଡକ ତିଆରି, ସରକାରୀ ଗୃହ ନିର୍ମାଣ ବେଠି ଦ୍ୱାରା ହେଉଥିଲା । କେଉଁ ଗ୍ରାମରୁ କେତେ ବେଠି ଆସିବେ ତାହା ବେଠି ସୁପରିଟେଣ୍ଡଣ୍ଟ୍ ଗୌନ୍ତିଆମାନଙ୍କ ନିକଟକୁ ଜଣାଇ ଦେଉଥିଲେ । ରାଜାଙ୍କର ଶିକାର ବେଳେ ବେଠି ମଧ୍ୟ ବ୍ୟବହାର ହେଉଥିଲା । ଲୋକମାନେ ଚାରିପାଖରୁ ଘେରାଉକରିବେ; ଯାହା ଫଳରେ ବଣର ପଶୁପକ୍ଷୀ ବାହାରକୁ ପଳାଇ ଯାଇପାରିବେ ନାହିଁ । ଶିକାରବେଳେ ରାଜ କର୍ମଚାରୀ ତଥା ପରିଷଦ ବର୍ଗ ଯାଉଥିଲେ । ସେମାନଙ୍କର ସେବାରେ ମଧ୍ୟ ବେଠି ଖଟୁଥିଲେ । ରାଜାଙ୍କର ମୌଜାମାନଙ୍କରେ ଖମାରମାନ ଥିଲା । ଯେଉଁ ଶସ୍ୟ ଆଦାୟ ହୁଏ ସେଇଠି ଭଣ୍ଡାର କରି ରଖାଯାଏ । ସେହି କାର୍ଯ୍ୟକୁ ବୁଝିବା ପାଇଁ ଖମାର ଇନିସ୍‌ପେକ୍ଟର୍ ନିଯୁକ୍ତ ହୋଇଥିଲେ ।



Source: Author, Digitized by PPRACHIN, SOA

ରାଜାଙ୍କ ତରଫରୁ ଚାଷ ପାଇଁ ଖମାର ହଳ, ବଳଦ ଓ ମଣିଷ ସେ ଗ୍ରାମମାନଙ୍କରୁ ଯୋଗାଡ କରିବେ। ମୌଜା ଖମାରରୁ ଶସ୍ୟ ରାଜାଙ୍କ ଆବଶ୍ୟକ ଅନୁସାରେ ପଠାଯାଉଥିଲା। ସେତେବେଳେ ଦେବୋତ୍ତର ବିଭାଗ ଥିଲା। କେତୋଟି ଦେବୋତ୍ତର ମୌଜା ଥିଲା। ସେହି ମୌଜାମାନଙ୍କରୁ ଶସ୍ୟ ରାଜାଙ୍କ ଦରବାରକୁ ଆସୁଥିଲା ଓ ଆବଶ୍ୟକ୍ ଅନୁସାରେ ତାହା ପଠା ଯାଉଥିଲା। ଏଥିରେ ମଧ୍ୟ ବେଠି ଥିଲା। ଏହା ବ୍ୟତୀତ ରାଜାଙ୍କ ଉତ୍ସବ ଦିନରେ ପ୍ରଜାମାନେ କିଛି ପ୍ରଦାନ କରୁଥିଲେ ଯାହାକୁ ପଞ୍ଜା(ଖଞ୍ଜା ?) କୁହାଯାଉଥିଲା। ଏହା ମଧ୍ୟ ପ୍ରଜାମାନଙ୍କର ଇଚ୍ଛା ବିରୁଦ୍ଧରେ ଥିଲା। ଚାକିରୀ କରୁଥିବା ଲୋକମାନେ କିଛି ବେଠି କରୁଥିଲେ। ଏ ସମ୍ପର୍କରେ ଧନଞ୍ଜୟ ମହାନ୍ତି କିଛି ତଥ୍ୟ ୧୯୮୯ରେ ମୋର ଦୃଷ୍ଟି ଆକର୍ଷଣ କରିଥିଲେ। ୧୯୩୪ ମସିହାରେ ସେ ପାଠପଢା ସାରି ନାଗ୍ରା ସବ୍-ଡିଭିଜନ୍‌ରେ ଆଇନ ବ୍ୟବସାୟ ଆରମ୍ଭ କଲେ। ସେତେବେଳେ କଲୁଙ୍ଗାରେ ସବ୍-ଡିଭିଜନ୍ ଅଫିସ୍ ଥିଲା। ତାଙ୍କର ପିତା ଭାବଗ୍ରାହୀ ମହାନ୍ତି ଆଇନ୍ ବ୍ୟବସାୟୀ ଥିଲେ। ପାନ୍‌ପୋଷ୍‌ରେ ତାଙ୍କର ବାସସ୍ଥାନ ଥିଲା। ଧନଞ୍ଜୟ ମହାନ୍ତି କର୍ମମୟ ଜୀବନର ଆରମ୍ଭରେ ଜାଣିଲେ ଯେ ତାଙ୍କ ପରିବାର ମଧ୍ୟ ବେଠି ଦିଏ। ଚାଷକାର୍ଯ୍ୟ ପାଇଁ ନିଯୁକ୍ତ ଲୋକମାନଙ୍କ ମଧ୍ୟରେ ଗୋଟିଏ ଲୋକ ଅଧିକ ନିଯୁକ୍ତ ହୋଇଥିଲା; ଯାହାକୁ ବେଠି ପାଇଁ ରାଜାଙ୍କ ଦରବାର ବେଳେ ପଠାଯାଏ। ଏହି ବେଠିକୁ ଅବମାନନା କରି କେହି ବିଦ୍ରୋହୀ ହେଲେ ରାଜ୍ୟରୁ ୨୪ ଘଣ୍ଟା ମଧ୍ୟରେ ସେ ବିତାଡିତ ହେଉଥିଲା। ଧନଞ୍ଜୟ ମହାନ୍ତିଙ୍କ ପରିବାରକୁ ଆଉ ଏକ ବେଠି କରିବାକୁ ପଡୁଥିଲା। ବିଭିନ୍ନ ସରକାରୀ ମହକୁମା, ଥାନା, ଡାକ୍ତର-ଖାନା, ସ୍କୁଲ୍, ଫରେଷ୍ଟ ଓ ଜେଲ ପ୍ରଭୃତି କର୍ମସଂସ୍ଥାନର ଚିଠିପତ୍ର ପାନ୍‌ପୋଷରୁ ନେଇ ତାଙ୍କ ପିତାଙ୍କୁ କଲୁଙ୍ଗାରେ ଥିବା ସଂପୃକ୍ତ ଅଫିସ୍‌ମାନଙ୍କରେ ଦେବାକୁ ପଡୁଥିଲା। ତାଙ୍କ ପିତା ଅସୁସ୍ଥ ଥିବା ସମୟରେ ତାଙ୍କୁ ଏସ୍.ଡି.ଓ ଏହି କାମ କରିବାକୁ ନିର୍ଦ୍ଦେଶ ଦେଲେ। ମାତ୍ର ଧନଞ୍ଜୟ ମହାନ୍ତି ଏହାର ପ୍ରତିବାଦ କଲେ। କିନ୍ତୁ ଏସ୍.ଡି.ଓ ତାଙ୍କୁ ବାଧ୍ୟ କଲେ ଏବଂ କହିଲେ ଯେ ଏପରି ନକଲେ ଗଡଜାତରେ ତାଙ୍କର ବହୁତ ଅସୁବିଧା ହେବ। ଅନ୍ତତଃ ପିତା ସୁସ୍ଥ ହେବା ପର୍ଯ୍ୟନ୍ତ ତାଙ୍କୁ ଏ କାମ କରିବାକୁ ପଡିବ ବୋଲି ନିର୍ଦ୍ଦେଶ ଦିଆଗଲା। ଧନଞ୍ଜୟ ଏଥିରେ ରାଜି ହେଲେ ମଧ୍ୟ କୌଣସି ଅଫିସରୁ ଡାକ ଆଣିବାକୁ ଗଲେ ନାହିଁ। ତେଣୁ ସଂପୃକ୍ତ ଅଫିସ୍ ବିଶେଷତଃ ଥାନା ଏସ୍.ଡି.ଓଙ୍କୁ ଜଣାଇଦେଲେ। ଧନଞ୍ଜୟ ମହାନ୍ତି ଏସ୍.ଡି.ଓଙ୍କୁ କହିଲେ ଯେ ସକାଳୁ ଉଠି ନିତ୍ୟକର୍ମସାରି ଟ୍ରେନ୍ ଧରିବାକୁ ସମୟ କମ୍ ହେବାରୁ ଏବଂ ଅସୁବିଧା ହେଉଥିବାରୁ ଡାକ ସଂଗ୍ରହ କରିବା ତାଙ୍କ ପକ୍ଷରେ ଅସମ୍ଭବ।



Source: Author, Digitized by PPRACHIN, SOA

ଏହାପରେ ସେ ଖୁବ୍ ରାଗିଯାଇ ପାନ୍‌ପୋଷ ପାଖରେ ତାଙ୍କୁ ଧରାଇ ଦିଆଯାଇଥିବା ଡାକସବୁକୁ ଅଧିକାଂଶ ଦିନ ବ୍ରାହ୍ମଣୀ ନଦୀରେ ପକାଇ ଦେଉଥିଲେ। ଦିନେ ଧନଞ୍ଜୟ ଧରା ପଡିଲେ। ତାପରେ ଏସ୍.ଡି.ଓ ନିର୍ଦ୍ଦେଶ ଦେଲେ ଯେ ଡାକ ଯୋଗାଇ ଦେଉଥିବା ଅଫିସ୍ ତାଙ୍କଠାରୁ ରସିଦ୍‌ରେ ଦସ୍ତଖତ ନେବେ। ଏଥିରେ ସେ ରାଜି ନହେବାରୁ ବିବାଦ ଘନେଇ ଆସିଲା। ଏହି ଘଟଣା ପରଠାରୁ ଧନଞ୍ଜୟ ମହାନ୍ତିଙ୍କ କାର୍ଯ୍ୟକଳାପ ଉପରେ ଦରବାର କଡା ଦୃଷ୍ଟି ରଖିଥିଲେ।

ଏହିପରି ଭାବରେ ବେଠି ଜୁଲୁମ୍ ନାନା ଦିଗରୁ ଗାଙ୍ଗପୁର ଗଡଜାତରେ ହେଉଥିଲେ ମଧ୍ୟ ତାହାର ପ୍ରକୃତ ମୁକାବିଲା ହୋଇପାରିନଥିଲା। ଯଦିବା ମୁଖ୍ୟ ଲୋକମାନେ ତାହାର ପ୍ରତିବାଦ ରାଜ ଦରବାରରେ କରୁଥିଲେ(ସେଥିପାଇଁ କେତେକ ଗୌନ୍ତିଆମାନଙ୍କୁ ଦରବାରୀ କୁହାଯାଉଥିଲା) ରାଜ୍ୟ ସରକାରଙ୍କ ତରଫରୁ ଭିନ୍ନ ଭିନ୍ନ ଯୁକ୍ତି କରାଯାଉଥଲା। ୧୯୩୭ ମସିହା ଅକ୍ଟୋବର ୨୩ ତାରିଖରେ ଏକ ନିର୍ଦ୍ଦେଶନାମା ଅନୁସାରେ ବେଠିବେଗାରୀ ବନ୍ଦ କରାଯାଇଥିଲା, ଯଦିବା କେତେକ କାର୍ଯ୍ୟ ପାଇଁ ଏହା ଉଦ୍ଦିଷ୍ଟ ଥିଲା। ସେସବୁ ମଧ୍ୟରେ;

୧. ଗ୍ରାମର ପ୍ରାଥମିକ ସ୍କୁଲ୍ ଗୃହ ନିର୍ମାଣ ଓ ମରାମତି,

୨. ଗ୍ରାମର ଡେରାଘର ନିର୍ମାଣ ଓ ମରାମତି,

୩. ରାଜାଙ୍କର ଶିକାର ସମୟରେ ଏବଂ ତାଙ୍କ ସହ ସମସ୍ତ ଅନୁଚରମାନଙ୍କୁ ସାହାଯ୍ୟ କରିବା ପାଇଁ ରୟତମାନଙ୍କର ଉପସ୍ଥିତି,

୪. ଗୌନ୍ତିଆ/ଜମିଦାର/ଖର୍‌ପୋଷ୍‌ଦାର୍‌ମାନଙ୍କୁ ଗ୍ରାମରେ ଚାଷ କାର୍ଯ୍ୟ ସମୟରେ ତିନି ଦିନ ପାରମ୍ପରିକ ସାହାଯ୍ୟ,

୫. ଜଙ୍ଗଲରେ ନିଆଁ ଲିଭାଇବା,

୬. ରାଜା, ଜମିଦାର ବା ଖରପୋଷଦାରଙ୍କର କୌଣସି ପ୍ରସିଦ୍ଧ ଉତ୍ସବରେ ସହଯୋଗ,

୭. ଗ୍ରାମ ଖମାରରୁ ଉତ୍ପନ୍ନ ଦ୍ରବ୍ୟ ନେଇ ଦରବାରରେ ଦେବାପାଇଁ ରୟତର ସହଯୋଗ,

୮. ଗସ୍ତ କରୁଥିବା କର୍ମଚାରୀ, ରାଜା, ଜମିଦାର ବା ଖରପୋଷ୍‌ଦାର୍‌ଙ୍କ ଭ୍ରମଣ କାଳରେ ସେମାନଙ୍କର ଜିନିଷ ବହନ କରିନେବା(ଯାହାର ନାମ ଫେକାବେଗାରୀ),



Source: Author, Digitized by PPRACHIN, SOA

ଏହିପରି କେତେକ କାର୍ଯ୍ୟକୁ ବାଦ୍‌ଦେଲେ ବେଠିବେଗାରୀକୁ ବନ୍ଦ କରାଯାଇଥିଲା । କିନ୍ତୁ ବନ୍ଦୋବସ୍ତ କାଳରେ ଗୋଡା ଜମି ଉପରେ କର ଧାର୍ଯ୍ୟ ହୋଇଗଲା ଏବଂ ଜମିକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇ ଅଧିକ କର ମଧ୍ୟ ଧାର୍ଯ୍ୟ କରାଗଲା । କିନ୍ତୁ ଦେଖାଗଲା ଗୋଡା ଜମି ଉପରେ କର ବସାଇବା ଦ୍ୱାରା ସରକାର ଅଧିକ ଉପକୃତ ହେଲେ ଯାହା ବେଠିବେଗାରୀ ଦ୍ୱାରା ସମ୍ଭବ ହେଉନଥିଲା ।

୧୯୩୯ ଏପ୍ରିଲ ୨୫ ତାରିଖରେ ସିମ୍‌କୋ ଗୁଳିକାଣ୍ଡ ପରେ ଧନଞ୍ଜୟ ମହାନ୍ତି ପ୍ରଭୃତି କେତେକ ବ୍ୟକ୍ତି ଗାଙ୍ଗପୁରଠାରେ ପ୍ରଜା ଆନ୍ଦୋଳନ ପାଇଁ ଉଦ୍ୟମ କଲେ । ସେମାନେ ଗୁପ୍ତ ଭାବରେ ବ୍ରିଟିଶ୍ ଶାସନ ତଥା ଗଡଜାତ ଶାସନ ବିରୁଦ୍ଧରେ ଲୋକମାନଙ୍କୁ ବୁଝାଇବା ଆରମ୍ଭ କଲେ । କିନ୍ତୁ ପ୍ରଜାମାନେ ଗୁଳିକାଣ୍ଡପରେ ଏତେ ଭୟଭୀତ ହୋଇଯାଇଥିଲେ ଯେ ସେମାନେ ଏ ବିଷୟ କଥାବାର୍ତ୍ତା କରିବାକୁ ପ୍ରସ୍ତୁତ ନଥିଲେ । ୧୯୪୨ ମସିହା ଅଗଷ୍ଟ ଆନ୍ଦୋଳନ ପୂର୍ବରୁ ଧନଞ୍ଜୟ ମହାନ୍ତି, ଜରେଇକେଲାର ଅଗମପ୍ରସାଦ ବର୍ମା, ବିଶ୍ରାର ଗଙ୍ଗା ସିଂ, ଚିରଞ୍ଜିଲାଲ ଶର୍ମା, ରାଉରକେଲାର ବ୍ରଜମୋହନ ଅଗ୍ରୱାଲା, ପାନପୋଷର ଫତେଚନ୍ଦ ଅଗ୍ରୱାଲା, ବୀରମିତ୍ରପୁରର ରାମଚନ୍ଦ୍ର ଅଗ୍ରୱାଲା, ବୈଦ୍ୟନାଥ ଶର୍ମା, ମଙ୍ଗଳଲାଲ ଦେଶାଇ, ଦ୍ୱାରିକା ଦାସ ପ୍ରସାରୀ, କଲୁଙ୍ଗାର ଶଶିଭୂଷଣ ପାଣିଗ୍ରାହୀ ପ୍ରଭୃତି ଗାଙ୍ଗପୁରଠାରେ ପ୍ରଜାମଣ୍ଡଳ ଗଠନ ଉଦ୍ୟମ ଆରମ୍ଭ କରିଥିଲେ । ତଥାପି ସେମାନେ ସେତେବେଳେ ସଫଳ ହୋଇନଥିଲେ । ୧୯୪୦ ବେଳକୁ ବିଶ୍ରାନିବାସୀ ଚିରଞ୍ଜିଲାଲ୍ ଶର୍ମା, ପାନପୋଷର ଧନଞ୍ଜୟ ମହାନ୍ତି ଗଡଜାତ ନେତା ସାରଙ୍ଗଧର ଦାସଙ୍କ ପ୍ରେରଣାରେ ପ୍ରଜାମଣ୍ଡଳ ଗଠନ ପାଇଁ ପ୍ରଥମ ଅବସ୍ଥାରେ ଗ୍ରାମେଗ୍ରାମେ ସଂଗଠନ କାର୍ଯ୍ୟ ଆରମ୍ଭ କରିଥିଲେ । ସେମାନେ ରାଜଶାସନକୁ ଧୀରେଧୀରେ ଅବମାନନା କରିବାକୁ ଲାଗିଲେ । ୧୯୪୧-୪୨ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ସିଭିକ୍ ଗାର୍ଡ ସଂସ୍ଥା ସରକାରଙ୍କ ଦ୍ୱାରା ଗଠିତ ହେଲା । ଗ୍ରାମର ନିରାପତ୍ତା ରକ୍ଷା କରିବା ପାଇଁ ଏହି ଅନୁଷ୍ଠାନ ବେଶ୍ କାର୍ଯ୍ୟ କରିଥିଲା । ବର୍ଷା ଆରମ୍ଭ ପରେ ତାହାର କାର୍ଯ୍ୟ ଶିଥିଳ ହୋଇଥିଲା । ୧୯୪୨ ଅଗଷ୍ଟ ଆନ୍ଦୋଳନ ଚାଲିବା ସଂଗେ ସଂଗେ ରାଜ୍ୟ ସରକାରଙ୍କର ଏକ୍ତ ଆଦେଶ ହେଲା ରେଳଲାଇନ୍ ପାଖରେ ଗ୍ରାମମାନଙ୍କରେ ସିଭିକ୍ ଗାର୍ଡମାନଙ୍କୁ ତଥା ନୂଆ ସ୍ୱେଚ୍ଛାସେବୀ ଯୁବକମାନଙ୍କୁ ରେଳଲାଇନର ସୁରକ୍ଷା ପାଇଁ କାମ କରିବାକୁ ହେବ । ପାନପୋଷ ବ୍ରାହ୍ମଣୀ ନଦୀକୂଳର ସୁରକ୍ଷା ନିମନ୍ତେ ମିଲିଟାରୀ ସୈନିକମାନଙ୍କୁ ରଖାଗଲା । ଯେଉଁଦିନ ପ୍ରଥମ କରି ବିଶ୍ରା ଓ ରଘୁନାଥପାଲି ଆଡକୁ ସିଭିକ୍ ଗାର୍ଡ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଡକାଯାଇ



Source: Author, Digitized by PPRACHIN, SOA

ରେଳଲାଇନ୍ ଜଗିବାକୁ କୁହାଗଲା, ସେଦିନ ରଘୁନାଥପାଲିଠାରେ ଧନଞ୍ଜୟ ମହାନ୍ତି ପ୍ରଭୃତି ଏହାକୁ ସିଧାସଳଖ ଅସ୍ୱୀକାର କଲେ। ଏ ଖବର ପାଇ ବିଶ୍ରା, ରାଉରକେଲା, କଳୁଙ୍ଗା ଓ ରାଜଗାଙ୍ଗପୁରର ଲୋକମାନେ ମଧ୍ୟ ଆଦେଶର ଅବମାନନା କରିଥିଲେ। ଫଳତଃ ଅବମାନନାକାରୀ ବ୍ୟକ୍ତିମାନଙ୍କୁ କଳୁଙ୍ଗା କୋର୍ଟରେ ଗିରଫ୍ କରି ହାଜର କରାଗଲା ଓ ସୁବିଧା ଆସିବା ପର୍ଯ୍ୟନ୍ତ ସେଠାରେ ଅଟକ ରଖାଗଲା। କଳୁଙ୍ଗା ଏସ୍.ଡି.ଓ ସୁନ୍ଦରଗଡ ଦେଓ୍ୱାନଙ୍କ ସଂଗେ ଯୋଗାଯୋଗ କରି ଧନଞ୍ଜୟ ମହାନ୍ତି ପ୍ରଭୃତିଙ୍କୁ ସତର୍କ କରି ଛାଡିଦେଲେ। ସେଥିରେ ଏକତରଫା ଭାବେ କୁହାଯାଇଥିଲା ଯେ ଧନଞ୍ଜୟ ମହାନ୍ତି ପ୍ରଭୃତି ଯଦି ଭବିଷ୍ୟତରେ ଅସହଯୋଗ କରିବେ ସେଥିପାଇଁ ଦଣ୍ଡନୀୟ ହେବେ। କିନ୍ତୁ ଦେଶର ଚାରିଆଡେ ଚାଲୁଥିବା ଭାରତଛାଡ ଆନ୍ଦୋଳନର ପ୍ରତିଧ୍ୱନି ଶୁଣି ଜାଣିବା ଶୁଣିବା ଲୋକେ ଆଇନ ଅମାନ୍ୟ କରି ଗିରଫ ହେବା ଲାଗି ସଂକଳ୍ପବଦ୍ଧ ହେଲେ। ଏହା ଜାଣିଲା ପରେ ରାଜ୍ୟ ସରକାର ତରଫରୁ ରେଳଲାଇନ୍ ପହରା ପାଇଁ କାହାରିକୁ ବାଧ୍ୟ କରାଯାଇନଥିଲା।

୧୯୪୩ ମସିହା ବେଳକୁ ଗାଙ୍ଗପୁରଠାରେ ପ୍ରଜାମଣ୍ଡଳ ଗଠନ ପାଇଁ ଧନଞ୍ଜୟ ମହାନ୍ତି, ବଲାଣି ହେଡ୍ ଗଞ୍ଜୁ ମଦନମୋହନ ଅମାତ୍ ଏବଂ ସବ୍‌ଡେଗାର ଉପେନ୍ଦ୍ର ଗୌନ୍ତିଆ ବିଶେଷ ଉଦ୍ୟମ ଆରମ୍ଭ କରିଥିଲେ। ସେତେବେଳକୁ ଚିରଞ୍ଜିଲାଲ ଶର୍ମାଙ୍କ ସମ୍ପାଦନାରେ ଗଠିତ କାମଚଳା ପ୍ରଜାମଣ୍ଡଳ କମିଟି ରାଜ୍ୟସାରା ପ୍ରଚାର ଓ ସଂଗଠନ କାର୍ଯ୍ୟ ଚଳାଉଥିଲେ। କ୍ରମେକ୍ରମେ ଗ୍ରାମାଞ୍ଚଳରେ ଆଶାନୁରୂପ ଜନସମର୍ଥନ ମିଳିଲା। ସୁନ୍ଦରମଣି ପଟେଲ ଭେଡାବାହାଲ ଶିକ୍ଷକତା ଚାକିରୀରେ ଥାଇ ପ୍ରଜାମଣ୍ଡଳ ପାଇଁ କାର୍ଯ୍ୟ କରୁଥିବା ଅଭିଯୋଗ ହେବାରୁ ଚାକିରୀ ହରାଇଲେ। ଏହାପରେ କିନ୍ତୁ ସେ ପ୍ରଜାମଣ୍ଡଳ ପାଇଁ ଅଧିକ ଆଗ୍ରହୀ ହୋଇପଡିଲେ। ଏହି କାଳରେ ସାରଙ୍ଗଧର ଦାସ ଗାଙ୍ଗପୁର ଆସି ୨/୪ ଘଣ୍ଟା ରହିଥିଲେ ଏବଂ ଲୋକମାନଙ୍କୁ ସଚେତନ ହେବା ନିମନ୍ତେ ଆହ୍ୱାନ ଜଣାଇ ଚାଲିଗଲେ।

୧୯୪୫ ମସିହା ଜାନୁଆରୀ ମାସରେ ଝାରସୁଗୁଡାଠାରେ ଡକ୍ଟର ନଟବର ପାଣ୍ଡେଙ୍କ ବାସଭବନରେ ଆନୁଷ୍ଠାନିକ ଭାବେ ଗାଙ୍ଗପୁର ପ୍ରଜାମଣ୍ଡଳ ଗଠିତ ହେଲା। ଏହି ବୈଠକରେ ଧନଞ୍ଜୟ ମହାନ୍ତି(ପାନପୋଷ), ବୁଧରାମ ଅଗ୍ରୱାଲା (ରାଜଗାଙ୍ଗପୁର), ଦ୍ୱାରିକାପ୍ରସାଦ ଶର୍ମା(ରାଜଗାଙ୍ଗପୁର), ଚିରଞ୍ଜିଲାଲ୍ ଶର୍ମା(ବିଶ୍ରା), ବାଲମ୍‌ଚାନ୍ଦ ପାଣ୍ଡେ(ବର୍ଡନକେଲା), ସୁନ୍ଦରମଣି ପଟେଲ(ଭେଡାବାହାଲ), ଇନ୍ଦ୍ରମଣି ନାଏକ (ତେଲିପାଲି), ରାମଚରଣ ପଟେଲ(ସୁରଗୁଡା), ମଙ୍ଗଳପ୍ରସାଦ ପଟେଲ ପ୍ରଭୃତି ଯୋଗ



Source: Author, Digitized by PPRACHIN, SOA

ଦେଇଥିଲେ । ଗାଙ୍ଗପୁରର ରାଜନୀତିକ ପରିସ୍ଥିତି ଦୃଷ୍ଟିରୁ ସ୍ୱାଧୀନତା ସମ୍ପର୍କରେ ଆଲୋଚନା କିମ୍ବା ଖୋଲାଖୋଲି ଭାବେ ସଭାସମିତି କରିବା ପାଇଁ ଅନୁକୂଳ ବାତାବରଣ ନଥିବାରୁ ଗାଙ୍ଗପୁର ବାହାରେ ଝାରସୁଗୁଡାଠାରେ ଏହି ବୈଠକ ଡକା ଯାଇଥିଲା । ସେତେବେଳେ ବର୍ତ୍ତନକେଲା ନିବାସୀ ନଟବର ପାଣ୍ଡେ ଝାରସୁଗୁଡାଠାରେ ଅବସ୍ଥାନ କରୁଥିଲେ । ସେ ଜଣେ ହୋମିଓପ୍ୟାଥିକ୍ ଡାକ୍ତର ଥିଲେ ଏବଂ ସେହି ଦିଗରେ ସେ ଯଶ ଅର୍ଜ୍ଜନ କରିଥିଲେ । ଏହି ବୈଠକରେ ଗାଙ୍ଗପୁର ପାଇଁ ଏକ ପ୍ରଜାମଣ୍ଡଳ କମିଟି ଗଠନ କରାଗଲା । ଏଥିରେ ରହିଲେ;

୧. ନଟବର ପାଣ୍ଡେ-ସଭାପତି
୨. ରାମଚରଣ ପଟେଲ-ଉପସଭାପତି
୩. ସୁନ୍ଦରମଣି ପଟେଲ-ସମ୍ପାଦକ
୪. ଇନ୍ଦ୍ରମଣି ପଟେଲ-ସହ-ସମ୍ପାଦକ
୫. ଚିରଞ୍ଜିଲାଲ୍ ଶର୍ମା-କୋଷାଧ୍ୟକ୍ଷ
୬. ଧନଞ୍ଜୟ ମହାନ୍ତି-ସଭ୍ୟ
୭. ବୁଧରାମ ଅଗ୍ରୱାଲ-ସଭ୍ୟ
୮. ଦ୍ୱାରକାପ୍ରସାଦ ଶର୍ମା-ସଭ୍ୟ
୯. ମଙ୍ଗଳ ପ୍ରସାଦ ପଟେଲ-ସଭ୍ୟ

ଏହି କମିଟି ପ୍ରଥମେ ପ୍ରାୟ ୧୯୪୫ର ପ୍ରଥମାର୍ଦ୍ଧ ସୁଦ୍ଧା ଖୋଲାଖୋଲି ଭାବେ କାର୍ଯ୍ୟନକରି ଗୁପ୍ତଭାବେ ଲୋକ ସମ୍ପର୍କ ସ୍ଥାପନ କଲେ । ଏହାପରେ ରାଜ୍ୟର ହିମଗିରି ଅଞ୍ଚଳରୁ ଜଗଦୀଶ ପଟେଲ(ଲାଇକେରା), ନଟବର ନାଏକ(ଝୁପରୁଙ୍ଗା), ଅନୁପଶଙ୍କର ସିଂହ(ଝୁପରୁଙ୍ଗା) ପ୍ରଜାମଣ୍ଡଳ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କଲେ। ଲେଫ୍ରିପଡା ଅଞ୍ଚଳରୁ ଲାଲମଣି ପଟେଲ, ଡୁମାବାହାଲର ଧନେଶ୍ୱର ପଟେଲ, କୁତର୍ମାର ସୁରେନ୍ଦ୍ର ପଟେଲ ଓ ଚୈତନ୍ୟ ସେଠ୍, ଛୁଟେନ୍ ପାଲିତ୍, ଗଣେଷ ଦତ୍ତ ଶର୍ମା, ସର୍ଗିପାଲି ତଳସରା ଅଞ୍ଚଳରୁ ଭୋଳାନାଥ ନାଏକ, କିଞ୍ଜିରକେଲାର ରାଜେନ୍ଦ୍ର ପ୍ରଭୃତି ବାହାରି ଆସି ସହଯୋଗ କଲେ। ବଡଗାଁର ତ୍ରିଲୋଚନ ପଟେଲ, ଭୋଇପାଲିର ମଧୁସୂଦନ ବାଗ୍ ଏବଂ ହରିହର ପଟେଲ(ତଳିମୁଣ୍ଡା) ଏଥିରେ ସକ୍ରିୟ ଅଂଶ ଗ୍ରହଣ କଲେ । ବଡଗାଁ ଶିକ୍ଷକ ସନାତନ ପାଣିଗ୍ରାହୀ ଭିତିରି ଭାବେ ସାହାଯ୍ୟ କରିଥିଲେ । ସୁନ୍ଦରଗଡରୁ ସଚ୍ଚିଦାନନ୍ଦ ପଟ୍ଟନାଏକ ଆନ୍ଦାଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଭସମା ଅଞ୍ଚଳରୁ ଦ୍ୱାରୀକାନାଥ କୁସୁମ, ବିନୋଦବିହାରୀ



Source: Author, Digitized by PPRACHIN, SOA

ପଟେଲ(ମଙ୍ଗସ୍‌ପୁର), ଦୈତ୍ୟାରୀମଣି ତନ୍ତିଆ(ଝାରସୁଗୁଡା), ବ୍ରଜମୋହନ କିଶାନ୍(କୁତ୍ରା) ଓ ସାଉଁରମଲ୍ଲ ଅଗ୍ରୱାଲ(ରାଜଗାଙ୍ଗପୁର) ମଧ୍ୟ ସହଯୋଗ କଲେ। ଏମାନଙ୍କ ବ୍ୟତୀତ ଉଗ୍ରସେନ ପୁକ୍ଷେଟ୍, ମଙ୍ଗଳ ପଟେଲ, ଛାଲ ତନ୍ତି, ନିରୋଦ ଗୋପାଳ ଗୋସ୍ୱାମୀ, ଗୁସ୍ତଭ ମୁଣ୍ଡା(ପରେ ଶୁକ୍ରା ମୁଣ୍ଡା ନାମରେ ପରିଚିତ), ସନାତନ ପାଣିଗ୍ରାହୀ, ମୁକୁନ୍ଦ ସୁନାସୀ, ପୂର୍ଣ୍ଣଚନ୍ଦ୍ର ଗଡତିଆ, ଉପେନ୍ଦ୍ର ସାହୁ, ଶଶୀଭୂଷଣ ପାଣିଗ୍ରାହୀ, ବି.ସି.କୌଶିକ, ଡମ୍ବରୁଧର ପଟେଲ, ବ୍ରତତମାସି ଖାଲ୍‌କୋ, ମଖଲ ସିଂହ, ଜଗନ୍ନାଥ ସିଂହ, ଶ୍ରୀକୃଷ୍ଣ ପାଢୀ, କୃଷ୍ଣ ନାଏକ, ଉପେନ୍ଦ୍ର ପଣ୍ଡା, ଦିବାକର ପାଢୀ, ଧନୁର୍ଜୟ ସିଂହ, ସତ୍ୟବାଦୀ ପାତ୍ର, ପଦ୍ମଲୋଚନ ପାତ୍ର, ଯୁଗଳକିଶୋର ଲାଲ୍, ଭୂମିଜନେଗୀ ବରୁଆ, ଗଦାଧର ମୁଳିଆ, ମଦନମୋହନ ଅମାତ୍, ଭୂପନାଥ ସିଂହ, ମହମ୍ମଦ ମୁସ୍ତାଫା, ଛୋଟଲାଲ ଅଗ୍ରୱାଲ, ଗଣେଶ ସିଂହ, ଲଛମନ ଘାସି ମୁଲ୍ଲା ଖାଁ, ବ୍ରଜମୋହନ ଅଗ୍ରୱାଲ, ପ୍ରସାଦ ଲକ୍ଷ୍ମୀ, ନାରାୟଣ ମହାନ୍ତି, ଗଙ୍ଗା ସିଂହ, କ୍ଷେତ୍ରମୋହନ ମାହାତ୍, ବୈଜନାଥ ସାହୁ, ଦୁର୍ଗାପ୍ରସାଦ ଅଗ୍ରୱାଲା, ଦର୍ଘାଇ ମିଆଁ, ଗୋପାଳ ଦ୍ୱିବେଦୀ, ରାଜକିଶୋର ପ୍ରଧାନ, ଚତୁର ସାହୁ, ରୂପନାରାୟଣ ସାହୁ, ତିଳକ ସାହୁ, ଗୋବିନ୍ଦ ତ୍ରିପାଠୀ, ଭୈରବ ସାହୁ, ଚିନ୍ତାମଣି ରଥ, ମୁରଲିଧର ମିରଧା, ପଦ୍ମଲାଲ ସିଂହ, ମଙ୍ଗଳ ଲାଲ ଦେଶାଇ, ଦ୍ୱାରିକାଦାସ ପଶାରୀ, ରେର୍ବଟ୍ ଆଲ୍ ଉରିସ୍, ମୌଲବୀ ଆଲି ମୁର୍ଦ୍ଦନ୍, ବାବୁଲାଲ କୁମାର, ଶିବସହାୟ ଭଗତ୍, ବାହାଦୂର ଭଗତ୍, ନିରଳ ହରୋ, ମହମ୍ମଦ ମନିର୍, ଗୋବର୍ଦ୍ଧନ ପାଢୀ ପ୍ରଭୃତି ବହୁ ନେତୃସ୍ଥାନୀୟ ବ୍ୟକ୍ତି ପ୍ରଜାମଣ୍ଡଳରେ ଯୋଗଦାନ କରିଥିଲେ। ଏହା ଏକ ସୁସଂଗଠିତ ପ୍ରତିନିଧିମୂଳକ ଶକ୍ତିଶାଳୀ ଲୋକ ପ୍ରତିଷ୍ଠାନରେ ପରିଣତ ହେଲା। ନିର୍ମଳ ମୁଣ୍ଡା ପ୍ରଭୃତିଙ୍କ ଦଳ(ଯେଉଁମାନେ ଝାରଖଣ୍ଡ ସ୍ୱତନ୍ତ୍ର ପ୍ରଦେଶ ପାଇଁ ଦାବୀ କରୁଥିଲେ) ପ୍ରଜାମଣ୍ଡଳର ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରଜାମଣ୍ଡଳରେ ଯୋଗ ଦେଇନଥିଲେ। ରାଜ୍ୟରେ ଦୁଇଟି ସବ୍-ଡିଭିଜନ୍ ଥିଲା ସୁନ୍ଦରଗଡ ଓ ପାନପୋଷ। ସୁନ୍ଦରଗଡ ଅଞ୍ଚଳର ସଂଗଠନ ଦାୟିତ୍ୱ ସଭାପତି ନଟବର ପାଣ୍ଡେ ଓ ସମ୍ପାଦକ ସୁନ୍ଦରମଣି ପଟେଲ ନେଇଥିବା ବେଳେ ପାନପୋଷ ସବ୍-ଡିଭିଜନ୍ ପାଇଁ ଧନଞ୍ଜୟ ମହାନ୍ତି ଓ ଚିରଞ୍ଜିଲାଲ ଶର୍ମା ଦାୟିତ୍ୱ ବହନ କରିଥିଲେ। ୧୯୪୬ ଆରମ୍ଭରୁ ପ୍ରଜାମଣ୍ଡଳର ସଭାସମିତି ଆଦି ଖୋଲାଖୋଲି ଭାବେ କରାଯାଉଥିଲା। ଏହି ସଭାସମିତିମାନଙ୍କ ମଧ୍ୟରେ ଦିଉଳି, ଡମବାହାଲ, ଉଜଳପୁର, ସୁରଗୁଡା, ସାହାଜବାହାଲ, କୁଲୁଙ୍ଗା, ବିଶ୍ରା, ବିରକେରା, କୋତବରମା, ବିରମିତ୍ରପୁର, ସୁରୁଡା ପ୍ରଭୃତି ସ୍ଥାନମାନଙ୍କରେ ହୋଇଥିବା ସଭାମାନ



Source: Author, Digitized by PPRACHIN, SOA

ଉଲ୍ଲେଖଯୋଗ୍ୟ। ୧୯୪୬ ଶେଷଭାଗରେ ଗାଙ୍ଗପୁର ପ୍ରଜାମଣ୍ଡଳ ଓ ଗାଙ୍ଗପୁର ଆଦିବାସୀ ମହାସଭା ମଧ୍ୟରେ ଏକ ବୁଝାମଣା କରାଯାଇ ସ୍ୱାଧୀନତା ସଂଗ୍ରାମକୁ ଆହୁରି ତୀବ୍ରତର କରିବାକୁ ଚେଷ୍ଟା କରାଯାଇଥିଲା।

ରାଜମାତା ତଥା ରାଜା ଉଦିତପ୍ରତାପ ଶେଖର ଦେଓ ପ୍ରଜାମଣ୍ଡଳକୁ ଅଧିକ ଶକ୍ତିଶାଳୀ ଓ ଲୋକପ୍ରିୟ ହେବାକୁ ନଦେବା ଉଦ୍ଦେଶ୍ୟରେ କୌଣସି ଦମନମୂଳକ ପନ୍ଥା ଗ୍ରହଣ ନକରି ପ୍ରଜାଙ୍କୁ ଭୁଲାଇ ପ୍ରଜାମଣ୍ଡଳକୁ ସମର୍ଥନ ନକରି ବିରୋଧ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଖଜଣା ଛାଡ ଓ ଅସହଯୋଗ ଆନ୍ଦୋଳନକୁ ଦୁର୍ବଳ କରିବା ପାଇଁ ରାଜଭକ୍ତ ଦଳ ନାମରେ ରାଜଦରବାରଙ୍କ ଆନୁକୂଲ୍ୟରେ ଗୋଟିଏ ସଂଗଠନ ଗଠିତ ହୋଇଥିଲା। ରାଜଦ୍ରୋହୀ ଦଳର ନେତା ନିର୍ମଳ ମୁଣ୍ଡାଙ୍କର ପ୍ରତିପକ୍ଷ ନିରଳ ମୁଣ୍ଡାଙ୍କୁ ରାଜଭକ୍ତ ଦଳର ନେତା କରାଯାଇଥିଲା। କିନ୍ତୁ ପ୍ରଜାମଣ୍ଡଳ ଆନ୍ଦୋଳନରେ ତଥାକଥିତ ରାଜଭକ୍ତମାନେ "ପ୍ରଜାତନ୍ତ୍ର"ର ପ୍ରକାଶ୍ୟ ବିରୋଧୀ ହୋଇପଡିଲେ।

ପ୍ରଜାମଣ୍ଡଳ କର୍ମୀମାନଙ୍କ ତରଫରୁ ଗାଙ୍ଗପୁରରେ "ସଂସ୍କାର" ନାମକ ଏକ ହାତଲେଖା ପତ୍ରିକା ପ୍ରକାଶ କରାଯାଉଥିଲା। କିନ୍ତୁ ଏହାର ମତାମତ ବିପକ୍ଷରେ ରାଜାଦଳ ତରଫରୁ "ଗାଙ୍ଗପୁର ଷ୍ଟେଟ୍ ଉଇକ୍ଲି" ପ୍ରକାଶ ପାଉଥିଲା। ରାଜା ତାଙ୍କର କର୍ମଚାରୀମାନଙ୍କୁ ନେଇ ଗୋଟିଏ ତିନି ଜଣିଆ ମନ୍ତ୍ରିମଣ୍ଡଳ ଗଢିଥିଲେ। ଏହି ମନ୍ତ୍ରିମଣ୍ଡଳରେ ପ୍ରଜାମଣ୍ଡଳର ମୁଖ୍ୟ କର୍ମୀମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ମନ୍ତ୍ରୀରୂପେ ଗ୍ରହଣ କରିବାର ପ୍ରଲୋଭନ ଦେଖାଇଲେ ସୁଦ୍ଧା କେହି ତାଙ୍କ କଥାରେ ନଭୁଲି ପୂର୍ଣ୍ଣ ଦାୟିତ୍ୱମୂଳକ ଶାସନ ପାଇଁ ଦାବୀ କରିଚାଲିଲେ। ଏହିକାଳରେ ଧନୀ ଦରିଦ୍ର ସବୁ ଶ୍ରେଣୀର ଲୋକ ଧନମନ ବିନିମୟରେ ରାଜତନ୍ତ୍ରର ବିଲୋପସାଧନ ପାଇଁ ସଂକଳ୍ପବଦ୍ଧ ହୋଇପଡିଥିଲେ। ୧୯୪୬ ଶେଷଭାଗରୁ ପ୍ରଜାମଣ୍ଡଳ ସଂଗଠନ ଏପରି ଦୃଢ ହେଲା ଯେ ୧୯୪୭ ଆରମ୍ଭ ବେଳକୁ ପ୍ରଜାମଣ୍ଡଳ ହେମଗିରି, ଲେଫ୍ରିପଡା, ଭସ୍ମା, ସୁନ୍ଦରଗଡ, ତଳସରା ଥାନାମାନଙ୍କରେ ଏକ ସମାନ୍ତରାଳ ସରକାର ପ୍ରତିଷ୍ଠା କରିବାକୁ ଉଦ୍ୟମ କଲେ। କିନ୍ତୁ ରାଜା ଉଦିତପ୍ରତାପ ଶଙ୍ଗର ଦେଓ ଉଭୟ ପ୍ରଜାମଣ୍ଡଳ ଓ ଆଦିବାସୀ ମହାସଭାକୁ ଏକ ନିଷ୍ପତ୍ତି ନେବାକୁ ନିମନ୍ତ୍ରଣ କରିଥିଲେ। ଏହି ନିମନ୍ତ୍ରିତ ବୈଠକକୁ ପ୍ରଜାମଣ୍ଡଳ ଓ ଆଦିବାସୀ ମହାସଭାର ପ୍ରତିନିଧିମାନେ ଶାସନ ପ୍ରତିଷ୍ଠା କରିବାକୁ ଏକ ମତ ହୋଇଥିଲେ, କିନ୍ତୁ ତାହା କାର୍ଯ୍ୟକାରୀ ହୋଇନଥିଲା।



Source: Author, Digitized by PPRACHIN, SOA

ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ନୀଳଗିରି ରାଜା ଗାଦିଚ୍ୟୁତ ହୋଇ ତାଙ୍କ ରାଜ୍ୟ ଓଡିଶା ସରକାରଙ୍କ ଅଧୀନସ୍ଥ ହେବାପରେ ପ୍ରାୟ ସମସ୍ତ ଗଡଜାତ ଅଞ୍ଚଳରେ ପ୍ରଜାମଣ୍ଡଳ ବିଜୟର ସୂଚନା ମିଳିଥିଲା। ଗାଙ୍ଗପୁରରେ ସମସ୍ତ ପ୍ରଜା ଏପରିକି ରାଜ କର୍ମଚାରୀମାନେ ମଧ୍ୟ ପ୍ରଜାମଣ୍ଡଳକୁ ସମର୍ଥନ କରିଥିଲେ। ୧୯୪୭ ଅଗଷ୍ଟ ୧୪ ତାରିଖ ଦିନ ରାଜା ପ୍ରଜାମଣ୍ଡଳର କର୍ମକର୍ତ୍ତାମାନଙ୍କୁ ରାଜବାଟିକୁ ଡକାଇ ତାଙ୍କ ତରଫରୁ ପାଳିତ ହେବାକୁ ଯାଉଥିବା ସ୍ୱାଧୀନତା ଦିବସ ଉତ୍ସବରେ ସମସ୍ତେ ଯୋଗ ଦେବାକୁ ପ୍ରସ୍ତାବ ଦେଲେ। ଏଥିରେ ତାଙ୍କ ନିଜ ପତାକା ଉତ୍ତୋଳନ ପାଇଁ ବ୍ୟବସ୍ଥା ଥିଲା। ସ୍ୱତନ୍ତ୍ରଭାବେ ଜାତୀୟ ପତାକା ଉତ୍ତୋଳନ କରି ଉତ୍ସବ ପାଳନ କରିବାକୁ ପ୍ରଜାମଣ୍ଡଳ ତରଫରୁ ସମସ୍ତ ଆୟୋଜନ ହୋଇସାରିଥିବାରୁ ରାଜାଙ୍କ ପ୍ରସ୍ତାବ ସେମାନେ ଗ୍ରହଣ କରିବାକୁ ଅସମର୍ଥ ହେଲେ। ରାଜା ଉତ୍ୟକ୍ତ ହୋଇ କହିଲେ ଯେ ତାଙ୍କ ଛଡା ଅନ୍ୟ କେହି ପତାକା ଉତ୍ତୋଳନ କରିପାରିବେନାହିଁ। ଯଦି କେହି ଏ ଆଦେଶ ଅବଜ୍ଞା କରନ୍ତି, ତାଙ୍କ ପ୍ରତି ଶକ୍ତ ଦଣ୍ଡବିଧାନ ବ୍ୟବସ୍ଥା ହେବ। କୌଣସି ରାଜାମହାରାଜାଙ୍କ ନିଜ ପତାକା ଉତ୍ତୋଳନ ପାଇଁ ଅଗଷ୍ଟ ୧୫ ତାରିଖ ଉଦ୍ଦିଷ୍ଟ ନୁହେଁ ବୋଲି କୁହାଯିବାରୁ ସେ କହିଲେ ଯେ ସେ ମଧ୍ୟ ବ୍ରିଟିଶ୍ ଶାସନରୁ ମୁକ୍ତ ହୋଇ ସାର୍ବଭୌମ ଅଧିକାର ପାଇଥିବାରୁ ତାଙ୍କ ରାଜ୍ୟବାସୀ ତଥା ନିଜ ପକ୍ଷରୁ ଗାଙ୍ଗପୁର ରାଜ୍ୟ ପତାକା ଉତ୍ତୋଳନ କରାଯିବା ଯଥାର୍ଥ। ଦେଓ୍ୱାନ୍‌ସ ଫିଲଡ୍ ନାମକ ପଡିଆରେ ପ୍ରଜାମଣ୍ଡଳ କୌଣସି ସାଧରଣ ସଭା ବା ଉତ୍ସବ ପାଳନ ନକରିବାକୁ ନିଷେଧାଜ୍ଞା ଜାରି ହେବାରୁ ଅଯଥା ସଂଘର୍ଷ ଏଡାଇବା ଉଦ୍ଦେଶ୍ୟରେ ପ୍ରଜାମଣ୍ଡଳ ଅନ୍ୟ ଏକ ପଡିଆରେ ସଭା କରିବା ସ୍ଥିର କଲେ। ୧୫ ତାରିଖ ସକାଳୁ ସେହି ପଡିଆକୁ ସଶସ୍ତ୍ର ପୋଲିସ୍ ଘେରାଉ କରିଥଲେ। ସ୍ୱାଧୀନତା ଦିବସର ଉତ୍ସବ ପାଇଁ ଦୂରଦୂରାନ୍ତରୁ ବହୁଲୋକ ପୂର୍ବଦିନଠାରୁ ସୁନ୍ଦରଗଡରେ ପହଞ୍ଚିଲେ। ୧୫ ତାରିଖ ସକାଳେ ସୁନ୍ଦରଗଡ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରୁ ମଧ୍ୟ ପ୍ରବଳ ଉତ୍ସାହ ଓ ଉନ୍ମାଦନାରେ ଅଗଣିତ ଲୋକ ଆସି ପ୍ରଜାମଣ୍ଡଳ ସ୍ଥିର କରିଥିବା ପଡିଆରେ ପୋଲିସବାହିନୀକୁ ଭୟ ନକରି ସମବେତ ହେଲେ। ରାଜା ଯେଉଁଠାରେ ପତାକା ଉତ୍ତୋଳନ କରିବାକୁ କାର୍ଯ୍ୟକ୍ରମ ଥିଲା ସେଠାରେ କେବଳ ଓ ରାଜାଙ୍କ ଅଧୀନସ୍ଥ ଲୋକେ ଉପସ୍ଥିତ ହେବା ଦେଖି ରାଜା ନିଜର ଦୁର୍ବଳତା ବୁଝି ପ୍ରଜାମଣ୍ଡଳକୁ ସଭାସ୍ଥାନକୁ ଫେରାଇ ନେଇଥିଲେ। ସେହିଦିନ ଲୋକଶକ୍ତିର ପରାକାଷ୍ଠା ଦେଖି ରାଜା ଓ



Source: Author, Digitized by PPRACHIN, SOA

ରାଜକର୍ମଚାରୀମାନେ ପ୍ରଜାମାନଙ୍କୁ ଧମକଚମକ ସଂଗେସଂଗେ ନାନା ପ୍ରକାର ଆଶ୍ୱାସନା ଦେଇ ରାଜାଙ୍କ ପ୍ରତି ସମର୍ଥନ ଜଣାଇବା ଲାଗି ବହୁ ଉଦ୍ୟମ ଚଳାଇଲେ। ଅନ୍ୟପକ୍ଷେ ପ୍ରଜାମଣ୍ଡଳ ମଧ୍ୟ ପ୍ରତି ଗ୍ରାମ ଓ ସହର ପରିକ୍ରମା କରି ବିପୁଳ ଜନ ସମର୍ଥନ ଲାଭ କରିଥିଲେ। ରାଜା ଏଥିରେ ଘୋର ବିଚଳିତ ହୋଇ ଦମନ ଲୀଳା ଆରମ୍ଭ କରିଦେଇଥିଲେ ଓ ହିଂସା ଆଚରଣ ପାଇଁ ମଧ୍ୟ ପ୍ରସ୍ତୁତ ହୋଇପଡିଥିଲେ। କିନ୍ତୁ ଡିସେମ୍ବର ମାସରେ ସର୍ଦ୍ଦାର ପଟେଲ ଓଡିଶା ଗଡଜାତଗୁଡିକର ଓଡିଶା ପ୍ରଦେଶ ସହିତ ମିଶ୍ରଣ କରାଇବାରେ ସମର୍ଥ ହେବାରୁ ସୁନ୍ଦରଗଡରେ ପ୍ରଜାମାନଙ୍କର ଆନ୍ଦୋଳନ ଓ ରାଜାଙ୍କର କୁଚକ୍ରର ଯବନିକା ପତନ ହେଲା।

ସୁନ୍ଦରଗଡରେ ପ୍ରଜା ଆନ୍ଦୋଳନ ମୁଖ୍ୟତଃ ରାଜଶକ୍ତି ବିରୁଦ୍ଧରେ ଥିଲା। ଯେଉଁମାନେ ଏହି ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ଗୌନ୍ତିଆ/ ସାମନ୍ତ ଶକ୍ତିର ଏକ ସୋପାନ ଥିଲେ। ତଥାପି ଏହା ଉଗ୍ର ସାମନ୍ତବାଦୀ ରାଜତନ୍ତ୍ର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲା। ଆଦିବାସୀ ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆଦିବାସୀ ଭୂମି ବ୍ୟବସ୍ଥା ଉପରେ ଅଯଥା ରାଜଶକ୍ତିର ଚାପକୁ ବିଲୋପ କରିବା ଏବଂ ସେହି ଦୃଷ୍ଟିରୁ ଏହା ମଧ୍ୟ ରାଜତନ୍ତ୍ର ବିରୋଧୀ ହୋଇପଡିଲା। ଗୋଟିଏ ଦୃଷ୍ଟିରୁ ଏହି ଆଲୋଡନ ଏକ ଦମନମୂଳକ ଶୋଷଣମୂଳକ ରାଜଶକ୍ତିର ଧ୍ୱଂସ କରିବା ପାଇଁ ମୁଣ୍ଡ ଟେକିଥିଲା। ଅନ୍ୟ ଦୃଷ୍ଟିରୁ ସେହି ଉଗ୍ର ସାମନ୍ତବାଦୀ ରାଜତନ୍ତ୍ରକୁ ଅଯଥା ସମର୍ଥନ କରୁଥିବା ବ୍ରିଟିଶ୍ ଶକ୍ତି ବିରୁଦ୍ଧରେ ଏହା ମଧ୍ୟ ସ୍ୱର ଉଠାଇଥିଲା। ଉଭୟ ଦୃଷ୍ଟିକୋଣରୁ ଏହାକୁ ରାଜତନ୍ତ୍ର ବିରୋଧୀ ଆନ୍ଦୋଳନ ବୋଲି କୁହାଯାଇପାରେ।

## ତଥ୍ୟ ସୂଚୀ

1. Suresh Singh, K., *Birsa Munda and His Movement, 1874-1890*, 1983, p.187.

2. Pati Satyabhama, *Demoratic Movement in India*, 1987

3. Orissa Records, Gangapur papers, Acc.No.1854, A.G.Khan to J.W.Woodhouse, No.347, 2nd May, 1942(Odisha State Archives, Bhubaneswar), Pati Satyabhama, p.233.



Source: Author, Digitized by PPRACHIN, SOA

୪. *ସାଧନାର ପଥେ,* ୧୯୭୨, ପୃ-୨୦୦।

୫. ଉଦିତନଗର ନିବାସୀ ଧନଞ୍ଜୟ ମହାନ୍ତିଙ୍କଠାରୁ ଏହି ପ୍ରସଂଗଟି ୧୯୮୯ରେ ସଂଗୃହୀତ।

୬. ନେହେରୁ ଏହି ଗୁଳିକାଣ୍ଡ ଉପରେ ଏକ ନିନ୍ଦାତ୍ମକ ବିବରଣୀ ପ୍ରକାଶ କରିଥିଲେ ଯାହା ୧୯୩୯ ମସିହା ଜୁନ୍ ୨୬ ତାରିଖରେ ଅମୃତ ବଜାର ପତ୍ରିକାରେ ପ୍ରକାଶ ପାଇଥିଲା।

୭. ସମାଜ, ନବୀନ ଓ ଦେଶକଥା

❖❖❖

Source: Author, Digitized by PPRACHIN, SOA

# ପରିଶିଷ୍ଟ

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA

# ପରିଶିଷ୍ଟ-୧

## ଭାରତର ନବ ଜାଗରଣ

ଲେ-ଗୋବିନ୍ଦ ମିଶ୍ର (ସମ୍ବଲପୁର ହିତୈଷିଣୀ, ୨୨ ଫେବୃଆରୀ, ୧୯୧୯)

ଗୋଟିଏ ଦେଶ ବା ଜାତିର ଜାଗରଣ କହିଲେ ବୁଝିବାକୁ ହେବ ଯେ ସେହି ଦେଶ ବା ଜାତିର ବ୍ୟକ୍ତିଗତ ଜୀବନରେ, ଜାତୀୟ ଜୀବନରେ କର୍ତ୍ତବ୍ୟ ଜ୍ଞାନର ସ୍ପନ୍ଦନ। ଭାରତର ନବଜାଗରଣ ଅର୍ଥାତ୍ ଭାରତରେ ବ୍ୟକ୍ତିଗତ ଜୀବନରେ ତାହାର ଜାତୀୟ ଆଦର୍ଶ ଆଜି ବିକଶିତ ହୋଇଅଛି। ଭାରତ ଜଗତରେ ତାହାର ଦେୟ ଦେଇ ନିଜର କର୍ତ୍ତବ୍ୟ ସମାଧାନ କରିବାକୁ ବ୍ୟଗ୍ର ହେଉଅଛି। ତାହାର ନିୟତି ଅନୁସାରେ ସେ ତାହାର କର୍ତ୍ତବ୍ୟ ଭୁଲିଯାଇଥିଲା, ତାହାର ପ୍ରଭାବ ବଡ ମଳିନ ହୋଇଯାଇଥିଲା। କିନ୍ତୁ ସେ ମଳିନତା ଧୀରେଧୀରେ ଅପସାରିତ ହେବାକୁ ଆରମ୍ଭ ହେଲାଣି। ସମ୍ପୂର୍ଣ୍ଣରୂପେ ମଳିନତା ଅପସାରିତ ହେବାକୁ କେତେ ଦିନ ଲାଗିବ ଅବଶ୍ୟ କୁହାଯାଇନପାରେ। କାରଣ ତାହାର ବାହାରର ବାଧାବିଘ୍ନ ଅନେକ, କିନ୍ତୁ ସ୍ଥିର ଭାବରେ ଦୃଷ୍ଟିନିକ୍ଷେପ କରି ଦେଖିବାକୁ ଗଲେ ସ୍ପଷ୍ଟ ଦେଖାଯାଏ ଯେ ଶାନ୍ତିଦାୟିନୀ ଭବଭୟତାରିଣୀ ଭାରତମାତା ଧୀରେଧୀରେ ଉତ୍‌ଥିତ ହେଉଅଛନ୍ତି। ଚତୁର୍ଦ୍ଦିଗରୁ ସମସ୍ତ ବାଧାବିଘ୍ନ ଧରି ଦୂରକୁ ନିକ୍ଷେପ କରୁଅଛନ୍ତି, ଦେଖିଲେ ମନେହୁଏ ଯେପରି ଏହି ଭାରତମାତାରୂପିଣୀ ଶକ୍ତି ଓ ବାଧାବିଘ୍ନ ଉଭୟ ମଧ୍ୟରେ ଘୋର ସଂଗ୍ରାମ।ଏହି ସଂଗ୍ରାମ ବହୁଦିନବ୍ୟାପୀ ରହିପାରେ। କିନ୍ତୁ ଶେଷରେ ଧର୍ମ ଓ ସତ୍ୟର ଯେ ଜୟ ହେବ , ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ। ଅତଏବ ଭାରତ ଯେ ଦୁଃଖରୁ ମୁକ୍ତିଲାଭ କରି ଜଗତରେ ତାହାର କର୍ତ୍ତବ୍ୟସାଧନ କରିବ ଏହା ଧ୍ରୁବ ସତ୍ୟ। ବର୍ତ୍ତମାନ ଏହି ଯେ ସଂଗ୍ରାମ ସେହି ସଂଗ୍ରାମର ଯେଉଁ ପ୍ରଭାବ ବ୍ୟକ୍ତିଗତ ଜୀବନରେ ପରିସ୍ଫୁଟିତ ହେଉଅଛି, ତାହା ଭାରତର ନବଜାଗରଣର ଲକ୍ଷଣ।

ଭାରତର ନବଜାଗରଣ କିମ୍ବା ତାହାର ଦୁଃଖସୁଖ ବିଷୟ ନେଇ କଥୋପକଥନ ପଢିଲାବେଳେ(ଶୁଣିଲାବେଳେ) ଦେଖାଯାଏ ଯେ ଅନେକ ଭାରତର ଭବିଷ୍ୟତ ବିଷୟରେ ବଡ ସନ୍ଦେହ ପ୍ରକାଶ କରିଥାଆନ୍ତି, ସମୟେ ସମୟେ ସମସ୍ତ ଏସିୟା ମହାଦେଶକୁ ମଧ୍ୟ ସେହି ବ୍ୟକ୍ତି ନିଶ୍ଚେଷ୍ଟ ବୋଲି କହିଥାନ୍ତି। କେହିକେହି ମଧ୍ୟ ଜାପାନକୁ ଭାରତ ସଂଗେ ତୁଳନା କରି ନାନା କଥା କହିଥିବାର ଶୁଣାଯାଏ। ଅବଶ୍ୟ ଭାରତର କଲ୍ୟାଣ ଯେଉଁମାନେ



Source: Author, Digitized by PPRACHIN, SOA

ଇଚ୍ଛା କରନ୍ତି ସେମାନେ ସବୁବେଳେ ଜାପାନର ଉଦାହରଣ ଦେଇ ବହୁକଥା କହିବାକୁ ପ୍ରୟାସ କରି ଏ ପ୍ରଶ୍ନ କରିଥାଆନ୍ତି । କିନ୍ତୁ ଜାପାନ ଓ ଭାରତ ଦୁହେଁ ତୁଳନା ହୋଇନପାରନ୍ତି । ଜାପାନ ଅତ୍ୟଳ୍ପ ସମୟ ମଧ୍ୟରେ ପାଶ୍ଚାତ୍ୟ ସଭ୍ୟତାକୁ ଆୟତ୍ତ କରିଅଛି ସତ୍ୟ, କିନ୍ତୁ ଭାରତ ତାହା କରିପାରିନାହିଁ କି କରିପାରୁନାହିଁ। ଏହାର ଅନେକ କାରଣ ଅଛି । ଭାରତ ସବୁବିଷୟରେ ଶୀର୍ଣ୍ଣ ଏବଂ ବାହାର ନଦେଖିଲେ ନିଶ୍ଚେଷ୍ଟ ପରି ବୋଧହୁଏ । ଏହା ଅବଶ୍ୟ ପାଶ୍ଚତ୍ୟ ଚକ୍ଷୁକୁ ସତ୍ୟପରି ବୋଧ ହୋଇପାରେ । କିନ୍ତୁ ଭାରତବାସୀର ଚକ୍ଷୁରେ ତାହାର ଏହି ଧୀରତା ଓ ନିଶ୍ଚେଷ୍ଟତା ଅନ୍ୟ ପ୍ରକାର ବୋଧହୁଏ। ଜାପାନ ଜାତି ପ୍ରାଣ ଉପରେ ଭାସମାନ ଏବଂ ପ୍ରକୃତିର ସୌନ୍ଦର୍ଯ୍ୟରେ ମୁଗ୍ଧ। ତେଣୁ ସେ ଯେତେବେଳେ ଯାହା ପାଇଅଛି ଅତ୍ୟଳ୍ପ ସମୟ ମଧ୍ୟରେ  ତାହାକୁ ନିଜର କରିନେଇଅଛି । କିନ୍ତୁ ଭାରତର ପ୍ରାଣ ଉପରେ ଭାସମାନ ନୁହେଁ। ସେ ପ୍ରକୃତିର ନିତ୍ୟ ପରିବର୍ତ୍ତନ ସୌନ୍ଦର୍ଯ୍ୟରେ ମୁଗ୍ଧ ନୁହେଁ। ତେଣୁ ଯେତେବେଳେ ଯାହା କିଛି ନୂତନ ପରିବିର୍ତ୍ତନ ଘଟିଛି ଭାରତ ତେତେବେଳେ ତାହାକୁ ଏକାବେଳକେ ନିଜର କରିବାକୁ କ୍ଷମ ହୋଇପାରିନାହିଁ। କିମ୍ବା ନିଜକୁ ସେହି ନୂତନ ପରିବର୍ତ୍ତନ ନିକଟରେ ଦାସ ଭାବରେ ପରିଣତ କରିନାହିଁ। ଭାରତପ୍ରାଣର ଏହା ଗୋଟିଏ ପ୍ରଧାନ ବିଶେଷତ୍ୱ ଏବଂ ସେହି ବିଶେଷତ୍ୱ ବଳରୁ ଆଜି ଜଗତରେ ଅନ୍ୟାନ୍ୟ ପ୍ରାଚୀନ ଜାତିସବୁ ଲୋପ ପାଇଥିଲେ ସୁଦ୍ଧା ସେ ତାହାର ସେହି ବିଶେଷତ୍ୱକୁ ଅକ୍ଷୁର୍ଣ୍ଣ ରଖି ତାହାର ଶାନ୍ତିମନ୍ତ୍ର ପ୍ରଚାର କରିବାକୁ ଦଣ୍ଡାୟମାନ ହୋଇଅଛି । ମାନବ ଶରୀରରେ କିଛି ଆଘାତ ଲାଗିଲେ ପ୍ରଥମେ ତାହାର ବୃତ୍ତିଗୁଡିକ ସେହି ଆଘାତରୁ ସମ୍ବାଦ ଇନ୍ଦ୍ରିୟଗଣକୁ ନେଇ ପ୍ରଦାନ କରନ୍ତି । ବାହାରର ଇନ୍ଦ୍ରିୟ ମନକୁ ସେହି ସମ୍ବାଦ ପ୍ରଦାନ କରେ । ମନବୁଦ୍ଧିକୁ ଏବଂ ବୁଦ୍ଧି ଜୀବାତ୍ମାକୁ ଶେଷରେ ଉକ୍ତ ସମ୍ବାଦ ପ୍ରଦାନ କରେ । ସେହି ଜୀବାତ୍ମା ନିକଟରେ ପହଞ୍ଚି ଉକ୍ତ ସମ୍ବାଦ ଯେ ଉତ୍ତର ନେଇଆସେ ମାନବ କେବଳ ତାହାର ଫଳଭାଗୀ ହୁଏ । ଭାରତର ନୂତନ ପରିବର୍ତ୍ତନର ଅବସ୍ଥା ଠିକ୍ ସେହିପରି –ଭାରତ ପ୍ରାଣର ଗଭୀର ସ୍ତର ନିକଟରେ ଏହି ନୂତନ ଆଘାତ ପହଁଞ୍ଚିବାକୁ ବହୁ ସମୟର ଆବଶ୍ୟକ କରେ। କିନ୍ତୁ ଯେତେବେଳେ ସେହି ନୂତନ ଆଘାତ ତାହାର ପ୍ରାଣର ଅନ୍ତରତମ ପ୍ରଦେଶରେ ଯାଇ ଆଘାତ କରେ ସେତେବେଳେ ତାହା ମଧ୍ୟରୁ ଏକ ନୂତନ ଶକ୍ତି ଜାଗ୍ରତ ହୋଇ ନୂତନ ପରିବର୍ତ୍ତନକୁ ନିଜ ଛାଞ୍ଚରେ ଗଢିନିଏ । କିନ୍ତୁ ଯେ ପର୍ଯ୍ୟନ୍ତ ସେହି ନୂତନ ଶକ୍ତିର ଜାଗରଣ ହୋଇନଥାଏ ସେ ପର୍ଯ୍ୟନ୍ତ ସମୁଦ୍ରରେ ନାବିକବିହୀନ ତରିବତ୍ ଟଳମଳ ହୋଇ ଏ କୂଳ ସେକୂଳ ହେଉଥାଏ। ଭାରତ ଇତିହାସରେ ଏହାର ପ୍ରତ୍ୟେକ୍ଷ ପ୍ରମାଣସବୁ ସମୟରେ ଦେଖାଯାଏ ।



Source: Author, Digitized by PPRACHIN, SOA

ବର୍ତ୍ତମାନ ଭାରତର ଏକ ନୂତନ ପରିବର୍ତ୍ତନ ଆସି ଉପସ୍ଥିତ ହୋଇଅଛି, ତାହା ପାଶ୍ଚାତ୍ୟ ଆଦର୍ଶ । ଇଉରୋପୀୟ ଜାତିମାନଙ୍କ ଆଗମନ ସଂଗେ ଏହା ଭାରତରେ ପଦାର୍ପଣ କରିଛି । ଏହି ପ୍ରଭାବ ଭାରତର ପ୍ରାଣକୁ କେତେଦୂର ସ୍ପର୍ଶ କରିପାରିଛି ତାହା ଯଥାର୍ଥରୂପେ କହିବା ଉଚିତ ନୁହେଁ। ସେ ଯାହା ହେଉ ଏହି ପାଶ୍ଚାତ୍ୟ ପ୍ରଭାବରୁ ଭାରତ ଆଜି ଯେ ଧୀରେଧୀରେ ତାହାର ସ୍ୱାଭାବିକ ସୌନ୍ଦର୍ଯ୍ୟ ଧାରଣ କରି ଉତ୍‌ଥିତ ହେଉଅଛି ଏହା ଦେଖିଲେ ମନଃପ୍ରାଣ ଆନନ୍ଦରେ ବିହ୍ୱଳ ହୋଇଯାଏ। ଏହି ଯେ ନବଜାଗରଣ ସ୍ରୋତ ବର୍ତ୍ତମାନ ଭାରତୀୟ ଜାତୀୟ ପ୍ରାଣରେ ବହମାନ ହେଉଅଛି ତାହା ତିନି ଗୋଟି ବିଶେଷ ସ୍ତର ଦେଇ ପ୍ରବାହିତ ହୋଇଅଛି, ପ୍ରଥମ ସ୍ତର ବହୁ ଗୋଳମାଳ, ଧ୍ୱଂସ ଓ ଆଘାତପ୍ରତିଘାତଦ୍ୱାରା ପରିପୂର୍ଣ୍ଣ। ଭାରତର ଇତିବୃତ୍ତ ଦେଖିଲେ ବେଶ୍ ବୁଝାଯାଏ ଯେ ଅନିଷ୍ଟ କିବା ଇଷ୍ଟ ସହଜରେ ଲାଭ ହୁଏ ନାହିଁ। ଆଘାତ ନହେଲେ ପ୍ରତିଘାତ ଆସେନାହିଁ।

ଭାରତର ନବଜାଗରଣର ପ୍ରଥମ ସ୍ତର ପରେ ଏକ ସମୟରେ ଦ୍ୱିତୀୟ ଓ ତୃତୀୟ ସ୍ତର ଦେଖାଦେଇଅଛି କହିଲେ ଚଳେ। ପ୍ରଥମ ଅବସ୍ଥାରେ ଯେପରି ଭାରତର ଜ୍ଞାନ ସଭ୍ୟତାକୁ ଭ୍ରାନ୍ତ ଆକାଶ କୁସୁମ ଓ ଏହା କେବଳ ନିଷ୍କର୍ମା ଲୋକଙ୍କର କର୍ମ ବୋଲି କହି ଉଡାଇ ଦେଇଥିଲେ । ଏହି ସମୟରେ ଯେପରି ଇଂଲଣ୍ଡ ଭାରତର କିଛି ଉପକାର କରିଅଛି ବୋଲି ଅନେକେ ଏକାବେଳକେ ଅସ୍ୱୀକାର କରିବାକୁ ବ୍ୟଗ୍ର ହୋଇଥିଲେ । ଶିକ୍ଷା ଦୀକ୍ଷା ଯାହା କିଛି ଭାରତରେ ହେଲା ତାହା ଭାରତର ଚିର ପ୍ରଚଳିତ ନୀତି ଉପରେ ପ୍ରତିଷ୍ଠିତ କରାଇବାକୁ ଅନେକ ଯଥାସାଧ ଚେଷ୍ଟା କରିବାକୁ ଲାଗିଲେ ସେମାନଙ୍କ ଚେଷ୍ଟା ଦ୍ୱାରା ଯାହା ଫଳରୂପେ ପ୍ରସବିତ ହେଲା ତାହାକୁ ଭାରତର ପ୍ରାଚୀନ ସମ୍ପତ୍ତି ରୂପେ ଜଗତ ସମ୍ମୁଖରେ ପରିଚୟ ଦିଆଗଲା । ଆଜି ବୋଷ ଓ ରାୟଙ୍କର ଯେଉଁ ବିଜ୍ଞାନ, ରବୀନ୍ଦ୍ରନାଥଙ୍କର ଯେଉଁ ସାହିତ୍ୟ ସମଗ୍ର ଜଗତରେ ପ୍ରସିଦ୍ଧି ଲାଭ କରିଅଛି,ତଦ୍ୱାରା ଭାରତର ଓ ପ୍ରାଚୀନ ସଭ୍ୟତାର ସମ୍ପତ୍ତି ରୂପେ ପ୍ରଚାରିତ ହୋଇଅଛି। ସାହିତ୍ୟ, ବିଜ୍ଞାନ ଛାଡି ରାଜନୀତିକ କ୍ଷେତ୍ରକୁ ଦୃଷ୍ଟି ନିକ୍ଷେପ କଲେ ଏ କ୍ଷେତ୍ରରେ ମଧ୍ୟ କିଛି ବିଶେଷତ୍ୱ ଦୃଷ୍ଟିଗୋଚର ହୁଏ। କର୍ମବୀର ଗୋଖେଲ ପ୍ରମୁଖବ୍ୟକ୍ତିମାନଙ୍କର ଜୀବନ ଚରିତ ଓ କାର୍ଯ୍ୟପ୍ରଣାଳୀ ରାଜନୀତିକ କ୍ଷେତ୍ରର ବିଶେଷତ୍ୱକୁ ପରିଚୟ ଦେଉଅଛି ।ଏହା ଦ୍ୱିତୀୟ ସ୍ତରର କାର୍ଯ୍ୟ ଓ ପ୍ରଭାବ ।

ତୃତୀୟ ସ୍ତର ବା ନବଜାଗରଣର ତୃତୀୟ ଅବସ୍ଥା ଆଲୋଚନା କରିବାକୁ ଗଲେ ଦେଖାଯାଏ ଯେ ଏହାର ଆଦର୍ଶ ଏକ ନୂତନ ଉପାଦାନରେ ଗଠିତ । ପରିବର୍ତ୍ତନର ତୃତୀୟ ଅବସ୍ଥାରେ ଯାହାକିଛି ହୋଇଅଛି ତାହା ଇଂଲଣ୍ଡର କାର୍ଯ୍ୟକୁ ଅସ୍ୱୀକାର କରିବା ଏବଂ ଭାରତର ଅତୀତ ଗୌରବରେ ନିଜକୁ ଗୌରବାନ୍ୱିତ ମନେକରି ସେହି ଗୌରବ କାହାଣୀକୁ



Source: Author, Digitized by PPRACHIN, SOA

ଜଗତରେ ପ୍ରଚାର କରିବା, କିନ୍ତୁ ବର୍ତ୍ତମାନ ଯେଉଁ ଆଦର୍ଶର ସ୍ପନ୍ଦନ ଭାରତର ଜାତୀୟପ୍ରାଣକୁ ସ୍ପନ୍ଦିତ କରି ଧୀରେଧୀରେ ସେହି ଆଦର୍ଶର ଶକ୍ତି ତାହାର ଜାତୀୟ ପ୍ରାଣର ବ୍ୟକ୍ତିଗତ ଜୀବନରେ ବିକଶିତ ହୋଇ ଉଠୁଅଛି ତାହା ଅତି ମହତ ଓ ଅତି ଉଦାର। ବର୍ତ୍ତମାନ ଏହି ଶକ୍ତି ସର୍ବସାଧାରଣଙ୍କର ନୟନପଥାବୃତ୍ତ ନହୋଇ ପାରିଥିଲେ ସୁଦ୍ଧା ନିବିଷ୍ଟ ଚିତ୍ତରେ ଅନୁଦ୍ଧାନ କଲେ ଯେ କେହି ତାହାର ପ୍ରତିଭା ଦେଖିବାକୁ ପାଇପାରିବେ। ଏହାର ମୂଳଭିତ୍ତି ବହୁଦିନରୁ ସ୍ଥାପିତ ହୋଇଗଲାଣି। ସ୍ଥଳବିଶେଷରେ ଏବଂ ବ୍ୟକ୍ତିବିଶେଷରେ ଏହା ପରିଦୃଷ୍ଟ ହେଉଅଛି ଏବଂ ଧୀର ଓ ଗଭୀର ସ୍ୱରରେ ପ୍ରଚାର କରୁଅଛି ଯେ ଭାରତ କେବଳ ଜଗତରେ ତାହାର କୃତିତ୍ୱ ପ୍ରମାଣ କରାଇ ନିଜକୁ ଗୌରବାନ୍ୱିତ ମନେକରିବ ତାହା ନୁହେଁ ସମସ୍ତ ଜଗତର ଓ ବିଶ୍ୱମାନବ ଜାତିର ଗଠନଭାର ଭାରତ ଉପରେ ନ୍ୟସ୍ତ। ତାହାକୁ ଏହି ମହତ୍ କର୍ମସାଧନ କରିବାକୁ ହେବ। ଏହାହିଁ କେବଳ ତାହାର ଲକ୍ଷ୍ୟ ପାଠକବୃନ୍ଦ ! ଏହା ଆମ୍ଭମାନଙ୍କୁ ଅଳୀକ ପରି ବୋଧ ହୋଇପାରେ; କିନ୍ତୁ ରାମକୃଷ୍ଣ ପରମହଂସ, ବିବେକାନନ୍ଦ, ଋଷିପ୍ରାଣ ମହାତ୍ମାଗାନ୍ଧି ପ୍ରଭୃତି ନରରୂପଧାରୀ ଦେବତାମାନଙ୍କର ଜୀବନଚରିତ ଓ କାର୍ଯ୍ୟପ୍ରଣାଳୀ ଅବଲୋକନ କଲେ ଏହା ଯଥାର୍ଥ ସତ୍ୟରୂପେ ସୂର୍ଯ୍ୟଲୋକପରି ଚକ୍ଷୁ ସମ୍ମୁଖରେ ପ୍ରତିଭାତ ହୁଏ। ଭାରତର ଯଦ୍ୟପି ଏପରି କିଛି ମହତ ଉଦ୍ଦେଶ୍ୟ ନଥାନ୍ତା, ତେବେ ସେ ବହୁକାଳରୁ ଲୋପପାଇ ଯାନ୍ତାଣି ଏବଂ ଆହୁରି ମଧ୍ୟ ଏକ କାଳରେ ଭାଗବାନ୍ ରାମକୃଷ୍ଣ ପରମହଂସ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ରାମତୀର୍ଥ ଓ ବିଜୟକୃଷ୍ଣ ଗୋସ୍ୱାମୀଙ୍କ ପରି ଧର୍ମବୀରଗଣ ଭାରତରେ ଜନ୍ମଗ୍ରହଣ କରିନଥାନ୍ତେ; କିମ୍ବା ବିଶିଷ୍ଟ ତ୍ୟାଗୀ ଓ ଧର୍ମପ୍ରାଣ ବ୍ୟକ୍ତିଙ୍କର ଭାରତର ରାଜନୀତିକ କ୍ଷେତ୍ରରେ ଆର୍ବିଭାବ ହୋଇନଥାନ୍ତା। ଏହିପରି ଆହୁରି କେତେ ସବୁ ଘଟଣା ଲକ୍ଷ୍ୟକରି ଉପରି ଉକ୍ତ ମହାତ୍ମାମାନଙ୍କ ଜୀବନୀ ଚରିତ ପାଠକଲେ ବେଶ୍ ବୁଝାଯାଏ ଯେ Bharatvarsha not only can glorify her name before the eyes of the world , but also can conquer the whole world and shape it after their own image. This is her goal and for this goal She has existed.

ଏହି ଆଦର୍ଶକୁ କାର୍ଯ୍ୟରେ ପରିଣତ କରିବାକୁ କେତେ ସମୟସାପେକ୍ଷ ଅବଶ୍ୟ ତାହା ନିରୂପଣ କରିହେବନାହିଁ। କିନ୍ତୁ ଏହାର କାର୍ଯ୍ୟଯେ ଆରମ୍ଭ ହୋଇଅଛି, ତାହା ସ୍ୱାମୀ ବିବେକାନନ୍ଦଙ୍କର ୟୁରୋପଆଗମନ, ଇଉରୋପରେ ବେଦାନ୍ତ ତତ୍ତ୍ୱ ପ୍ରଚାର ଓ ଆମେରିକା ଧର୍ମ କଂଗ୍ରେସରେ ତାହାଙ୍କର ଜୟଲାଭ ଯେପରି ଏକଦିଗରେ ସୂଚିତ



Source: Author, Digitized by PPRACHIN, SOA

କରାଇଦିଏ , ସେପରି ଦକ୍ଷିଣ ଆଫ୍ରିକାରେ ମହାତ୍ମାଗାନ୍ଧିଙ୍କର ସତ୍ୟାଗ୍ରହ ଲଢେଇ ଓ ତହିଁରେ ଜୟଲାଭ ଆହୁରି ପ୍ରତ୍ୟେକ୍ଷଭାବରେ ସେହି କାର୍ଯ୍ୟକୁ ଦେଖାଇଦିଏ । ଏହା ଅପେକ୍ଷା ଆଉ କି ଜ୍ୱଳନ୍ତ ଉଦାହରଣ ଦିଆଯାଇପାରେ ?

ଆମ୍ଭମାନଙ୍କ ମଧ୍ୟରେ ଯଦ୍ୟପି ବର୍ତ୍ତମାନ ଅନେକ ଇଉରୋପୀୟ ଆଦର୍ଶରେ ମୁଗ୍ଧ ଇଉରୋପ ବେଶଭୂଷାରେ ଭୂଷିତ ହେବାକୁ ଲାଳାୟିତ ଏପରି କି ଏହାକୁ ଭାରତର ପରମପୁରୁଷାର୍ଥ ବୋଲି ମନେକରୁଅଛନ୍ତି, ତଥାପି ଏହାର ପରିବର୍ତ୍ତନ ବର୍ତ୍ତମାନ ଭାରତର ସମସ୍ତ ଆନ୍ଦୋଳନ ସୂକ୍ଷ୍ମଦୃଷ୍ଟିରେ ଦେଖିଲେ ଏବଂ ଛାତ୍ରମାନଙ୍କର ଚିନ୍ତା ଓ କାର୍ଯ୍ୟପ୍ରଣାଳୀକୁ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟ ବୁଝାଯାଏ ଯେ ଇଉରୋପର ପ୍ରଲୋଭନର ପ୍ରଭାବରେ ମୁଗ୍ଧ ନୁହଁନ୍ତି; ତାହାଯେ ଦେଶରୁ ଏକାବେଳକେ ଲୁପ୍ତ ପାଇବ ଏବଂ ଭାରତ ବିଂଶ ଶତାବ୍ଦୀର ଆଦର୍ଶର ପ୍ରଭାବ ସମସ୍ତଙ୍କୁ ପ୍ରଭାବିତ କରି ତାହାର ବାଣୀ ହୃଦୟେହୃଦୟେ ଝଂକାରିତ ହେବ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ବିଶେଷତଃ ଏହି ଜଗତବ୍ୟାପୀ ଯୁଦ୍ଧ ଏହାକୁ ସତ୍ୟରୂପେ ପ୍ରମାଣିତ କରାଇ ଦେଇଅଛି । ଇଉରୋପ ନୂତନ ନୂତନ ନିୟମରେ ତାହାର ଜାତୀୟ ଆଦର୍ଶକୁ ଗଠନ କରି ସୁଦ୍ଧା ତାହା ଜଗତରେ ଚିରସୁଖ ଓ ଚିର ଶାନ୍ତି ପ୍ରଦାନ କରିବାକୁ ଏକାନ୍ତ ବିବ୍ରତ । କିନ୍ତୁ ଇଉରୋପଟାହେଁ ଭୋଗ । ସୁତରାଂ ଏହି ଭୋଗ ବିଳାସିତା ଯେଉଁଠାରେ ବର୍ତ୍ତମାନ ସ୍ୱାର୍ଥପରତାର ଆକାଂକ୍ଷା ସେଠାରେ ପୂର୍ଣ୍ଣମାତ୍ରାରେ ବିରାଜ କରେ । ସୁତରାଂ ଭାରତଯେ ଜଗତକୁ ନୂତନ ଆଦର୍ଶ ଦେଇ ମାନବ ସମ୍ମୁଖରେ ଶାନ୍ତିମନ୍ତ୍ର ପ୍ରଚାର କରିବ ଏକାଧ୍ରୁବ । (ସତ୍ୟାଗ୍ରହ ଆଶ୍ରମ, ଅହମ୍ମଦାବାଦ)

## ପରିଶିଷ୍ଟ-୨

## ନାରୀଜାଗୃତିର ଅନନ୍ୟା ନେତ୍ରୀ ସରଳାଦେବୀ

ଓଡିଶାରେ ନାରୀ ଜାଗରଣ,ନାରୀତ୍ୱର ନବପ୍ରତିଷ୍ଠା,ନାରୀବାଦର ଯୌକ୍ତିକତାର ପ୍ରକାଶ ପାଇଁ ପ୍ରାଣପଣ ଉଦ୍ୟମ,ସମାଜ ଓ ସଂସ୍କୃତିର ଅଗ୍ରଗତି ପାଇଁ ସଂଗ୍ରାମ ସହିତ ଗାନ୍ଧିବାଦୀ କାର୍ଯ୍ୟକ୍ରମକୁ ଓଡିଶାରେ ମହିଳାମାନଙ୍କ ମଧ୍ୟରେ ପ୍ରସାର ପରି ନାନାଧାରାରେ ସରଳା ଦେବୀ ଦୀର୍ଘ ପଚାଶ ବର୍ଷକାଳ ଅବଗାହନ କରିଛନ୍ତି । ସେ ଥିଲେ ଅବିସ୍ମରଣୀୟ ବିପ୍ଳବିଣୀ ଏବଂ ସଂସ୍କାରିକା । ଓଡିଆ ସାହିତ୍ୟର ବିଭିନ୍ନ ପର୍ବ ଉପରେ ତତ୍ତ୍ୱନିଷ୍ଠ ଏବଂ ତଥ୍ୟନିଷ୍ଠ ଆଲୋଚନା କରି ସେ ଓଡିଆ ସାହିତ୍ୟକୁ ସମୃଦ୍ଧୀଶାଳୀ କରିଯାଇଛନ୍ତି । ଓଡିଶାରେ



Source: Author, Digitized by PPRACHIN, SOA

ସାମାଜିକ ପରିବର୍ତ୍ତନ ଓ ସଂସ୍କାର ପାଇଁ ସେ ବହୁ ପ୍ରତିବାଦ କରିଛନ୍ତି । ସମାଜର ନାନା କୁସଂସ୍କାର ବିରୁଦ୍ଧରେ ଦୃଢ ସ୍ୱର ଉଠାଇଛନ୍ତି । ତାଙ୍କ ଭାଷା ଓ ଭାବ ନବଚେତନାର ଉନ୍ମେଷ ଓ ଉତ୍ତରଣ ପାଇଁ ବାଟ ସଫା କରିଥିଲା । ଓଡିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ ସେ ମଧ୍ୟ ଅଭିଯାନ ଚଳାଇଥିଲେ । ରାଜ୍ୟର ଅନେକ ବିକାଶଶୀଳ କାର୍ଯ୍ୟରେ ସେ ସମୟ ବିନିଯୋଗ କରିଥିଲେ । ନାରୀଶିକ୍ଷା,ସମବାୟ ଆନ୍ଦୋଳନ,ସାମାଜିକ ଓ ରାଜନୀତିକ କାର୍ଯ୍ୟକଳାପରେ ସେ ବେଶ୍ ସକ୍ରିୟ ଥିଲେ । ଓଡିଶାରେ ସାମାଜିକ-ସାଂସ୍କୃତିକ ଆନ୍ଦୋଳନରେ ତାଙ୍କର ଅବଦାନ ଅବିସ୍ମରଣୀୟ ।

ସରଳା ଦେବୀ ୧୯୦୪ ମସିହା ଅଗଷ୍ଟ ମାସରେ ଜଗତ୍‌ସିଂହପୁର ଜିଲ୍ଲାର ନରିଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଗୃହଶିକ୍ଷକଙ୍କ ସହଯୋଗରେ ସେ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଆନୁଷ୍ଠାନିକ ଶିକ୍ଷା ଲାଭ କରିଥିଲେ । ମାତ୍ର ପରବର୍ତ୍ତୀ କାଳରେ ନିଜର ଉଦ୍ୟମ ବଳରେ ସେ ବଙ୍ଗଳା ପଢି ଶିଖିଥିଲେ ଏବଂ ବଙ୍କିମଚନ୍ଦ୍ର,ରବୀନ୍ଦ୍ରନାଥ ଠାକୁର ଓ ଶରତ୍‌ଚନ୍ଦ୍ରଙ୍କର ଅମରକୃତିସବୁ ପଢି ସାରିଥିଲେ । ଏହା ସହିତ ରାଜାରାମମୋହନ ରାୟ,କେଶବଚନ୍ଦ୍ର ସେନ୍,ଦୟାନନ୍ଦ ସରସ୍ୱତୀ,ସ୍ୱାମୀ ବିବେକାନନ୍ଦ,ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଓ ଗୋପାଳକୃଷ୍ଣ ଗୋଖେଲଙ୍କ ଲେଖା ମଧ୍ୟ ତାଙ୍କ ଚିନ୍ତାଜଗତକୁ ଆଲୋଡିତ କରିଥିଲା ।(ମହାନ୍ତି ସଚ୍ଚିଦାନନ୍ଦ,ସରଳା ଦେବୀ, ଲେଖିକା, ସଂସ୍କାରିକା, ବିପ୍ଳବିଣୀ, ୨୦୦୪,କଟକ ।) ସେ କିଶୋରୀ ବୟସରେ ଜଗତ୍‌ସିଂହପୁର(ଚାଟରା ମୌଜାର) ଜମିଦାର ଭାଗିରଥି ମହାପାତ୍ରଙ୍କୁ ବିବାହ କରିଥିଲେ । ସଚ୍ଚିଦାନନ୍ଦ ମହାନ୍ତି ଲେଖିଛନ୍ତି-ଭାଗିରଥୀଙ୍କ ପରି ଜଣେ ଦେଶପ୍ରେମୀ ଓ ସ୍ୱାଧୀନଚେତା ସ୍ୱାମୀ ସରଳା ଦେବୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟି ଯାଇଥିଲେ । ମାତ୍ର ଅନ୍ନଦାଶଙ୍କର ରାୟଙ୍କ ଆତ୍ମଜୀବନୀ ଖଣ୍ଡ(ପ୍ରଥମ ଯୌବନ) ଯାହା ଆନନ୍ଦ ବଜାର ପତ୍ରିକାର ୧୯୯୫ ମସିହା ଅକ୍ଟୋବର ପୂଜା ସଂଖ୍ୟାରେ ପ୍ରକାଶ ପାଇଥିଲା ଭିନ୍ନ ତଥ୍ୟ ପରିବେଷଣ କରିଛି । ପ୍ରକୃତରେ ସ୍ୱାଧୀନଚେତା ସରଳା ଦେବୀ ବିବାହର ପ୍ରଥମ କେତୋଟି ବର୍ଷରେ ସ୍ୱାମୀଙ୍କର ସାମନ୍ତବାଦୀ ଆଧିପତ୍ୟକୁ ପ୍ରତିବାଦ କରିଥିଲେ ଏବଂ ତାଙ୍କୁ ଦେଶସେବା ପାଇଁ ପ୍ରେରଣା ଦେଇଥିଲେ । ବିବାହ କରିବାର କିଛି ବର୍ଷ ପରେ ସେ ପ୍ରଖ୍ୟାତ ସବୁଜ ଗୋଷ୍ଠୀର ଲେଖକ-ଅନ୍ନଦା ଶଙ୍କର ରାୟ,କାଳିନ୍ଦୀଚରଣ ପାଣିଗ୍ରାହୀ,ବୈକୁଣ୍ଠନାଥ ପଟ୍ଟନାୟକଙ୍କ ସହଯୋଗରେ ବାସନ୍ତୀ ଉପନ୍ୟାସର ଏକ ପରିଚ୍ଛେଦ ରଚନା କରିଥିଲେ । ନିଜେ ଅନ୍ନଦା ଶଙ୍କର ସରଳା ଦେବୀଙ୍କୁ ତାଙ୍କର ଆଦ୍ୟଜୀବନର ସାହିତ୍ୟିକ ବାନ୍ଧବୀ ବୋଲି ଗ୍ରହଣ କରିଥିଲେ । ତାଙ୍କର ସୁପ୍ରସିଦ୍ଧ ପୁସ୍ତକ "ପଥେ ପ୍ରବାସେ" ସରଳା ଦେବୀଙ୍କୁ ଉତ୍ସର୍ଗ କରାଯାଇଥିଲା । ତାଙ୍କ କହିବାନୁସାରେ



Source: Author, Digitized by PPRACHIN, SOA

ବଙ୍ଗଳା ସାହିତ୍ୟରେ ଯେଉଁ ପୁସ୍ତକ ତାଙ୍କୁ ପ୍ରତିଷ୍ଠିତ କରିଥିଲା ତାହାର ମୂଳରେ ଥିଲା ସରଳାଙ୍କର ଚିଠିପତ୍ର । ଏଥିରୁ କିଶୋରୀ ସରଳାଙ୍କର ସାହିତ୍ୟିକ ବୈଶିଷ୍ଟ୍ୟ ସ୍ୱୀକାର କରାଯାଇପାରେ । ସବୁଜ ଗୋଷ୍ଠୀ ସହିତ ସରଳାଙ୍କର ଏହି ସମ୍ପର୍କ ତାଙ୍କର ସାହିତ୍ୟିକ ଦିଗ୍‌ବଳୟକୁ ପ୍ରସାରିତ କରିଥିଲା ।

ଓଡିଶାରେ ଗାନ୍ଧିବାଦୀ କାର୍ଯ୍ୟକ୍ରମର ପ୍ରସାରଣ ପାଇଁ ସରଳାଙ୍କର ଅତୁଳନୀୟ ଅବଦାନ ଥିଲା । ନାଗପୁରରେ ଭାରତୀୟ ଜାତୀୟ କଂଗ୍ରେସର ପଞ୍ଚତିରିଶତମ ଅଧିବେଶନରେ ସରଳା ଦେବୀ ତାଙ୍କ ସ୍ୱାମୀ ଭାଗିରଥୀ ମହାପାତ୍ରଙ୍କ ସହିତ ପ୍ରତିନିଧି ହିସାବରେ ଯୋଗଦାନ କରି ଗାନ୍ଧିବାଦୀ କାର୍ଯ୍ୟକ୍ରମକୁ ଓଡିଶାରେ ପ୍ରସାରିତ କରାଇଥିଲେ । ଓଡିଶାରେ ଅସହଯୋଗ ଆନ୍ଦୋଳନରେ ସେ ମୁଖ୍ୟ ଭୂମିକା ନାରୀମାନଙ୍କ ତରଫରୁ ଗ୍ରହଣ କରିଥିଲେ । ସେତେବେଳେ ଜଗତ୍‌ସିଂହପୁରରେ ପ୍ରତିଷ୍ଠିତ ଅଳକାଶ୍ରମରେ ସେ ମଧ୍ୟ ବହୁବାର ଯୋଗ ଦେଇ ଏହାର ଗଠନାତ୍ମକ ଶିକ୍ଷା ପଦ୍ଧତିକୁ ଉତ୍ସାହିତ କରିଥିଲେ । ଲେଖିକା ହିସାବରେ ସେ ପ୍ରଥମେ ପରିଚାରିକା ନାମକ ମହିଳା ପତ୍ରିକାରେ ଲେଖା ଆରମ୍ଭ କରଥିଲେ । ପରିଚାରିକା ବସନ୍ତକୁମାରୀ ଦେବୀଙ୍କ ସଂପାଦିତ ଏବଂ ମହିଳାମାନଙ୍କ ଶିକ୍ଷୋନ୍ନତି ନିମନ୍ତେ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା ୧୯୧୯ ବେଳକୁ ପ୍ରସାରିତ ହୋଇଥିଲା । ଏହି ପତ୍ରିକାରେ ଲେଖା ପ୍ରକାଶ କରିବା ସଙ୍ଗେ ସଙ୍ଗେ ସରଳା ଦେବୀ ୨୪ ଟଙ୍କା ୧୯୧୯ରେ ଏହାର ପ୍ରକାଶନ ପାଇଁ ଦାନ କରିଥିଲେ ।

ସ୍ୱାଧୀନତା ଆନ୍ଦୋଳନ କାଳରେ ନାରୀ ଶିକ୍ଷା,ନାରୀ ଜାଗରଣ ପରି ନାନା ପ୍ରକାର ସାମାଜିକ ପ୍ରସଙ୍ଗ ଉପରେ ସରଳା ଦେବୀ ୨୦ ବର୍ଷ ବୟସରୁ ଅନ୍ତତଃ ସଚେତନ ହୋଇଥିଲେ ଏବଂ ନିଜର ଏହି ସମ୍ପର୍କିତ ସମସ୍ତ ଭାବନାକୁ ସେ ସାହିତ୍ୟ ପତ୍ର ଏବଂ ସମ୍ବାଦପତ୍ରମାନଙ୍କରେ ସ୍ଥାନ ଦେଇଥିଲେ । ୧୯୨୪ ମସିହା ଜୁଲାଇ ୨୬ ତାରିଖରେ ଉତ୍କଳ ଦୀପିକାରେ ସରଳା ଦେବୀଙ୍କର ପତ୍ର ଉତ୍କଳ ନାରୀ ସମ୍ମିଳନୀ ସମ୍ପର୍କରେ ଏବଂ ନାରୀବାଦ ସମ୍ପର୍କରେ ପ୍ରଚୁର ସୂଚନା ବହନ କରେ । ସେ ଏହି ପତ୍ରରେ ଲେଖିଥିଲେ- "ଅତୀତ ଜୀବନରେ ଯାହା ଦିନେ ସ୍ୱପ୍ନ ଦେଖୁଥିଲି,ସେ ଦିନ ବାସ୍ତବ ଜଗତରେ ତାହା ସଫଳ ହେବାର ଦେଖି ମୋର ପ୍ରାଣ ସ୍ୱାର୍ଥକ ହୋଇଗଲା ।.ମୋର କେବେ ଆଶା ନଥିଲା ଭାରତର ଅନ୍ୟାନ୍ୟ ପ୍ରଦେଶମାନଙ୍କ ପରି ଉତ୍କଳର ନାରୀ ବୋଲି ଜଗତରେ କିଛି ଗୋଟାଏ ଏପରି ଜିନିଷ ହୋଇଯିବ ଏବଂ ତାହା ମୁଁ ଇହ ଜନ୍ମରେ ଦେଖିପାରିବି । ଉତ୍କଳରେ ନାରୀ ସମ୍ମିଳନୀ ହେବା ଏବଂ ଉତ୍କଳ ପ୍ରାଦେଶିକ ସମ୍ମିଳନୀକୁ ଅସ୍ପୃଶ୍ୟ ତଥା ସ୍ପୃଶ୍ୟ ଜାତିରୁ ପ୍ରତିନିଧି ହୋଇ ଆସିବା ଆଜି ଉତ୍କଳର ଜାତୀୟ ଇତିହାସରେ ନୂଆ କଥା । ନାରୀ



Source: Author, Digitized by PPRACHIN, SOA

ଜାଗରଣରେ ଏ ଯେ ଶୁଭ ଲକ୍ଷଣ ଏହା ଦେଖି କେଉଁ ହୃଦୟବାନ୍ ଉଦାର ଦେଶସେବକର ଚିତ୍ତ ପୂରି ନଉଠିବ ? ନିରାଶ ଅନ୍ଧକାରରେ ସ୍ୱର୍ଗୀୟ ଆଶା ରଶ୍ମି ଫୁଟି ଉଠିଥିଲା । ଆୟୋଜନ କ୍ଷୁଦ୍ର ହେଲେହେଁ ଓ କତିପୟ ନାରୀ ଯୋଗ ଦେଇଥିଲେ ହେଁ ଅନୁଷ୍ଠାନର ପ୍ରାଣଟା କେତେ ଜୀବନ୍ତ ଓ ମହୀୟାନ୍ ଏହା ବୁଝିବା ଆବଶ୍ୟକ । ଆମ୍ଭମାନଙ୍କର ଭରଷା ପ୍ରତି ବର୍ଷ ଆମର ଏ ନୂଆ ଜାଗରଣଟିକୁ କର୍ମର, ଜ୍ଞାନର ଓ ଉତ୍ସାହର ପ୍ରେରଣା ଦ୍ୱାରା ଅନୁପ୍ରାଣିତ ହୋଇ ଜୀବନ୍ତ ରଖିବୁ" । ପ୍ରାଦେଶିକ ସମ୍ମିଳନୀରେ ନାରୀ ସମସ୍ୟା ଉପସ୍ଥାପନ ଉପରେ ସରଳା ଏହି ଚିଠିରେ ଗୁରୁତ୍ୱ ଦେଇଥିଲେ ଏବଂ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଏହି ସମ୍ପର୍କିତ ମତ ଓ ମନ୍ତବ୍ୟକୁ ସମ୍ପୂର୍ଣ୍ଣ ଗ୍ରହଣ କରିଥିଲେ ।

୧୯୨୯ରେ ବାଲେଶ୍ୱରଠାରେ ଉତ୍କଳ ପ୍ରାଦେଶିକ ସମ୍ମିଳନୀ ସହିତରେ ନାରୀ ସମ୍ମିଳନୀ ହୋଇଥିଲା । ସରଳା ଏହି ସମ୍ମିଳନୀ ସମ୍ପର୍କରେ ପ୍ରଜାତନ୍ତ୍ରରେ ୬ ମେ ୧୯୨୯ ସଂଖ୍ୟାରେ ଲେଖିଥିଲେ- "ବାଲେଶ୍ୱରରେ ନାରୀମାନଙ୍କର ଜାତୀୟତାବୋଧ ଓ ଉତ୍ସାହିତ ଭାବ ଦେଖି ଆମ୍ଭମାନଙ୍କର ବିଶ୍ୱାସ ହୁଏ ଓଡିଶାର ମହିଳା ପ୍ରଗତିରେ ନିକଟରେ ସେମାନେ ଶୀର୍ଷସ୍ଥାନ ଅଧିକାର କରିପାରିବେ । ନିଶିବାଳା ନାୟକ, ପ୍ରୀତିବାଳା ରାୟ, ଜାହ୍ନବୀ ଦେବୀ ଏହି ତିନି ଜଣଙ୍କର ଜ୍ୱଳନ୍ତ ଉତ୍ସାହ ଆମ୍ଭମାନଙ୍କୁ ଭବିଷ୍ୟତ ପ୍ରତି ଯଥେଷ୍ଟ ଆଶାନ୍ୱିତ କରିଅଛି" । ଏହି ସଭାରେ ସରଳା ନାରୀ ସମସ୍ୟା, ଜନ୍ମସଂରୋଧ, ସୌନ୍ଦର୍ଯ୍ୟବୋଧ, ଶିକ୍ଷା, ଆମୋଦପ୍ରମୋଦ ଓ ମିଳନ, ଜାତୀୟତା ଓ ଦେଶରେ ନାରୀର କର୍ତ୍ତବ୍ୟ, ଅସ୍ପୃଶ୍ୟତା, ସମାଜରେ ନାନା କୁସଂସ୍କାର ଓ ଅଫିମର ଅନିଷ୍ଟକାରିତା ସମ୍ବନ୍ଧରେ ବୁଝାଇଥିଲେ ।

ନାରୀ ପ୍ରସଂଗଟି ସରଳାଙ୍କର ରଚନା ସମଗ୍ରରେ ଏକ ବିଶିଷ୍ଟ ଆସନ ଗ୍ରହଣ କରିଥିଲା । ୧୯୨୪ରୁ ୧୯୪୦ ମଧ୍ୟରେ ଏହି ସମ୍ବନ୍ଧରେ ପତ୍ରପତ୍ରିକାମାନଙ୍କରେ ସେ ଉଚ୍ଚକୋଟୀର ଲେଖାମାନ ପ୍ରକାଶ କରିଥିଲେ । ଉତ୍କଳ ସାହିତ୍ୟ ପତ୍ରରେ( ୨୫ ଭାଗ,୮ମ ସଂଖ୍ୟାରେ) "ନାରୀତ୍ୱର ପ୍ରତିଷ୍ଠା"ଶୀର୍ଷକ ଆଲୋଚନା ତାଙ୍କ ନାରୀବାଦ ବା ନାରୀ ସଶକ୍ତିକରଣ ତତ୍ତ୍ୱର ପ୍ରଧାନ ପ୍ରସଙ୍ଗ । ଆଶା ସମ୍ବାଦପତ୍ରରେ ତାଙ୍କ ନାରୀ ଜାଗୃତି ଓ ନାରୀବାଦ ସମ୍ପର୍କିତ ତତ୍ତ୍ୱମାନ ପ୍ରସାରିତ ହୋଇଥିଲା ୧୯୨୯ ମସିହାରେ । ଏପ୍ରିଲ ୨୯ ୧୯୨୯ରେ ଆଶାରେ "ଆଧୁନିକ ଯୁଗରେ ଓଡିଆ ନାରୀ"ଶୀର୍ଷକ ଆଲୋଚନା ସରଳାଙ୍କ ବୈଜ୍ଞାନିକ ତଥା ହେତୁବାଦୀ ଦୃଷ୍ଟିକୋଣର ପରିଚୟ ବହନ କରିଥିଲା । ଓଡିଆ ନାରୀ ତାର ଆତ୍ମ ପରିଚୟ ଲାଭ କରିବାକୁ ସଚେଷ୍ଟ ନୁହେଁ; ତାର ଭାବ ପ୍ରେରଣା ସକ୍ରିୟ ନୁହେଁ । ବିଶ୍ୱର ଅନନ୍ତ ପ୍ରସାରିତ କ୍ଷେତ୍ରରେ ତାହାର ବିକାଶ ପଥ ଆଜିତକ ମୁକ୍ତ ହେଲା ନାହିଁ-ଏହିପରି ଅନେକ ପ୍ରସଙ୍ଗ ତାଙ୍କର ଯୁକ୍ତିନିଷ୍ଠ ବିବରଣୀରେ ସ୍ଥାନ ପାଇପାରିଥିଲା । ଓଡିଆ ରମଣୀ



Source: Author, Digitized by PPRACHIN, SOA

ମନରେ କର୍ମଶକ୍ତି,ଚିନ୍ତା ଓ ସାହାସର ପ୍ରେରଣା ଦେବାକୁ ସେ ପର୍ଯ୍ୟନ୍ତ ସକ୍ଷମ ହେଲା ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରି ଲେଖିଥିଲେ। ସେହି ପ୍ରସଙ୍ଗରେ ସେ କହିଥିଲେ- "ଆଧୁନିକ ଯୁଗରେ ଓଡିଆ ନାରୀର ସ୍ଥାନ ନାହିଁ। ନିଖିଳ ବିଶ୍ୱର ନାରୀତ୍ୱର ପ୍ରତିଷ୍ଠାରେ ତାର କୌଣସି ଯୋଗ ନାହିଁ। ସ୍ଥାନହୀନ,ଆସନହୀନ ସେ। ଅପାଙ୍କ୍ତେୟ ହୋଇପଡିଛି ଯାଇ ଆଚାରପଦ୍ଧତିମୂଳକ ସଂସ୍କାରର ଅନ୍ଧ ତମିସ୍ରାରେ-ଅସୂର୍ଯ୍ୟଂସ୍ପର୍ଶ୍ୟ ପାତାଳପୁରୀରେ। ତଥାପି ସେ ନାରୀ ପ୍ରଗତି ଓଡିଶାରେ ୧୯୨୧ରୁ ଆରମ୍ଭ ହୋଇଥିବାର ସୂଚନା ଦେଇ ଲେଖିଥିଲେ-"୧୯୨୧ରେ ଜାତୀୟ ଅଭ୍ୟୁତ୍ଥାନ ହେତୁରୁ ଭାରତ ସାରା ଯେ ସ୍ୱାଧୀନ ସଂକଳ୍ପର ଦେଶାତ୍ମବୋଧର ଭାବ ପ୍ରବାହ ବହିଗଲା,ସେ ବନ୍ୟା ପ୍ରବାହ ଓଡିଆ ସମାଜ ତଥା ଓଡିଆ ନାରୀର ମାନ୍ଧାତା ଅମଳର ବହୁତ ସଂସ୍କାରର ଭିତ୍ତିମୂଳ ଧୋଇ ନେଇଗଲା। ଫଳତଃ ଓଡିଆ ନାରୀର ଓଡିଆ ସମାଜର ମର୍ମ ମୂଳରେ ଯେଉଁ ପ୍ରତିକ୍ରିୟା ଜନ୍ମିଲା,ନାନା କ୍ଷେତ୍ରରେ ଆମ୍ଭେମାନେ ତାର ପରିଚୟ ପାଉଛୁ। ଗଲା କେତେ ବର୍ଷ ଭିତରେ ସହରମାନଙ୍କରେ କେତେଗୁଡିଏ ନାରୀସଭା ହୋଇଯାଇଛି। ଓଡିଆଣୀ ଆଉ କଂଗ୍ରେସ କନ୍‌ଫରନେସ୍ ସଭାସମିତିକୁ ଯିବାକୁ କୁଣ୍ଠାସଂକୋଚ ବୋଧ କରୁନାହାଁନ୍ତି। ଶିକ୍ଷା ବିଭୀଷିକା ଭାଙ୍ଗି ଯାଇଛି। କାର୍ଯ୍ୟତଃ ସେପରି କିଛି ନଦେଖାଗଲେ ମଧ୍ୟ ନାନା ସମାଜ ଓ ନାନା ସହରର ସଂସ୍ପର୍ଶରେ ଆସିବା ଦ୍ୱାରା ବହୁ ଅର୍ଥହୀନ ଅନ୍ଧ ସଂସ୍କାରର ସୂତ୍ରଗୁଡିକ ଶିଥିଳିତ ହୋଇଯାଇଅଛି। ସମ୍ପ୍ରତି ଉତ୍କଳ ଖଣ୍ଡରେ ସୁପରିଚିତ କୁମାରୀ ଶୈଳବାଳା ଓ କଟକ ବାଳିକା ସ୍କୁଲର ପରିଚାଳିକା କୁମାରୀ ନିର୍ମଳବାଳାଙ୍କ ଶ୍ରମ ଓ ଉତ୍ସାହରେ, ଆନୁକୁଲ୍ୟରେ କଟକରେ ନାରୀସଂଘ ଗଠିତ ହୋଇଅଛି। ଆଧୁନିକ ଯୁଗରେ ଏତିକି ବେଳେ ଓଡିଆଣୀଙ୍କର ସମଷ୍ଟିଗତ କୃତିତ୍ୱର ସୂଚନା। ସମିତିର ଉଦ୍ଦେଶ୍ୟ ମହତ୍, ଉଦାର। କୌଣସି କ୍ଷୁଦ୍ର ସ୍ୱାର୍ଥ, ଅସାର ସାମ୍ପ୍ରଦାୟିକତା ବା ରାଜନୈତିକ ଧୂଆଁର ସ୍ଥାନ ଏଥିରେ ନାହିଁ। ସମାଜର ସେବାରେ ନାରୀ ତାର ଆତ୍ମନିଯୋଗ କରିବ। ଦୁଃଖୀ ଅନୁନ୍ନତ ଭଉଣୀମାନଙ୍କ ଚିତ୍ତରେ ଉତ୍ସାହର ପ୍ରେରଣା ଦେବ। ଶିକ୍ଷା ସଂସ୍କାର କରିବ-ଏହି ହେଲା ତାର ପ୍ରଧାନ ଉଦ୍ଦେଶ୍ୟ। ଅବସ୍ଥା ଦୃଷ୍ଟେ ମନେହୁଏ ଏହା ଶକ୍ତି ସଂଗ୍ରହ କରି ଯଥାର୍ଥ ନାରୀ ଜାଗରଣ ଓ ଶିକ୍ଷା ବିସ୍ତାରରେ ମୁଖ୍ୟତଃ ଜାତୀୟ ଜୀବନ ଗଠନରେ କାର୍ଯ୍ୟ କରିପାରେ। ନାରୀସମିତି ଯଥାଯଥ ପରିଚାଳିତ ହୋଇପାରିଲେ ଅଦୂର ଭବିଷ୍ୟତରେ ଆଧୁନିକ ଯୁଗରେ ଓଡିଆ ନାରୀର ସ୍ଥାନ ନିର୍ଦ୍ଦେଶ କରିବାକୁ ସକ୍ଷମ ହେବା ଦୁରୁହ ହେବ ନାହିଁ। ଓଡିଶାର ତିମିରିତ ଅନ୍ତଃପୁରକୁ ଏ ଆଲୋକ ପ୍ରଦାନ କରିବ। ଭାବୀ କାଳର ଓଡିଆଣୀଙ୍କ ସମ୍ବନ୍ଧରେ ବହୁତ ଆଶା କରାଯାଏ। ସେମାନେ ଓଡିଆର ଆତ୍ମା ଓଡିଆର କୃଷ୍ଟି ବା କଲ୍‌ଚର୍‌ର ଐଶ୍ୱର୍ଯ୍ୟକୁ ଆବିଷ୍କାର କରିବାର ଗୁରୁତର ଭାର ନେବେ। ସମଗ୍ର ଓଡିଆ ଜାତିର ସାହାଯ୍ୟ ଓ ସହାନୁଭୂତି ଏଥିପାଇଁ ଲୋଡା"। ଏହି



Source: Author, Digitized by PPRACHIN, SOA

ପ୍ରସଙ୍ଗଟିରୁ ସରଳାଙ୍କର ଓଡିଆ ନାରୀ ଜାଗୃତି ସମ୍ପର୍କିତ ଯୁକ୍ତିନିଷ୍ଠ ଦୃଷ୍ଟିକୋଣ ସହଜରେ ଆବିଷ୍କାର କରାଯାଇପାରେ।

ନାରୀ ସମସ୍ୟାର ସମ୍ପ୍ରସାରିତ ଦୃଷ୍ଟିକୋଣରୁ ଆଲୋଚନା ସରଳା ଦେବୀ ୧୯୨୯ ମସିହା ମେ ୧୩ ତାରିଖ,୨୦ ତାରିଖ ଏବଂ ୨୯ ତାରିଖରେ ଆଶା ସମ୍ବାଦପତ୍ରରେ "ହିନ୍ଦୁ ସମାଜରେ ନାରୀ ସମସ୍ୟା ଓ ସଂସ୍କୃତି" ଶୀର୍ଷକ ପ୍ରବନ୍ଧରେ ପ୍ରକାଶ କରିଥିଲେ। ଭାରତୀୟ ନାରୀବାଦ ଓ ନାରୀ ସଶକ୍ତିକରଣର ଏହା ଥିଲା ଉତ୍କୃଷ୍ଟ ଉଚ୍ଚାରଣ। ଏହି ଆଲୋଚନାର ଉପସଂହାରରେ ସେ ଲେଖିଥିଲେ-"ମନୁଷ୍ୟ କେବଳ ପୁରୁଷ ନୁହେଁ, ନାରୀ ମଧ୍ୟ ମନୁଷ୍ୟ ପଦବାଚ୍ୟ। କିନ୍ତୁ ଏହି ମନୁଷ୍ୟଙ୍କୁ ପକ୍ଷଘାତଗ୍ରସ୍ତ କରି ସାମାଜିକ ଶୁଚିତା କେଉଁ ଦିଗରେ ରକ୍ଷା ପାଉଛି, ପାଇଛି ଓ ପାଇବ ଏ ସମ୍ବନ୍ଧରେ ଆଲୋଚନା କରିବାକୁ ଦେଶସେବକ, ସଂସ୍କାରକ, ଶ୍ରଦ୍ଧାବାନ୍ ସୁଧୀବର୍ଗ ଓ ସର୍ବଶେଷରେ ଦେଶର ଭାବୀ ସାହିତ୍ୟିକ ଓ ଉଦୀୟମାନ ଲେଖକମାନଙ୍କୁ ଆହ୍ୱାନ କରୁଅଛୁ। ସମାଜରେ ନାରୀର ସ୍ଥାନ, ତାର ରାଷ୍ଟ୍ରାଧିକାର, ଘର ପରି ବାହାରେ ମଧ୍ୟ ନାରୀର ସ୍ଥାନ ଓ ଉପଜୀବିକା ସମ୍ବନ୍ଧରେ ଚିନ୍ତା କରିବାକୁ ମୁଁ ଭାବୁକ ବ୍ୟକ୍ତିଙ୍କୁ ଆବେଦନ କରୁଅଛି। ଅବଶ୍ୟ ନାରୀ ତା ନିଜ ଅବସ୍ଥାରେ ସଚେତନ ନହେଲେ ଓ ମୁଖ୍ୟତଃ କର୍ତ୍ତବ୍ୟ ନକରିଲେ ହେବ ନାହିଁ। ଅବଳା, ଦୁର୍ବଳା ଓ ନିରକ୍ଷର ବୋଲି ସେ ଏ ଉପସ୍ଥିତ ଗୁରୁ ଦାୟିତ୍ୱରେ ଅଂଶ ନନେଇ ପିଲାଙ୍କ ଫୁଲ ଖେଳ ପରି ସବୁଥିରେ ନିଷ୍କୃତି ପାଇ ଘରେ ବସି ସଂଗ୍ରାମରେ ପଛଘୁଞ୍ଚା ଦେଲେ ହେବ ନାହିଁ। ପୁରୁଷର କର୍ତ୍ତବ୍ୟ ଆପାତତଃ ଏ ସମାଜରେ ମୁଖ୍ୟ ହେଲେହେଁ ସାଧାରଣତଃ ଗୌଣ ଭାବରେ ନାରୀର ନିଜ ଉନ୍ନତି ଆନୟନ ଦିଗରେ ମୁଖ୍ୟତମ କର୍ତ୍ତବ୍ୟ ରହିଛି। ମାଇପି ଲୋକ, ବୁଦ୍ଧି କମ୍, ଶକ୍ତି ନାହିଁ, ଏ ସବୁ କଥା କହି ପୁରୁଷ ନାରୀକୁ ସମ୍ମୋହତ କରିଛନ୍ତି। ଯା ଫଳରେ ନିଜ ପ୍ରତି ତାର ଆସ୍ଥା ପ୍ରତ୍ୟୟ ବିଶ୍ୱାସ ଭରସା ତୁଟିଯାଇଛି। ଯେମିତି ସମ୍ମୋହିତ କରିଆସୁଛି ଶାସ୍ତ୍ରବାକ୍ୟ ଓ ପୂର୍ବପୁରୁଷମାନଙ୍କ ସଂସ୍କୃତ ସାହିତ୍ୟରେ ବିବୃତ୍ତ ବିଶେଷଣାବଳୀ ଦେବୀ, ଆର୍ଯ୍ୟା, ଶକ୍ତିରୂପିଣୀ, ଲକ୍ଷ୍ମୀକଲ୍ୟାଣୀ ଇତ୍ୟାଦି ଏ ସମ୍ମୋହନ ଶବ୍ଦଜ୍ଞାନର କ୍ଷୁରଧାର ଅସ୍ତ୍ରରେ ସଂହାର କରି ନାରୀର ନାରୀତ୍ୱ ତାର ଆଧ୍ୟାତ୍ମିକ, ଆଧିଭୌତିକ, ଆଧିଦୈବିକ, ଜାଗତିକ ନାନା ବିଷୟରେ ତାକୁ କର୍ଷଣ କରିବାକୁ ହେବ। ତେବେ ଯାଇ ନାରୀଶକ୍ତି ଜୀବଦାନ ପାଇ ସକ୍ରିୟ ହୋଇ ଉଠି ସମାଜର ଦେଶର କଲ୍ୟାଣ ସାଧନ କରିପାରିବ। ନତୁବା ଦେଶର ପରାଧୀନ ପୁରୁଷତୁଲ୍ୟ ପରପଦାନତ ଗଳଗ୍ରହ ପରାନ୍ନଭୋଜୀ ନାରୀ ପଶୁ ତୁଲ୍ୟ ସମାଜର ଯୁଗ ଯୁଗ ବର୍ଦ୍ଧିତ ଆବଦ୍ଧ ଆବର୍ଜନାରାଶୀକୁ ଆହୁରି ବର୍ଦ୍ଧିତ କରିବ। ତାର ଅତୀତ ଅଗୌରବମୟ ଭବିଷ୍ୟତ ବନ୍ଧ୍ୟା"।



Source: Author, Digitized by PPRACHIN, SOA

ହରବିଳାସ ଶାରଦାଙ୍କର ବାଲ୍ୟ ବିବାହ ନିରୋଧକ ଆଇନ ସପକ୍ଷ ଓ ବିପକ୍ଷରେ ଭାରତରେ ୧୯୨୯ରେ ନାନା ଆନ୍ଦୋଳନ ଚାଲିଥିଲା । ସରଳା ଏହି ଆଇନ୍ ସପକ୍ଷରେ ନାନା ପତ୍ରିକାରେ ତାଙ୍କର ମତମାନ ପ୍ରକାଶ କରିଥିଲେ । କିନ୍ତୁ ସେ ସେତେବେଳେ ମତ ଦେଇଥିଲେ ଯେ ଖାଲି ଜଣକ କଥା ବା ମତ ବା ଲେଖାରେ ଶାଗ ସିଝିବାର ନୁହେଁ; ଏଥପାଇଁ ଉତ୍କଳ ର ପୁରପଲ୍ଲୀ ସହରବାସିନୀ ସର୍ବଶ୍ରେଣୀର ମହିଳାମାନଙ୍କର ମତ ଓ ସ୍ୱାକ୍ଷର ଆବଶ୍ୟକ । ସେ ଉପଲକ୍ଷରେ ଆଶା ସମ୍ବାଦପତ୍ରରେ ୧୯୨୯ ମସିହା ୯ ତାରିଖରେ ସରଳା ଲେଖିଥିଲେ-"ଓଡିଶାରେ ନାରୀ ଅନୁଷ୍ଠାନ ଓ ଆନ୍ଦୋଳନ ବ୍ୟାପକ ଭାବରେ ନାହିଁ କହିଲେ ଚଳେ । ଯାହା ଅଛି ତାହାର କ୍ଷୀଣସ୍ରୋତ ସହର ସୀମା ଟପି ନାହିଁ । ଆଉ ଥରେ ବି ତାର କାର୍ଯ୍ୟକାରିତା ଭାରତୀୟ ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ନଗଣ୍ୟତମ ।ଏପରି ନାରୀ କର୍ମୀ ଓଡିଶା ଖଣ୍ଡରେ କେହି ଜଣେ ନାହାନ୍ତି ଯେ କି ନିଜର ସମସ୍ତ ସମୟ ଓ ଶକ୍ତିକୁ ନାରୀ ସମାଜର ଉନ୍ନତି କଳ୍ପେ ବ୍ୟୟ କରିବାକୁ ପ୍ରସ୍ତୁତ । ଆଉ ଯେଉଁମାନେ କିଛି କହିବାକୁ ଚାହାଁନ୍ତି ସେମାନଙ୍କର ସୁବିଧା ନାହିଁ, ଅର୍ଥ ନାହିଁ, କ୍ଷେତ୍ର ନାହିଁ, ଯାହା ଓଡିଶାର ବିଭିନ୍ନ ସ୍ଥଳରେ ପ୍ରୟୋଗ ହୋଇପାରିବା ସମ୍ଭବପର । ମୁଁ ଓଡିଶାର ମହିଳାବର୍ଗଙ୍କର ମତ ଓ ସ୍ୱାକ୍ଷରମାନ ଚାହୁଁଛି । ଯେଉଁମାନେ ଶାରଦା ବିଲ୍ ବା ବାଲ୍ୟବିବାହ ବନ୍ଦ ଆଇନର ପକ୍ଷପାତିନୀ ଓ ସହବାସ ସମ୍ମତି ପନ୍ଦର ବର୍ଷରେ ହେବାଟା ନ୍ୟାୟ ଓ ଧର୍ମ ପୁଣି ନୈତିକ ଦିଗରୁ ଉଚିତ ବୋଲି ଅନ୍ତରର ସହିତ ସମର୍ଥନ କରନ୍ତି ସେମାନେ ମୋର ଠିକଣାରେ ଅବିଳମ୍ବେ ନିଜ ନିଜର ସ୍ୱାକ୍ଷର ଦେଇ ପତ୍ର ଲେଖିବାକୁ ବିନୀତ ଭାବରେ ଅନୁରୋଧ କରୁଅଛି" ।

୧୯୩୫ ମସିହାରେ ସୁଦ୍ଧା ସରଳା ଦେବୀ "ଉତ୍କଳର ନାରୀ ସମସ୍ୟା", "ନାରୀର ଦାବୀ", "ଗାଁବାଲାଙ୍କ କଥା", "ଭାରତୀୟ ମହିଳା ପ୍ରସଙ୍ଗ", "ନାରୀର ଜଗତ", "ବୀରାଙ୍ଗନା", ପ୍ରଭୃତି ପୁସ୍ତିକା ପ୍ରକାଶ କରିଥିଲେ । ନାରୀ ସମସ୍ୟା ସମ୍ବନ୍ଧରେ ଏପରି ତଥ୍ୟପୂର୍ଣ୍ଣ, ଯୁକ୍ତିନିଷ୍ଠ ପୁସ୍ତିକା ଭାରତର ଅନ୍ୟାନ୍ୟ ଭାଷାରେ ମଧ୍ୟ ସେତେବେଳେ ଖୁବ୍ କମ୍ ଥିଲା । ତାଙ୍କର ଏହି ସମସ୍ତ ଲେଖା ଉତ୍କଳର ନାରୀ ଜୀବନରେ ନୂତନ ଧାରା ଆଣିଥିଲା । ସହକାର ମାସିକ ସାହିତ୍ୟ ପତ୍ରରେ ବିଭିନ୍ନ ସଂଖ୍ୟାରେ ସେ ଧାରାବାହିକ ଭାବରେ ବୌଦ୍ଧଯୁଗରେ ନାରୀ, ଭାରତୀୟ ଆର୍ଥିକ ଦୈନ୍ୟ, ପ୍ରସାଧନ, ସାରଳା ମହାଭାରତରେ ନାରୀର ଚିତ୍ର, ଭାଷା ବ୍ୟବଧାନ, ବୃନ୍ଦାବତୀ ଦାସୀ,ନାରୀର ଆର୍ଥିକ ସ୍ୱାଧୀନତା, ବାଲ୍ୟବିବାହ, ପ୍ରାଚୀନ କାଳରେ ହିନ୍ଦୁର ସାମାଜିକ ରୀତି, ଉତ୍କଳରେ ନାରୀ ଜାତିର ବିବାହ ସମସ୍ୟା, ପୁରୁଷ ଜୀବନରେ ନାରୀର ପ୍ରଭାବ, ନିଖିଳ ଭାରତୀୟ ମହିଳା ସଂଘ,ସାଧାରଣ ଜୀବନରେ ନାରୀ, ଭାରତରେ ନାରୀ ପ୍ରଗତି,ନାରୀର ଭବିଷ୍ୟତ ପରି



Source: Author, Digitized by PPRACHIN, SOA

ପ୍ରବନ୍ଧମାନ ୧୯୩୦ରୁ ୧୯୪୦ ମଧ୍ୟରେ ପ୍ରକାଶ କରି ତାଙ୍କର ଯୁକ୍ତିନିଷ୍ଠ ନାରୀବାଦର ସମ୍ପ୍ରସାରଣ କରାଇଥିଲେ। ୧୯୩୭ ମସିହାଠାରୁ ସହକାର ମାସିକ ସାହିତ୍ୟ ପତ୍ରରେ ସେ ମହିଳା ମହଲ ସ୍ତମ୍ଭଟିର ଲେଖିକା ହୋଇ ନାରୀ ସମସ୍ୟାର ନାନା ଦିଗ ଉପରେ ଆଲୋକପାତ କରିଥିଲେ। ଏହି ମହିଳା ମହଲର ପରିକଳ୍ପନା କରିଥିଲେ ସରଳା ଦେବୀ ୧୯୩୪ କିମ୍ବା ୧୯୩୫ ମସିହାରେ। ସେ ପ୍ରସଙ୍ଗରେ ସେ ଲେଖିଥିଲେ-"ଉତ୍କଳର ସାହିତ୍ୟ କିମ୍ବା ଚିନ୍ତା କ୍ଷେତ୍ରରେ ନାରୀର ଅବଦାନ-ଶୂନ୍ୟତା ମୋର ମନକୁ ବରାବର ପୀଡିତ କରିଆସୁଅଛି। ବହୁକାଳ ପୂର୍ବେ ଯେଉଁ ପରିଚାରିକା ବା ଶିକ୍ଷାଦର୍ପଣ ବୋଲି ଶ୍ରୀମତି ବସନ୍ତକୁମାରୀ ଦେଈଙ୍କ ସମ୍ପାଦିତ ନାରୀ ପରିଚାଳିତ ପତ୍ରିକାଟି ବାହାରୁଥିଲା, ସେ ୨/୩ ବର୍ଷ ପରେ କାଳର କରାଳ ଗର୍ଭରେ ପତିତ ହୋଇଥିଲା। ମୋର ସମ୍ପାଦିତ ସବିତା ବୋଲି ଯେଉଁ ପତ୍ରିକାଟିର ଉଦୟ ହୋଇଥିଲା ତାହାର ସମାଧି ମଧ୍ୟ ଉଦୟକାଳରେହିଁ ଘଟିଥିଲା। ତାହାପରେ ଏହି ଦିଗରେ ପ୍ରଚେଷ୍ଟା କରିଥିଲେ ବିହାର ଓଡିଶା ଓମାନ୍ କାଉନ୍ସିଲ ତରଫରୁ ଶ୍ରୀମତୀ ସୁଖଲତା ରାଓ। ତାହାଙ୍କ ସମ୍ପାଦିତ ଆଲୋକ କେତେକ ମାସ ମହିଳାମାନଙ୍କ ସାହିତ୍ୟ କ୍ଷେତ୍ରରେ କ୍ଷୀଣାଲୋକ ସଂପାତ କରିଥିଲା। ତାହାପରେ ଆଉ କିଛି ମୋର ଗୋଚର ନାହିଁ। ସେହି ଅଭାବ ଯୋଗୁଁ ଏ ଦିଗରେ ଗୋଟାଏ ଦାୟିତ୍ୱ ମୋର ଚିତ୍ତକୁ ସର୍ବଦା ବ୍ୟାହତ କରି ଆସିଅଛି। ସହକାର ଏହି ଦାୟିତ୍ୱର ଏହି ଅଭାବର କେତେକାଂଶ ପୂରଣ କରୁଅଛି "ମହିଳା ମହଲ"ର ଆନୁକୁଲ୍ୟରେ। (ଏହା ଥିଲା ୧୦ ମେ ୧୯୩୭ରେ ସରଳାଙ୍କ ପତ୍ର ଯାହା ସହକାରରେ ପ୍ରକାଶିତ ହୋଇଥିଲା।)

୧୯୩୭ରେ ନାରୀ ଆନ୍ଦୋଳନ ବ୍ୟାପକ ହେବା ବେଳେ ଓଡିଶାରେ ଏକ ସୁଦୃଢ ନାରୀ ସଂଘ ସ୍ଥାପନ ପାଇଁ ସରଳା ମତ ଦେଇଥିଲେ। ଓଡିଶାରେ ନିଖିଳ ଭାରତୀୟ ମହିଳା ସଂଘର ଏକ ଶାଖା କଟକରେ ଶୈଳବାଳା ଦାସଙ୍କ ସହଯୋଗରେ ଆରମ୍ଭ ହୋଇଥିଲା। ମାତ୍ର ୧୯୩୭ ବେଳକୁ ଏହି ଶାଖା ସଭାର କିଛି କାର୍ଯ୍ୟ ହୋଇନଥିବାରୁ ଏହାର ପୁନଃପ୍ରତିଷ୍ଠା ପାଇଁ ସରଳା ଦେବୀ ଦାବୀ କରିଥିଲେ। ଏହି ସଭାର ନୂତନ ସଂସ୍କରଣ ପାଇଁ ସେ ଚିନ୍ତା କରିଥିଲେ। କଟକରେ ଗୋଟିଏ କେନ୍ଦ୍ର ନାରୀସଭା କରି ଓଡିଶାର ପ୍ରତି ସହର ଓ ସବ୍-ଡିଭିଜନ୍‌ରେ ବାସ କରୁଥିବା ମହିଳାମାନଙ୍କୁ ଏହି ପ୍ରକାର ଶାଖା ସଭା ଗଠନ କରିବାକୁ ସେ ଆହ୍ୱାନ କରିଥିଲେ। ୧୯୩୬ ମସିହାରେ ନବୀନ ସମ୍ବାଦପତ୍ରରେ ସରଳା **ବିବାହ ପ୍ରଥା, ଦ୍ୱିତୀୟ ପକ୍ଷ** ପରି ଦୀର୍ଘ ଆଲୋଚନା ପ୍ରକାଶ କରି ତାଙ୍କର ଓଡିଆ ନାରୀବାଦ(ନାରୀ ସଶକ୍ତିକରଣ) ତତ୍ତ୍ୱର ସମ୍ପ୍ରସାରଣ କରିଥିଲେ।



Source: Author, Digitized by PPRACHIN, SOA

ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ମିଶ୍ରଣ ଏବଂ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ସରଳା ସର୍ବଦା ବ୍ୟାକୁଳ ଥିଲେ। ସେଥିପାଇଁ ୧୯୩୧ ମସିହା ମାର୍ଚ୍ଚ ୯ ତାରିଖରେ ଆଶା ସମ୍ବାଦ ପତ୍ରରେ ସେ ଏକ ପତ୍ରରେ ଲେଖିଥିଲେ: "ଓଡ଼ିଆ ଜାତି ପ୍ରତି ବଙ୍ଗାଳୀଙ୍କର କି ତୀବ୍ର ଘୃଣା। ସେ କଥା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। କେବଳ ବଙ୍ଗାଳୀ ନୁହେଁ,ବିହାରୀ ସିଂହଭୂମି ଗଡଜାତୀୟ ଲୋକଙ୍କର ମଧ୍ୟ ଘୃଣାର ସୀମା ନାହିଁ। ଭାରତବର୍ଷ ପୃଥିବୀରେ ଅବନତ ବୋଲି ସେ ଆଜି ତା ଗୋଡ଼ରେ ଛିଡ଼ା ହୋଇ ସଂଘବଦ୍ଧ ହୋଇ ପ୍ରାକୃତିକ ଓଡ଼ିଶାର ଏକୀକରଣ ପାଇଁ ଚେଷ୍ଟା କଲେ ଯେ ସମଗ୍ର ଓଡ଼ିଶା ମିଶ୍ରଣ ସଫଳ ନହେବ ଏହା ମୋହର ବିଶ୍ୱାସ ନୁହେଁ। ଏହି କଂଗ୍ରେସ ଆନ୍ଦୋଳନରେ ମେଦିନପୁର କଣ୍ଟାଇର ଓଡ଼ିଆ ତ ଆଜି ଭାରତବର୍ଷରେ ଟେକ ରଖିଛି ? ଓଡ଼ିଆ ଦେଶ ଏକାଠି ନହେଲେ ସ୍ୱରାଜ୍ୟ ହେଲେ ମଧ୍ୟ ଆମ୍ଭେମାନେ ଅନ୍ୟାନ୍ୟ ଜାତିର ଲୋକମାନଙ୍କଠାରୁ ଦେଶରେ ରହି ଓ ବିଦେଶରେ ରହି ଗୋଇଠା ଖାଉଥିବା, ଏଥିରେ କଣ କାହାର ସନ୍ଦେହ ଅଛି ? ମୋର ପ୍ରତି ଓଡ଼ିଆ ଛାତ୍ରଙ୍କୁ, ଯୁବକଙ୍କୁ ଓ ଶିକ୍ଷିତ ଓଡ଼ିଆ ସରକାରୀ ଚାକିରିଆମାନଙ୍କୁ ଅନୁରୋଧ,ପୁଣି ଡୋମିସାଇଲଡ୍ ବଙ୍ଗାଳୀ ଭାଇମାନେ ଯେଉଁମାନେ କି ଓଡ଼ିଶାର ସୁଖଦୁଃଖରେ ଯୋଗ ରଖି ଓଡ଼ିଶାବାସୀ ହୋଇ ଚଳୁଛନ୍ତି, ସେମାନଙ୍କୁ ଅନୁରୋଧ ଯେ ସେମାନେ ସବୁକଥା ପଛରେ ପକାଇ ଏ ସ୍ୱତନ୍ତ୍ର ପ୍ରଦେଶ କଥା ଭାବନ୍ତୁ। ଏଥିରେ ସାହାଯ୍ୟ କରନ୍ତୁ"। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ୧୯୩୭ ମସିହାରେ ଜୁଲାଇ ୨୮ ତାରିଖ ଦିନ ଓଡ଼ିଶା ବିଧାୟକ ସଂସଦ କକ୍ଷରେ ବାଚସ୍ପତି ନିର୍ବାଚନ ପରେ ସଦସ୍ୟା ହିସାବରେ ସରଳା ଦେବୀ ଇଂରାଜୀ ଭାଷାରେ ଓଡ଼ିଶା ସମ୍ପର୍କରେ ଭାଷଣ ଦେଇଥିଲେ। ସେ କହିଥିଲେ-As I stand here, the visions of the great part of Orissa are unfolding their crowded and ample pages before my mind. I can imagine the glorious days when legions of Orissa marched to implant the lofty banner of Oriya culture in distant lands. I can imagine ships of Orissa plying through the waves of distant oceans. I can imagine art and architecture,literature and culture flourishing in a land overflowing with contentment. I can imagine sublime temples rearing up their heads among an ardently spiritual race. I can see peace and prosperity,progress and education marching side by side in this land-a land now doomed to perpetual penury and chronic poverty. We



Source: Author, Digitized by PPRACHIN, SOA

are a race which lost its independence and came under the crushing yoke of subjugation,last of all the provinces of India. I remember with shame and anguish the part played by treachery and selfishness in reducing Orissa to bondage. It is in the fitness of things that it should fall on our part to unfurl the banner of freedom for which we were fighting and toiling,marching on and on, counting no sacrifice too great,no suffering too much. It has been the proud privilege to march forward shoulder to shoulder with men in the fight for independence. It is a sublime work,it is a sacred duty and any human being worth the name would be proud of it. ଏହି ଭାଷଣରେ ସରଳାଙ୍କର ଓଡିଆମାନଙ୍କର ଅତୀତ ସମ୍ପର୍କରେ ପରିପୂର୍ଣ୍ଣ ଧାରଣା ଥିବା କଥା ଜଣାପଡେ।

ଉତ୍କଳ ସାହିତ୍ୟ ସମାଜର ଜଣେ ସଂଗଠିକା ହିସାବରେ ସେ ଏହାର ପୁନର୍ଗଠନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ଏହାର ସମ୍ପାଦିକା ହିସାବରେ ୧୯୪୩ ମସିହା ବେଳକୁ ସେ ଜାଗରଣ ନାମକ ପତ୍ରିକା ପ୍ରକାଶ କରି ସାହିତ୍ୟ,ସଂସ୍କୃତି ଓ କଳାଚର୍ଚ୍ଚାକୁ ଉତ୍ସାହିତ କରିଥିଲେ। ସେତେବେଳେ ତାଙ୍କର ପ୍ରଗତିଶୀଳ ଦୃଷ୍ଟିକୋଣର ପରିପ୍ରସାର ପାଇଁ **ଉତ୍କଳିକା** ନାମକ ସମ୍ବାଦପତ୍ର ପ୍ରକାଶ କରିଥିଲେ। ସେଥିରେ ବ୍ରିଟିସ୍ ବିରୋଧୀ ଲେଖାମାନ ପ୍ରକାଶ ପାଇଥିବାରୁ ତାହା ସରକାରଙ୍କ କଡା ନଜରକୁ ଆସିଥିଲା। ଓଡିଆରେ ନାରୀ ପ୍ରସଙ୍ଗ ଉପରେ "ସତ କଥା" ଓ "ନିଆଁଖୁଣ୍ଟା"ପରି ସାହିତ୍ୟ ପତ୍ରରେ ଅଶ୍ଳୀଳ ଲେଖା ପ୍ରକାଶ ପାଇବାରୁ ସରଳା ଏହା ବିରୁଦ୍ଧରେ ଦୃଢ ସ୍ୱର ଉଠାଇଥିଲେ। ଉତ୍କଳ ସାହିତ୍ୟ ସମାଜର ସମ୍ପାଦିକା ହିସାବରେ ଓଡିଶାର ପ୍ରଧାନମନ୍ତ୍ରୀଙ୍କୁ ୧୯୪୩ ନଭେମ୍ବର ୯ ତାରିଖରେ ଏ ସମ୍ପର୍କରେ ଏକ ଦୀର୍ଘ ପତ୍ର ପଠାଇଥିଲେ। ନିଆଁଖୁଣ୍ଟାର ତୃତୀୟ ବର୍ଷ ଅଷ୍ଟମ ସଂଖ୍ୟାରେ "ନାରୀ ଓ ମହାନଦୀ" କବିତାରେ ସରଳାଙ୍କୁ ବ୍ୟଙ୍ଗ କରାଯାଇଥିଲା। ଏହାକୁ ବିରୋଧ କରିବା ସହିତ ସରଳା କଟକର ମନମୋହନ ପ୍ରେସ୍‌ରୁ ପ୍ରକାଶିତ "ବିବାହ ବିଜ୍ଞାନ" ଓ "କାମ ବିଜ୍ଞାନ"ନାମକ ଦୁଇଟି ପୁସ୍ତକକୁ ଅଶ୍ଳୀଳ ପୁସ୍ତକ ରୂପେ ଗ୍ରହଣ କରି ଏହାର ପ୍ରଚାର ନିଷିଦ୍ଧ କରିବାକୁ ସରକାରଙ୍କୁ ଜଣାଇଥିଲେ। ସରଳା ଦେବୀ କୁନ୍ତଳା ସାହିତ୍ୟର ଜଣେ ସମର୍ଥକ ଥିଲେ। ୧୯୪୦ ମସିହାରେ କୁନ୍ତଳାକୁମାରୀଙ୍କ କବି ପ୍ରତିଭା ଶୀର୍ଷକ ପୁସ୍ତିକା ରଚନା କରି କୁନ୍ତଳାଙ୍କ ଅବଦାନକୁ ଓଡିଶାରେ ପରିଚିତ କରିଥିଲେ। ଏହା ପ୍ରବନ୍ଧ ଆକାରରେ କୁନ୍ତଳାଙ୍କ ଶ୍ରାଦ୍ଧ ବାସରରେ ଉତ୍କଳ ସାହିତ୍ୟ ସମାଜରେ ପଠିତ



Source: Author, Digitized by PPRACHIN, SOA

ହୋଇଥିଲା । ଶ୍ରୀମତୀ ଲତିକା ଦେବୀ ଏହି ପ୍ରବନ୍ଧ ପାଠରେ ଆନନ୍ଦିତ ହୋଇ ୧୦୧ ଟଙ୍କା ଉତ୍କଳ ସାହିତ୍ୟ ସମାଜ ଜରିଆରେ ଲେଖିକାଙ୍କୁ ପୁରସ୍କାର ଦେଇଥିଲେ । ଏଥିରେ ସରଳା ଲେଖିଥିଲେ-"କୁନ୍ତଳାକୁମାରୀ ଉତ୍କଳ ଖଣ୍ଡରେ ତାଙ୍କର ଅଦ୍ଭୁତ ପ୍ରତିଭା ସାହିତ୍ୟ ମଧ୍ୟ ଦେଇ ବିକାଶ କରି ପାରିଛନ୍ତି ବୋଲି ଆମର ଜାତୀୟ ଜୀବନରେ ତାହାଙ୍କର ସ୍ମୃତି ଅମଳିନ ହୋଇ ରହିବ । ଡାକ୍ତରୀ ଥିଲା ତାହାଙ୍କ ଜୀବନର ବାସ୍ତବ ଦିଗରେ ବ୍ୟବସାୟ;କିନ୍ତୁ ଅନ୍ତର ଥିଲା ପ୍ରକୃତି ବନ୍ଦନାର ମୁଖର କବି । ଏହିପରି ବିପରୀତ ଦିଗରେ ନିଜର ଜୀବନକୁ ପରିଚାଳିତ କରି ଖୁବ୍ ଅଳ୍ପ ଲୋକେ ଯେ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି ଏହା କହିଲେ ବାହୁଲ୍ୟ ହେବ ନାହିଁ । ଅକାଳରେ ତାଙ୍କର ବିୟୋଗ ଘଟିନଥିଲେ ସେ ଯେ ଉତ୍କଳ ଚିତ୍ତକୁ ତାଙ୍କର ପରିଣତ ଜୀବନର ଭାବ ସମ୍ପଦ ଦେଇ ଆହୁରି ଐଶ୍ୱର୍ଯ୍ୟମୟ,ରସାଳ,ସୌନ୍ଦର୍ଯ୍ୟମୟ ଓ ଜାତୀୟ ଭାବଧାରାରେ ଅନୁପ୍ରାଣିତ କରିପାରିଥାଆନ୍ତେ ଏହା ଯେ କୌଣସି ସାହିତ୍ୟାମୋଦୀ ବ୍ୟକ୍ତି ସ୍ୱୀକାର କରିପାରିବେ" । ତାଙ୍କର ଦୀର୍ଘ ଆଲୋଚନାରେ କୁନ୍ତଳା ସାହିତ୍ୟର ନବ ମୂଲ୍ୟାୟନ ହୋଇଥିଲା । ସେହିପରି ଭଞ୍ଜ ସାହିତ୍ୟର ସେ ଥିଲେ ଉଚ୍ଚ ସମୀକ୍ଷକ । ୧୯୪୯ ମସିହାରେ ଘୁମୁସର ଭଞ୍ଜ ଜୟନ୍ତୀ ସପ୍ତାହରେ ସଭାମୁଖ୍ୟା ହିସାବରେ ସରଳା ଦେବୀ ଭଞ୍ଜ ସାହିତ୍ୟ ଉପରେ ଦୀର୍ଘ ଭାଷଣ ଦେଇଥିଲେ । ଏହା ସହକାର ପତ୍ରିକାର ଅଷ୍ଟବିଂଶ ଭାଗରେ ପ୍ରକାଶ ପାଇଥିଲା । ସେହି ଭାଷଣରେ ସେ କହିଥିଲେ-"ଆଜି ଉତ୍କଳର ସୌଭାଗ୍ୟ ତିଥିରେ ତାଙ୍କର ସନ୍ତାନଗଣ ପ୍ରାଚୀନ ଗୌରବ ସ୍ମରଣ କରି ପ୍ରାଚୀନ କବିଗାଥାକୁ ପୁନରୁଜ୍ଜୀବିତ କରିବାକୁ ଆଗ୍ରହାନ୍ୱିତ । ଏହି ଚେଷ୍ଟା ଭିତରେ ଜାତୀୟତାକୁ ପୁନର୍ଗଠନ କରିବାର ଆକାଂକ୍ଷା ଯେ କୌଣସି ଓଡିଆକୁ ମୁଗ୍ଧ କରିବ । ଏହା ମୋତେ ମୁଗ୍ଧ କରିଛି । ବଙ୍ଗ ଦେଶରେ ବଙ୍ଗୀୟ ସୁଧୀ ସମାଜ ତାଙ୍କର ବିଶିଷ୍ଟ କବି ଓ ଆଦିକବିମାନଙ୍କୁ ସମ୍ମାନ କରି ଶିଖିଛନ୍ତି । ବମ୍ବେ,ଯୁକ୍ତପ୍ରାନ୍ତ,ବିହାର,ଗୁଜୁରାଟ,ଦାକ୍ଷିଣାତ୍ୟ,ଉତ୍ତରାପଥର ଶିକ୍ଷିତ ସୁଜାଣ ବିଦଗ୍ଧମାନେ ନିଜର ଦେଶୀୟ କଳା,ସଂସ୍କୃତି,ସାହିତ୍ୟକୁ ପୁନର୍ଜୀବନ ଦେବାପାଇଁ ଆପ୍ରାଣଚେଷ୍ଟିତ । ଆଜି ସୁଦୂର ଭଞ୍ଜଭୂମି ଘୁମୁସର ତାଲୁକାରେ କବିସମ୍ରାଟ ଭଞ୍ଜଙ୍କର ଉତ୍ତର ଦାୟାଦମାନେ ଯେପରି ଭାବରେ ଭଞ୍ଜ ସାହିତ୍ୟ ସପ୍ତାହର ଉଦ୍‌ବୋଧନ କରିବାକୁ ବଦ୍ଧପରିକର,ତାହା ଦୁର୍ଭାଗ୍ୟପୀଡିତ ଉତ୍କଳର ଦୟନୀୟ ଜୀବନ ସଂଗ୍ରାମରେ ସମ୍ଭବପର ହେବା ଅତୀବ ଶ୍ଳାଘାର ବିଷୟ ସନ୍ଦେହ ନାହିଁ । ଏହି ମହତ୍ କାର୍ଯ୍ୟ ନିମନ୍ତେ ଉତ୍କଳ ଭାଷୀ ଜାତିଗଣ ଉଦ୍ୟୋକ୍ତାମାନଙ୍କ ନିକଟରେ ଚିରବାଧିତ ଓ କୃତଜ୍ଞତା ପାଶରେ ଆବଦ୍ଧ ରହିବେବୋଲି ମୋର ଦୃଢ ଧାରଣା ହୁଏ" । ଆଲୋଚନାର ଶେଷରେ ସେ କହିଥିଲେ-"ଭଞ୍ଜଙ୍କର



Source: Author, Digitized by PPRACHIN, SOA

ଅବଦାନ ଆମର ଆଧୁନିକ ସାହିତ୍ୟ ସରଣୀରେ ପଥପ୍ରଦୀପତୁଲ୍ୟ କାର୍ଯ୍ୟକାରୀ ହେବ ଓ ସାହିତ୍ୟର ଆଦର୍ଶ ହେବ ସନ୍ଦେହ ନାହିଁ। କିନ୍ତୁ ଭଞ୍ଜ କବିଙ୍କର ପୁରା ଅନୁକୃତି କରିବା ପାଇଁ ଯଦି ଆମେ ଚେଷ୍ଟା କରୁଁ, ତେବେ ତଦ୍ଦ୍ୱାରା ଉପେନ୍ଦ୍ର ଭଞ୍ଜଙ୍କର ମର୍ଯ୍ୟାଦା ଓ ସମ୍ମାନ ନବଢି କେବଳ ଖର୍ବ ହେବ। କାରଣ ପୁତ୍ରକନ୍ୟା ସାଧାରଣତଃ ପିତାମାତାଙ୍କୁ ସବୁଦିନରେ ଅତିକ୍ରମ କରିଯିବାର ସମ୍ଭାବନା ସ୍ୱତଃସିଦ୍ଧ ନୁହେଁ। ଯେହେତୁ ଆମ୍ଭେମାନେ ଶତ ସହସ୍ର ଚେଷ୍ଟା କଲେ ମଧ ଭଞ୍ଜ ପ୍ରତିଭାକୁ ଅନୁକରଣ କରି ପାରିବା ନାହିଁ । କିନ୍ତୁ ଏ କଥା ସତ୍ୟ ଯେ ଆମ୍ଭେମାନେ ତାଙ୍କୁ ଅନୁସରଣ କରିପାରିବା ଓ ସେହି ସାହିତ୍ୟ ଉପରେ ଆମର ଜାତୀୟ ସାହିତ୍ୟ ଆତ୍ମାର ପୂର୍ଣ୍ଣ ପ୍ରକାଶ ହେବ। ସେହି ସାହିତ୍ୟ ଉପରେ ଅନାଗତ ଯୁଗରେ ଆମ୍ଭେମାନେ ବିକଶିତ ହୋଇ ଶତଦଳ ଭଳି ଆତ୍ମାର ଅମର ମହକରେ ମହକିତ ହେବା" ।

ସରଳା ଦେବୀ ଏହିପରି ଓଡିଶାରେ ନାରୀ ଜାଗୃତିର ତଥା ଓଡିଆ ସାହିତ୍ୟ ସଂସ୍କୃତିର ଅବିସ୍ମରଣୀୟା ସାରଥି ହିସାବରେ ପରିଚିତ ଥିଲେ। ତାଙ୍କର ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱକାଳର ସାହିତ୍ୟ ସାଧନା ଓ ସଂସ୍କାର କାର୍ଯ୍ୟକ୍ରମ ଓଡିଶାର ସାମାଜିକ ଇତିହାସର ମୁଖ୍ୟ ପ୍ରସଙ୍ଗ ହୋଇ ରହିବ।

# ପରିଶିଷ୍ଟ-୩

## ସୁରେନ୍ଦ୍ରନାଥ ଦ୍ୱିବେଦୀ ଓ ଭାରତଛାଡ ଆନ୍ଦୋଳନ ସମ୍ପର୍କିତ ତଥ୍ୟ

1942/Government of Odisha

Confidential File, Acc No-2443

Odisha Special Branch, Cuttack

Memo No. 6375/2-272

Cuttack, 3rd November, 1942

Report No.11(Odisha State Archives, Bhubaneswar)

On 11 October 1942 a house belonging to Nanda Sahu situated in Alisa Bazar in Cuttack town was raided and Surendranath Dwivedi who was concealing himself there was arrested and a cyclostyle machine, stencil papers and ink and large number of documents were recovered from his possession. From the literature and documents seized it is apparent that Surendranath Dwivedy was the chief organiser(C.O) who was instigating the subversive Congress movement



Source: Author, Digitized by PPRACHIN, SOA

in the province. For this purpose he had arranged workers in all districts to carry on Congress propaganda while he generally guided their lawless activities.

From the literature seized during the search it appears that he was in touch with the revolutionary leaders in other provinces and under their instructions he was publishing subversive propaganda and bulletins in order to give added impetus to the movement in this province. A list of documents which had their origin in other provinces and seized from his possession are given below-

1. A typed copy of the All india Congress Bulletin No.5 dated 4th September 1942 issued by the "Council of Action" , Bengal P.C.C. This Bulletin publishes exaggerated reports of subversive activities in all parts of the country.
2. An undated printed leaflet entitled "India declares War". This leaflet contains instructions to the P.C.C. from the A.I.C.C embodying 12 items of the Congress programme and Gandhiji`s last message and ending with the slogan"Do or Die". It also contains a programme of work in four parts aimed at paralysing the administration.
3. A copy of "National Government Ordinance No.1 Vol.I" dated , Calcutta the 15th August 1942. This notification declares the British Government in India and Governments of the provinces to be unlawful assemblies and lays down that any Government servant who is a member of the said unlawful assemblies liable to any or all of the following punishments-

   a. Social Boycott

   b. Stoppage of food and water supply and all amenties of life

   c. Forfeiture of property

   d. Death

   This leaflet is alleged to have been printed by the National Government of India Press and printers note at the end claims that 110000 copies were printed.
4. A pamphlet entitled "Do or Die" ,No.1, dated 28th August 1942 (The place of origin is not known).
5. Printed leaflets in Hindi entitled "Koro or Maro"(Do or Die) dated the 24th September , 27th September, 28th September, 1942.



Source: Author, Digitized by PPRACHIN, SOA

These leaflets publish illegal activities of the Congress in the country and appeal to the mass to follow the Congress lead.

6. A pamphlet entitled "Harijan" issued by Kaka Kalekar. It contains an article "on Civil Disobedience Movement Vrs. Rebellion" asking people to disobey all laws and regulations of the country.
7. A copy of the Resolution passed by the A. I. States peoples Conference held at Bombay on August 8th 1942. The resolution has since been banned.

From a slip of paper apparently in the handwriting of S.N.Dwibedy it appears that the following is the list of persons in different districts who agreed to act as accommodation addresses for different Congress workers to receive illegal Congress bulletins or send information from their districts relating to Congress activities.

**Cuttack District**

1. Narayan Prasad Mohanty, v-Tentuliapada, ps-Tirtol.
2. Padma Charan Mohanty, Govindpur, po-Kanakpur.
3. Jayakrishna Mohanty, Tahsildar C/o Ramesh Chandra Mitra , po-Raghunath pur.
4. Rama Jena, Bagada Panasahi, po-Bari
5. Bipin Bihari Mohanty, Head Pandit, Garam L.P.School, Pontula, po-Tiran
6. Nilamani Biswal, Khandasahi, Tirtol.

**Ganjam**

1. Aparna Patra, Batchuvery Street, Berhampur
2. Puddi Peddi Krishna Murty, Mangaltanpetta, Berhampur

**Balasore**

1. Srimati Santilata Dasi, C/O, Suresh Chandra Das, Barbati
2. Upendranath Behera, Chandni Chowk, Motiganj

**Puri**

1. Harekrishna Mohanty, Nuamath, Kundhaibenta Sahi
2. Satyabadi Satpathy, Municipal Market



Source: Author, Digitized by PPRACHIN, SOA

**Sambalpur**

1. Lakshminarayan Babu, C/O Krishnachandra Babu, Jharsugda

Calcutta(Kolkata)

1. Sailendranath Sen, 16, G.Dover Lane, Ballygunj
2. Biren Roy, 5 Chintamani Das Lane,Armhurst Street, Calcutta
3. Hari Krishna, College Street, Market Office

The following correspondence which was seized from the house of S.N.Dwivedy during the search throws further light on the underground organization which was in touch with S.N.Dwivedy

1. A letter in English suspected to be in the handwriting of Gadadhar Das, Kalyani Kuteer, Cuttack Town. The writer mentions Lokanath Rai of Jagatsinghpur , Narottama Mohanty and Kshetra Mohan Biswal as underground workers and he himself promises to go out towards Tirtol or Ersama to push through the Congress programme.
2. A letter in Oriya from Bankabihari Das to accused S.N.Dwivedy. The letter mentions the following as Congress workers
   1. Satchidananda Mishra, Teacher, Town Victoria School
   2. Udainath Rath
   3. Rajkishore Das, an Engineering student
   4. Sura Mohanty, a fourth year student of Ravenshaw College
   5. Gadadhar Das, an inmate of Kalyani Kuteer
   6. Dukhishyam Mohanty, Member Cuttack District Board
3. A letter in Oriya dated 22 September 1942 from B.A.(Branch Assistant) to C.O.(Chief Organiser S.N.Dwivedy). This was apparently sent from Balasore describing events in Balasore District and Nilgiri State. The writer mentions that Kamala Kar is the Chief Organiser of the Ream(Eram?) Show(where mobs attacked the police and had to be fired on )
4. A letter in Oriya dated $4^{th}$ October 1942 addressed to CO S.N.Dwivedy. The writer mentions that Gokulananda Mohanty was organising people in North Balasore.
5. An anonymous letter in Puri from a Puri worker. The writer mentions the name of Sridhar Rath and Jadumani Jena as chief workers of Puri district and advises to send further



Source: Author, Digitized by PPRACHIN, SOA

correspondence to Satyavadi Satpathy, Municipal Market Puri. This letter is suspected to be in the handwriting of Biswanath Parida.

6. A letter in Oriya dated 4th October 1942 from A.P.(Aparna Patra) of Berhampur. It is mentioned that Ghanashyam Patnaik was the Chief Organiser in Ganjam district and after his arrest Master Y.Sanneya has taken his place.

7. A letter in Oriya dated 4th October 1942 in the handwriting of Lokanath Mishra, M.L.A addressed to Dwivedy. The writer has suggested to take up Erum firing incident where excessive force is alleged to have been used by the police.

From the literature and correspondence seized it appears that the workers in different districts used to incite the mass to commit acts of lawlessness and sabotage and to send intimation to the Chief Organiser S.N.Dwivedy who was utilising this material for Congress bulletins and after cyclostyling them he sent them secretly to secret addresses with a view to evade detection. A slip which was seized from his possession at the time of his arrest shows the district distribution quota of Congress bulletins. It is therefore clear that these illegal Congress bulletins had a wide circulation in the province and had considerable effect in inciting the people to subversive activities.

1. Sambalpur-100
2. Balasore-200
3. Berhampur-100
4. Puri-100
5. Bari-100
6. Salepur-100
7. Kendrapara-100
8. Jajpur-100
9. Binjharpur-100
10. Jagatsinghpur-150
11. Tirtol-150
12. Cuttack Town-500

**Total-1800**



Source: Author, Digitized by PPRACHIN, SOA

Dwivedy remained underground for about two months and had been able to publish not less than 17 bulletins which were highly prejudicial and detrimental to the interests of the country. The contents of the bulletins have been summerised below-

1. Bulletin No.1-Caption-"Congress declares war against the Government". It describes 14 items of a programme which includes the burning of police stations, Dak Bungalows, Railway Stations, Excise Shops, Schools and Colleges, Sub-Registrar's offices, Secretariat Buildings etc. It alslo advises the people to loot the properties of the rich and Zamindars if they donot part with their wealth and appeals to Government servants to resign in sympathy with the movement.
2. Another bulletin is an appeal to students to get all schools and colleges closed till independence is achieved. The schools and colleges have been described as fortresses of the enemy and the students have been incited to indulge in lawlessness till the authorities are compelled to use force and open fire on them.
3. Another bulletin is an appeal to the police and jail officials not to arrest or use force to detain Congress workers. It alleges that British imperialism is now at an end and that they should join the movement in their own interests.
4. Another bulletin mentions that the British administration is digging its own grave and in Bari the Government has been replaced by Swaraj Panchayats. The bulletin appeals to every man to consider himself independent and to try to paralyse the British Government in India.
5. Another bulletin is entitled "Congress message" and describes the lathi charge on College students on 8th September 1942 and the firing at Kaipara. It eulogises the action of Baishnava Charan Patnaik who raided, looted and burnt state property in Murhi Sub-division of Dhenkanal State.It also mentions the firing in Koraput and the derailment of a good train at Meramundali.
6. Another bulletin alludes to the British Government as a butcher who is massacring human beings all over India.

Besides the following bulletins have also come to notice-



Source: Author, Digitized by PPRACHIN, SOA

1. Debi Aradhana(Worship of Goddess). This was in the course of preparation when Dwivedy was arrested.
2. A word for Muslim brothers-This vilifies the Government and asks the Muslims to join the movement.
3. An appeal to the Indians to paralyse the Government and to commit acts of violence.
4. "How to take possession of the police stations". It advises the people to raid police stations during the solitary hours of the night, disarm the police officers, burn the records and to arrest those police officers who resist and are not willing to join the movement.

Surendranath Dwivedy had a large underground organisation in the province and was instigating masses to commit acts of violence through the bulletins published by him. A list of persons is attached who were party to the conspiracy.

**Cuttack**

1. S.N.Dwivedy
2. Gouranga Charan Das
3. Nisamani Khuntia
4. Lokanath Rai
5. Gobinda Chandra Mohanty
6. Narasimha Mohanty
7. Lokanath Mishra
8. Anil Kumar Ghosh
9. Bankabihari Das
10. Gadadhar Das
11. Dukhishyam Das
12. Bhairab Mohanty

**Balasore**

1. Gour Chandra Das
2. Pyari mohan Das



Source: Author, Digitized by PPRACHIN, SOA

3. Dukhishyam Parhi
4. Nityananda Mohapatra
5. Sura Mohanty

**Ganjam**

1. Ghanashyam Pattnaik
2. Sanneya
3. Aparna Patra
4. Pratap Chandra Pattnaik

**Puri**

1. Satyabadi Satpathy
2. Harekrishna Mohanty
3. Sridhar Rath
4. Jadumani Jena
5. Satyabadi Mishra

Following enquiries established the existence of a subversive underground organisation in this province controlled by S.N.Dwivedy. This organisation had its ramifications in the districts and aimed at promoting mass violence, sabotage and other acts of lawlessness to paralyse the Government and establish an alternative or Congress Panchayat administration. The method of approach was principally through the medium of highly inflammatory bulletins which were widely and secretly circulated and S.N.Dwivedy during the two months of his concealment managed to prepare and sent out 17 different issues. Enquiries reveal that many persons entered into a conspiracy for preparing and assisting the preparation of illegal Congress bulletins and widely circulating them with the common object of inciting the people to acts of violence, lawlessness and sabotage and to stimulate and further the Congress movement which had been declared unlawful by the Government of Orissa on 9th August 1942.

Cuttack-Surendranath Dwivedy, Banka Bihari Das, Sachidananda Mishra, Nishamnai Khuntia, Narsing Charan Mohanty, Narayan Prasad Mohanty, Nimai Charan Parija, Lokanath Mishra, Nabaghana Behera of Pitiri, PS. Parjang, Dhenkanal



Source: Author, Digitized by PPRACHIN, SOA

Balasore-Gourchandra Das, Pyarimohan Das, Dukhishyam Parhi, Ramakanta Das

Puri-Biswanath Parida, Jadumani Jena

Ganjam-Ghanashyam Pattnaik

Sambalpur-Bhairab Charan Mohanty

The associates of Dwivedy were accused by the Government and their trial to commence on 4th February 1943 before the Special Judge.

# ପରିଶିଷ୍ଟ-୪

## ସାପ୍ତାହିକ ରଚନା

ଅନନ୍ୟ ଜନନାୟକ ହରେକୃଷ୍ଣ ମହତାବଙ୍କର ଘଟଣାମୟ ଜୀବନର ଏକ ବିଶିଷ୍ଟ ଦିଗଥିଲା ସାମ୍ବାଦିକତା। ଉତ୍କଳ ଦୀପିକାଠାରୁ ନିଜର ସାମ୍ବାଦିକ କୌଶଳର ପରିଚୟ ଦେବା ଆରମ୍ଭ କରି ପ୍ରଜାତନ୍ତ୍ରରେ ସେ ରଖିଯାଇଛନ୍ତି ସାମ୍ବାଦିକ ରତ୍ନମାଳା। ବ୍ରିଟିଶ୍ ସାମ୍ରାଜ୍ୟବାଦୀ ତଥା ଔପନିବେଶିକ ଶାସନ କାଳରେ ନାନା ଘାତ ପ୍ରତିଘାତ ମଧ୍ୟରେ ଡକ୍ଟର ମହତାବ ପ୍ରଜାତନ୍ତ୍ର ପ୍ରକାଶ କରି ସାମ୍ବାଦିକତାର ନୂତନ ଦିଗନ୍ତ ଉନ୍ମୋଚନ କରିଥିଲେ। ଏଥିରେ ପ୍ରକାଶିତ ଆଲୋଚନାମାଳାରେ ଗଠନାତ୍ମକ ଏବଂ ସଂସ୍କୃତିଭିତ୍ତିକ ପ୍ରସଂଗ ସେ କାଳର ପାଠକପାଠିକାମାନଙ୍କୁ ଆଲୋଡ଼ିତ କରିଥିଲା। ନାନାଚାପ ଯୋଗୁଁ ପ୍ରଜାତନ୍ତ୍ର ୧୯୩୨ ମସିହାରେ ବନ୍ଦ ରହିଲା। ଗଠନାତ୍ମକ ତଥା କଂଗ୍ରେସ କାର୍ଯ୍ୟକ୍ରମରେ ସଂଯୋଜିତ ହେବାରେ ବାଧାପାଇ ମଧ୍ୟ ମହତାବ ବ୍ରିଟିଶ୍ ସାମ୍ରଜ୍ୟବାଦକୁ ଖୋଲାଖୋଲି ସମାଲୋଚନା କରିବାକୁ ଛାଡ଼ି ନଥିଲେ। ୧୯୪୨ ମସିହା ଅଗଷ୍ଟ ବିପ୍ଳବ ଆରମ୍ଭ ପୂର୍ବରୁ ମହତାବ ସଂପୂର୍ଣ୍ଣ ସ୍ୱରାଜ ପ୍ରାପ୍ତି ତଥା ସତ୍ୟାଗ୍ରହ ପାଇଁ ପ୍ରବଳ ଉଦ୍ୟମ କରିଥିଲେ। ବ୍ରିଟିଶ୍ ସାମ୍ରାଜ୍ୟବାଦୀ ତଥା ଔପନିବେଶିକ ଶାସନର ପୂର୍ଣ୍ଣ ଅବସାନ ନିମନ୍ତେ ସେତେବେଳେ ପ୍ରଜାତନ୍ତ୍ର ବନ୍ଦଥିବା କାଳରେ ରଚନା ନାମକ ଏକ ସାପ୍ତାହିକ ସମ୍ବାଦପତ୍ର ତାଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା। ଏହା ମାୟାଧର ମହାନ୍ତିଙ୍କ ଦ୍ୱାରା ହରନାଥ୍ ପ୍ରେସ୍ କଟକରେ ପ୍ରକାଶିତ ହୋଇଥିଲା। ରଚନା ସଂଖ୍ୟାଗୁଡ଼ିକ ଅଧୁନା ଦୁଷ୍ପ୍ରାପ୍ୟ। ଏହାର ଗୋଟିଏ ସଂଖ୍ୟା ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ସଂରକ୍ଷିତ। ଅନ୍ତତଃ ୧୯୪୨ ମସିହା ଜାନୁଆରୀ ୨୬ରୁ ମେ ୪ ତାରିଖ ପର୍ଯ୍ୟନ୍ତ ୧୫ଟି ସଂଖ୍ୟା ରଚନାର ପ୍ରକାଶ ପାଇ ସରକାରଙ୍କ ଶକ୍ତ



Source: Author, Digitized by PPRACHIN, SOA

ନଜରକୁ ଆସିଥିଲା । ତଥାପି ଏହାର ସମ୍ପ୍ରସାରଣ ତଥା ବୁଦ୍ଧିଜୀବି ମହଲରେ ଏହାର ଆଦର ବଢ଼ିବାକୁ ଲାଗିଲା । ଔପନିବେଶିକ ଶାସନର ଖୋଲା ସମାଲୋଚନା ତଥା ଗ୍ରାମାଞ୍ଚଳର ନାନା ସମସ୍ୟାର ଆଲୋଚନା ତଥା ନିବାରଣ ପ୍ରସଂଗରୁ ମହତାବଙ୍କର ସମ୍ପ୍ରସାରିତ ବହୁମୁଖୀ ଦୃଷ୍ଟିକୋଣ ପ୍ରତିଫଳିତ । ଏହାର ପ୍ରକାଶନ ଓ ପ୍ରସାରଣ ପରେ ପରେ ଅଗଷ୍ଟ ବିପ୍ଳବର ଧ୍ୱନି ପରିବ୍ୟାପ୍ତ ହେଲା ।

ରଚନା ସାପ୍ତାହିକ ସମ୍ବାଦପତ୍ରର ଲକ୍ଷ୍ୟ ଥିଲା ଦେଶର ତତ୍‌କାଳୀନ ପରିସ୍ଥିତିରେ ମହାତ୍ମାଗାନ୍ଧିଙ୍କ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଲୋକମାନଙ୍କଠାରେ ପରିବେଷଣ । ଏହାଦ୍ୱାରା ଔପନିବେଶିକ ଶୋଷଣମୂଳକ ଆର୍ଥନୀତିକ କାର୍ଯ୍ୟକ୍ରମ ଉପରେ ବାଧା ଆସିବାର ସମ୍ଭାବନା ଥିଲା । ସେଥିପାଇଁ ଜୁନ୍ ୨୫ ୧୯୪୨ରେ ପ୍ରାଦେଶିକ ପ୍ରେସ୍ ଉପଦେଷ୍ଟା ଡାଲ୍‌ଜିଲ୍ (W.W.Dalzeil) ମହତାବଙ୍କୁ ରଚନାର ଭାବଧାରା ବା ତତ୍ତ୍ୱ ନେଇ ଏକ ପତ୍ରରେ ସତର୍କବାଣୀ ଶୁଣାଇଥିଲେ । ସେଥିରେ ଜଣାଇ ଦିଆଯାଇଥିଲା:" I am directed to say that the attention of Government has been drawn to the article written by you under the heading"Sangathana" in your newspaper the Rachana dated 15th June 1942. Government consider that this article is extremely objectionable especially that portion which deals with the intention and effect of the Anglo-Russian treaty and they are advised that the article is prejudicial so as to form a basis interalia for action under Rule 40 of the Defence of India Rules."(1942/Government of Orissa, Confidential Files, No.229/42) ଏଥିରୁ ରଚନାରେ ପ୍ରକାଶିତ ମହତାବଙ୍କର ମନ୍ତବ୍ୟମାନ କିପରି ଶାଣିତ ଏବଂ ଔପନିବେଶିକ ଦୃଷ୍ଟିକୋଣର ପ୍ରତିପକ୍ଷ ଥିଲା ବିଚାର କରାଯାଇପାରେ ।

ରଚନାରେ ବହୁ ସମସ୍ୟା ଆଲୋଚିତ ହୋଇଥିଲା । ହରିଜନ(ଦଳିତ) ସମସ୍ୟା, କୃଷି ଏବଂ ଖାଦ୍ୟ, ସମାଜ ସଂସ୍କାର ପ୍ରଭୃତି ଏଥିରେ ବିସ୍ତାରିତ ଭାବରେ ଉପସ୍ଥାପିତ ହୋଇଥିଲା । ହରିଜନ ସମସ୍ୟା ସମ୍ପର୍କରେ ମେ ୪ ୧୯୪୨ର ରଚନାରେ ମହତାବ ଲେଖିଥିଲେ:"ବାରମ୍ବାର ମୁଁ ହରିଜନ ସମସ୍ୟା କଥା ଲେଖୁଛି । ତାର କାରଣ ବର୍ତ୍ତମାନ ଅବସ୍ଥାରେ ମୁଁ ମନେକରୁଛି ସେଇଟାହିଁ ଅତି ବଡ ସମସ୍ୟା । ଯେ କୌଣସି ବିପ୍ଳବ ସମୟରେ ଅର୍ଥାତ୍ ଯେତେବେଳେ ବହୁଦିନର ପ୍ରତିଷ୍ଠିତ ଅନୁଷ୍ଠାନମାନ ଭାଙ୍ଗି ତୁଟି ଯାଉଥାଏ, ତା ବଦଳରେ ନୂଆ ଗୋଟାଏ କିଛି ଛିଡା ହୋଇନଥାଏ ସେତିକିବେଳେ ମନୁଷ୍ୟର ପ୍ରତିହିଂସାର ଭାବ ପୁରାମାତ୍ରାରେ କାମକରେ । ବହୁଦିନର ଅତ୍ୟାଚାର ଯାହାକୁ ପ୍ରତିଷ୍ଠିତ ଅନୁଷ୍ଠାନ ନିଜ ବଳରେ ସମର୍ଥନ କରି ଆସିଥାଏ ସେ ଅତ୍ୟାଚାରର ବଦଳା ବହୁ ପ୍ରକାରେ ଅତି



Source: Author, Digitized by PPRACHIN, SOA

ନର୍ମମ ଭାବରେ ନିଆହୁଏ। ସବୁ ଦେଶରେ ସବୁ ଯୁଗରେ ବିପ୍ଳବ ସମୟରେ ଏହାହିଁ ନିୟମ ବୋଲି ଧରିବାକୁ ହୁଏ। ମାତ୍ର ଆଗକୁ ଟିକିଏ ସାବଧାନ ହେଲେ ଏହାର ତୀବ୍ରତା କମିଯିବ। ଅତ୍ୟାଚାର ପ୍ରତୀକ ହେଉଛି ହରିଜନ ସମସ୍ୟା। ସାମାଜିକ, ଆର୍ଥିକ ସବୁ ପ୍ରକାରେ କୋଟିକୋଟି ଲୋକ ଯୁଗଯୁଗ ଧରି ନିଷ୍ପେଷିତ। ସେହିମାନେହିଁ ବିପ୍ଳବର ପୁରୋଧା ହୋଇ ନୂଆ ସଂସାର ସୃଷ୍ଟି କରିବାରେ ଅଗ୍ରଣୀ ହେବେ। ଯଦି ତଥାକଥିତ ଉଚ୍ଚବର୍ଣ୍ଣର ଲୋକେ ସେମାନଙ୍କୁ ଆଦରି ନନିଅନ୍ତି ତେବେ ପରିଣାମ ଅତି ଭୟାଭୟ ହେବ। ହରିଜନ ସମସ୍ୟାର ସମାଧାନ ବିନା କୌଣସି ପ୍ରକାର ସାମ୍ୟବାଦ ଦେଶରେ ପ୍ରତିଷ୍ଠିତ ହୋଇପାରିବନାହିଁ। ପ୍ରତ୍ୟେକ କଂଗ୍ରେସ ଲୋକ, ଯେ ଯେଉଁଠି ଅଛନ୍ତି, ହରିଜନ ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦିଅନ୍ତୁ।"

ଏହି ଆଲୋଚନାରେ ହରିଜନ ପ୍ରଶ୍ନକୁ ଅତିଶୀଘ୍ର ସମାଧାନ କରିବାକୁ ସେ ଇଛା କରିଥିଲେ। ବସାଉଠା ଖିଆପିଆରେ ସବୁ ଜାତି ସହିତ ଯେପରି କାରବାର ହରିଜନମାନଙ୍କ ପ୍ରତି ସେହିପରି ବ୍ୟବହାର କରିବାକୁ ହେବ-ଏହା ଥିଲା ତାଙ୍କର ମତ। ଯୁକ୍ତି ନକରି ମନଖୁସିରେ ଉଚ୍ଚବର୍ଗର ଲୋକେ ଏହାକୁ ଗ୍ରହଣ କଲେ ବିପ୍ଳବ ଆସିବ। କାରଣ ଚକ ଯେତେବେଳେ ଘୂରେ, ସେତେବେଳେ ଖୁବ୍ ଜଲ୍‌ଦି ଘୂରେ। ତେଣୁ ସାଧୁ ସାବଧାନ।

ଖାଦ୍ୟ ଜିନିଷ ବେଶୀ ପରିମାଣରେ ଉତ୍ପନ୍ନ କରାହେଉ ବୋଲି ସେତେବେଳେ ପ୍ରଚାର ହେଉଥିଲା। ଏହି ପ୍ରସଂଗରେ ମହତାବ ଲେଖିଥିଲେ-"ବେଶୀ ଚାଷ କର ଓ ବେଶୀ ଶସ୍ୟ ଉତ୍ପନ୍ନ କରଏପରି ପ୍ରଚାର ଓ ସେଥିପାଇଁ ଯୋଜନା ତିଆରି ସହିତ ଅଧିକା ଶସ୍ୟ ଦୂରକୁ ହଟାଅ-ଏ ପ୍ରଚାର କାର୍ଯ୍ୟକ୍ରମ କିପରି ଖାପ ଖାଉଛି ବୁଝାଯାଉନାହିଁ। ସରକାରଙ୍କ ତରଫରୁ ଯାହା କିଛି ହେବ ସବୁ କୌଣସି ନିର୍ଦ୍ଦିଷ୍ଟ ପନ୍ଥା ଅନୁସାରେ ହେବ। ସବୁକାମ ପଛରେ କୌଣସି ନିର୍ଦ୍ଦିଷ୍ଟ ଚିନ୍ତାର ଧାରା ରହୁ। ଯେତେବେଳେ ଯାହା ମନକୁ ଆସିବ ସେହିପରି ଅବାନ୍ତର ଭାବରେ କାମକଲେ ଲୋକେ ଗୋଳମାଳରେ ପଡିବେ ଓ ସରକାର ନିଜେ ମଧ୍ୟ ଗୋଳମାଳରେ ପଡିବେ। ସେ ଯାହା ହେଉ ଏଟା ନିଶ୍ଚିତ କଥା ଯେ ଲୋକଙ୍କୁ ପେଟପୂରା ଖାଇବା ପାଇଁ ଯଥେଷ୍ଟ ଜିନିଷ ନାହିଁ। ତେଣୁ ଯାହା ଅଛି ତାକୁ ସମ୍ଭାଳି କରି ଚଳନ୍ତୁ ଓ ଆହୁରି ଚାଷ ବଢାଇ ଚାଷର ଉନ୍ନତି କରାଇ ବେଶୀ ଉତ୍ପନ୍ନ କରାନ୍ତୁ। ଗୋଟିଏ ସ୍ଥାନରେ ବେଶୀ ଖାଦ୍ୟ ଜିନିଷ ଏକାଠି ଜମା ରଖି ପ୍ରତ୍ୟେକ ଅଞ୍ଚଳରେ ସେହି ଖାଦ୍ୟ ଜିନିଷକୁ ଦାମ ଦେଇ ହେଉ ବିତରଣ କରି ରଖନ୍ତୁ। କିନ୍ତୁ କୌଣସି ଅଞ୍ଚଳରୁ ଖାଦ୍ୟ ଜିନିଷ ବାହାରକୁ ନଯାଉ।" ଏହି ଚିନ୍ତାଧାରା ଜଣେ ପ୍ରୟୋଗବାଦୀ ଅର୍ଥନୀତିଜ୍ଞଠାରୁ



Source: Author, Digitized by PPRACHIN, SOA

ଆଶା କରାଯାଇଥାଏ। ମହତାବ ଥିଲେ ଔପନିବେଶିକ ଆଧିପତ୍ୟର ଅସ୍ତକାଳରେ ଏକ ଅସାଧାରଣ ବୈପ୍ଲବିକ ଯୁଗରେ ସେହି ପ୍ରୟୋଗବାଦୀ ଅର୍ଥନୀତିର ଅନୁଗାମୀ।

ଓଡ଼ିଶାର ଜନସଂଖ୍ୟା ହିସାବରେ ଉତ୍ପନ୍ନ ଶସ୍ୟ ୧୯୪୨ ମସିହାରେ ଯଥେଷ୍ଟ ନଥିଲା ବୋଲି ମହତାବ ରଚନାରେ ପ୍ରକାଶ କରିଥିଲେ। ସେହି ସମୟର ଅବସ୍ଥାକୁ ଅନୁଧ୍ୟାନ କରି ସେ ଲେଖିଥିଲେ- "ଓଡ଼ିଶାର ଅଭାବ ଅତି ଉତ୍କଟ ଓ ସାଧାରଣ ଲୋକେ ଅଧପେଟେ ଖାଆନ୍ତି। କେତେଟା ଚାଉଳ କଳରୁ ଚାଉଳ ଯେ ରପ୍ତାନୀ ହୁଏ ତାକୁ ଦେଖି କେହି ଭାବିନେବା ଉଚିତ ହେବନାହିଁ ଯେ ନିଜ ଚଳିବାଠାରୁ ବେଶୀ ଖାଦ୍ୟ ଜିନିଷ ଓଡ଼ିଶାରେ ଉତ୍ପନ୍ନ ହୁଏ। କଲିକତା, ବର୍ମା ପ୍ରଭୃତି ସହରରୁ ଅଧିକାଂଶ ଓଡ଼ିଶାବାସୀ ଚାଲି ଆସଲେଣି। ଏଣେ ପୁରୀକୁ ଯାତ୍ରୀ ନଆସିବା, ବ୍ୟବସାୟୀମାନେ ଓଡ଼ିଶା ଛାଡ଼ି ଚାଲିଯିବା, ଯୁଦ୍ଧ ପରିସ୍ଥିତି ହେତୁ ନାନା ପ୍ରକାର ଆତଙ୍କ ସୃଷ୍ଟି ହେବା ଫଳରେ ବେକାର ସମସ୍ୟା ଅତି ପ୍ରବଳ ଓ ଜଟିଳ ହୋଇ ଉଠୁଛି। ଅଥଚ ତେଣେ ଜମିଦାରର ଖଜଣା, ମହାଜନର ପାଉଣା, ଟିକସ ପ୍ରଭୃତି ଯଥାପୂର୍ବଂ ତଥା ପରଂ ଚାଲିଛି। ଏହାଦ୍ୱାରା ଅତି ଉତ୍କଟ ଆର୍ଥିକ ସ୍ଥିତି ସୃଷ୍ଟି ହେଉଛି ବୋଲି ସେ ଆଶଙ୍କା କରିଥିଲେ। ଏ ପ୍ରସଂଗରେ ପରାର୍ମଶ ଦେଇ ସେ ଲେଖିଥିଲେ-ଖାଦ୍ୟ ଜିନିଷ ଯଥେଷ୍ଟ ପରିମାଣରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରହିବା ଉଚିତ। କୌଣସି ପ୍ରକାର ସାମରିକ ବିଚାର ଏହାକୁ ଅନ୍ୟଥା କରିବା ଉଚିତ ନୁହେଁ। ଡଙ୍ଗା ବନ୍ଦ ହେବା ଫଳରେ ଅନେକ ଅଞ୍ଚଳ ପରସ୍ପରଠାରୁ ବିଚ୍ଛିନ୍ନ। ବଢ଼ି ସମୟରେ ତ କଥା ଆହୁରି ବଢ଼ିଯିବ। ପ୍ରତ୍ୟେକ ଅଞ୍ଚଳରେ ଖାଦ୍ୟ ଜିନିଷ ଯଥେଷ୍ଟ ନରହିଲେ ଲୋକେ ଉପବାସରେ ମରିଯିବେ। ଏକ ବିରାଟ ବୁଭୁକ୍ଷୁ ଜନତା ସବୁ ପ୍ରକାର ଅପରାଧ କରିବା ପାଇଁ ପ୍ରସ୍ତୁତ ହୋଇବାହାରିବେ। ଏଣୁ ଖାଦ୍ୟଦ୍ରବ୍ୟ ସମସ୍ୟାଟାକୁ ସାମାନ୍ୟ ମନେନକରି ଏଥି ପ୍ରତି ବିଶେଷ ଦୃଷ୍ଟିଦେବା ଆବଶ୍ୟକ। ଉଚିତ ହେଉଛି ପ୍ରତ୍ୟେକ ଅଞ୍ଚଳରେ ସବୁ ଲୋକେ ଚଳିବା ଭଳି ଖାଦ୍ୟ ଦ୍ରବ୍ୟ ରହୁ। ଓଡ଼ିଶାରେ ଉଦ୍‌ବୃତ୍ତ ଖାଦ୍ୟଦ୍ରବ୍ୟ ନଥିବା ସ୍ଥଳେ ଧାନ ବିକ୍ରି ବନ୍ଦ ହେଉ। ଧାନ ବିକିଦେବା ଅନ୍ୟାୟ ଏକଥା ମହାଜମାନେ ଜାଣିବା ଉଚିତ। ସରକାର ମଧ୍ୟ ତାହା ଆଦେଶ ଦେବା ଉଚିତ।"

ସମାଜର ପ୍ରଥା ଓ ଆଚାର ବ୍ୟବହାରର ସଂସ୍କାର ପାଇଁ ମହତାବ ଗୁରୁ ଗିରି ନାମକ ଏକ ଆଲୋଚନା ରଚନାରେ ନିଜ ତରଫରୁ ପ୍ରକାଶ କରିଥିଲେ। ସେଥିରେ ସେ ଲେଖିଥିଲେ-" ଲୋକଙ୍କ ଭିତରେ ଅନେକ ପ୍ରଥା ଓ ଆଚାର ବ୍ୟବହାର ବହୁ ପୁରାତନ କାଳରୁ ଚାଲିଆସୁଛି। ସେଥିରେ ଲୋକେ ଅଭ୍ୟସ୍ତ ଓ ସେହି ଅନୁସାରେ



Source: Author, Digitized by PPRACHIN, SOA

ସେମାନଙ୍କ ଜୀବନ ଗଢା। ଯୁଗର ନୀତି ଅନୁସାରେ ସେ ସମୟରେ ସମାଜର ଯେପରି ଦରକାର ସେହିପରି ଅନେକ ପ୍ରଥା ସୃଷ୍ଟି ହୋଇଯାଇଛି। ସମୟାନୁକ୍ରମେ ଅନେକ ପ୍ରଥା ସମାଜର କ୍ଷତିକାରକ ହୋଇଉଠେ ଓ ତାହାର ପରିବର୍ତ୍ତନ ଓ ସଂସ୍କାର ଆବଶ୍ୟକ। ସେ ସଂସ୍କାରର ପ୍ରବର୍ତ୍ତକ ହୁଅନ୍ତି ବା ହେବାର ଯୋଗ୍ୟ ବ୍ୟକ୍ତି ହେଉଛନ୍ତି ମହାତ୍ମା ଶ୍ରେଣୀର ଲୋକେ। ମହାତ୍ମା ବୋଲନ୍ତେ ବୁଝାଏ ସବୁଠାରୁ ବଡସାଧକ ଓ ନିଜେ ଯାହା କହେ ତାହାହିଁ କରେ। "ଏହି ପ୍ରସଂଗରେ ମହତାବ ମହାତ୍ମାଗାନ୍ଧିଙ୍କ ପ୍ରସଂଗ ଆଲୋଚନାକୁ ଆଣିଥିଲେ। ମହାତ୍ମାଗାନ୍ଧି ସେତେବେଳେ ଅନେକ ପ୍ରକାର ସମାଜ ସଂସ୍କାର ପ୍ରବର୍ତ୍ତନ କରିଥିଲେ ଓ ତାଙ୍କର ନିର୍ଦ୍ଦେଶ ଅନୁସାରେ କଂଗ୍ରେସ ଲୋକେ ସେ ସଂସ୍କାର ପଥ ପ୍ରଦର୍ଶକ ହୋଇଥିଲେ। ମାତ୍ର ମହତାବ ମନ୍ତବ୍ୟ ପ୍ରକାଶ କରି ଲେଖିଥିଲେ- "ଅନେକ କଂଗ୍ରେସ ଲୋକ ନିଜେ ନିଜେ ନିଜକୁ ସୁଖ ଲାଗୁଥିବା ଅନେକ ସଂସ୍କାରର ପ୍ରବର୍ତ୍ତନ ଆରମ୍ଭ କରୁଛନ୍ତି। ଅଥଚ ସେସବୁ ସଂସ୍କାର ମହାତ୍ମାଗାନ୍ଧିଙ୍କ ନାମରେ ଚାଲିଯାଉଛି। ଉଦାହରଣ ସ୍ୱରୂପ ସେ କୋରାପୁଟ ଜିଲ୍ଲାରେ କେତେକ ଅଞ୍ଚଳର କଥା ସୂଚାଇଥିଲ। ଏହି ଅଞ୍ଚଳମାନଙ୍କରେ ୧୯୪୨ ସୁଦ୍ଧା ଏପରି ପ୍ରଚାର ହେଲା ଯେ ସମସ୍ତେ ଚିତା, ପଇତା ଓ ମାଳି ପିନ୍ଧିବା ଦରକାର। ତୁଳସୀ ପୂଜା କରିବା ଦରକାର। ଆଉ ମଧ୍ୟ ଆଦିମ ଅଧିବାସୀଙ୍କ ମଧ୍ୟରେ ଯେ ନାଚସବୁ ଅଛି ସେସବୁ ବନ୍ଦ କରିଦିଆହୋଇଥିଲା। ଏହି ନାଚ ବନ୍ଦ ବିଷୟରେ କଥାଟା ମହାତ୍ମାଗାନ୍ଧିଙ୍କ କାନକୁ ଯାଇଥିଲା। ଅନେକ ସ୍ଥାନରେ ପିଆଜ ରସୁଣ ଖାଇବା ବନ୍ଦ କରିବା ଏକ ସଂସ୍କାର ଆକାରରେ ପ୍ରବର୍ତ୍ତିତ ହେଲା। ସେହିପରି ନିରାମିଷ ଆହାରର ପ୍ରଚାର ମଧ୍ୟ। ମହତାବଙ୍କ ମତରେ ଏ ସମସ୍ତ ବିଷୟ ବ୍ୟକ୍ତିଗତ ରୁଚି ଉପରେ ନିର୍ଭର କରେ। ମାତ୍ର ଏସବୁକୁ ସଂସ୍କାର ଆକାରରେ ପ୍ରଚାର କରି ଚଳାଇବାର ଅଧିକାର ସମସ୍ତଙ୍କର ନାହିଁ। ଏସବୁ କେବଳ ଗୁରୁଗିରି ଓ ଚେଲା ବନାଇବାର ପ୍ରୟାସ ବୋଲି ସେ ମନେ କରିଥିଲେ। ଯେଉଁମାନେ ମହାତ୍ମାଗାନ୍ଧିଙ୍କ ନିର୍ଦ୍ଦେଶରେ କଂଗ୍ରେସରେ କାମ କରୁଛନ୍ତି ସେମାନେ ସାମାଜିକ ବା ଧାର୍ମିକ ସଂସ୍କାର ନିଜମନରୁ କାଢି କିଛି କରିବା ଉଚିତ ନୁହେଁ। ଲୋକମାନେ ମଧ୍ୟ କଂଗ୍ରେସ ଲୋକଙ୍କ ବ୍ୟକ୍ତିଗତ ରୁଚିକୁ ଗାନ୍ଧିଜୀଙ୍କ ସଂସ୍କାର ମନେ କରିବା ଉଚିତ ନୁହେଁ।"

ଏହିପରି ନାନା ମତ ଓ ମନ୍ତବ୍ୟରେ ପରିପୂର୍ଣ୍ଣ ସାପ୍ତାହିକ ରଚନା ମହତାବଙ୍କ ଅବିସ୍ମରଣୀୟ ସାମ୍ବାଦିକ ଜୀବନର ଏକ ବିଶିଷ୍ଟ ସ୍ତମ୍ଭ। ଏପରି ସ୍ତମ୍ଭ ଉତ୍କଟ ଔପନିବେଶିକ



Source: Author, Digitized by PPRACHIN, SOA

ସାମ୍ରାଜ୍ୟବାଦୀ ଶାସନରେ ଦୃଢ଼ରୂପେ ଛିଡା ହୋଇରହିଥିଲା । ଯୁବଶକ୍ତିର ଜାଗରଣରେ , କୃଷକ ତଥା ଦଳିତମାନଙ୍କର ଦାବୀ ଉପସ୍ଥାପନରେ ଏପରିକି ତୁଙ୍ଗ ସାମ୍ରାଜ୍ୟବାଦୀ ବ୍ରିଟିଶ୍‌କୁ ଶକ୍ତ ଆଘାତ ଦେବାରେ ମହତାବଙ୍କର ରଚନା ବେଶ୍ କିଛି ବାଟ ଆଗେଇଯାଇଥିଲା । ସମାଜ, ନବଭାରତ ପରି ମହତାବଙ୍କର ରଚନା ଭାରତର ଯୁଦ୍ଧକାଳୀନ ପରିସ୍ଥିତିରେ ଜନଜାଗରଣ ପାଇଁ ପଥ ପ୍ରସ୍ତୁତ କରିଥିଲା । ଯୁଦ୍ଧକାଳୀନ ପରିସ୍ଥିତିରେ ଲୋକମାନେ କିପରି ନିର୍ଭୀକ ରହିବେ ସେଥିପାଇଁ ରଚନାର ମତ ଦୃଢ଼ ଥିଲା । ଏହା ବିପ୍ଳବର ଝଂକାର ତୋଳିଥିଲା । ଯୁଦ୍ଧକାଳରେ ସମସ୍ତ ଔପନିବେଶିକ ବାଧା ସତ୍ତ୍ୱେ ଗାନ୍ଧିବାଦୀ କାର୍ଯ୍ୟକ୍ରମର ସମ୍ପ୍ରସାରଣ, ଗଠନାତ୍ମକ କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳରେ ପରିପ୍ରସାର ସହିତ ରଚନା ତୀବ୍ର ବ୍ରିଟିଶ୍ ବିରୋଧୀ ମତ ଓ ମନ୍ତବ୍ୟରେ ପୂର୍ଣ୍ଣ ହୋଇଥିଲା । ଅଗଷ୍ଟ ବିପ୍ଳବର ପୃଷ୍ଠପଟ୍ଟରେ ରହି ମହତାବଙ୍କର ସାପ୍ତାହିକ ରଚନା ଏକ ଅବିସ୍ମରଣୀୟ ବିପ୍ଳବ ଓ ଗଣ ସଂଗ୍ରାମର ଭିତ୍ତିଭୂମି ନିର୍ମାଣ କରିପାରିଥିଲା । ପ୍ରଜାତନ୍ତ୍ରର ଅଭାବ ସତ୍ତ୍ୱେ ରଚନାକୁ କେନ୍ଦ୍ର କରି ମହତାବୀୟ ଗଣ ଆନ୍ଦୋଳନ ନୂତନ ରୂପ ନେଇପାରିଥିଲା ।

# ପରିଶିଷ୍ଟ-୫

## ସାମ୍ୟବାଦର ସାରଥି ନବକୃଷ୍ଣ ଚୌଧୁରୀ

ନବକୃଷ୍ଣ ଚୌଧୁରୀ ଆଧୁନିକ ଓଡ଼ିଶାରେ ନବଚେତନାର ପ୍ରବକ୍ତା ଥିଲେ । ତାଙ୍କ ଜୀବନର ଅର୍ଦ୍ଧାଧିକ ଭାଗ ଓଡ଼ିଶାର ରାଜନୈତିକ, ସାମାଜିକ, ଅର୍ଥନୈତିକ କର୍ମପ୍ରବାହକୁ ଅଧିକ ବେଗଗାମୀ କରାଇଥିଲା । ଜାତିର ସନ୍ଧିକ୍ଷଣରେ ସେ ସକ୍ରିୟ ହୋଇ ସାମ୍ୟବାଦୀ ଧାରାରେ ନିଜକୁ ପରିପ୍ଳାବିତ କରିଥିଲେ । ବିଂଶ ଶତକର ଚତୁର୍ଥ ଦଶନ୍ଧିରେ ତାଙ୍କ କର୍ମଧାରାର ଆରମ୍ଭ; କିନ୍ତୁ ମୃତ୍ୟୁର ଶେଷ ପର୍ଯ୍ୟନ୍ତ ତାଙ୍କ ଅଭିଯାନ ଅବ୍ୟାହତ । ସାମ୍ୟବାଦୀ ଚେତନାର ପରିପ୍ରସାର, ଓଡ଼ିଶାରେ କୃଷକ ଆନ୍ଦୋଳନ ସମ୍ପ୍ରସାରଣ ତଥା ରାଜୁଡ଼ା ବିରୁଦ୍ଧରେ ଗଡ଼ଜାତ ପ୍ରଜା ଆନ୍ଦୋଳନ ଏବଂ କଂଗ୍ରେସରେ ରହି ସମାଜବାଦୀ ଗଠନାତ୍ମକ କାର୍ଯ୍ୟକ୍ରମ ପରିଚାଳନା ତାଙ୍କ ଜୀବନକୁ ଅବିସ୍ମରଣୀୟ କରିଥିଲା । ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନର ଡାକରାରେ କଲେଜ ଛାତ୍ର ନବକୃଷ୍ଣ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ସେହି ସମୟଠାରୁ ଦୀର୍ଘ ୫୦ବର୍ଷ କାଳ ସେ ସମାଜବାଦୀ କାର୍ଯ୍ୟକ୍ରମରେ ସମୟ ବ୍ୟୟ କରିଥିଲେ ।



Source: Author, Digitized by PPRACHIN, SOA

ତାଙ୍କ ବିପ୍ଳବୀ ଜୀବନ କେତେଦୂର ସଫଳ ଥିଲା ତାହା ଆକଳନ କରିବା କଷ୍ଟକର, କିନ୍ତୁ ସେ ଯେଉଁ ସାମାଜିକ - ଅର୍ଥନୈତିକ ପରିବେଶରେ ପରିବର୍ତ୍ତନ ପାଇଁ ଅଭିଯାନ ଚଳାଇଥିଲେ ତାହା ଓଡ଼ିଶା ମୁକ୍ତି ସଂଗ୍ରାମ ପ୍ରସଙ୍ଗ ଚର୍ଚ୍ଚାର ଏକ ବିଶିଷ୍ଟ ଦିଗ।

ବିଂଶ ଶତକର ଚତୁର୍ଥ ଦଶନ୍ଧି ନବକୃଷ୍ଣଙ୍କ ଜୀବନର ଏକ ସ୍ମରଣୀୟ ଅଧ୍ୟାୟ। ସାମ୍ୟବାଦୀ ଚିନ୍ତା ଓ ଚେତନାର ଓଡ଼ିଶାରେ ପ୍ରବେଶ ପାଇଁ ସେ ଏହି କାଳରେ ସକ୍ରିୟ ଥିଲେ। ନବକୃଷ୍ଣ ଚୌଧୁରୀ ଓଡ଼ିଶାରେ ସାମ୍ୟବାଦୀ କାର୍ଯ୍ୟ କେବେ ଆରମ୍ଭ କଲେ ସେ ସମ୍ପର୍କରେ ନବବାବୁ ଉପରେ ଲେଖିଥିବା ଅଧିକାଂଶ ଲେଖକ ଏକ ଅଦ୍ଭୁତ ପ୍ରମାଦର ଶିକାର ହୋଇଛନ୍ତି। ତାହାହେଲା ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କର ଆତ୍ମଜୀବନୀ ଏବଂ ୧୯୭୦ ମସିହାରେ ପ୍ରକାଶିତ ପ୍ରାଣନାଥ ସ୍ମୃତିସଂଖ୍ୟା - ନୂଆଦୁନିଆ (ଶତପଥୀ ବିଜୟ କୁମାର, ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା, ୧୯୯୫, କଟକ, ପୃ-୧୭୮-୧୮୬) ୧୯୭୦ ମସିହାରେ ପ୍ରକାଶିତ ପ୍ରାଣନାଥ ସ୍ମୃତିସଂଖ୍ୟାରେ ଅଛି - 'ନିଖିଳ ଭାରତ କ୍ଷେତ୍ରରେ ସମ୍ପର୍କ ହେବାର ପ୍ରାୟ ଏକବର୍ଷ ପୂର୍ବରୁ ନବକୃଷ୍ଣ ଚୌଧୁରୀଙ୍କ ସହ ଆମେ କେତେ ଜଣ ଯୁବକ - ମୋର ମନେହେଉଛି ୧୯୩୩ ମସିହାରେ ପ୍ରଥମ ସମାଜବାଦୀ ସଙ୍ଗଠନର ମୂଳପତ୍ତନ ଓଡ଼ିଶାରେ କଲୁ। ତାର ନାମ ଦିଆଯାଇଥିଲା, 'ଓଡ଼ିଶା କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ'। ନିଜର ଆତ୍ମଜୀବନ ରଚିତ 'ମୋ ଜୀବନ ସଂଗ୍ରାମ' (୧୯୮୪)ରେ ଦ୍ୱିବେଦୀ ଏହି କଥାକୁ ପୁନର୍ବାର ଲେଖିଛନ୍ତି - ୧୯୩୩ ମସିହା ଫେବୃୟାରୀ ମାସ ଠାରୁ ସାମ୍ୟବାଦୀ କର୍ମୀସଂଘ ସକ୍ରିୟ ଭାବରେ ଓଡ଼ିଶାରେ କାର୍ଯ୍ୟ ଆରମ୍ଭ କରିଥିଲା। ଏହି କର୍ମୀ ସଂଘ ଗଠନର ଦୁଇମାସ ପରେ ୧୯୩୩ ମସିହା ମେ ମାସରେ ସାରଥୀ ପ୍ରକାଶ ପାଇଥିଲା ବୋଲି ସେ ସ୍ୱୀକାର କରିଛନ୍ତି।

ଦ୍ୱିବେଦୀଙ୍କର ଏହି ବିଭ୍ରମର ସଂଶୋଧନ ଦରକାର। ପ୍ରକୃତରେ ନବଭାରତ ପତ୍ରିକା (୧୩୪୩ ସାଲ, କର୍କଟ, ୧୯୩୬ ମସିହା)ରେ ଦ୍ୱିବେଦୀ ପ୍ରଥମେ ଲେଖିଥିଲେ କ୍ରମାଗତ ଚିନ୍ତା ଫଳରେ ପ୍ରତ୍ୟେକ ଗୋଟିଏ ସଂଘବଦ୍ଧ ଓ ଶୃଙ୍ଖଳାବଦ୍ଧ ଅନୁଷ୍ଠାନର ଅଭାବବୋଧ କଲେ ଏବଂ ତାହାରି ଫଳସ୍ୱରୂପ ୧୯୩୪ ମସିହା ଫେବୃୟାରୀ ମାସରେ କୌଣସି ନେତାଙ୍କର ଶୁଭାଶୀର୍ବାଦର ବା ସହାୟତାକୁ ଅପେକ୍ଷା ନକରି କେତେକ କର୍ମୀ ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀସଂଘ ନାମକ ଅନୁଷ୍ଠାନ ଗଢ଼ିଲେ। ୧୯୩୪ ମସିହା ଜୁନ ୧୧ ତାରିଖରେ ଆଶା' ସମ୍ବାଦପତ୍ରରେ ସାଧାରଣ ସମ୍ପାଦକ ନବକୃଷ୍ଣ ଚୌଧୁରୀ ଏ ସମ୍ପର୍କରେ ଲେଖିଥିଲେ - "ଗତ କେତେବର୍ଷର ଅଭିଜ୍ଞତାରେ ଭାରତର ପୂର୍ଣ୍ଣ ସ୍ୱାଧୀନତା



Source: Author, Digitized by PPRACHIN, SOA

ପ୍ରୟାସୀ କର୍ମୀମାନଙ୍କ ଭିତରୁ ଅନେକ ସ୍ପଷ୍ଟ ବୁଝିପାରିଛନ୍ତି ଯେ ପନ୍ଥା ହେଉଛି - ବୈଜ୍ଞାନିକ, ସାମ୍ୟବାଦ ପ୍ରଦର୍ଶିତ କାର୍ଯ୍ୟପନ୍ଥା । ସେଥିପାଇଁ ଭାରତର ସର୍ବତ୍ର ସାମ୍ୟବାଦ ଆନ୍ଦୋଳନର ସୂତ୍ରପାତ ହେଲାଣି । ପ୍ରତି ଦେଶରେ ଛୋଟବଡ଼ ସାମ୍ୟବାଦୀ ଦଳ ପ୍ରତିଷ୍ଠିତ ହୋଇଛି । କଂଗ୍ରେସ ଆମ ଦେଶର ସବୁଠାରୁ ବଡ଼ ରାଜନୈତିକ ଅନୁଷ୍ଠାନ ଏବଂ ତାହା ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅଧିକରୁ ଅଧିକତର ଭାବରେ ଜନସାଧାରଣଙ୍କର ସଂସ୍ପର୍ଶରେ ଆସିଅଛି । ସେଥିପାଇଁ ଆଜି ଅନେକ କଂଗ୍ରେସ କର୍ମୀ ସାମ୍ୟବାଦ ଆନ୍ଦୋଳନରେ ଯୋଗ ଦେଉଛନ୍ତି ଏବଂ ଅନେକ ସାମ୍ୟବାଦୀ କଂଗ୍ରେସ ଭିତରେ ପଶି କଂଗ୍ରେସ ଆନ୍ଦୋଳନକୁ ସାମ୍ୟବାଦମୂଳକ କରିବାକୁ ଚେଷ୍ଟା କରୁଛନ୍ତି । ଫଳରେ କଂଗ୍ରେସ ଭିତରେ ଗୋଟିଏ ସାମ୍ୟବାଦୀ ଦଳ ଗଢ଼ି ଉଠିଛି । ଉତ୍କଳର କେତେଜଣ କଂଗ୍ରେସ କର୍ମୀ ଗତ ଫେବୃୟାରୀ ମାସରେ (୧୯୩୪ ଫେବୃୟାରୀ ମାସରେ) ଗୋଟିଏ ସାମ୍ୟବାଦୀ କର୍ମୀ ସଂଘ ଗଠନ କରି କାର୍ଯ୍ୟ ଆରମ୍ଭ କରିଥିଲେ । ବର୍ତ୍ତମାନ ନିଖିଳ ଭାରତ କଂଗ୍ରେସ ସାମ୍ୟବାଦୀ ସମ୍ମିଳନୀର ନିର୍ଦ୍ଧାରଣ ଅନୁସାରେ ଏହି କର୍ମୀସଂଘର ପୁନର୍ଗଠନ କରାଯିବ ଓ ଏହାର ପ୍ରସାର ପାଇଁ ଚେଷ୍ଟା କରିବାକୁ ହେବ । ଏହି ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଓଡ଼ିଶାରେ ସାମ୍ୟବାଦୀ କର୍ମୀ ସଂଘ ୧୯୩୪ ମସିହା ଫେବୃୟାରୀ ମାସରେ ଗଠିତ ହୋଇଥିଲା ।

ଏହି କର୍ମୀସଂଘ ଗଠନ ପୂର୍ବରୁ ନବକୃଷ୍ଣଙ୍କୁ ୧୯୩୩ ମସିହା ନଭେମ୍ବର ମାସରେ ଦେଶକଥା ସମ୍ବାଦପତ୍ରର ପ୍ରଶ୍ନଥିଲା - ଆପଣ ବର୍ତ୍ତମାନ କ'ଣ କରିବାକୁ ଯାଉଛନ୍ତି ? ତାହାର ଉତ୍ତରରେ ସେ କହିଥିଲେ - "ଏକୁଟିଆ କିଛି କରିବା ପାଇଁ ମୋର ଇଚ୍ଛା ନାହିଁ । ଓଡ଼ିଶା ସାଧାରଣ କାର୍ଯ୍ୟକ୍ଷେତ୍ରରେ କୌଣସି ବିଧିବଦ୍ଧ ପ୍ରକାଶ୍ୟ ରାଜନୈତିକ ଦଳ ନ ଥିବାରୁ ଆଜିକାଲିକା ପରି କଂଗ୍ରେସ ସମୟରେ ଏତେ ଗୋଳମାଳ ଘଟୁଛି । ଜାତୀୟ ଆନ୍ଦୋଳନର ସୁଅ ହଠାତ୍ କମିଯିବାରୁ ଆମ୍ଭେମାନେ ଛିନ୍ନଭିନ୍ନ ହୋଇ ବ୍ୟକ୍ତିଗତ ଏବଂ କ୍ଷଣିକ ଇଚ୍ଛା ପ୍ରକୃତି ବା ଖିଆଲର ଓ ଶିକ୍ଷିତ ସମାଜ ମଧ୍ୟରେ ଆଜି ବଙ୍ଗାଳି-ଓଡ଼ିଆ, କରଣ-ବ୍ରାହ୍ମଣ, ପୁରୀ-କଟକ ପ୍ରଭୃତି ପରସ୍ପର ବିରୋଧୀ ଅଥଚ ତୁଚ୍ଛ ଭେଦଗୁଡ଼ାକ ବଡ଼ ହୋଇ ସମସ୍ତଙ୍କୁ ଅଭିଭୂତ କରୁଛି । ମନେହେଉଛି ଓଡ଼ିଶା ହଠାତ୍ ଯେପରି ୨୦ବର୍ଷ ପଛେଇଗଲା । ବଙ୍ଗାଳୀ ଓଡ଼ିଆ ବା କରଣ ବ୍ରାହ୍ମଣ ବିରୋଧୀ ଏକ ସମୟରେ ଗୁରୁତ୍ୱ ଥିଲା ଜନସାଧାରଣଙ୍କ ଦୃଷ୍ଟିରୁ ମଧ୍ୟ, କିନ୍ତୁ କାଳଗତିରେ ଏ ଭେଦ ନିତାନ୍ତ ତୁଚ୍ଛ ଏବଂ ଅବାସ୍ତବ ହୋଇପଡ଼ିଛି । ଟିକିଏ ତଳେଇ ଦେଖିଲେ ତାହା ସାଫ୍ ଦେଖାଯିବ । ଆଜିକାଲିକାର ଏ ଯୁଗରେ ବାସ୍ତବରେ ବ୍ରାହ୍ମଣ ଦଳ ବା କରଣ ଦଳ ବୋଲି କିଛି ରହିନପାରେ । କେତେଗୁଡ଼ିଏ ସ୍ୱାର୍ଥପର ଲୋକ ନିଜର ସ୍ୱାର୍ଥସିଦ୍ଧି ପାଇଁ ଏଇ କଥାଗୁଡ଼ିକ



Source: Author, Digitized by PPRACHIN, SOA

ଉଠାଇ ଲୋକମାନଙ୍କ ମନକୁ ଗୋଳିଆ କରି ଦେଉଛନ୍ତି। ଏଇ ମିଛ ବା ତୁଚ୍ଛକଥାରେ ଆଜି ଯେଉଁମାନେ ଏକାଠି ହୋଇ ଯାଉଛନ୍ତି ସେମାନେ ଅତି ଶୀଘ୍ର ଦେଖୁଛନ୍ତି ସେମାନଙ୍କ ନିଜଭିତରେ ଗୁରୁତ୍ୱପୂର୍ଣ୍ଣ ବିରୋଧ ଏତେ ରହିଛି ଯେ ସେମାନଙ୍କର ଏକାଠି ଚାଲିବା ଅସମ୍ଭବ। ସେଥିପାଇଁ ଓଡ଼ିଶାର ଶିକ୍ଷିତ ସମାଜରୁ ବର୍ତ୍ତମାନ ଦଳଗତ କାର୍ଯ୍ୟ ଅସମ୍ଭବ ହୋଇଛି; ଦେଖେଇ କରି ହେଉ ବା ଲୁଚେଇ କରି ହେଉ ଖାଲି କାମୁଡ଼ା କାମୁଡ଼ି, କେଞ୍ଚା କେଞ୍ଚି ଚାଲିଛି। ଏପରି ଅବସ୍ଥାରେ ଯେଉଁମାନେ ଧୀରସ୍ଥିର ଭାବରେ ଚିନ୍ତା କରିପାରୁଛନ୍ତି ଓ ଜନସାଧାରଣଙ୍କୁ ଭୟ କରିବାକୁ ଇଚ୍ଛା କରୁଛନ୍ତି ସେମାନେ ଏକୁଟିଆ କିଛି କରିବାକୁ ନଯାଇ ଭିନ୍ନ ଭିନ୍ନ ମତ ବା ଅଭିରୁଚି ଅନୁଯାୟୀ ଦଳଗଢ଼ି କାର୍ଯ୍ୟ କଲେ ଅନିଚ୍ଛାସତ୍ତ୍ୱେ ସ୍ୱାର୍ଥପର ଲୋକଙ୍କ ପାଲରେ ପଡ଼ିବାର ସମ୍ଭାବନା କମ୍ ରହିଛି। ଏହିପରି ଭାବରେ ଦଳ ହେଲେ ଯେ ସେହି ଦଳମାନଙ୍କ ମଧ୍ୟରେ ବିରୋଧ ନରହିବ ତା' ନୁହେଁ; କିନ୍ତୁ ସେ ବିରୋଧ ଯୋଗୁଁ ସାଧାରଣ ଜୀବନର ଅଧୋଗତି ନହୋଇ ବରଂ ବିକାଶ ହେବ। ମୁଁ ଏହି ଧାରାରେ ଭାବୁଛି ଏବଂ ତଦନୁସାରେ ପରସ୍ପର ସହିତ ମତ ମିଳୁଥିବା ଓ ପରସ୍ପର ପ୍ରତି ବିଶ୍ୱାସ ଥିବା ଗୋଟିଏ ଦଳ ଭିତରେ କାମ କରିବା ଚେଷ୍ଟା କରୁଛି। (ଦେଶକଥା, ନଭେମ୍ବର, ୧୯୩୩)

ଏହିପରି ନୂତନ ଚିନ୍ତନ ନେଇ ୧୯୩୩ ଶେଷରୁ ନବକୃଷ୍ଣ କାର୍ଯ୍ୟକରି ଅନ୍ୟମାନଙ୍କ ସହଯୋଗରେ ୧୯୩୪ରେ ସାମ୍ୟବାଦୀ ସଂଘ ପ୍ରସ୍ତୁତ କରିଥିଲେ। ଏଥିରେ ତାଙ୍କ ସହଧର୍ମିଣୀ ମାଳତୀ ଦେବୀ, ଗଙ୍ଗାଧର ମିଶ୍ର, ଗୋକୁଳ ମୋହନ ରାୟଚୁଡ଼ାମଣି, ଗୌରଚନ୍ଦ୍ର ଦାସ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ଦିବାକର ପଟ୍ଟନାୟକ, ପ୍ରାଣନାଥ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ଏବଂ ସାମ୍ୟବାଦର ପଥ ନିର୍ମାଣ କରିଥିଲେ। ସାମ୍ୟବାଦର ବାର୍ତ୍ତାବହ ଭାବରେ ୧୯୩୪ ମସିହା ମାର୍ଚ୍ଚ ମାସ ଆରମ୍ଭରୁ 'ସାରଥୀ' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ ପାଇଥିଲା। ନବକୃଷ୍ଣ ଏହାର ସମ୍ପାଦକ ଥିଲେ। (ଦେଶକଥା, ୧୩ ମାର୍ଚ୍ଚ ୧୯୩୪) ସାରଥୀ ଚାଷୀମୂଲିଆଙ୍କ ପତ୍ରିକା ବୋଲି ଆରମ୍ଭରୁ ସୂଚନା ଦିଆଯାଇଥିଲା। ଚାଷୀମୂଲିଆଙ୍କର ଉନ୍ନତି ଓ ଜାଗରଣ ନହେଲେ ଦେଶର ଉନ୍ନତି ଅସମ୍ଭବ ବୋଲି ବୋଲି ସୂଚିତ ହୋଇଥିଲା। 'ଦେଶକଥା' ଏହି ପତ୍ରିକାର ଆରମ୍ଭ ସମ୍ପର୍କରେ ସୂଚନା ଦେଇ ଲେଖିଥିଲେ –ଏହି ସତ୍ୟକୁ ଅମଲାତନ୍ତ୍ରର ବଡ଼ ଚାକରଠାରୁ ଆରମ୍ଭ କରି ଜମିଦାର ପର୍ଯ୍ୟନ୍ତ ସମସ୍ତେ ଶତମୁଖରେ ସ୍ୱୀକାର କରନ୍ତି। ତଫାତ୍ କେବଳ ନିଜର ସ୍ୱାର୍ଥସିଦ୍ଧି ପାଇଁ ସେ ସତ୍ୟକୁ ପଦଦଳନ କରିବା ଓଡ଼ିଆଚାଷୀ ବର୍ତ୍ତମାନ ତାର ଜୀବନ ମରଣର



Source: Author, Digitized by PPRACHIN, SOA

ସନ୍ନିକ୍ଷଣରେ। କଂଗ୍ରେସ ଓ ସରକାର ସମସ୍ତେ ଓଡ଼ିଆ ଚାଷୀ ମଜୁରିଆଙ୍କ ଅସହାୟତ୍ୱରେ ସୁବିଧା ଭୋଗ କରୁଅଛନ୍ତି। ବାକି ଯାହା ଟିକକ ଅଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହେଲେ ବାବୁ ମାର୍କା ସାତଭାଇଆ ଦଳ କିମ୍ବା ଜମିଦାରଙ୍କ ଦଳ ତାଙ୍କୁ ଶୋଷି ଯାଦୁକରଙ୍କୁ କଙ୍କାଳ କରିଦେବେ। ଭାଇ ନବକୃଷ୍ଣଙ୍କ ସାରଥୀ ଯଦି କୋଟ୍ୟାଂଶରେ ହେଲେ ପ୍ରକୃତ ଚାଷୀ ବା ମଜୁରିଆର ଆଖି ଫିଟାଇପାରେ, ତେବେ ଉଦ୍ଦେଶ୍ୟ ସଫଳ ହେବ। ମାର୍ଚ୍ଚ ୨୯, ୧୯୩୪ରେ ଦେଶକଥା ସମ୍ବାଦପତ୍ରର ସାରଥୀର ସଂଖ୍ୟାର ମୂଲ୍ୟାୟନ ବେଳେ ଏହାର କାର୍ଯ୍ୟକ୍ରମର ବିସ୍ତାରିତ ଆଲୋଚନା ହୋଇଥିଲା। ସେଥିରେ ପ୍ରକାଶ କରାଯାଇଥିଲା 'ଓଡ଼ିଶାରେ କୃଷକ ସମସ୍ୟା ଏକ ମହାଜଟିଳ ସମସ୍ୟା। ଜନ୍ମଠାରୁ ମୃତ୍ୟୁଯାଏ ଅବା ମୃତ୍ୟୁର ପରପାର ପର୍ଯ୍ୟନ୍ତ ଅଭାବ, ଅନଟନ, ଅତ୍ୟାଚାର ଏବଂ ଦୈବ ଦୁର୍ଗତିର ଏକ ଅସୀମ ସରଳରେଖା ତାହାର ଜୀବନରେ ବିସ୍ତୃତ। ମୁହୁଁ ମୁହୁଁ ଦୁଃଖ ଦୈନ୍ୟରେ ଜର୍ଜରିତ ହୋଇ ଓଡ଼ିଆ ଚାଷୀ ପରାଙ୍ଗପୁଷ୍ଟ ଅଷ୍ଟପଦୀର ଶୋଷଣ ଫାଶରେ ମୃତକଳ୍ପ। ନିଜର ବୋଲି ତାହାର କିଛି ନାହିଁ କହିଲେ ଚଳେ। ସରକାର ବିଦେଶୀ ହେଲେ ମଧ୍ୟ ତାହାଙ୍କ ଠାରୁ ଯାହା ସାହାଯ୍ୟ ସହାନୁଭୂତି ମିଳନ୍ତା ତାହା ଚାଷୀର ମୂକତା ଯୋଗୁଁ ମିଳୁନାହିଁ। ବ୍ୟବସ୍ଥାସଭା ଯେଉଁଭାବେ  ଗଢ଼ା ହୋଇଛି ଅବା ହେଉଛି, ସେ ଚାଷୀର ସ୍ଥାନ ଜମିଦାର ପୂରଣ କରିବେ? ଅଥଚ ଏ ଦେଶରେ କୃଷକର ଉନ୍ନତି ପାଇଁ ଭଲରକମର ଯୁଗୋପଯୋଗୀ ପ୍ରଜାସତ୍ତ୍ୱ ଆଇନ ପ୍ରଣୟନ ପ୍ରଥମ ଆବଶ୍ୟକ। କୃଷକକୁ ନିଜର ସତ୍ତ୍ୱ ସ୍ମରଣ କରାଇ ଦେଇ ନିଜର ଦାବୀ କର୍ତ୍ତୃପକ୍ଷଙ୍କ ଆଗରେ ଆଗତ କରିବାକୁ ସାହସ ଦେବା ସାରଥିର କର୍ତ୍ତବ୍ୟ ହେବା ଲୋଡ଼ା - ଭାଇ ନବକୃଷ୍ଣ ସମସ୍ତଙ୍କୁ ଭାଇବୋଲି ସମ୍ବୋଧନ କରିବାର ପ୍ରେମମୂର୍ତ୍ତି ଧରିଛନ୍ତି ବୋଲି ଆମ୍ଭେମାନେ ଏତେ କଥା କହିଲୁ'। ୧୯୩୪ ଅଗଷ୍ଟ ବେଳକୁ ସାରଥି ମୂଲିଆ ମଜୁରିଆଙ୍କ ଆର୍ଥିକ ଉନ୍ନତି ନିମିତ୍ତ ଯେଉଁ ଚେଷ୍ଟା କରୁଥିଲା ତାହାକୁ ସମସ୍ତେ ପ୍ରଶଂସା କରୁଥିଲେ ମଧ୍ୟ ନବବାବୁଙ୍କର ସାମ୍ୟବାଦକୁ ମୁକ୍ତକଣ୍ଠରେ ଓଡ଼ିଶାରେ ସମସ୍ତେ ଗ୍ରହଣ କରୁନଥିଲେ, ଅନେକ କଂଗ୍ରେସକର୍ମୀ ଦେଶରେ ଆଧ୍ୟାତ୍ମିକ, ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ ପରିସ୍ଥିତି ନିମିତ୍ତ ସାମ୍ୟବାଦ ଭାରତବର୍ଷରେ କାମ୍ୟ ଲକ୍ଷ୍ୟ ନୁହେଁ ବୋଲି ଦୃଢ଼ଭାବରେ ବିଶ୍ୱାସ ରଖୁଥିଲେ। (ଦେଶକଥା, ଅଗଷ୍ଟ ୭, ୧୯୩୪) ଆଶା ସମ୍ବାଦପତ୍ରର ୧୯୩୪ ଅଗଷ୍ଟଠାରୁ ଅକ୍ଟୋବରର ଅନେକ ସଂଖ୍ୟାରେ ନବକୃଷ୍ଣଙ୍କର ସାମ୍ୟବାଦୀ ନମୁନା ଉପରେ ପ୍ରଚଣ୍ଡ ଆକ୍ରମଣ ହୋଇଥିଲା। ଖୋଲା ଚିଠି, ଉତ୍ତର ପ୍ରତ୍ୟୁତ୍ତର, ନବକୃଷ୍ଣ ଓ ଭାବଗ୍ରାହୀ ପତି ମଧ୍ୟରେ ଘଟି ଯାଇଥିଲା। ଏହାସତ୍ତ୍ୱେ



Source: Author, Digitized by PPRACHIN, SOA

ନବକୃଷ୍ଣ ତାଙ୍କର ସମାଜବାଦୀ ଚିନ୍ତନର ମୌଳିକ ରୂପକୁ ଅପରିବର୍ତ୍ତିତ ରଖିଥିଲେ। ଚାଷୀମୂଲିଆ ସମସ୍ୟାକୁ ସେ ସର୍ବଦା ଗୁରୁତ୍ୱ ଦେଇଥିଲେ। ୧୯୩୬ ବେଳକୁ ନବକୃଷ୍ଣ ସାମ୍ୟବାଦୀ ତତ୍ତ୍ୱର ଏକ ପ୍ରବକ୍ତା ହୋଇଯାଇଥିଲେ। ନବଯୁଗ ସାହିତ ସଂସଦର ମୁଖପତ୍ର ଆଧୁନିକ ମାସିକ ପତ୍ରିକାର ଜୁଲାଇ (୧୯୩୬) ସଂଖ୍ୟାରେ ବୈଜ୍ଞାନିକ ସାମ୍ୟବାଦ ଶୀର୍ଷକ ଆଲୋଚନା ପ୍ରକାଶ କରି ସେ ଏହି ତତ୍ତ୍ୱର ସମ୍ପ୍ରସାରିତ ରୂପ ଉପସ୍ଥାପନ କରିଥିଲେ। ସେଥିରେ ସେ ଲେଖିଥିଲେ – 'କେବଳ ସାମ୍ୟବାଦ କହିଲେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମତବାଦ ବୁଝାଏ ନାହିଁ। ବର୍ତ୍ତମାନ ପୁଞ୍ଜିବାଦୀ ସାମନ୍ତ ବ୍ୟବସ୍ଥା ମାନବ ସମାଜ ପକ୍ଷରେ ଅହିତକର ଏବଂ ଜନସାଧାରଣଙ୍କର ଦାରିଦ୍ର୍ୟ ଓ ଅଧୋଗତିର ହେତୁ ବୋଲି ଉପଲବ୍ଧି କରି ନାନା ଦେଶର ନାନା ମନିଷୀ ନିଜ ନିଜର ବିବେକ ଓ କଳ୍ପନା ଶକ୍ତି ସାହାଯ୍ୟରେ ସୁନ୍ଦର ନ୍ୟାୟସଙ୍ଗତ ଆଦର୍ଶ ସମାଜ ବ୍ୟବସ୍ଥାର ଭିନ୍ନ ଭିନ୍ନ ପ୍ରକାର ପରିକଳ୍ପନା କରିଛନ୍ତି ଏବଂ ସେହି କଳ୍ପନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଭିନ୍ନ ଭିନ୍ନ ପନ୍ଥା ନିର୍ଦ୍ଦେଶ କରିଛନ୍ତି। ନୂତନ ସମାଜ ବ୍ୟବସ୍ଥାର ଏହି ବିଭିନ୍ନ ଆଦର୍ଶ ଓ ପନ୍ଥା ଅଧିକାଂଶ ସୋସାଲିଜମ୍ ନାମରେ ଅଭିହିତ କରିଛନ୍ତି। ସୋସାଲିଜମ୍ ବା ସାମ୍ୟବାଦର ଏହି ଆଦି ପ୍ରବର୍ତ୍ତକମାନଙ୍କର ଚିନ୍ତା ଓ ସାଧନା ଯୋଗୁଁ ଭାବୁକ ଜଗତରେ ବିପ୍ଳବର ସୂତ୍ରପାତ ହୋଇଥିଲେ ହେଁ ସେମାନଙ୍କର ସମସ୍ତ ପରିକଳ୍ପନା କଳ୍ପନାରେ ହିଁ ପର୍ଯ୍ୟବସିତ ରହିଲା। ବାସ୍ତବ ଜଗତରେ ତିଷ୍ଠି ପାରିଲା ନାହିଁ। ଏଥିପାଇଁ ଏ ସମସ୍ତ ପ୍ରକାର ସାମ୍ୟବାଦକୁ କାଳ୍ପନିକ ସାମ୍ୟବାଦ କୁହାଯାଇଥାଏ। ଦର୍ଶନ, ବିଜ୍ଞାନ ଓ ବିଶେଷତଃ ମାନବ ସମାଜର ଇତିହାସ ସମ୍ବନ୍ଧରେ ଗଭୀର ଗବେଷଣା ଫଳରେ ମାର୍କସ୍ ଓ ଏଙ୍ଗେଲସ୍ କେତେଗୁଡ଼ିଏ ସୂକ୍ଷ୍ମ ଓ ବ୍ୟାପକ ନୂତନ ତତ୍ତ୍ୱର ସନ୍ଧାନ ପାଇଲେ ଏବଂ ସେଗୁଡ଼ିକ ସାହାଯ୍ୟରେ କେବଳ ଯେ ବର୍ତ୍ତମାନ ପୁଞ୍ଜିବାଦୀ ସମାଜକୁ ବିଶ୍ଳେଷଣ କରି ତାହାର ଅନ୍ତର୍ନିହିତ ବିରୋଧଗୁଡ଼ିକ ପଦାରେ ପକାଇଲେ ତାହା ନୁହେଁ; ଏହି ସଂକଟସଙ୍କୁଳ ଆତ୍ମବିରୋଧଗ୍ରସ୍ତ ପୁଞ୍ଜିବାଦର ଧ୍ୱଂସ କିପରି ସାଧିତ ହେବ ଏବଂ ଏହା ସ୍ଥଳରେ ଭବିଷ୍ୟତରେ କେଉଁ ରୀତିରେ ନୂତନ ସାମ୍ୟବାଦ ସମାଜ ଗଠିତ ଓ ପରିଚାଳିତ ହେବ, ତାର ନିର୍ଦ୍ଦିଷ୍ଟ ସୂଚନା ଦେଇ ସେ ଦିଗରେ ପ୍ରବଳ ଆନ୍ଦୋଳନ ସୃଷ୍ଟି କଲେ। ବୈଜ୍ଞାନିକ ସାମ୍ୟବାଦ କହିଲେ ମାର୍କସ୍ ଓ ଏଙ୍ଗେଲସ୍ଙ୍କର ପ୍ରତିପାଦିତ ଦର୍ଶନ, ସମାଜ ବିଜ୍ଞାନ, ଭବିଷ୍ୟତ ସାମାଜିକ ବ୍ୟବସ୍ଥାର ଆଦର୍ଶ ଏବଂ ସେହି ଆଦର୍ଶ ପ୍ରତିଷ୍ଠା କରିବାର ବୈଜ୍ଞାନିକ ପନ୍ଥା ଏ ସମସ୍ତ ବୁଝିବାକୁ ହେବ'।

ମାର୍କସୀୟ ଦର୍ଶନର ମୋଟାମୋଟି ପରିଚୟ ଦେଇ ନବକୃଷ୍ଣ 'ହିଷ୍ଟରିକାଲ୍ ମେଟେରିଆଲିଜମ୍' ବା ଐତିହାସିକ ବସ୍ତୁବାଦ କଥା ବୁଝାଇ ଦେଇଥିଲେ। ଆଲୋଚନାଟିରେ



Source: Author, Digitized by PPRACHIN, SOA

ତାଙ୍କ ଅଧ୍ୟୟନର ସମ୍ପ୍ରସାରିତ ଭୂମିକାକୁ ସହଜରେ ଆବିଷ୍କାର କରାଯାଇ ପାରେ । ସାମ୍ୟବାଦୀ ଧାରା ପ୍ରସାର ପାଇଁ ନବକୃଷ୍ଣ ଓଡ଼ିଶାରେ କୃଷକମାନଙ୍କୁ ଦୃଷ୍ଟି ନିର୍ଦ୍ଦେଶ କରିଥିଲେ । ସେମାନେ କେବଳ କୃଷକ ନଥିଲେ, ବରଂ ଥିଲେ ଶୋଷିତ /ଦଳିତ ଶ୍ରମିକ । ସେହି କାଳରୁ ଅର୍ଥାତ୍ ୧୯୩୫-୩୬ରୁ ନବକୃଷ୍ଣ କୃଷକ ସମସ୍ୟା ସମାଧାନରେ ଓଡ଼ିଶାରେ ସାମ୍ୟବାଦ ଆସିପାରିବ ବୋଲି ମନେ କରିଥିଲେ । ତେଣୁ ୧୯୩୬ ମସିହା ନଭେମ୍ବର ୨୯ ତାରିଖରେ କଲିକତାରେ ହୋଇଥିବା ଓଡ଼ିଆ ଚାଷୀ ସମ୍ମିଳନୀରେ ତାଙ୍କର କୃଷକ ସମସ୍ୟା ସମ୍ପର୍କିତ ଭାବଧାରା ପ୍ରସାରିତ ହୋଇଥିଲା । ଏହି ସମ୍ମିଳନୀରେ ନବକୃଷ୍ଣ, ଭଗବତୀ ପାଣିଗ୍ରାହୀ, କୃପାସିନ୍ଧୁ ଖୁଣ୍ଟିଆ ଓ ନରେନ୍ଦ୍ର ନାଥ ମଜୁମଦାର ସଭାପତି ମଣ୍ଡଳର ଆସନମାନ ଗ୍ରହଣ କରିଥିଲେ । ପ୍ରଧାନ ସଭାପତି ଥିଲେ ନବକୃଷ୍ଣ । ସେ ତାଙ୍କର ବକ୍ତବ୍ୟ ସ୍ପଷ୍ଟ ଭାବରେ କହିଥିଲେ । ଏହାକୁ ଉପସ୍ଥିତ ଚାଷୀ ଓ ମଜୁରିଆମାନେ ବୁଝିପାରିବା ଭଳି ଢ଼ଙ୍ଗରେ ସେ ବୁଝାଇ ଦେଇଥିଲେ ।

# ପରିଶିଷ୍ଟ-୬

## ଅବିସ୍ମରଣୀୟା ଗାନ୍ଧୀବାଦୀ ନେତ୍ରୀ ସୁଭଦ୍ରା ମହତାବ

ମହାନ୍ ଗାନ୍ଧୀବାଦୀ ନେତ୍ରୀ ତଥା ସଂଗଠିକା ସୁଭଦ୍ରା ମହତାବ ଇତିହାସ ଚର୍ଚ୍ଚାରେ ଅବହେଳିତ । ତାଙ୍କ ସମ୍ପର୍କରେ ତଥ୍ୟ ଆଲୋକିତ ନହେବାରୁ ଓଡିଶାରେ ନାରୀମୁକ୍ତି ଆନ୍ଦୋଳନର ଇତିହାସ ଅନ୍ଧକାରାଛନ୍ନ । ଉପନିବେଶିକ ଶାସନ କାଳରେ ଓଡିଶାରେ ସରଳା ଦେବୀ, ରମା ଦେବୀ ତଥା ମାଳତୀ ଚୌଧୁରୀ ଯେପରି ନାରୀମାନଙ୍କ ମଧ୍ୟରେ ଗାନ୍ଧୀବାଦୀ ଗଠନାତ୍ମକ ଭାବଧାରା ପ୍ରସାରିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସୁଭଦ୍ରା ମହତାବ ଜୀବନର ଦୀର୍ଘ ପଚାଶ ବର୍ଷରୁ ଉର୍ଦ୍ଧ୍ୱକାଳ ସେହି ଭୂମିକା ଗ୍ରହଣ କରିଥିଲେ । ହରେକୃଷ୍ଣ ମହତାବ ତାଙ୍କର ସହଧର୍ମିଣୀ ହିସାବରେ ସୁଭଦ୍ରାଙ୍କୁ  ବର୍ଣ୍ଣନା କରି ତାଙ୍କ ଆତ୍ମଜୀବନୀ "ସାଧନାର ପଥେ" ରେ ତାଙ୍କ କର୍ମପ୍ରବାହ ଉପରେ ପ୍ରଥମେ ସମାଲୋଚନା କରିଥିଲେ ମଧ୍ୟ ସୁଭଦ୍ରାଙ୍କ ମୃତ୍ୟୁପରେ "ଗାଁ ମଜଲିସ୍"ରେ ଲେଖିଥିଲେ-"ସୁଭଦ୍ରାଙ୍କ ପ୍ରତି ବହୁ ଲୋକଙ୍କର ଶ୍ରଦ୍ଧା ଓ ସମ୍ମାନ ଥିଲା । ତାଙ୍କର ଜୀବନ ସାର୍ଥକ ହୋଇଛି । ତାଙ୍କରି ଯୋଗେ ଯେ ମୁଁ ମାଡି ଚାଲିଥିଲି ବୋଲି ଯେଉଁ ମତ ପ୍ରକାଶ ପାଇଛି ତାହା ସତ୍ୟ । ସେ ସବୁ ତ୍ୟାଗ କରି ନିଜକୁ ନିଜେ ଚାପି ରଖୁନଥିଲେ ମୁଁ ଧାଇଁପାରିନଥାନ୍ତି । ଜେଲ୍ ଯିବାବେଳେ, ମନ୍ତ୍ରୀହେବାବେଳେ, ରାଜ୍ୟପାଳ ହେବାବେଳେ ତାଙ୍କର ଯୋଗେ ମୋର



Source: Author, Digitized by PPRACHIN, SOA

ଚାଲିଚଳନର କୌଣସି ପରିବର୍ତ୍ତନ ଘଟିନଥିଲା । ସେ ଅଂକୁଶ ପରି କାର୍ଯ୍ୟ କାର୍ଯ୍ୟ କରିଛନ୍ତି । ସେଥିରେ ମୋର ଜୀବନ ଗଠିତ ହୋଇଛି । କିଛି କମ୍ ସମୟ ନୁହେଁ, ଷାଠିଏ ବର୍ଷର ସମ୍ପର୍କ ।" ଏହି ମତାମତରୁ ମଧ୍ୟ ସୁଭଦ୍ରାଙ୍କର ଭୂମିକାର ମୂଲ୍ୟାୟନ କରାଯାଇପାରେ । ସେଦିନର ରାଣୀମା ପୁଣି ଓଡିଶାର କସ୍ତୁରୀବା ହୋଇପାରିଥିଲେ-ଏହା ଏକ ଚମତ୍କାର ଅଭିମତ । ବାସ୍ତବରେ ହରେକୃଷ୍ଣ ମହତାବଙ୍କୁ ସୁଭଦ୍ରା ବିବାହ କରିବାର ଦଶ ବର୍ଷ ପରେ ଜୀବନର ଦୀର୍ଘ ପଚାଷ ବର୍ଷ ସେ ଯେପରି ସାମାଜିକ ସାଂସ୍କୃତିକ କାର୍ଯକ୍ରମରେ ଯୋଗଦାନ କରିଥିଲେ ତାହା ଥିଲା ଅସାଧାରଣ । ଦଳମତ ନିର୍ବିଶେଷରେ ଓଡିଶାର ଅଗଣିତ ଜନସେବୀ ଓ କର୍ମୀମାନଙ୍କ ମଧ୍ୟରେ ସେ ମା ହୋଇ କାର୍ଯ୍ୟ କରିଥିଲେ । ସାରା ଜୀବନ ମହତାବଙ୍କର ସବୁକ୍ଷେତ୍ରରେ ସହକର୍ମୀ ଥିଲେ । ଏକ ସମ୍ଭ୍ରାନ୍ତ ପରିବାରର ଗୃହକର୍ତ୍ତ୍ରୀ ଭାବେ ସେ ସମସ୍ତ ସୁଖ ସମ୍ଭୋଗର ସୁଯୋଗ ପାଇଥିଲେ ମଧ୍ୟ ତାହା ପରିହାର କରି ସ୍ୱାଧୀନତା ସଂଗ୍ରାମରେ କାରାବରଣ କରି ଅକଥନୀୟ ତ୍ୟାଗ ଓ ଦୁଃଖ ବରଣ କରିଥିଲେ । ତାଙ୍କର ସ୍ୱାତନ୍ତ୍ର୍ୟ ଥିଲା ଏବଂ ସାଧନାର ମାର୍ଗ ଭିନ୍ନ ଥିଲା । ଗାନ୍ଧିଜୀଙ୍କର ରଚନାତ୍ମକ କାର୍ଯ୍ୟରେ ସାରା ଜୀବନ ଆତ୍ମ ବିନିଯୋଗ କରି କ୍ଷମତା ରାଜନୀତିରୁ ସେ ଦୂରେଇ ରହିଥିଲେ ।

ସୁଭଦ୍ରା ଅସୁରେଶ୍ୱର ଗ୍ରାମର ଆନନ୍ଦରାମ ସିଂହଙ୍କ କନ୍ୟା ଥିଲେ ଏବଂ ୧୯୦୦ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ୧୯୧୭ ମସିହାରେ ହରେକୃଷ୍ଣ ମହତାବଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ଅସହଯୋଗ ଆନ୍ଦୋଳନ କାଳରେ ମହତାବ ସକ୍ରିୟ ହୋଇଯିବାର ଦେଖି ପତ୍ନୀ ସୁଭଦ୍ରା ବିଚଳିତ ହୋଇଯାଇଥିବାର ବର୍ଣ୍ଣନା "ସାଧନାର ପଥେ"ରେ ମିଳେ । ମାତ୍ର ପରେ ପରେ ମହତାବଙ୍କର ଆଦର୍ଶ ତାଙ୍କୁ ଅନୁପ୍ରାଣିତ କରିଥିଲା । ସେ ଦେଶ କାର୍ଯ୍ୟକୁ ଅଗ୍ରାଧିକାର ଦେବା ଆରମ୍ଭ କରିଥିଲେ । ୧୯୩୦ ମସିହାରୁ କ୍ରମାଗତ ଭାବେ ସେ ଗାନ୍ଧୀବାଦୀ କର୍ମଧାରାକୁ ଗୁରୁତ୍ୱ ଦେବା ସଂଗେସଂଗେ ଗଠନାତ୍ମକ କାର୍ଯ୍ୟକ୍ରମରେ ଯୋଗଦାନ କରି ସଫଳ ହୋଇଥିଲେ । ୧୯୩୦ ଏବଂ ୧୯୩୨ ମସିହାରେ ଆଇନ୍ ଅମାନ୍ୟ ଆନ୍ଦୋଳନରେ ଯୋଗଦାନ କରି କାରାବରଣ କରିଥିଲେ । ୧୯୩୨ରେ ସୁଭଦ୍ରା ରମାଦେବୀଙ୍କ ସହିତ ହଜାରୀବାଗ୍ ଜେଲରେ କିଛି ଦିନ ଥିବା ବେଳେ ତାଙ୍କ କାର୍ଯ୍ୟର ବିବରଣୀ ରମାଦେବୀ ଶୁଣିଥିଲେ । ରମାଦେବୀଙ୍କ ମତରେ ସେ ବାଲେଶ୍ୱର ଜିଲ୍ଲାର ୧୫୦ ଜଣ ସ୍ତ୍ରୀଙ୍କୁ ନେଇ ଇଞ୍ଚୁଡି ସମୁଦ୍ର କୂଳରେ ଲୁଣ ମାରିଥିଲେ । ସେଥିପାଇଁ ସମଗ୍ର ଉତ୍ତର ବାଲେଶ୍ୱରରେ ଗ୍ରାମେ ଗ୍ରାମେ ବୁଲି ନାରୀ ସଂଗଠନ କରିଥିଲେ । ଉତ୍ତର ବାଲେଶ୍ୱରରେ ଇତିହାସ ପ୍ରଫେସର୍ ମନ୍ମଥ ନାଥ ଦାସଙ୍କ ଘରେ ମାସମାସ ରହି



Source: Author, Digitized by PPRACHIN, SOA

ଗଠନମୂଳକ କାର୍ଯ୍ୟ କରିଥିଲେ । ସେ ଆଣିଥିଲେ ନାରୀମାନଙ୍କ ମଧ୍ୟରେ ନୂତନ ସାହସ ଓ ଉତ୍ସାହ । ପୁଣି ରକ୍ଷଣଶୀଳ ସମାଜ ବିରୁଦ୍ଧରେ ଲଢେଇ କରିଥିଲେ । ତାଙ୍କ ଉଦ୍ୟମରେ ସତ୍ୟାଗ୍ରହ ସମର ପରିଷଦ ଗଢି ଉଠିଲା ଏବଂ ତାଙ୍କୁ ଚାରି ମାସ କରାବରଣ କରିବାକୁ ପଡିଲା । ତାଙ୍କ ଉଦ୍ୟମରେ ସୂତାକଟା କେନ୍ଦ୍ରମାନ ଗଢି ଉଠିଲା । ସମସ୍ତଙ୍କ ସହିତ ସମାନ ହେବା ପାଇଁ ରାଣୀମା ଧାନ କୁଟିଲେ-ସେତେବେଳେ ଧାନକୁଟି ରୋଜଗାର କରି ଆଶ୍ରମ ଚଳାଇବା ଏକ ପନ୍ଥାଥିଲା । ୧୯୩୪ ମସିହାରେ ମହାତ୍ମା ଗାନ୍ଧୀ ଭଦ୍ରଖ ଗସ୍ତ ସମୟରେ ସୁଭଦ୍ରାଙ୍କର ଗଠନାତ୍ମକ କାର୍ଯ୍ୟକ୍ରମ ଦେଖି ସନ୍ତୋଷ ଲାଭ କରି ହରିଜନ ପତ୍ରିକାରେ ତାଙ୍କର ପ୍ରଶଂସା କରିଥିଲେ । ସେତେବେଳେ ଗରଦପୁରରେ ଜିବରାଜ କଲ୍ୟାଣଜୀ ଆଶ୍ରମ ତଥା  ଅଗରପଡାର ହରେକୃଷ୍ଣ ମହତାବଙ୍କର ଗାନ୍ଧୀ କର୍ମମନ୍ଦିର ରେ ସୁଭଦ୍ରା ସକ୍ରିୟ ଥିଲେ । ସୁଭଦ୍ରା ଅଗରପଡାରେ ଗୋଟିଏ ସୂତାକଟା କେନ୍ଦ୍ର ଚଳାଇଥିବାର କଥା ବିନୋଦ କାନୁନଗୋ "ଉତ୍କଳରେ ପଦଯାତ୍ରା" ପୁସ୍ତକରେ ସୂଚାଇଥିଲେ । ମହାତ୍ମା ନିଜେ ଏହି କେନ୍ଦ୍ର ଦେଖି ଆନନ୍ଦିତ ହେଲେ । ସୁଭଦ୍ରା ଦେବୀ ନିଜ ହାତରୁ ଦିପଟି କାଚ କାଢି ହରିଜନ ପାଣ୍ଠି ପାଇଁ ବାପୁଜୀଙ୍କ ହାତରେ ଦେଲେ ।

୧୯୪୦ ଦଶକରେ ସୁଭଦ୍ରା ଦେବୀ ଗଠନାତ୍ମକ କାର୍ଯ୍ୟକ୍ରମରେ ସଫଳ ହୋଇଥିଲେ । ବରୀରେ ଗୋପବନ୍ଧୁ ଚୌଧୁରୀ ଓ ରମା ଦେବୀ ପରିଚାଳିତ ଗାନ୍ଧୀ କେନ୍ଦ୍ରକୁ ଯାଇ ଏହାର ଆଦର୍ଶବାଦୀ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଇଥିଲେ । ୧୯୪୨ରେ ପ୍ରଜାତନ୍ତ୍ର ପ୍ରକାଶନ ବନ୍ଦଥିବା କାଳରେ ମହତାବଙ୍କର "ରଚନା" ପତ୍ରିକା ଉପନିବେଶବାଦ ବିରୁଦ୍ଧରେ ପ୍ରବଳ ଆନ୍ଦୋଳନ ଆଣିଥିଲା । କିନ୍ତୁ ଏହାର ପ୍ରକାଶନ ମୂଳରେ ସୁଭଦ୍ରାଙ୍କର ଭୂମିକା ଅବିସ୍ମରଣୀୟ । ଏହାର ସଂଗଠନ ଦାୟିତ୍ୱରେ ରହି ସେ ମହତାବଙ୍କୁ ଯଥେଷ୍ଟ ପ୍ରେରଣା ଦେବା ସଂଗେସଂଗେ କର୍ମମୁଖର ହେବାକୁ ଏକାନ୍ତ ଉତ୍ସାହ ଦେଇଥିଲେ । ତାଙ୍କର ଜନନୀସୁଲଭ ସ୍ନେହ ଶ୍ରଦ୍ଧା ଓ ଆତ୍ମୀୟତା ସାରା ଓଡିଶାର ଅଗଣିତ ଲୋକଙ୍କର ସ୍ମରଣୀୟ । ସତ୍ୟାଗ୍ରହୀ ତଥା ଗାନ୍ଧୀବାଦୀ ସଂଗଠିକା ତଥା ନେତ୍ରୀ ସୁଭଦ୍ରା ମହତାବ ଓଡିଶାର ସାମାଜିକ ତଥା ରାଜନୀତିକ ଇତିହାସରେ ଏକ ଅବିସ୍ମରଣୀୟ ଚରିତ୍ର । ସେ ଥିଲେ ନୀରବ କର୍ମୀ, କରୁଣାର ପ୍ରତୀକ । କ୍ଷମତା ରାଜନୀତିରୁ ଦୂରେଇ ରହି ସେ ରଚନାତ୍ମକ କାର୍ଯ୍ୟକ୍ରମରେ ଯେପରି ସମୟ ବିନିଯୋଗ କରି ସଫଳ ହୋଇଥିଲେ ସେପରି ଦୃଷ୍ଟାନ୍ତ ଅନ୍ୟ ପ୍ରସିଦ୍ଧ ନାରୀ ସଂଗଠିକାମାନଙ୍କ ମଧ୍ୟରେ  ବିରଳ । ବାସ୍ତବରେ ସେଥିଲେ ଓଡିଶାର କସ୍ତୁରବା ।



Source: Author, Digitized by PPRACHIN, SOA

# ସଂଶୋଧନ ତାଲିକା

| ପୃଷ୍ଠା | ତ୍ରୁଟି | ସଂଶୋଧନ |
|---|---|---|
| ମୁଖଶାଳା | ବିଘ୍ନଶ୍ୱର | ବିଶ୍ଲେଶ୍ୱର |
| ୩୫- | ସାଧରଣଙ୍କ | ସାଧାରଣଙ୍କ (ପ୍ରଥମ ପାରା ଶେଷରେ) |
| ୪୧- | ପାଞ୍ଚଞ୍ଚ | ପାଞ୍ଚ |
| ୪୩- | ଚିତ୍ତଶୁଦ୍ଧି | ଚିତ୍ତଶୁଦ୍ଧି |
| ୪୯- | ମଞ୍ଚଞ୍ଚ | ମଞ୍ଚ |
| ୫୭- | ଆଦଶ | ଆଦର୍ଶ (ଶେଷପାରାରେ) |
| ୬୪ – | ଚାହ | ଚାହି (ଶେଷ ପାରାରେ) |
| ୮୭- | ନଜର | ନିଜର (ଶେଷଆଡୁ ଚତୁର୍ଥ ଧାଡିରେ) |
| ୯୪– | ଛାତ୍ରଙ୍କ | ଛାତ୍ରଙ୍କୁ (ଆରମ୍ଭରୁ ୧୪ ଧାଡିରେ) |
| ୧୫୦- | ତତ୍ତ୍ୱକଯ | ତତ୍ତ୍ୱକୁ (ଶେଷଧାଡି) |
| ୧୮୦ - | ଅସ୍ପୃଶ୍ୟତା | ଅସ୍ପୃଶ୍ୟତା; ନିମିତ୍ତଉତସ୍ଥାନରେ- ନିମିତ୍ତ |
| ୧୮୨- | ଅସ୍ପୃଶ୍ୟ | ଅସ୍ପୃଶ୍ୟ |
| ୧୮୩- | ଛାଞ୍ଚଞ୍ଚ | ଛାଞ୍ଚ |
| ୧୮୯- | ପାଞ୍ଚଞ୍ଚ | ପାଞ୍ଚ |
| ୨୪୫- | କାହାଣୀକ | କାହାଣୀକୁ (ଶେଷଧାଡ଼ି) |
| ୨୪୭– | ଦକ୍ଷଣ | ଦକ୍ଷିଣ |
| ୨୫୦- | ତାହା | ତାହାର |
| ୨୫୧ – | ଏହ | ଏହି (ଶେଷ ଧାଡିରେ) |
| ୨୬୭- | ଦୃଷ୍ଟକୋଣ | ଦୃଷ୍ଟିକୋଣ (ପ୍ରଥମ ପାରାର ଶେଷ ପୂର୍ବଧାଡି) |



Source: Author, Digitized by PPRACHIN, SOA

ଡକ୍ଟର କୈଳାସ ଚନ୍ଦ୍ର ଦାଶ
ଜନ୍ମ: ୫ ଅଗଷ୍ଟ, ୧୯୫୪
ଇନ୍ଦ୍ରାକ୍ଷପୁର, ତିର୍ତ୍ତୋଲ, ଜଗତ୍‌ସିଂହପୁର

କୈଳାସ ଚନ୍ଦ୍ର ଦାଶ ଇତିହାସରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୭୭-୭୮ ମସିହାରେ ଏମ୍.ଏ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ୧୯୭୮ରୁ ବିଭିନ୍ନ ସରକାରୀ କଲେଜରେ ଇତିହାସ ବିଭାଗରେ ଅଧ୍ୟାପକ ଏବଂ ପ୍ରାଧ୍ୟାପକ ରୂପେ କାର୍ଯ୍ୟ କରି ୨୦୧୨ ଅଗଷ୍ଟ ମାସରେ ଅବସର ଗ୍ରହଣ କରିଛନ୍ତି । ୧୯୮୭ ମସିହାରେ ସେ ଗଙ୍ଗବଂଶୀ ସମ୍ରାଟ ଚୋଡ଼ଗଙ୍ଗ ଦେବଙ୍କ ଉପରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଉପାଧି ଲାଭ କରିଥିଲେ । ୧୯୮୧ ମସିହାରୁ ଅଧ୍ୟାବଧି ସେ ଓଡିଶାର ସମାଜ, ଇତିହାସ, ସାହିତ୍ୟ ତଥା ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଉଚ୍ଚମାନର ଗବେଷଣାତ୍ମକ ତିନିଶତରୁ ଉର୍ଦ୍ଧ୍ୱ ଓଡ଼ିଆ ପ୍ରବନ୍ଧ ଓ ଇଂରାଜୀରେ ଶତାଧିକ ପ୍ରବନ୍ଧ ପ୍ରକାଶ କରିଛନ୍ତି । ଡକ୍ଟର ଦାଶଙ୍କର ଓଡ଼ିଆ ଭାଷାରେ କେତେକ ପୁସ୍ତକ ରହିଛି: ଆଞ୍ଚଳିକ ଜନଶ୍ରୁତି ଓ ଇତିହାସ (୨୦୦୦, ମୟୂର, ଭୁବନେଶ୍ୱର), ନବଜାଗୃତିର ଅନନ୍ୟ ସାରଥି: କୃପାସିନ୍ଧୁ ନରେନ୍ଦ୍ର ଦେବ (ନବୀନ, ବ୍ରହ୍ମପୁର, ୨୦୦୩), ଓଡ଼ିଶା ବାହାରେ ଓଡ଼ିଆ ଜାଗୃତି (ଭୁବନେଶ୍ୱର, ୨୦୦୩), ଅବିସ୍ମରଣୀୟ ସମାଜ ସଂସ୍କାରକ ଜୟମଙ୍ଗଳ ରଥ (ନବୀନ, ବ୍ରହ୍ମପୁର, ୨୦୦୫), ସଂସ୍କାରକ ବୈରାଗୀ ମିଶ୍ର (ସମଦୃଷ୍ଟି, ଭୁବନେଶ୍ୱର, ୨୦୦୬) ଏବଂ ଅବିସ୍ମରଣୀୟ ବିଶ୍ୱନାଥ କର (ବିଜୟିନୀ, କଟକ, ୨୦୨୩) । ତାଙ୍କର ଇଂରାଜୀ ପୁସ୍ତକମାନ: Legend History and Culture of India (Punthi, Kolkata,1997), Sacred Centre Bhubaneswar Revisited (Pathak Publisher and Distributors, New Delhi, 2023, Chodaganga,The Illustrious Ganga king of Odisha and His Times (Agamkala Publications, New Delhi, 2023), Odias in Resurgence (Abhijeet Publications, New Delhi, 2023)

Canvas

Source: Author, Digitized by PPRACHIN, SOA